ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମଇ ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ସମସ୍ତ ବନ୍ଧୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

**କରୋନାଠାରୁ ସୁରକ୍ଷିତ ରହନ୍ତୁ ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୭** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୭ | ଅଶୋକ ବିଶ୍ୱାଳ | ୧୮ |
| ଜେଜେଙ୍କ ଜାସୁସି - ୧ | ବିଜୟ କୁମାର ପଣ୍ଡା | ୨୮ |
| ମୁଇଁ ତ ଗରିବ ଛାତ୍ର - ୬ | ମହେଶ୍ୱର ସାହୁ | ୩୦ |
| ମିଡ଼ିଲ୍ କ୍ଲାସ୍ ମଣିଷ | ଗଦାଧର ବଳ | ୩୬ |
| ମମତା କର୍ଫ୍ୟୁ | ଡଃ ଆଭାଞ୍ଜଳି ଶତପଥୀ | ୪୫ |
| ଜଣେ ପେପରବାଲା | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୦ |
| ମାଓ ନେତା | ସତ୍ୟନାରାୟଣ ମିଶ୍ର | ୬୪ |
| ଏତେ ସହଜ ବି ତ ନୁହେଁ | ଅନସୂୟା ପଣ୍ଡା | ୬୮ |
| ଅଚ୍ଛେଦିନ ଓ ବିକାଶ ଏବେ କୋଉଠି ? | ଇଂ ବିଦ୍ୟାଧର ପଣ୍ଡା | ୭୬ |
| ଆକଟ | ସତ୍ୟ ପ୍ରକାଶ ସେଠୀ | ୮୩ |
| ଗରୀବ ଘରେ ସୁନ୍ଦରୀ ଝିଅ | କୁଞ୍ଜବିହାରୀ ସାହୁ | ୯୦ |
| ସ୍ୱପ୍ନ | ମାମୀ ମାଝୀ | ୯୩ |
| ଖରାଛୁଟି | ମୋନାଲିସା ପାତ୍ର | ୯୭ |
| ବୃତ୍ତି | ଲୋପାମୁଦ୍ରା ପରିଡ଼ା | ୧୦୦ |
| ମୋ ଗାଁ ପରିବେଶ | ଟୋନିସ୍ ରୋହିଦାସ | ୧୦୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## କବିତା ବିଭାଗ ୧୦୭


| | | |
|---|---|---|
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୦୮ |
| ଶ୍ରଦ୍ଧାଞ୍ଜଳୀ - ମନୋଜ ଦାସ | ଶିବ ନାରାୟଣ ଦାସ | ୧୧୦ |
| ହେ ପ୍ରଜ୍ଞାପୁରୁଷ | ହେମନ୍ତ ଦାଶ | ୧୧୫ |
| ଦୋଷ କ'ଣ | ଡଃ ଉଷାରାଣୀ ଦାଶ | ୧୧୭ |
| ଗଲଜ୍ୱାନ | ଡଃ ବିମଳ ଷଡ଼ଙ୍ଗୀ | ୧୨୦ |
| ଯୌବନ | ଭାଗିରଥୀ ସାଗର | ୧୨୨ |
| ମୃତ୍ୟୁ | ବନ୍ଦନା ନାୟକ | ୧୨୩ |
| ଅମୃତ ସ୍ମୃତି | ବିନୟ ମିଶ୍ର | ୧୨୬ |
| ସେଇ ପାଦ ସ୍ପର୍ଶରେ | ବିଶ୍ୱନାଥ ଭୁଏ | ୧୨୮ |
| ଖରାରେ ଧରା | ରାମଚନ୍ଦ୍ର ପ୍ରଧାନ | ୧୨୯ |
| ଲୋକନୃତ୍ୟରେ ଆଧୁନିକତା | ସରୋଜ କୁମାର ଜେନା | ୧୩୦ |
| ଜୀବନର ଅନୁରାଗ | ଆଶୁତୋଷ ମେହେର | ୧୩୧ |
| ନାରୀ | ନିକୁଞ୍ଜ କୁମାର ଘୋଷ | ୧୩୨ |
| ମାଆ ସପନ | ଡଃ ଆଭାଞ୍ଜଳି ଶତପଥୀ | ୧୩୪ |
| ମୋ ମାଆ | ବାପି ସେଟ୍ | ୧୩୫ |
| ତମେ ଏଠି ନାହଁ ବୋଲି | ଡା ନୀଳମାଧବ କର | ୧୩୬ |
| ଚାକିରୀ ଖୋଜୁଛି | ରୁଦ୍ର ନାରାୟଣ ଦାଶ | ୧୩୯ |
| ବିଦାୟୀ ବସନ୍ତ | ପ୍ରଣତି ପଣ୍ଡା | ୧୪୦ |
| ଖୋଲିଦିଅ ନୟନ ପ୍ରଭୁ | ପ୍ରସନ୍ନ ପ୍ରୟାସ ଭୁଏ | ୧୪୨ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପାରୁନି ଜମା ଛାଡ଼ି | ଅଜୟ କୁମାର ବେହେରା | ୧୪୩ |
| ମିଛ ସପନ | ହରେରାମ ପଣ୍ଡା | ୧୪୫ |
| ବୟସର ଅପରାହ୍ନେ | ଶିଶିର କୁମାର ପଣ୍ଡା | ୧୪୬ |
| ଜୀବନ | ଶାଶ୍ୱତୀ ବେହେରା | ୧୪୭ |
| ସ୍ମୃତି | ରୀନା କୈବର୍ତ୍ତ | ୧୪୮ |
| ପ୍ରକୃତି | ଆରତୀ ବିଶି | ୧୪୯ |
| ଆମେ ଓଡ଼ିଆ | ଝରଣା ବାରିକ | ୧୫୧ |
| ମୁଠାଏ ଭାତ | ସୁସ୍ମିତା ମହାପାତ୍ର | ୧୫୨ |
| କବିତା | ପ୍ରହ୍ଲାଦ ସାହୁ | ୧୫୪ |
| ଝରାଫୁଲ | ଅନସୂୟା ପଣ୍ଡା | ୧୫୮ |
| ପ୍ରାଚୀତଳ ଆଜି ଗାଢ଼ ଦିଶେ | ବିକାଶ ଚନ୍ଦ୍ର ବେହେରା | ୧୬୦ |
| ମାନବ ଜନ୍ମ | ଡମ୍ବୁରୁଧର ଦାଶ | ୧୬୨ |
| ସୁନ୍ଦର ସେ ପରିବାର | ଲକ୍ଷ୍ମୀକାନ୍ତ ପୃଷ୍ଟି | ୧୬୩ |
| କେଉଁଠି ଜାଳିବି ଦିହୁଡ଼ି | ସଂଜୀବ କୁମାର ଦାଶ | ୧୬୪ |
| ଅନ୍ତିମ ସମୟ | ନିରାକାର ସାହୁ | ୧୬୫ |
| ସ୍ମୃତି | ଶିଶିର କୁମାର ସାମଲ | ୧୬୭ |
| ପ୍ରେମ ଅପ୍ଟିକସ୍ | ଚିତ୍ତରଞ୍ଜନ ବାରିକ | ୧୬୮ |
| ମଥାରେ ତୁମର କୁଙ୍କୁମର ବିନ୍ଦୁ | ପ୍ରତିମା ମେହେର | ୧୬୯ |
| ମାତୃତ୍ୱର ମହିମା | ଗୁପ୍ତେଶ୍ୱର ଚାନ୍ଦ | ୧୭୦ |
| ଗୁରୁ | ସୁଧାଂଶୁ ଶେଖର ପ୍ରଧାନ | ୧୭୨ |
| ବାହୁଡ଼ିବି | ଅଲେଖ ମେହେର | ୧୭୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବସନ୍ତ କୌମୁଦୀ | ମନୋରଞ୍ଜନ ସୁରୁଜାଳ | ୧୭୪ |
| ସାହିତ୍ୟ | ଅନାମ ଚରଣ ସାହୁ | ୧୭୬ |
| ଚାଲିଯା କରୋନା | ଦେବଦତ୍ତ ପଣ୍ଡା | ୧୭୭ |
| ନଦୀ | ସୌମେନ୍ଦ୍ର ମହାନ୍ତି | ୧୭୮ |
| ସୁପୁତ୍ର | ଅମୂଲ୍ୟ କୁମାର ପଣ୍ଡା | ୧୭୯ |
| ବର୍ତ୍ତମାନର ନାରୀ | ରଞ୍ଜୀତ ଅରେବେଡିଆ | ୧୮୦ |
| ଚିହ୍ନ | ପୁଷ୍ପଲତା ସାହୁ | ୧୮୧ |
| ଜହ୍ନ | ଦଣ୍ଡାସୀ ପ୍ରଧାନ | ୧୮୨ |
| ବିଳାପ | ଅଚ୍ୟୁତାନନ୍ଦ ଭୁଏ | ୧୮୪ |
| ଅଲୋଡ଼ା ପଥର | କୁମୁଦ ବନ୍ଧୁ ନାଏକ | ୧୮୫ |
| କହିବି ଏତିକି | ଶୁଭ୍ରାସିନୀ ପଲେଇ | ୧୮୬ |
| ଅଦୃଶ୍ୟ ରାକ୍ଷସ ରୋଷ | କୃଷ୍ଣଚନ୍ଦ୍ର ବାରିକ | ୧୮୭ |
| ମୋ ବାଡ଼ିବଗିଚାର ମଲ୍ଲୀ ଗୋ | ପ୍ରଦୀପ କୁମାର ଜିଲିକାରା | ୧୮୮ |
| ଏଇ ଆଖି | ସରୋଜ କୁମାର ସାହୁ | ୧୮୯ |
| ବିସ୍ତାରିତ କାୟା | ପୁଷ୍ପାଞ୍ଜଳୀ ପଣ୍ଡା | ୧୯୦ |
| କବି କବିତା | ବେଣୁଧର ସୁତାର | ୧୯୧ |
| ତଥାସ୍ତୁ ଈଶ୍ୱର ଓ ସବୁଜିମା : ପିତା | ଲୋପାମୁଦ୍ରା ପରିଡ଼ା | ୧୯୩ |
| ଦିଗହରା | ମୀନାକ୍ଷୀ ଦାଶ | ୧୯୬ |
| ଶୂନ୍ୟବାଣୀ ପରେ | ପଙ୍କଜ କୁମାର ମଙ୍ଗଳ | ୧୯୯ |
| ସ୍ମୃତିର ନୀରବ ପୃଷ୍ଠାରେ ଜୀବନ | ଶୁଭଲକ୍ଷ୍ମୀ ପାଣିଗ୍ରାହୀ | ୨୦୨ |
| ବାଲକୋନୀର ଝିଅ | ମଞ୍ଜୁରାଣୀ ମିଶ୍ର | ୨୦୪ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କରୋନା ତାଣ୍ଡବ | ଡା ଶୁଭଶ୍ରୀ ସିଂହ | ୨୦୭ |
| ପ୍ରେମ ପଥିକ | ରାକେଶ ରଞ୍ଜନ ମୁଣ୍ଡ | ୨୦୮ |
| ସୁନ୍ଦର ପୃଥିବୀ | ବାସନ୍ତୀଲତା ଜେନା | ୨୦୯ |
| ଯାଚନା କିଂଚିତ | ସଂଜୀବ କୁମାର ଦାସ | ୨୧୨ |
| ବିଶ୍ୱାସ | ଉମେଶ କୁମାର ବିଶ୍ୱାଳ | ୨୧୪ |
| ସହିଦ୍ ରେଣ୍ଡୋ ମାଝୀ | କମଳିନୀ ଚଣ୍ଡି | ୨୧୮ |
| ପ୍ରେମ ଓ ପ୍ରତାରଣା | ଦୁର୍ଯ୍ୟୋଧନ ଚଣ୍ଡି | ୨୧୯ |
| ହୃଦୟରୁ ପଦେ | ବିରଞ୍ଚି ନିଏଲ | ୨୨୦ |
| ମୁଁ କଣ ସଂପୂର୍ଣ୍ଣ | ନୂତନ କୁମାର ବେହେରା | ୨୨୧ |
| କୃଷକ | ସତ୍ୟରଞ୍ଜନ ଘିବ୍ଲାଲା | ୨୨୪ |
| ମାଆ ତୁ ମୋ ଜୀବନ | ଟୋନିସ୍ ରୋହିଦାସ୍ | ୨୨୫ |
| କବିତା ଲେଖିବା ବେଳ | ସିଦ୍ଧେଶ୍ୱର ତ୍ରିପାଠୀ | ୨୨୭ |
| ଘର ଚଟିଆ | ଅମରନାଥ ବାରିକ | ୨୨୮ |
| ପ୍ରତିଶ୍ରୁତି | ଓଜସ୍ୱିନୀ ଶତପଥୀ | ୨୨୯ |
| ସାବଧାନ - ବ୍ୟବଧାନ | ମମତା ମିଶ୍ର | ୨୩୧ |
| ବାପା | ଦିନେଶ ମେହେର | ୨୩୨ |
| ମୁଁ ବି ଯୋଗ୍ୟ | ଦୁଷ୍ମନ୍ତ ବେହେରା | ୨୩୩ |
| ମେହେନତି | ପିନାକୀ ମିଶ୍ର | ୨୩୪ |
| ଅଭୂଲା ସ୍ୱପ୍ନ | ସମ୍ବିତ ଦାସ | ୨୩୬ |
| ସାଉଁଟା ଅତୀତ | ପ୍ରାଚୀପ୍ରଭା ନନ୍ଦ | ୨୩୭ |
| ଗୁରୁକୁଳ ଓ ଏବର ବିଦ୍ୟାଳୟ | ବାଲାଜୀ ସେଠୀ | ୨୩୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପ୍ରକାଶର ଚେତନା | ସ୍ମୃତିରଞ୍ଜନ ବାରିକ | ୨୪୦ |
| ମୋ ଗାଁ ନଈ | ରଶ୍ମୀବାଳା ଶତପଥୀ | ୨୪୩ |
| ବେଦର ଗାର | ପ୍ରଜ୍ଞା ପରିମିତା ମାଝୀ | ୨୪୪ |
| ଜୀବନ | ନିଲେନ୍ଦ୍ରୀ ସା | ୨୪୫ |
| ମାଆ | ଜନ୍ମଜୟ ନାୟକ | ୨୪୬ |
| ଜୁଇ ନିଆଁ | ଦୀପକ କୁମାର ପାତ୍ର | ୨୪୭ |
| ଲଢ଼ାଇ | ସନାତନ ମହାକୁଡ଼ | ୨୪୯ |
| **ସମ୍ବଲପୁରୀ ବିଭାଗ** | | **୨୫୦** |
| ଏଷ୍ଟିମେଟ୍ | ସୁନୀଲ କୁମାର ଅଗସ୍ତି | ୨୫୧ |
| ସମିଆଁର ଖେଲ | ରାଜା ଦଶରଥ ଭୋଇ | ୨୬୧ |
| ବୁଢ଼ା ଆମଗଛ | ରାଜା ଦଶରଥ ଭୋଇ | ୨୬୩ |
| କାଏଁ କରମି କହ... | ଜୟନ୍ତୀ ବରିହା | ୨୬୫ |
| ଭାବ୍‌ର ବନ୍ଧନ୍ | ଆଶୁତୋଷ ଠାକୁର | ୨୬୭ |
| ଦୁବଟା ଦାରୁ | ମନୋରଞ୍ଜନ ସୁରୁଜାଳ | ୨୭୦ |
| ମାଁ | ସାଗରିକା ସାହୁ | ୨୭୨ |
| କଳା ଟା ସୁଁଦର | ସନ୍ତୋଷ କୁମାର ଅଦାବର | ୨୭୪ |
| ଶିକାରୀ | ଦେବଦତ୍ତ ସନ୍ସ | ୨୭୫ |
| **ପ୍ରବନ୍ଧ ବିଭାଗ** | | **୨୭୭** |
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୭୮ |
| ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ | ନୂତନ କୁମାର ବେହେରା | ୩୦୪ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସାହିତ୍ୟର ପ୍ରଭାବ ବନାମ ପ୍ରଚାର | ଡଃ ମନୋରଞ୍ଜନ ବିଷୋୟୀ | ୩୦୮ |
| ଏକ ଦୁଃଖଦ ମୁହୂର୍ତ୍ତରୁ | ପଙ୍କଜ କୁମାର ପାଣିଗ୍ରାହୀ | ୩୧୨ |
| କୁଣ୍ଡଳିନୀ ଶକ୍ତି | ନିତ୍ୟ ରଞ୍ଜନ ନନ୍ଦ | ୩୧୭ |
| ସଫଳ ଜୀବନର ମନ୍ତ୍ର | ସିଦ୍ଧେଶ୍ୱର ତ୍ରିପାଠୀ | ୩୨୦ |
| ସତ ମିଛର ପରିଭାଷା | ଅଭିମନ୍ୟୁ ବେହେରା | ୩୨୪ |
| ଆନ୍ତର୍ଜାତୀକ ମହିଳା ଦିବସ ଓ ନାରୀମୁକ୍ତି | ଅସିତ ମହାନ୍ତି | ୩୨୮ |
| ରୂପାନ୍ତରିତ ଚିନ୍ତାଧାରା ହିଁ ଅର୍ଥନୈତିକ ପ୍ରଗତିର ଚାବିକାଠି | ଆଦିତ୍ୟ ପ୍ରସାଦ ସାହୁ | ୩୩୫ |
| କରୋନା ଭୂତାଣୁର ପାର୍ଶ୍ୱ ପ୍ରଭାବ | ଇଂ ବିଦ୍ୟାଧର ପଣ୍ଡା | ୩୪୦ |
| ଆପଣଙ୍କ ମତାମତ | | ୩୪୫ |
| ବିଶେଷ ସୂଚନା | | ୩୪୭ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମଇ ୨୦୨୧ ସଂସ୍କରଣ ସହିତ ମୁଁ ଉପସ୍ଥିତ । ସାଂପ୍ରତିକ ସମୟରେ ଆମ ଦେଶରେ ପ୍ରଭାବୀ କରୋନା ମହାମାରୀର ଦ୍ୱିତୀୟ ଲହରୀରେ ସମୁଦାୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ, କାର୍ଯ୍ୟ ବ୍ୟସ୍ତତା ଏବଂ ଅତ୍ୟଧିକ ଚିକିତ୍ସୀୟ ଚାପ ହେତୁ ପ୍ରକାଶନରେ ବିଳମ୍ବ ହୋଇଥିବାରୁ ମୁଁ ଦୁଃଖିତ ।

ଭାରତ ଇତିହାସରେ ବୋଧହୁଏ ଏହାଠାରୁ ଅଧିକ କଷ୍ଟକର ଏବଂ ଦୁଃଖଦ ସମୟ ଆଗରୁ କେବେ ଆସିନଥିଲା । ଭବିଷ୍ୟତ କଥା ଆମେ କେହି ଜାଣିନାହୁଁ । ଆମେ କେବେ ବି ଅତୀତରେ ଏଭଳି ଦିନସବୁ ଦେଖିବା କଥା ସ୍ୱପ୍ନରେ ସୁଦ୍ଧା ଭାବିନଥିଲୁ । ଆମ ସମୟ ବହୁତ ଆନନ୍ଦ ଉଲ୍ଲାସରେ କଟିଥିଲା । ଆମ ଶୈଶବର କ୍ରୀଡ଼ାକୌତୁକ କଥା ମନେ ପଡ଼ିଲେ ବର୍ତ୍ତମାନର ସ୍ଥିତିକୁ ତୁଳନା କରିବାପରେ ମନ ଆପେ ଆପେ ଦୁଃଖୀ ହୋଇଯାଉଛି ।

ପୃଥିବୀର କିଛି ପରିବର୍ତ୍ତନ ହେଉଥିବ କି ନା ତାହା ଆମେ କହି ପାରିବା ଅସମ୍ଭବ କିନ୍ତୁ ହଁ, ମନୁଷ୍ୟ ବସ୍ତୁତଃ ନିଜ ନିଜ ଘରେ ବନ୍ଦୀ ହୋଇଯାଇଛି । ଗଛଲତା, ଜୀବଜନ୍ତୁ ସବୁ ନିଜ ନିଜ ସ୍ୱାଚ୍ଛନ୍ଦ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଛନ୍ତି, ଯଦି କେହି ନିଜ ସ୍ୱାଧୀନତା ହରାଇଛି ତା ହେଲେ ସେ ହେଉଛି ମନୁଷ୍ୟ । ଏଥିପାଇଁ ମନୁଷ୍ୟ ହିଁ ଦାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ । କରୋନା ରୂପୀ ଭୟଙ୍କର ଭୂତାଣୁର ସୃଷ୍ଟି ଯେ କୌଣସି ଏକ ମନୁଷ୍ୟଦ୍ୱାରା ସଂଚାଳିତ ପରୀକ୍ଷାଗାରରେ ହୋଇଥିବା କଥା ଅନେକ ବୁଦ୍ଧିଜୀବି ତଥା ବୈଜ୍ଞାନିକ ପ୍ରମାଣ ସହିତ କହି ସାରିଲେଣି । ଅର୍ଥାତ ମନୁଷ୍ୟକୁ କ୍ଷତି ପହଞ୍ଚାଇବା ପାଇଁ ମନୁଷ୍ୟ ହିଁ ଏହିଭଳି ଏକ କୃତ୍ରିମ ଶତ୍ରୁକୁ ସୃଷ୍ଟି କରିଛି । କି ଅଦ୍ଭୂତ ଏବଂ କୁତ୍ସିତ ଏ ମାନସିକ ଅବସ୍ଥା, ଯାହା ସମୁଦାୟ ମନୁଷ୍ୟଜଗତକୁ ମୃତ୍ୟୁମୁଖକୁ ଠେଲି ଦେବାକୁ ମଧ୍ୟ ପଛାଉ ନାହିଁ । ଏହି ସମସ୍ତ ସମସ୍ୟାର ଜଡ଼ରେ ଥିବା ଚୀନ କିନ୍ତୁ ଏଭଳି ବ୍ୟବହାର କରୁଛି, ସତେ ଯେମିତି ସେ କିଛି ବି ଜାଣିନାହିଁ । ଅଧିକନ୍ତୁ ଯଦି କୌଣସି ବ୍ୟକ୍ତି ବା ସଂସ୍ଥା ବା ଦେଶ ଏହି ଭୂତାଣୁକୁ ଉହାନ୍ ଭୂତାଣୁ ବା ଚୀନ ଭୂତାଣୁ ବୋଲି କହିଦେଉଛି ସେହି ସଂସ୍ଥା ବା ଦେଶକୁ ପରୋକ୍ଷରେ ଧମକ ଚମକ ବି ଦିଆଯାଉଥିବା ଶୁଣାଯାଉଛି । ଅର୍ଥାତ ଓଡ଼ିଆରେ ଥିବା ଆପ୍ତବାକ୍ୟ ଚୋର ମୁହଁ ଟାଣ ଏଠାରେ ସତ୍ୟ ସିଦ୍ଧ ହେଉଛି ।

ଚୀନର ଉହାନ୍ ପ୍ରାନ୍ତରୁ ଜାତ ହୋଇଥିବା ଏହି ଭୂତାଣୁ ସଂପ୍ରତି ବିଶ୍ୱର ଅନେକ ଦେଶରେ ସେହି ଦେଶର ଜଳବାୟୁ ହିସାବରେ ପରିବର୍ତ୍ତନ ହୋଇ ସାରିଛି ଏବଂ ଏହା ଫଳରେ ବିଭିନ୍ନ ଦେଶରେ ମୃତ୍ୟୁହାର ବଢିଛି । ଭାରତରେ ମଧ୍ୟ ଏହି ଭୂତାଣୁର ଅନେକ ପ୍ରଜାତି ଦେଖିବାକୁ ମିଳିଛି । ଏବଂ ବିଶ୍ୱ ଦରବାରରେ ଏହି ସବୁ ଭାରିଆଣ୍ଟ ବା ପ୍ରଜାତିକୁ ଭାରତୀୟ ମୂଳର କୋଭିଡ୍ ଭୂତାଣୁ ବୋଲି ପ୍ରଚାର କରାଯାଇ ପ୍ରକାରାନ୍ତରେ ଆମ ଦେଶକୁ ଏହି ଭୁତାଣୁ ପାଇଁ ଦୋଷୀ ବୋଲି ପ୍ରମାଣ କରାଯାଉଛି । ହୁଏତ ଆଗାମୀ ଶହେ କିମ୍ବା ତତୋଃଧିକ ବର୍ଷ ପରେ ପୃଥିବୀ ବାସୀଙ୍କୁ ଇତିହାସରେ ଏହି ଭୂତାଣୁ ଭାରତରେ ଜାତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିବା କଥା ବି କୁହାଯାଇ ପାରେ ।

ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ, ବିଗତ ବର୍ଷ କରୋନା ଦ୍ୱାରା ସମୁଦାୟ ବିଶ୍ୱ ଆକ୍ରାନ୍ତ ହୋଇ ଅନେକ ଦେଶରେ ଲକ୍ଷାଧିକ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଭାରତ ସରକାରଙ୍କ ତ୍ୱରିତ ପଦକ୍ଷେପ ଫଳରେ ଏହାକୁ ସଫଳତାର ସହ ମୁକାବିଲା କରାଯାଇ ଥିଲା । ସେପ୍ଟେମ୍ବର ମାସ ବେଳକୁ କରୋନାର ସଂକ୍ରମଣ କମ ହୋଇ ଆସିବା ବେଳକୁ ଦେଶରେ ଜନଜୀବନ ସାମାନ୍ୟ ହୋଇ ଆସୁଥିଲା । ଚଳିତ ବର୍ଷର ଫେବୃଆରୀ ମାସ ପର୍ଯ୍ୟନ୍ତ ଦେଶର ମାତ୍ର ହାତଗଣତି କେତୋଟି ରାଜ୍ୟକୁ ଛାଡ଼ିଦେଲେ ପ୍ରାୟତଃ ଅଧିକାଂଶ ରାଜ୍ୟରେ ଏହି ଭୂତାଣୁର ପ୍ରଭାବ ନ୍ୟୁନ ହୋଇ ସାରିଥିଲା । କିନ୍ତୁ ହଠାତ୍ ଫେବୃଆରୀ ମାସର ମଧ୍ୟଭାଗରୁ ପୁଣିଥରେ ଏହି ଭୂତାଣୁର ସଂକ୍ରମଣର ଦ୍ୱିତୀୟ ଲହରୀ ଦେଖା ଦେଲା, ଆଶ୍ଚର୍ଯ୍ୟର ବିଷୟ ବିଶ୍ୱର ଅନ୍ୟ କୌଣସି ଦେଶରେ ଏହା ଏତେ ମାତ୍ରାରେ ଦେଖା ନ ଦେବା ଏବଂ କେବଳ ଭାରତରେ ହିଁ ଦେଖାଦେବା, ମନରେ ସନ୍ଦେହ ଜାତ କରାଏ, ଯେ ଏହି ଭୁତାଣୁ ଜୈବିକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉନାହିଁ ତ ? ଭାରତ ଭଳି ଏକ ବିଶାଳ ଅର୍ଥନୈତିକ ବ୍ୟବସ୍ଥାକୁ ବିଚଳିତ କରିବା କିମ୍ବା ଏହି ଦେଶର ଅଭ୍ୟନ୍ତରୀଣ ବ୍ୟବସ୍ଥାକୁ ଆହତ କରିବା ଭଳି କୌଣସି ଷଡ଼ଯନ୍ତ୍ର କରାଯାଉ ନାହିଁ ତ ? ଏହି ବିଷୟ ହୁଏତ ଆଗାମୀ ଦିନ ମାସ କିମ୍ବା ବର୍ଷ ମାନଙ୍କରେ ଜଣା ପଡ଼ିପାରେ । ଏବେ ତ ଶୁଣାଯାଉଛି ଯେ କରୋନା ଭୂତାଣୁକୁ ଜୈବିକ ଅସ୍ତ୍ର ଭାବରେ ବ୍ୟବହାର କରିବା ପାଇଁ ଗବେଷଣା ଚୀନର ବୈଜ୍ଞାନିକ ମାନେ ବର୍ଷ ୨୦୧୫ରୁ ହିଁ କରି ଆସୁଥିଲା । ଏହାର ପ୍ରମାଣ ଆମେରିକୀୟ ଅନୁସନ୍ଧାନ ସଂସ୍ଥା ମାନେ ଦେଇ ସାରିଲେଣି ।

ବର୍ତ୍ତମାନ ଦେଶର ଅନେକ ରାଜ୍ୟରେ କରୋନା ପ୍ରଭୂତ କ୍ଷତି ଘଟାଇବାରେ ସକ୍ଷମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଛି । ରାଜ୍ୟମାନେ ଏହି ସଂକ୍ରମଣକୁ ପ୍ରତିହତ କରିବା ଭଳି ବ୍ୟବସ୍ଥା କରିବା ଛାଡ଼ିଦେଇ ହାତ ଟେକି ଦେଇଛନ୍ତି । କିଛି ରାଜ୍ୟ ଏହି ମଉକାରେ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ନିନ୍ଦିତ କରିବାର କୁତ୍ସିତ ପ୍ରଚେଷ୍ଟା କରିବାକୁ ମଧ୍ୟ ପଛାଉନାହାନ୍ତି । ହଠାତ୍ ଦେଶରେ ଦେଖା ଦେଇଥିବା ଏହି ସଂକଟ ବେଳେ ରୋଗୀମାନଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପାଇବା ହେତୁ ଦେଶର ଅନେକ ସ୍ଥାନରେ ଚିକିତ୍ସୀୟ ବ୍ୟବସ୍ଥାରେ ଅଭାବ ପରିଲକ୍ଷିତ ହୋଇଛି । ଏହିଭଳି ସମୟରେ ଦେଶକୁ ଅସ୍ଥିର କରିବାପାଇଁ କିଛି ମୁଷ୍ଟିମେୟ ଗୋଷ୍ଠୀ କୁତ୍ସାରଟନାରେ ବ୍ୟସ୍ତ ହୋଇ ପଡ଼ିଛନ୍ତି । ଅବଶ୍ୟ ସେ ଯୁଗ ଆଉ ନାହିଁ, ଯେତେବେଳେ ଖବର କାଗଜରେ ପ୍ରକାଶିତ ଖବରକୁ ହିଁ ସତ୍ୟ ବୋଲି ଧରି ନିଆଯାଉଥିଲା । ସାଂପ୍ରତିକ ଯୁଗରେ ସୂଚନା ଓ ପ୍ରଦ୍ୟୋଗୀକି ବିଦ୍ୟାର ପ୍ରୟୋଗ କରି ସୂଚନାକୁ ଏତେ ଶୀଘ୍ର ପ୍ରେରଣ କରାଯାଉଛି ଯେ ପ୍ରତି ମୁହୂର୍ତ୍ତର ଘଟଣା ଏବଂ ଘଟଣା ସମ୍ବନ୍ଧୀୟ ସୂଚନା ଲୋକଙ୍କୁ ତୁରନ୍ତ ହାତପାଆନ୍ତାରେ ମିଳି ଯାଉଛି । ଠିକ୍ କଣ ଆଉ ଭୁଲ କଣ ବୁଝିବାକୁ ବିଳମ୍ବ ହେଉନାହିଁ ।

ବିଗତ ସପ୍ତାହରୁ ମଧ୍ୟପ୍ରାଚ୍ୟର ଦୁଇ ଶତ୍ରୁ ଦେଶ ମଧ୍ୟରେ ଶୀତଳ ଯୁଦ୍ଧ କ୍ରମଶଃ ଦୁର୍ଦ୍ଧାନ୍ତ ରୂପ ଧାରଣ କରିଛି । ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ଭିତରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପାଲେଷ୍ଟାଇନରେ ଥିବା ଏକ ଆତଙ୍କବାଦୀ ଗୋଷ୍ଠୀ ହମାସର ଆକ୍ରମଣର ଶୀକାର ଇସ୍ରାଏଲ୍ ପାଲେଷ୍ଟାଇନ୍ ଉପରେ ଅତର୍କିତ ଭାବରେ ବୋମାମାଡ଼ କରି ପ୍ରଭୂତ କ୍ଷୟକ୍ଷତି କରିଥିବା ଜଣାପଡ଼ିଛି । ଏହାକୁ ନେଇ ବିଶ୍ୱ ଦରବାରରେ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି । ଇସ୍ରାଏଲର ଭୂଇଁ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଯେଉଁ ପଦକ୍ଷେପ ଇସ୍ରାଏଲ୍ ନେଇଛି ତାହାକୁ ପ୍ରାୟତଃ ଅନେକ ଦେଶ ସମର୍ଥନ କରୁଥିବା ବେଳେ କିନ୍ତୁ ପାଲେଷ୍ଟାଇନରେ ମୁସଲମାନଙ୍କ ଉପରେ ଅତ୍ୟାଚାର ହେଉଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲି କିଛି ବୁଦ୍ଧିଜୀବି ସାମାଜିକ ଗଣମାଧ୍ୟମର ବ୍ୟବହାର କରି ସମ୍ବେଦନା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଭାରତର ଜନସାଧାରଣ ଇସ୍ରାଏଲ୍ ସପକ୍ଷରେ ଯୁକ୍ତି ଦେଉଥିବା ବେଳେ କିନ୍ତୁ ଭାରତର କିଛି ମୁସଲମାନ ବ୍ୟକ୍ତିତ୍ୱ ପାଲେଷ୍ଟାଇନ୍ ସପକ୍ଷରେ ଯୁକ୍ତି ଦେଇଥିବା ଦେଖାଦେଇଛି । ବିଗତ ଦିନରେ ଭାରତରେ କରୋନା ଜନିତ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଇସ୍ରାଏଲ୍ ଅକ୍ସିଜେନ୍ ଏବଂ ଅନେକ ଯନ୍ତ୍ରପାତି ଯୋଗାଇ ଦେଇ ମିତ୍ରତାର ପରିଚୟ ଦେଇଥିଲା । ତେଣୁ ଆମେ ଇସ୍ରାଏଲକୁ ସମର୍ଥନ କରିବା ନୈତିକତା ଦୃଷ୍ଟିରୁ ଠିକ୍ ବୋଲି ମନେ ହୁଏ । ଅତୀତରେ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଏହି ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଉଥିବା ବ୍ୟକ୍ତିମାନଙ୍କ ସହ ପାଲେଷ୍ଟାଇନର ନେତୃବର୍ଗ ମିଳିତ ଭାବରେ କାର୍ଯ୍ୟ କରୁଥିବାର ଦୃଷ୍ଟାନ୍ତ ଆମକୁ ଚିନ୍ତାରେ ପକାଇ ଦେଇଛି ।

ଭାରତରେ କରୋନାର ଦ୍ୱିତୀୟ ଲହରୀକୁ ପ୍ରତିହତ କରିବାପାଇଁ ଓଡ଼ିଶା ସମେତ ଅନେକ ରାଜ୍ୟ ସରକାର କଠୋର ଭାବରେ ଲକ୍‌ଡାଉନ୍ ଲାଗୁ କରିଥିବା ସତ୍ତ୍ୱେ ଏହି ସଂକ୍ରମଣ ଦର କମ ହେବାର ନାଁ ନେଉନାହିଁ । ତେଣୁ ଆପଣମାନେ ସାବଧାନ ରହୁଥିବେ ବୋଲି ଆଶା । ଅତି ଆବଶ୍ୟକ ନ ହେଲେ ଘରୁ ଆଦୌ ବାହାରନ୍ତୁ ନାହିଁ । ସବୁବେଳେ ମାସ୍କ ବ୍ୟବହାର କରନ୍ତୁ । ଜନଗହଳି ପୂର୍ଣ୍ଣ ସ୍ଥାନକୁ ତ୍ୟାଗ କରନ୍ତୁ । ବାରମ୍ବାର ହାତକୁ ସାବୁନ ଦ୍ୱାରା ଧୁଅନ୍ତୁ । ଯଦି କୌଣସି ବନ୍ଧୁଙ୍କୁ କରୋନା ସମ୍ବନ୍ଧୀୟ କୌଣସି ସୂଚନା ଆବଶ୍ୟକ ହେଉଥାଏ ତା ହେଲେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଟେଲି-ମେଡ଼ିସିନ୍ ସେବାର ଲାଭ ଉଠାଇ ପାରିବେ । ସୁସ୍ଥ ରହନ୍ତୁ, ସୁରକ୍ଷିତ ରହନ୍ତୁ । ଭଗବାନ ସମସ୍ତଙ୍କୁ ଏହି ବିପଦରୁ ବଞ୍ଚାନ୍ତୁ । ଆହ୍ୱାନର ଏହି ସଂସ୍କରଣ ଆପଣଙ୍କୁ ଅତୀତର ସମସ୍ତ ସଂସ୍କରଣ ଭଳି ଆମୋଦକର ମନେ ହେବ ବୋଲି ଆଶା । ଧନ୍ୟବାଦ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୯

## ଅବିଶ୍ୱସନୀୟ ଫଟୋ

ସୁନ୍ଦରବନ ଜଙ୍ଗଲପାଖ ଗାଁମାନଙ୍କରୁ ଫେରିଆସିବା ବେଶ କିଛିଦିନ ହୋଇଗଲାଣି । ପାଓଲି ନିଜର ବିଶ୍ୱବିଦ୍ୟାଳୟ ରିସର୍ଚ୍ଚରେ ବହୁତ ବ୍ୟସ୍ତଥିଲେ । ଅନ୍ୟ ବନ୍ଧୁମାନେ ନିଜ ନିଜ କାମରେ ବ୍ୟସ୍ତ ଥିଲେ । ଅନେକ ଦିନପରେ ଅପରାହ୍ନରେ ସେମାନେ ଏକାଠି ହୋଇପାରିଲେ । କଫିକପ ଚାରିପାଖେ ଘେରିବସିବା ସେମାନଙ୍କ ଅଭ୍ୟାସ । କିଛି ଆଲୋଚନା କରିବା ପାଇଁ ଏକ ଗରମ କପର ଆବଶ୍ୟକତା ଅଛି । କପରୁ ଧୂଆଁ ବାହାରୁଥିବ, ଆଉ ମନରୁ ବାହାରି ଆସିବ ବାଧା ମାନୁନଥିବା ଭାବନାମାନ । ଚାରିପାଖରେ ଘେରି ଯାଇଥିବ ଖିଅ ନଥିବା କଥାମାନ, ସେଥିରୁ ତିଆରି ହୋଇଯାଉଥିବ ଏକ ଏକ ନଦୀର ପ୍ରବାହ ଭଳି ବିଚାରର ଧାରମାନ, ସବୁ ପାଣି ପ୍ରବାହକୁ ସଂଗ୍ରହ କରି ବୋହିଯାଉଥିବ କିଛି ବାଧା ନମାନି ।



ଅଶୋକ ବିଶ୍ୱାଳ

ସେମାନେ ଆଗଭଳି ସବୁ ବିଷୟକୁ ଖୁବ ଭଲ ଭାବରେ ବିଶ୍ଳେଷଣ କରୁଥିଲେ ।

ସପନବାବୁ ଏକ ଲମ୍ବା ଢୋକ ନେଲେ । ସେ ନିଜକୁ ଅନେକ ତରୁଣ ଭାବୁଥିଲେ । ଗରମ କଫି କପସବୁର ଚାରିପାଖେ ସେମାନେ ନବ ଯୁବକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୁବତୀ ହୋଇ ଯାଆନ୍ତି । ସେମାନଙ୍କର ମୁଣ୍ଡ ସବୁ ଲାଗିଯାଇଥିଲା । ନଇଁପଡି ସେମାନେ କିଛି ଜିନିଷକୁ ଯେମିତି ବଡ଼ ଯତ୍ନରେ ପରଖୁଥିଲେ ।

"ବାଘ ଏକ ମାଙ୍କଡ ମାରିବ ! ଅସମ୍ଭବ କଥା ।"- ଅରିନ୍ଦମ କହିଲେ । ତାଙ୍କର ମୁଣ୍ଡ ଜୋରରେ ହଲିଗଲା ଆଉ ବାଳଗୁଡାକ ତଳକୁ ଝୁଲିପଡିଲା । ତାଙ୍କର ଆଗବାଳ ଲମ୍ବା ଥିଲା, କାନ ପାଖରେ ବାଳ ଚଂଛା ଯାଇଥିଲା । ତାପରେ ସେ ଚେୟାରରେ ପଛକୁ ହୋଇଗଲେ । ଆଉ ଥରେ ମୁଣ୍ଡ ହଲାଇଦେଲେ । ବାଳଗୁଡା ମନକୁ ମନ ଠିକ ହୋଇଗଲା ।

ଅନ୍ୟମାନେ କିଛି ବୁଝିପାରୁ ନଥିଲେ । ଚାରିଆଡେ ପାଣି । ସୁନ୍ଦରବନଟାରେ କିଛି ଛୋଟ ବଡ଼ ଦ୍ୱୀପ ଆଉ ଚାରିଆଡେ ନଦୀ ନାଳ । ସେ ପାଣି ଭିତରେ କଣ ଅଛି ଯେ ଏକ ବାଘ ଖାଇବ ? କଣ ପିଇବ ? ତାପରେ ଯଦି କିଛି ଥାଏ ତେବେ କେମିତି ଧରିବ ? ଗଛଗୁଡା ଛନ୍ଦି ହୋଇ ରହିଛି । ସେ ଭିତରେ ଏକ ଶିକାରକୁ ଗୋଡାଇ ଧରିବା ତ ଅସମ୍ଭବ । ତାପରେ ପୁଣି ମହାବଳ ବାଘ ଗଛରେ ଥିବା ମାଙ୍କଡମାନଙ୍କୁ ଧରିବା କଥା ବିଶ୍ୱାସ କରାଯାଇ ପାରେନା । ତେଣୁ ବାଘ ଗଛରେ ରହୁଥିବା ମାଙ୍କଡମାନଙ୍କୁ ଧରି ଖାଇବା କଥା ସଂମ୍ପୂର୍ଣଭାବେ ଭିତ୍ତିହୀନ । ଅବାନ୍ତର କଥା ।

ସପନବାବୁଙ୍କ ଭିନ୍ନ ଅନ୍ୟମାନେ ଏପର୍ଯ୍ୟନ୍ତ ଠିକଭାବରେ ସୁନ୍ଦରବନ ଭିତରକୁ ଯାଇ ନାହାନ୍ତି । ଯାହା ସେମାନଙ୍କର ଜ୍ଞାନ ତାହା କେବଳ ପୁସ୍ତକଗତ ଆଉ ଅନ୍ୟ ବାହାର ଅଞ୍ଚଳରେ ବୁଲିଥିବା ଜ୍ଞାନ । ସୁନ୍ଦରବନ ଯେ ଏତେ ଭିନ୍ନ ସେକଥା ସେମାନେ ସହଜରେ ମାନୁନଥିଲେ । ଆଗରେ ରଖାଯାଇଥିବା କାଗଜରେ କିଛି ଲେଖାଯାଇଥିଲା ଯାହାକୁ ସେମାନେ ମୋଟେ ମାନିବାକୁ ପ୍ରସ୍ତୁତ ନଥିଲେ । ଗରମ କଫିର ବାମ୍ଫ ଆଉ ସିଗାରେଟର ଧୂଆଁ ସେମାନଙ୍କ ମନରୁ ନିଜ ହିସାବରେ ଚିନ୍ତାମାନ ବାହାର କରି ଆଣୁଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କିଛି ବିଶ୍ୱାସ କରି ହେଉଥିବା ମତକୁ ଗ୍ରହଣ କରିବା ଭଲ । ଏମିତି ଉଦ୍ଭଟ କଥାମାନଙ୍କୁ ବିଶ୍ୱାସ କରାଯାଇ ନପାରେ ।"- ଅରିନ୍ଦମ କହିଲେ । ତାଙ୍କର ହାତ ନିଜର ବାଳକୁ ଠିକ କରୁଥିଲା ।

ଅରିନ୍ଦମ ଖୁବ ଭଲ ଭାବେ କହି ପାରନ୍ତି । ଅନ୍ୟମାନେ ମଧ୍ୟ କଥା କହିବାରେ ବହୁତ କୁଶଳୀ । ତେଣୁ ବିଚାରମାନ ବାଧା ନମାନି ବାହରି ଆସେ । ଅରିନ୍ଦମ କହିଲାବେଳେ ସବୁକଥାକୁ ତଉଲନ୍ତି ଆଉ ନିଜର ବକ୍ତବ୍ୟ ଅକାଟ୍ୟ ଭାବରେ ଉପସ୍ଥାପିତ କରାନ୍ତି ।

ଅରିନ୍ଦମ ହାତକୁ ନିଜର ହାଲୁକା ଭାବରେ କଟାଯାଇଥିବା ଦାଢୀରେ ବୁଲାଇଲେ । ଦେହରେ ଲମ୍ବା ଫତେଇ । ତାଙ୍କ କଥା ସବୁବେଳେ ଯୁକ୍ତିସଙ୍ଗତ ଲାଗେ । କିନ୍ତୁ ପ୍ରାୟ ସେ ନିଜକୁ ଆଶ୍ଚର୍ଯ୍ୟଜନକ ବିଷୟବସ୍ତୁ ଭିତରକୁ ଟାଣି ନିଅନ୍ତି । ଯୁକ୍ତିଟା କିନ୍ତୁ ଚାରି କାନ୍ଥ ଭିତରେ ହେବା ଦରକାର । ତାଙ୍କ ଆଖି ତାରା ଭଳି ଚମକୁଥିଲା ।

"ମୁଁ ଯୁକ୍ତିସଙ୍ଗତଭାବରେ କହିପାରେ ଯେ ବାଘ କେବେବି ମାଙ୍କଡ ଧରି ପାରିବ ନାହିଁ । ଯଦି କିଏ ଦେଖିଛନ୍ତି ତାହେଲେ ସେମାନେ ମିଛ କହୁଛନ୍ତି । ବାଘ ମରିପଡିଥିବା ମାଙ୍କଡର ଶବ ଖାଉଥିବ ।"- ସେ କହିଲେ । ଗରମ ବାମ୍ପ ତାଙ୍କ କଥାକୁ ଓଜନିଆ କରି ଦେଉଥିଲା ।

ସପନବାବୁ ଟିକେ ଅପ୍ରସ୍ତୁତ ହୋଇଗଲେ । ଅରିନ୍ଦମ ଏତେ ଶୀଘ୍ର ଏମିତିଆ ମତାମତ ରଖିବେ ବୋଲି ସେ ବିଶ୍ୱାସ କରୁ ନଥିଲେ । ଅନେକ ଆଲୋଚନା ପରେ କିଛି ସିଦ୍ଧାନ୍ତରେ ଉପନୀତ ହେବାକଥା । କିନ୍ତୁ ଅରିନ୍ଦମ ବହୁତ ଜଲଦି ନିଜର ଶେଷ ବିଚାର ଜଣାଇ ଦେଲେ ।

ସେମାନେ ଆଗରେ ପଡିଥିବା ଫଟୋକୁ ଅନାଇଲେ । ଏକ ବିଶାଳ ମହାବଳ ବାଘ ଏକ ମାଙ୍କଡକୁ ଗଳାରୁ ଧରିଛି । ମାଙ୍କଡର ହାତ ଗୋଡ ଝୁଲି ପଡିଛି । ବାଘର ମୁଣ୍ଡ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଉପରୁଆ ହୋଇଯାଇଛି । ମାଙ୍କଡର ପତଳା ଶରୀର ଏକ ହାର ଭଳି ଲାଗୁଛି । ବାଘ ଗଳାରେ ଫୁଲହାର । ଫଟୋ ଭୁଲ କହି ନପାରେ । ବାଘ ନିଶ୍ଚିତ ଭାବରେ ମାଙ୍କଡକୁ ଧରିଛି ।

କିନ୍ତୁ ପ୍ରଶ୍ନ ହେଉଛି ବାଘ ସତରେ କଣ ମାଙ୍କଡକୁ ଶିକାର କରିଛି ?

ମାଙ୍କଡ ଖୁବ କୌଶଳୀ । ଏପଟ ସେପଟ ଡିଆଁରେ ତା'ର କେହି ସମକକ୍ଷ ହେବେନି । ସେମାନେ ଗଛର ଏକଦମ ଉପରେ ରୁହନ୍ତି । ସେଠି ବାଘ ପହଁଚି ପାରିବନି । ଫଟୋଟି କେଉଁ ଜୀବଜନ୍ତୁ ପ୍ରେମୀ ସୁନ୍ଦରବନରେ ଉଠାଇଥିଲେ । ଆଉ ଲେଖିଥିଲେ ଯେ ବାଘ ସେହି ମାଙ୍କଡକୁ ଶିକାର କରିଛି । ଏମିତି କଥା କଫିକପ ସବୁର ଚାରିପାଖେ ଏହି ଦଳଙ୍କର ସହଜରେ ହଜମ ହେଉ ନଥିଲା ।

ସେଇ ଫଟୋ ଉଠାଇଥିବା ବ୍ୟକ୍ତିଙ୍କ ନାମ ଲେଖା ହୋଇଥିଲା । ମାନିକ ସୋମ । ଦେବଶ୍ରୀ ସେହି ନାମକୁ ଭଲ ଭାବେ ପଢିଲେ ।

ମାନିକ ସୋମ ?– ଏ ଲୋକଟା କିଏ ? ମୋ ଜାଣିବାରେ ଏମିତି କେହି ବଡ଼ ଫଟୋଗ୍ରାଫର ନାହାନ୍ତି । ଦେବଶ୍ରୀଙ୍କର ଏବେକାର କଳା, ସଂସ୍କୃତି ଆଉ ଫଟୋଗ୍ରାଫିରେ ବହୁତ ଜ୍ଞାନ । ସେ ଏହି ବିଭାଗ, ଫିଲ୍ମ ଆଉ ଫଟୋଗ୍ରାଫି ସହ ସଂଶ୍ଳିଷ୍ଟ ଥିବା ବହୁତ ଲୋକଙ୍କୁ ଜାଣିଛନ୍ତି । କିନ୍ତୁ ଏ ମାନିକ ସୋମଟା କିଏ ?

"ତମେ ଜାଣିଛ ?"- ସେ ଅରନ୍ଦମଙ୍କୁ ପଚାରିଲେ ।

ଅରିନ୍ଦମଙ୍କ ମୁଣ୍ଡ ହଲିଗଲା । ପାଓଲି ଆଉ ସପନବାବୁ ମୁଣ୍ଡ ହଲାଉଥିଲେ । କେହି ଜାଣି ନାହାନ୍ତି ।

"ଏମିତି ଅନାମଧେୟ ବ୍ୟକ୍ତିମାନେ ନିଜର ଅବାନ୍ତର ମତାମତ ଦିଅନ୍ତି । ଦିନେ ଜଙ୍ଗଲ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଲିବାକୁ ଚାଲିଗଲେ ଆଉ ଏକ ଅସ୍ୱାଭାବିକ ଫଟୋ ଉଠାଇନେଲେ । ସେହିଥିରୁ ନିଜର ଉଦ୍ଭଟ ବିଚାର ରଖିଦେଲେ । ସେମାନେ ତାପରେ ବିଶ୍ୱାସ କରନ୍ତି ଦୁନିଆରେ ସେମାନଙ୍କ କଥାକୁ ସତ ମାନନ୍ତୁ । କିନ୍ତୁ ଦୁନିଆ କଣ ପାଇଁ ମାନିବ ? ସବୁକଥାକୁ ବିଶ୍ଳେଷଣ କରିବା କଥା । ଭଦ୍ରଲୋକମାନେ, ବୁଦ୍ଧିଜୀବୀମାନେ ସେମିତି ସବୁକଥା ମାନି ନେବେନାହିଁ ।"- ଅରିନ୍ଦମ ନିଜର ମନ୍ତବ୍ୟ ଏକ ରାହାରେ କହୁଥିଲେ । କୋଠରିଟା ଧୂଆଁଳିଆ ହୋଇଥିଲା ।

"କଥାଟା ଚମତ୍କାର ଅରିନ୍ଦମ । ଫଟୋଟା ନିଶ୍ଚିତ ଭାବେ ଭଲ ହୋଇଛି । କିଛି କମ୍ପ୍ୟୁଟରର ଫଟୋସପରେ କାମ ହେଲାଭଳି ଲାଗୁନି । ଫଟୋଟା ନିଶ୍ଚିତ ଭାବେ ସତ ।" – ଦେବଶ୍ରୀ କହୁଥିଲେ ।

"ସାରା ଦୁନିଆରେ ରାତାରାତି ପ୍ରସିଦ୍ଧ ହେବାର ଇଚ୍ଛା । ଏ ଲୋକମାନେ ତିଳକୁ ତାଳକରି ବଡ଼ ହେବାକୁ ଚାହନ୍ତି । ଏହାହିଁ ମୁଁ ଦେଖି ପାରୁଛି ।"- ଅରିନ୍ଦମ କହିଲେ । ତାଙ୍କର ମୁହଁ ଟିକିଏ ବିକୃତ ହୋଇଗଲା । ଏ ଫଟୋ ଉଠାଇଥିବା ବ୍ୟକ୍ତି ଯୁବକ ହୋଇଥିବା ଆଉ ଜଲଦି ପ୍ରସିଦ୍ଧିର ଶିଡିରେ ଚଢିବାକୁ ଚାହୁଁଥିବ । ଏହାହିଁ ଏକମାତ୍ର କାରଣ ଏମିତିଆ କଥା ଲେଖିବାର । ଆଉ କିଛି ଉଦ୍ଦେଶ୍ୟ ଥିଲା ପରି ଲାଗୁ ନଥିଲା ।

"କିନ୍ତୁ ତୁମେ ଯାହାକୁହ ଦେବଶ୍ରୀ ଫଟୋଟା ବହୁତ ରିଅଲିଷ୍ଟିକ ବା ବାସ୍ତବ ଲାଗୁଛି । ବହୁତ ଭଲ ଭାବେ ଉତ୍ତୋଳନ କରାଯାଇଛି । ବାଘର ମୁଣ୍ଡ ଆଉ ଆଖି ଦେଖୁନ । ସେଠି କେମିତି ବିଜୟର ଉଲ୍ଲାସ । ଶିକାର କଲେ ଏତେ ଖୁସିର ଲହଡି ବାଘ ମୁହଁରେ ଆସେ ବୋଲି ମୋତେ ବିଶ୍ୱାସ କରି ହେଉନି । ତା'ର ଆଖି ଆଉ ଯେ ଜଳୁନି ।"- ପାଓଲି ସେହି ଫଟୋଗ୍ରାଫରର ପ୍ରଶଂସା କରୁଥିଲେ ।

"ମୋତେ ଲାଗୁନି ଦେବଶ୍ରୀ ଆଉ କିଏ ଲୁଣା ଜଙ୍ଗଲରେ ରହୁଥିବା ବାଘର ଏମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫଟୋ ତୋଳିପାରିଛି । ଖୁବ ସୁନ୍ଦର ଫଟୋ ଏଥରେ ଦ୍ୱିମତ ନାହିଁ ।”- ସପନବାବୁ କହିଲେ । ସେ ଟିକିଏ ଚାରିଆଡକୁ ଅନାଇଲେ । ସବୁ ଟେବୁଲ ଚାରିପାଖେ ଲୋକମାନେ ସେମାନଙ୍କ ଭଳିଆ ଆଲୋଚନା କରୁଥିଲେ । ସମସ୍ତେ ନିଜ ନିଜ କଥାରେ ବ୍ୟସ୍ତ ଥିଲେ ।

“କଲିକତାର ସବୁ ଖବର କାଗଜରେ ଏହି ଫଟୋ ବାହାରିଛି । ଏ ଭିତରେ ସାରା ବେଙ୍ଗଲ ଏହି ଫଟୋ ଦେଖି ଚକିତ ହୋଇଯାଇଥିବ । ବାଘର ଏକ ଅଜଣା ଜୀବନ ବିଷୟରେ କେତେ ଆଲୋଚନା ପର୍ଯ୍ୟାଲୋଚନା ହେଉଥିବ । ଯାହା କୁହନ୍ତୁ ଏମିତିଆ ଫଟୋଗୁଡାକ ମନରେ କେତେ ବିଚାର ରଖିଦିଏ । ହଁ ହୋଇପାରେ ତାଙ୍କର ମତରେ ଭୁଲ ଥାଇପାରେ, କିନ୍ତୁ ଫଟୋର ବିଷୟବସ୍ତୁ ସମସ୍ତଙ୍କୁ ଭଲ ଲାଗିଥିବ ।” – ସପନବାବୁ କହୁଥିଲେ । ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଯାଇଥିଲା । ସବୁ ଆଖିମାନ ତାଙ୍କ ଉପରେ ନିବିଦ୍ଧ ଥିଲା ।

“ମୁଁ ଲୁଣା ଜଙ୍ଗଲର ବାଘର ଫଟୋ ଦେଖିଛି । ଏକ ବଡ଼ ମହାବଳ ବାଘ ହରିଣର ଅନେକ ସମୟ ଧରି ପିଛା କରୁଥିଲା । ଶେଷରେ ଠିକ ସମୟ ଉଣ୍ଡି ହରିଣ ଉପରକୁ ଲମ୍ଫଦେଇ ତା’କୁ ଗଳାରୁ ଧରିଥିଲା । ସେ ସବୁ ଫଟୋ ଅତି ସାଧାରଣ । ବାଘ ହରିଣ ଧରିବା ସମସ୍ତେ ଜାଣିଛନ୍ତି । କିନ୍ତୁ ମାଙ୍କଡ ଧରିବା କେମିତି ଆଶ୍ଚର୍ଯ୍ୟଜନକ । ସଂମ୍ପୂର୍ଣ୍ଣ ଭାବେ ଅବିଶ୍ୱସନୀୟ । ସତରେ ଯଦି ଏଥିରେ ସତ୍ୟତା ଥାଏ ତେବେ ବାଘର ଜୀବନ ଉପରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ ।”- ପାଓଲି କହିଲେ । ପାଓଲି ସହଜରେ ସବୁ କଥା ଉଡାଇ ଦିଅନ୍ତି ନାହିଁ । ସେ ସେ ଭିତରେ ଥିବା ଲେଖକ ବା ଫଟୋଗ୍ରାଫର ମନ ହିସାବରେ କଥା ଭାବନ୍ତି । ତେଣୁ ତାଙ୍କ କଥା ମଧ୍ୟ ରାସ୍ତାରେ ଯାଉଥିବା ବ୍ୟକ୍ତିର କଥା ଭଳି ଲାଗେ । କିଛି ଗ୍ରହଣୀୟ ଲାଗେ । କିନ୍ତୁ ଦେବଶ୍ରୀ । ସେ କେଉଁ କଥାକୁ ସହଜରେ ତ ମାନନ୍ତି ନାହିଁ । ପାଓଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସପନବାବୁଙ୍କ ଆଡକୁ ଅନାଇଲେ । ସପନବାବୁ ବାଘ ଉପରେ ଅଧିକ କିଛି କହିବେ ବୋଲି ଆଶା କରୁଥିଲେ । ସପନବାବୁ ପାଓଲିଙ୍କ ଅନାଇବାର ଅର୍ଥ ବୁଝିଗଲେ । ସେ କିଛି କୁହନ୍ତୁ ।

"ମୁଁ ଥରେ ସୁନ୍ଦରବନରେ ବାଘ ଦେଖିଥିଲି । କିନ୍ତୁ ପାଣିରେ ।"– ସପନବାବୁ କହିଲେ ।

ବାଘ ଉପରେ ବହୁତ କଥା ବିଶ୍ୱାସ କରିବାକୁ ପଡେ । ସୁନ୍ଦରବନଟାରେ ଅନେକ ଛୋଟ ଛୋଟ ଉପଦ୍ୱୀପ ଅଛି । ଏମିତି ଏକ ଉପଦ୍ୱୀପ ପାଖାପାଖି ଘଟଣା । ଲୋକମାନେ ବୋଟରେ ଥିଲେ ।

ମୁଁ ଥରେ ବୁଲି ଯାଇଥିଲି । ପାଣିରେ ଦୁଇଟା ବିନ୍ଦୁ ଦେଖାଦେଲା । ଲୋକମାନେ ନିଜ ନିଜର କ୍ୟାମେରା ଆଉ ବାଇନାକୁଲାର ନେଇ ଉହୁଙ୍କି ପଡିଲେ । ସେଇ ଦୁଇଟା ବିନ୍ଦୁ ସତକୁ ସତ ବାଘ ଥିଲା । ନଦୀଟା ସେଠି ଖୁବ ଚଉଡା । ବାଘ ଗୋଟିଏ ଉପଦ୍ୱୀପରୁ ଆଉ ଏକ ଉପଡଦ୍ୱୀପକୁ ପାଣିରେ ପହଁରି ପହଁରି ଯାଉଥିଲା । ସୁନ୍ଦରବନର ବାଘ ବହୁତ ଲମ୍ବା ପାଣି ପହଁରିପାରେ । ଅଧ କିଲୋମିଟର ପାଣି ତା ପାଇଁ କିଛି ନୁହେଁ ।

ବୋଟରେ ସମସ୍ତେ ପାଟି କରୁଥିଲେ । ଅନେକ ଲୋକଥିଲେ । ପାଣିରେ ବାଘ ଦେଖିବା ଏକ ଅତି ଅସ୍ୱାଭାବିକ କଥା ଥିଲା । ପାଣି ସ୍ଥିର ଥିଲା । ପହଁରିବା ପାଇଁ ଉପଯୁକ୍ତ ସମୟ । ଏତେ ପାଣିରେ ବାଘ ସୁଯୋଗ ଦେଖି ପହଁରୁଛି । ତାହାର ମୁଣ୍ଡ ଉପରକୁ ଥିଲା, ସେଇଠୁ କିଛି ପାଣି ଢେଉ ଭଳିଆ ଆସୁଥିଲା । ବାଘ ସମସ୍ତ ଶକ୍ତି ଲଗାଇ ପହଁରୁଥିଲା । ପାଣି ସାମାନ୍ୟ ସବୁଜିଆ କିନ୍ତୁ ଗୋଳିଆ ନଥିଲା । ବାଘର ମୁଣ୍ଡ ଗାଢା କମଳା, କଳା ଦେଖାଯାଉଥିଲା । ବାଘ କିଛି ସମୟ ଧରି ପହଁରିଲା । ଏଣେ ଲୋକମାନେ ବୋଟରୁ ପାଟି କରୁଥିଲେ । ବାଘ କାଦୁଅା କୂଳରେ ପହଁଚି ଟିକେ ପଛକୁ ଅନାଇଲା । ତା'ର ଗୋଡ ପେଟ ଯାଏଁ କାଦୁଅରେ ଗଳି ଯାଇଥିଲା । ଏମିତି ଚାଲି ଗଛଧାରରେ ପହଁଚିଗଲା ଆଉ ନିମିଷକରେ ଲୁଚିଗଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏମିତି ବାଘ ଦେଖାର ଅନେକ କାହାଣୀ ଅଛି । ସୁନ୍ଦରବନରେ ଜୁଆରିଆ ନାଳମାନ ଅଛି । ଏକ ପତଳା ନାଳର ଦୁଇ କୂଳରେ ଜଙ୍ଗଲ ଥିଲା । ଭଟ୍ଟାରେ ସେ ନାଳରେ କିଛି ପାଣି ନଥିଲା । ଖୁବ କାଦୁଅ । ସେ ଭିତରେ ଏକ ବାଘ ଦେଖାଗଲା । ସେ କାଦୁଅରେ ପାରି ହେବା କଷ୍ଟ । ବାଘର ଗୋଡ ପେଟ ପର୍ଯ୍ୟନ୍ତ ଗଳିଯାଉଥିଲା । ଲାଗୁଥିଲା ଯେମିତି ବାଘ କାଦୁଅରେ ପହଁରି ପାରି ହେଉଛି । ବାଘ ଧୀରେଧୀରେ ସେହି ନାଳ ପାରି ହେଉଥିଲା । ତା'ର ଦେହରେ ହଳଦିଆ, କମଳା ଆଉ କଳା ଛାପି ଛାପି ରଙ୍ଗ । ଦୂରରୁ ଲାଗୁଥିଲା ଯେମିତି ଏକ ବଡ଼ କୁକୁର ନାଳ ପାରି ହେଉଛି । କିଛି ବ୍ୟସ୍ତତା ନଥିଲା । ବାଘ କିଛି ସମୟ ପରେ ଆର କୂଳରେ ପହଁଚି ଲୁଚିଗଲା । ତା'ର ଦେହରେ ସେମିତି କାଦୁଅ ଲଟପଟ ହୋଇଥିଲା ।

ତାପରେ ଆଉ ଏକ ନାଳ ଆସିଲା । ସେ ନାଳ ମଝିରେ ଅଳ୍ପ ପାଣି । ବାଘକୁ ସେ ନାଳ ପାରି ହେବାର ଥିଲା । ସେ ପ୍ରଥମେ ନାଳରେ ପଶିଲା । କୂଳରେ କାଦୁଅ ଟିକିଏ ମୋଟା । ମଝିଆଡକୁ କାଦୁଅ ପତଳା । ସେଠି ଗୋଡ ବହୁତ ତଳକୁ ଚାଲି ଯାଉଥିଲା । ବାଘ ଚାଲୁ ଚାଲୁ ସେହି କାଦୁଅରେ ପେଟେଇ ପଡି ବିଶ୍ରାମ କରୁଥିଲା । ତା'ର ଦେହ ବେଳେ ବେଳେ କାଦୁଅରେ ଖସି ଯାଉଥିଲା । ତାପରେ ପାଣି ଆସିଲା, ସେଇଠି ବାଘର ଚାଲିବା ସହଜ ହେଲା । ଏମିତିଆ କାଦୁଅରେ ଚାଲିବା ଖୁବ ପରିଶ୍ରମର କାମ । ବାଘ ଥକି ଯାଉଥିଲା । ଏମିତି ଚାଲି ଚାଲି ବାଘ ସେ କୂଳ ପହଁଚିଲା ।

ସପନବାବୁ ବାଘ ବିଷୟରେ ଅନେକ କଥା କହିଲେ । କିଛି ତାଙ୍କର ନିଜ ଅଭିଜ୍ଞତା, କିଛି ଶୁଣା କହାଣୀ । ସେ କିନ୍ତୁ ବାଘର ବ୍ୟବହାର ଉପରେ କିଛି କହି ନଥିଲେ । ସେହି ବାଘର ଶିକାର କଥା ଉପରେ କିଛି ଆଲୋକପାତ କରି ନଥିଲେ । ଅରିନ୍ଦମବାବୁ ମଧ୍ୟ ଅନେକ ବାଘ କାହାଣୀ ଜାଣିଛନ୍ତି । ବାଘ ଉପରେ ସପନବାବୁଙ୍କ କାହାଣୀ ଲମ୍ବା ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଉଥିବା ଦେଖି ସେ କଥାଟାକୁ ମୁଖ୍ୟ ଧାରକୁ ଟାଣି ଆଣିବାକୁ ଚାହିଁଲେ ।

"ପ୍ରଶ୍ନଟା ତ ସେଇଠି ରହିଲା । ସୁନ୍ଦରବନର ଲୁଣା ଜଙ୍ଗଲରେ ବାଘ ଏକ ମାଙ୍କଡକୁ କଣ ଧରି ପାରିବ ? ମାଙ୍କଡ ଦଳ ଗଛ ଉପରେ ବସିଥିବେ । ସବୁଆଡେ ଗଛ ଆଉ ବୁଦା । ତା ଭିତରେ ବାଘ କେମିତି ଆକ୍ରମଣ କରିବ ଆଉ ଗଛ ଉପରୁ ମାଙ୍କଡକୁ ଧରିନେବ ?"- ଅରିନ୍ଦମ ନିଜ କଥା କହି ମୁଣ୍ଡ ହଲାଉଥିଲେ ।

"କଥାଟା ସତ ମାନି ନିଆଯାଉ । ଠିକ ଅଛି ବାଘ ଏକ ମାଙ୍କଡ ଧରି ପାରିବନି । କିନ୍ତୁ କିଛି ସମୟପାଇଁ ଧରି ନିଆଯାଉ ବାଘ ଏକ ମାଙ୍କଡ ଶିକାର କରିଛି । କିନ୍ତୁ କେମିତି ?"- ଅରିନ୍ଦମଙ୍କ କଥାଗୁଡାକ ଭାଙ୍ଗି ଭାଙ୍ଗି ଆସୁଥିଲା । ସେ ମନରେ କିଛି ବିଶ୍ଳେଷଣ କରୁଥିଲେ ।

ସେ ଏକ ସିଗାରେଟ ଦୁଇଓଠ ଭିତରେ ଚିପି ଧରିଥିଲେ । ସିଗାରେଟରେ ନିଆଁଥିଲା । କିନ୍ତୁ ସେ ଜୋରରେ ଧୂଆଁକୁ ଭିତରକୁ ନେଉ ନଥିଲେ । ତାଙ୍କର କପାଳ କୁଞ୍ଚିତ ହୋଇ ଯାଇଥିଲା । ସେ ଗଭୀର ଭାବେ ବିଷୟଟାକୁ ଚିନ୍ତା କରୁଥିଲେ ।

ସପନବାବୁ ନିଜର ଅଭିଜ୍ଞତା କଥା ବଖାଣିବାକୁ ଲାଗିଲେ ।

"ସୁନ୍ଦରବନର ବାଘ ଏକ ଚତୁର କୁଶଳୀ ଶିକାରୀ । ଲୁଚି ଛପି ଶିକାର କରେ । ଶିକାରକୁ ଧରିବା ପର୍ଯ୍ୟନ୍ତ ଶିକାରର ତା ବିଷୟରେ ଜ୍ଞାନ ନଥାଏ । ଗଛ ପତ୍ର ଗହଳିରେ ସେ ପ୍ରାୟ ଜଣାପଡେ ନାହିଁ । ଦେହର ରଙ୍ଗ ଏମିତି ଯେ ସୁନ୍ଦରବନରେ ବାଘ ଛପିଲେ ଆଉ ଏକଦମ ନହଲିଲେ ତା'କୁ ଠାବ କରିବା ପ୍ରାୟ ଅସମ୍ଭବ । ସେମିତିଆ ଛପିଛପିକା ଚମଡା ଭିତରୁ ଏକ ଜଳନ୍ତା ଆଖି ଶିକାରକୁ ଏକ ଲୟରେ ଲକ୍ଷ୍ୟ କରୁଥାଏ । ଯେତେବେଳେ ବାଘ ଶିକାର ପଛରେ ଯାଏ ସେତେବେଳେ ସାମାନ୍ୟ ଶବ୍ଦ ମଧ୍ୟ କରେ ନାହିଁ ।

ଏମିତି ଏକ ଶିକାରର କଥା । ସେଇଟା ଅବଶ୍ୟ ମୁଁ ଅନ୍ୟ ଜଙ୍ଗଲରେ ଦେଖିଥିଲି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଘ ଧିରେ ତା'ର ମୁଣ୍ଡକୁ ତଳୁଆ କରିନେଲା । ଏକଦମ ସାବଧାନ । ବାଘ ବାହାର ଅଞ୍ଚଳକୁ ଖୁବ ଭଲ ଭାବେ ଲକ୍ଷ୍ୟ କରୁଥିଲା । ତା'ର ଛୋଟ କାନ ସବୁ ଠିଆ ହୋଇ ଯାଇଥିଲା । ଆଖି ମୁଣ୍ଡ ଆଡକୁ ବଙ୍କେଇ ହୋଇ ଆସିଥିଲା । ଆଗର ଶବ୍ଦକୁ ଭଲଭାବେ ଗ୍ରହଣ କରୁଥିଲା । ତା'ର ଲମ୍ବା ସବୁଜ-ହଳଦିଆ ଆଖି କଳା ଆଖିପତା ତଳେ ପୁରା ଖୋଲିଯାଇଥିଲା । ମୁହଁ ଭୟଙ୍କର ଦେଖାଯାଉଥିଲା । ତା'ର ମୁଣ୍ଡ ଆହୁରି ତଳକୁ ହୋଇଗଲା । ମୁହଁର ଲୋମ ସବୁ ଠିଆ ହୋଇଯାଇଥିଲା । ବାଘ କାହାକୁ ନଜର ରଖିଥିଲା । ଧିରେ ବାଘ ଆଗ ଗୋଡକୁ ବଢାଇଲା । ଅନ୍ୟଗୋଡ ସବୁ ନରମ ଭାବରେ ମାଟି ଉପରେ ଥିଲା । ବେକ ପୁରା ଲମ୍ବା ହୋଇଯାଇଥିଲା । ଥାବାରୁ ନଖସବୁ ବାହାରି ଆସିଥିଲା । ନରମ ମାଂସଥିବା ପାଦ ଖୁବ ଧୀର ଭାବରେ ଆଗକୁ ବଢୁଥିଲା । ବାଘ ଏଇ କ୍ଷଣକରେ ଆକ୍ରମଣ କରିବ ।" – ସପନବାବୁ କହିଲେ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜେଜେଙ୍କ ଜାସୁସି - ୧

ସମୁଦ୍ର କୂଳରୁ ପ୍ରାୟ ଦଶ ମାଇଲ ଦୂରରେ ଜନ ବସତି । ଅନେକ ଗାଁ ମଧ୍ୟରୁ "ଶେଷ ପାଟଣା" । ବୋଧେ ରାଜା ରାଜୁଡ଼ା ସମୟରେ ଏହି ଗାଁଟି ରାଜାଙ୍କ ଅଧୀନରେ ଥିବା ସୀମାନ୍ତ ଅଞ୍ଚଳ ।

ପାରିପାର୍ଶ୍ୱିକ ବିସ୍ତୃତ ସବୁଜିମା, ଜଳସେଚିତ ଚାଷ ଜମି, ଗାଁର ସୌନ୍ଦର୍ଯ୍ୟ ବଢ଼ାଉଥାଏ ।

ଜେଜେ ଏବେ ଅବସର ପରେ ଗାଁକୁ ଫେରିଛନ୍ତି ।

ଜେଜେଙ୍କ ଖାଇବା, ପିଇବା, ଶୋଇବା ସବୁକିଛିର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଥାଏ । ଜେଜେଙ୍କ ଚାଲିଚଳଣୀ ମିଲିଟାରୀ ଭଳି ଲାଗେ ।

ଗାଁର ଯେତେ ବାଳୁଙ୍ଗା ତାଙ୍କ ଆଖିରେ ଦୃଷ୍ଟାମୀ କରିବାକୁ ଡରନ୍ତି ।



ବିଜୟ କୁମାର ପଣ୍ଡା

ସକାଳ ହେଲାଣି ।

ରାତ୍ରିର ଶେଷ ପ୍ରହର ଶେଷ ହେବା ଠିକ ଆଗରୁ, କୋଇଲିର କୁହୁକୁହୁ ତାନ ଆଉ କୁକୁଡ଼ାର କୁକୁକୁ ଶୁଭିବା ପୂର୍ବରୁ କେହି ଯେମିତି କେବଳ ଜେଜେଙ୍କୁ ବିଛଣାରୁ ଉଠାଇ ନେଇଗଲା ଭଳି ସେ ଖରା, ବର୍ଷା, ଶୀତ ସବୁ ଋତୁରେ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରେ ଉଠିପଡନ୍ତି ।

ତାଙ୍କ ଆଖିକୁ ସବୁ କିଛି ସଫା ସଫା ଦିଶୁଥାଏ ବିନା ଲେନ୍ସରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ଗୁରୁବାର, ଶନିବାର ଆଉ ଏକାଦଶୀ ଛଡ଼ା ସବୁଦିନେ ମାଛ ନହେଲେ ଭାତ ରୁଚେନି ତାଙ୍କୁ ।

ଥରେ ଏମିତି ମୁହଁ ଅନ୍ଧାରରେ ଉଠି ବିଲକୁ ଯାଉଥିଲେ । ଗୋଡ଼ ଖସି ପଡ଼ିଗଲା ପରେ ଗୋଡ଼ ଭାଙ୍ଗି ଯାଇଥିଲା ।

ଡାକ୍ତର କହୁଥିଲେ ଆପଣ ଅନେକ ବର୍ଷ ହେଲା ଦେଶୀ ମାଛ ଖାଉଛନ୍ତି ତେଣୁ ବୟସ ଅଧିକ ହେଲେ ବି କ୍ୟାଲସିୟମର ତ ଅଭାବ ହେବନି, ଜଲ୍‌ଦି ଠିକ ହୋଇଯିବେ । ସତକୁ ସତ ସମୟ ପୂର୍ବରୁ ଠିକ ହୋଇ ଚଲାବୁଲା କଲେ ।

ଜେଜେ ଜଙ୍ଗଲ ବିଭାଗରେ କାମ କରୁଥିଲେ । ଜଙ୍ଗଲରୁ ଅସାଧୁ ଉପାୟରେ କାଠ ଚୋରି, ପଶୁ ପକ୍ଷୀ ଶିକାର କିମ୍ବା ଗଛ କାଟି ନେଉଥିବା ଲୋକଙ୍କ ଉପରେ ନିଘା ରଖିବା ତାଙ୍କର ଦାୟିତ୍ୱ ଥିଲା ।

ପୁରା ଚାକିରୀ କାଳ ଭିତରେ ଦୁଇଥର ପୁରସ୍କୃତ ବି ହୋଇଛନ୍ତି । ସେଥିପାଇଁ ଜେଜେ ଏକ ଠାଣିରେ, ଛାତି ଫୁଲେଇ, ନିଶକୁ ମୋଡ଼ି ଚାଲନ୍ତି ।

ଗାଁରେ ଚାଲିଗଲା ବେଳେ, ଟୋକା ମାନେ ଜେଜେଙ୍କୁ ଦଣ୍ଡେ ଅନାନ୍ତି ।

(କ୍ରମଶଃ...)

ସମ୍ପାଦକ- କନକପ୍ରଭା,
ସବଙ୍ଗ, ସିମୁଳିଆ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଇଁ ତ ଗରିବ ଛାତ୍ର

ଭାଗ - ୬

ଅର୍ଦ୍ଧରାତ୍ର ସମୟ, ଚାରିଆଡ଼ ଶାନ୍ତ ଓ ନିରବ ପରିବେଶ । ହଠାତ ନିଦ ଭାଙ୍ଗିଯାଇଥିଲା ତପନର । ଓଃ ମୋ ମାଆର କଣ ହେଉଛି ! କହି ମାଆ ମାଆ ଡାକ ଛାଡିଲା ତପନ । ଭୀଷଣ ଜ୍ୱରରେ କମ୍ପୁଛନ୍ତି ଓ ସର୍ବାଙ୍ଗ ଶରୀର ଥରୁଅଛି । ଉଁ ଉଁ ଶବ୍ଦରେ ଥରି ଯାଉଛି ସମ୍ପୂର୍ଣ କୁଡ଼ିଆ ଘର । ତପନ ଦେହରେ ଓ ମୁଖ ମଣ୍ଡଳରେ ଘାଆର ଯନ୍ତ୍ରଣା ସହିତ ମାଆଙ୍କର ବୁକୁଫଟା କରୁଣ ଶବ୍ଦ, ତପନକୁ ବିଚଳିତ କରିଦେଇଥିଲା । ଅର୍ଦ୍ଧ ରାତ୍ର ସମୟରେ କୁଆଡେ ଯିବ ଓ କଣ କରିବ ଭାବି ବହୁ କଷ୍ଟରେ ଘରର ଡିବିରି ବତୀ ଜଳେଇଥିଲା ତପନ । ମାଆ ଥରୁଥିବାର ଦେଖି ତପନ ଛିଣ୍ଡା ଗୁନ୍ଥା କମଳ ଓ କନ୍ଥା ଘୋଡେଇ ଦେଇଥିଲା ମାଆକୁ । ପାଦରେ କରଞ୍ଜ ତେଲ ଥାପି ଦେଇ ଜୋରରେ ଘଷି ଦେଇଥିଲା । ମୁଣ୍ଡରେ ହାତ ମାରି ଦେଖିଲା ଭୀଷଣ ଗରମ ଲାଗୁଛି, କପଡା ଖଣ୍ଡେ ଭିଜେଇ ମୁଣ୍ଡର କପାଳ ଉପରେ ରଖି ଦେଇଥିଲା ।



ମହେଶ୍ୱର ସାହୁ

ଟିକେ ଆରାମ ଲାଗିଥିଲା ମାଆ ଯମୁନାଙ୍କୁ । ଆଖି ଖୋଲି ପୁଅର ସେବାକୁ ଅନୁଭବ କରିଥିଲେ ମାଆ ଯମୁନା । ଯିଏ ବାପା ମାଆଙ୍କରେ ସେବା ମନପ୍ରାଣ ଦେଇ କରିଥାଏ ସିଏ ହିଁ ପ୍ରକୃତ ସନ୍ତାନ । ଅର୍ଥାତ "ପିତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାତାଙ୍କ କଲ୍ୟାଣରୁ ସନ୍ତାନ ସୁଖୀ ହୋଇଥାଏ ।" ଅର୍ଦ୍ଧରାତ୍ର ସହିତ ଶୁନଶାନ ଜାଗାରେ ଘର । ଯେତେ ଡାକିଲେ ବି କେହି ଶୁଣିଲା ଭଳି ନୁହେଁ ।

ଶେଷରେ ତପନ ଭାଗବାନଙ୍କୁ ଡାକିବାକୁ ଲାଗିଲା । ହେ ଭଗବାନ ମୋ ମାଆ ଛଡା ଏହି ଦୁନିଆରେ କେହି ନାହାନ୍ତି । ମୁଁ ମୋର ହେତୁ ହେବା ଠାରୁ ମୋ ମାଆର ଏମିତି ଅବସ୍ଥା କେବେ ଦେଖି ନଥିଲି । ଆଜି ମୁଁ ମୋ ମାଆର ସେବା କରିବାର ସୁଯୋଗ ପାଇଛି । ହେଲେ ଜ୍ୱର କମୁନାହିଁ କାହିଁକି ! କଣ କରିବି ରାତ୍ର ସମୟରେ ?

ମାଆ କହିଲେ "ବାପାରେ ମୁନ୍ଦେ ପାଣି ଦେଲୁ ।" ତପନର ନିଦୁଆ ସନ୍ତାପ ରୂପକ ଜୁଆରରେ ଭଟ୍ଟା ଆସିଲା ଯେମିତି । ସଙ୍ଗେ ସଙ୍ଗେ କହିପକାଇଲା "ମୋ ମାଆ ଏବେ କଥା କହିଲା । ମୋ ମାଆ ଏବେ କଥା କହିଲା "ଭାବନା ଭିତରେ ଆଶ୍ୱାସନା ତାକୁ ଟିକେ ଆଶ୍ୱାସିତ ହେଲା । ଦଉଡି ଯାଇ କଳସିରୁ ଢାଳରେ ପାଣି ଆଣି ମାଆକୁ ପିଆଇ ଦେଲା । ଢକ ଢକ କରି ଦୁଇ ଢୋକ ପାଣି ପିଇ ଥାଉ ବୋଲି କହିଲେ ମାଆ । ଏବେ ଆଉ କୌଣସି ଶବ୍ଦ ନଥିଲା ମାଆଙ୍କ ମୁହଁରୁ । କେବଳ ଉଁ ଉଁ । ଉପାୟ ଶୂନ୍ୟ ଭାବନା ଭିତରେ ଏକ ବୁଦ୍ଧି ପଶିଲା ତପନର । ସେ ନିଶ୍ଚୟ ମାମୁଙ୍କ ଘରକୁ ଯିବ । ରାତ୍ର ସମୟ ଭୟ ଲାଗୁଥିଲେ ବି ତପନ ସାହସ କରି ଘରୁ ବାହାରିଲା । ମାଆଙ୍କୁ କହିଲା ମାଆ ଯେମିତି ହେଉ ମୁଁ କିଛି ଉପାୟ କରୁଛି । ଆମେ ଡାକ୍ତର ପାଖକୁ ଯିବା ।

ମାଆଙ୍କୁ ଶୁଆଇ ଦେଇ ତପନ ସେଇ ଅନ୍ଧାର ରାତିର ବୁକୁ ଚିରି ବୀରଦର୍ପରେ ବାହାରି ପଡ଼ିଲା । ମାଆଙ୍କର ମଧ୍ୟ ବାରଣ କରିବାର ଶକ୍ତି ନଥାଏ । ଭୀଷଣ ଜ୍ୱରର କବଳରେ ମାଆ ସମ୍ପୂର୍ଣ୍ଣ କବଳିତ । ଘରର କବାଟ ଖୋଲି ଦେଇ ବାହାରକୁ ଅନେଇ ଦେଲା ତପନ । ଆଗରୁ ରାତିରେ ବାହାରକୁ ଉଠିଲେ ମାଆଙ୍କୁ ଡାକେ, କାରଣ ତାକୁ ଅନ୍ଧାରକୁ ଭାରି ଭୟ । ହେଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ସେ ନିଃସହାୟ । ନିରୁପାୟ ମଧ୍ୟ; ଅନ୍ଧାରରେ ପାଦ ବାହାରକୁ ପକେଇବା ପୁଣି ଏକୁଟିଆ, ତା' ପାଇଁ ଜୀବନର ପ୍ରଥମ । ଭାବିଲା ହାତରେ ଖଣ୍ଡେ ବାଡ଼ି ଧରିବି କାରଣ କୌଣସି ସାପ, କୁକୁର ଓ ଶିଆଳଙ୍କ ଆକ୍ରମଣରୁ ବଞ୍ଚିବାକୁ ହେଲେ ନିଶ୍ଚୟ ବାଡ଼ିଟିଏ ଦରକାର । ରାସ୍ତା ଖୋଜିଲା ଭଳି ଅଣ୍ଡାଳି ଅଣ୍ଡାଳି ଆଗକୁ ଆଗକୁ ଚାଲିଲା ତପନ । ଘର ଠାରୁ କିଛି ବାଟ ଆସିଲା ପରେ ଗୋଟଏ ବିଶାଳ ବଟ ବୃକ୍ଷ(ବର ଗଛ) ରହିଥାଏ । ତପନ ଆଗରୁ ଶୁଣିଥିଲା ବର ଗଛରେ ଡାହାଣୀ ଓ ପ୍ରେତାତ୍ମା ରୁହନ୍ତି । କାହାକୁ ଏକୁଟିଆ ପାଇଲେ ଖାଇ ଯାଇଥାନ୍ତି । ଏଇ କିଛିଦିନ ତଳେ କାହାର କଟା ମୁଣ୍ଡ ସେଇ ବରଗଛରେ ଝୁଲୁଥିବାର ସେ ଶୁଣିଥିଲା । ଆଜି ଏକୁଟିଆ ତପନ ଘରୁ ବାହାରିଛି । ପୁଣି ନିଜର ମାମୁଁ ଘରକୁ ଯିବ ସେଇ ବର ଗଛଦେଇ । ବର ଗଛ ଯେତିକି ପାଖକୁ ଆସୁଥାଏ ତପନର ଭୟ ସେତିକି ବଢୁ ଥାଏ । ହୃଦୟର ସ୍ପନ୍ଦନ ଦୁଇଗୁଣ ହୋଇଗଲା । ବର ଗଛ କିଛି ବାଟ ଥାଏ ତପନ ଏକ କ୍ଷୀଣ ଆଲୋକ ଦେଖିବାକୁ ପାଇଲା । ହୃଦୟର ସ୍ପନ୍ଦନ ଓ ମନର ଆବେଗ ବଢିବାକୁ ଲାଗିଥାଏ । ସେ ଶୁଣିଥିବା କାହାଣୀ ସତ ହେବାକୁ ଯାଉଛି ବୋଲି ଭାବିନେଲା । ମୋତେ ନିଶ୍ଚୟ ଏହି ପିଶାଚ ଓ ରାକ୍ଷସ ଛାଡିବେ ନାହିଁ !

ଦମ୍ଭର ସହିତ ଆଗକୁ ଯାଉଥାଏ ତପନ । ହଁ ମରିବାର ଥିଲେ ମରିବି ହେଲେ ମୋ ମାଆଙ୍କୁ ବଞ୍ଚେଇବାକୁ ନିଶ୍ଚୟ ଚେଷ୍ଟା କରିବି । ମାଆଙ୍କ ସେବାରେ ଯଦି ମୋ ଜୀବନ ଚାଲିଯାଏ ତେବେ ମୋର ଜନ୍ମ ସାର୍ଥକ ହେବ । ଯେଉଁ ମାଆ ମୋତେ ଏକୁଟିଆ ପାଳି ପୋଷି ମଣିଷ କରିଛି ମୁଁ କେବେ ତାର ସୁରକ୍ଷା ପାଇଁ ପଛଘୁଞ୍ଚା ଦେବି ନାହିଁ । ନାଁ ନାଁ ନାଁ..... ଆଗକୁ ଆଗକୁ ଚାଲୁଥାଏ ତପନ କହୁଥାଏ "ମାଆ ରକ୍ଷାକର" କହି କହି ଚାଲିଥାଏ ଆଗକୁ ଆଗକୁ । ତପନ ହାତରେ ଆଲୁଅ ନ ଥାଏ । ରାତିର ଅନ୍ଧାରର ବୁକୁଚିରି ଆଗକୁ ଆଗକୁ ଯାଉଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତପନ ଆଜି ଏକୁଟିଆ ବରଗଛର ନିକଟରେ । ଅପର ପାର୍ଶ୍ୱରେ ଜଳୁଥିଲା ଆଲୁଅ । ଧୀର ପାଦ ପକେଇ ତପନ ମନ୍ଥର ଗତିରେ ଆଗକୁ ଆଗକୁ ଚାଲୁଥାଏ । ତପନର ସାହସ ନ ଥିଲା ସେ ଆଲୁଅ ଆଡକୁ ଅନେଇବାକୁ । ହେଲେ ଆଲୁଅ ପାଖରେ ଶୁଭୁଥିଲା ଫୁସୁରୁ ଫାସର କଥାବାର୍ତ୍ତା । ତପନ ଠିଆ ହେଇଗଲା । ଶୁଣିବାକୁ ଚେଷ୍ଟା କଲା କିଏ ଓ କଣ କଥା ହେଉଛନ୍ତି !

କେହି ଜଣେ କହୁଥିଲା "ଆବେ ଜଗା ତୁ କାଲି କାହିଁକି ଆସିଲୁ ନାହିଁ ଯେ । କାଲି ରୋଜଗାର ଉତ୍ତମ ଥିଲା । ଆମର ସାତଜଣିଆ ଦଳରୁ ଜଣେ ଯଦି ଅନୁପସ୍ଥିତ ରୁହେ ଜମାରୁ ମୋତେ ଭଲ ଲାଗେ ନାହିଁ ।" ଜଗା କହିଲା, "ମୋ ଦେହଟା କାଲି ଆଦୌ ଭଲ ଲାଗିଲା ନାହିଁ ତା ସହିତ ତୋ ଭାଉଜ ମଧ୍ୟ ଆଜି କାମକୁ ଯାଅନାହିଁ କହିଲେ । ହେଲେ ଆମେ ରାତିରେ ଚୋରି କରନ୍ତି ବୋଲି ତୋ ଭାଉଜକୁ କେବେ କହିନାହିଁ, ଆଉ ତମେ ମାନେ କେହି କହିଛ କି ?"

ସମସ୍ତେ ଏକ ସ୍ୱରରେ କହିଲେ "କଣ ଛାଞ୍ଚୁଣୀ ପିଟା ଖାଇବାକୁ କହିବୁ । ଆମକୁ ଚୋର କହି ଛାଡି ପଳେଇବେ । "

ଦଳର ଅନ୍ୟଜଣେ କହିଲା, "ଆମେ ଚୋର, ଡକାୟତ ସହିତ ଆମେ ମଧ୍ୟ ଭୁତ ଓ ପ୍ରେତ । ଏହି ଅଞ୍ଚଳର ଏମିତି ଲୋକ ନାହିଁ ଯାହାର ସାହସ ହେବ ଏହି ବରଗଛ ଦେଇ ଯିବାକୁ । ହଁ ଯିଏ ଚାଲିଗଲା ଚାଲିଗଲା ହେଲେ ଆମ ପାଖକୁ ଆସି ଚିହ୍ନା ଦେବ ଓ ବଞ୍ଚିବ ସେଇଟା ତାର ଭାଗ୍ୟ । ଆମେ ଚୋରି କରନ୍ତି ତା ସହିତ ଦିନସାରା ମଉଜ ମଜଲିସ ମଧ୍ୟ କରନ୍ତି । ଆମର ଅଭାବ କଣ ଅଛି ଯେ । ଆମେ ମାନେ ଏହି ଅଞ୍ଚଳର ଜଣେ ଜଣେ ଧନୀ ଲୋକ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ୟ ଜଣେ କହିଲା, "ହଁ ରେ ଭାଇ କେତେ କଷ୍ଟ କରିବାକୁ ପଡେ, କାହାର ଲୁହା କବାଟ ଓ ପକ୍କା କାନ୍ଥ ଭାଙ୍ଗିବା ଏତେ ସହଜ ନୁହେଁ  ।"

ପୁଣି ଜଣେ କହିଲା, "ଶୁଣ ସମସ୍ତେ ଜାଣିଛ ମୋ ଭଣଜା କାଲିର ରାଜ୍ୟସ୍ତରୀୟ କ୍ରୀଡା ପ୍ରତଯୋଗୀତାରେ ଓଡିଶାରେ ପ୍ରଥମ ହେଲା । ହେଲେ ସେ ମୋର ଭଣଜା ଯେ ! କିନ୍ତୁ କେବେ ତା ସହିତ ମୁଁ କଥା ହୁଏନି । କେଉଁ ବଣ ପଡିଆରେ ପଡିଲା ଭଳି ପଡିଛନ୍ତି ଛି ଛି.. ।"

ପୁଣି ଜଣେ କହିଲା, "ହଁ ଭାଇ ତମେ ନିଜ ଭଉଣୀକୁ ଅଣଦେଖା କରୁଛ । ହେଲେ ଠିକ କରୁନ । ଯାହା ହେଲେ ବି ଭଣଜା ପୁଅ ସମାନ । ତାଙ୍କୁ ଅବହେଳା କରିବା ଉଚିତ ନୁହେଁ । ଭିଣେଇ ମରିଗଲେ ବୋଲି ଭଉଣୀଟାକୁ ଅଳିଆଗଦାରେ ପକେଇଲା ଭଳି ପକେଇ ଦେଇଛ । ତାଙ୍କର ଯତ୍ନ ନେବା ନିହାତି ଆବଶ୍ୟକ ।"

ଏମିତି କଥାବାର୍ତ୍ତା ଗୁଡିକ ତପନ ଶୁଣୁଥାଏ । ଭାବିଲା ମୋ ମାମୁଁ ବଡ଼ ଲୋକିଆ ବୋଲି ମୁଁ ଜାଣିଛି ହେଲେ ସେମାନେ ମୋ ଅଜାଙ୍କ ସମ୍ପତ୍ତିରେ ଆମକୁ ଘର ଖଣ୍ଡେ କରିବାକୁ ଜାଗାଟିକେ ଦେଲେ ନାହିଁ । ହେଲେ ସେ କଣ ଚୋରି କରି ବଡ଼ ଲୋକି ହୋଇଛନ୍ତି ! ମୁଁ ତ ଏତିକି ଜାଣିଛି ଯିଏ ପରିଶ୍ରମ କରେ ସେ ବଡ଼ଲୋକିଆ ହୋଇଥାଏ । ହେଲେ ଏଇଟା ବି ଜାଣିଲି ଯେ ଚୋରି କରି ମଧ୍ୟ ଲୋକ ବଡ଼ଲୋକିଆ ହୁଅନ୍ତି । ମନରେ ଅନେକ ପ୍ରଶ୍ନ ଉଙ୍କିମାରୁଥାଏ ତପନର ।

ପୁଣି ତପନ ଭାବିଲା ଲୋକଙ୍କ ମଧ୍ୟରେ ଏହି ବରଗଛର କୋକୁଆ ଭୟର କାହାଣୀ ଏହି ସାତ ଜଣ । ଏମାନେ ମଣିଷ ନୁହନ୍ତି ସତରେ ଜଣେ ଜଣେ ଭଦ୍ରମୁଖା ପିନ୍ଧା ଭୁତ, ପ୍ରେତ ଓ ରାକ୍ଷସ । ଛି ଛି ଛି.... ଶତ ଧିକ୍କାର ଏମାନଙ୍କର କର୍ମକୁ । ହେଲେ ମାମୁଁ ତ ଏହି ଚୋର ଦଳର । ମୁଁ କାହା ପାଖକୁ ଯିବି ! ଆଜି ମୁଁ ଗୋଟିଏ କଥା ବୁଝିପାରିଲି ଯେ ଭୁତ କଣ ଓ ଏହା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହିଁକି ଭୟଙ୍କର ! ମୋତେ ମୋ ମାଆ ପାଖକୁ ଫେରିଯିବାକୁ ପଡିବ କାରଣ ଏମାନେ ମଦ୍ୟପାନ କରିଛନ୍ତି ତେଣୁ ଏମାନଙ୍କୁ ଭଲ ଖରାପ କିଛି ଜଣାପଡିବ ନାହିଁ । ସମ୍ପର୍କ କଣ ଜାଣିପାରିବେ ନାହିଁ । ହେ ଭଗବାନ ମୋ ମାଆର କଣ ହେଲା ମୋତେ ଯାଇ ଦେଖିବାକୁ ହେବ । ଏମିତି ମନରେ ଚିନ୍ତା କରି, ତପନ ଘରକୁ ଫେରିବାକୁ ପଛକୁ ବୁଲି ପଡିଲା ବେଳକୁ ଅନ୍ଧାରରେ ଏକ ପଥରରେ ଝୁଣ୍ଟି ପଡି ତଳକୁ ପଡିଗଲା । "ଆଃ" ବୋଲି ତା ମୁହଁରୁ ବାହାରିଗଲା । ଆବାଜ ଯାଇ ଚୋରମାନଙ୍କ କାନରେ ବାଜିଲା । "କିଏ ବେ" କହି ଚୋର ମାନେ କୁଦି ପଡିଲେ । ହାତରେ ଖଣ୍ଡା ଓ ଲମ୍ବା ବାଡ଼ି ଧରି । କେହି ଜଣେ ଲମ୍ବ ବାଡ଼ିରେ ତପନର ଅଣ୍ଟା ପାଖକୁ ଏକ ନିର୍ଘାତିଆ ପାହାର ଦେଲା । ତପନ ଆହାଃ କହି ଡାକ ପକେଇଲା ମାଆ ମାଆ । ଖସି ଯିବାର ବାଟ ନ ଥାଏ । ଚାରି ପାଖରୁ ଚୋର ମାନେ ଘେରି ରହିଥାନ୍ତି । ତପନ ଜୀବନ ବିକଳରେ କହି ପକେଇଲା "ମାମୁଁ ମୁଁ ତପନ ।"

କେହି ଜଣେ କହିଲା "ରହିଯାଅ ରହିଯାଅ, ଭାଇ ତୁମ ଭଣଜା" ହେଲେ ମାମୁଁ ସଙ୍ଗେ ସଙ୍ଗେ ମାମୁଁଙ୍କ ମୁହଁରୁ ବାହାରିଲା, "ଆବେ ଏକୁ ଶେଷ କରିଦିଅ । ଚିହ୍ନା ହେଉକି ଅଚିହ୍ନା, ଆମ ଧନ୍ଦାରେ ଏଠାରୁ କେହି ବଞ୍ଚିଲେ ଆମକୁ ବିପଦ । "

ତପନ ଜାଣିନେଲା ଏମାନେ ମୋତେ ମାରିଦେବେ ! ଜୀବନ ବିକଳରେ କହିଲା, ମାମୁଁ ମୋତେ ଛାଡିଦିଅ, ମୋ ମାଆ" ଏତକ କହିଲା ବେଳକୁ ଆଉ ଗୋଟେ ପାହାର ଦେଇଥିଲେ ମାମୁଁ ଓ ଗର୍ଜନ କରିକହିଥିଲେ, "ତୁ ବଞ୍ଚିବୁ ଓ ତୋ ମାଆକୁ ମୋ କାହାଣୀ କହିବୁ, ତୋ ମାଆ ଗାଁ ସାରା ଡିଣ୍ଡରା ପିଟିବ ।" ଏତକ କହି ମାମୁଁ ପୁଣି ଏକ ପାହାର ଦେଲେ ।

(ଭାଗ- ୭ ନିଶ୍ଚୟ ପଢିବେ ଆଗାମୀ ଅଧ୍ୟାୟ )

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଡ଼ିଲ୍‌କ୍ଲାସ୍ ମଣିଷ

'ହାଲୋ, କିଏ କହୁଥିଲେ ?

ଅନସେଭ ନମ୍ବର, ଅସମୟ, ଅଜଣା ସ୍ୱର ହଠାତ ବିରକ୍ତିକର ତଥା ଅନ୍ୟ ମନସ୍କ କରି ପାକାଇଥିଲା ମୋତେ ।

"ଉତ୍ସର୍ଗ" ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜଣେ ଆଗ ଧାଡିର ସକ୍ରିୟ କର୍ମୀ ମୁଁ । କିଛିଦିନ ହେବ ଏ ଅନୁଷ୍ଠାନର ସମସ୍ତ ଜନ ହିତକର କାର୍ଯ୍ୟରେ ନିଜକୁ ଉତ୍ସର୍ଗୀକୃତ କରିଛି । ପ୍ରତ୍ୟେକ ଦିନ କିଛି କିଛି ସମାଜ ସେବାରେ ନିଜକୁ ଉତ୍ସର୍ଗ କରି ଆସିଛି, ପ୍ରଶଂସନୀୟ କାମ ଭିତରେ 'ସନ୍‌ଡେ ମିସନ' ଅନ୍ୟତମ । ଏହି ମିସନ ମାଧ୍ୟମରେ ରାସ୍ତା କଡରେ ବାସହୀନ ଅସହାୟ ଭୋକିଲା ମଣିଷମାନଙ୍କ ନିକଟରେ ଉତ୍ସର୍ଗ ରନ୍ଧା ଖାଦ୍ୟ ନେଇ ପରସି ଦେଇଥାଏ, ସେଥିରେ ଥିବା ଐଶ୍ୱରିକ ଅନୁଭୂତି କେବଳ ଅନୁଭବି ହିଁ ଜାଣେ । ପ୍ରଶାସନ ଅନେକ ସମୟରେ ଉତ୍ସର୍ଗକୁ ପ୍ରଶଂସା କରିଛି ଏହି 'ସନ୍ ଡେ' ମିସନ ପାଇଁ । କେବଳ ସନ୍ ଡେ ମିସନ ନୁହଁ ବରଂ ଅସମୟରେ ଅସହାୟ ମାନଙ୍କର ବଞ୍ଚିବାର ରାହା ଆମ ଉତ୍ସର୍ଗ ଅନୁଷ୍ଠାନ ।



ଗଦାଧର ବଳ

କିନ୍ତୁ ଏହି କାରୋନା ମହାମାରୀ ସମୟରେ ଲାଗୁ ହୋଇଥିବା ଲକ୍ ଡାଉନ, ସଟ ଡାଉନ ଅନେକ ଲୋକମାନଙ୍କୁ ଉପାସ ରହିବାକୁ ବାଧ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଛି । ଘରୁ ବାହାରକୁ ବାହାରିଲେ ଭୁତାଣୁର ଭୟ ପ୍ରଶାସନିକ କଟକଣା, ଘରେ ରହିଲେ ଗୋଟା ଉପାସ । ଅବଶ୍ୟ ଧନୀ ଲୋକମାନେ ସେମାନଙ୍କ ସଞ୍ଚିତ ଅର୍ଥରେ  ଓ ଗରିଣ ଶ୍ରେଣୀର ଲୋକମାନେ ସରକାରୀ ବେସରକାରୀ ସଂସ୍ଥାର ଆର୍ଥିକ ପ୍ରୋତ୍ସାହନରେ ଚଳିବାରେ କିଛି ଅସୁବିଧା ହେଉନି । ତା ପରେ ବି ଅନେକ ଭୋକିଲା ପେଟରେ ଏହି ମହାମାରୀରେ ଭୋକ ଉପାସରେ ନିଜର ଜୀବନ ବିତାଉଛନ୍ତି ।

ନିଶ୍ଚିତ କେହି ଜଣେ ଭୋକିଲା ଲୋକ ଉପବାସରେ ରହି ଖାଦ୍ୟ ପାଇଁ ଉହଳ ବିକଳ ହେଉଥିବ, ଏକଥାକୁ ଆମ ସଂସ୍ଥା ସହୃଦୟତାର ସହ ଗ୍ରହଣ କରିଥାଏ ।

ଫୋନର ସେପଟୁ ଜଣେ ବୟସ୍କ ଲୋକର କଣ୍ଠ ସ୍ୱର ଶୁଭୁଥାଏ । କହିଲେ, "ବାବୁ ଉତ୍ସର୍ଗରୁ କହୁଛନ୍ତି ?"

"ହଁ ! କଣ ହେଲା ?" ମୁଁ ଉତ୍ତର ଦେଲି  ।

"ବାବୁ ଦୁଇ ତିନି ହେବ ଗୋଟା ଉପାସ । କିଛି ଖାଦ୍ୟ ସହାୟତା କରିବେ ? "

ନିଶ୍ଚିତ ଆମ ସଂସ୍ଥାର ତ କାମ ହିଁ ତାହା ।

"କୁହନ୍ତୁ, କେଉଁଠି ପହଞ୍ଚିବା ପାଇଁ ପଡିବ ?"

"ବାବୁ ନୀଳକଣ୍ଠ ନଗର, ଲେନ ନମ୍ବର ଦୁଇ, ପ୍ଲଟ ନମ୍ବର ବି, ୩୪ ।"

ବି ୩୪ ମାନେ ସହର ଅସଂଖ୍ୟ ଆଭିଜାତ୍ୟ ସମ୍ପର୍ଣ୍ଣ ଅଟ୍ଟାଳିକା ମଧ୍ୟରୁ ଅନ୍ୟତମ କଂକ୍ରିଟ ଜଙ୍ଗଲ । ସନ୍ଦେହ ହେଲା । କ୍ଲିୟର ହେବା ପାଇଁ ପୁଣି ପଚାରିଲି, "ହଁ ସେହି ବିଲଡିଙ୍ଗ ଠାରୁ କେତେ ଦୂର ?"

"ଆପଣ ସେଇ ବିଲଡିଙ୍ଗ ପାଖକୁ ଆସନ୍ତୁ ,ମୁଁ ଆପାଣଙ୍କ ପାଖରେ ପହଞ୍ଚି ଯାଇ ନେଇ ଆସିବି ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଠିକ ଅଛି, ୧୫/୨୦ ମିନିଟ ଭିତରେ ଯାଇଆପଣଙ୍କ ପାଖରେ ପହଞ୍ଚୁଛି ।"

ଫୋନ କାଟି ଦେଇ କଣ ଖାଦ୍ୟ ଅଛି ତୁରନ୍ତ ପ୍ୟାକ୍ କରିବା ପାଇଁ ନିଜେ କିଚେନ ଭିତରକୁ ପଶିଗଲି । ସମୟ ସେତେବେଳକୁ ସନ୍ଧ୍ୟା ପ୍ରାୟ ୭ଟା ହେବ । ସେ ସମୟରେ ରାତ୍ରି ଭୋଜନ ପ୍ରସ୍ତୁତି ଚାଲିଛି । କଣ କରିବି ସହଯୋଗୀକୁ କହିବା ପରେ ସେଦିନ ଦ୍ୱିପହରରେ ବିଳମ୍ବିତ ସମୟରେ ପ୍ରସ୍ତୁତ କିଛି ଖାଦ୍ୟ ବଳକା ଥାଏ । ତୁରନ୍ତ ପ୍ୟାକ କରିଦେବା ପାଇଁ କହିଲି । ଖାଦ୍ୟ ପ୍ୟାକେଟ ସହ ମୋଟର ସାଇକେଲ ନେଇ ତୁରନ୍ତ ଧାଇଁଗଲି ପ୍ରଦତ୍ତ ଠିକଣାରେ । ଉତ୍ସର୍ଗ ଅଫିସ ନିକଟରୁ ପନ୍ଦର ମିନିଟର ରାସ୍ତା । ସେଠାରେ ଦିଆ ଯାଇଥିବା ଠିକଣାରେ ପହଞ୍ଚି ଘର ତ ପାଇଗଲି । ମାତ୍ର ଫୋନ କରିଥିବା ଲୋକ ଯେ କେଉଁଠି ରହୁଛି । ଏଠି ତ ବଡବଡ ଅଟ୍ଟାଳିକା । ସହର ଧନୀକ ଶ୍ରେଣୀର ଲୋକମାନଙ୍କ ଆବାସିକ ରାଜପ୍ରାସାଦ ସଦୃଶ ନଭଶ୍ଚୁମ୍ବୀ  ଅଟ୍ଟାଳିକାମାନ ଦଣ୍ଡାୟମାନ । ଆଭିଜାତ୍ୟର ଆତ୍ମ ଗର୍ବରେ ସେମାନେ ଉତ୍‌ଫୁଲିତ । ବିଲଡର କମ୍ପାନୀ ଦ୍ୱାରା ନିର୍ମିତ୍ତ ହୋଇ ଉଚ୍ଚବେତନଧାରି ଅନେକ କର୍ମଚାରୀମାନଙ୍କୁ ଆବଣ୍ଟନ କରାଯାଇଛି । ସପରିବାର ସେମାନେ ଅବସ୍ଥାନ କରୁଛନ୍ତି, ଅଟ୍ଟାଳିକାମାନଙ୍କର ନିୟୋଜିତ ସିକ୍ୟୁରିଟି ଦାରିଦ୍ର୍ୟକୁ ଯେମିତି ସେଠାରେ ପ୍ରବେଶର ଅନୁମତି ଦେଉ ନଥାନ୍ତି । ସେହି  ଅଟ୍ଟାଳିକାମାନଙ୍କରେ ରହୁଥିବା ଲୋକ ଯେ ଉପବାସରେ ଖାଦ୍ୟ ଅନ୍ୱେଷଣରେ ଭୋକରେ ଆଉଟୁ ପାଉଟୁ ହୋଇ ଦରିଦ୍ରମାନଙ୍କ ପାଇଁ ଉର୍ଦ୍ଧିଷ୍ଟ ମାଗଣା ଖାଦ୍ୟ ପ୍ରଦାନକାରୀ ସଂସ୍ଥାକୁ ସାମାନ୍ୟ ଖାଦ୍ୟ ପାଇଁ ସହାୟତାର ଆକୁଳ ନିବେଦନ କରିବ ଏକଥାକୁ କାହିଁକି ସହଜରେ ବିଶ୍ୱାସ କରି ପାରୁ ନଥିଲି ସେତେବେଳେ । ସନ୍ଦେହର ନିର୍ବାପିତ ଅଗ୍ନି କ୍ରମଶଃ କୁହୁଳି କୁହୁଳି ମୋ ମନ ମାନଚିତ୍ରକୁ ଅଧିକ ଧୂମ୍ରାକ୍ତ କରି ପକାଇଲା ।

ପକେଟରୁ ମୋବାଇଲ କାଢି ସେହି ନମ୍ବରକୁ କଲ୍ ବେକ କଲି । ସେହି ପୁରୁଣା କଣ୍ଠ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱର ।

କହିଲି "ଆପଣଙ୍କ ଘର ଠିକଣା ଦିଅନ୍ତୁ ।"

ସେ ପଟୁ ସେ କହିଲେ, "ଆପଣ କଣ ପହଞ୍ଚି ଗଲେଣି ?"

"ହଁ ପ୍ଲଟ ନମ୍ବର ବି, ୩୪ ଗେଟ ନିକଟରେ ଅଛି ।"

"ଅଳ୍ପ ସମୟ ଅପେକ୍ଷା କରନ୍ତୁ ପହଞ୍ଚି ଯାଉଛି ।"

ସାମାନ୍ୟ କିଛି ସମୟ ମଧ୍ୟରେ ଜଣେ ବୟସ୍କ ବ୍ୟକ୍ତି ସେହି ଅଟ୍ଟାଳିକାର ପାହାଚରୁ ଓହ୍ଲାଇ ମୋ ପାଖକୁ ଆସି ସାଥିରେ ତାଙ୍କ ବାସ ଗୃହକୁ ନେଇ ଯାଇଥିଲେ । ଘରେ ପଶିବା ଘର ସାମ୍ନାରେ ଏକ ଦାମୀ କାର, ମୋଟର ସାଇକେଲଟିଏ ବି ଛିଡା ହୋଇଥାଏ । ଘର ଭିତରେ ପ୍ରବେଶ ମାତ୍ରେ ଦୃଶ୍ୟମାନ ହେଲା ଆଭିଜାତ୍ୟର ପ୍ରତିଛବି । ଦାମି ସୋଫା, ବୃହତ ଆକ୍ୱାରିୟମ ସୁସଜ୍ଜିତ ବୈଠକ ଖାନା, କାନ୍ଥରେ ଲଟକା ଯାଇଛି ସିନେମା ହଲ ଭ୍ରମ ସୃଷ୍ଟି କରୁଥିବା ବୃହତ ଟେଲିଭିଜନଟିଏ । ଆଭିଜାତ୍ୟର ପ୍ରତିଛବି ପ୍ରତିଫଳିତ ହେଉଥାଏ । ଆଭିଜାତ୍ୟର ଭୀଷଣ ଭିଡ ଭିତରେ ଦାରିଦ୍ର୍ୟର ଲେସ ମାତ୍ର ବି ନଥାଏ । ବସିବା ପାଇଁ ଅନୁରୋଧ କରି ବୟସ୍କ ବ୍ୟକ୍ତି ଜଣକ ଘର ଭିତରକୁ ତର ତର ହୋଇ ଚାଲି ଯାଇଥିଲେ ।

ମନ ଭିତରକୁ ମୋର ଅନେକ ପ୍ରଶ୍ନବାଚି ଧସେଇ ପଶିଥିଲା । ବୃଦ୍ଧ ବ୍ୟକ୍ତିଙ୍କ ପ୍ରତି ଅତ୍ୟଧିକ ଘୃଣାଭାବ ଜାତ କରିବାରେ ଲାଗି ପଡିଥାନ୍ତି । ସତରେ କେତେ ନିର୍ଲଜ ଏ ମଣିଷ ଗୁଡା, ଆଭିଜାତ୍ୟର ଅହମିକାରେ ଅନ୍ଧ ଆତ୍ମଗର୍ବି ଅମଣିଷଗୁଡା ସୁଉଚ୍ଚ ଅଟ୍ଟାଳିକାରେ ରହିବା ପରେ ଅନ୍ୟ ମଣିଷ ଗୁଡାକ ତାଙ୍କୁ ନନ୍ଦନକାନନର ପଶୁପକ୍ଷୀ ପରି ଲାଗେ । ଅହମିକାର ଅନ୍ଧ ମଣିଷମାନେ ଅନ୍ୟକୁ ଇତର ପରି ଲାଗନ୍ତି । କିନ୍ତୁ ନିଜର ପଦପଦବୀ, ପରିବାର ଆଭିଜାତ୍ୟ, ଉଚ୍ଚ ବେତନଙ୍କୁ ଭୁଲି ଯାଇ ଗରିବମାନଙ୍କ ପାଇଁ ଉର୍ଦ୍ଧିଷ୍ଟ ଖାଦ୍ୟକୁ ଖାଇବା ପାଇଁ ବି ପଛ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଘୁଞ୍ଚା ଦିଅନ୍ତି ନାହିଁ । ପ୍ରତିଦିନ ଆହାର କେନ୍ଦ୍ର ସାମ୍ନାରେ ଗରିବ ଅନାହାର ଲୋକମାନଙ୍କ ଅପେକ୍ଷା ଏହି ବେସରମ ଲୋକମାନଙ୍କ ଲମ୍ବା ଧାଡି ରାଜ୍ୟରାଜ କୋଷର ଆର୍ଥିକ ମାନଦଣ୍ଡର ମାପକାଠି ବନି ଯାଇଥାଏ ।ଏମିତି ବେସରମ ତଥା କଥିତ ଗରିବମାନେ ଦେଶର ଆର୍ଥିକ ମାନଦଣ୍ଡକୁ ଦୁର୍ବଳ କରିବାର ପ୍ରୟାସ ଜାରି ରଖନ୍ତି । ବୃଦ୍ଧ ବ୍ୟକ୍ତି ଉପରେ ପୁଳା ପୁଳା ଘୃଣା ମନ ଭିତରେ ଅନେକ ପ୍ରଶ୍ନ ଛିଡା କରି ସାରିଥିଲା ।

କିଛି କ୍ଷଣ ଅନ୍ତରରେ ବୃଦ୍ଧ ବ୍ୟକ୍ତି ଜଣକ ହାତରେ ଗୋଟିଏ ଥାଳି ଧରି ଫେରି ଆସି ଖାଦ୍ୟ ଦେବା ପାଇଁ ମୋତେ ଇସାରା ଦେଇ ଥଲେ ।

"ବାବୁ ଏଇ ଥାଳିରେ ଖାଦ୍ୟ ରଖ ।"

ହଁ ଖାଦ୍ୟ ତ ଆଣିଛି ନିଶ୍ଚୟ ଦେବି, କିନ୍ତୁ ଆପଣମାନଙ୍କ ପରି ଆଭିଜାତ୍ୟ ସମ୍ପର୍ଣ୍ଣ ଲୋକମାନେ ଗରିବ ନିସହାୟ ଲୋକମାନଙ୍କ ଖାଦ୍ୟକୁ ମାଗଣାରେ ନେବା ବେଳେ ଆପଣଙ୍କ ବିବେକ  ସାମାନ୍ୟ ପ୍ରତିରୋଧ କାରେନି ? ଜାଣନ୍ତି ଏହି ଲକ ଡାଉନରେ କେତେ ଲୋକ ଖାଦ୍ୟ ପାନୀୟ ବିନା ରାସ୍ତା କଡରେ ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି ?

ବୟସ୍କ ଲୋକ ଜଣଙ୍କ ମୋର ବିପରୀତ ଦିଗରେ ପଡିଥିବା ସୋଫା ଉପରେ ନିଜର ବାର୍ଦ୍ଧକ୍ୟର ବେକାବୁ ଶରୀରକୁ ସାମାନ୍ୟ ଆରାମ ଦେବାର ପ୍ରୟାସରେ ଦୀର୍ଘ ଶ୍ୱାସଟିଏ ପକାଇ ବସି ପଡିଥିଲେ, ଆଉ ଧୀର, ଶୁଷ୍କ, ରୁଗ୍ଣ, ଭୋକ ସନ୍ତପ୍ତ କଣ୍ଠସ୍ୱରରେ ନିଜର କୋହ ପରିପ୍ରକାଶ କରିବାର ପ୍ରୟାସ କରିଥିଲେ ।

କ୍ରମଶଃ ଥର ଥର ରୁଗ୍ଣ କଣ୍ଠ ସ୍ୱରରେ ନିଜର କୋହ ପରିପ୍ରକାଶ କରିବାର ପ୍ରୟାସରେ କହି ପକାଇ ଥିଲେ, "ଦେଖ ବାବୁ, ମୁଁ ସତ କଥା କହୁଛି ଆଜିକୁ ତିନି ଦିନ ହେବ କିଛି ବି ଖାଇନି । ଘରେ ମୁଠାଏ ଚାଉଳ ବି ନାହିଁ । କି ପକେଟରେ ଟଙ୍କାଟିଏ ବି ନାହିଁ, ଗ୍ୟାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସିଲିଣ୍ଡର ବି ଫାଙ୍କା, ଭରିବା ପାଇଁ ପାଖରେ ଟଙ୍କା ନାହିଁ । ୪/୫ ଦିନ ହେବ ଗୋଟା ଉପାସ । ଏପରିକି ଏହି ଲକଡାଉନରେ ପଡୋଶିଙ୍କୁ ଖାଦ୍ୟ ମାଗିବା ପାଇଁ ତାଙ୍କ ଘରକୁ ଯିବା ପାଇଁ କେବଳ ଭୟ ଲାଗୁନି ଲାଜ ବି ଲାଗୁଛି । ତା ବାଦ କିଏ ବା କେଉଁ ବାହାର ଲୋକଙ୍କୁ ଏ ସମୟରେ ଘରେ ପଶିବା ପାଇଁ ଅନୁମତି ଦେବ ଯେ ?"

"ଆପଣଙ୍କ ପରିବାରରେ କ'ଣ ଆଉ କେହି ଆଉ ନାହାନ୍ତି ?"

"ହଁ ବାବୁ ମୋର ଗୋଟିଏ ବୋଲି ପୁଅ, ଏ ଘର ତାର । ନାତି ବି ଗୋଟେ ଅଛି, ସ୍କୁଲ ଯିବା ଆରମ୍ଭ କରିଛି ଯେ ମହାମାରୀ ପାଇଁ ସ୍କୁଲ ବନ୍ଦ ଘରେ ରହୁଥିଲା । ଗତ ୮/୧୦ ଦିନ ତଳେ ପୁଅ ବହୁ କିଛି କାମ ଅଛି କହି ବାହାରକୁ ଦୁଇ ଦିନ ପାଇଁ ମୋତେ ଏଠାରେ ଛାଡି ଦେଇ ଯାଇଛନ୍ତି ଯେ ଏ ଯାଏ ଫେରି ନାହାନ୍ତି । ସେହିଦିନରୁ ତାଙ୍କ ମୋବାଇଲ ଆଉଟ ଅଫ ନେଟ ୱାର୍କ ଦେଖାଉଛି ।"

"ଗଲା ବେଳେ ସେମାନେ କ'ଣ ଆପଣଙ୍କ ପାଇଁ କିଛି ବନ୍ଦୋବସ୍ତ କରି ଯାଇ ନାହାନ୍ତି ?"

"ନା ମୋ ଖର୍ଚ୍ଚ ପାଇଁ କିଛି ଟଙ୍କା ବି ଦେଇ ଯାଇନାହାନ୍ତି । ଟଙ୍କା କେଉଁଠୁ ଆଣିବ ସେ ବିଚରା ? ବଳକା ହେଲେ ତ ? ଯେତେ ଦରମା ପାଉଛି ତାକୁ ତ ନିଅଣ୍ଟ ମାସ ଶେଷରେ ଯାହା ଦରମା ପାଏ ବ୍ୟାଙ୍କରୁ ଆଣିଥିବା ଲୋନ ବାବଦ ଅଧା ଟଙ୍କା କଟିଯାଏ, ଆଉ ଅଧା ଟଙ୍କା ଭିତରୁ କାର ଋଣ ପାଇଁ ମାସିକ କିସ୍ତି, ଘରଭଡା ସବୁ ଗଲାପରେ ସାମାନ୍ୟ କିଛି ଟଙ୍କାରେ ଆମେ ବାଧ୍ୟ ହେଉ ମାସକ ଯାକ ଦୁଃଖ କଷ୍ଟରେ ଚାଳିବା ପାଇଁ ବାଧ୍ୟ ହେଉ ।

"ପୁଅ ଆପଣଙ୍କର କ'ଣ କରେ ?"

"ପ୍ରାଇଭେଟ କମ୍ପାନୀର ସାମାନ୍ୟ କିରାଣୀ ଟିଏ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଦରମା କେତେ ପାଏ ?"

"ମାତ୍ର ୨୧ ହଜାର ଟଙ୍କା ।"

"ତା ହେଲେ ଏ ଘର କେମିତି ଚଳେ ?"

ଦେଖନ୍ତୁ ବାବୁ ମୋର ପୈତୃକ ଘର ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳର । କଲିକତାରେ ସୂତା କଳରେ ଚାକିରି କରି ଅବସର ନେଇଛି । ବିଳମ୍ବରେ ବାହାଘର ଓ ପୁଅ ଜନ୍ମ ବେଳକୁ ମୋର ବୟସ ଚାଳିଶି ପାରି ହୋଇ ସାରିଥାଏ । ସେହି ଏକ ମାତ୍ର ପୁଅ, ରୋଗିଣା ସ୍ତ୍ରୀକୁ ନେଇ ମୋ ପରିବାର ହସ ଖୁସିରେ ଚଳି ଯାଉଥିଲା । ଯାହା ଦରମା ପାଏ, ସ୍ତ୍ରୀର ଔଷଧ ଖର୍ଚ୍ଚ ବଡ ପୁଅର ପାଠ ପଢ଼ାରେ ଖର୍ଚ୍ଚ ହୋଇ ଯାଉଥିଲା । ପତ୍ନୀର ଡାକ୍ତରୀ ଖର୍ଚ୍ଚ କ୍ରମଶଃ ବଢିବାରେ ଲାଗିଲା । ଗାଁରେ ଥିବା କିଛି ପୈତୃକ ସମ୍ପତ୍ତିକୁ ତା ପାଇଁ ବିକିବାକୁ ବାଧ୍ୟ ହେଲି । ଏପଟେ ପୁଅ ପଢା ଶେଷରେ ଚାକିରି ଖୋଜି ଖୋଜି ବୟସ ବି କ୍ରମଶ ବଢିବାରେ ଲାଗିଲା । ଚାକିରି ନ ପାଇବା ଯାଏ ବିବାହ କଲା ନାହିଁ ସେ । ଏମିତି ବେଳକୁ ବହୁତ ପ୍ରଚେଷ୍ଟା ସତ୍ତ୍ୱେ ସ୍ତ୍ରୀର ଦେହାନ୍ତ ହୋଇଗଲା । ଆରପାରିକୁ ଚାଲିଗଲାଣି ଯେ ପୁଳା ପୁଳା ଦୁଃଖକୁ ମୋ କାନ୍ଧରେ ଲଦି ଦେଇଗଲା । ମା ମରିବାର କିଛି ଦିନ ପରେ ବାଧ୍ୟ ହୋଇ ପୁଅ ଏଠାରେ ଏକ ପ୍ରାଇଭେଟ କମ୍ପାନୀରେ ଚାକିରି କଲା । ରାଜକୀୟ ଉଚ୍ଚ ମାନସିକତା ଚିନ୍ତାଧାରା ସମ୍ପର୍ଣ୍ଣ ପୁଅ ମୋର ସବୁବେଳେ ଅୟସରେ ରହିବାର ପ୍ରୟାସରେ ଲାଗି ପଡି ମୋର ଯାହା ସଞ୍ଚିତ ଧନକୁ ଖର୍ଚ୍ଚ କରି ଦେଇଥିଲା । ମାଆକୁ ହରେଇ ଥିବା ଏକ ମାତ୍ର ପୁଅର ଜିଦକୁ ଅଣଦେଖା କରିବାର ସାହସ ମଧ୍ୟ କରି ନଥିଲି । ତା ଭିତରେ ଚାକିରିରୁ ଅବସର ନେଇଥିଲି । ମାଆ ଯିବା ପରେ ଛୋଟ ଚାକିରି ହେଉ ପଛେ ପୁଅର ନିଯୁକ୍ତି ସରିଥିବାରୁ ସେ ରାଜି ହୋଇଥିଲା ବିବାହ ପାଇଁ । ତାର ପସନ୍ଦ ମୁତାବକ ଝିଅକୁ ବିବାହ କରିଥିଲା ସେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପତ୍ନୀ ବି ତା ପରି ସମାନ ମାନସିକତା ସମ୍ପର୍ଣ୍ଣର ଥିଲା । ବିବାହ ସମୟରେ ଗୋଟିଏ ପୁଅ ଥିବାରୁ ତାର ଇଚ୍ଛା ମୁତାବକ ବହୁ ଆଡମ୍ବର ସହକାରେ ଲାକ୍ଷାଧିକ ଟଙ୍କା ଖର୍ଚ୍ଚ କରି ତାର ବାହାଘର କରାଇଥିଲି, ଆଉ ରିଟାୟାର୍ଡ ବେଳକୁ ପାଇଥିବା ପ୍ରାୟ ସମସ୍ତ ଟଙ୍କା ସେତେବେଳେ ଖର୍ଚ୍ଚ ହୋଇ ଯାଇଥିଲା । ବୋହୂ ମୋର ପୁଅଠାରୁ ଅନେକ ଗୁଣରୁ ଅଧିକ ଉଗ୍ର ଆଧୁନିକ ମାନସିକତା ସମ୍ପର୍ଣ୍ଣ । ତେଣୁ ସେ ସମାଜର ପ୍ରତିଷ୍ଠିତ ଲୋକମାନଙ୍କ ପରି ଅୟସ ଆରାମରେ ଜୀବନ ବିତେଇବାର ପ୍ରୟାସରେ ଏହି ଘରକୁ ଆସି ଭଡାରେ ରହିଛି । ମାସିକ ଭଡା ବାଦ ଘରେ ଯେତେ ବି ଆସବାବ ପତ୍ର ଦେଖୁଛନ୍ତି ସବୁ ଲୋନ କରି ଆଣିଛି । ପୁଅର ମୋଟର ସାଇକେଲଟିଏ ଥିଲା, ତାକୁ ଅଫିସ ଯିବା ଆସିବା କରିବା ପାଇଁ ଠିକ ଥିଲା । ମାତ୍ର ସମାଜରେ ପ୍ରତିଷ୍ଠା ବଢିବାର ପ୍ରତିଯୋଗୀତା ପାଇଁ ବହୂର କଥାରେ ପଡି ମାସିକ କିସ୍ତିରେ କାରଟିଏ ନେଇ ଆସିଲା । ପୁଅ ରୋଜଗାରର ସମସ୍ତ ଟଙ୍କା ଘର ଭଡା, ପୁଅର ସ୍କୁଲ ଫିସ, ଲୋନ ଦେବା ବାବଦରେ କଟିଯିବା ପରେ ଆଉ ଅଳ୍ପ ଟଙ୍କା କିଛି ବଳକା ରହେ, ଯେଉଁଥିରେ ଆମେ ସମସ୍ତେ ଦୁଃଖ କଷ୍ଟରେ ଚଳି ଯାଉଥିଲୁ । ମାତ୍ର ଏ କରୋନା ମହାମାରୀ ଆସିବା ପରେ ପୁଅର ଅଫିସରେ ଅଧା ଦରମା ମିଳିଲା, ସମସ୍ତ ଟଙ୍କା ପରିଶୋଧ କରିବାରେ ସେ ଅସୁବିଧା ଭୋଗିବା ପରେ ହାଇଦ୍ରାବାଦରେ ଆଉ ଗୋଟିଏ କମ୍ପାନୀର ଚାକିରି ଅଫର ପାଇ ସେଠାକୁ ଦଶଦିନ ହେବ ପିଲାମାନଙ୍କୁ ଧରି ଯାଇଛି ଯେ ତାର କିଛି ଖବର ଅନ୍ତର ବି ନାହିଁ । ମୁଁ ଅବା କେତେ ଦିନ ଏମିତି ଭୋକ ଉପାସରେ ରହିଥାନ୍ତି ଯେ ? ଭୋକ ଉପାସରେ ମରିଯିବା ଅପେକ୍ଷା ବାଧ୍ୟ ହୋଇ ତମକୁ ଫୋନ କଲି ।”

ଏହା ଭିତରେ କ୍ଷୁଦ୍ଧାର୍ତ୍ତ ବୃଦ୍ଧ ଜଣଙ୍କ ନିଜର କ୍ଷୁଧା ମେଣ୍ଟାଇବା ପାଇଁ ମୋ ହାତରୁ ଖାଦ୍ୟ ପୁଡିଆକୁ ନେଇ ଯାଇ ମହାଆନନ୍ଦରେ ତଳେ ବସି ପଡି ଖାଇବା ଆରମ୍ଭ କରି ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରି ଥିଲେ । ଆଉ ମୁଁ ଏପଟେ ଚିନ୍ତାରେ ଥିଲି ଜଣେ ମଧ୍ୟବିତ୍ତ ଶ୍ରେଣୀର ମଣିଷର ଦୁଖଃର ହିସାବ ନିକାଶରେ । ମଧ୍ୟବିତ୍ତର ଦୁଃଖକୁ ମୋର ମାଟି ସିଲଟର ଚକ ଖଡିରେ ମିଶାଣ ଫେଡାଣରେ ବ୍ୟସ୍ତ ଥାଇ ଭାଗ ଶେଷକୁ ଦରାଣ୍ଡି ଚାଲିଥିଲି । ସେମାନେ ନା ଧନୀ ମଣିଷ ପରି ସଞ୍ଚିତ ଅର୍ଥରେ  ଜୀବନ ଅତିବାହିତ କରନ୍ତି ନା ଗରିବ ପରି ସରକାରୀ ସହାୟତାକୁ ଚାହିଁ ବସିଥାନ୍ତି । ଆଭିଜାତ୍ୟର ସ୍ୱପ୍ନରେ ବିଭୋର ମଧ୍ୟବିତ ଲୋକଟିର ଆଖି କେବେ କେବେ ଅବୁଝା ହୋଇଯାଏ ତ ସେମାନଙ୍କ ଲୁହ ବି ଅବୁଝା ହୋଇପଡେ । ଆଉ ସେହି ଲୁହ କେବେ କେବେ ନିଜର ଜାଗା ବଦଳାଇ ଦେଇ ଓଠ ତଳେ ଲୁଚିଥିବା ହସକୁ ମଧ୍ୟ ଧୋଇ ନେଇ ଯାଇ ଥାଏ । ମୁଁ ଦେଖି ଚାଲି ଥିଲି କ୍ଷଧାର୍ତ୍ତର ମୋହକୁ ଆଉ ଉପଭୋଗ କରିଥିଲି ମଧ୍ୟବିତ୍ତର କୋହକୁ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମମତା କର୍ଫ୍ୟୁ

ଆରେ ସକାଳୁ ଆଠଟା ହୋଇଗଲାଣି ! ଆଜି ଆଉ ବାହାରକୁ ଯାଇ ହବନି  ମର୍ଣିଂୱାକ ପାଇଁ । କି କରୋନା ଭୁତାଣୁ ଆସିଲା ଯେ, ସମସ୍ତଙ୍କୁ ଅଣ ନିଃଶ୍ୱାସ କରିଦେଲା । ଅଗଣାରେ ଥିବା ଗଛରେ ପାଣି ଦେଉ ଦେଉ ମନେ ମନେ କହି ଚାଲିଲେ ସୁଧାଂଶୁ ବାବୁ । ପାଖରେ ପଡ଼ିଥିବା ଚେୟାରଟାକୁ ଟାଣିଆଣି ବସି ପଡ଼ିଲେ । ପତ୍ନୀ ପୁଷ୍ପାଙ୍କୁ ଡାକ ଦେଲେ,, "କଣ ଟିକେ ଚାହା ପାହା ହେବ କି !"

ପୁଷ୍ପା ଚା କପଟି  ସାଙ୍ଗକୁ ସୁଗର ଫ୍ରି ବିସ୍କୁଟ କେଇଟା ସୁଧାଂଶୁଙ୍କୁ ଧରାଇ ଦେଲେ । ସୁଧାଂଶୁ ବାବୁ ପାଖ ଚେୟାରଟାକୁ ଟାଣି ଆଣି ଇଙ୍ଗିତ ଦେଇ କହିଲେ ବସୁନ !

ପୁଷ୍ପା କହିଲେ ନାଇଁ ନାଇଁ ମୋର ବସିବାକୁ ବେଳ ନାହିଁ । ବହୁତ୍ କାମ ପଡ଼ିଛି । ଚାକରାଣୀ ଆସିବନି ବୋଲି  ଭୁଲିଗଲାଣି କି ? କେତେ କାମ ପଡ଼ିଛି । ଆଜି ପୁଣି ଆଳୁପରଟା କରିବାର ଅଛି । କାଲିଠୁ ବୁଲାର ବରାଦ ଥିଲା ।



ଡଃ ଆଭାଞ୍ଜଳି
ଶତପଥୀ

–ହଁ ମୁନି ଆଉ ଚୁନୁ ଉଠିଲାଣି ନା ? ପଚାରିଲେ ସୁଧାଂଶୁ ବାବୁ ।

ମୋତେ କାହିଁକି ପଚାରୁଛ ? ମୋ ଡାକରେ ସେମାନେ କଣ ଉଠି ଯିବେ ? ତାଙ୍କପାଇଁ ତ ସ୍ପେଶାଲ ସମୟରେ ସୂର୍ଯ୍ୟ ଉଦୟ ହୁଅନ୍ତି । କହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଝାଡ଼ୁ, ଡଷ୍ଟିଂ କପଡ଼ା ଧରି ଘର କାମ ଆରମ୍ଭ କରିଦେଲେ ପୁଷ୍ପା ।

ବୁଲୁ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ଛାତ୍ର । ଇଞ୍ଜିନିୟରିଂ ଏନ୍‌ଟ୍ରାନ୍‌ସ (entrance) ପାଇଁ ଗୋଟେ କୋଚିଂ ସେଣ୍ଟରରେ ତାର ଆଡ଼ମିଶନ୍ ହେଇ ଯାଇଛି । ଆଉ ମୁନି ଫାଇନାଲ ଇଆର୍ ଇଞ୍ଜିନୟରିଙ୍ଗ୍ କରୁଛି । ଚେନ୍ନାଇରେ ରହି ପଢ଼େ । କୋଭିଡ୍ ପାଇଁ ତାଲାବନ୍ଦ ହେଇଗଲା । ହଷ୍ଟେଲରେ ବି ତାଲା ଲାଗିଗଲା । ସମସ୍ତଙ୍କ ପରି ସେ ଘରକୁ ପଳେଇ ଆସିଛି ।

ଝାଡ଼ୁ ଓ ଡଷ୍ଟିଂ କପଡ଼ା ସହିତ ପଶିଗଲେ ମୁନି ରୁମ୍ କୁ ପୁଷ୍ପା । ଏସିଟାକୁ ୨୦ଡିଗ୍ରୀରେ ଦେଇ କମ୍ଫର୍ଟର ଘୋଡ଼େଇ ହୋଇ ଚେତା ହରେଇଲା ଭଳି ପଡ଼ିଛି ମୁନି ।

--ଆଲୋ ମୁନି ଆଠଟା ହେଲାଣି । ଉଠିବୁନି କି ?

-ଓହୋ ମମି ମୋତେ ଡିଷ୍ଟର୍ବ କରନି । କମ୍ଫର୍ଟରଟାରେ ମୁହଁ ଢାଙ୍କିଦେଇ କହିଲା ମୁନି ।

---ହଉଲୋ ଜେମା ମଣି ଆଉ ଦୁଇ ଘଡ଼ି ବିଛଣାରେ ପଡ଼ିଥା ।_ଗୁଣୁ ଗୁଣୁ ହୋଇ_କହି ଆର ବଖରାକୁ ଚାଲି ଆସିଲେ ପୁଷ୍ପା ।

ବୁଲୁ ତୋର କଣ ନିଦ ଭାଙ୍ଗିବନି କି କହି କବାଟ ଖୋଲି ଲାଇଟ୍ ଲଗେଇ ଦେଲେ । ସେ ରୁମର ଏମିତି ଅବସ୍ଥା ଦେଖି ତାଙ୍କ ମୁଣ୍ଡ କଣ ହେଇଗଲା ।

ଲାପଟପ୍ ଖୋଲା ହୋଇଛି । ଏସିଟାକୁ ଏମିତି ଟେମ୍ପରେଚରରେ ଲଗେଇ ଦେଇଛି ଯେ, ଏ ଖରାଦିନଟା ମାଘ ମାସ ଶୀତଠୁ ବି ବଳେଇ ପଡ଼ିଛି । କାନରେ ଇୟର ପଡ଼ ଗେଞ୍ଜା ହେଇଛି । ମୋବାଇଲଟା ଖଟ କଡ଼ରେ ଗଳି ପଡ଼ିଛି । ତଳେ ପାରିଥିବା ବେଡ଼ ସିଟ୍‌କୁ ଦେହି ଏମିତି ଘୋଡେଇ ହେଇଛି ଯେମିତି ଲାଗିବ ହେଂଶଗୁଡା ମୁର୍ଦାରଟା । ତଳେ ବେକଲେଟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଭର୍ ଗୁଡା ପଡ଼ିଛି । ଡଷ୍ଟବିନ୍ ଗଡ଼େଇ ପଡ଼ିଛି । ବହିରୁ ଫଂରଦ ଉଡି ତଳେ ପଡ଼ିଛି । ତକିଆ ତଳେ ପଡ଼ିଛି । ଚାର୍ଜରର ତାର ଗୁଡା ଛନ୍ଦା ଛନ୍ଦି ହୋଇ ଖଟ ତଳେ ଏମିତି ପଡ଼ିଛି, ଲାଇଟ୍ ଜଳୁଥିଲେ ବି ଲୋକ ଲୋକ ଝୁଣ୍ଟିହୋଇ ପଡିବେ ।

–ଓଃ । କୁଆଡ଼ୁ ଘର ଡଷ୍ଟିଂ ଷ୍ଟାର୍ଟ କରିବେ ? ମୁଣ୍ଡ ଖରାପ ହେଇଗଲା ପୁଷ୍ପାଙ୍କର । ରୁମ୍‌ଟା କବାଡିଖାନା ଭଳି ଲାଗୁଥିଲା ଯେମିତି । ସେ ନର୍କରୁ ସିଧା ପଳାଇ ଆସିବାକୁ ମନସ୍ଥ କଲେ । ହେଲେ ମନରେ ବନ୍ଦଥିବା ବିରକ୍ତି ଭାବଗୁଡ଼ା କବାଟ ଖୋଲି ବାହାରକୁ ବାହାରି ପଡିଲେ । ଉଚ୍ଚ ସ୍ୱରରେ କହିଲେ, "ଏ ଘରଟାକୁ କଣ କରି ପକେଇଛୁ । ପୁରା ଗୁହାଳ । ଏଟାର ଢଂଗ ବାଗ ଦେଖି କୋଉ ମା ଥୟ ଧରିବ କେଜାଣି ?"

- ମମି ମୁଁ ରାତିରେ ଡେରିରେ ଶୋଇଛି, ମୋର ପୁରା ନିଦ ହବାକୁ ଦେ । ବିଳିବିଳେଇ ହେଇ କହିଲା ବୁଲୁ । "ବାହଃରେ ! ସାହେବ ଆମର ରାତି ଯାକ ନିଆଁ ଲିଭୋଉ ଥିଲେ । ରାତି ଅଧଯାଏଁ ଚାହିଁ ସାଙ୍ଗ ସଙ୍ଗରେ ଖାଲି ଆଲତୁଫାଲତୁ ଗପ, ନହେଲେ ମୋବାଇଲରେ ଚାଟିଂ ନହେଲେ ଭିଡିଓ ଗେମ୍ ଚାଲିଥିବ" କହି ହଲେଇ ଦେଲେ ପୁଷ୍ପା ବୁଲୁକୁ ।

ବାସ ! ! କଞ୍ଚା ନିଦରୁ ଉଠିପଡ଼ି କହିଲା । ହ୍ୱାଟ୍ ନନ୍‌ସେନ୍‌ସ ! !

– ନନ୍‌ସେନ୍‌ସ କହିବୁନି ତ ଆଉ କଣ କହିବୁ । ଭାରି ସେନ୍‌ସିବୁଲ୍ ପିଲାଟା ତ ! ଯାହା ପାଟିରେ ପଶିବ କହିବୁ ! ଘରଟାକୁ କ'ଣ କରିକି ପକେଇଛୁ ! ! ! ହଁ ଆଉ ଟିକେ ଶୋଇପଡରେ କୁମ୍ଭକର୍ଣ୍ଣ ! ପରୀକ୍ଷା ପରେ ଏକାଥରେ ଉଠିବୁ ।

"ମମି; ବାସ ସେତିକି କହିଥା । ମୁହଁ ଟିକେ ସମ୍ଭାଳେ । ସବୁବେଳେ କିଛି ନଜାଣି ବକ ବକ ହେଉଛୁ ।" ବୁଲୁର ରାଗ ଏକାଥରେ ପଞ୍ଚମକୁ ଉଠିଗଲା । ହାତ ପାହାନ୍ତିଆ ପାଣି ବୋତଲ୍ ଟାକୁ ତଳେ କଚିଦେଲା ଆଉ ତଂଟିଆ ମାରିଲା ଭଳିଆ ପୁଷ୍ପାଙ୍କୁ ପେଲି ଦେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କବାଟ ବନ୍ଦ କରିଦେଲା ।

ପୁଷ୍ପା ଛାଞ୍ଚୁଣି ଆଉ ଡଷ୍ଟିଂ କନାକୁ ଫୋପାଡ଼ି ଦେଲେ । ଆଉ ଡ୍ରଇଂରୁମରେ ଚେୟାରକୁ ଆଉଜି ମୁହଁକୁ ତଳକୁ କରି ଠିଆ ହୋଇଗଲେ । ମନେମନେ ଭାବୁଥିଲେ ନିତିଦିନିଆ ସଙ୍ଘର୍ଷରୁ ତାଙ୍କୁ କେମିତି କେଜାଣି ମୁକ୍ତି ମିଳିବ । ଛୁଆଙ୍କୁ ସୁନାଗରିକ କରିବା ପାଇଁ ଛୁଆଙ୍କ ପଛରେ ଲାଗିରହିବା କଣ ତାଙ୍କର ଏକା କର୍ତ୍ତବ୍ୟ ! ଆଉ ତ କେହି ମୁଣ୍ଡ ପୁରେଇବେ ନାହିଁ । ବାପାଙ୍କର ଅଫିସ୍ ଭଲ ତ ସିଏ ଭଲ । ମମି ଟିକେ କିଛି ପିଲାଙ୍କ ନାଆଁରେ ସୁପାରିସ  କଲେ ଆଉ ଯଦି ମନରେ ରାଗ ପଶିଗଲା ଛୁଆଙ୍କୁ କୁଛତ୍ର ପିଟିବେ ନହେଲେ ଛୁଆଁଙ୍କ ଉପରେ ଅଯଥା ପଏଂଟରେ ତାଗିଦ କରିବ । କିଛି ନହେଲେ ଦୋଷର ବିଶି ଆଙ୍ଗୁଠିଟା ମୋ ଆଡ଼କୁ ଆସିଯିବ ।

"ଏଇ ଟିକେ ଚାହା ପି'ଦିଅ" ସୁଧାଂଶୁ ଚାହା ଆଣି ଧରାଇ ଦେଲେ । ସହନାଭୁତି  ଭରା ଆଖିରେ କହିଲେ, "ଶାନ୍ତ ହେଇଯାଅ ।"

"କେମିତି ଶାନ୍ତ ହେବି, ଝଗଡ଼ାଟାତ ମୋ ସାଙ୍ଗରେ । ଖରାପ ତ ମୁଁ । କାହିଁକିନା ମୁଁ କହୁଛି, ତୁମେ ଭଲେଇ ହେବ । ତୁମେ ହେବ 'କୁଲଡୁଡ୍' ।" ତା ପରେ ଥାକ ଥାକ ହୋଇ ଭରିଥିବା କୋହକୁ ଉଦ୍ଗାରି ଦେଲେ ପୁଷ୍ପା ।

"କହିଲ ଦେଖି ମୋର କଣ ଭୁଲ । କାଲି ଭାରି ରାଗ ମାଡ଼ିଲା ମୋତେ ମୁନି ଉପରେ । ଗୋଟେ ପିଲା ତୁ ! ଗୋଟେ ବେଳେ ଉଠିବୁ । ବ୍ରେକଫାଷ୍ଟ ମିସ୍ କରିଦେଲା । ସିଧା ଲଞ୍ଚ ! କେତେ ଖୁସିରେ ଛୁଞ୍ଚିପତ୍ର ପିଠା କରିଥିଲି । ମିସେସ୍ ରମଣୀଙ୍କ ଠାରୁ ବୁଟ ଚଟଣି ଶିଖି ବନାଇଥିଲି, ଆଉ ହେଲ୍‌ଦି ଖାଇବା ହେବ ବୋଲି  ଅଲିଭ୍  ଅଏଲରେ ବନେଇଲି । ଅରେଞ୍ଜ୍ ଜୁସ୍ ଶେଷରେ ପିତା ହେଇଗଲା । ଝିଅଟା ମୋର, କେବେଠାରୁ ଘର ଛାଡ଼ି ହଷ୍ଟେଲରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରହିଲେଣି । ଘରେ ରହିବାକୁ ଛୁଟିରେ ଆସିବ ଯେ, ଦିନ କେଇଟା ଗଣିଲା ଭଳି ତା'ର ରହଣି । ପୁଣି ଅଚାନକ ପଳେଇବ । ଇଣ୍ଟର୍ନସିପ୍ ହେଉ ବା ପ୍ରୋଜେକ୍ଟ ହେଉ । କିଛି ନା କିଛି ବାହାନା ତ ଥିବ । ଆଉ ଏଇ ଲକ୍ ଡାଉନ୍ ସମୟରେ ଟିକେ ସମୟ ମିଳିଛି ଘରେ ରହିବା ପାଇଁ । ମନଟା ହେଉଛି କିଛି ଭଲ ମନ୍ଦ କରି ଦିଅନ୍ତି । ଆଉ ଦେଖ ଏମାନଙ୍କୁ । ଏଗାରଟା ହେଲା, ଠିକ୍ ଅଛି । କଣ ଗୋଟେ ବେଳେ କ'ଣ ବ୍ରେକଫାଷ୍ଟ ଟାଇମ? କାଲି ଗୋଟେ ବେଳେ ଉଠିଲା । ମନ ହେଉଥାଏ ଛାଞ୍ଚୁଣି ପାହାର ମାରି ଉଠାଇବା ପାଇଁ ।"

ଆରେ ଏମିତି କଥା କୁହନି । ଟିକେ ଭାଷାକୁ କଣ୍ଟ୍ରୋଲରେ ରଖ । ଆସାଇନମେଣ୍ଟ କଣ ଥିବ ଆଉ ସେଥିପାଇଁ ରାତି ଡେରିରେ ଶୋଇଥିବ । ଆଉ ୮ ଘଣ୍ଟା ନିଦ ତ ଦରକାର !

"ତମେ ଆଉ ଭଲେଇ ହୁଅନି । ମୁଁହ ଦେଇ ନଷ୍ଟ କଲ ଛୁଆଙ୍କୁ । ଏ ଛୁଆ ମୋତେ ଟିକେ ବି ଖାତିରି କରୁ ନାହାଁନ୍ତି ।" ଝଗଡ଼ା କରିବା ମୁଡରେ କହିଲେ ପୁଷ୍ପା ।

"ହଁ କଣ ଭୁଲ କହିଲି କୁହ ! ପଢା ଆରମ୍ଭ କରିବେ ବାରଟା ବେଳକୁ । ସନ୍ଧ୍ୟା ଛଅଟାରେ ପାଠ ଆରମ୍ଭ କରି ରାତି ଏଗାରଟାରେ ଶୋଇ ପଡନ୍ତେ ନାହିଁ ! ସେଇକଥା କହିଲି ବୋଲି ରାଗି କି ମୋତେ ଜବାବ ଦେଉଛି "ଡୋଣ୍ଟ ଡିକ୍ଟେକ୍ଟ ମି" ମୋ ପଛରେ ଆଉ ପଡ ନାହିଁ । ମାଇକ୍ରୋ ମ୍ୟାନେଜମେଣ୍ଟ କରନା । ମୁଁ କେତେବେଳେ ପଢିବି, କେତେବେଳେ ଖାଇବି, କେତେ ବେଳେ ଶୋଇବି କଣ ପିନ୍ଧିବି ତା ପଛରେ ପଡ଼ନା । ଏପଟେ ପାଠ ପ୍ରେସର । ଏପଟେ ତୁ ଖାଲି ଗେଜେ ଗେଜେ ହେଉଛୁ । ଆଉ ହାତ ଯୋଡି ପକାଇ କହୁଛି ମା ମୋତେ ବେଶୀ ପ୍ରେସର ଦେଲେ ମୁଁ ଘର ଛାଡ଼ି ପଳେଇବି ।"

ସୁଧାଂଶୁ ଟିକେ ଗମ୍ଭୀର ହୋଇ କହିଲେ, "ଆରେ ଏମାନେ ହେଲେ ଫୋର୍ ଜି ଅମଳର ପିଲା, ରାତିଟା ଦିନ ଆଉ ଦିନଟା ରାତିରେ ବଦଳି ଯାଉଛି ତାଙ୍କର । ତୁମେ ତାଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି କୁହ ନାହିଁ ।"

"ଆମେ ଆଉ ଛୁଆ ହେଇ ନଥିଲୁ ?" ଯୁକ୍ତି କଲା ଭଳି କହିଲେ ପୁଷ୍ପା । ତାଙ୍କ ପିଲା ବେଳ କଥା ମନେପକାଇ କହିଲେ, "ବଡ଼ିଭୋରରୁ ଆମେ ଉଠିଯାଉଥିଲୁ । ନ ଉଠିଲେ ବାପା ଉଠେଇ ଦେବ । ଗୋଟେ ଶୀତଦିନ କଥା । ମୁନା ଭାଇ ନାଇଟ୍ ସୋ ସିନେମା ଦେଖି ଥିଲା ଆଉ ସକାଳୁ ତା ନିଦ ଭାଙ୍ଗିନି । ଯେମିତି ସାତଟା ବାଜିଛି । ବାହାରେ ତସଲାରେ କାକରପାଣି ଥିଲା । ସେ ତସଲା ପାଣିରୁ ଢ଼ାଳେ ଆଣି ସିଧା ତା ଦେହରେ ଢ଼ାଳି ଦେଲେ । ତା ପରଠୁ ଛ'ଟା ନ ହେଉଣୁ ବିଳିବିଳେଇ ହୋଇ ଉଠିପଡ଼ିବ । ଆମେ ସାତଟା ଭିତରେ ଗାଧୁଆ ସାରି, ପୂଜା କରି ଜଳଖିଆ ଖାଇ ପାଠ ବହି ଧରି ବସିଯାଉ । ମୁଁ ମୁନିକୁ କହିଲି ଦେଖ ମୁନି ତୁ ତୋ ବଡ଼ି କ୍ଲୋକକୁ ଚେଞ୍ଜ୍ କରି ଦେ ।

ପ୍ରେସର୍ କୁକରର ହୁଇସିଲ୍ଟି ବାଜି ଉଠିଲା । ସୁଧାଂଶୁ ବାବୁ ତାର ଆମାନିଆ କୋହକୁ ଟିକିଏ ସ୍ଥଗିତ ରଖିବାକୁ ଯାଇ କହିଲେ, "ଆଳୁ ବେଶୀ ସିଝି ଯିବନିତ ? ତୁମେ ପରା ଆଳୁ ପରଟା କରିବ କହୁଥିଲ !"

ପୁଷ୍ପାଙ୍କର ତତଲା କୋହ ଆହୁରି ତାତି ଉଠିଲା ଭଳି ଲାଗିଲା । କହିଲେ "ମୁଁ ଆଉ ଆଳୁ ପରଟା ଫରଟା ବନାଇ ପାରିବିନି । ସୁଆଦିଆ ଖାଦ୍ୟ ଖାଇ ପେଟୁ ହେବ ଆଉ ମୋ ତଂଟିରେ ବସିବ । ଦେଖୁନ ସେ ପୁଅଟା କଥା କ'ଣ କହିବି ! ଖଜୁରୀ ଗଛର କିଗୁଣ ଗାଉବି ମୂଳରୁ ପାହାଚ ପାହାଚ ! ପରୀକ୍ଷା ଆଗକୁ ଆସୁଛି । ଖାଲି ମୋବାଇଲ ଧରି ସାଙ୍ଗ ସାଙ୍ଗରେ ହେଁ ହେଁ ହେଉଛି । ପଚାରିଲେ କହୁଛି ମୁଁ ପାଠ ଡିସ୍କସନ୍ କରୁଛି । ଯେତେ ବେଳେ ଦେଖିବ ମୋବାଇଲଟା ହାତରେ ।

"ଆରେ ମୋବାଇଲ ତ ଏବେ ବିଦ୍ୟାଳୟ । 'ମୋ ବିଦ୍ୟାଳୟ' ପରା ନୂଆ ନାମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

'ମୋବାଇଲ୍ ବିଦ୍ୟାଳୟ' । ଆଉ ସେ ମୋବାଇଲ ଧରିବନି ତ କଣ କରିବ । ସେ ତ ସବୁବେଳେ ସ୍କୁଲରେ । ତୁମେ ବ୍ୟସ୍ତ କାହିଁକି ହେଉଛ ?" ସୁଧାଂଶୁ ବାବୁ କହିଲେ ।

"ହଁ ଏ 'ମୋବାଇଲ୍ ବିଦ୍ୟାଳୟ' ପାଠ ଆମକୁ ଜଣା । ପଢୁଆଳ ପିଲାଟା ମୋର । ଜୁମ୍ କ୍ଲାସରେ ଜଏନ୍ ହେଲା ପରେ କିଏ ଦେଖୁଚି ସେ କଣ କରୁଛି । ଟିଚର୍ କିଛି ପ୍ରଶ୍ନ ପଚାରିଲେ ମୋବାଇଲର ଭିଡିଓ ଅଡିଓ ବଟନ୍ ବନ୍ଦ କରି ଦେବେ । ଆଉ କହିବେ ମାଡ଼ମ ନୋ ନେଟୱର୍କ୍ । ଦିନେ ଦେଖିଲା ବେଳକୁ କଣ କରୁଥିଲା ଜାଣିଛ ! ଲାପଟପ୍ ରେ ଜୁମ୍ କ୍ଲାସ ଅନ୍ ହେଇଯାଇଛି । ଅଡିଓ ଭିଡିଓ ବଟନ୍ ବନ୍ଦ । ମୋବାଇଲ୍ ଧରି ସାଙ୍ଗ ସାଙ୍ଗରେ ହେଁ ହେଁ ହୋଇ ବଡ ପାଟିରେ କଥା ଚାଲିଛି । ମୁଁ ପଚାରିଲି କ୍ଲାସ ଜଏନ୍ କରି କାହା ସାଙ୍ଗରେ ଗପୁଛୁ କିବେ ? ବେହିଆ ଭଳିଆ ପାଟିରେ ବିଶି ଆଙ୍ଗୁଠିଟାକୁ ଚାପି ଦେଇ ଶୁ ଶୁ କରି ମୋତେ ଇଂଗିତ ଦେଉଛି ଡିଷ୍ଟର୍ବ କର ନାହିଁ । ଯେମିତି କି ଗୋଟେ ବଡ କମ୍ପାନୀର ଅଫିସରଟା । ଭାରି ଜରୁରୀ ମିଟିଂ ଚାଲିଛି !

ମୁଁ ରାଗିକି କହିଲି, "ବାପା ଆସିଲେ ସବୁ କହିବି । ଆଉ ତୋ ଫାଡ଼ାଗିରି ଏକା ସାଙ୍ଗରେ ପଳେଇବ । ଯେତକ ଫାଡା ତୋର ସାଙ୍ଗ । ଫୋନ ରଖି କି କଣ କହୁଛି ଶୁଣ !"

"ମମି କିଛି ନଜାଣି କି ସେମାନଙ୍କୁ ଫାଡ଼ା କହ ନା ! ତୋ ଭାଷାରେ ଯିଏ ପାଠ ନ ପଢିଲା ସିଏ ହେଲା ଫାଡ଼ା । ତୁ କଣ ଜାଣିଛୁ ଏବେ କଣ ଟ୍ରେଣ୍ଡ ଚାଲିଛି । ଭିଡିଓ ଗେମରୁ ଲୋକ କେତେ ଟଙ୍କା ରୋଜଗାର୍ କରୁଛନ୍ତି । ତୁ ଖାଲି ପଢ଼ ପଢ଼ କହୁଥା । ହରିଶ୍ ଏବେ ଇ ଟୁର୍ଣ୍ଣାମେଣ୍ଟରେରେ ଜଏନ କରିବ ବୋଲି କହୁଥିଲା । ଆଣ୍ଟି ତ କିଛି କହୁ ନାହାଁନ୍ତି ତାକୁ । କହିଲେ ତୁ ଯାହା କରିବୁ କର । ତେଣୁ ତୋ ଭାଷାକୁ ବଦଳାଇ ଦେ ।"

"ହରିଶ୍ କିଏ ଜାଣିଛ ତ ?" ସୁଧାଂଶୁଙ୍କୁ ପୁଷ୍ପା ପଚାରିଲା । ପୁଣି ନିଜ ପ୍ରଶ୍ନରେ ନିଜେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉତ୍ତର ଦେଇ କହିଲା । "ମୋ ସାଙ୍ଗ ସୀମାର ପୁଅମ ! ହୁଁ... କହିଲା ଆଣ୍ଟି ତ କିଛି କହୁନାହାଁନ୍ତି ! ! ତା ମାଆର ଅଜଗା ଘାକୁ କେବଳ ମୁଁ ହିଁ ମଲମ ମାରେ । ସେ ପା ସେଦିନ ବ୍ୟସ୍ତ ହେଇ କହୁଥିଲା ଯେ ହରିଶ୍ ଟା ତା କଥା ଜମା ମାନୁନି । ଖାଲି ମୋବାଇଲ୍ ଗେମରେ ବ୍ୟସ୍ତ ରହୁଛି । ସିଓଡ଼ି ଖେଳୁଛି ।"

ସେ ଟା କଣ ? ସୁଧାଂଶୁ ବାବୁ ପ୍ରଶ୍ନ କଲେ ।

କଲ୍ ଅଫ ଡିଉଟି । ଗୋଟେ ଭିଡିଓ ଗେମ୍ । ସେଇଥିରେ ପୁଣି କୁଆଡେ ଇ ଟୁର୍ଣ୍ଣାମେଣ୍ଟ ହୁଏ । ତାକୁ କୁଆଡ଼େ ଖେଳିଲେ ବହୁତ ପଇସା ମିଳିବ ।

ଆରେ ତୁମେ ଏତେ କଥା କୋଉଠୁ ଜାଣିଲ ? ସୁଧାଂଶୁ ପଚାରିଲେ ।

ତୁମ ଗୁଣବନ୍ତ ପୁଅଠାରୁ । ହଁ ତୁମ ପୁଅ ମନେ ମନେ ଗୁଡ ଖାଉଛି । ହରିଶ୍ ତାକୁ କଣ ବେଟ୍ ମାରି ବୁଝେଇ ଦେଇଛି, "ଆବେ କାହିଁକି ବୋର୍ଡ ପାଇଁ ପଢୁଛୁ ? ଦଶମ ଶ୍ରେଣୀ ପରୀକ୍ଷା ବାତିଲ ହେଇଗଲା । ଆମ ଟ୍ୱେଲ୍‌ଥ ବୋର୍ଡ୍ ବି ସ୍କ୍ରାଚ୍ ହେଇଯିବା ନିଶ୍ଚିତ । ମୁଁ ତୋତେ ବେଟ୍ ଲଗାଉଛି । କରୋନା ଆଗକୁ ଆହୁରି ମାଡ଼ିବ । ସେକେଣ୍ଡ ୱେଭ ପୁଣି ଥର୍ଡ ୱେଭ ଆଗକୁ ମାଡି ଚାଲିବ । ପରୀକ୍ଷା ହେବାର ଚାନ୍ସ ହି ନାହିଁ । ପରୀକ୍ଷା ତ କରୋନା ପଛରେ ଲୁଚୁଥିବ ।"

ଆଉ ଆମ ବିଶି ପଣ୍ଡିତ ଯାହା ଟିକେ ବହି ଖୋଲୁଥିଲେ ତାକୁ ବି ବନ୍ଦ କରିଦେଲେ ।

ଲକ୍ ଡାଉନ୍ ପୂର୍ବରୁ ତା କୋଚିଂଗ ସେଣ୍ଟର ଟିଚର ମୋତେ ଡାକିକି କହୁଥିଲେ ସେ କ୍ଲାସ ମିସ୍ କରୁଛି । ହୋମ୍ ୱାର୍କ ପୁରା କରି କି ଆସୁନି । ଫଣ୍ଡା କ୍ଲିଅର୍ ବି ହଉନି । ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରତି ଜୋର୍ ନ ଦେଇ ବୋର୍ଡ଼ ପରୀକ୍ଷାକୁ ଧ୍ୟାନ ଦେଉ ।

ଆଗରୁ ବହି ଟିକେ ଧରୁଥିଲା । ଦଶମଶ୍ରେଣୀ ପରୀକ୍ଷା ଯୋଉ ଦିନଠୁ ବନ୍ଦ ହେଲା ପୁରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୁଲା ଫାଂକାଳିଆ ହେଇଗଲା । ଖାଲି ଫାଲତୁ ଡିଷ୍କସନ୍ ସାଙ୍ଗ ସାଙ୍ଗରେ । ମୁଁ ନେହୁରା କରି ଦିନେ ତାକୁ କହିଲି ବାପା ଟିକେ ପଢ଼ି ଦେ । ସମୟ ନଷ୍ଟ କର ନା । ପୁଣି ତାକୁ ବୁଝେଇଲି ଯଦି ତୋର ହୋମ୍ ୱର୍କ ବାକି ଅଛି ସାରି ଦେଇକି ଖେଳେ । କହିଲାରୁ  କଣ ଉତ୍ତର ଦେଉଛି ଜାଣିଛ !

ମମି ମୋତେ ପାଠ ପଢିବାକୁ ଇଚ୍ଛା ହେଉନି ।

ମୋତେ ଇନଜିନିୟରିଂ ଫିଞ୍ଜିନିଅରିଂ ପଢିବାକୁ କହିବୁନି । ମୁଁ ଆଉ ପାଠ ପଢିବି ନାହିଁ ।

ଆରେ ପାଠ ନ ପଢିଲେ କରିବୁ କଅଣ ? ମୁଁ କହିଲି ।

ମୁଁ ବିଜନେସ କରିବି ।

କିରେ କୋଉ ବିଜନେସ କରିବୁ ?

ମୁଁ ଜାଣିନି ।

ତା'ହେଲେ କଣ ଜାଣିଚୁ ?

ତୁ ମୋତେ ଆଉ ବେଶି ପ୍ରେସର୍ ଦେ'ନା । ମୋ ମୁଣ୍ଡ ଖା ଆନା, ତୁ ଯାଆ ଏଠାରୁ ପଳେଇଯା ।

ମୁଁ ପୁଣି ଟିକେ ତା ମୁଣ୍ଡକୁ ଥଣ୍ଡା କରିବାକୁ କହିଲି, "ଆରେ ଟିଚର ଯାହା ପଢାଇଲେ ତାକୁ ଥରେ ପଢିବାକୁ ଚେଷ୍ଟା କର । ଆଗ  ବହିଟା ପଢ । ଯୋଉଟା ବୁଝିନପାରୁଛୁ ସାରଙ୍କ ପାଖରୁ ଡାଉଟ୍ କ୍ଲିଅର୍ କରି ଦେ । ତାହେଲେ ସିନା ତୋର ଫଣ୍ଡାମେଣ୍ଟାଲ କ୍ଲିଅର ହବ । ଆଉ  ତୋର ପାଠ ପଢ଼ିବାକୁ ଇଚ୍ଛା ବି ହେବ !

ଯଦି ତୋତେ ଷ୍ଟ୍ରେସ୍ ହେଉଛି ଆଉ ତୋ ମୁଣ୍ଡ ଖରାପ ହେଇ ଯାଉଛି ତାହେଲେ ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ ସେ ମୋବାଇଲ ଗେମ ନ ହେଲେ ହ୍ୱାଟ୍ସଆପ୍ ଭିଡ଼ିଓକୁ ପିଇଗଲେ ଷ୍ଟ୍ରେସ କମିଯିବ ?ନ ହେଲେ ଟିକେ ଖେଳା ଖେଳି ବୁଲାବୁଲି କର । ଟକ୍ସିନ୍ ଗୁଡା ଦେହରୁ ବାହାରି ଯିବ । ଷ୍ଟ୍ରେସ କମିଯିବ !"

ରାଗି ଉଠି କହିଲା, "ଏ ଲକ୍ ଡାଉନ୍ ରେ ମୋ ପାଇଁ ସ୍ପେଶଲ ପାସ୍ ମିଳିବ ଯେ ମୁଁ ପଡିଆରେ ଯାଇ ଖେଳିବି । ତୁ ମୋ ପାଇଁ ସ୍ପେଶାଲ ପାସ୍ ସରକାରଙ୍କଠାରୁ ଆଣିଦେବୁ ନା ! ସ୍ପେଶାଲ ନିୟମ କରିଦେଇଛୁ ।" କହି ବହି ଫୋପାଡ଼ି ଫୋପାଡ଼ି କରି ଚାଲିଲା । ମୁଁ ରାଗିକି ଦୁଇ ଚାପୁଡ଼ା ମାରିଦେଲି ।"

କହୁ କହୁ ଆଖିର ଲୁହ ପୁଷ୍ପାଙ୍କ ଦରଦଭରା ବର୍ଣ୍ଣନା ସାଙ୍ଗରେ ବାହାରି ଆସୁଥିଲା । ସୁଧାଂଶୁ  ଚାହା କପେ ପୁଣି ଧରାଇ ଦେଇ କହିଲେ, "ମନ ଦୁଃଖ କର ନାହିଁ । ସବୁ ଠିକ୍ ହେଇଯିବ । ଆମକୁ ଯୁଗ ସାଙ୍ଗରେ ତାଳ ଦେବାକୁ ପଡ଼ିବ । କିଛି କଥାକୁ ଆମକୁ ଇଗ୍ନୋର କରିବାକୁ ପଡ଼ିବ । ଶୁଣ ! ତୁମେ ଆଜି ରେଷ୍ଟ ନିଅ । ମୁଁ  ଆଳୁପରଟା ବନେଇ ଦେବି ।"

ଫିକ କରି ବସି ପକାଇଲେ ପୁଷ୍ପା । କହିଲେ ଥାଉ ଥାଉ ରୋଷେଇ ଘରକୁ ଆସନା । ମୋତେ କାମକୁ ଦୁଇ କାମ ଲଗିଯିବ । ଯଦି ପାରୁଛ ତ ତୁମ ପିଲାମାନଙ୍କୁ ଉଠେଇ ଦିଅ । କହି ରୋଷେଇ ଘର ଭିତରେ ପଶିଗଲେ ।

ରୋଷେଇ ଘରର ଝରକାଟାକୁ ଧରି ଆକାଶକୁ ଚାହିଁଲେ । ସଫା ଆକାଶଟା ତାଙ୍କୁ ଅସ୍ପଷ୍ଟ ଦେଖା ଯାଉଥିଲା । ବୋଧହୁଏ ପିଲାବେଳର ସ୍ମୃତି ସେ ଆକାଶରେ ଚିତ୍ରଣ ହେଇ ଯାଇଥିଲା । ସେ ଦେଖୁଥିଲେ କେମିତି ବଡି ସକାଳୁ ଉଠି ନିତ୍ୟକର୍ମ ସାରି ବହିଧରି ପଢ଼ିବାକୁ ବସି ଯାଆନ୍ତି । ବ୍ରେକ ସମୟ ଥିଲା ମାଙ୍କ ସାଙ୍ଗରେ କାମରେ ହାତ ମିଶେଇବାର କେତେ ଆନନ୍ଦ । ସକାଳୁ ଗାଧେଇବା ତାଙ୍କର ଯେମିତି ଜନ୍ମଗତ ଅଭ୍ୟାସ । ଠାକୁର ଘରକୁ ଓଳା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୋଛା କରିବାରେ ସବୁ ବେଳେ ଆଗଭର ହୋଇ ପଡୁଥିଲେ । ବାଡ଼ିରୁ ଆଣିଥିବା ଫୁଲରେ ଛୋଟ ଛୋଟ ମାଳ ଗୁନ୍ଥୁଛନ୍ତି । ମା ବାପାଙ୍କ ମୁହଁ ଉପରେ ଜବାବ ଦବାଟା ଥିଲା ତାଙ୍କ ପାଇଁ ଏକ ଅକଳ୍ପିତ ବର୍ବରତା । ଅଗାଧୁଆ ରହିବା ଅପରିଷ୍କାର ଲୁଗା ପିନ୍ଧିବା ଥିଲା ଅସଭ୍ୟତାର ଚିହ୍ନ । ଜଳଖିଆ କିମ୍ବା ମଧ୍ୟାହ୍ନ ଭୋଜନ ତ ସମୟ ପରିଧିରେ ନିବଦ୍ଧ । ନିଦ୍ରା ଆଉ ରାତ୍ରିର ନିରପେକ୍ଷ ବୁଝାବଣା । ଆଜି କାଲିକା ପିଲାଙ୍କର ସୂର୍ଯ୍ୟ ଉଦୟ ଖରା ମୁଣ୍ଡ ଉପରକୁ ଆସିଲେ ହୁଏ । ତାଙ୍କ ପରି ସିନ୍ଦୂରଫଟା ସମୟରେ ପକ୍ଷୀର କାକଳିକୁ ଏମାନେ କେମିତି ସାକ୍ଷୀ ବନିବେ ? ପ୍ରକୃତିର ସେ ଅଦ୍ଭୁତପୂର୍ଣ୍ଣ ସମୟରେ ସାକ୍ଷୀ ହେବାରେ ମଧୁର ଆନନ୍ଦକୁ ଏ ଆଧୁନିକ ଫୋର୍ ଜି ପିଲାମାନେ କେମିତି ଉପଲବ୍ଧି କରି ପାରିବେ ।

ବୋଧହୁଏ ତାଙ୍କର ଏହି ସଂସ୍କାର ଗୁଡାକ ମସ୍ତିଷ୍କରେ ଅଠା ପରି ଲଗାଯାଇଛି । ଯାହାକୁ ଛଡ଼ାଇବାରେ ମାଂସ ଉଠି ଆସିବାର କଷ୍ଟକୁ ସେ ଉପଲବ୍ଧି କରିପାରୁଛନ୍ତି । ଅଟା ଚକଡ଼ା ସାଙ୍ଗରେ ତାଙ୍କ ଭାବନାକୁ ଚକଡି ପକାଉଥିଲେ । ପରଟାର ତିନି କୋଣ ଭଳି ବିଚାର ଗୁଡା ବାହାରି ପଡୁଥିଲା ତାଙ୍କ ମୁଣ୍ଡରୁ । ସତରେ ସୁଧାଂଶୁ ଠିକ୍ କହିଛନ୍ତି । ଯୁଗ ସାଙ୍ଗେ ଆମକୁ ପାଦ ମିଳେଇବାକୁ ପଡିବ ।

ଆମ ବେଳ ଆଉ ଏବେଳ କେତେ ଅଲଗା ସତେ । ଯେମିତି ଆକାଶ ପାତାଳର ପାର୍ଥକ୍ୟ କି ! ଆମ ବେଳ ଏତେ ଆଡଭାନ୍ସ ନଥିଲା । ଏତେ ଟେକ୍ନୋଲୋଜି ବି ଆସି ନଥିଲା । କିମ୍ବା ଏତେ  କମ୍ପିଟିସନ୍ ବି ତ ନଥିଲା । ଝିଅ ଶିକ୍ଷିତ ହେଉଥିଲେ କେବଳ ଗୋଟେ ଭଲ ପାତ୍ର ଓ ପରିବାର ପାଇଁ । ଏ ବେଳରେ ଝିଅ ଶିକ୍ଷିତ ହେଉଛନ୍ତି ନାରୀ ସଶକ୍ତିକରଣ ପାଇଁ । ଆର୍ଥିକ ସ୍ୱାଧୀନତା ପାଇଁ । ଝିଅ ରୋଜଗାର କରି ଆଥିକ ସ୍ୱାବଲମ୍ବୀ ହେବାକୁ ପ୍ରାଧାନ୍ୟ ଦିଆଯାଉଛି । ବଡ ପ୍ୟାକେଜ, ଆଇ ଆଇ ଟି କିମ୍ବା ଆଇଆଇଏମ୍, ଡାକ୍ତରି ପଢ଼ିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଛରେ ନା ପିଲା ନିଜେ ଦୌଡୁଥିଲେ ନା ମା ବାପା ଚାବୁକୁ ମାରି ପିଲାଙ୍କୁ ସେହି ଦଉଡ଼ର ଚକ୍ରବିହ୍ୱରେ ପେଲି ଦେଉଥିଲେ । ପୁଣି ସେ ଚକ୍ରବିହ୍ୱରୁ ନା ବାହାରି କରି ପାରିଲେ ଗୁମୁରି କାନ୍ଦୁଥିଲେ !

ତା ଛଡା ଏ କରୋନା ବେଳଟା ଅତି ହେଇଗଲା ।

ଆମ ପିଲାବେଳ ଏ କରୋନା ପରି ମହାମାରୀ ଆଖିରେ ଦେଖିଥିଲା ନା କାନ ରେ ପୁଣି ଥିଲା ନା ଦେହରେ ଭୋଗିଥିଲା । ଗୃହବନ୍ଦୀରେ ତ ଆମେ ଆବଦ୍ଧ ହେଇ ନଥିଲୁ । ପ୍ରକୃତିକୁ ଉପଲବ୍ଧି କରିବାରେ ଆମର ସ୍ୱାଧୀନତା ଥିଲା । ବାହାରେ ମୁକ୍ତ ଆକାଶରେ ବୁଲୁ ଥିଲୁ । ଗୁଲି ଦଂଡା, ଖପରା ଡିଆଁ, ପୁଚି ଖେଳ ଆମର ପ୍ରାକୃତିକ ବ୍ୟାୟାମ ଥିଲା । ଏବେ ଗୃହବନ୍ଦୀ ପାଇଁ ନା ଖୋଲା ପଡିଆରେ ମୁକ୍ତ ବାୟୁ ମିଳୁଛି ନା ଅଯଥା ଦଉଡ଼ରୁ ମୁକ୍ତିଲାଭ କରି ପାରୁଛନ୍ତି । ସେଇଥିପାଇଁ ବୋଧେ ଛୁଆ ଗୁଡା ଚିଡି ଚିଡ଼ା ହେଇ ଯାଉଛନ୍ତି । ଅନେକ ଡିପ୍ରେସନକୁ ବି ପଳେଇ ଯାଉଛନ୍ତି । ଭାବନାର ଆଉ ଗୋଟେ କୋଣକୁ ଚାଲିଗଲେ ପୁଷ୍ପା ।

କାହିଁକି ସୋନି ଏତେ କଷ୍ଟ ପାଠ ନେଲା । ଏଇ ପାଠ ପାଇଁ ସବୁ କିଛି ଛୁଟି ଗଲା ତାର । ପିନ୍ଧିବା, ନାଇବା, ଗାଇବା, ନାଚିବା, ପେଣ୍ଟିଂ କରିବା, ମଜା ମସ୍ତି, ବାହାଘର, ଭୋଜି ଭାତ ସବୁ କିଛି । ଖାଲି କ୍ୟାରିଅର ଆଉ ପାଠ । ବୋଧହୁଏ ଏହି ପ୍ରେସର୍ ପାଇଁ ସେମାନଙ୍କର ଏତେ ଟେନ୍ସନ୍ ହେଉଛି । ଆଉସବୁ କିଛି ମାଆ ଉପରେ ଉଦ୍ଗାରି ଦେଉଛନ୍ତି । ସେମାନେ ତା ପ୍ରତି ହୀନମାନ୍ୟ ବ୍ୟବହାର କୋଉଠୁ କଲେ ? ମାଆକୁ କହିବେ ନାହିଁ ତ କାହାକୁ କହିବେ ! ! ନିଜକୁ ନିଜେ ବୁଝେଇ ଦେଉଥିଲେ ପୁଷ୍ପା । ବାସ୍ତବରେ ବୁଲୁ, ସୋନି ତାଙ୍କୁ ବହୁତ୍ ଭଲ ପାଆନ୍ତି । ଆଦର କରନ୍ତି । ଏହିପରି ଏକ ଆବେଗ ମାତୃତ୍ୱ ତାଙ୍କ ସହନଶକ୍ତିକୁ ଥାପୁଡେଇ ଦେଉଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ବେଳେ ମମତାର କାନୀ ମେଲା ହୋଇ ଉଡ଼ିଲାଣି ସେ ନିଜେ ବି ଜାଣି ପାରିଲେ ନାହିଁ । ତାଙ୍କର ମନେ ପଡିଗଲା ସେଦିନର କଥା । ତାଙ୍କର ବ୍ୟାକ୍ ପେନ୍ ହେଉଥିଲା ଯେ, ଖାଲି ବିଛଣାରେ ପଡ଼ିଥିଲେ । ବୁଲୁ କେତେ ଗୋଡ ଘଷି ଦେଇଛି । ଯାହା ଯେମିତି ଜାଣିଛି ଆଣି ଖୋଇ ଦେଇଥିଲା । ଆଉ ଗୋଟେ କଥା ମନେ ପଡ଼ିଗଲା । ମୁନି କଣ ଇଣ୍ଟର୍ନସିପରୁ ଟଙ୍କା ପାଇଥିଲା । ଆଉ ପ୍ରଥମ ଦରମା ତା ମା'ର ଚରଣ କମଳରେ ଅର୍ପଣ କରିଦେଇଥିଲା । ପ୍ରଥମ ଦରମାରେ ତା ପାଇଁ ପର୍ସ ଲିପଷ୍ଟିକ୍ ସବୁ କୋରିଅର୍ କରି ପଠାଇ ଦେଇଥିଲା । ଲେଖିଥିଲା "ଟୁ ମାଇ ମଦର" - ଡେଡିକେଟିଂ ଟୁ ଦ ମୋଷ୍ଟ ବିଉଟିଫୁଲ୍ ପର୍ସନ ଇନ୍ ଦ ୱର୍ଲଡ । (To my mother- , the most beautiful person in the world)

ମମି ବ୍ରେକ ଫାଷ୍ଟ ହେଇଗଲାଣି ? ବୁଲୁର କଣ୍ଠସ୍ୱର ତାଙ୍କୁ ଭାବନା ରାଜ୍ୟରୁ ରୋଷେଇ ଘରକୁ ଟାଣି ଆଣିଲା । ଠିଆ ହୋଇ ଭାବୁ ଭାବୁ ଏତେ ସମୟ ପଳାଇଲା ।

ଆରେ ଟିକେ ରହ । ମୁଁ ସାଙ୍ଗେ ସାଙ୍ଗେ ଦଉଛି ।

ମମି ଯଦି ନ ବନିଛି ତେବେ ମୁଁ କର୍ନ୍ନଫ୍ଲେକ୍ସ ଖାଇଦେବି । ବାସ ! ତୁ ଓଭର ଆକ୍ଟ କରନା ।

ପୁଣି ମୁନି ରୋଷେଇ ଘରକୁ ଆସିଗଲା । କହିଲା ମୁଁ ପରଟା ଖାଇବି ନାହିଁ ।

ତାହେଲେ କାଲି ଯୋଉ ୟୁଟୁବରୁ ଶିଖି ହସ୍ତା ବସ୍ତା ପନିର ବନେଇଥିଲି ସେଇଟା ଫ୍ରିଜରେ ଅଛି । ତାକୁ ଗରମ କରି ଦେବିକି ?

କଣ ବନେଇ ଥିଲୁ କାଲି ୟୁଟୁବରୁ ଦେଖିକରି ? .. 'ହସ୍ତା ବସ୍ତା' ପନୀର୍ ... 'ହସ୍ତା ବସ୍ତା' ନ 'ଶସ୍ତାରୁ ହିନସ୍ତ' ପନିର । ଖତେଇ ହେଇ କି କହିଲା ବୁଲୁ । ଆଚ୍ଛା ଆଜି ଲଂଚରେ କଣ ବନୁଛି ? ପଚାରିଲା ମୁନି ? ବୁଲୁର ପସନ୍ଦ ସାହେବ ଚିକେନ । କହିଲେ ପୁଷ୍ପା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁଣି ଖତେଇ ହେଇକି କହିଲା ସାହେବ ଚିକେନ !! ମୋତେ ଆଳୁ ପରଟାଟା ଯେମିତି ମିଳିଗଲା ସେମିତି ମୋ ପାଇଁ ସାହେବ୍ ଚିକେନ ବନିଯିବ । ସାହେବ ଚିକେନ ନା ଚାକର ଚିକେନ ! ହସି ହସି ଦୁହେଁ ପଳାଇ ଗଲେ ତାଙ୍କ ରୁମକୁ ।

ସୋନି କହିଗଲା, ମମି ଆମେ ସ୍ୱିଗିରୁ ଅର୍ଡର୍ କରିଦେବୁ ତୁମେ ପାପାଙ୍କୁ ଖାଇବାକୁ ଦେଇ ଦିଅ ।

ଘରକାମ ସବୁ ଟିକିନିଖି କଲେ ଜଣାପଡୁନି କେତେବେଳେ ସମୟ ଗୁଡା ଦୌଡ଼ି ଯାଉଛି । ଜନତା କର୍ଫ୍ୟୁ କି ହେଲା ଯେ କାମବାଲି ଆସିବା ବନ୍ଦ କରିଦେଲା । କାମର ପ୍ରେସର୍ ଯୋଗୁ କାଲି ବି ଲଂଚ ଡେରି ହେଇ ଯାଇଥିଲା । କାଲି ବି ଠିକ୍ ସେ ଛୁଆ ଖାଇ ନଥିଲେ । ପୁଷ୍ପା ତାଙ୍କ ଅପାରଗତକୁ ସ୍ପଷ୍ଟ ଅନୁଭବ କରୁଥିଲେ ଯାହା ପାଇଁ ବନାଇଥିଲେ ସେ ତ ଖାଇଲେ ନାହିଁ । ପୁଷ୍ପାଙ୍କର ଗ୍ୟାସ୍ ଧିର ଆଞ୍ଚରେ ଥିଲା ହେଲେ କୋହର ବ୍ୟଥା ପୁରା ଜୋରରେ ଜଳୁଥିଲା । ତେଲର ବାଁଫରେ ତାଙ୍କ ଲୁହ ଏକକାର ହେଇଯାଉଥିଲା ।

ଚୁପ ଚୁପ କଣରେ ଠିଆ ହେଇ ଭାବୁଥିଲେ ମୁଁ କଣ ଗୋଟେ ଭଲ ମାଆ ହେଇ ପାରିବିନି ! ସୁଧାଂଶୁ ତା ପାଖରେ ଆସି କେତେବେଳେ ଚୁପ୍ ଚାପ୍ ଆସି ଠିଆ ହୋଇ ଗଲେଣି ପୁଷ୍ପା ଜାଣିପାରିଲାନି । ଅଭିମାନ ଭରା କୋହ ଭିତରେ ଅସହାୟ ମାଆଟିକୁ ସେ ଦେଖି ପାରୁଥିଲେ । ନିସହାୟ ମମତାର ଆବେଗର ସ୍ୱରକୁ ସେ ବୋଧେ ଶୁଣି ପାରୁଥିଲେ ନା କଣ । ଆଉ ନିଜର ପାୱାରକୁ ଜାହିର କରି କରି ଖୁବ୍ ବଡ ପାଟି କରି କହିଲେ ସୋନି ବୁଲୁ ବାସ୍ ବହୁତ୍ ହେଇଗଲା ! ୧୦ ମିନିଟ ଭିତରେ ଡାଇନିଂ ଟେବଲ ପାଖକୁ ନ ଆସିଲେ ଦେଖିବ କଣ ହେବ । ଫଟା ଫଟ ଦୁହେଁ ହାତ ଧରା ଧରି ହେଇ ହାଜର ହେଇ ଗଲେ ।

ଆଜି ମମିଙ୍କର ରେଷ୍ଟ । ତାଙ୍କୁ କେହି କଷ୍ଟ ଦେବାନି । ଆମେ ଲଞ୍ଚ ବନେଇବା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁହେଁ ଲଙ୍ଗୁଡ ଜାକି କହିଲେ ୟେସ ପାପା ।

ଆଲୁପରଟାଟା ବଢିଆ ହେଇଚି କହି ଚାଟି ଚୁଟି ଖାଇଦେଲେ ବୁଲୁ ଆଉ ମୁନି ।

ପୁଷ୍ପା କିଛି ସମୟ ପାଇଁ ସ୍ତବ୍ଧ ହେଇଗଲେ । ମମତାର ମହକକୁ ସେ ହୃଦୟଙ୍ଗମ କରି ପାରୁଥିଲେ । ଆଉ ସୁଧାଂଶୁ ଆସି ତାଙ୍କ କାନରେ କହିଲେ ତୁମ ମାତୃତ୍ୱ, କର୍ତ୍ତବ୍ୟ, ଅଭିମାନ, ଦରଦ, ଅସହତାରେ ଟିକେ ବ୍ରେକ୍ ଲାଗିଯାଉ । ଏବେ ଜନତା କର୍ଫ୍ୟୁ ନୁହେଁ ମମତା କର୍ଫ୍ୟୁ ହେବା ଦରକାର ।

-ଡକ୍ଟର ଆଭାଞ୍ଜଳି ଶତପଥୀ
ଇମେଲ୍ : avanjali@yahoo.co.uk
ମୋବାଇଲ୍ : ୯୮୮୪୧୩୪୯୮୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜଣେ ପେପରୱାଲା

ଜଣେ ପେପରୱାଲା ପ୍ରତିଦିନ ପ୍ରାତଃ ୫ଟା ବେଳେ ପେପର ଦେବାପାଇଁ ଡୋର ଟୁ ଡୋର ହେଉଥାଏ । ଠିକ ସେଇବେଳେ କୃଷ୍ଣ ସାର ନିଜ ଆବାସର ଛାତ ଉପରେ ମର୍ଣ୍ଣିଙ୍ଗୱାକ କରୁଥାନ୍ତି । ପେପର ୱାଲା ସାଇକେଲ ଉପରେ ରହି ତାଙ୍କ ଆବାସର ମୂଖ୍ୟଦ୍ୱାର ସମ୍ମୁଖକୁ ପେପର ଫିଙ୍ଗିଦିଏ ଓ ନମସ୍କାର ବାକ୍ୟରେ ଅଭିବାଦନ ଜଣାଇ ଆଗକୁ ବଢ଼ିଯାଏ । କ୍ରମଶଃ ସମୟର ଗତି ଅତିବାହିତ ହେବା ସଙ୍ଗେ ସଙ୍ଗେ କୃଷ୍ଣ ସାରଙ୍କ ପ୍ରାତଃ କାଳରେ ଉଠିବା ସମୟ ବି ବଦଳିଯାଇ ସକାଳ ୭ଟା ହୋଇ ଯାଇଥାଏ । ବହୁଦିନ ଧରି ସେ ଆଉ ପେପରବାଲାଠାରୁ ନମସ୍କାରର ଅଭିବାଦନ ଶୁଣିନାହାନ୍ତି କି ସକାଳେ ଛାତ ଉପରେ ମର୍ଣ୍ଣିଙ୍ଗୱାକ କରିବାକୁ ଯାଇନାହାନ୍ତି । ଦିନେ ରବିବାର ସକାଳ ୯ଟା ସାଢ଼େ ୯ଟା ଭିତରେ ସେଇ ପେପରୱାଲା ତାଙ୍କ ପାଖରେ ପହଞ୍ଚି ନମସ୍କାର କରିବାପରେ କୁଶଳ ମଙ୍ଗଳ ପଚାରିବସିଲା । ଘରେ ସମସ୍ତେ କୁଶଳରେ ଅଛନ୍ତି ବୋଲି କୃଷ୍ଣ ସାର ଜଣାଇଲେ । ମନରେ ଆଶ୍ୱସ୍ତି ଭରି ସେ ପୁଣିଥରେ କହିଲା, "ସାର ! ଗୋଟେ କଥା କହିବି କିଛି ଖରାପ ଭାବିବେ ନାହିଁ ତ ?"

କୃଷ୍ଣ ସାର ତାକୁ କହିବା ପାଇଁ ଅନୁମତି ଦେଲେ ।

"ସାର ! ଆପଣ ଭୋର ଭୋର ଉଠିବାର ଅଭ୍ୟାସକୁ କାହିଁକି



ସୁଧାଂଶୁ ଶେଖର ଦ୍ୱିବେଦୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଦଳାଇ ଦେଲେ ? କେବଳ ଆପଣଙ୍କ ପାଇଁ ମୁଁ ବିଧାନ ସରଣୀ (କୋଲକତାର ଏକ ସ୍ଥାନ) ରୁ ପେପର ଉଠେଇ ଆପଣଙ୍କୁ ପ୍ରଥମେ ପେପର ଦେବାପାଇଁ ଆସେ ।" ପେପରବାଲା ନିଜ ଅନୁଭବ ଜଣାଇଲା ।

କୃଷ୍ଣ ସାର ବିସ୍ମୟ ଚକିତ ହୋଇ ପଚାରିଲେ, "ତୁମେ ବିଧାନ ସରଣୀରୁ ପେପର ନେଇ ଏଠିକୁ ଆସ ?"

"ହଁ ସାର ପ୍ରଥମ ବିତରଣ ସେଇଠାରୁ ଆରମ୍ଭ ହୁଏ ଅଢ଼େଇଟାରେ । ଠିକ ସାଢେ ୩ଟାରେ ସେଠାରେ ପହଞ୍ଚି ପେପର କଲେକ୍ସନ କରେ ।"

"ତାପରେ... ?" କୃଷ୍ଣ ସାରଙ୍କ ମନରେ ଆଶ୍ଚର୍ଯ୍ୟଭରା ପ୍ରଶ୍ନ ।

୭ କି ସାଢ଼େ ୭ଟାରେ ପେପର ବାଣ୍ଟିସାରି ଘରକୁ ଫେରି ଶୋଇପଡେ । ପୁଣି ୧୦ଟାରେ ଅଫିସ ଯାଏ । ପିଲାମାନଙ୍କୁ ମଣିଷ ଭଳି ଗଢିବା ପାଇଁ ତ ଏସବୁ କରିବାକୁ ହେବ ସାର ।

କୃଷ୍ଣ ସାର ତାକୁ କିଛିକ୍ଷଣ ଏକ ଲୟରେ ଚାହିଁରହି କହିଲେ, "ଠିକ ଅଛି, ମୁଁ ତୁମ ପ୍ରସ୍ତାବକୁ ମନେ ରଖିବି ।"

ଏହି ଘଟଣାକ୍ରମର ପ୍ରାୟତଃ ୧୫ ବର୍ଷ ଅତିବାହିତ ହୋଇସାରିଥାଏ । ଦିନେ ସକାଳୁ ସକାଳୁ ସେଇ ପେପରୱାଲା କୃଷ୍ଣ ସାରଙ୍କ ଆବାସକୁ ଆସି ନିମନ୍ତ୍ରଣ ପତ୍ରଟିଏ ଦେବାବେଳେ କହିଲା, "ସାର, ମୋ ଝିଅର ବାହାଘର । ଆପଣଙ୍କୁ ସାପରିବାର ଆସିବାକୁ ଅନୁରୋଧ ।"

ନିମନ୍ତ୍ରଣ ପତ୍ରର ଆବରଣ ଭିତରେ ଅଭିଲିଖନକୁ ପଢି କୃଷ୍ଣ ସାର ଜାଣିପାରିଲେ ଡାକ୍ତର ଝିଅ ସହିତ ଜଣେ ଡାକ୍ତର ପୁଅର ପରିଣୟ ହେଉଛି । ସଙ୍ଗେ ସଙ୍ଗେ ସେ ପଚାରିଦେଲେ, "ଏଇ ଝିଅ କଣ ତୁମ ଝିଅ ?"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ହଁ ସାର, ଏମ.ବି.ବି.ଏସ କରିଛି । ଆଉ ତା ସ୍ୱାମୀ ଯିଏ ହେବ ସେ ତ ହସ୍ପିଟାଲର ଏମ.ଡି । ସାର ମୋ ପୁଅର ବି ଇଂଜିନିୟରିଙ୍ଗର ଏଇଟା ଶେଷ ବର୍ଷ ।"

କୃଷ୍ଣ ସାର କିଂକର୍ତ୍ତବ୍ୟ ବିମୁଢ ହୋଇ ଭାବୁଥାଆନ୍ତି ତାକୁ ଘର ଭିତରକୁ ଡାକି ବସିବାକୁ କହିବେ ନା କହିବେନି ? କିନ୍ତୁ ସେ ସ୍ୱୟଂ କହିଉଠିଲା, "ସାର ! ମୁଁ ଯାଉଛି ଆହୁରି କେତେ କାର୍ଡ ବାଣ୍ଟିବାକୁ ହେବ ।"

କୃଷ୍ଣ ସାର ଭାବୁଥାଆନ୍ତି ଆକସ୍ମିକ ଭାବେ ଭିତରକୁ ଡାକି ତାକୁ ବସିବା ପାଇଁ କହିବାର ଆଗ୍ରହ ମାତ୍ର ମୋର ଏକ ଛଳନା ହିଁ ହୋଇପାରେ ? ଏହା ପୂର୍ବରୁ ଅନେକଥର ତା ସହିତ ମୋର ଦେଖା ସାକ୍ଷାତ ହୋଇଛି । ହେଲେ କେବେ ବି ଆଜିଭଳି ଆନ୍ତରିକତା ମୋ ମନ ମଧ୍ୟରେ ଉଦ୍ରେକ ହୋଇନାହିଁ ।

ପୁଣି ୨ବର୍ଷ ପରେ ସେଇ ପେପରୱାଲା କୃଷ୍ଣ ସାରଙ୍କ ପାଖରେ ପହଞ୍ଚି ଜଣାଇଲା ତା ପୁଅ ଜର୍ମାନୀରେ କାମ ପାଇଛି । ଉତ୍ସୁକତାରେ କୃଷ୍ଣ ସାର ତାକୁ ପଚାରିଲେ, "ଆରେ ତୁମର ଏତେ ସୀମିତ ରୋଜଗାରରେ ପିଲା ଦୁହିଁଙ୍କୁ ଏଭଳି ଉଚ୍ଚ ଶିକ୍ଷା କେମିତି ଦେଇ ପାରିଲ ?"

"ସେସବୁ ବହୁତ ଲମ୍ବା କାହାଣୀ ସାର । ପେପର ବିକିବା, ଚାକିରୀ କରିବା ବ୍ୟତୀତ ଅବଶିଷ୍ଟ ସମୟରେ ଅନ୍ୟମାନଙ୍କୁ ସାହାଯ୍ୟ ସହାନୁଭୂତି କରି କିଛି ରୋଜଗାର କରିନିଏ । ତାସହିତ ନିଜର ଦୈନିକ ଖର୍ଚ୍ଚ ପ୍ରତି ସବୁବେଳେ ସଜାଗ ରହିଥାଏ ଯେମିତି ଗୋଟେ ଟଙ୍କା ବି ଅଯଥା ଖର୍ଚ୍ଚ ନହୁଏ । ସେଥିପାଇଁ ପ୍ରତିଟି ଜିନିଷ କ୍ରୟ କରିବାବେଳେ ଭାବି ଚିନ୍ତି କ୍ରୟ କରିଥାଏ । କେବେ କେବେ ହାଟ ବଜାର ସରିବା ପରେ ବେପାରୀମାନେ ବଳକା ପରିବା ଫେରାଇ ନେଉଥିବା ବେଳେ ସେସବୁ କମ ଦାମରେ କିଣିନିଏ । ସବୁଥିରେ ଅଙ୍କୁଶ ନଲଗାଇଲେ ତେଲ ଲୁଣର ସଂସାରକୁ ଚଳାଇ ପିଲାମାନଙ୍କୁ ପାଠପଢ଼ାଇ ମଣିଷ ଭଳି ମଣିଷ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କରି ଗଢିବା ବଡ଼ ମୁସ୍କିଲ ସାର । ସେଥିପାଇଁ ମୋ ପୁଅ ଝିଅ ଅନ୍ୟଲୋକଙ୍କର ଭଲ ଭଲ ଖାଦ୍ୟ ଓ କେହି ଭଲ ଡ୍ରେସ ପିନ୍ଧିଥିବାର ଦେଖି ବହୁଥର ମୋ ଉପରେ ଅଭିମାନ କରିଛନ୍ତି । ହେଲେ ମୁଁ ନିରୁପାୟ ସାର । ସେସବୁ ମୋ ହିସାବର ବାହାରେ । ମୁଁ ଯଦି ଅନ୍ୟମାନଙ୍କୁ ଅନୁସରଣ କରିଥାନ୍ତି ତାହେଲେ ମୋ ପିଲାମାନେ ଆଜି ମଣିଷ ଭଳି ମଣିଷ ହୋଇପାରି ନଥାନ୍ତେ କି ଏତେ ପାଠ ପଢିପାରି ନଥାନ୍ତେ ।"

ଅବଶ୍ୟ ଜୀବନକୁ ସରଳ ଭାବେ ଗତିଶୀଳ କରାଇବା ସମସ୍ତଙ୍କ ଦ୍ୱାରା ହୋଇପାରି ନଥାଏ କି ଜୀବନକୁ ଉପଭୋଗ କରି ସଂସାର ଗଢିବାକୁ ସମସ୍ତେ ଆପଣେଇ ନଥାନ୍ତି ।

ବିସି-୭୪,ସଲଟ ଲେକ,କଲକତା,-୬୪

ମୋ-୭୨୯୦୩୪୨୨୫୯

s.dwibedy@rediffmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଓ ନେତା

ସେ ଦିନ ଥାନା ପରିସରରେ ନାହିଁ ନ ଥିବା ଭିଡ଼ । ପୋଲିସ୍, ସାମ୍ବାଦିକ, ପ୍ରିଣ୍ଟ ମିଡିଆ, ଇଲେକ୍ଟ୍ରୋନିକ୍ସ ମିଡିଆ ସାଧାରଣ ଜନତା ସମସ୍ତେ ସେଇ ଭିଡ଼ରେ ସାମିଲ ହେଇ ପ୍ରୟାସ କରୁଥାନ୍ତି ପୋଲିସ କବ୍ଜାରେ ଥିବା ଦୁର୍ଦ୍ଧାନ୍ତ ମାଓ ନେତା ବାଦଲ୍ ମୁହଁରୁ କିଛି ଶୁଣିବେ । ଭିଡିଓ ରେକର୍ଡିଂ କରିବେ, ଫଟୋ ନେବେ । ମାତ୍ର ପୋଲିସ ବାହିନୀ ଘେରିଯାଇ ଜବରଦସ୍ତ ଥାନା ପ୍ରକୋଷ୍ଠକୁ ଟାଣି ନେଇଗଲେ ବାଦଲକୁ । ବାହାରେ ଭିଡ଼ କୋଳାହଳ ପାଟିତୁଣ୍ଡ ହେତୁ ଗଗନ ପବନ ପ୍ରକମ୍ପିତ । ସତେ ଯେମିତି ଅଦିନରେ ଏଇଠି ସାପ୍ତାହିକ ହାଟ ବସିଛି । ସେଇ ଭିଡ଼ ଭିତରୁ ସ୍ପଷ୍ଟ ଶୁଣା ଯାଉଥାଏ, "ହେଇ ମାଓ ନେତା ଧରା ପଡିଲା, ବାଦଲ୍ ଧରା ପଡିଲା..."



ସତ୍ୟନାରାୟଣ ମିଶ୍ର

ଅଧ ଘଣ୍ଟା ଭିତରେ ସମସ୍ତ ନ୍ୟୁଜ୍ ଚାନେଲମାନଙ୍କ ହେଡଲାଇନରେ ସୋ କଲା, "ମାଓ ନେତା ବାଦଲ ବର୍ତ୍ତମାନ ପୋଲିସ କବ୍ଜାରେ" ତାଙ୍କୁ ଜେରା ଚାଲିଛି ଇତ୍ୟାଦି ଇତ୍ୟାଦି । ମାତ୍ର ଜେରା କରି ଜଣାପଡିଲା ବାଦଲ କେଉଁ ସାଧାରଣ ପରିବାରର ପିଲା ନୁହଁ । ସିଏ ଜଣେ ପ୍ରତିଷ୍ଠିତ ଶିଳ୍ପପତିଙ୍କ ଏକ ମାତ୍ର ପୁଅ । ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ, ଏତେ ବଡ଼ ଘରର ପୁଅ ହେଇ ତାର ଏମିତି କଣ ଅଭାବ ହେଲା ଯେ ମାଓବାଦୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଜି ଏତେ ଏତେ ଲୋକଙ୍କୁ ମାରିଲା ? ଏତେ ଏତେ ଜାତୀୟ ସମ୍ପତ୍ତିକୁ ନଷ୍ଟ କଲା ? ମାସ ମାସ ଧରି ଜଙ୍ଗଲ ଭିତରେ ଆତ୍ମଗୋପନ କରୁଥିଲା । ପୋଲିସର ଶତ୍ରୁ ହୋଇ ଭ୍ୟାନକୁ ବିସ୍ଫୋରଣ କରଥିଲା, ଟାୱାରପୋଡି, ଥାନାପୋଡି, ଜେସିବି ମେସିନ ପୋଡି, ଏତେ ସବୁ କୁକର୍ମ କରଥିଲା କାହିଁକି ? ?

କିଛି ସମୟ ପରେ ଜଣାଗଲା ଯେ ବାଦଲର ପରିଚୟ ସେତିକିରେ ସୀମିତ ନୁହେଁ । ତା ମାଆ କୁଆଡେ ସହରର ଜଣେ ଡାକ୍ତର । ବାପା ଶିଳ୍ପପତି ମାଆ ଡାକ୍ତର । ଅଥଚ, ପୁଅ ମାଓବାଦୀ କାହିଁକି ? ଲୋକଙ୍କ ମନକୁ ଏ ପ୍ରଶ୍ନ ମନ୍ଥନ କରିଚାଲିଥାଏ । ଆନ୍ଦୋଳିତ କରି ପକାଉଥାଏ । ମିଡିଆୱାଲା ବି ସ୍ଥିର ରହିବା ଲୋକ ନୁହଁନ୍ତି । ଜିରାରୁ ଶିରା କାଢ଼ିବା ଏମାନଙ୍କ ପ୍ରକୃତି । କେତେକ ଚାଲିଲେ ଶିଳ୍ପପତି ପାଖକୁ ତ ଆଉ କେତେକ ଡାକ୍ତରମ୍ୟାଡ଼ାମ ପାଖକୁ । ସର୍ବଶେଷ ସମ୍ବାଦ ସଂଗ୍ରହ କରିଲେ ନିଜ ନିଜ ଚାନେଲରେ ପ୍ରଦର୍ଶନ କରି ବହାଦୁରୀ ନେବା ନିମିତ୍ତ ।

ଏ ପଟେ କିଛି ରିପୋର୍ଟର ଥାନା ଅଧିକାରୀଙ୍କଠୁଁ ପରମିଶନ୍ ନେଇ ପଚରାଉଚୁରା ଜାରି ରଖିଲେ ବାଦଲକୁ । ସମସ୍ତେ ଚାହିଁଲେ ତାଙ୍କ ବେକ୍ ଗ୍ରାଉଣ୍ଡ କାହାଣୀ କଣ ସେ ବିଷୟ ଜାଣିବାକୁ । ତାଙ୍କ ଜୀବନ କାହାଣୀ ଶୁଣିଲେ ଯେତେବେଳେ ସେମାନେ ତାଯୁବ୍ ହୋଇଗଲେ । ଏହି କାହାଣୀ ସମ୍ବାଦ ପତ୍ର ଟିଭିରେ ପ୍ରଚାର ହେବାପରେ ସାଧାରଣ ଜନତା ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ସତରେ କେତେ ଟ୍ରେଜେଡ଼ି ସେ ଷ୍ଟୋରି । ବାଦଲର ଅବସ୍ଥା ସମୁଦ୍ର ଭିତରେ ରହି ଟୋପାଏ ପାଣି ପାଇଁ ତହଳ ବିକଳ ହେବା ଭଳି । ବିଶାଳ ପ୍ରାଚୁର୍ଯ୍ୟର ପାଚେରୀ ଉପରେ ଛିଡା ହୋଇ ଯେମିତି ହାତ ପତେଇ କହୁଥିଲା "ଭିକ୍ଷାମ୍ ଦେହି" ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମୁଁ ଶିଳ୍ପପତି ଆଉ ଡାକ୍ତର ମ୍ୟାଡ଼ାମଙ୍କ ଏକମାତ୍ର ପୁଅ । ବାପାମା ମୋ ପାଇଁ ସମୟ ଦେଇ ପାରୁନଥିଲେ ବୋଲି ଜେଜେ ମା ହେପାଜତରେ ମୋ ଶୈଶବ ସମୟ ଅତିକ୍ରାନ୍ତ ହୋଇଥିଲା । ତାଙ୍କ ଦେହାନ୍ତ ପରେ ଆୟା ଆଣ୍ଟି ବୁଝିଲେ ମୋ ଦୁଃଖସୁଖ ଭଲମନ୍ଦ । ଟିକିଏ ବଡ଼ ହେଲା ପରେ ସହରର ସବୁଠୁ ବଡ଼ ଇଂଲିସ ମିଡ଼ିଅମ ସ୍କୁଲରେ ବାପା ଲେଖେଇଲେ ମୋ ନାଆଁ । ଦାମୀ ନାମି ଜୋତା ଡ୍ରେସ ବହି ପତ୍ର, ଚଷମା ମୋବାଇଲ କଉଥିରେ ବି ଅଭାବ ନ ଥିଲା ମୋର୍ । କେତେ ଖୁସିରେ ବିତି ଯାଉଥିଲା ଦିନ ସବୁ । କିନ୍ତୁ ଦୈବ ମୋ ସୁଖ ସନ୍ତୋଷକୁ ସହି ପାରିଲାନି । ଦିନେ କୌଣସି କାରଣରୁ ବାପା ମାଙ୍କ ଭିତରେ ପ୍ରବଳ ପାଟି ତୁଣ୍ଡ ହେଲା । ଝଗଡା ଏତେ ବଢ଼ିଲା ଯେ ଶେଷରେ ମା ମୋ ବାପାଙ୍କୁ ଡିଭୋର୍ସ ଦେଇ ଚାଲିଗଲେ ତାଙ୍କ ସରକାରୀ କ୍ୱାର୍ଟରକୁ । ସେ କେବେ ହେଲେ ଭାବିଲେନି ତାଙ୍କର ଗୋଟିଏ ଛୋଟ ପୁଅ ଅଛି ବୋଲି । ମାସେ ପରେ ଶୁଣିଲି ସେ କୁଆଡେ ଜଣେ ସିନିଅର ଡାକ୍ତରଙ୍କୁ ଭଲପାଇ ବାହା ହେଇଯାଇଚି । ସେଇଦିନ ମୋ ମନରେ ଆଘାତ ଲାଗିଲା ବହୁତ । ମା ଫେରିବ ବୋଲି ଯେଉଁ ଆଶା ଟିକକ ମନରେ ସଞ୍ଚୟ କରିଥିଲି ମଉଳିଗଲା ଫୁଲ ଭଳି । ବହୁତ କାନ୍ଦିଲି ମୁଁ । କାନ୍ଦି କାନ୍ଦି ବିଛଣା ଭିଜେଇ ଦେଲି ଆଖି ଲୁହରେ । ହେଲେ ମୋ ଦୁଃଖ ସେତିକିରେ ସରିଲାନି । ମୁଁ ଆହୁରି ଭାଙ୍ଗି ପଡିଲି ସେ ଦିନ, ଯେଉଁ ଦିନ ବାପାଙ୍କ ବେଡ଼ ରୁମରେ ଜଣେ ପ୍ରୌଢ଼ା ରମଣୀ ଶୋଇଥିବା ଦେଖି । ଆଶ୍ଚର୍ଯ୍ୟ ହେଇ ବିଶ୍ୱାସ କରି ପାରୁ ନଥିଲି ମୁଁ । ମନେ ମନେ ବ୍ୟଥିତ ହେଇ କାନ୍ଦୁଥିଲି ବୁକୁ ଫଟେଇ । ତଥାପି ବିଦ୍ରୋହ କରି ନ ଥିଲି ମୋ ବାପାଙ୍କ ବିରୁଦ୍ଧରେ । ଚୁପଚାପ ସହି ଯାଉଥିଲି ମୋ ନୂଆ ମାଙ୍କର ନିଷ୍ଠୁର ବ୍ୟବହାର ସବୁକୁ । ହେଲେ, ବାପାଙ୍କୁ ସେ କି ମନ୍ତ୍ର କରିଦେଲା ଯେ ବାପା ଆଉ ମୋ କୌଣସି କଥାକୁ ଧ୍ୟାନ ଦେଇ ଶୁଣିଲେନି । ମୁଁ ତାଙ୍କ ଲାଗି ହେଇଗଲି ସାତ ପର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାରମ୍ବାର ଫୋନ ଲଗେଇଲି ପଦେ କଥା ହେବାକୁ, କିନ୍ତୁ ସେ ଏଭଏଡ୍ କରି କାଟି ଦେଉଥିଲେ । ଧୀରେ ଧୀରେ ସେ ମୋ ପାଠ ପଢା ଓ ହଷ୍ଟେଲ ଫି ମଧ୍ୟ ପଠେଇବାକୁ ଭୁଲିଗଲେ । ଦିନେ ରୋକ ଠୋକ୍ ଶୁଣାଇ ଦେଲେ ତୋ ଖର୍ଚ୍ଚ ତୁ ନିଜେ ବହନ କର । ମୁଁ ଆଉ ତୋ ପାଖକୁ ଟଙ୍କାଟିଏ ବି ପଠେଇ ପାରିବିନି । ଅସହାୟ ପକ୍ଷହୀନ ଜଟାୟୁ ଭଳି ସେ ଦିନ ଅନୁବବ କଲି ନିଜକୁ । ଆଦ୍ୟ ଯୌବନରେ ମର୍ମାହତ ହୋଇ ଅସୁବିଧାବଶତଃ ପାଠ ଛାଡିଦେଲି ମୁଁ । ସହର ଛାଡି ଚାଲି ଆସିଲି ଜଙ୍ଗଲ ଭିତରକୁ । ସେଇଠି ଜଣେ ପରିଚିତ ଲୋକ ମତେ ନେଇ ଛାଡି ଦେଲେ ମାଓ କେମ୍ପରେ । ଲାଲ ସଲାମ ମହାମନ୍ତ୍ର ଶିଖାଇଲେ ମାଓବାଦୀ ନେତା । ମୋ ହାତରେ ଧରେଇ ଦେଲେ ଗୁଳି ଭରା ବନ୍ଧୁକ । ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବା, ଗାଁ ମାଟି ପାଣି ଜଙ୍ଗଲ ପାଇଁ ଲଢ଼ିବା, ଇଂଫର୍ମରକୁ ହତ୍ୟା କରିବା, ପୋଲିସକୁ ଚକମା ଦେଇ ଖସି ପଳାଇବା ଇତ୍ୟାଦି ସବୁ କୌଶଳ ଶିଖିଲି ତାଙ୍କରି ଠାରୁ । ମାତ୍ର ଗୋଟିଏ ବର୍ଷ ପରେ ମୋ କାମରେ ଖୁସି ହୋଇ ଦାଦା ମତେ ବନେଇ ଦେଲେ ଏକ ଡିଭିଜନ କ୍ୟାଡରର ମାଓ ନେତା । ଏଇ କିଛିଦିନ ଭିତରେ ମୁଁ ହେଇଗଲି କୁଖ୍ୟାତ ମାଓ ନେତା ବାଦଲ୍ । ମତେ ଧରିବା ପାଇଁ ଦିନ ଦିନ ଧରି ଚାଲିଲା କୁମ୍ବିଂ ଅପରେସନ୍ । ଶେଷରେ ପୋଲିସ ହାତରେ ଧରା ପଡ଼ିଗଲି ଆଜି । ସମସ୍ତଙ୍କ ଘୃଣାର ପାତ୍ର ହୋଇ ସମାଜ ଆଖିରେ ମୁଁ ନେଲି ଜଣେ କଳଙ୍କିତ ପୁରୁଷର ଆଖ୍ୟା । ହେଲେ, ଆପଣ ମାନେ କୁହନ୍ତୁ, ମାଓବାଦୀ ହେବା ପାଇଁ ମୁଁ କଣ ନିଜେ ଦାୟୀ ? ମୋ ବାପା ମା, ଏ ସମାଜ ଏମାନେ କଣ ଦାୟୀ ନୁହନ୍ତି ? ? ? ? ?

୯୪୮୩୭୦୫୯୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏତେ ସହଜ ବି ତ ନୁହେଁ

ପ୍ରାୟ ଚାଳିଶ ମିନିଟ ହୋଇଯିବ ସେ ବସ ଷ୍ଟାଣ୍ଡରେ ଠିଆ ହୋଇ ହୋଇ ଦେହ ଝାଳରେ ପୁରା ବତୁରି ଗଲାଣି । ରାତି ମାଡି ଆସୁଥିଲା ।

ଅବଶ୍ୟ ଖରାଦିନ ବୋଲି ବେଶି ଡର ନଥିଲା । ଅପେକ୍ଷାରୁ ଅନିଶ୍ଚିତତା ଭଳି ଦ୍ୱନ୍ଦ ଖାଲି ତା ମନରେ ଆସୁନଥିଲା ତାସହ ବିରକ୍ତ ବି ଲାଗୁଥିଲା । ବସ ଆସିବାର ସମୟ ତ ହୋଇଗଲାଣି ! କାହିଁକି ଏତେ ଡେରି କେଜାଣି !

ବିରକ୍ତିରେ ବାରମ୍ବାର ଘଣ୍ଟା ଦେଖୁଥିଲା ଅପର୍ଣ୍ଣା । ତାକୁ ଅନେକଥର ଘଣ୍ଟା ଦେଖିବା ଦେଖି ପାଖରେ ଠିଆ ହୋଇଥିବା ବୁଢ଼ାଟି ପଚାରିଲା, "କେତୁଟା ହେଲାଣିକି ଝିଅ ? କୁଆଡେ ଯିବ ?" ଟିକେ ଚାହିଁଲା ଅପର୍ଣ୍ଣା ତାଙ୍କୁ । ପାଖା ପାଖି ସତୁରି ବର୍ଷ ହେବ ବୋଧେ ।



ଅନସୂୟା ପଣ୍ଡା

ଆକାଶୀ ରଙ୍ଗର ପଞ୍ଜାବୀଟା ମଳି ଲାଗି ଲାଗି ପୁରା କୋଚଟ ହୋଇ କଳା ଛିଟ ମାରିଯାଇଛି, ମାଟି ପିଇ ଯାଇଥିବା ଧୋତି ଆଉ ଧଳା ନୁହେଁ ମାଟିଆ ଦିଶୁଥିଲା । ଚୁଟି ସବୁ ପାଚି ଝୋଟ ହୋଇ ମଝି ତାଳୁ ଚନ୍ଦା ହୋଇଯାଇଛି ।

ପରିବା ବ୍ୟାଗ ହାତରେ । ବୋଧେ ଏକନମ୍ବର ହାଟକୁ ଆସିଥିଲେ ।

"ଆଠଟା ପଇଁଚାଳିଶି ମଉସା । ମୁଁ ଏଇ ଖଣ୍ଡଗିରି ଯିବି ।" ମଉସା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ କିଛି ପଚାରିବା ଆଗରୁ ବ୍ୟାଗରୁ ହ୍ୟାଣ୍ଡସ ଫ୍ରି କାଢି ଗୋଟେ ପଟ କାନରେ ଲଗାଇଲା। ଆଉ ଏକ କାନ ଖୋଲା ରଖିଲା ବାହାରର ଶବ୍ଦ ସବୁ ଉପରେ ନିଘା ରଖିବାକୁ ।

ଆଜିକାଲି କାହା ସହ ବେଶି କଥା ହେବାଟା ବି ଠିକ ନୁହେଁ ।

କେଜାଣି କାହିଁକି ତା ମେସ ପାଖ ଦେଇ ଯାଉଥିବା ବସଟି ତଥାପି ଆସିନଥିଲା । ଏଇଟା ସେପଟ ପାଇଁ ଶେଷ ବସ । ବେଳେ ବେଳେ ଦୁଇ ତିନିଟା ବସ ଏକସଙ୍ଗେ ଗଲେ ସେ ଭାବୁଥିଲା କାଳେ ତା ରୁଟର ବସଟି ତା ଭିତରେ ପଳାଇଲା କି ? ତାପରି ଅନ୍ୟ କେତେକ ବି ବଗ ପରି ବେକ ଟେକି ମାଛ ଉପରେ ଧ୍ୟାନ ଦେଲାପରି ତାଙ୍କ ପଟ ବସ ଉପରେ ଧ୍ୟାନ ଦେଉଥିଲେ । ଆଉ ଯାହାର ବସ ଆସି ଯାଉଥିଲା ସେମାନେ ବଡ଼ ଦର୍ପ ର ସହ ବସ ଆଡକୁ ମାଡି ଯାଉଥିଲେ । ସତେ ଯେମିତି ପରୀକ୍ଷା ରେ ପାସ ହୋଇଗଲେ । ଅପର୍ଣ୍ଣାର ମନ ଶୁଖିଯାଉଥିଲା ସେତେବେଳେ !

ତଥାପି ଧୈର୍ଯ୍ୟ ନ ହରାଇ ସେ ଅପେକ୍ଷା କରିଥିଲା । ଅପେକ୍ଷା କରିଥିବା ଅନ୍ୟ ଲୋକ ସଂଖ୍ୟା ଧିରେ ଧିରେ କମିବା ସହ ତାର ଭୟ ବଢିବାକୁ ଲାଗିଲା । ବସ ଯଦି ସତରେ ଚାଲି ଯାଇଥାଏ ସେ କଣ କରିବ ! ଅଟୋରେ ଗଲେ ଅଟୋବାଲା ଏବେ ପ୍ରାୟ ଷାଠିଏ ସତୁରି ଟଙ୍କା ମାଗିବ । ଗୋଟେ ପ୍ରାଇଭେଟ କମ୍ପାନୀରେ ଆବଶ୍ୟକତା ଠାରୁ କମ ଟଙ୍କାରେ ଗଧ ପରି ଖଟଣି । ସେଥିରେ ଏତେ ଟଙ୍କା ଗୋଟେ ଦିନର ଫେରିବା ଖର୍ଚ୍ଚରେ ଦେଲେ ଟଙ୍କା ପାଣିରେ ଫୋପାଡ଼ିଲା ପରି ଲାଗିବ ।

ତା ଭଳି ଏବୟସରେ କାହାର ଜୀବନ ଏମିତି ସବୁ ଆଡୁ ଅସ୍ଥିର ହୋଇ ଅଥଳ ନଇରେ କାତ ହୀନ ଡ଼ଙ୍ଗା ପରି ଭାସୁଛି ! କାହିଁକି କେଜାଣି ତା ସହ ହିଁ ଏମିତି ହୋଇ ଚାଲିଛି । ସିଏ ତ ନିଜ ପାଇଁ ଏତେ ଅମଙ୍ଗଳ କେବେ ଭାବି ନଥିବ ! ପ୍ରାପ୍ତି ଅପ୍ରାପ୍ତିର ଲୁଚକାଳି ଖେଳରେ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଅପ୍ରାପ୍ତି ହିଁ ବାଜି ମାରିନେଇ ଆସନ ଜମେଇ ରହିଛି ଯେ ଯିବାର ନାଁ ଧରୁନି । ସେ ନାଁ ଧରୁନି କି ଅପର୍ଣ୍ଣା ତାଙ୍କୁ ସବୁ ଛାଡିବାକୁ ଚାହୁଁନି ସେ କଥା ସେ କହି ପାରିବନି ! ମାଟ୍ରିକ ପରୀକ୍ଷା ପୂର୍ବରୁ ବୋଉ ହଠାତ ଦିନେ କଥା କହୁ କହୁ ଖଟ ଉପରୁ ପଡିଯାଇ, ଚାଲିଗଲା । ବିପି ବଢ଼ି ଗଲା ବୋଲି ଡାକ୍ତର କହିଲେ ।

ବୋଉ ବଞ୍ଚିଲା ଅବସ୍ଥାରେ ବଡ ଦୁଇ ଭଉଣୀ ବାହା ସାରିଥିଲେ । ଆଉ ବାପା ଯିବା ପରେ ଦୁଇ ଭାଇ ନିଜନିଜ ଜୀବନରେ ବ୍ୟସ୍ତ ରହିଲେ ।

ହେଳାରେ ହେଳାରେ ଅପର୍ଣ୍ଣା କଥା ସମସ୍ତେ ଭୁଲିଗଲେ, ଆଉ ସେ ଏକୁଟିଆ ରହିଗଲା । ବାପା ବୋଉ ନଥିବା ଘରେ, ଭାଉଜଙ୍କ ପାଖରେ ରହି ସବୁଦିନ ଲଢ଼ିବା ଅପେକ୍ଷା ଲେଡ଼ିଜ ହଷ୍ଟେଲରେ ସେ ସିଙ୍ଗଲ ରୁମ ନେଇ ରହିଛି । ନିଜେ ରୋଷେଇ କରି ଖାଏ । କେବେ ଲମ୍ବା ଛୁଟି ହେଲେ ଘର ଆଡେ ଦୁଇ ତିନିଦିନ ବୁଲି ପଳେଇ ଆସେ । ସମ୍ପର୍କ ସବୁବେଳେ ସେମିତି, ଦୂରରୁ ସୁନ୍ଦର, ମଜଭୁତ ।

ଦୁଃଖର ବହ୍ନି ବେଶି ଦିନ ଜଳାଏ ନାହିଁ । ମଣିଷ ଧିରେ ଧିରେ ଆରେଇ ଯାଏ ସେ ନିଆଁ ତାପରେ । ଅପର୍ଣ୍ଣା ବି ଧିରେ ଧିରେ ସାଲିସ କରିନେଲାଣି ଜୀବନ ସହ ।

ଗତ କଥା ମନରୁ ଆଡେଇ ଦେଇ, ବର୍ତ୍ତମାନ ସହ ମିତ ହୋଇଛି । ଝଡ଼ ବେଳର ଅସ୍ଥିରତା ଧୀରେ କମି ଆସୁଛି । ସେ ଯାହାବି ହେଉ ଏବେ ପଛ କଥା ନୁହେଁ ଆଗକୁ କେମିତି ଖୁସିରେ ରହିବ ସେଇ କଥା ସେ ଭାବୁଛି ।

ଅନ୍ୟ ମନସ୍କ ହୋଇ ଏମିତି ଆବୁରୁ ଜାବୁରୁ ଭାବୁଛି ତ ହଠାତ କାରଟିଏ ଆସି ତା ପାଖରେ ରହିଲା । ଡରିଯାଇ ସେ ଟିକେ ପଛକୁ ଘୁଞ୍ଚିଗଲା । ଆଜିକାଲି ଯେଉଁ ଯୁଗ ହେଲାଣି ନା, ଯେତେବେଳେ ନାହିଁ ସେତେବେଳେ କିଛି ନା କିଛି ହୋଇଯିବ । କାର ଭିତରେ ଲାଇଟଟି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଗେଇ, ଆଗ ଡୋରଟି ଖୋଲିଲା ପରେ ସେ ମୁହଁ ଗଳେଇ ଦେଖିଲା । ଚିହ୍ନା ଚିହ୍ନା ମୁହଁ "ଆରେ ଭିତରକୁ ଆସେ, କଣ ଏମିତି ଦେଖୁଛୁ ? ଚିହ୍ନି ପାରୁନୁ ନା କଣ ?" ଦୋଦୋଚିହ୍ନା ମୁହଁଟିକୁ, ସ୍ୱର ଶୁଣିଲା ପରେ ପୁରା ଚିହ୍ନି ପାରିଲା ସେ । ଶୁଭଶ୍ରୀ ! ଶୁଭଶ୍ରୀ ପଟ୍ଟନାୟକ ! ତା ସାଙ୍ଗ । ହାଇସ୍କୁଲରୁ ବିଏ ଯାଏ ଏକାଠି ପଢ଼ିଛନ୍ତି ସେମାନେ । ହେଲେ ବିଏ ପଢା ପରେ ସେ ବାହାହୋଇ ତା ଇଞ୍ଜିନିଅର ସ୍ୱାମୀ ସହ ଦିଲ୍ଲୀ ଗଲା । କିଛି ଦିନ ଯୋଗାଯୋଗ ଠିକ ଥିଲା, ଧିରେ ଧିରେ ଶୁଭଶ୍ରୀ ହିଁ ନିଜ ଆଡୁ ସମ୍ପର୍କରେ ପୂର୍ଣ୍ଣଛେଦ ଟାଣିଲା ପରି ଲାଗିଲା । ଅପର୍ଣ୍ଣା ବି ଆଉ ତାକୁ ହଇରାଣ କରି ନଥିଲା ।

କାରର ଡୋରଟା ଦେଲା ପରେ ଅପର୍ଣ୍ଣା କଣ କହିବା ପୂର୍ବରୁ ତାକୁ କେଉଁଠି ଛାଡିବ ବୋଲି ପଚାରିଲା ଶୁଭଶ୍ରୀ । ଖୁବ ତରତର ଜଣା ପଡୁଥିଲା । ତା ହଷ୍ଟେଲର ଠିକଣା କହିଦେଇ ସେ ଚୁପ ରହିଲା । ଶୁଭଶ୍ରୀ ଗାଡି ଚଲାଉଥାଏ, ତା ଅଜାଣତରେ ତାକୁ ଦେଖିବାରେ ଲାଗିଥାଏ ଅପର୍ଣ୍ଣା । ଏ ଭିତରେ ଜୀବନର ଉଠାଣି ଗଡ଼ାଣି ରାସ୍ତାରେ ପ୍ରାୟ ଅଠର ବର୍ଷ ବିତି ଯାଇଛି ।

ବହୁତ ବଦଳି ଯାଇଛି ଶୁଭଶ୍ରୀ । ବେଶ ପୋଷାକରେ ଅଭିଜାତ୍ୟର ପ୍ରତିଛବି । ଆଧୁନିକ ବେଶ ପାରିପାଟୀରେ ସେ ପୂର୍ବ ଅପେକ୍ଷା ଆହୁରି ସୁନ୍ଦରୀ ବି ଦିଶୁଥିଲା । ତଥାପି ଲାଗୁଥିଲା ଶୁଭ ତାର ମୂଳ ସତ୍ତା ଠାରୁ ଦୁରେଇ ଯାଇଛି । କିଛି ଗୋଟେ ହରେଇ କିଛି ଜାବୁଡି ଧରିବାର ପ୍ରୟାସ ରେ ସେ ନିଜେ ନିଜ ପାଖରୁ ଦୁରେଇ ଯାଇଛି ।

ମୁହଁରେ ତାର ଅଖଣ୍ଡ ନୀରବତାର ରାଜୁତି । କାହିଁକି କେଜାଣି ଆପଣାର ଲୋକମାନେ ଏମିତି ଗାମ୍ଭୀର୍ଯ୍ୟର ଚାଦର ଘୋଡେଇ ହୁଅନ୍ତି ! ନିଜ ବଡ଼ଲୋକିର ପ୍ରଚାର କରି, ସଫଳତାର ଧ୍ୱଜା ଉଡାଇବାକୁ । ଅପର୍ଣ୍ଣା ବି ନିଜ ଆଡୁ କିଛି ପଚାରି ପାରିଲାନି । ତାକୁ ଛାଡିବା ପୂର୍ବରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଭଶ୍ରୀ ତା ଭିଜିଟିଂ କାର୍ଡଟା ବଢ଼ାଇ ଦେଇ କହିଲା, "ରବିବାର ଦିନ ମୋ ଝିଅର ଜନ୍ମଦିନ ଅଛି, ନିଶ୍ଚୟ ଆସିବୁ, କଥା ହେବା ।" ତା ହାତରୁ କାର୍ଡ ନେଇ ତାକୁ ଧନ୍ୟବାଦ ଜଣାଇବା ଉଚିତ କି ନାହିଁ ଭାବିବା ପୂର୍ବରୁ ସେ ଗାଡିର ଡୋରଟା ବନ୍ଦ କରି ସାରିଥିଲା ।

ରୁମକୁ ଆସି ଧୁଆ ଧୁଇ ହୋଇ, ରୋଷେଇ କରିବ କଣ ବୋତଲରୁ ପାଣି ଢୋକେ ପିଇ ସେ ଖଟରେ ଟିକେ ଗଡି ପଡିଲା ।

ସମୟ ସହ ମଣିଷ ମାନେ କେତେ ବଦଳି ଯାଆନ୍ତି ସତରେ । ଶୁଭ ତା ସାଙ୍ଗ ନୁହେଁ, ତା ଭଉଣୀ ପରି । ତା ବୋଉ ନଥିଲା ବୋଲି ପୂଜାପର୍ବାଣୀରେ ଘରୁ ପିଠା, ଭୋଗ ଆଦି ଆଣୁଥିଲା, ତାକୁ ଘରକୁ ଡାକି ଜୋର କରି ତାଙ୍କ ଘରେ ଦୁଇ ତିନିଦିନ ରହିବାକୁ ବାଧ୍ୟ କରୁଥିଲା । ଆଉ ଫେରିଲା ବେଳେ ଦେବୁ ଭାଇଙ୍କୁ ସାଙ୍ଗରେ ପଠାଏ ତାକୁ ଘରେ ଛାଡି ଦେବାକୁ । ଦେବୁ ଭାଇ ଶୁଭଶ୍ରୀର ବଡ଼ ଭାଇ ।

ଦେବୁ ଭାଇ ବାଣୀବିହାରରେ କମର୍ସରେ ପିଜି ସାରି ମଉସାଙ୍କ ସହ ବିଜନେସ କାମରେ ସାହାଯ୍ୟ କରୁଥିଲେ । ଶୁଭଶ୍ରୀ ତ କୁହେ ଦେବୁ ଭାଇ ବହୁତ ଭଲ, ହେଲେ କମ କଥା କହୁଥିବାରୁ ଅପର୍ଣ୍ଣା ଭାବେ ସେ ଖୁବ ରାଗି ।

ଶୁଭଶ୍ରୀକୁ ତା ଶାଶୁ ଘର ଲୋକେ ସେଦିନ ଦେଖିବାକୁ ଆସିଥିଲେ ।

ଶୁଭର ଏକା ଜିଦି, "ଦେଖ ଅପୁ ତୁ ନଆସିଲେ ମୁଁ ସେମାନଙ୍କ ଆଗରେ ବସିବାକୁ ଯିବିନି କହି ଦେଉଛି !"

"ଭଲ କଥା ତୋତେ ଦେଖିବାକୁ ଆସିବେ ମୁଁ ସେଠି ରହି କଣ କରିବି ? ଏ କଣ ଭଲ ହେବ ?" ଅପର୍ଣ୍ଣା ଯେତେ କହିଲା, ଶୁଭର ଜିଦି ଆଗରେ ସବୁ କାଟ ଖାଇଲା, "ମୁଁ କିଛି ଶୁଣିବିନି । ତୁ ନିଶ୍ଚେ ଆସିବୁ !"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଉସୀ ବି ବାଧ୍ୟ କଲେ, ସେ ଆସିଥିଲା । ଶୁଭ ସେମାନଙ୍କର ପସନ୍ଦ ହୋଇଗଲା ।

ଘରେ ଖୁସିର ଲହରୀ । ସେ ଦିନ ଦେବୁ ଭାଇଙ୍କର ଜନ୍ମଦିନ ବି ଥିଲା । ସନ୍ଧ୍ୟାରେ ତାକୁ ଛାଡିବାକୁ ଆସିବା ବେଳେ ବେଶି ଗୁମ୍ ସୁମ ଲାଗୁଥିଲେ ସେ । ଘରକୁ ଯିବା ବାଟରେ ପଡୁଥିବା ଶିବ ମନ୍ଦିର ପାଖରେ ଗାଡି ରଖିଲେ ଦେବୁ ଭାଇ । କିଛି ବୁଝି ପାରୁନଥିଲା ଅପର୍ଣ୍ଣା । "ଆରେ ଆ ! ଆଜି ଖୁସିର ଦିନଟା, ମନ୍ଦିର ଯିବା ।" ପାର୍ବତୀଙ୍କ ପାଖରେ ମୁଣ୍ଡିଆ ମାରିବା ବେଳେ ତାକୁ ଯେମିତି ଲାଗିଲା ଦେବୁଭାଇ କହୁଛନ୍ତି, "ମୁଁ ତୋତେ ଭଲ ପାଏ ଅପୁ ।" ସେ ବିଶ୍ୱାସ କରି ପାରୁନଥିଲା । ସେ ଆଖି ଖୋଲି ଦେଖିବା ପୂର୍ବରୁ ଦେବୁ ଭାଇ ଚଟ କରି ପଳାଇ ଯାଉଥିଲେ । ଶବ୍ଦମୟ ହୋଇଯାଉଥିଲା ତା ଦୁନିଆ । ସବୁଆଡେ ଆଲୋକର ବର୍ଣ୍ଣାଳୀ, ପକ୍ଷୀଙ୍କ କାକଳି । ଖୁବ ସୁନ୍ଦର ଲାଗୁଥିଲା ଗଛ ପତ୍ର, ଆକାଶ, ପୃଥିବୀ, ସବୁ କିଛି ଆଉ ଦେବୁଭାଇ... । ପଣସ ଗଛ ସନ୍ଧିରେ ରୂପା ଥାଳି ପରି ଚତୁର୍ଦ୍ଦଶୀର ଜହ୍ନଟା ବି ଲାଜେଇ ସହମତି ଦେଉଥିଲା । ଫେରିବା ବେଳେ ତାକୁ ଲାଜ ଲାଗୁଥିଲା ଦେବୁ ଭାଇଙ୍କ ସହ ଗାଡିରେ ବସି ଆସିବାକୁ । ଛାଡିବା ବେଳେ ସେ ଧୀରେ ପଚାରିଥିଲେ, "ତୋ'ଠୁ ଉତ୍ତର ପାଇଲିନିତ !" ରାତି ସାରା ଅପର୍ଣ୍ଣା ଶୋଇ ପାରିନଥିଲା ଅସ୍ଥିରତାରେ । ହେଲେ ସେ ଦେବୁଭାଇଙ୍କୁ ଆଉ ଉତ୍ତର ଫେରାଇବାକୁ ସମୟ ପାଇନି । ସେଦିନ କଲେଜରେ ଶୁଭଶ୍ରୀ କହିଲା ଦେବୁ ଭାଇଙ୍କର ବି ବାହାଘର ଠିକ ହୋଇଗଲା ଯାଙ୍କ ପିଉସୀ ଝିଅ ସହ । କୋହ ଆଉ ଲୁହ ରୋକିଦେଲା ନିଜ କଣ୍ଠରେ ଅପର୍ଣ୍ଣା, କିଛି ହସ ମୁହଁରେ ଟାଣିଆଣି । ଜୀବନ ତାର କେଉଁ ମୋଡରେ କାହା ପାଇଁ କେମିତି ଆଶ୍ଚର୍ଯ୍ୟ ସବୁ ରଖିଛି କିଏ ଜାଣେ । ସେମିତି ମୋଡରେ ଜୀବନ ଆଗକୁ ଚାଲିଥିଲା ।

ରବିବାର ଦିନ ସାଢେ ତିନିଟା ବେଳେ ଅପର୍ଣ୍ଣା ତା ରୁମରୁ ବାହାରିଥିଲା । ଗତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାତିରେ ଭିଜିଟିଙ୍ଗ କାର୍ଡରୁ ଶୁଭଶ୍ରୀର ନମ୍ବର ନିଜ ମୋବଇଲରେ ଷ୍ଟୋର କରି ଦେଇଥିଲା ସେ । ରୁମରୁ ବାହାରିଲା ପୂର୍ବରୁ ତା ଘରର ଠିକଣା ବି ଫୋନ କରି ବୁଝିନେଲା ।

ଯିବା ବାଟରେ ତା ଝିଅ ପାଇଁ କଣ ଉପହାର କିଣି, ବସରେ ଯାଇ ସନ୍ଧ୍ୟା ପୂର୍ବରୁ ଶୀଘ୍ର ଫେରିଆସିବ ଭାବି ସେ ବାହାରିଥିଲା । ସତ କହିବାକୁ ଗଲେ ତା ଘରକୁ ଯିବାକୁ ତାର ଜମା ଇଛା ନାହିଁ । ଏତେ ଦିନ ପରେ ଶୁଭଶ୍ରୀ ମିଶିଲା ହେଲେ ତାର ହାବ ଭାବରେ ଝଟକୁ ଥିବା ଗର୍ବୀ ଗର୍ବୀ ଭାବ ତାକୁ ତାକୁ ବିଲକୁଲ ଭଲ ଲାଗିଲାନି । ଯେତେ ଯାହା ହେଲେ ବି ଆପଣାର ଲୋକ ମାନେ ଦେଇଥିବା କଷ୍ଟ ବି ନିଜର ଲାଗେ ।

ଉପହାର କିଣିଲା ବେଳେ ଦ୍ୱନ୍ଦରେ ପଡିଲା ସେ । ଶୁଭଶ୍ରୀର କେତେ ବର୍ଷର ଝିଅ ପଚାରିବାକୁ ଭୁଲି ଯାଇଥିଲା କାଲି । କିଛି ନହେଲେ ଚକୋଲେଟ ନେଇଯିବ, ଚକୋଲେଟ ତ ପିଲାଠୁ ବୁଢ଼ା ସମସ୍ତେ ପସନ୍ଦ କରନ୍ତି । ଦୁଇଟା ଡାଏରୀ ମିଳକ ସିଲକ ଚକଲେଟ କିଣିଲା ହେଲେ ତାକୁ ଅପସନ୍ଦ ଲାଗିଲା । ଦୁଇଶହ ଟଙ୍କା ଦେଇ ହଳଦିଆ, ଧଳା, ଖୁବ ଅଳ୍ପ ନାଲି ଗୋଲାପ ଫୁଲ ଥିବା ଫୁଲ ତୋଡ଼ାଟିଏ ମଧ୍ୟ କିଣିଲା । ଯେତେ ହେଲେ ଏତେ ଦିନ ପରେ ପ୍ରିୟ ସାଙ୍ଗ ଘରକୁ ଯାଉଛି, ତାକୁ କଣ କହିବ ସେ ଗୋଟେ ଛୋଟ କମ୍ପାନୀରେ ଚାକିରୀ କରୁଛି, ଏତେ କମ ଟଙ୍କା ମିଳୁଛି ଯେ ଏକୁଟିଆ ଚଳିବାକୁ ବି ନିଅଣ୍ଟ ହେଉଛି !

ବସରେ ଗଲେ ଭିଡରେ ଫୁଲ ତୋଡ଼ା ମକଚି ହୋଇଯିବ, ପାଖ ବାଟ ତ ତେଣୁ ଅଟୋ ଟିଏ ଧରିଲା, ଯାଉପଛେ ଚାଳିଶ, ପଚାଶ ଟଙ୍କା । ଶୁଭଶ୍ରୀର ଘର ଦୁଆର ମୁହଁରେ ପହଞ୍ଚି ଆଶ୍ଚର୍ଯ୍ୟ ହେଲା ଅପର୍ଣ୍ଣା । ନିହାତି ସାଧାରଣ କୋଠା, ସେ ତ ଭାବିଥିଲା ଅନ୍ୟ ରାଜ୍ୟରୁ ଫେରି ଶୁଭଶ୍ରୀ ବୋଧେ ଏଠି ଦୁଇ ତଳ ପ୍ରାସାଦ ତିଆରି କରି ରହିଥିବ । ସେ ଯାହା ହେଉ ଗେଟ ଖୋଲି ଅପର୍ଣ୍ଣା ଭିତରକୁ ଗଲା । ତାକୁ ଡ୍ରଇଂ ରୁମରେ ବସିବାକୁ କହିଦେଇ ଶୁଭଶ୍ରୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ସମୟ ଯାଏ ଭିତରକୁ ଯାଇଥାଏ । ବସି ବସି ଅପର୍ଣ୍ଣା ଡ୍ରଇଂ ରୁମରେ ଆଖି ପକାଉଥାଏ । ଖୁବଚ୍ଛୁଇଁଲା ତାକୁ ଡ୍ରଇଂ ରୁମର ସାଜସଜ୍ଜା । ଏତେ ସଜାଡିହୋଇ ରଖା ଯାଇଛି ଜିନିଷ ଯେ ତାକୁ କେମିତି ସବୁ କୃତ୍ରିମ ଲାଗୁଥିଲା । ବାସ୍ତବରେ ସବୁ କଣ ଏତେ ପକ୍କା । ଟିକେ ଖୁଣ ଅଛି ବୋଲିତ ଜହ୍ନ ସୁନ୍ଦର ଲାଗେ, ନିଜର ଲାଗେ ।

ଡ୍ରଇଂ ରୁମରେ ଅତ୍ୟାଧୁନିକା ମା, ବଢନ୍ତା ଝିଅଙ୍କର ବିରାଟ ଫଟୋ ଦେଖି ତାକୁ ଆହୁରି ଜାକି ଜୁକି ଲାଗୁଥାଏ । ଅନ୍ୟ କିଛି ହାତ ଗଣତା ଅତିଥି, ଝିଅର ସାଙ୍ଗ ଓ ପାଖ ପଡୋଶୀ ବି ଅପେକ୍ଷାରେ ଥାଆନ୍ତି । ତାକୁ ଭିତରକୁ ଡାକିବି ପାରିଥାନ୍ତା ଶୁଭ ! ହଉ ଛାଡ଼ ! ଆଗର ସେଦିନ ସବୁ ଆଉ ନାହିଁ ।

ଅନେକ ସମୟ ପରେ ସାଜହୋଇଥିବା ଟେବୁଲ ଉପରେ କେକଟା ଆଣି ରଖିବା ପରେ, ଝିଅକୁ ଧରି ଆସିଲା । ତେର ଚଉଦ ବର୍ଷର ଝିଅ ତାର ଯେ ମାନସିକ ବିକଳାଙ୍ଗ ଏକଥା ବୁଝିବାପରେ ସେ ଶୁଭଶ୍ରୀ ଉପରେ ଦୟା କରିବା ଆରମ୍ଭ କରି ଦେଇଥାଏ । ଏଇଯେ ତାର ଗର୍ବର ନୁହେଁ, ଦୁଃଖର ଗମ୍ଭୀର୍ଯ୍ୟତା ସେକଥା ଅପର୍ଣ୍ଣା ବୁଝି ପାରିଥାଏ ।

ସେଦିନ ରାତିରେ ରହିବାକୁ ବାଧ୍ୟ କଲା ଶୁଭଶ୍ରୀ । ସ୍ୱାମୀ ଥିବା ଅବସ୍ଥାର ଯୁଗ୍ମ ଜୀବନ, ସ୍ୱାମୀଙ୍କ ଅକାଳ ମୃତ୍ୟୁ ପରେ ଏବର ଏକୁଟିଆ ଜୀବନଠାରୁ ଖୁବ ବନ୍ଧୁର ଥିଲା, ସେକଥା କହିବା ବେଳେ ଆଖି ଦୁଇଟି ତାର ଲୁହ ଟଳ ମଳ ହୋଇ ଯାଉଥିଲା ।

କିଛି ବର୍ଷର ଅସହଣି ସହଭାଗିତା, ଗୋଟେ ଅପଙ୍ଗ ଝିଅର ଭାର ସହିତ ଅସ୍ଥିର ଭବିଷ୍ୟତକୁ ସ୍ଥିର କରିବାକୁ ସେ ମେସ ମାନଙ୍କୁ ଟିଫିନ ଯୋଗାଇବା ବିଜନେସ ଆରମ୍ଭ କରିଛି । ସାହାଯ୍ୟ କରିବାକୁ ଜଣେ ସ୍ତ୍ରୀ ଲୋକ ବି ରଖିଛି । ଦିନ କଟିଯାଉଛି ସିନା ହେଲେ ସେସବୁକୁ ମେଣ୍ଟାଇବା ଏତେ ସହଜ ବି ତ ନୁହେଁ ।

କାର୍ଡଗୁଡି, ବାଙ୍ଗାଲୋର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଚ୍ଛେଦିନ ଓ ବିକାଶ ଏବେ କୋଉଠି ?



ଇଂ ବିଦ୍ୟାଧର ପଣ୍ଡା

ଗାଁମୁଣ୍ଡ ବରଗଛ ତଳ ଚାନ୍ଦିନୀରେ ଶୋଇବାକୁ ଖରାଦିନ ଚାରିମାସ ବହୁତ ଭିଡ । ଘରେ କାହାର ରହିବାକୁ ଇଚ୍ଛା ହୁଏନି । ଛୁଆଠାରୁ ବୁଢାଯାଏ ସମସ୍ତେ ଦଶଟାରୁ ଅଖା କି ଶପ ଖଣ୍ଡେଖଣ୍ଡେ କାଖରେଯାକି ସେଠି ହାଜର । ଘଂଚ ବରଗଛର ବହଳ ଅନ୍ଧାରୁଆ ଛାଇକୁ ନଦୀପଠାରୁ ପାଣିଉପର ଦେଇ ଆସୁଥିବା ସୁଲୁସୁଲିଆ ଥଣ୍ଡାପବନ ନିଦମାଉସୀକୁ ଡାକିଆଣେ । ଯିବାଆସିବା ଲୋକ ଘଡିଏ ବସିଗଲେ ଢୁଳାଇବାକୁ ଆରମ୍ଭ କରନ୍ତି । ମଫସଲ ଲୋକଙ୍କର ଗାଁଗଣ୍ଡାରେ ଆଉ ଆଜିକାଲି ବିଶେଷ କିଛି କାମନାହିଁ । ଟଙ୍କିକିଆ ଚାଉଳର ବାସିପଖାଳ ଅମୃତପରିକା ଲାଗୁଛି । ସାଙ୍ଗରେ କୋଳିଖଟା କି ଆମ୍ବୁଲଫାଳକୁ ଧାନୁଆ କଂଚାଲଙ୍କା ଲୁଣଦେଇ ଦଳିଦେଲେ ବେଲାଏ ଦେଢବେଲା ଉଠିବାକୁ ଭାରି ସହଜ । “ବାହ୍ୟ ମଳମୁକ୍ତ ଗାଁ” ବୋଲି ଗାଁ ବାହାରେ ଫଳକ ଲାଗିଛି, ହେଲେ ସଞ୍ଜସକାଳେ ଯଦି କେହି ସେହି ଚାନ୍ଦିନୀ ଉପରେ ବସି ଢାଳଧରି ପଠାତଳକୁ ଶୌଚପାଇଁ ଗଡୁଥିବା ସ୍ତ୍ରୀପୁରୁଷଙ୍କୁ ଗଣିବ ତେବେ ତାକୁ ଗାଁ ଜନସଂଖ୍ୟାର ସଠିକ୍ ହିସାବ ମିଳିଯିବ । ସରକାରୀ ନଥିପତ୍ରରେ ସବୁଘରେ ଶୌଚାଳୟ ଅଛି ତ ସେଥିପାଇଁ ସରପଂଚ ସେପରି ବୋର୍ଡ ଲଗେଇ ଅଧିନରେ ଥିବା ସତରଟି ଗାଁରୁ ବାରଟି ଗାଁ ବାହ୍ୟ ମଳମୁକ୍ତ ବୋଲି ଡେଙ୍ଗୁରା ପିଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଲଗଦାରେ ଚଢି ଉଛାହେଉଛି । କିଛିକିଛି ଶୌଚାଳୟରେ ତଳେ ଟାଙ୍କି ବି ଗଢାଯାଇନି, କେବଳ ଫଟୋ ଉଠାଯାଇ ବ୍ଲକରୁ ପଇସା ଆଣିବାପାଇଁ ଯେତିକି କାନ୍ଥ ଦରକାର ସେତିକି ତିଆରି ହୋଇ ପଲସ୍ତରା ଉପରେ ରଙ୍ଗ ମରାଯାଇଛି । ଯାହାହେଉ ଗୋଟେ ଖୁସି ।

ମହିଆନା ବରଗଛ ତଳ ଶନିମନ୍ଦିର ପୂଜାକରେ । ନଅଟାବେଳକୁ ଖାଇପି ଢାଳେ ପାଣିନେଇ ଆସି ଶନିଦେବଙ୍କ ପାଖରେ ଫୁଲପାଣି ଟିକେ ଛିଂଚି ବରଗଛ ଖୋଲରେ ଗେଂଜିଥିବା ଜରି ଚାଦିନୀରେ ବିଛେଇ ପ୍ରଥମ ଘୁଂଗୁଡି ମାରେ । ତାକୁ ଘଡିଏ ନିଦହୋଇ ଭାଙ୍ଗିଲାପରେ ବେଫୁଲନା ଗଜି ବିଜୟ ତାସମୁଠା ଆଣି ଏଗାର ସାଢେ ଏଗାରଟାରେ ସେଠି ପହଁଚନ୍ତି । ଆଜି କିନ୍ତୁ ସିଏ ଦେଖୁଛି ତାର ଦୈନିଦିନ ଶୋଇବା କଣ ଜାଗାରେ ଜଣେ ବାଆଜି ବସି ଥକା ମେଂଟାଉଛି । ଲାଗୁଛି ବହୁତଦୂରରୁ ଚାଲିଚାଲି ଆସିଛି । ମୁହଁରେ ଦାଢି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରି ବହୁତଦିନ ଧରି ଅକଟା ଅଛି । ଛାତି ପଞ୍ଜରାହାଡ ଗଣି ହେଉଛି । ଅନୁମାନ ହେଉଛି କେତେଦିନରୁ କିଛି ଖାଇନି, ବୋଧହୁଏ ତାକୁ ଶୋଷ ହେଉଛି । କରୋନା କାଳରେ କାହାପାଖକୁ ଯାଇ ଭଲମନ୍ଦ ପଚାରିବାକୁ କାହାର ସାହସ କୁଳଉନି । ତଥାପି ମହିଆନା ମଣିଷପଣିଆ ଦେଖେଇଲା । ଶନି ମହାରାଜଙ୍କ ପୂଜାଛାଡି ସେ ବୁଢା ବାଆଜି ପାଖକୁ ଯାଇ ନିଜମୁହଁରେ ଗାମୁଛାକୁ ତୁଣ୍ଡିଭିଡି ପଚାରିଲା, 'ପାଣି ପିଇବ ?'

ନା ।

ଦାଣ୍ଡକୁଅ ଥଣ୍ଡାପାଣି, ପଇଡପାଣି ପରି ସୁଆଦ । ଆଞ୍ଜୁଳା କର, ମୁଁ ଢାଳୁଛି । ପାଣିକୁ ମନା କରନ୍ତିନି ।

ଓଃ.. ଓଃ.. ସତରେ ପଇଡପାଣି ଲାଗୁଛି । ତମଘର ଏଇ ଗାଁରେ ?

ହଁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଠି କେତେଦିନ ହେଲା ରହୁଛ ?

ବାପଅଜା ଚଉଦ ପୁରୁଷରୁ । କାହିଁକି ? କ'ଣ ପାଇଁ ଏମିତି ପଚାରୁଛ ?

ନାଇଁ ମ ! ସେମିତି କିଛି ନାହିଁ । ମୁଁ ଦି'ଜଣଙ୍କୁ ଛଅସାତ ବର୍ଷହେଲା ଖୋଜୁଛି । ଏବେଯାଏ ସେମାନଙ୍କର କିଛି ଖବରଅନ୍ତର ପାଇନି ।

କ'ଣ ତାଙ୍କ ନାଁ ?

ଅଚ୍ଛେଦିନ୍ ଓ ବିକାଶ ।

ସେମାନେ କ'ଣ ଦୁଇ ଭାଇ !

ଭାଇ ନୁହଁନ୍ତି, କିନ୍ତୁ ଦୁହିଁଙ୍କ ଭିତରେ ବହୁତ ନିବିଡ ସମ୍ପର୍କ । ଜଣକୁ ଛାଡି ଅନ୍ୟଜଣେ ଗୋଟିଏ ମୁହୂର୍ତ୍ତ ବି ରହିପାରେନା ।

ସେମାନେ କୋଉଠିକାର ?

ଗୁଜୁରାଟ ରାଜ୍ୟର । ପ୍ରଥମେ ଗୁଜୁରାଟ ଗାନ୍ଧୀନଗରରେ ଜନ୍ମହୋଇ କଲେଜଯାଏ, ମାନେ କୋଡିଏ ପଚିଶବର୍ଷ ପର୍ଯ୍ୟନ୍ତ ସେଠି ବଢିଥିଲେ ବୋଲି ଅନେକ କୁହାକୁହି ହୁଅନ୍ତି । ୨୦୧୪ରୁ ଗୁଜୁରାଟ ଛାଡି ଦିଲ୍ଲୀ ଆସିଲେ । ଦୁଇବର୍ଷ ଫୁନ୍‌ଫାନ୍ କରୁଥିଲେ, ଭଲରେ ଚଳୁଥିଲେ । ତାପରେ ଗାୟବ । ମୁଁ ଦୁଇହଜାର ଅଠର ମସିହା ଯାଏ ଅପେକ୍ଷା କରି ତାଙ୍କୁ ଖୋଜିବାକୁ ବାହାରି ପ୍ରଥମେ ଦିଲ୍ଲୀ, ତାପରେ ହିମାଚଳ ଉତ୍ତର ପ୍ରଦେଶ ମଧ୍ୟପ୍ରଦେଶ କେତେ କୁଆଡେ ଖୋଜିଲିଣି । କୋଉଠି ପାଉନି । ଜଣେ କହିଲା ପୂର୍ବୋତ୍ତର ରାଜ୍ୟ ମାନଙ୍କରେ ଥିବେ । ସିଆଡେ ପାହାଡ ପର୍ବତ ଚାଲିଚାଲି ମୋ ପାଦରେ ଛାଲ ପଡିଗଲା, ହେଲେ ତାଙ୍କୁ କୋଉଠି ପାଇଲିନି । ତାପରେ ପଶ୍ଚିମବଙ୍ଗ ଦେଇ ଓଡିଶାରେ ପଶି ବହୁତ ଦିନ ହେଲା ଖୋଜୁଛି । ଜଣେ କହିଲା ପୁରୀ ପଳା । ପୁରୀ ଯାଇ ଦେଖିଲି ମନ୍ଦିର ବେଢାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ନନା କାନ୍ଦୁଛି । ସେ ଦିଜଣ ତାକୁ ଠକି ମାସେତଳେ କୁଆଡେ କୋଣାର୍କ ପଳେଇଛନ୍ତି । ମୁଁ କୋଣାର୍କ ପହଁଚିଲା ପରେ ଜାଣିଲି ପନ୍ଦରଦିନ ତଳେ ତୁମରାଜ୍ୟର ପୁରୁଣା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଆଡକୁ ଆସିଥିଲେ । ତାପରେ ଏମିତି ଚାଲିଛି । ହେଲେ ଏବେ ଯାହାସବୁ ରାସ୍ତାରେ ଦେଖିଲି ମୋତେ ଲାଗୁଛି ସିଏ ଏପଟ ଦେଇ ଆସିନଥିବେ । ମୁଁ ବୋଧହୁଏ ବାଟବଣା ହୋଇସାରିଛି, ତା'ଙ୍କୁ ଆଉ ପାଇବିନି ।

ନିରାଶ ହେଉଛନ୍ତି କାହିଁକି ! ଜଗନ୍ନାଥ ଚାହିଁଲେ ସେମାନେ ତୁମକୁ ନିଶ୍ଚିତ ମିଳିବେ ।

ହଁ ପୁଅ । ଏତେବେଳେ ଲକ୍ଷଟଙ୍କାର କଥାଟିଏ କହିଲ । ଜଗନ୍ନାଥ ଚାହିଁଲେ ସେମାନେ ମୋତେ ମିଳିବେ, ନହେଲେ ନାହିଁ । ମୋଦୀ ନବିନା କି ଭାଇ ଦାଦା ଚାହିଁଲେ କିଛି ହେବାର ନାହିଁ । ଜଗନ୍ନାଥ ଚାହିଁବା ଦରକାର । ହେଲେ ସିଏ କାହିଁକି ଚାହିଁବ ? ତାକୁ ଆମେ ଓପାସ ରଖୁଛେ, ତା ନୀତିକାନ୍ତିରେ ବିଳମ୍ବ କରୁଛେ । ତା ମନ୍ଦିରରେ ମାଡଗୋଳ ଲାଗି କାଠ ଫାଳିଆରେ ମୁଣ୍ଡ ଫଟାଫଟି ହେଉଛେ । ଏତେ ପରେ ବି ଆମେ କହୁଛେ ସିଏ ଚାହୁଁ । ଆମପାଖକୁ ଅଚ୍ଛେଦିନ୍ ଓ ବିକାଶ ଫେରନ୍ତୁ । କେହି ତ ଭାବୁନ ସିଏ କାହିଁକି କ'ଣପାଇଁ ଚାହିଁବ ?

ତୁମେ ବି କ'ଣ ମଉସା ସେଆଡର ! ମାନେ ଗୁଜୁରାଟ ରାଜ୍ୟର ବାସିନ୍ଦା ?

ହଁ ପୁଅ । ବାଆଜି ଲୋକଙ୍କର ଘରଘାଟ ତ ନଥାଏ । ତଥାପି ମୋର ଆଶ୍ରମଟିଏ ଅଛି । ୧୯୪୭ରେ ଜନ୍ମ ହୋଇ ୧୯୫୦ରେ ଖଡି ଛୁଇଁଥିଲି । ଭାବିଥିଲି ପଚାଶଷାଠିଏ ବୟସ ହେଲାବେଳକୁ ବିଶ୍ୱପ୍ରସିଦ୍ଧ ହୋଇ ନାଁକରା ତିସ୍ ମାର୍ଖା ହୋଇ ଚମିକିବି ବୋଲି, କିନ୍ତୁ ଆଜି ଚଉସ୍ତରି ବର୍ଷରେ ମୋର କି ଦୁର୍ଦ୍ଦଶା ଦେଖ୍ । ଅଚ୍ଛେଦିନ୍ ଓ ବିକାଶକୁ ଖୋଜିଖୋଜି ନୟାନ୍ତ ।

ମଉସା ! ତୁମ ନିଜର ଅସୁବିଧା କ'ଣ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରେ ପୁଅ ! ଗୋଟାଏ ହେଲେ ସିନା କହିବି, ଅସଂଖ୍ୟ ଅସୁବିଧାଗୁଡା ଖଜୁରୀଗଛର ପାହାଚ ପରି ତଳୁ ଉପରଯାଏ ଲମ୍ବିଛି । ତା ଭିତରେ ଦୁଇବର୍ଷ ହେଲା ଯେଉଁ କରୋନା ଭୂତାଣୁ ଗ୍ରାସିଲା, ଆଉ ଥଳକୂଳ ମିଳୁନି । ବେଳେବେଳେ ମୋତେ ଲାଗୁଛି ସେ ଦିଜଣଙ୍କର କାଳ ହୋଇଗଲାଣି ବୋଧେ । ସେଗୁଡା ଭୀମଅର୍ଜୁନ ପରି ବଳୁଆ ଷଣ୍ଢଗୁଡା । ବହୁତଦିନ ଅଜ୍ଞାତବାସରେ ରହି ପାରିବେନି । ବଂଚିଥିଲେ ନିହାତି ତାଙ୍କର ଖବର ଦୂରଦର୍ଶନରେ ଦେଖିବାକୁ ମିଳନ୍ତା କି କାଗଜରେ ଛପନ୍ତା । କରୋନାର ପ୍ରଥମଢେଉରେ ତାଙ୍କୁ କରୋନା ଯଦି ଗ୍ରାସିଥିବ ବଂଚି ଯାଇଥିବେ, ହେଲେ ଏ ଦ୍ୱିତୀୟଢେଉରୁ ରକ୍ଷାପାଇବା ମୋଟେ ସମ୍ଭବ ନୁହେଁ । ବଡବଡିଆଙ୍କୁ ଅକ୍ସିଜେନ୍ ମିଳୁନି, ତାଙ୍କୁ କିଏ ଦେବ ?

ନାକାରତ୍ମକ ଭାବନାକୁ ଦୂରେଇ ଆପଣ ଖୋଜାଖୋଜି ଜାରି ରଖନ୍ତୁ, ନିଶ୍ଚୟ ଦିନେ ନା ଦିନେ ସେମାନେ ମିଳିବେ ।

ମନକୁ ବୁଝେଇବା କଥା । ସତ୍ୟଯୁଗରେ ଆୟୁଷ ଶହେ କୋଡିଏ ଥିଲା, ଏବେ ତ ଷାଠିଏ । ଅଧା କମିଲାଣି, କିନ୍ତୁ ତିରିଶ ବର୍ଷିଆ ଭେଣ୍ଡିଆଗୁଡା ଅକ୍ସିଜେନ୍ ଅଭାବରୁ ଠକ୍ ଠାକ୍ ମରିଯାଉଛନ୍ତି । ସମସ୍ତେ ଭାରତର ନେତୃବୃନ୍ଦଙ୍କୁ ଏତେ ପ୍ରଶଂସା କରୁଥିଲେ, ହେଲେ ଶେଷରେ ଆମକୁ ନିଶ୍ୱାସ ନେବାପାଇଁ ଅକ୍ସିଜେନ୍ ପାଇଁ ଭିକ୍ଷା କରିବାକୁ ପଡୁଛି । ଏପାଇଁ ଜଣଙ୍କର ବି କାହାର ଦୂରଦୃଷ୍ଟି ସେ ଯାଏ ପହଁଚିଲାନି । ପବନପାଣି ଅଭାବରୁ ଯେଉଁଠି ଲୋକଗୁଡା ପୋକମାଛି ପରି ମରିଯିବେ, ସେଠି ଆମେ ସେ ଅକାଳକୁଷ୍ମାଣ୍ଡ ଅଚ୍ଛେଦିନ୍ ଓ ବିକାଶକୁ ଖୋଜିବାରେ ସମୟନଷ୍ଟ କରିବା ଆଦୌ ବୁଦ୍ଧିମାନର ପରିଚାୟକ ନୁହେ । ଅବଶ୍ୟ ବାହାଘର ବେଳେ ବାଇଗଣ ରଆ ଚାଲିଛି, ଗୁଡିଏ କଳକାରଖାନା ଅକ୍ସିଜେନ୍ ତିଆରି ପାଇଁ ଏବେ ବସିଲାଣି । ହେଲେ ରାଜଧାନୀ ଦିଲ୍ଲୀକୁ ଅଧାକୋଟା ମିଳିଲା ବେଳେ ଓଡିଶାପରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜ୍ୟ ଯଦି ଅଭାବରେ ପଡିବ, ଏକଚୌଥା ମିଳିବା ବି କଷ୍ଟ । କିନ୍ତୁ ଏଥିରେ ଓଡିଶା ଆଠଟି ରାଜ୍ୟପାଇଁ ସଙ୍କଟମୋଚକ ସାଜି ମାନବିକତାର ପରିଚୟ ଦେଇଛି ସତ ହେଲେ ଓଡିଶାବାସୀ ବଦଳରେ କିଛିଟା ଆଶାରଖିବା କଣ ଭୁଲ୍ କଥା ! ଯେଉଁରାଜ୍ୟରେ ଯଦି ସେ ଦିଜଣ, ମାନେ ଅଚ୍ଛେଦିନ୍ ଓ ବିକାଶ ଲୁଚିଥାଆନ୍ତି ତେବେ ଓଡିଶାକୁ ପଠାଇବାରେ ସାହାଯ୍ୟ କରନ୍ତୁ । ଦେଶକୁ ସିନା ଚଉସ୍ତରି, ହେଲେ ଏ ରାଜ୍ୟକୁ ତ ପଂଚାଅଶି ବର୍ଷ ପୁରି ଗଲାଣି । ସେ ଦୁହିଁଙ୍କୁ ଓଡିଶାବାସୀ କେତେଦିନ ଆଉରି ଅପେକ୍ଷା କରିବେ ?

ଆଉ ବେଶୀଦିନ ଲାଗି କାହାପାଖରେ ସମୟ ଅଛି ? ଲାଗୁଛି କ୍ରମେକ୍ରମେ ଏମିତି ସତ୍ୟଯୁଗ ଚାଲିଆସିବ । ତାପରେ ସେମାନେ ଯେଉଁଠି ବି ଥିବେ ବଳେବଳେ ଆସିବେ ।

ଠିକ୍ ଅଛି ପୁଅ । ମୁଁ ବି ସେୟା ଭାବୁଛି, ସତ୍ୟଯୁଗ ଆସିଲେ ସେମାନେ ବଳେ ଆସିବେ । ଭାରତର କଥା ଏବେ ନକହିବା ଭଲ । ସବୁକ୍ଷେତ୍ରରେ ଅବସ୍ଥା ହାରାହାରି କିମ୍ବା ପଛୁଆ, ଶିକ୍ଷାକ୍ଷେତ୍ରରେ ତ ଶୋଚନୀୟ । ହାତଗଣତି ନେତା କେଇଟାଙ୍କୁ ବିଶ୍ୱାସ କରି ଜନତା ସିନା ଭୋଟଦେଲେ, ହେଲେ କିଛି ଟୁଡୁ, କିଛି ଫାଡୁ ପରିକା କେଇଟା ଭିକମଙ୍ଗା ଦୁର୍ନୀତିଖୋର ନେତା ଶାସନ କ୍ଷମତାରେ ରହିଲେ ଭାରତର ଭାଗ୍ୟାକାଶରେ ସୂର୍ଯ୍ୟ ଉଇଁବାକୁ ବିଳମ୍ବ ହେବାଟା ସ୍ୱାଭାବିକ୍ କଥା । ତେଣୁ ଯୋଉଗୁଡା ଅଛନ୍ତି, ସେମାନେ ନିଜ ନିଜ ଖମାର ଭରି ଦେଲେଣି । ଆଉ ରଖିବାକୁ ତାଙ୍କ ନିଜ ଖମାରରେ ଜାଗା ନାହିଁ । କଳିକାଳରେ ପରକୁ ବିଶ୍ୱାସ ନାହିଁ । ତେଣୁ ତାଙ୍କୁ ହିଁ ଦେଲେ ଦୁର୍ନୀତି କମ୍ କରିବେ । ଆମେ ପରିବର୍ତ୍ତନ ନାଁରେ ଯୋଉଗୁଡାଙ୍କୁ ନୂଆରେ ନେତା ବାଛୁଛେ, ସେଗୁଡା ନିଆଁଗିଳି ବଡବଡ ଖାଲି ଅମାର ଭରିଲାବେଳକୁ ଅଚ୍ଛେଦିନ୍ ଓ ବିକାଶ ଆମଠାରୁ ଦୂରେଇ ଯାଉଛନ୍ତି । ମଣିଷ କ'ଣ ଯେ କରିବ କିଛି ଭାବିପାରୁନି । ପଶ୍ଚିମବଙ୍ଗର ଲୋକମାନେ ବୁଦ୍ଧିଆ, ବୁଦ୍ଧି ଶିଖେଇଲେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆର୍ଏସଏସ୍ କାନ୍ଧରେ ନାଉହୋଇ କେତେ ରାସ୍ତା ମାପିବେ, ବିଜେପିକୁ ନିଜଘର ସଜାଡିବାକୁ ହେବ । ଫାଙ୍କୁଟୁଙ୍କୁ ପରି ଅଳିଆମାନଙ୍କୁ କାଢି ସଫା ନକଲେ ନୂଆଜାଗାରେ ଚେର କେମିତି ଗଳିବ ? ବିନାହିଂସାରେ ନିର୍ବାଚନ ସମ୍ଭବ ହେଉନି । ପ୍ରତି ନିର୍ବାଚନରେ ସାଧାରଣ ଜନତାଙ୍କ ଭିତରୁ ଦଶ କୋଡିଏଜଣଙ୍କ ମୃତ୍ୟୁ ଅନିବାର୍ଯ୍ୟ ହେଲାଣି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସବୁଠାରୁ ଶିକ୍ଷିତ । ଆଇଆଇଟିୟାନ୍ ହେଲେ ବି ଅକ୍ସିଜେନ୍ପାଇଁ ଗୁହାରଲଗେଇ ହଲ୍ଲା କରୁଛନ୍ତି, ଏଥିରୁ ସିଏ କେତେ ଦୂରଦୃଷ୍ଟି ସମ୍ପର୍ଣ୍ଣ କ'ଣ ଜଣାପଡୁନି ! ଏବେ ତ ବଦଳି ଯାଇଛନ୍ତି, ନହେଲେ ମଫଲର୍ ଭିଡିକି ଜନ୍ତରମନ୍ତର ମୈଦାନରେ ମଂଚାଲଗେଇ ଆମରଣ ଅନଶନ କରିଦେଇଥାନ୍ତେ । ଛାଡନ୍ତୁ ମଞ୍ଜିକଥା ହେଲା ଜଗନ୍ନାଥ ଚାହିଁଲେ ହେବ, ଅନ୍ୟକାହାକୁ ଆଶାକରି କୁହୁଡି ପହଁରିଲେ ଆଣ୍ଠୁଗଣ୍ଠି ଛିଣ୍ଡି ଖଣ୍ଡିଆଖାବରା ହେବାଟି ସାର ସିନା ଅଚ୍ଛେଦିନ୍ କି ବିକାଶକୁ ଭେଟି ପାରିବାନି । ପୁଅ ! ମୋ ଥକା ମେଂଟିଗଲା ମୁଁ ତା'ଙ୍କୁ ଖୋଜିବାକୁ ଚାଲିଲି । ହେଲେ କୁଆଡେ ଯିବି ! ଅଚ୍ଛେଦିନ୍ ଓ ବିକାଶ ଏବେ କୋଉଠି ?

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି

ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ବର-୭୫୧୦୧୯,

ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆକଟ

-"ଟୁ ଟୁ ଯା ଫୋର, ଏଥର ଅଙ୍କ ଖାତା ରଖି ଦିଅ ! ଆମେ ଇଂରାଜୀ ରାଇମସ୍ ଶିଖିବା"

-ନାଇଁ ମୋତେ ନିଦ । ମୁଁ ଖେଳିବି । କାର୍ଟୁନ୍ ଦେଖିବି...

-ଚୁପ୍ ! ଟ୍ୱିଙ୍କଲ୍ ଟ୍ୱିଙ୍କଲ୍ ଲିଟିଲ ଷ୍ଟାର୍...

-ଟ୍ୱିଙ୍କଲ୍ ଟ୍ୱିଙ୍କଲ୍ ଲିଡିଲ ସ୍ତାର...

ଠିକ୍ ଏତିକି ବେଳକୁ ପ୍ରତିହାରୀ ବାବୁ ଅଫିସ୍ ରୁ ଫେରି ଟିକିଏ ହସି ଦେଇ ରୁମକୁ ଚାଲିଗଲେ । ପ୍ରତିଭା କହିଲେ, "ହେଇଟି ଶୁଣୁଛ ! ଶୀଘ୍ର ଧୋଇଧାଇ ହୋଇ ଓମ୍‌କୁ ଆସି ପଢ଼ାଅ । ମୁଁ ତେଣେ ରୋଷେଇ ଦେଖେ । କାଲି ତା'ର ପରୀକ୍ଷା ଅଛି । ମୁଁ ଚାହେଁ ସେ ଶ୍ରେଣୀରେ ପ୍ରଥମ ହେଉ ।"

ପ୍ରତିହାରୀ ବାବୁ ଫ୍ରେସ୍ ହୋଇ ଆସି ହସି କହିଲେ, "କାହିଁକି ପିଲାଟା ସହିତ ସବୁବେଳେ ଏମିତି ଲାଗିଛି । ସେ ଖୁସିରେ ଖୁସିରେ ଯେତିକି ପଢୁଛି ପଢୁ । ଦେଖିଲ ତୁମେ ଟିକିଏ ରେଷ୍ଟ ନନେଇ କେମିତି ହେଲଣି ଆଉ ସେଇ ପିଲାଟି ବି ମଧ୍ୟ । ସବୁ ଜିନିଷ ଖୁସିରେ ଖୁସିରେ ସିନା କଲେ ଭଲ । ଅଧିକ ପ୍ରଯତ୍ନ ଓ ପାଠ, ପାଠ ଭିତରେ ତା ବାଲ୍ୟ ଓ କୈଶୋର ଜୀବନ ଯେପରି ହଜି ନଯାଉ ।"



ସତ୍ୟପ୍ରକାଶ ସେଠୀ

ପ୍ରତିଭା ରାଗ ଗରଗର ହୋଇ ଉଠିଗଲେ । କହିଲେ ଥାଉ ତୁମର ସେତିକି ଭାଷଣବାଜି । ତୁମ ଭଳି ନିକମା ଲୋକ ମୁଁ ଦେଖି ନାହିଁ । ଖାଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଫିସ ଆଉ ଘରେ ବି ଅଫିସ । ତୁମ କଥା ମୁଁ ଯେମିତି ଜାଣି ନାହିଁ.. । ପିଲାଟାର ଭବିଷ୍ୟତ ଚିନ୍ତା ତୁମେ କାହିଁକି କରିବ, ମୁଁ ତ ଏକା ଜନ୍ମ କରିଛି .. । ନିଅ ବାଢି ଦେଉଛି, ବାପ ପୁଅ ପେଟେ ଖାଇ ଝଅଟ ଶୋଇପଡ । ହେଲେ ଯିଏ ଟି. ଭି. ଖୋଲିବ, ସେ ମୋତେ ଚିହ୍ନିଥିବ ।"

ପ୍ରତିଭା ରାତି ନପାହୁଣୁ ଓମ୍‌କୁ ଘୋଷାରି ପକାଇ ପାଠପଢା ପାଖରେ ବସାଇ ଦେଲେ । ଏପଟେ ଟିଫିନ୍, ଜୋତା ସଫା, ଡ୍ରେସ୍ ପିନ୍ଧା ସବୁ ଚାଲିଲା । ଓମ୍ କୁ ଖୁଆଇ ଦେଇ ହାତକୁ ଭିଡ଼ି ଭିଡ଼ି ସ୍କୁଲ ନେଲେ । ବାଟ ସାରା ମନେ ପକାଇ ଦେଉଥାନ୍ତି ପାଠ ଓ ତାଗିଦ୍ – "ସବୁ କରିବୁ, ଗୋଟେ ବି ଛାଡି କି ଆସିଲେ ମୁଁ ତୋ ସହ କଥା ହେବି ନାହିଁ"ର ଇମୋସନାଲ ବ୍ଲାକ୍ ମେଲିଂ । ଓମ୍ ର ମୁଣ୍ଡ ଭାରକ୍ରାନ୍ତ ହୋଇଯାଉଥାଏ । ପରୀକ୍ଷା ସରିବା ଆଗରୁ ସ୍କୁଲ ଗେଟ୍ ପାଖରେ ପ୍ରତିଭା ଯାଇ ଆଗ ଉଭା । ପରୀକ୍ଷାରେ କ'ଣ କରିଛୁ, ଦେଖି ଦେଖି ପ୍ରଶ୍ନ ପତରଟା । ଏ ପ୍ରଶ୍ନର ଉତ୍ତରଟା କ'ଣ କହିଲୁ ? ହେ ଭଗବାନ ! ଏତେକରି ପଢ଼ାଇଲି, ପୁଣି ତୁ ଦୁଇଟା ପ୍ରଶ୍ନର ଉତ୍ତର କେମିତି ଭୁଲ କଲୁ ? – କହି ଗାଲକୁ ଗୋଟେ ଯୋଡ଼େ ଚଟକଣି । ଓମ୍ ତଳେ ଧୂଳିରେ ନଥ କରି ବସି ପଡି କହୁଥାଏ-" ମୁଁ ପରୀକ୍ଷାରେ ସବୁ ଠିକ୍ କରିଛି, ତୁ କାହିଁକି ମୋତେ ମାଇଲୁ, ମୋ ସାଙ୍ଗମାନେ ମୋତେ ଦେଖି ହସୁଛନ୍ତି, ମୋ ସାଙ୍ଗ ଆଗରେ କାହିଁକି ବାଡ଼େଇଲୁ, ଯା' ମୁଁ ତୋ ସାଙ୍ଗରେ ଯିବି ନାହିଁ । ଆଉ ପରୀକ୍ଷାରେ କିଛି ଲେଖିବି ନାହିଁ..ଉଁ.. ଉଁ.." । ପ୍ରଭାତୀ ଟାଣି ଟାଣି ଘରକୁ ଆଣିଲେ ।

ଓମ୍ ଧିରେଧିରେ ବଡ଼ ହେବାକୁ ଲାଗିଲା । ବଡ଼ କ୍ଲାସ୍ ରେ ପଢିଲା । ଦିନେ ଘରକୁ ପିଉସୀ ନାନୀ ପୁଅ ପିଣ୍ଟୁ ଆସିଥିଲା । ସେ ବି ଏକା କ୍ଲାସ୍ ରେ ଦଶମରେ ପାଠ ପଢ଼େ । ଜଳଖିଆ ପତ୍ର ଖିଆ ଚାଲିଥିଲା । ପ୍ରଭାତୀ ପଚାରିଲା – "ଆରେ ପିଣ୍ଟୁ କେତେ ଘଣ୍ଟା ଦିନକୁ ପଢୁଛୁ ? "ପିଣ୍ଟୁ କହିଲା- "ଏଗାର ବାର ଘଣ୍ଟା, କିନ୍ତୁ ପରୀକ୍ଷା ବେଳେ ଚଉଦ ପନ୍ଦର ଘଣ୍ଟା । କ୍ଲାସ୍ ରେ ମୁଁ ସବୁବେଳେ ଫାଷ୍ଟ,, ନହେଲେ ମମି ମନ ଦୁଃଖ କରିବନି ?"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଭାତୀ ଟିକିଏ ଲଜ୍ଜିତ ଅନୁଭବ କରି କହିଲା – “ହଁ... ହଁ ବାବା, ଗୁଡ, ହେଲେ ଏଇ ଓମ୍ ଟା ପରା ସବୁ ଜାଣିଥିବ ହେଲେ ପରୀକ୍ଷାରେ ଜାଣି ଜାଣି ଗୋଟେ ଦୁଇଟା ଛାଡି ଆସିବ । କେତେ ଥର କହିଲିଣି, ହେଲେ ଫାଷ୍ଟ ମୋଟେ ହେବ ନାହିଁ । ହେଲେ ତୁ ମାଟ୍ରିକ୍ ପରେ ଆର୍ଟସ ନା ସାଇନ୍ସ ପଢିବୁ ?କଣ ହେବାକୁ ଲକ୍ଷ୍ୟ ରଖିଛୁରେ, ବାବା !”

-“ସାଇନ୍ସ । କାରଣ ସବୁ ଦୁର୍ବଳ ପିଲା ଆର୍ଟସ ପଢନ୍ତି । ମୁଁ ଡାକ୍ତର ହେବି” ।

ପ୍ରଭାତୀ କହିଲା- “ହଁ ବା ! ସେଇଟା ଠିକ୍.. ଭଲ ଭଲ.. ପିଣ୍ଟୁ ଆମର ଭଲ ପିଲା । ଏ ପରା କହୁଛି ଆର୍ଟସ ପଢ଼ିବ । “ମୁଁ କ'ଣ ହେବି ତୋତେ କାହିଁକି କହିବି, ମୁଁ କିଛି ହେବି ନାହିଁ ଯା” । ବାପରେ ! ତାକୁ ଟିକିଏ ବୁଝେଇ ଦେଲୁ” ।

ଏତେବେଳକୁ ଓମ୍ ମୁହଁ ହାଣ୍ଡି କରି ବସିଥାଏ, ପିଣ୍ଟୁ କିନ୍ତୁ ଖୁବ୍ ଉତ୍ସାହିତ ହୋଇ ଫୁଲି ଉଠୁଥାଏ ।

ପିଣ୍ଟୁ ଉତ୍‌ଫୁଲ୍ଲିତ ହୋଇ ଓମ୍ କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରିଲା । ସବୁ ପ୍ରଶ୍ନର ସଠିକ୍ ଉତ୍ତର ରଖି ଓମ୍ ମଧ୍ୟ ପିଣ୍ଟୁକୁ କେତୋଟି ପାଲଟା ପ୍ରଶ୍ନ ପଚାରିଲା । ଗୋଟିଏ ଯୋଡ଼ିଏ ଉତ୍ତର ପରେ ପିଣ୍ଟୁ ପାଟି ଆଫାଆଫା ମାରି ନେଇଗଲା । ଓମ୍ ଟେବୁଲଟାକୁ ଠେଲି ଦେଇ ଉଠିଲା । ମୁହଁ ଫଟାଇ କହିଲା – “ମାଆ ତୁ ସବୁବେଳେ ମୋତେ ଅନ୍ୟ ଆଗରେ ନୀଚ୍ଚା ଦେଖାଇବା ପାଇଁ କାହିଁକି ଚେଷ୍ଟା କରୁଛୁ । ଭାବୁଛୁ – ମୁଁ କିଛି ପାଠ ଜାଣି ନାହିଁ । ହେଲେ ତୁ ଯେତେ ମୋ ସାଙ୍ଗରେ ଲାଗିବୁ ମୁଁ ସେତେ କମ୍ ମାର୍କ ରଖିବି ।

ଓମ୍ ଧିରେ ଧିରେ ବୟଃପ୍ରାପ୍ତ ହେଉଥାଏ । ହେଲେ ମାଆ ତା ସହ ଛାଇ ପରି ଲାଗି ରହିଥାଏ । ତା'ର ପ୍ରାଇଭେସି ବୋଲି କିଛି ନଥାଏ । ଯେଉଁଠି ସେ ଯାହା କରୁନା କାହିଁକି ପ୍ରତିଭା କେମିତି କେଜାଣି ଶୁଂଘି ଶୁଂଘି ଯାଇ ସେଠି ହାଜର ହୋଇଯାଏ । ଓମ୍ ର ଏବେ ପ୍ଲସ୍ ଟୁ । ଝିଲିଟା ସବୁବେଳେ ପାଖାପାଖି ବସେ । ସେ ଓମ୍ କୁ ଖୁବ୍ ଭଲପାଏ ଆଉ ଓମ୍ ବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାକୁ । କବିତାଟିଏ ଲେଖି ହେଉ ବା ଗ୍ରିଟିଂସ୍ ହେଉ ଝିଲି ତାକୁ ଦିଏ ଆଉ ସିଏ ବି ଝିଲିକୁ ଦିଏ.. ଏଇମିତି ଟିକେ ଟିକେ ଚିଠି ପତ୍ର ଦିଆ ନିଆ ଯାହା । ଓମ୍ ମାଆର ଦୃଷ୍ଟି ଆଢୁଆଳରୁ ଲୁଚେଇ ସବୁ ରଖିଥାଏ । ହେଲେ ପ୍ରଭାତୀ ଆଖି ଦରାଣ୍ଡି ଆଣିଲେ ପରା ସବୁ ଜିନିଷ ଧରା ଦିଏ । ସେ ଜାଣିଲା ପରେ ଦିନେ ତିନି ଚାରି ଜଣ ସାଙ୍ଗଙ୍କୁ ଡାକି ଭଲ ଭାବେ ଆପ୍ୟାୟିତ କରି ଝିଲି ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କଲେ । ତା ଘର କେଉଁଠି, ସେ କିଏ..ଓମ୍ ର ତା ସହ ସମ୍ପର୍କ କ'ଣ । ସେଇ ସମୟରେ ଓମ୍ ଘରକୁ ଫେରି ଆସି ମାଆକୁ କହିଲା – "ମାଆ ତୁ ଯେତେ କହ ମୁଁ ଝିଲିକୁ ଆହୁରି ଚିଠି ଲେଖିବି । କାରଣ ତୁ କାହିଁକି ମୋ ସାଙ୍ଗମାନଙ୍କ ଆଗରେ ମୋତେ ଛୋଟ କରିଦେଲୁ । ତାଙ୍କୁ କାହିଁକି ଯତ୍ନରୁ ସିଆଡୁ ପଚାରି ମୋ ମୁଣ୍ଡ ଖରାପ କରୁଛୁ । ତୁ କଣ ଚାହୁଁଛୁ ମୁଁ କାହା ସହ ନମିଶି ଘର କୋଣେ ଲୁଚିକି ବସେ?" ପ୍ରଭାତୀ କହିଲା – "ମୁଁ ମାଆ, କୋଉଟା ଭଲ ଓ ମନ୍ଦ ସେଇଟା ମୁଁ ଭଲ କି ବୁଝିଛି । ମୋର ଯାହା ଇଛା ସେୟା କରିବି, ହେଲେ ତୁ ସେ ଝିଲି ସହ ଆଉ ମିଶି ପାରିବୁ ନାହିଁ ।" ଓମ୍ ମୁହଁ ଛିଞ୍ଚାଡି ଚାଲିଗଲା । ତା'ପରେ ଦିନ ପ୍ରଭାତୀ ଝିଲି ଘରେ ପହଞ୍ଚି ତା ମାଆକୁ ଗାଳି ଗୁଲଜ କଲା । ସତର୍କ କରିଛି ଝିଲି ଯଦି ଆଉ ଥରେ ଓମ୍ ସହ ମିଶେ ତେବେ ସେ ସମସ୍ତଙ୍କୁ କହି ତାକୁ ବଦନାମ କରିଦେବ ।

ପରୀକ୍ଷା ରେଜଲ୍ଟ ବାହାରିଲା । ଓମ୍ ର ରେଜଲ୍ଟ ନପାଇ ପ୍ରଭାତୀ ବ୍ୟସ୍ତ ହୋଇ ପଚାରିଲେ । ଓମ୍ କହିଲା – "ତୁ ମୋ ସାଙ୍ଗମାନଙ୍କ ପାଖରେ ବାରମ୍ବାର ମୋତେ ଅପଦସ୍ତ କରୁଛୁ, ତେଣୁ ମୁଁ ପରୀକ୍ଷା ଦିନ ପରୀକ୍ଷା ହଲ୍ କୁ ନଯାଇ ଫିଲ୍ମ ହଲ୍ କୁ ଚାଲି ଗଲି । ଏଥର ବୁଝିଲୁ, ମୋତେ ରଗେଇଲେ ମୁଁ କ'ଣ କରିପାରେ ।"

ପୁଣି କିନ୍ତୁ supplementary ପରୀକ୍ଷା ଦେଇ ଓମ୍ topper ହେଲା, ଫଳରେ ଗୋଟେ ବଡ଼ ଇଞ୍ଜିନିଅରିଂ କଲେଜରେ ଭର୍ତ୍ତି ହୋଇଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଓମ୍ ନିଶ୍ଚିତ ପକ୍ଷେ ଏଣିକି ବଡ ପିଲା ହୋଇ ଗଲାଣି, ତଥାପି ତା ସ୍ୱଚ୍ଛନ୍ଦ ବିହାରରେ ବାଧା । ମାଆର ଆକଟ ସବୁବେଳେ । ଜୀବନଟା ନଜରବନ୍ଦୀ ଲାଗୁଥିଲା । ଇଚ୍ଛା ହେଉଥିଲା, ସୁଯୋଗ ମିଳନ୍ତା କି ଉଡି ଚାଲି ଯାଆନ୍ତା ସୁଦୂର ରାଇଜକୁ, ଯେଉଁଠିକୁ ମାଆର ପହଞ୍ଚ ଆଉ ପାଆନ୍ତା ନାହିଁ । ସେ ମନ ଭରି ନିଜ ଜୀବନକୁ ନିଜ ଇଚ୍ଛାରେ ଜୀଅନ୍ତା । ମାଆ ଡାକି ଡାକି ଥକନ୍ତା । ହେଲେ "ଓ" କରିବାକୁ ତା ଡାକ ଯେମନ୍ତ ତା ପାଖ ଧରନ୍ତା ନାହିଁ । ଓମ୍ କୁ ସତରେ ଏଇ ଧରାବନ୍ଧା ଗୁଳାରେ ଚାଲିବାକୁ ଆଦୌ ଭଲ ଲାଗୁ ନଥିଲା । ସେ ଖାଲି ଚିଡିଚିଡ଼ା ହେଉଥିଲା । ପ୍ରତିବାଦ ସ୍ୱରୂପ ସେ ଯେମିତି ହେଲେ ମାଆ ଯାହା କହିଥିବେ ତା'ର ବିପରୀତ କିଛି ଗୋଟେ ନଟଖଟି ନିଷ୍ଚୟ କରି ବସିଥିବ । ପିଲା ମନ ତ, ବଡ଼ ଅଦ୍ଭୁତ ତା'ର ବିଚାର ଧାରା ଓ ମନସ୍ତତ୍ତ୍ୱ ।

ହେଲେ କୋଉ ମାଆ କ'ଣ ତା ପିଲାର ଅମଙ୍ଗଳ କେବେ ଚାହେଁ ? ପ୍ରଭାତୀ ଆକଟ କରି ଆଉ କ'ଣ ଏମିତି ଭୁଲ କଲା ଯେ ! ଏମିତି କିଛି ଭାବାନ୍ତର ପ୍ରଭାତୀର ଚିନ୍ତା ଚେତନାକୁ ଦୋହଲାଇ ଦେଉଥାଏ ।

କପଡ଼ା ଧୋଇଲା ବେଳେ ପ୍ରଭାତୀ ସେଦିନ ଓମ୍ ପକେଟରୁ ଦୁଇଟା ଫିଲ୍ମ ଟିକଟ ପାଇଲା । ପଚାରିଲା- ଓମ୍ ବାବା ! ଫିଲ୍ମ ଦେଖି ଯାଇଥିଲୁ କିରେ ? ଆଉ କିଏ ସବୁ ସାଙ୍ଗରେ ଯାଇଥିଲା ?

-ମୋ ସାଙ୍ଗ ବର୍ଷା । ବର୍ଷା ମୋ ସହିତ ଯାଇଥିଲା । ଆଉ କିଛି ପଚାରିବାର ଅଛି ତୋର ?

ପ୍ରଭାତୀ "ହଁ ଯେ ନାହିଁ" ହୋଇ ଚୁପ୍ ରହିଲା । ସେଦିନ ଓମ୍ କୁ ଖୋଜି ଆସି ବର୍ଷା ଘରେ ହାଜର । ସିଧା ଆସି ପଚାରିଲା – "ମାଉସୀ ! ଓମ୍ ରୁମ୍ କୋଉଟା ? ମୁଁ ତା ସାଙ୍ଗ..."

ପ୍ରଭାତୀ ଏକଦମ୍ ହତବାକ୍, ହେଲେ ତା ରୁମ୍ ଆଡକୁ ହାତ ବଢେଇଲା କ୍ଷଣି ବର୍ଷା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଇ ସେଠି ହାଜର । ଭଦ୍ରତା ଦୃଷ୍ଟିକୋଣରୁ ପ୍ରଭାତୀ ଦୁଇ ଗ୍ଲାସ୍ ସରବତ୍ ଧରି ରୁମ୍ ରେ ପହଞ୍ଚିଲା ବେଳକୁ ବର୍ଷା ଓମ୍ ଉପରେ ଜଡାଇ ପଡ଼ିଥାଏ. । ପ୍ରଭାତୀ ମୁହଁ ଉପରେ କାନିଟା ବେଢି ଆଣି ଫେରି ଆସୁଥିଲା । ବର୍ଷା ମୁହଁକୁ ଝିଙ୍କାଡ଼ି କହୁଥାଏ – ହୁଟ୍, ଏମାନେ କାହାର ପ୍ରାଇଭେଟ୍ ରୁମକୁ ଆସିଲା ବେଳେ କବାଟ ନକ୍ କରିବା ଶିଖିବେ ନାହିଁ” ।

ପ୍ରଭାତୀ କାହାକୁ କିଛି କହି ପାରିଲା ନାହିଁ । ମନେମନେ ଉପାୟ ଚିନ୍ତୁଥାଏ - ଏଇ ଆତ୍ୟାଧୁନିକା ଝିଅଟା କବଳରୁ ଓମ୍ କୁ କେମିତି ମୁକୁଳେଇବ ।

ସେଦିନ ସପିଂ ମହଲରେ ସପିଂ କରୁକରୁ ହଠାତ୍ ଝିଲି ଓ ତା ମାଆ ସହ ଦେଖା ହୋଇଗଲା । ଝିଲି ଆଜି କେତେ ବଡ଼ ହୋଇଗଲାଣି । ଭାରି ସୁନ୍ଦର ଦେଖା ଯାଉଛି । ସେଦିନ ଛୋଟିଆ ଝିଅଟା ଥିଲା, ଜାଣି ହେଉନଥିଲା । ଆଜି କିନ୍ତୁ ଯୌବନ ପରିସ୍ଫୁଟ ହୋଇଛି ।ତେଣୁ ସେ ଖୁବ୍ ସୁନ୍ଦରୀ ଦିଶୁଛି ।ଚମତ୍କାରୀ ତାର ରୂପର ଗଠନ ଓ ଶାଳୀନତାର ହାବଭାବ ।ଏତେ ଘଟଣା ସତେ ବି ସେ ଆସି ନଥ କରି ବସି ପଡି ପାଦରୁ ନେଇ ମୁଣ୍ଡିଆ ମାରିଲା ।କହିଲା, “ମାଉସୀ ନମସ୍କାର । ପ୍ରଭାତୀ ତା ମାଆକୁ ଦେଖି ଚିହ୍ନି ନେଲା । ପୂର୍ବର ଘଟଣା ପାଇଁ କ୍ଷମା ମାଗିଲା ।ତା’ପର ଠାରୁ ବାରମ୍ବାର ଝିଲି ଘରେ ପହଞ୍ଚି ବହୁତ ଅନୁରୋଧ କଲା ଯେ – ସେ ଓମ୍ ପାଇଁ ଝିଲିର ହାତ ମାଗୁଛି । କାରଣ କ୍ୟାମ୍ପସ୍ selection ପାଇ ଓମ୍ ଆମେରିକା ଯାଉଛି । ତା ପୂର୍ବରୁ ସଂସ୍କାରୀ ବୋହୂଟିଏ ଦେଖି ତାକୁ ବାହା କରି ଦେବାକୁ ଉଚିତ୍ ମଣୁଥିଲା ପ୍ରଭାତୀ । ଆସନ୍ତା କାଲିର ଓମ୍ ଜନ୍ମ ଦିନ ପାର୍ଟିକୁ ଆଟେଣ୍ଡ କରିବା ପାଇଁ ମଧ୍ୟ ନିମନ୍ତ୍ରଣ ଦେଲା ପ୍ରଭାତୀ ।

ସେଠାକୁ ବର୍ଷା ବି ଆସୁଥିଲା । ବଡ଼ ଚାଲାକ ଝିଅଟା । ସମସ୍ତେ ଯାଇ ସାରିଲା ପରେ ପ୍ରଭାତୀ ଓମ୍ କୁ ଡାକି କହିଲା – “ତୁ ଆଉ ବର୍ଷା ସହ ଏତେଟା ମିଳାମିଶା କରନା । ଝିଲିଟା ଦେଖିଲୁ କେତେ ସୁନ୍ଦର । ଭାରି ଭଲ ଝିଅଟା । ତା ସହିତ ତୋର ବାହାଘର ହେଲେ ତୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଖୁସିରେ ରହିବୁ, ମୋ ମନ ତ ମାନିଛି । ତା ଛଡା ସେ ତ ତୋର ପସନ୍ଦ, ମୋର ବି ପସନ୍ଦ । ଓମ୍ କହିଲା ତା କେବେ ବି ଆଉ ହୋଇ ପାରିବ ନାହିଁ । କାହିଁକିନା ଝିଲି ସହ ମୋ ସମ୍ପର୍କକୁ ନେଇ ତୁ ଦିନେ ହାଟ କରିଥିଲୁ । ତେଣୁ ସେ ସମ୍ପର୍କଟା ବଦନାମ ହୋଇସାରିଛି ।

ତା'ପର ଦିନ ସନ୍ଧ୍ୟା । ଓମ୍ ଘରକୁ ଫେରିଲା । କହିଲା- ମାଆ ଏଇ କାଗଜ ଗୁଡାକ ଦେଖ ! ତୁ ତ ଜୀବନ ସାରା ସବୁକିଛି ମୋ ଠାରୁ ଛଡ଼େଇଛୁ, ଖାଲି ତୋରି ଇଚ୍ଛାରେ ବଞ୍ଚିବାକୁ ଶିଖାଇଛୁ । ଏଗୁଡାକ ହେଉଛି ମୋର କ୍ୟାମ୍ପସ୍ ସିଲେକସନ୍, ପାସ୍ ପୋର୍ଟ, ଭିସା, ଓ ଏଇଟା ଆଜି ବର୍ଷା ସହ ମୋ ବିବାହର କୋର୍ଟ ପେପର୍ । ଆମେ କାଲି ଆମେରିକା ଯାଉଛୁ । ମାଆ ଚକିତ ହୋଇ ରହି ଯାଇଥାଏ । ରାତି ସାରା ଆଖିକୁ ନିଦ ନାହିଁ । ତକିଆ ଭେଦି ଓଦା ହୋଇ ଯାଇଥାଏ । ସକାଳେ ଜିନିଷ ପତ୍ର ସବୁ ପ୍ୟାକ୍ କରି ବର୍ଷା ଆସି ଘର ସାମ୍ନାରେ ଗାଡି ଲଗାଇଲା । ପୁଅ ଓମ୍ ହାତ ହଲାଇ ହଲାଇ ହଟି ଯାଉଥିଲା ଆଖି ସାମ୍ନାରୁ । ମାଆ ସେମିତି ଚାହିଁ ଥାଏ, ଆଖିରୁ ବୋହୁଥାଏ ଖାଲି ଝରଝର ହୋଇ ଲୁହ ।ଗଭୀର ବେଦନାରେ ଛାତି ପଞ୍ଜର ସବୁ ଏକାକାର ହୋଇ ଯାଉଥିଲା । ପଛ ପଟରୁ ପ୍ରତିହାରୀ ବାବୁ ପିଠି ପଟୁ ଟିକିଏ ଥାପୁଡେଇ ଦେଲାରୁ ପ୍ରଭାତୀ ବୁଲି ପଡି ଛାତି ଉପରେ ମୁହଁ ଯାକି ଭୋ ଭୋ ହୋଇ କାନ୍ଦି ଉଠିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗରିବ ଘରେ ସୁନ୍ଦରୀ ଝିଅ

ଏ ଘର ଏ ଅଗଣା ଏ ଦାଣ୍ଡ ଦୁଆର
ମୋତେ କଲା ଆଜି ସତେ ସାତପର....
ତୋତେ କେମିତି ବୁଝେଇବି କହ ଲୋ ଝିଅ..

ଗୀତଟି ବାଜୁଥିଲା ଗେଲବସରର ଝିଅଟି ବିଦା ହେଲାବେଳକୁ । ବନ୍ଧୁବାନ୍ଧବ, ସାଙ୍ଗସାଥୀ, ସାହିପଡୋଶୀଙ୍କଠୁ ବିଦାୟ ନେଇ ଯାଉଛି ଝିଅଟି ତା ଶାଶୁଘରକୁ । ସ୍ୱାମୀ ସହ ଯିବ ଏକ ଅଜଣା ପୁରକୁ । ଗହଳିଚହଳି ପତଳା ହେଲେ ବି  ବିଦାୟବେଳର ଦୃଶ୍ୟ ଲୁହବତୁରା ଥିଲା । ଯୋଉ ଝିଅକୁ ପାଳିପୋଷି ଏତେ ବଡ କଲା ତା ବାପା ଆଜି କାନ୍ଦି କାନ୍ଦି ପଠେଇ ଦେଉଛି ନିଜ ଗାଁଠୁ ଅନେକ ଦୂରକୁ । ଗୋଟେ ବୋଲି ଝିଅ । ଝିଅର ଅଳିଅର୍ଦ୍ଦଳି ସହିଛି । ତା ବାଟେ ବାଟେ ଛାଇପରି ରହିଆସିଛି । ମୁଣ୍ଡ ଉପରେ ଛାତ ହୋଇ ବିପଦ ଆପଦରେ ସାହା ହେଇଛି । ହେଲେ ସେ ବା କରିବ କ'ଣ ? ପ୍ରଜାପତି ଘଡସୂତ୍ରରେ ବନ୍ଧାପଡିଛି ଯେତେବେଳେ ସବୁ ଦୁଃଖକୁ ଜାବୁଡି ଧରିବାକୁ ପଡିବ । ଗୁରୁବାର ହେବାକୁ ଆକାଶରେ ସିନ୍ଦୂରା ଫାଟିଲାଣି । ଆଉ ଡେରି ନ କରି ଝିଅକୁ ବିଦା କରାଇଲା ତା ବାପା । ଆଖିଲୁହକୁ ଚାପି ରଖି ଝିଅକୁ ଆଶୀର୍ବାଦ ଦେଲା - ଅଇଶୁଲକ୍ଷଣୀ ହେଇଥାଆଲେ ଝିଅ.. ତୋ ମଥାରେ ସିନ୍ଦୁର ହାତର ଶଙ୍ଖା ଅତୁଟ ରହିଥାଉ  ।



କୁଞ୍ଜବିହାରୀ ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଁ ଏମିତି ଏକ ଲୁହସଜଳ ଦୃଶ୍ୟକୁ ଆଖି ପୂରେଇ ଦେଖୁଥିଲା କୈଳାସ । କାହାକୁ କ'ଣ କହିବ ନ କହିବ ଭାବି ଭାବି ଗୁମୁରି ହେଉଥିଲା ମନେ ମନେ । ଚାହୁଁ ଚାହୁଁ ଝିଅକୁ ହରେଇବାର ଚାରିଦିନ ହେଇଗଲାଣି । ତା ଗେହ୍ଲା ଝିଅ ମନୀଷା ଏଇଠୁ ଆସୁଛି କହି ଗଲା ଯେ ଗଲା ଆଉ ଫେରିବାର ବାଟ ଭୁଲିଗଲା । କୈଳାସ ଶୁଣିଲା ତା ଝିଅ ପୁରୀର ଏକ ହୋଟେଲ ଭିତରେ ତା କଲେଜ ପିଲାଙ୍କ ସହ ନୂଆବର୍ଷ ପାଳନ କରୁଛି । କୈଳାସ ସିନା ଗରିବ ହେଲେ ତା ମନ ତ ଗରିବ ନୁହଁ । ଝିଅ ମନୀଷାକୁ କିଛି ଟଙ୍କା ଆଉ ଦାମିକିଆ ସାଲୱାର ପଞ୍ଜାବୀଟେ ଦେଇ ସାଙ୍ଗମାନଙ୍କ ସାଥିରେ ପଠାଇଥିଲା । ଝିଅ କିନ୍ତୁ ବାପାର ଗରିବୀପଣକୁ ନ ବୁଝି ଯୌବନରେ ଛଳଛଳ ହେଉଥିବା ଦେହର ଭୋକ ମେଣ୍ଟାଉଥିଲା ହୋଟେଲରେ । ଲଜ୍ଜାକୁ ଛାଡି ଅସଜ୍ଜିତ ଭାବରେ ନିଜ ଦେହକୁ ଅମଣିଷ ହାତରେ ବିକିଦେଲା । ସାଥୀ ଝିଅମାନେ ବି ଏତେ ନିଷ୍ଠୁର ହୋଇପାରନ୍ତି ?

ମନୀଷାକୁ ଆପତ୍ତିଜନକ ପାନୀୟ ପିଆଇ ଥଟ୍ଟା ତାମସା କରିବାକୁ ଲାଗିଲେ ତା ସହିତ । ଆପତ୍ତିଜନକ ଭିଡିଓ ଦେଖାଇ ମନୀଷାକୁ ମାରିଦେଲେ । ସମୁଦ୍ର ଢେଉରେ ଭସେଇ ଦେଲେ । ଭୋ ଭୋ ହୋଇ କାନ୍ଦିଲେ- ଆହାଃ ବିଚାରୀ ମନୀଷା ମରିଗଲା । କେତେ ଭଲପିଲା ଥିଲା । ଭଲ ପାଠପଢୁଥିଲା । କଲେଜ ହିରୋଇନ ଭାବେ ସବୁବେଳେ ପୁରସ୍କାର ପାଉଥିଲା ...

ଏସବୁ ଥିଲା କଲେଜ ସାଥୀଙ୍କ କୁମ୍ଭୀର କାନ୍ଦଣା ।

ପୋଷ୍ଟ ମର୍ଟମରେ ସବୁ କିଛି ଧରାପଡିଗଲା ।

ଏମିତି ଅମାନବିକତାକୁ ବୁଝିପାରିଲାନି ସହଜରେ ସରଳ ବିଶ୍ୱାସୀ କୈଳାସ । ଛାତିକୁ ପଥର କଲା । ଆଖିରୁ ପାଣି ଶୁଖେଇଦେଲା । ମନୀଷାର ମାଆ ରୋଗୀଣା ହେତୁ ସବୁ ଦାୟିତ୍ୱ ତୁଲାଉଥିଲା କୈଳାସ । ଏଭଳି ମର୍ମନ୍ତୁଦ ଘଟଣାରେ ବାକଶୂନ୍ୟ ହୋଇଗଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନୀଷାର ମାଆ ସବୁଦିନପାଇଁ । ଝିଅଟି ବାହା ହେଇଥାନ୍ତା । ହସ ଖୁସରେ ତା ଘର ସଂସାର କରିଥାନ୍ତା । ସବୁ କିଛି ଓଲଟପାଲଟ  ହେଇଗଲା  ।

ମନୀଷାର ମାଆ ଯେ ନିଜ ଝିଅକୁ ହରାଇ ବଧିର ପାଲଟିଗଲା ତା ନୁହେଁ କୈଳାସ ବି ବିଲ ମଝିର ପାଳଭୁତଟିଏ ହେଇଗଲା । ନିଜକୁ କେତେ ବୁଝେଇବ ଜାଣିପାରିଲାନି । ନିଜକୁ ସଂଯତ ମନରେ ଭାବୁଥିଲା, 'ମନୀଷା ଏତେ ସୁନ୍ଦରୀ ପୁଣି ଗରିବ ଘରର ଝିଅ ବୋଲି ତା ସାଥିମାନେ ଈର୍ଷା କରୁଥିଲେ ? ତା ଜନ୍ମଦିନରେ ମନୀଷାକୁ ଖିନଭିନ୍ କରି ମାରିଦେଲେ । ଏତେ ଅସହିଷ୍ଣୁତା କାହିଁକି ଥିଲା ସେମାନଙ୍କର । ସେମାନେ କଣ ବାହା ହୋଇ ଘରସଂସାର କରି ନଥାନ୍ତେ । '

ସେଦିର ବାହାଘରର ଗୀତ ଶୁଣି କୈଳାସ ନିଜର ଛାତିଥରା କୋହ ଚାପି ରଖି ପାରିଲାନି । ତା ଗାଁର ଅନେକ ଝିଅର ବାହା ଭୋଜି ଖାଇ ଖୁସି ହେଇଛି । ମନେ ମନେ ଭାବିଛି ଏ ମାଘ ଫଗୁଣରେ ବେଦୀରେ କନ୍ୟାଦାନ କରି ଈଶ୍ୱରଙ୍କ ଆଶୀର୍ବାଦ ପାଇବ । ଝିଅର ବାପ ବୋଲି ଯେଉଁ ଗର୍ବ କରୁଥିଲା, ଝିଅକୁ ବାହା ଦେଇ ବାକି ଜୀବନକୁ ଖୁସିରେ ବିତେଇଦେବ । ଝିଅକୁ ବାହା ଦେଇ ବିଦା କରିବାକୁ ଆଇ କିଛି ବାକି ନାହିଁ  । ଝିଅ ମନୀଷା ତ ଅପେ ଆପେ ବିଦା ହେଇସାରିଛି  ।

ସତରେ ଏ ଘର ଏ ଅଗଣା ଏ ଦାଣ୍ଡ ଦୁଆର ସାତପର ହେଇଗଲା  ।  ସ୍ୱପ୍ନ ଚୂରମାର୍ ହେଇଗଲା  ।  କେବଳ ଶୁଣିବାକୁ ମିଳିବ - "ଦେଖିଯିବି ନାହିଁ ଚାରିଧାମ /ପାଖେଇଗଲାଣି ସ୍ୱର୍ଗଧାମ" ।

ଭାଗ୍ୟକୁ ନିନ୍ଦିଲା କୈଳାସ  । ନିଜ ଝିଅକୁ ଝୁରିଝୁରି ପିଲାଟି କାନ୍ଦିଲା  । ଭାବିଲା - ଗରିବ ଘରେ ସୁନ୍ଦରୀ ଝିଅଟେ ଜନ୍ମ ହେବା ବୋଧହୁଏ ପାପ  !

ଏଲ. ଆଇ. ଜି.  ୧୫   ନୟାପଲ୍ଲୀ, ବ୍ରୀଟ୍ କଲୋନୀ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନ

"ହଁ, ମୁଁ ସ୍ୱପ୍ନ ଦେଖେ; କିନ୍ତୁ ଅଚେତନ ଅବସ୍ଥାରେ ନୁହେଁ ସଚେତନ ଅବସ୍ଥାରେ । ସେହି ସ୍ୱପ୍ନ ଯାହା ମତେ ଶୋଇବାକୁ ଦିଏନାହିଁ । ସେହି ସ୍ୱପ୍ନ ମତେ ଏମିତି ଲାଗେ ଯେ ସେ ସ୍ୱପ୍ନ ହୋଇକି ରହିଯିବ ନାହିଁ ତ ?" ଏହି ପ୍ରଶ୍ନ ତୁଳ୍‌ସାକୁ ଛଟପଟ କରେ । ରାତିରେ ନିଦ ଆସେନି ସେ ଶାନ୍ତିରେ ଶୋଇ ପାରେନାହିଁ । ସେ ଭାବେ ତା ମାଆ ବାପାଙ୍କ କଥା । ତା ମାଆ ବାପା କେତେ ଆଶା ନେଇ ବିଶ୍ୱାସର ସହ ତା'କୁ ପାଠ ପଢ଼ାଉଛନ୍ତି । ତା'କୁ ନେଇ କେତେ ସ୍ୱପ୍ନ ଦେଖୁଛନ୍ତି । ତୁଳ୍‌ସା କ'ଣ ତା ମାଆ ବାପାଙ୍କର ସ୍ୱପ୍ନକୁ ପୂରଣ କରିପାରିବ ?

କଳାହାଣ୍ଡି ଜିଲ୍ଲାର ଗୋଟିଏ ଛୋଟ ଗାଁ । ସେହି ଗାଁଟିରେ ପ୍ରାୟ ୭୦ଟି ପରିବାର ଲୋକେ ବାସ କରନ୍ତି । ଗାଁର ପାଖରୁ ବଣ ପାହାଡ ଲାଗିଛି କହିଲେ ଚଳେ । ଗାଁରୁ ଦେଖିଲେ ପାହାଡ ଗୁଡ଼ିକ କେଉଁଠି ହାତ ଧରାଧରି ହୋଇ ତ କେଉଁଠି କାନ୍ଧକୁ କାନ୍ଧ ମିଳାଇ ଠିଆ ହେଲା ପରି ମନେ ହୁଏ । ସତେ ଯେମିତି ସେମାନେ ସମସ୍ତେ ମିଳିମିଶି ରହିବା ପାଇଁ ଏକ ସୁନ୍ଦର ବାର୍ତ୍ତା ଦିଅନ୍ତି । ସେହି ଗାଁରେ ତୁଳ୍‌ସାର ଘର । ତୁଳ୍‌ସା ରାଣୀ ଓରଫ୍ ତୁଳ୍‌ସା । ତୁଳ୍‌ସା ଗୋଟିଏ ଝିଅ । ଘରେ ତା'ର ମାଆବାପା ତା' ବଡ଼ଭଉଣୀ ଓ ସେ ରୁହନ୍ତି । ତୁଳ୍‌ସାର ବାପାଙ୍କ ନାମ ରାମଶଙ୍କର,



ମମୀ ମାଝୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାଆଙ୍କ ନାମ ରାଏମତୀ ଓ ବଡ଼ଭଉଣୀର ନାମ ଜୟଶ୍ରୀ । ତୁଳ୍‌ସାର ଭାଇ ନାହିଁ ବୋଲି ସେ ବହୁତ ମନ ଦୁଃଖ କରେ । କାହାରି ଭାଇକୁ ଦେଖିଲେ ସେ ଭାବେ ମୋର ବି ଭାଇ ଥାଆନ୍ତା କି ? ମୁଁ ମୋ ଭାଇ ପାଖରେ ଅଳି କରନ୍ତି । ପୁଣି ମନକୁ ବୁଝାଇ ଭାବେ ଭାଇ ନଥିଲେ କ'ଣ ହେଲା ମୋର ବଡ଼ଭଉଣୀ ଅଛି । ସେ ମୋ ଭାଇ ସେ ମୋ ଭଉଣୀ ସେ ମୋ ଭାଇ । ତୁଳ୍‌ସାକୁ ସେହିଦିନ ବହୁତ ବାଧେ ଯେଉଁଦିନ କି ଭାଇ ଓ ଭଉଣୀ ଗୁରୁତ୍ୱପୂର୍ଣ୍ଣ ଦିନ ମାନେ ରାକ୍ଷୀ ପୂର୍ଣ୍ଣିମା ଦିନ । ସବୁ ଭାଇ ଭଉଣୀଙ୍କ ପାଇଁ ଖୁସିର ଦିନ କିନ୍ତୁ ତା ପାଇଁ ସେଦିନ ଦୁଃଖର ଦିନ । ତୁଳ୍‌ସା ରାକ୍ଷୀ ଦିନ ବହୁତ କାନ୍ଦେ କିନ୍ତୁ ଗଳାଫଟାଇ କାନ୍ଦେ ନାହିଁ କି ଲୋକ ଦେଖାଣିଆ କାନ୍ଦେ ନାହିଁ । ମନେ ମନେ ବହୁତ କାନ୍ଦେ ତା ହୃଦୟର କଥା କେହି ଜାଣିପାରନ୍ତି ନାହିଁ । ତା'ର ବି ଗୋଟିଏ ଭାଇ ଥିଲା କିନ୍ତୁ ସେ ଦେଖିନାହିଁ । ତା'ର ନାମ ଦେବରାଜ ରଖିଥିଲେ ଓ ସେ ମାତ୍ର ୩ ମାସ ଏ ଦୁନିଆରେ ରହି ଭଗବାନଙ୍କ ପ୍ରିୟ ହୋଇ ଆରପାରିକୁ ଚାଲିଗଲା । ଏ କଥା ତା' ମାଆ ରାଏମତୀ ତାକୁ କହନ୍ତି କିନ୍ତୁ ତୁଳ୍‌ସା ତା'ଭାଇକୁ ଦେଖିନାହିଁ । ତୁଳ୍‌ସା ତା' ଭାଇକୁ ନଦେଖି ମଧ୍ୟ ତା'ଭାଇକୁ ଅନୁଭବ କରେ; କିନ୍ତୁ ତା' ବଡ଼ ଭଉଣୀ ଜୟଶ୍ରୀ ତ ୩ ମାସ ତା'ଭାଇକୁ କାନ୍ଧିଲେ ବୁଝାଇଛି କେତେ ଗେଲ କରିଛି । ଭାଇ କଥା ମନେପଡିଲେ ତା' ମନକୁ ବହୁତ କଷ୍ଟ ହୁଏ । ଜୟଶ୍ରୀ ତା'ଭାଇ ବିଷୟରେ କାହା ଆଗରେ ପ୍ରକାଶ ନକରି ହୃଦୟର କୋହକୁ ହୃଦୟରେ ଚାପି ମନକୁ ମନ କାନ୍ଦେ । ମନକଥା ମନେ ରଖି ତୁଳ୍‌ସାକୁ କୁହେ -"ଆମର ଭାଇ ନାହିଁ ବୋଲି ଭାବିବୁ ନାହିଁ । ତୁ ମୋ ଭାଇ ଓ ମୁଁ ତୋ ଭାଇ ଏ କଥା ତୁ କେବେ ବି ଭୁଲିବୁ ନାହିଁ ।" ଜୟଶ୍ରୀ ନବମ ଶ୍ରେଣୀ ଯାଏ ପଢିଛି । ସେ ନବମ ଯାଏ ପଢିଥିଲେ ବି ପାଠର ମୂଲ୍ୟ ଢେର ବୁଝିଛି । ସେ ସବୁଦିନ ଭଗବାନଙ୍କ ପାଖରେ ପ୍ରାର୍ଥନା କରି କୁହେ, "ହେ ପ୍ରଭୁ ମୋ ଭଉଣୀ ତୁଳ୍‌ସା ପାଠପଢି ଭଲ ମଣିଷ ପରି ମଣିଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉ । ଦୁନିଆର ସବୁ ପ୍ରତିକୂଳ ପରିସ୍ଥିତି ତା'ପାଇଁ ଅନୁକୂଳ ହେଉ ।"

ତୁଳ୍‌ସା ତା' ଭାଇକୁ ଦେଖି ନାହିଁ । ନଦେଖିଲେ କ'ଣ ହେଲା ସେ ସବୁବେଳେ ଭାବେ ମୋ ଭାଇ ମୋ ପାଖରେ ଅଛି । ମୋ ଆଗରେ ଚାଲୁଛି, ମତେ ଠିକ୍ ରାସ୍ତା ଦେଖାଉଛି । ତୁଳ୍‌ସାକୁ ଏମିତି ଲାଗେ ସତେ ଯେମିତି ତା'ସହିତ କଥା ହେଉଛି । ତା'ଭାଇ ତା'କୁ  କହେ - "ଦେଖ୍ ଭଉଣୀ ମାଆବାପାଙ୍କ ସମ୍ମାନକୁ କେବେ ତଳେ ପକାଇବୁ ନାହିଁ । ଏ ସମାଜଟା ଭଲନୁହେଁ ଦେଖିଚାହିଁ ଚଳିବୁ । ମାଆବାପାଙ୍କ ଭରଷା କେବେ ଭାଙ୍ଗିବୁ ନାହିଁ । ତୁ ମୋ ଭଉଣୀ ନୁହେଁ ଭାଇ ହେବାକୁ ଚେଷ୍ଟା କର । ପାଠପଢି ଭଲମଣିଷ ହେବାକୁ ଚେଷ୍ଟା କର । ତୁ ଭାବୁଛୁ ଯେ ତୁ ଏକା ମତେ ଝୁରୁଛୁ ନା ମୋ ମାଆବାପା ମତେ କେତେ ଝୁରୁଛନ୍ତି ତୁ ଜାଣି ପାରିବୁ ନାହିଁ । ଅନ୍ୟ ଲୋକଙ୍କ ପୁଅକୁ ଦେଖିଲେ ସେମାନେ ମତେ ମନେପକାନ୍ତି ଭାବନ୍ତି ମୋ ପୁଅ ବି ଯଦି ବଞ୍ଚିଥାନ୍ତା ଏପରି ହୋଇଥାନ୍ତା । ସେ ସମୟର କଥା ମୁଁ ତତେ କହିପାରିବି ନାହିଁ । ତେଣୁ ତତେ ଝିଅ ନୁହେଁ ପୁଅପରି ହେବାକୁ ପଡିବ ମୋ ମାଆବାପାଙ୍କ ପାଇଁ । ତତେ ଧର୍ମ, ନ୍ୟାୟ,ସତ୍ୟ ଓ ଅହିଂସାର ମାର୍ଗରେ ଚାଲି କଠିନ ପରିଶ୍ରମ କରି ତୋ'ର ଲକ୍ଷ୍ୟ ସ୍ଥାନରେ ପହଞ୍ଚିବାର ଅଛି । ତୁ ଭାବିବୁ ନାହିଁ ଯେ ତୁ ଏକା ଅଛୁବୋଲି ଭାବିବୁ ତୋ ଭାଇ ବି ତୋ ସହିତ ଅଛି । ତୁ ଯଦି ସତରେ ତୋ ଲକ୍ଷ୍ୟସ୍ଥଳରେ ପହଞ୍ଚିବୁ ତା'ହେଲେ ମୋ ମାଆବାପାଙ୍କ ହୃଦୟରେ ମୋତେ ହରାଇ ଯେଉଁ ଦୁଃଖ ଅଛି ତାହା କିଛିମାତ୍ରାରେ ଲାଘବ ହୋଇପାରେ ବୋଲି ଭାବୁଛି । " ତୁଳ୍‌ସାକୁ ଲାଗେ ସତେ ଯେମିତି ତା'ଭାଇ ତା ପାଖରେ ଅଛି ଏବଂ ଏତେ ଶିକ୍ଷା ଦେଉଛି । ସେ ନିଜକୁ ନିଜେ ଶପଥ କରେ ଏବଂ କହେ ମୁଁ ମୋ ଭାଇ କଥା ନିଶ୍ଚୟ ରକ୍ଷା କରିବି । ମୁଁ ମୋ ମାଆବାପାଙ୍କ ଝିଅ ନୁହେଁ ପୁଅ ହେବାକୁ ଚେଷ୍ଟା କରିବି । ତୁଳ୍‌ସାକୁ ତା'ର ପଡିଶା ଲୋକେ ଟାପୁରା କରି ଅନେକ କଥା କହନ୍ତି । ଝିଅ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଲାଙ୍କୁ ଘରେ ରଖି ପାଠ ପଢେଇଲେ ଲାଭ କ'ଣ ତା'କୁ ବାହାକରି ଦେଉନ ବୋଲି ତୁଳ୍‌ସାର ମାଆଙ୍କୁ ମଧ୍ୟ ଲୋକେ କହନ୍ତି । ତା'ମାଆ ରାଏମତୀ ତୁଳ୍‌ସାକୁ କିଛି କହନ୍ତି ନାହିଁ; କାରଣ ତୁଳ୍‌ସା ମୁହେଁ ମୁହେଁ ମନା କରିଦେଇଛି ଯେ ସେ ବାହାହେବାକୁ ଚାହେଁ ନାହିଁ, ପାଠ ପଢିବାକୁ ଚାହେଁ । ଅନ୍ୟର ସାହାରାରେ ସେ ବଞ୍ଚିବାକୁ ଚାହେଁ ନାହିଁ ସେ ନିଜ ଗୋଡରେ ନିଜେ ଠିଆ ହେବାକୁ ଚାହେଁ ।

ଯେତେବେଳେ ତୁଳ୍‌ସାର ବାପା ରାମଶଙ୍କର ତୁଳ୍‌ସାକୁ କହନ୍ତି ଏ ମୋ ଝିଅ ନୁହେଁ ମୋ ପୁଅ ସେତେବେଳେ ତୁଳ୍‌ସାର ମନ କୁଣ୍ଢେମୋଟ ହୋଇଯାଏ । ଆଉ ସେ ମନେ ମନେ ଶପଥ ନିଏ ଯେ ନିଶ୍ଚୟ ତା'ବାପାଙ୍କର କଥାକୁ ସତ୍ୟରେ ପରିଣତ କରିବ । ଏଇଟା ହିଁ ତା'ର ଲକ୍ଷ୍ୟ ଏବଂ ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ସେ ସ୍ୱପ୍ନ ଦେଖେ । ସେଇ ସ୍ୱପ୍ନ ଯାହା ସେ ଆଖି ବୁଜି ନୁହେଁ ଖୋଲା ଆଖିରେ ଦେଖେ । ବେଳେ ବେଳେ ତା'ମନରେ ଭୟ ସଞ୍ଚାରିତ ହୁଏ, ସେହି ଭୟ ତା'ଆଖିରେ ଅଶ୍ରୁ ଭରିଦିଏ । ସେ ନିଜକୁ ନିଜେ କହେ, "ଯଦି ମୋ ଲକ୍ଷ୍ୟ ସ୍ଥାନରେ ନପହଞ୍ଚି ପାରିବି ତେବେ..........? ମୋ ସ୍ୱପ୍ନ ଅଧାରେ ରହିଯିବ ନାହିଁ ତ? ନା....ନା....ଅସମ୍ଭବ? ନା ମୁଁ ହାର ମାନି ପାରିବି ନାହିଁ, ଦୃଢ ଆତ୍ମବିଶ୍ୱାସ ଅଛି ଯେ ମୁଁ ଦିନେ ନା ଦିନେ ମୋ ସ୍ୱପ୍ନକୁ ପୂରଣ କରିବି । ମୋ ମାଆବାପାଙ୍କ ସ୍ୱପ୍ନ ଯାହା ମୋ ସ୍ୱପ୍ନ ବି ତାହା । ମୋ ମାଆବାପା ମୋର ସବୁଇଚ୍ଛା ପୂରଣ କରିଛନ୍ତି ଆଉ ମୁଁ ତା'ଙ୍କ ସ୍ୱପ୍ନ ପୂରଣ କରି ପାରିବି ନାହିଁ କି ! ନିଶ୍ଚୟ ପୂରଣ କରିବି । ତାଙ୍କ ସ୍ୱପ୍ନକୁ ନିଶ୍ଚୟ ସାକାର କରିବି ଆଉ ଏ ସମାଜରେ ପ୍ରମାଣିତ କରି ଦେବି ଯେ ପୁଅ ଓ ଝିଅ ମଧ୍ୟରେ ଫରକ ନାହିଁ । ପୁଅ ଝିଅ ସମାନ ।

ସ୍ନାତକୋତ୍ତର ପ୍ରଥମ ବର୍ଷ ଓଡ଼ିଆ ବିଭାଗ
କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଖରାଛୁଟି

ରମାକାନ୍ତ ଦାଶ ଜଣେ ଅବସର ପ୍ରାପ୍ତ ଶିକ୍ଷକ । ବୟସ ପାଖା ପାଖି ସତୁରୀ ହେବ । ସ୍ତ୍ରୀ ହେମଲତା ହୃଦରୋଗରେ ପୀଡିତ ହୋଇ ଦୀର୍ଘ ଦୁଇ ବର୍ଷ ହେଲା ଦେହତ୍ୟାଗ କଲେଣି । ରମାକାନ୍ତଙ୍କର ଗୋଟିଏ ବୋଲି ପୁଅ । ନାଁ ଟି ତାର ସନ୍ତୋଷ । ସେ ଭୁବନେଶ୍ୱରରେ ଚାକିରୀ କରେ । ତା ସ୍ତ୍ରୀ ସୁଲୋଚନା ବି ଜଣେ ସଭ୍ୟ, ଶିକ୍ଷିତା ଓ ଆଧୁନିକା ମହିଳା । ସେ ତାର ସ୍ତ୍ରୀ ଓ ପୁଅଝିଅଙ୍କୁ ନେଇ ଭୁବନେଶ୍ୱରରେ ରୁହେ ।

ଏପଟେ ଗାଁରେ ରମାକାନ୍ତ ବାବୁ ଏକୁଟିଆ ରୁହନ୍ତି । ସ୍ତ୍ରୀ ଚାଲିଗଲା ପରଠୁ ସେ ନିଜକୁ ଖୁବ୍ ଏକୁଟିଆ ମନେ କରନ୍ତି । ଘରକାମ ଓ ବଗିଚା କାମ କରିବାକୁ ମାଳିଟାଏ ଅଛି, ହେଲେ ସେ ଦିନସାରା ତା କାମରେ ବ୍ୟସ୍ତ ରୁହେ । ବାବୁଙ୍କ ମନ କଥା ଶୁଣିବାକୁ, ତାଙ୍କ ସହ ଗପସପ କରିବାକୁ ତାର ସମୟ କାହିଁ ? ତେଣୁ ରମାକାନ୍ତ ବାବୁ ଘରେ ଏକା ଏକା ଭାରି ବିରକ୍ତ ହେଇଯାଆନ୍ତି । ସେ ସକାଳୁ ନିଜର ନିତ୍ୟକର୍ମ ସାରି ଚାହା କପେ ଆଉ ଖବର କାଗଜଟା ଲୋଡ଼ନ୍ତି । ସକାଳୁ ସକାଳୁ ଖବର କାଗଜଟା ପଢ଼ିବା ତାଙ୍କର ପୁରୁଣା ଅଭ୍ୟାସ । ଖବର କାଗଜ ନ ପଢ଼ିଲେ ତାଙ୍କ ଦିନଟା ଯେମିତି ଆରମ୍ଭ ହୁଏନି । ତା ପରେ ବାବୁ ଜଳଖିଆ ଖାଇ ଦେଇ ନିଜର କିଛି ପୁରୁଣା ବହିପତ୍ର ନେଇ ବଗିଚାକୁ ଯାଆନ୍ତି । ସେଠି କିଛି ସମୟ ବିତାଇବା ପରେ ସିଧା ମଧ୍ୟାହ୍ନ ଭୋଜନ ବେଳକୁ ଘରକୁ



ମୋନାଲିସା ପାତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆସନ୍ତି । ତା ପରେ ଟିକିଏ ବିଶ୍ରାମ ନେବାକୁ ଯାଇ ବିଛଣା ଉପରେ ଗଡ଼ି ପଡ଼ନ୍ତି । ବିଛଣାରେ ପଡି ପଡ଼ି ସେ ବିଶ୍ରାମ ନେବା ବାହାନାରେ ହେମଲତାଙ୍କୁ ଖୁବ୍ ମନେ ପକାନ୍ତି । ବେଳେ ବେଳେ ତାଙ୍କ ଅଜ୍ଞତାରେ ତାଙ୍କ ଆଖି କୋଣରୁ ଲୁହ ସବୁ ଧାର ଧାର ହୋଇ ବହିଯାଏ । ଦିପ୍ରହର ଟା କୌଣସି ମତେ କଟେଇଲା ବେଳକୁ ନିଃର୍ଜନ ସନ୍ଧ୍ୟା ଆସି ତାଙ୍କ ଏକଲା ପଣକୁ ଦ୍ୱିଗୁଣିତ କରିଦିଏ ।

ତେଣୁ ବାବୁ ସବୁ ବର୍ଷ ଅପେକ୍ଷା କରିଥାନ୍ତି ଖରାଛୁଟିର । କାରଣ ଖରାଛୁଟି ହେଲେ ପୁଅ, ବୋହୂ, ନାତି ନାତୁଣୀ କିଛି ଦିନ ପାଇଁ ଗାଁକୁ ଆସନ୍ତି । ସେମାନେ ଆସିଲେ ଖାଁ ଖାଁ ଲାଗୁଥିବା ଘରଟା ଯେମିତି ହସ ଖୁସିରେ ପୁରି ଉଠେ । ନାତିନାତୁଣୀ ଜେଜେଙ୍କ ସହ କେତେ ଗପସପ କରନ୍ତି । ଦିନ ସାରା ଜେଜେଙ୍କ ପଛେ ପଛେ ବୁଲନ୍ତି, ସନ୍ଧ୍ୟା ହେଲେ ଧାନ କ୍ଷେତ ଆଡ଼କୁ ବୁଲେଇ ନେବାକୁ ଅଳି କରନ୍ତି, ରାତି ହେଲେ ପୁଣି ଖାଇ ପିଇ ଜେଜେଙ୍କ ବଖରାକୁ ଚାଲିଯାଆନ୍ତି ଆଉ ଗପ ଶୁଣେଇବାକୁ ଅଳି କରନ୍ତି । ସୁଲୋଚନା ପିଲା ଦିଟାଙ୍କୁ ଯେତେ ବୁଝାଇଲେ ବି ସେମାନେ ଜମାରୁ ଶୁଣନ୍ତି ନାହିଁ । ଓଲଟା ମମି ତାଙ୍କୁ କେବେ ବି ଗପ ଶୁଣାଏ ନାହିଁ ବୋଲି ଜେଜେଙ୍କ ପାଖରେ ଅଭିଯୋଗ କରନ୍ତି ।

ଏସବୁ ଭିତରେ ଏପ୍ରିଲ୍ ମାସଟା ଆସି ପହଁଚିଗଲା । ରମାକାନ୍ତ ବାବୁଙ୍କ ମନ ଭାରି ଖୁସି । ଆଉ କିଛି ଦିନ ଗଲେ ପିଲାଏ ଆସିବେ । ତେଣୁ ସେ ଏବେ ବଗିଚାକୁ ଯାଇ ସବୁ ଜିନିଷକୁ ତନ୍ନତନ୍ନ କରି ଦେଖୁଛନ୍ତି, କୋଉଠି ଆମ୍ବ ଫଳିଛି କି ନାହିଁ, ଗଛରେ ଏ ବର୍ଷ କେତେଟା ପଣସ ଫଳିଛି, କୋଳି ଗଛଟାରେ ଆଉରି କୋଳି ଅଛି ନ ଝଡି ଗଲାଣି ଇତ୍ୟାଦି ଇତ୍ୟାଦି... । ଠିକ୍ ଏତିକି ବେଳକୁ ମାଳି ଆସି କହିଲା, "ବାବୁ, ସାନବାବୁଙ୍କ ଫୋନ୍ ଆସିଛି" । କଥାଟା ଶୁଣିବା ମାତ୍ରେ ରମାକାନ୍ତ ବାବୁ ତରତର ହେଇ ଘର ଭିତରକୁ ପଶିଗଲେ ଏବଂ ଖୁବ୍ ଆଗ୍ରହର ସହ ଫୋନ୍‌ଟାକୁ ଧରି ପଚାରିଲେ, "କିରେ ସନ୍ତୋଷ, ତୁ ପିଲାଙ୍କୁ ନେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗାଁକୁ କେବେ ଆସୁଛୁ ?" ସନ୍ତୋଷ ନମସ୍କାର ଜଣାଇ କହିଲା, "ବାପା ! ସବୁ ବର୍ଷ ପରି ଏ ବର୍ଷ ବି ମେ ମାସ ପ୍ରଥମ ସପ୍ତାହରେ ମୁଁ ସୁଲୋଚନା ଆଉ ପିଲାମାନଙ୍କୁ ନେଇ ଗାଁକୁ ଆସିବି । ତମେ ଜମା ବ୍ୟସ୍ତ ହୁଅନି ।" ଏ କଥାଟା ଶୁଣିବା ପରଠୁ ରମାକାନ୍ତଙ୍କ ମନ ଖୁସିରେ ନାଚି ଉଠିଲା । ସେ ଖାଲି ଦିନ ଗଣିବା ଆରମ୍ଭ କରିଦେଲେ ।

ଏମିତି ମାସେ ବିତିଗଲା, ମେ ମାସର ପ୍ରଥମ ସପ୍ତାହ ଆସି ପହଁଚିଲା । ହେଲେ ଏ କଣ, ନା ଆସିଲା ସନ୍ତୋଷ ନା ଆସିଲା ତାର ଫୋନ୍ । ସେ ତ କହିଥିଲା ପ୍ରଥମ ସପ୍ତାହରେ ଆସିବ । ସେ ଦିନ ମେ ମାସର ପ୍ରଥମ ରବିବାର । ପ୍ରାୟତଃ ରବିବାର ଦିନ ହିଁ ସନ୍ତୋଷ ଘରକୁ ଆସେ । ସେଦିନ ବି ବାବୁ ଆଗ୍ରହର ସହ ନିତ୍ୟକର୍ମ ସାରି ଚାହା କପ୍ ଟା ଧରି ଖବର କାଗଜଟା ଓଲଟାଉ ଓଲଟାଉ ତୃତୀୟ ପୃଷ୍ଠାରେ ଯାହା ଦେଖିଲେ ତାହାକୁ ସେ ପ୍ରଥମ ଥରରେ ବିଶ୍ୱାସ କରିପାରିଲେ ନାହିଁ । ସେ ଖବରଟା ଥିଲା ସଡ଼କ ଦୁର୍ଘଟଣାରେ ଚାରି ମୃତ । ଫୋଟଟା ଥିଲା ସନ୍ତୋଷର । ଖବରଟା ପୁରା ପଢ଼ିବା ପୂର୍ବରୁ ଫୋନ୍ ଘଣ୍ଟି ବାଜି ଉଠିଲା । ରମାକାନ୍ତ ଥର ଥର ହୋଇ ଫୋନ୍ ପାଖକୁ ଯାଇ ଫୋନ୍ ଉଠେଇଲେ । କିଏ ଜଣେ ଅଜଣା ସ୍ୱରରେ କହିଲା, "ଆଇ ଆମ୍ ସରି । ଗତକାଲି ଆପଣଙ୍କ ପରିବାରର ଚାରି ଜଣ ସଦସ୍ୟ ସଡ଼କ ଦୁର୍ଘଟଣାରେ ପ୍ରାଣ ହରେଇଛନ୍ତି । ବର୍ତ୍ତମାନ ତାଙ୍କ ଶବ ଭୁବନେଶ୍ୱର ହସ୍ପିଟାଲରେ ଅଛି । ଆପଣ ଠିକଣାଟା କହିଲେ ଆମେ ତାକୁ ଆପଣଙ୍କ ପାଖକୁ ପଠେଇ ଦେବୁ ।" କଥା ଟା ଶୁଣି ତାଙ୍କ ଶରୀରଟା ଜଡ ପାଲଟି ଗଲା । ଠିକଣା ଦେବା ପୂର୍ବରୁ ଫୋନ ଟା ହାତରୁ ଖସି ତଳେ ପଡ଼ିଗଲା । ଆଉ ଫୋନ୍ ପରି ସେ ବି ଚେତାଶୁନ୍ୟ ହୋଇ ତଳେ ପଡିଗଲେ । ଖରାଛୁଟିର ଖୁସି ଟା ଆଖି ପିଛୁଳାକେ ମାଟିରେ ମିଶିଗଲା ।

ସୁକମା, ଛତିଶଗଡ଼

ଭ୍ରାମ୍ୟଭାଷ : ୮୭୬୩୩୮୪୫୭୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବୃତ୍ତି

"ମା' ବଡ ବାବୁ କୁଆଡେ ଗଲେ କି ? ?" ଘରକୁ ପଶି ଆସି ନର୍ତ୍ତନ ବୁଢା କହିଲେ ।

ବୋଉ ମୁଣ୍ଡରେ ହାତେ ଓଢଣା ଟାଣି ଚଉରା ମୂଳେ ପିତଳ ଢାଳରୁ ପାଣି ଦଉଥିଲା ଗୁଣୁ ଗୁଣଉଥିଲା

"ମା ଗୋ ତୁଳସୀ ଦେବୀ, ଅଟୁ ଶ୍ରୀ କୃଷ୍ଣ ପ୍ରାଣ ବଲ୍ଲଭୀ .........ମା ଗୋ

ଚାରି ପାଶେ ଚାରି ତପି ବସିଛନ୍ତି, ମଧ୍ୟେ ବସେ ବସୁନ୍ଧରା .......ମା ଗୋ

ଚାରି ପାଶେ ଚାରି ଚାମର ଢାଳନ୍ତି, ରୁକ୍ମଣୀ ଲିପେ ଚଉରା ........ମା ଗୋ

ମୂଳେ ତୋର ଗଂଗା, ଡାଳେ ତୋର ବିଷ୍ଣୁ, ପତ୍ରେ ଦେବତାଙ୍କ ବାସ ......ମା ଗୋ

ତୋ ପତ୍ର ପଡିଲେ ମଣୋହୀ ହୁଅଇ କହଇ ଗୋଲକ ଦାସ

ମା ଗୋ ତୁଳସୀ ଦେବୀ ,ଅଟୁ ଶ୍ରୀ କୃଷ୍ଣ ପ୍ରାଣ ବଲ୍ଲଭୀ .......



ଲୋପାମୁଦ୍ରା ପରିଡ଼ା

ଦୀପ, ଭୋଗ କରିସାରି ବୋଉ ଲୁଗାକାନିକୁ ବେକ ଚାରିପଟେ ଗୁଡେଇ ଆଣି ମୁଣ୍ଡିଆ ମାରିଲା ଆଉ ଚଉରା ଝରାପତ୍ର ଚଉରା ମୂଳ ପାଣି ସହ ପାଇ ହାତ ଯୋଡି ଆସିଲା ।

"ହଉ ହଉ ମା ତମେ ପୂଜା ସାର ଆଗେ ।" ନର୍ତ୍ତନ କହିଲା ।

"ହଁ ସାରିଲିଣି । ଆଉ କଣ ଆଜି ଆମ ଘର ଆଡେ । ସବୁ ଭଲ ତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁନି ମା ଆଉ ତମ ପିଲେ ସବୁ କେମିତି ଅଛନ୍ତି ? ? ବସ । ବଡ ବାବୁ ତମର ବାରି ଆଡେ ଅଛନ୍ତି । କଣ କାକୁତି, କଲରା ଯୋଡେ ମଡେଇଥିଲା ରଂଜାରେ ଯେ ସେଇଆକୁ ଦେଖିବାକୁ ଯାଇଥିଲେ । ଏଇଲେ ଆସୁଥିବେ ।” କହିକି ବୋଉ ବାରି ଆଡକୁ ଚାହିଁଲା । ସେପଟୁ ବାପା ଆସୁଥିଲେ ମୋର ଆଉ ମୋ ଭାଇର ହାତ ଧରି । ବାପା ଆମ ହାତକୁ ତାଙ୍କ ମୁଠା ଭିତରେ ଧରିଥିଲେ ଭାରି ନିର୍ଭୟ ଲାଗେ, ସତେ ଯେମିତି ଆମେ ବୀର ଯୋଦ୍ଧା ଯୋଡେ ଆଉ ଆମକୁ କେହି ହରେଇ ପାରିବେନି ।

“ହେଇ ତ ଆସିଲେଣି, ହେଇଟି ଶୁଣୁଛ, ନର୍ତ୍ତନ ମଉସା କେତେବେଳୁ ଆସି ତମକୁ ଅନେଇଛନ୍ତି ମ ।”

“ହଁ ତାଙ୍କୁ କଣ ଜଳଖିଆ, କି ଚାହା ପାଣି ଦେଲଣି ନା ନାହିଁ ?” ବାପା ପଚାରିଲେ ।

“ହଁ, ଆସୁଛି” କହି ବୋଉ ଉପର ପଟ ଖଞ୍ଜାଘରକୁ ଯୋଉଠି ଆମର ହାଣ୍ଡିଶଳା ଆଉ ଅମାର ଘର, ଆମ ଶୋଇବା ଘର, ଦିଅଁ ପୂଜା ଘର । ଉପର ପଟ ଅଗଣା ଅଛି । ଏପଟେ ତଳ ପଟେ ଆମ ଖଳାବାରି, ପନିପରିବା ଖଳା, ପାନ ବରଜ, ନଡିଆ ବାରି, ଆମ୍ବ ତୋଟା ଆଉ ତା ଶେଷ ଆଡକୁ ଆମ ଘର ଗାଡିଆ । ଏବେ ଆମ ଅଗଣାରେ ଗୋଟେ ନଳକୂଅ ବାପା ବସେଇଛନ୍ତି । ଟିକେ ଖାରିଆ ପାଣି ଆସେ କିନ୍ତୁ ବୋଉ କହେ “ନଳକୂପର ପାଣି, ପିଇବ ତାକୁ ଛାଣି” ଏ ପାଣି ପିଇବାକୁ ଭଲ । ବିଶୁଦ୍ଧ ଜଳ । ବଡ ପୋଖରି ଆଉ ଆମ ବାରି ଗାଡିଆ ପାଣି କିନ୍ତୁ ପଇଡ ପାଣି ପରି ମିଠା ।

ବାପା ବଡ ପଥର ପିଣ୍ଡା ଉପରକୁ ତାଙ୍କ ପୁରୁଣା ଗାମୁଛାଟା ଘୋଡେଇ ହୋଇ ପିଢ଼ା ପକେଇ ବସିଲେ । ନର୍ତ୍ତନ ତାର ପିତଳ ଗିନାରେ ପାଣି ଆଣି ନୂଆ ପାତ, ଖୁର କାଢ଼ି ହାତରେ ସାବୁନ ମାରି ବାପାଙ୍କ ଗାଲରେ ଘସୁ ଘସୁ କହିଲା, “ବୁଝିଲେ ସାନ୍ତେ, ଆମ ଭେଳା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଡୁ ବୁଡୁ ଉଦ୍ଧାର ହେଲା ଜାଣି ।”

“କେମିତି କି ଓ । ସରକାର ତ କହିଲେ ସେଲୁନ ସବୁ ଖୋଲିବନି । ବନ୍ଦ ରହିବ । ଆଉ ସବୁ ଦୋକାନ ଖୋଲିବ । ସହର ବଜାରର ବଡ ବଡ ମଲ୍ ସବୁ ଛାଡିକି । ତମର ଏଥିରେ ଭେଳା ରହିଲା କେମିତି । ମୋ ବୁଦ୍ଧି ତ ପାଉନି ।” ବାପା ପଚାରିଲେ ।

ନର୍ତ୍ତନ ହସି ହସି ବାପାଙ୍କ ଗାଲରେ ଫେଣ କରି କରି କହିଲା, “ଆଜ୍ଞା, ବୁଝୁନାହାନ୍ତି କି । ଆମେ ଆଜ୍ଞା, କୋଉ କାଳୁ କୌଳିକ ବୃତ୍ତି ଆମର କରିକି ଚଳୁଥିଲୁ । ବାପ ଅଜା ଅମଳରୁ । ଆପଣମାନଙ୍କ ଘରେ ବାହା, ପୁନିଅ, ପରବ ପାର୍ବଣ, ଭଲ ମନ୍ଦ, ଦିଆନିଆ, ଝିଅ ଝିଆଣି, ଭାର ବୋଝ, ଗଲାଅଇଲା, ଛୁତିକା, ମୃତିକା, ନିମନ୍ତ୍ରଣ, ଗୁଆ, ପତ୍ର ସବୁଥିରେ ଆମେ ଖୋଜା ହଉଥିଲୁ । ସବୁଠି ଆଗେ ଲୋଡ଼ା ହଉଥିଲା ଆମ ଉପସ୍ଥିତି । ଆପଣଙ୍କ ଘରୁ ଆଜ୍ଞା ଆମର ଲୁଗା ପଟା, ଖିଆପିଆ ସବୁ ଚଳିଯାଉଥିଲା । ଏଇ ରବିବାରିଆ, ବୁଧୁବାରିଆ ଆସି ଘରେ  ଟିକେ ଖିଅରବାଆର କରି ଗଲାବେଳକୁ ମା ସାଆନ୍ତାଣୀ ଆମକୁ ମୁଗ ବିରି ମୁଠେ, ପରିଆ ଯୋଡେ, ଚାଉଳ ମାଣେ କି ଆଞ୍ଜୁଳାଏ ଦେଲେ ସେଇ ଆମର କେତେ କଥା । ଆଉ କେତେ ଦିନରୁ କୁଳ ବେଉସା ବୁଡି ଯାଇଥିଲା । ପାଠ ପଢା ଭଲ ଘର ପିଲେ ସବୁ ବି ଆମ କାମ ଧଇଲେ । ଛକେ ଛକେ କଣ ଗୋଟେ ସ୍ପା ଖୋଲିଲେ । ହର ରଂଗୀ ଫଟୋ ସବୁ ମାରି ଥଣ୍ଡା ଘରେ ଚୁଟି କାଟିଲେ । ଧାଡି ସବୁ ସେଣିକି ଗଲା । ଆମ ପେଟେରେ ନାତ ବାଜିଲା । ଆମକୁ ଆଉ କେହି ପଚାରିଲେ କି । ହରଡଘଣାରେ ପେଶି ହେଲା ପରି ଆମକୁ ଆଉ କୋଉ କାମ ବି ଜଣା ଯେ ସେଥିକୁ ଆଉ ମନ ଦେଇଥାନ୍ତୁ । ଚାଷ ବାସ କରିବାକୁ ଚିନ୍ତା କଲୁ ଯେ ସେଥିରେ ତ ମହରଗରୁ ଯାଇ କାନ୍ତାରରେ ପଡିବା କଥା । ଘୋଡା ଛ ଟଙ୍କାକୁ ଦାନା ନ ଟଙ୍କା । ଧାର କରଜରେ ବୁଡି ଶେଷକୁ ଦଉଡି ଦେଇ ଝୁଲିଆ କଥା । ଘରେ ତ ଆଠ ପ୍ରାଣୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୁଟୁମ୍ବ । ମୁଣ୍ଡରେ ହାତ ଦେଇ ଦିନ ଯାଉଥିଲା । ଦିନେ ଖାଇଲେ ଓଳିଏ ଓପାସ । ପିଲେ ତୋରାଣୀରେ ଜୀବନ ଧରିଥିଲେ ଜାଣି । ବଡ ଟୋକାଟା ମୋର ଭୋକ ଦାଉରୁ ଆଉ ଘର କଷ୍ଟ ସହି ନପାରି ସୁରାଟ ପଳେଇଲା । କାଲି ସେଇ ଫୋନ କରି ତା ବୋଉକୁ କଉଥେଲା, ସରକାରୀ ପଇମାନା ଜାରି କଥା ସବୁ, ମୁଁ ଶୁଣିଲି । ସେଇଠୁ ଜାଣିଲି । ମନ ଖୁସି ହେଲା । ଆଉ ତ ସେ ନିଆଁ ଲଗା ସ୍ବା ଫାକୁ କେହି ଯାଇପାରିବେନି । ଆଗ କାଳରେ ସିନା ଆଜ୍ଞା ନାପିତ ଦୁଆରକୁ ଗଲେ ଲକ୍ଷ୍ମୀ ରହନ୍ତିନି ବୋଲି କଥା ଥିଲା ଏ କାଳେ ତ ଝିଅମାନେ ସବୁ ବି ଗଲେଣି । ।

ସଖାଲୁ ମୁଁ ମୋର ପୁରୁଣା ଥଳିରୁ ମୋ ଅସ୍ତ୍ରଶସ୍ତ୍ର କାଢି ଧୋଇ ଧାଇ, କୁଳ ଦେବୀକୁ ଜୁହାର କରି ଅନୁକୂଳରେ ବାହାରି ଆସିଲି । ଆଗେ ଆପଣଙ୍କଠି ବଇନି କରିବି ବୋଲି ଆସିଲି ଆଜ୍ଞା ।" ତା ମୁହଁରେ ଗୋଟେ ଶାନ୍ତିର ଭାବ ଥାଏ । ଏକା ନିଶ୍ବାସରେ କହିଗଲା । ଏତେ ବେଳକୁ ବାପାଙ୍କର ସରି ମୋର ଆଉ ମୋ ଭାଇର ବି ଚୁଟି ସାଇଜ ହେଇ ସାରିଲାଣି । ଆମେ ଦିଟା ଖୁର ତଳେ କାଠ ଭୁତ ପରି ବସିଥାଉ, ହଲଚଲ ଜମା ହବନି ନହେଲେ ଯିବ ଯେ, ପୁରା ନାଣ୍ଡୁ ହେବାକୁ ପଡିବ । ବୋଉ ଲୋ କି ଧାରୁଆ । ଭାରି ଡର ଲାଗେ । ବାପା ପୁଣି କହିବେ, "ଜମା ହଲିବନି ହେଲା, ନହେଲେ ମୁଣ୍ଡ ଖଣ୍ଡିଆ ହବ ।" କାକୁସ୍ଥ ହୋଇ ଆମେ ସ୍ଥିର ।

"ହଁ ହଉ । ଯାହା ସବୁ ପ୍ରଭୁଙ୍କ ଇଚ୍ଛା । ତାଙ୍କରି ଶୁଭ ସୁନ୍ଦର ଇଚ୍ଛା ପୂରଣ ହଉ । ଆମେ ଆଉ କଣ କରି ପାରିବା" ବାପା କହିଲେ ଆଉ ବୋଉକୁ ଡାକି କହିଲେ, "ଆମେ ଗାଧେଇ ଗଲୁ । ନର୍ତ୍ତନ କଥା ବୁଝ ।"

ବୋଉ ତେଣୁ ହସି ହସି ଆସି କହିଲା, "ହଁ ବେଶୀ ପାଣି ଖେଳିବନି ପିଲେ, ଥଣ୍ଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧରିବ । ହଁ ମଉସା ଏପଟକୁ ଆସ ।"

"ହଁ; ମା ହାତ ମୁହଁ ଧୋଇ ଆଉଚି ।" ହସ ହସ ମୁହଁରେ ଆସି ବସିଲା ନର୍ତ୍ତନ ।

ବୋଉ ଗରମ ଗରମ ଭାତ, ଡାଲି, କୋଶଳା ଶାଗ ଖରଡା, ଆଳୁ ଭର୍ତା ଆଉ କଞ୍ଚା ପିଆଜ ଲଙ୍କା, ଲୁଣ ଦେଇଥାଏ । ଆଉ ଖଟା ଟିକେ ।

ଆତ୍ମା ଶାନ୍ତିରେ ଖାଇ ସାରି ହାତ ଧୋଇ ପିଣ୍ଡା ଧୋଇ ନର୍ତ୍ତନ କହିଲା, "ଏଥର ମୁଁ ଆସୁଛି ମା, ଏଥର ସବୁ ପନ୍ଦର ଦିନେ ଆସିବି । ଯେତେ ବେଳେ ଯାହା କାମ ପଡିବ କହିବ ମା ହାଜର ହେବି । ମୋ ବାରିରେ ବନ୍ତଳ କଦଳୀ ଭାରିଏ ପଡିଛି । ଆଉ ଟିକେ ବାଗେଇଯାଉ ମା । ଆଣିକି ଆସିବି ।"

ବୋଉ ଗୋଟେ ବ୍ୟାଗରେ ତାର ପିନ୍ଧା ଲୁଗା, ଆମର ଯୋଡେ ପ୍ୟାଣ୍ଟ ଜାମା, ଯୋଡେ ଆଉ ପରିବା, ଚାଉଳ ଡାଲି ଗଣ୍ଡେ ପୁରେଇକି ନର୍ତ୍ତନ ହାତକୁ ବଢେଇ ଦେଲା । ମିଠେଇ ଦିଟା ବି ସେଥିରେ ଥିଲା ।

"ତମ ପିଲାଙ୍କର କଲ୍ୟାଣ ହଉ ମା । ସୁଖରେ ରୁହ ।" ଆଖି ଛଳ ଛଳ କରି ଦାଣ୍ଡ ବାଟେ ଚାଲିଗଲେ ।

ପଛରୁ ସେହି କ୍ଷଣରେ ସଂସାରର ସବୁଠୁ ସୁଖି ବ୍ୟକ୍ତିଟିଏ ଚାଲିଗଲା ପରି ଦିଶୁଥିଲା ।

ବାଙ୍ଗାଲୋର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ ପରିବେଶ

ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଅବସ୍ଥିତ ମୋ ଗାଁ ପାମରା । ସୁନ୍ଦର ମୋ ଗାଁ ମାଟି ସୁନ୍ଦର ପରିବେଶ, ଗାଁରେ ଅଛନ୍ତି ପାଞ୍ଚ ସାହି ପଡ଼ିଶା, ଭାଇ ବନ୍ଧୁ ଭାବରେ ପୁରି ରହିଛି ମୋ ଗାଁ ଲୋକଙ୍କ ସୁନ୍ଦର ସୁନ୍ଦର କଥା । ଛୁଆ ଠୁ ବୁଢ଼ା ପର୍ଯ୍ୟନ୍ତ ସଭିଏଁ ଖୁସିର ମହକ, ତା ସହିତ ଭରି ରହିଛି ସୁନ୍ଦର ଗାଁ ପରିବେଶ, ଗାଁ ପାଖରେ ଅଛି ସବୁଠାରୁ ନିଆରା ସୁନ୍ଦର ଜଙ୍ଗଲ, ସେ ଜଙ୍ଗଲରେ ଅନେକ ଜାତିର ଗଛଲତା ସହ ଅନେକ ଗୁଡିଏ ପଶୁପକ୍ଷୀ ମାନଙ୍କର ହେଉଛି ବସବାସ । ଜଙ୍ଗଲ ହୋଇଅଛି କେତେ ପାହାଡ଼, ପର୍ବତ, ପାହାଡ଼ରୁ କୁଳୁକୁଳୁ ହୋଇ ବହି ଆସୁଥାଏ ଝରଣା ପାଣି, କୁହୁ କୁହୁ କୋଇଲିର ମଧୁର କଣ୍ଠରେ ଶୁଣିବାକୁ ମିଳେ ନୀତି ତାହାର ଗୀତ । କେତେ ଯେ ସୁନ୍ଦର ରୂପ "ମୋ ଗାଁ ପରିବେଶ" । ଗାଁର ସେଇ ପିଲାଦିନ ଖେଳ ଭାରି ମନେ ପଡେ, ଛୋଟ ଥିଲାବେଳେ କେତେ ସାଙ୍ଗସାଥି ମେଳେ ଖେଳୁଥିଲି ମୁହିଁ । ସେଇ ମୋ ଗାଁର ପୋଖରୀରେ ନିତି ଗାଧୋଇବାକୁ ଯାଉଥିଲି, ସେଇ ପିଲାଦିନେ କେତେ ଲୁଚକାଳି ଖେଳ ଖେଳୁଥିଲା ଏ ଛୋଟ  ମନ, ସେଇ ଅଝାଟିଆ ମନ ମା କୋଳରେ ମା ହାତ ଧରି ଚଲୁଥିଲି ବାଟ ଭାରି ମନେ ପଡ଼େ ମୋ ଗାଁର ସେଇ ହାଟ । ସବୁଠୁ ସୁନ୍ଦର ଗାଁର ପରିବେଶ, ଛୋଟ ଥିଲାବେଳେ ଶୁଣିବାକୁ ମିଳୁଥିଲା ସେଇ ଜେଜେ



ଟୋନିସ୍ ରୋହିଦାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମା'ଙ୍କର ସେଇ କାହାଣୀ ଗଳ୍ପ, ନ ଥିଲା ସେତେବେଳେ କୌଣସି ବୈଜ୍ଞାନିକ ଯନ୍ତ୍ର, ପୁରାଣ ପୋଥି ହାତରେ ଧରି ପଢୁଥିଲି କେତେ ସୁନ୍ଦର ସେଇ ଗୀତା ଭାଗବତ । ସବୁଠୁ ନିଆରା ଲାଗେ ଗାଁର ଚାଷ କାମ ଧାନ, ଗହମ, ପନିପରିବା, କେତେ ସୁନ୍ଦର ଲାଗେ ହଲ ନଙ୍ଗଲ କରିବା ।

ମୋ ଗାଁ ପରିବେଶ ସବୁଠାରୁ ଅଟେ ସୁନ୍ଦର ଭାବୁଥାଏ ବସି ସେଇ ବିତିଗଲା ମୋ ପିଲା ବେଳ । ଆମ୍ବ ଗଛ ମୂଳେ ବସି ନୀତି ଖେଳୁଥିଲି କେତେ ଖେଳ, ମାଟିର କଣ୍ଢେଇ ତିଆରି କରି ଆଣୁଥିଲା ଗାଁର କୁମ୍ଭାର ।

ଗାଁ-ପାମରା, ଜିଲ୍ଲା-ସୁନ୍ଦରଗଡ଼

ମୋ-୭୦୭୭୯୧୧୭୩୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ "୧୧ ")

ଅଂହକାର ପାଇଁ କହିଗଲି ଚାହିଁ
ସିଏ ରୋକିବେ ତାହାଙ୍କୁ,
ଅସୁଭ ତ ହେବ ଯେବେ ଆସିଯିବ
ସ୍ୱୟମ୍ବରେ ଯେ ଏଠାକୁ ।
ଅପମାନ ପାଇଁ ମଣିମା ତ ଚାହିଁ
ସ୍ୱୟମ୍ବର ପୁରୁବରୁ,
ଅଗତ୍ୟା ତାହାକୁ ବେଗେ ମାରିବାକୁ
ସମ୍ବାଦ ଦ୍ୟନ୍ତି ଅଧରୁ ।
ଅଜ୍ଞାତ ବ୍ୟକ୍ତିର ଆସିବା ପଯ୍ୟର
ବୋଲି ସୂଚନା ମିଳିଛି,
ଅନୁରୋଧ କରି କହିଳି ଅଇରି
ବର ବେଶିକ ସାଜିଛି ।
ଅଙ୍ଗରକ୍ଷକ ଏ ଶୁଣି କହିଲେ କି
ଅସମ୍ଭବ କାର୍ଯ୍ୟ ପାଇଁ,
ଅଧିକା ସମୟ ମିଳିଥିଲେ ତାଙ୍କୁ
ମାରିଥାନ୍ତେ ପାଖେ ଥାଇ ।
ଅଗମ୍ୟ ଗୃହରେ ସିଏ ବାସ କରେ
ଲକ୍ଷ ଲୋକ ଜଗୁଆଳ,
ଅସଂଖ୍ୟ ବ୍ୟାଘ୍ରର ଜଙ୍ଗଳ ମଧ୍ୟରେ
ଭବନେ ରହୁଛି କାଳ ।
ଅଦୂରକୁ ତାର ଯିବା ମାନେ ଛାର
ଶରୀର ହାରିବା ତହିଁ,
ଅଧିକା ସମୟ ମିଳିଥିଲେ ଯାଇ
ମାରିଥାନ୍ତେ ବଳ ବହି ।
ଅଜଣା ଅନେକ ଅସ୍ତ୍ର ଶିକ୍ଷା ତାଙ୍କୁ
ହେଲେ ଅହଂ ଭୟଙ୍କର,
ଅନେକ ବିଦ୍ୟାର ପାରଙ୍ଗମ ବର
କବି ଯେ ଗୁରୁ ତାଙ୍କର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅସମର୍ଥ ସିଏ କହିଲେ ସେ ଚାହେଁ
ଅଧିକା ସମୟ ପାଇ,
ଅଖିଳ ବିଦ୍ୟାର ପାରଙ୍ଗମ ପରେ
ମାରିବେ କହିଲେ ଯାଇ ।
ଅଧରରୁ ତାଙ୍କ ଏହି କଥା ଶୁଣି
କହିଲି ପାରିବେ ସିଏ,
ଅଗଣ୍ୟ ଶକ୍ତିର ସିଏ ଅଧିକାରି
କବି ପାଇଁ ପରା ଜୀଏଁ ।
ଅଙ୍ଗରକ୍ଷକ ଏ ଶୁଣିସାରି କହେ
ଅଗଣ୍ୟ ଶକ୍ତି ଯାହାର,
ଅହଂଠାରୁ ବଳି ପାରବେନି ବୋଲି
କରନ୍ତି ଦୂରୁ ଜୁହାର ।
ଅନୁରୋ କଳି ମାରିବେ ସେ ବୋଲି
ସ୍ୱୟମ୍ବର ପୂରୁବରୁ,
ଅଶ୍ରୁବହିଗଲା ନୟନୁ ମୋହର
ନିସହାୟ ଏ ଅନ୍ତରୁ ।
ଅଶ୍୍୍ରୁ ମୋର ଦେଖି କହିଲେ କି ରୋକି
ରଖିବି ମୋ ବାହା ଜାଏଁ,
ଅଧରୁ ତାଙ୍କର ଏପରି ଉତ୍ତର
ଆଘାତ କରିଲା ଚାହେଁ ।
ଅଙ୍ଗରକ୍ଷକ ତ ପୁଣି ଯେ କହିଲେ
ମାରୁଛନ୍ତି ଯାହା ପାଇଁ,
ଅଜଣାଆମକୁ କହିଲେ ସତକୁ
କର୍ତ୍ତବ୍ୟରେ ବନ୍ଧା ଚାହିଁ ।
ଅସ୍ୱତ୍ୟକ୍ତା ବୋଲି କବିକର ଖୋଲି
ଖାଲି କରିଛନ୍ତି ଯେବେ,
ଅନୁସରି ତାଙ୍କ ପ୍ରତିଶୋଧ ପାଇଁ
ମାରୁଛନ୍ତି ଚାହିଁ ଏବେ ।
ଅନୁରୋଧ କରି କହିଲେ ମୋ ପରି
ଦ୍ୱିଧାରେ ସିଏ ଅଛନ୍ତି,
ଅନେଇଲେ ସବୁ ପାଶାଣ ବି ପ୍ରଭୁ
ହେଲ ଏ ବଳି ରହନ୍ତି ।
ଅହଂ ଓ ଚରିତ୍ର କବିଙ୍କର ଶିଷ୍ୟ
ସାଥେ ଯୋଡ଼ିଲେ ନିଜକୁ,
ଅହଂ ଅତି ପ୍ରିୟ କବିଙ୍କର ବୋଲି
ଜାଣିଲେ ସର୍ବ ଶେଷକୁ ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରଦ୍ଧାଞ୍ଜଳୀ - ମନୋଜ ଦାସ



ଶିବ ନାରାୟଣ ଦାସ

ଶ୍ରଦ୍ଧାଞ୍ଜଳି - ସାହିତ୍ୟ ସାଧକ ମନୋଜ ଦାସ

ଦୀର୍ଘ ପଥ ଅତିକ୍ରମି ତବ ଯାତ୍ରା ପଥେ
ତୁମେ ଆଜି ଚାଲିଗଲ ଧରାଧାମ ଛାଡି,
ଦିବ୍ୟ ଜ୍ୟୋତି ମହାକାଶେ
ଅନ୍ତର୍ଲୀନ ଚେତନାର ମହାଦ୍ୟୁତି ମଧ୍ୟେ,
ତୁମେ ଆଜି ହଜିଗଲ ଶାଶ୍ୱତର ଚିନ୍ମୟ ଗହ୍ୱରେ -
ହେ ସ୍ଫୁଲିଙ୍ଗ, ବାଗ୍ମୀ, ଗୁଣୀ,
ପ୍ରବୀଣ, ତପସ୍ୱୀ,
ମୃତ୍ୟୁ ପଥେ ଅମୃତର ଭବ୍ୟ ଅନ୍ୱେଷଣେ ।

ସରସ୍ୱତୀ ବରପୁତ୍ର
ଉତ୍କଳର କାଳିଦାସ ତୁମେ,
ସତ୍ୟର ସାଧକ ଆଉ ପ୍ରଜ୍ଞାମୟ ହେ ଯୁଗ-ପୁରୁଷ,
ସାହିତ୍ୟର ସାରସ୍ୱତ ସ୍ରଷ୍ଟା,
ତୁମରି ଲେଖନୀ ଦେଇ କରିଛ ସମୃଦ୍ଧ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାଣୀ ଓ କବିତାର ଅଜସ୍ର ସମ୍ଭାର,

ସୁଶୋଭିତ କରି ପୁଣି ଦେଶ ଆଉ ବିଶ୍ୱ ଦରବାର ।

ଲେଖାରେ ଫୁଟାଇ ତୁମ ଚେତନାର ଋତମ୍ଭର ଭାଷା,

ମଣିଷକୁ ଦେଇଅଛ ଉର୍ଜସ୍ୱଳ ଆଲୋକର ଆଶା,

ତୁମେ ତ ଲେଖିନ କେବେ ଭାତ ଆଉ ରୁଟିର କାହାଣୀ,

ପ୍ରେମ ଅବା ପ୍ରଣୟର ଉପନ୍ୟାସ ପୁଣି,

ତୁମରି କବିତା କେବେ ଗାଇନାହିଁ ଜୀବନର ସୁଖ, ଦୁଃଖ ଗୀତ,

ଆଶା ଆଉ ନିରାଶାର ଆବାହ ସଂଗୀତ ।

ତୁମ ସୃଷ୍ଟି ସତ୍ୟମୟ -

ଜୀବନ ଭିତରେ ଥାଇ ଖୋଜୁଥାଏ ଜୀବନର ଦିବ୍ୟ ରୂପାୟନ,

ଆମେ ଯେତେ ସ୍ତବକ ଓ ପାଠକ ତୁମର,

ଆମେ ଯେତେ ଗୁଣମୁଗ୍ଧ ତୁମରି ଲେଖାର,

ଝୁରୁଥିବୁ ତୁମ ଲେଖା କାହାଣୀଟେ ପାଇଁ ଆଗାମୀ ଦିନରେ -

ପ୍ରଜ୍ଞା ପ୍ରଦୀପିକା ଭରା

ଚେତନାର ମନ୍ତ୍ରମୟୀ ଅମୃତ ଝଙ୍କାର ।

ଉତ୍କଳର ଗର୍ବ ତୁମେ

ଓଡ଼ିଶାର ସୁଯୋଗ୍ୟ ସନ୍ତାନ -

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଟି ଓଡ଼ିଆ ପ୍ରାଣେ

ହେ ବରେଣ୍ୟ ସ୍ରଷ୍ଟା ଶିରୋମଣି,

ତୁମେ ରୁହ ପ୍ରତିଭାତ ଅଂଶୁମାଳି ପରି ।

କାନ୍ଦେ ଆଜି ଓଡ଼ିଶାର ପୁର-ପଲ୍ଲୀ

ପାଣି ଓ ପବନ,

ଗୁମୁରି ଗୁମୁରି ଝୁରେ ଓଡ଼ିଆର ବିଦଗ୍ଧ ପରାଣ ।

ଓଡିଶା ବାହାରେ ଥାଇ ଆପଣାର ସମସ୍ତ ଜୀବନ,

କେ ପାଇଛି ଓଡ଼ିଆକୁ ଏତେ ଭଲ କୁହ,

ତୁମ ପରି କେ ଛୁଇଁଛି ଓଡ଼ିଶାର

ଅନନ୍ତ ଚେତନା -

ମରମୀ ହୃଦୟ ଆଉ ଜନ ମନ ପ୍ରାଣ ।

ତୁମେତ ନ ଥିଲ ଖାଲି ଓଡ଼ିଶାର ଏକାନ୍ତ ଆପଣ,

ତୁମରି ଲେଖାର ଛନ୍ଦେ

ସଂଜୀବିତ ହେଉଥିଲା ଦେଶ ଆଉ ବିଶ୍ୱ ଦରବାରେ

ସାହିତ୍ୟର ସୁରମ୍ୟ ଝଙ୍କାର ।

ମନୋଯୋଗ ଲେଖାରେ ତୁମରି

ଜିଣିଥିଲ ସବୁରି ହୃଦୟ,

ତୁମେ ଥିଲ ସବୁ ମଣିଷର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଦରର ମନୋଜୟୀ ମନୋଜ - ପ୍ରବର ।

ପୁରସ୍କାର, ସମ୍ମାନର ଅଗଣିତ ଶୁଭ ସମ୍ବର୍ଦ୍ଧନା
ତୁମୋପରେ ପଡିଥିଲା ଅଚିରେ ଅଜାଡି,
ତୁମେ କିନ୍ତୁ ସାହିତ୍ୟର ହେ ମଉଡମଣୀ,
ବିନମ୍ରବ୍ୟକ୍ତିତ୍ୱେ ତୁମ ପଡ଼ିଲ ଉଜଳି
ଜ୍ଞାନ-ଗର୍ଭ ଫଳ ଭରା ଗଛଟିଏ ପରି ।
ତୁମେ ଥିଲ ସବୁରି ଊର୍ଦ୍ଧରେ,
ସମ୍ମାନ ବା ମାନପତ୍ର କି ହେବ ତୁମର !
ତୁମେ ରୁହ ଅଗଣିତ ପାଠକଙ୍କ ତୁମ
ପ୍ରେମସିକ୍ତ ହୃଦୟର ଭଲ ପାଇବାରେ ।

ତୁମେ ଆଜି ଆମ ପାଇଁ ଯାଇଛ ନିରବି,
ଆଉ କେବେ ଶୁଣିବୁନି ତୁମର ସେ ମନଲୋଭା ଅଭୁଲା କାହାଣୀ
ଅବା ତୁମ ଉଦଘୋଷଣା ସାରସ୍ୱତ ବାଣୀ,
ତଥାପି ପ୍ରତୀତି ଆମ -
ଆମେ ଜାଣୁ ତୁମେ ନିଶ୍ଚେ ଆସିବ ଯେ ଫେରି
ଆମ ଗହଣକୁ
ଅବା କେଉଁ ନୂଆ ରୂପ ଧରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉନ୍ମୀଳିତ ଚେତନାର ନବ କଳେବରେ,

କାଳର କରାଳ ଗର୍ଭେ କାଳଜୟୀ ସୃଷ୍ଟି ତବ ରହିବ ଭାସ୍ୱର

ଆଗାମୀ ଦିନରେ

ଉଦ୍‌ଜୀବିତ ଶତ ହୃଦୟରେ,

ହେ ଧୂରିଣ ସ୍ରଷ୍ଟା ଓ ସାଧକ -

ତୁମ ପଦେ ପ୍ରଣାମେ ଏ ଅଗଣିତ ପ୍ରିୟ ଜନଗଣ,

ଘେନ ଆମ ବିନମ୍ର ପ୍ରଣତି

ଶ୍ରଦ୍ଧାପୁତ କୋଟି ନମସ୍କାର ।

ଜେନେରାଲ୍ ମ୍ୟାନେଜର (ବିଡ଼ି ଫାଇନାନ୍‌ସ୍)

ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍

ବିଜିନେସ୍ ଡେଭେଲପ୍‌ମେଣ୍ଟ ପେଟ୍ରୋକେମିକାଲ୍‌ସ୍

ସପ୍ତମ ମହଲା, ଇଣ୍ଡିଆନ୍ ଅଏଲ୍ ଭବନ, ୟୁସୁଫ୍ ସରାୟ

ନୂଆ ଦିଲ୍ଲୀ : ୧୧୦୦୧୬

ଫୋନ୍ : ୨୬୮୫୯୦୬୩, ଭ୍ରାମ୍ୟଭାଷ : ୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ପ୍ରଜ୍ଞାପୁରୁଷ...



ହେମନ୍ତ ଦାଶ

ଓଡିଆ ସାହିତ୍ୟାକାଶର
ହେ' ଅଦ୍ୱିତୀୟ ସୂର୍ଯ୍ୟ
ଚୈତ୍ର ପୂର୍ଣ୍ଣିମାର ପୂର୍ଣ୍ଣତା
ବିଞ୍ଛିଦେଇ ଅସ୍ତମିତ ହେଲ
ଚିରକାଳ ପାଇଁ ।

ଆତ୍ମା ସହିତ ପରମାତ୍ମାର
ମିଳନ ପାଇଁ
ବ୍ରହ୍ମଲୀନ ହୋଇଗଲ
ହେ' ମନସ୍ୱୀ ମନୋଜ ।

ବିଶ୍ୱ କଥା ସାହିତ୍ୟ ର
ହେ' ଅଜେୟ ବାଦଶାହା
ତବ ଅବର୍ତ୍ତମାନରେ
ବାଚାଳ କଥା ସାହିତ୍ୟ ଜଗତ
ହଠାତ୍ ନିସ୍ତବ୍ଧ, ନିର୍ବାକ୍ ।

ଏବେ କେବଳ
ଶୂନ୍ୟତା ହିଁ ଶୂନ୍ୟତା ।
ନିଜର ପ୍ରିୟ ମଣିଷକୁ ହରାଇ
ମ୍ରିୟମାଣରେ ସାହିତ୍ୟାନୁରାଗୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେ' ପ୍ରଜ୍ଞା ପୁରୁଷ

ନିଜ ବାଗ୍ମୀତା ରେ

ଗଢି ତୋଳିଛ ନଭଶ୍ଚୁମ୍ବୀ

ଅମର କୀର୍ତିର

ଅଟ୍ଟାଳିକା ।

ସେଇ ସ୍ମୃତି ଖିଅଟିକୁ

ହୃଦୟରେ ସାଇତି

ପଥାନୁସରଣ କରିବ

ସାହିତ୍ୟ ଜଗତ ।

ହେ' ଯୁଗଜନ୍ମା

ତୁମର ମରଣ ନାହିଁ

ଅମର ହୋଇ ରହିବ

କୋଟି କୋଟି ଜନତାର ହୃଦୟରେ

ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ।

ସଂପାଦକ 'ନିଷାନ' ତୁଷୁରା, ବଲାଙ୍ଗିର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୋଷ କ'ଣ



ଡଃ ଉଷାରାଣୀ ଦାଶ

ସୁଖ ନୁହେଁ, ପେଟ ଚାଖଣ୍ଡକ ପାଇଁ ,
ରୋଗୀଣା ମା, ଅକର୍ମଣ୍ୟ ବାପା,
ନିରୀହ ନିଷ୍ପାପ ଅନୁଜ ଅନୁଜାଙ୍କ
ଲୁହ ଭିଜା ଆଖିରେ ସପନ ଭରିବାକୁ
ଛାଡ଼ିଲି ମୋ ଗାଁ ମାଟି, ବାଧ୍ୟ ହୋଇ ।

ସାତ ସ୍ୱପ୍ନ ସେଠି, ଭଲ ମୁଠେ ଖାଇବା, ପିନ୍ଧିବା ।
ଦିବାନିଶି ଲଢେଇ, ରକ୍ତ ହୁଏ ପାଣି
ତଥାପି ପୁରେନି ମୋ ଥାଳି,
କିନ୍ତୁ ପୁରାଏ ମୁଁ ଅମୀରଙ୍କ ଥଳୀ ।

ମନ ଦେଇ ଗଢେ ମୁଁ ସଡ଼କ,ସୌଧ
କେତେ କଳା ଆଉ ବାଣିଜ୍ୟର କ୍ଷେତ୍ର
ମୋ ହାତର କୁହୁକରେ ହସି ଉଠେ ସହର ।
ମାତ୍ର ମୁଁ ମୁଣ୍ଡ ଗୁଞ୍ଜେ, ସାତ ସାଥୀ ସାଥେ
ନୁଆଁଣିଆ ବଖରା ଦଶ ଫୁଟର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେ ପଡ଼େ ବୋଉ କୋଳ,

ଅଗଣାର କୋଳାହଳ,

ସୁଆଦିଆ ସେ ଶାଗ ପଖାଳ

ସାଙ୍ଗସାଥୀ, ପୁନିଅ ପରବ ।

ସବୁ ଏଠି ଏକାକାର

ଲୁହ-ଲହୁ, କୋହ-ମୋହ , ଆଶା ଓ ଆଶ୍ୱାସ ।

ବର୍ଷେ ଛ'ମାସରେ ଥରେ

ଇଛା ହୁଏ ପାଦ ଥାପିବାକୁ ମୋ ଭିଟାମାଟିରେ

ହେଲେ କେହି ଜଣେ ମୋ ପାଦକୁ ପଛରୁ ଭିଡ଼ି ଧରେ ।

ସେ ଗରୀବୀ, ସେ ଅସହାୟତା,

ଅନ୍ୟ କେହି ନୁହେଁ ।

ଆଜି କରୋନା ମହାମାରୀର ମହାମଞ୍ଚରେ

ମୁଁ ଅସ୍ପୃଶ୍ୟ,ଘୃଣ୍ୟ

ମୋ ଗାଁ ମାଟିରେ, ମୋ ରାଜ୍ୟରେ, ମୋ ଜନ୍ମଭୂମିରେ ।

ପ୍ରିୟ ପରିଜନଙ୍କ ଅବିଶ୍ୱାସ ଚାହାଣୀ

ଆଖିରେ ମୋ ତତଲା ବରଫ ଭରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଶ୍ନ ଖାଲି - ଦୋଷ କ'ଣ ?

ମୋ ଗରିବୀପଣ ,

ମୋ ଅସହାୟତା, ନା

ମୋ ତତଲା ପେଟର ଭୋକ ? ?

ଦାୟୀ କିଏ ?

ମୋ ଶୂନ୍ୟତା ନା

ସେମାନଙ୍କ ପୂର୍ଣ୍ଣତା... ? ?


ଅଧ୍ୟକ୍ଷା, ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଲୱାନ



ଡଃ ବିମଳ ଷଡ଼ଙ୍ଗୀ

ଗଲୱାନ !

କେତେ ଦିନ କେତେ ରାତି

ହାଡଥରା ଶୀତ, ଗ୍ରୀଷ୍ମର ତାତି

ବାଦଲର ଘନଘୋର ଗର୍ଜନ,

ନଦୀର କଳକଳ ନାଦ ,ଶରତର ସ୍ମୃତି

ପାଦର ସନ୍ତର୍ପଣ ଶବ୍ଦ

ବ୍ରିଟିଶ, ଋଷର ସାଥୀ ଦେଇ

ଖୋଜିଥିଲ ପ୍ରକୃତି ରହସ୍ୟ ବିଶ୍ୱ କଲ୍ୟାଣେ

କାଗଜ ପୃଷ୍ଠାରେ ସୃଷ୍ଟ ତୁମେ

ସାହେବ ଭୃତ୍ୟ, ଗୋଲାମ ରସୁଲ ଗଲୱାନ ।

ଗଲୱାନ !

ତୁମେ ତ ଦେଖି ନ ଥିଲ

କିଏ ଗୋରା, କିଏ କଳା

କିଏ ଫିରିଙ୍ଗି, କିଏ ଯବନ

ରଚିଥିଲ ଇତିହାସ ବିଶ୍ୱ ପାଇଁ

ମାନବବାଦର ବହୁ ଊର୍ଦ୍ଧ୍ୱରେ ।

ଗଲୱାନ !

ନଦୀର ଆରପାରେ ଚୀନାର ବର୍ବରତା

ଅହଂକାର ହେଉ ଅବା ପ୍ରତିଶୋଧ

ଲଦାଖ ବୁକୁରେ ବାରବାର ରକ୍ତର ଛିଟା

କେତେବେଳେ ତେତିଶ ତ

କେତେବେଳେ କୋଡ଼ିଏ ଗୋଟା ।

ଗଲୱାନ !

ଫେରିଆସ ଦେଖିବାକୁ ତୁମ ଦାୟାଦ ଅବା

ତାଙ୍କ ଦାୟାଦ

ପଶୁଠାରୁ ହୀନ, ମାନବତା ତୁଚ୍ଛ ତାଙ୍କ ପାଇଁ

ମାଦକରେ ମତୁଆଲା, ରକ୍ତମୁଖା, ମିଛ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅହଂକାର

ଶଠତାରେ ପୂର୍ଣ୍ଣ

ଏଟା ମୋର, ସେଟା ତୋର

ବିପରୀତ  ଦୃଷ୍ଟିଭଙ୍ଗୀ

'ଗଲୱାନବାଦ'ର  ।

ଗଲୱାନ  !

ଦିଅ ଉପଦେଶ

ଚୀନା ଭାରତର ଅହଂକାରୀ ଦଣ୍ଡଧାରୀ ଦାୟାଦମାନଙ୍କୁ

ଭୁଲି ବର୍ବରତା,ଭରିବାକୁ ଭାତୃତ୍ୱର ପ୍ରେମ ସକଳ ହୃଦରେ

ବିଶ୍ୱ ବୁକେ ବିଛି ହେଉ ଧବଳ ଚାଦର

ନ ହେଉ ସଧବାର ପରିପାଟୀ ଅବା ନ ଢାଙ୍କୁ ଶହୀଦର ନିଶବ୍ଦ ଶରୀର  □

ଅଧ୍ୟକ୍ଷ

ରାଜଧାନୀ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୌବନ



ଭାଗିରଥୀ ସାଗର

ଉଷ୍ଣତା, ଉସତ୍, ଉତ୍କର୍ଷତା
ବିରାଜେ ଧମନୀ ଠୁ ହୃତପିଣ୍ଡ
ଶିରା ପ୍ରସିର ଠୁ ଶିର
ପ୍ରତିଟି ଅଙ୍ଗପ୍ରତ୍ୟଙ୍ଗ ଦିଶେ
ଭିନ୍ନ, ମାଦକତା,କର୍ମଠ,ଉପାର୍ଜନ,
ଉତ୍ସାହ, ଉଦ୍ଦୀପନା ଜଗେ ଆଇଲେ
ଯୌବନ ।
ଜୀବନେ ବହେ ବସନ୍ତ ବା
କାୟା ଢଳ ଢଳ ହେଇ
ଅଗଣିତ ଦ୍ରବ୍ୟକୁ କରେ ଆକର୍ଷିତ,
ଭରିଯାଏ ଶତ ସିଂହ ବଳ ।
ପ୍ରେମିକାର କଣ୍ଠ ଶ୍ରବଣେ କର୍ଣ୍ଣ
ଉଲ୍ଲୋଳ ହୋଇ ଉଠେ,
ଯୌବନ ରାଜୁତି ତ ସ୍ୱର୍ଣ୍ଣ ଶତାବ୍ଦୀ
ସ୍ୱର୍ଣିମ୍ ମୁହୂର୍ତ୍ତମାନଙ୍କୁ ମିଶାଇଲେ
ସଂସାରର ଶୁଭ ସଙ୍ଗୀତ ଶୁଭିବ
ପ୍ରତିଟି କ୍ଷଣ ଅନୁକ୍ଷଣରେ ।

ସମ୍ଭାବନା,ସୁଖ ସ୍ୱାଛନ୍ଦ୍ୟ,ସମୃଦ୍ଧି,
ସୌଭାଗ୍ୟ ସୌନ୍ଦର୍ଯ୍ୟ, ସତ୍ ଗୁଣ,
ଯୌବନ ସହ ଚାଲେ,
କୁସଂଗ, କୁତ୍ସିତ କର୍ମ,କଠୋର
ଭାବ ଠୁ ଦୂରେଇ, ମିଶି ମଣି ସଦୃଶ୍ୟ
ସତ୍ ସଙ୍ଗେ ,ମନ ପ୍ରାଣ ମହକିବ
ସବୁଠି,ସଫଳ ଉଷ୍ଣିଷ ପିନ୍ଧି ମସ୍ତକେ
ତା ସୁକର୍ମର ସାକ୍ଷୀ ସଦୃଶ୍ୟ
ମଣ୍ଡନ କରିବ ଦୈନିକ ଖବର କାଗଜର
ମୁଖ୍ୟ ପ୍ରସଙ୍ଗ ହେଇ ।
ଯୌବନ ଯଦି ଶପଥ ନିଏ
ସାଧନା ସାଥୀ ପାଲଟେ
ମଉକା ମିତ୍ର ହୁଏ, ଚରିତ୍ରର ଛିଟ
ନବ ରୂପରେ ସଜେଇ ହୁଏ ।।

ଡାଲଗୁମା, କୋକସରା,କଳାହାଣ୍ଡି
ମୋବାଇଲ୍ : ୯୩୩୭୬୨୪୮୯୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୃତ୍ୟୁ



ବନ୍ଦନା ନାୟକ

ତୁମେ ଆସ ଦୂରାଗତ
ଚଢ଼େଇ ଡେଣାରେ
ମନପବନ ନୌକାରେ ଅବା
ଉଚ୍ଚୈଶ୍ରବା ପଲ୍ଲାଣ ଉପରେ
ଅକସ୍ମାତ, ଅତର୍କିତ ଭାବେ
ବାଛି ନିଅ ଯାହାକୁବି
ନେବା ପାଇଁ ଚାହଁ
ତୁମକୁ ଭେଟିବା ପାଇଁ
ପାଦ ମୋର ଅଗ୍ରସର
ମୁହୁର୍ତ୍ତ  ମୁହୂର୍ତ୍ତ.....
ଜାଣେ ଜାଣେ ଆସିବ ନିଶ୍ଚୟ ତୁମେ
ପାଖକୁ ମୋ ଅତି ଗୋପନରେ
ତୁମ ନିର୍ଦ୍ଧାରିତ ବାର ଓ ତିଥିରେ
ଭେଟାଭେଟି ହେବ ଆମ
ଜୀବନର କେଉଁ ଏକ ନିର୍ଦ୍ଦିଷ୍ଟ ବେଳାରେ.....
ସାଥେ ତୁମ ନେବା ପାଇଁ ଅଡ଼ି ବସିଥିବ
ମୁଁ କହୁଥିବି ଯିବି,ଯିବି ନିଶ୍ଚୟ ଯିବି
କବିତାର ଶେଷ ପଙ୍କ୍ତି ଲେଖିଦେଲା ପରେ
ରୁହ ରୁହ ଦଣ୍ଡେ ରୁହ
ଭଲ କରି ଆଖି ବୁଲେଇ ଆଣେ
ଅର୍ଜିଥିବା ମୋ ସମସ୍ତ ସ୍ଥାବର ଓ ଅସ୍ଥାବର
ସମ୍ପତ୍ତି ଉପରେ..
ତୁମେ ସମୟ ଦେଉ ନଥିବ
ମୁଁ କହୁଥିବି ଆରେ ଟିକିଏ ରୁହ
ସ୍ୱାମୀ, ପୁତ୍ର, ପ୍ରିୟଜନ ସମସ୍ତଙ୍କୁ
ଶେଷ କଥା କହିବାକୁ ତ ଦିଅ
ପାପ, ପୁଣ୍ୟର ହିସାବକିତାବ
କରିବାକୁ ତ ଦିଅ
ତୁମେ କିଛି ବି ଶୁଣୁ ନଥିବ
ତୁମେ ନିର୍ମମ, ତୁମେ ନିଷ୍ଠୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ନିର୍ଦ୍ଦୟ ତୁମେ ଅସ୍ଥିର

ନ ନେଇକି ତ ତୁମେ କେବେ ଫେରିବନି

ତୁମ ଆଗମନରେ କିଏତ କେବେ

ଖୁସି ହୁଅନ୍ତିନି

ତୁମକୁ ତ କେହି କେବେ

ଆମନ୍ତ୍ରଣ କରନ୍ତିନି

ହେଲେ ତୁମେ  ଅଚାନକ ଆସି ଯାଅ

ବିନା ନିମନ୍ତ୍ରଣରେ

ସାଥିରେ ନେଇଗଲା ବେଳେ

ଥରୁଟିଏ ବି ପଛକୁ ଚାହଁନି...

କିଏ କେତେ କରୁଣ ଚିତ୍କାର କଲା ଅବା କିଏ ବେସାହାରା ହେଲା

ତୁମକୁ ସେ ସବୁ ଫରକ୍ ପଡ଼େନି

ତୁମେ ଗଡ଼ ଜୟ କରି ଫେରିଲା ପରି

ଗର୍ବରେ ଫାଟି ପଡୁଥାଅ....

ତଥାପି ତୁମକୁ ଭେଟିବା ପାଇଁ

ପାଦ ମୋର ଅଗ୍ରସର

ପ୍ରତି ମୁହୂର୍ତ୍ତରେ....

ଲୋଟେଇ ଦେବାକୁ ଚାହେଁ

କ୍ଳାନ୍ତ ମୋର ଏ ଶରୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମରି କୋଳରେ

ଅବଶ ଏ ମନ ପକ୍ଷୀ

ମୁହୂର୍ ମୁହୁର୍ ଚାହୁଁ ଥାଏ

କାଳେ ତୁମେ ଆସିଗଲକି ?

ଅଣଚାଶ ବହିଯାଏ

ହୃଦୟଟା ପଡୁଥାଏ ,

ପଡ଼ି ପୁଣି ଉଠୁଥାଏ

ତୁମ ପ୍ରତୀକ୍ଷାରେ....

ହୃଦୟଟା ପଡୁଥାଏ,

ପଡ଼ି ପୁଣି ଉଠୁଥାଏ

ତୁମ ପ୍ରତୀକ୍ଷାରେ ....

ବନ୍ଦନା ନାୟକ

ଭୁବନେଶ୍ୱର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅମୃତ ସ୍ମୃତି



ବିନୟ ମିଶ୍ର

ବେଳେ ବେଳେ ମନ ଭାରି ଭାରି ଲାଗେ,
ସ୍ମୃତି କରେ ବିଚଳିତ,
ପାଉଁଶ ତଳର ନିଆଁ ଭଳି
ଜଳେ କାଳ କରେ କବଳିତ ।

ଭଙ୍ଗା ଭଙ୍ଗା ଲାଗେ ପଞ୍ଜରା ଭିତରେ
ନିଃଶ୍ୱାସର ଆତଯାତ,
ରୁଦ୍ଧ ପବନ ବିଦ୍ଧ କରଇ
ମନ ହୁଅଇ ଆହତ ।

ମନ ପକ୍ଷୀ ଝୁରେ ବିରହର କୁଞ୍ଜେ
ମଉଳା ମାଳତୀ ବନେ,
ଯହିଁ ଥିଲା କେତେ ଆବେଗ ଆଶ୍ଳେଷ
ପ୍ରୀତିଝରା କୁହୁ ତାନେ ।

ଗାଉଥିଲା ଦିନେ ଜୀବନର ଗୀତି
କେତେ ମଧୁର ରାଗିଣୀ,
ମୁକୁଳା ଆକାଶେ ଚୁନା ଚୁନା ତାରା
ପୁନିଅଁ ଚାନ୍ଦ ରୋଷଣୀ ।

ଅନ୍ଧାରେ ବସି କହୁଥିଲା ଜଣେ
ନଖେ ଚାରି ଘଷି କେଶେ,
ମଳୟ ପବନ ଭୁରୁ ଭୁରୁ ଗନ୍ଧ
ଧରିଦୁରୁ ଭାସି ଆସେ ।

ଚାହିଁ ଚାହିଁ ସେଇ ନିରୋଳା ଲଗନେ
ସପନ ଦେଖାଉ ଥିଲା,
ଯାହା ରକତରେ ରକତ ମିଶାଇ
ଦରୋଟି ହସ ଦିଶିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାନ୍ଦିନୀ ଚାନ୍ଦୁଆ ତଳେ ଉଡି ଯାନ୍ତି
ଚକୋର ଚକୋରୀ ଅବା ?
ନିଶାଚର ପକ୍ଷୀ ହୋଇଥିବେ ଭାବି
ମୁହଁ ଲୁଚେଇଛି କିବା ।

ନିସ୍ତବ୍ଧ ରଜନୀ ବିମୁଗ୍ଧ ପ୍ରିୟର
ଧୈର୍ଯ୍ୟ ଜଡିତ ବକ୍ଷେ,
ଲତିକା ବିଥିକା ପୁଷ୍ପିତା କୋମଳା
ଲୋଟିଯାଉଥିଲା ଲକ୍ଷେ ।

ଦୁଃଖ ଅବସାନ ସୁଖ ପ୍ରତ୍ୟାଖ୍ୟାନ
ସମସ୍ୟାର ସମାଧାନ
କ୍ଷଣକେ ତୁଟଇ କ୍ଳାନ୍ତି ଶ୍ରାନ୍ତି ଯେତେ
ଏ ଯେତେ ଅଭିମାନ ।

ଆଜି ଗିରିଷମେ ସ୍ମୃତି ଅମୃତର
ଯେବେ ହେଲା ଆବିର୍ଭାବ,
ସେ ଅମୃତ ପାନ ଦେଉଅଛି
ଅବା କ୍ଳାନ୍ତିର ଅନୁଭବ ।

ଅସ୍ତ୍ରର ଆଘାତ ଚିହ୍ନ ଲିଭଇ
ଉପଚାର କିଛି କଲେ,
ମନର ଆଘାତ ଚିହ୍ନ ଲିଭେନାହିଁ
ଯେତେ ଯାହା ଯିଏ କଲେ ।

ସେ ସ୍ମୃତିର ବ୍ୟଥା ହୃଦୟକୁ ଆଜି
ବାର ବାର ଦୋହଲାଏ,
ହଜିଗଲା ଯାହା ଏ ଜନମ ପାଇଁ
ଆଉ କି ମିଳିବ ହାଏ ।

ଅଫେରା ବାଟର ବାଟୋଇ ହୋଇ ଯେ
ଚାଲିଗଲା ଏକାଛାଡି,
ବୁଝିଲାନି ଯିଏ ହୃଦୟ ବେଦନା
ବିରହର ନିଆଁ ଜାଳି ।

କେତେ ପ୍ରତିଶ୍ରୁତି ରାଣ ନିୟମକୁ
ମିଛ କରି କ୍ଷଣକରେ,
ଅଭିମାନେ ଗଲା ଯାଉ ଦେଖା ହେବ
ନିଶ୍ଚେ ଆଉ ଜନମରେ ।

ନିଆଳ ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଇ ପାଦ ସ୍ପର୍ଶରେ



ବିଶ୍ୱନାଥ ଭୁଏ

ଜୀବନ ମହକି ଯାଏ

ସେଇ ପାଦ ସ୍ପର୍ଶରେ

ଯାହା କେବେ ନ ଥକି

ଦୌଡ଼ନ୍ତି ସଦା ଅନ୍ୟ ସେବାରେ... !

ଅଭିଳାଷ ଜନ୍ମ ନିଏ

ସେଇ ପାଦ ଛୁଆଁରେ

ତାଙ୍କ ସେବାର ସୁଯୋଗ ମିଳୁ

କରିବାକୁ ସବୁ ଜନ୍ମରେ..... !

ମନରେ ଆନନ୍ଦ ଖେଳେ

ତାଙ୍କ ଆଶୀର୍ବାଦରେ

ଯାହା ଅଗ୍ରଗତି ପାଇଁ

ସହାୟକ ସବୁ କ୍ଷେତ୍ରରେ.... !

ହୃଦୟଟା କହୁଥାଏ

ରହିବ ତାଙ୍କ ସାଥିରେ

ଭଗବାନଙ୍କ ରୂପ ତାଙ୍କ

ରଖିଥିବ ସ୍ପନ୍ଦନରେ ..... !

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖରାରେ ଧରା



ରାମଚନ୍ଦ୍ର ପ୍ରଧାନ

ଖରାରେ ଏ ଧରା ଝାଉଁଳି ଗଲାଣି
ନାହିଁ ଆଉ ସୁନ୍ଦରତା
ଅସହ୍ୟ ତାତିଟା ଦାଉ ସାଧିଲାଣି
ଲୁଟିନେଇ ଶୀତଳତା ।
ପୋଖରୀ ଗାଡ଼ିଆ ନଈ ନାଳ କୂଏ
ଦିଶୁନାହିଁ ଟୋପେ ଜଳ
ପ୍ରଚଣ୍ଡ ଖରାରେ ନିଗୁଡୁଛି ଖାଲି
ଦେହୁ ଗମଗମ ଝାଳ ।
ଧରାବକ୍ଷେ ଏବେ ରାଜୁତି କରୁଛି
ନିଦାଘର ଝାଞ୍ଜିଖରା
ତୃଷ୍ଣାରେ ବିକଳ ଏ ପ୍ରାଣୀ ଜଗତ
ବାଟ ଭୁଲିଲେଣି ପରା ।
ଅଂଶୁମାନଙ୍କର ଅନଳ ଝାସରେ
ଜଳୁଛି ଆଜି ପ୍ରକୃତି
ଅଂଶୁଘାତ ଭୟ ଡରାଇ ମାରୁଛି
ସହି ହେଉନାହିଁ ତାତି ।
ବେଳଥାଉ ସର୍ବେ ସାବଧାନ ହୋଇ
ଲଗାଅ ସବୁଠି ଗଛ
ଗଛ ଲଗାଇଲେ ଏ ଧରା ହସିବ
ଏ କଥା ନୁହଁଇ ମିଛ ।
ଖରାରେ ଏ ଧରା ଝଲସି ଉଠିବ
ଦୁଃଖ କଷ୍ଟ ଅପସରି
ଜଳର ଅଭାବ ହୋଇଯିବ ଦୂର
ଗ୍ରୀଷ୍ମେ ମେଘ ବରଷି ।
ପ୍ରକୃତିର କୋପ କମିଯିବ ପୁରା
ଶୀତଳ ପବନ ପାଇ
ହଜିଲା ସୌନ୍ଦର୍ଯ୍ୟ ଲେଉଟି ଆସିବ
ଚଉଦିଗ ମହକାଇ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୋକନୃତ୍ୟରେ ଆଧୁନିକତା



ସରୋଜ କୁମାର ଜେନା

**ଲୋକ ନୃତ୍ୟ ଦଣ୍ଡ ରେ ଆଧୁନିକତା ଛାପ**

ଓଡ଼ିଶା ସଂସ୍କୃତି ରହିଅଛି କୀର୍ତ୍ତି
ନାନା ଲୋକ ନୃତ୍ୟ ଭରା ,
ତନ୍ମଧ୍ୟରୁ ଅନା ନିଆରାରେ ଗଣା
ଆମର ଦଣ୍ଡ ଯାତରା ।୧ ।

ପୁରାତନ ଜାତି ଅବା ଜନ ଜାତି
ସଙ୍ଗତେ ପୁରାଣ ଗାଥା ,
ନୃତ୍ୟ ସଙ୍ଗେ ଗୀତ କବିଙ୍କ ରଚିତ
ଏହା ଲୋକ ନୃତ୍ୟ ପ୍ରଥା ।୨ ।

କରିଥାନ୍ତି ଗାନ ସଙ୍ଗେ ନୃତ୍ୟ ମାନ
କରିଥାନ୍ତି କଳାକାର ,
ଆଧୁନିକ ଛାପ କରିଣ ବିଦ୍ରୁପ
ଭୁଲିଲେ ତାହାରି ସ୍ୱର ।୩ ।

ବେଳ ଥାଉ ଥାଉ ଧ୍ୟାନ ଦିଆଯାଉ
ଶୁଣ ହେ ପଣ୍ଡିତ ଜନ ,
ଦଣ୍ଡ ନୃତ୍ୟ ଗୀତ ରଖ ତା ମହତ
ନ ହରାଉ ତାହାର ମାନ । ୪ ।

ବାଲିଝରୀ,ନରସିଂହପୁର ,କଟକ
ମୋ -୯୩୪୮୭୮୩୭୯୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଜୀବନର ଅନୁରାଗ



ଆଶୁତୋଷ ମେହେର

ଜୀବନ ଆକାଶେ ସୁଖ ସତେ ଅବା ଭସା ବାଦଲର ଛାଇ
ହୁତୁହୁତୁ ଜଳେ ତେଜସ୍ୱୀ ସମ କି ! ଦୁଃଖ କରୁଥାଏ ବାଇ ।
ସୁଖ କ୍ଷଣକାୟ ଦୁଃଖ ଅପ୍ରମିତ ତୁଳନା କଦାପି କାହିଁ
ଜୀବନ ସାଗରେ ଯାତନା ଜଂଜାଳ ସୁଖର ଯେ ଦେଖା ନାହିଁ । ।

ସୁଖେ ଦୁଃଖେ ଭରା ଜୀବନ ସରିତା ଆଗେ ଯାଉଥାଏ ବଢି
ସୁଖ ଝରା ଫୁଲ,ଦୁଃଖ ଦଳେ ମୋଡେ ପାଦରେ ଆଫୁଟା କଢି ।
ଇନ୍ଦ୍ରଧନୁ ସମ ସୁଖ ଲୁଚେ, ସିଏ କ୍ଷଣିକ ହସର ଧାର
ଅବିରତ ଭାବେ ଦୁଃଖ ଭେଦୁଥାଏ କଣ୍ଟା ଫୋଡି ବାର ବାର । ।

କ୍ଷଣିକ ହେଉ ବି ସୁଖ ତ ଯୁଟାଏ ସହିବାକୁ ଦୁଃଖ ଶତ
ଝଲକର ଧାରେ ଅନ୍ଧକାର ହଟେ ହେଉପଛେ ଅନାହୁତ ।
ସେ ସୁଖ ଅମୃତ ଜୀବନ ଗଢଇ ଦୁଃଖ ଛପେ ପୃଷ୍ଠଭାଗେ
ସୁଖ ଦୁଃଖ ରଙ୍ଗ ଫେଣ୍ଟା ଫେଣ୍ଟି ହୁଏ ଜୀବନ ର ଅନୁରାଗେ । ।

୫୪ ଆର୍ଯ୍ୟପଲ୍ଲୀ, କିଟ ଛକ,ପଟିଆ
ଭୁବନେଶ୍ୱର, ୭୫୧୦୨୪ ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ନିକୁଞ୍ଜ କୁମାର ଘୋଷ

ନାରୀ ନୁହେଁ ହାଣ୍ଡିଶାଳର ମଣିଷ

ଡଙ୍ଗ୍ ଡଙ୍ଗ୍ ଶବ୍ଦ ଭିତରେ ଖୋଜେ

ଜୀବନର ଅବଶୋଷ ।

ହାତେ ଲମ୍ବର ଓଢଣୀ ଭିତରେ

ଲିଭିଯାଏ ଦୀପଶିକ୍ଷା ।

ତଥାପି.......

ନୀରବ ରହେ ସେ

ପଡିଯାଇ ରଙ୍ଗ ଫିକା ।

ସେ ତ ନାରୀ........

ନାରୀ ଆମ ମାଆ ପରିକା ।

ମା' କେବେ ପୁଣି ଭଗିନୀ

ଅବା କେବେ ଜାୟା

ନାରୀ ନୁହେଁ ଅବଳା

ନା ଥିଲା କେବେ ଦୁର୍ବଳା ।

ଅନ୍ୟାୟ, ଅନୀତି, ବ୍ୟଭିଚାର ପାଇଁ

ହୋଇଯାଏ ସେ ପାଗେଳି ।

ସେ ତ ନାରୀ ନୁହେଁ

ଅଟେ ଭୈରବୀ କାଳୀ

ନାରୀର କୋମଳ ହୃଦୟ

ଘାତେ ପ୍ରତିଘାତେ ହୁଏ ଯେବେ ପାଷାଣ,

ପାଷାଣର କର୍ଷଣ ଅଗ୍ନି ଶିଖାରେ

ଭସ୍ମ ହୋଇଯାଏ ,

ଅତ୍ୟାଚାରୀ,ବ୍ୟଭିଚାରୀ,ନିଷ୍ଠୁର ଅମଣିଷ ।

ନିସ୍ତାରିବା ପାଇଁ କରେ ସେ

ବିନମ୍ର ଅଳି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସତରେ.........

ସେ ତୋ ନାରୀ ନୁହେଁ
ଅଟେ ସେ ଭୈରବୀ କାଳୀ ।।

ଯଥାମାନ ଦେଇ ପୂଜିଲେ ନାରୀଙ୍କୁ
ମସ୍ତକ ହୁଅଇ ଉଚ୍ଚ ।

ନାରୀ ହିଁ ଆଦିଶକ୍ତି
ତାଙ୍କୁ ପୂଜିଲେ ବିପଦେ ମିଳଇ ମୁକ୍ତି ।
ସେ ତ ନାରୀ .......

ନାରୀ ହିଁ ଶକ୍ତି
ନାରୀ ହିଁ ମୁକ୍ତି
ନାରୀ ହିଁ ଜାତିର ଉନ୍ନତି
ନାରୀ ହିଁ ଏ ଜାତିର ଭକ୍ତି ।।

ସା-ମାଧବପୁର, ପୋ-ଲକ୍ଷ୍ମଣନାଥ,
ଥାନା-ଜଳେଶ୍ୱର, ଜିଲ୍ଲା-ବାଲେଶ୍ୱର
୭୫୬୦୩୨, ଓଡ଼ିଶା
ମୋ : ୮୧୪୪୮୫୧୦୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ ସପନ



ଡଃ ଆଭାଞ୍ଜଳୀ ଶତପଥୀ

ଗର୍ଭେ ଧରି ମାଆ ଦେଖେ ସପନ
ସପନ  ନୁହେଁ ତ ତା'ର ଜୀବନ
ଗୋଟିଏ ଉପରେ ଗୋଟିଏ ଛନ୍ଦା
ଦୁନିଆ ତା'ର ତା ସପନେ ବନ୍ଧା
ଏତେ ସପନକୁ କାହିଁ ସେ ରାତି
ତଥାପି ନ ଛାଡ଼େ ମାତୃତ୍ୱ ପ୍ରୀତି
ପିଲାଙ୍କ ଆଖିରେ ଦେଖେ ଦୁନିଆ
ତାଙ୍କ ଗୋଡ଼େ ସେ ତ ହୋଇଣ ଠିଆ
ତାଙ୍କ ବଳରେ ସେ ବଳୁଆ ହେବ
ସମାଜରେ ସେତ ମୁଣ୍ଡ ଟେକିବ
ତାଙ୍କ କାନ୍ଦ ବାରି ଆସେ ଆଖିରେ
ତାଙ୍କ ହସ ପୁଣି ଫୁଟେ ଅଧରେ
ଅନ୍ଧ ଲହୁଡି ତ ହେବେ  ସାହାରା
ବାର୍ଦ୍ଧକ୍ୟ ବେଳଟା ହେବ ନିଆରା

ଆଖି ଖୋଲେ ଯେବେ ସପନ ତୁଟେ
ମନ ଜଳିଯାଏ କଳିଜା ଫାଟେ
ତାଙ୍କ ଅପକୀର୍ତ୍ତି ସହଇ ଆହା
ଆଶିଷରୁ ଊଣା ନ କରେ ମାଆ
ଭଙ୍ଗା ସପନକୁ ନ ଦିଏ ଜ୍ୱାଳା
ଭାବ ସିନ୍ଧୁର ସେ ତରଙ୍ଗ ମାଳା
ନକରେ  ବ୍ୟଥା ସେ ସପନ ଭାଙ୍ଗେ
ନୂଆ ସପନରେ ମନକୁ ରଙ୍ଗେ
ନ ହେଉ ପଛକେ ସ୍ୱପ୍ନ ସାକାର
ବୋଧ ଦେଇ ପୁଣି କରେ ବିଚାର
ସପନ ଦେଖାଏ ତାହାରି ଧନ
ପୂର୍ଣ୍ଣ କରେ ତା'ର ନାରୀ ଜୀବନ  ।

୯୮୮୪୧୩୪୯୧
avanjali@yahoo.co.uk

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମୋ ମାଆ



ବାପି ସେଟ୍

ମୋ ମାଆ କାନ୍ଦୁଥିଲା ପୁଅଟେ ପାଇଁ
ଜଗତର ନାଥ ଜଗନ୍ନାଥ ପାଖକୁ ଯାଇ
ସେ ପୁଅ ଯେ ହେଲେ ମାଆ ଯେ ଖୁସି
ହଜି ଗଲା ତା ମୁହଁରୁ ଦୁଃଖର ଛାଇ । ।

ଦଶ ମାସ ଦଶ ଦିନ ଯେ ଗର୍ଭେ ଧରି
କରିଥିଲା ଯେ ମତେ ମୋ ମାଆ ଜନମ
ତା ହାତ ଧରି ମୁଁ ଯେ ଚାଲି ଶିଖି ଥିଲି
ମତେ ଯେ ଦେଖେଇଥିଲା କେତେ ସପନ । ।

ହେଲା ସେ ସପନ ସତ ଦେଖିଲି ମୁଁ ନୂଆ ବାଟ
ସରକାରୀ ଚାକିରୀ କଲି ବିଦେଶ ଯାଇ
ଭୁଲି ଗଲି ଦିନେ ସେ ମାଆ ର ମମତା
ରହିଗଲି ବିଦେଶେ ମୋ ମାଆକୁ ପାସେରି । ।

କେମିତି ରହିବି ତୋ ବିନା ଲୋ ମାଆ
ଆସିବି ଦିନେ ମୁଁ ଫେରି ତୋ ପାଖକୁ
ଯିବିନି ଯେ ସେ ବିଦେଶ କୁ ଆଉ
ତୁ ଥିଲେ ମୁ ଆଉ ଡରିବି କାହାକୁ । ।

ତୋ ଗୁଣ ଆଉ କି ଗାଇବି ମାଆ
ସବୁ ଦୁଃଖ ସହି ଦେଲୁ ଯେ ସୁଖ
ତୁ ଅଛୁ ବୋଲି ଲୋ ମାଆ
ଆସୁନି ମୋ ମୁଣ୍ଡ ରେ ଆଉ ଦୁଃଖ । ।

ଶହେ ଜନମ ନେଲେ ମଧ୍ୟ ମାଆ
ଶୁଝି ପାରିବି କି ଲୋ ତୋ ଋଣ
ରାମାୟଣ ଭାଗବତ ଭୁଲି ହଇଯିବ
ଯଦି ଗାଇ ବସିଲେ ତୋ ଗୁଣ । ।

ବିଜାଡ଼ିହି, ସୁନ୍ଦରଗଡ
୯୩୪୮୮୬୩୭୮୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତମେ ଏଠି ନାହଁ ବୋଲି



ଡା ନୀଳମାଧବ କର

ତମେ ଏଠି ନାହଁ ବୋଲି ବୋଧେ
ମୁଁ ଏତେ କବିତା ଲେଖୁଛି
କବିତାକୁ ଆଦରି ମୁଁ
ତମ ଅବର୍ତ୍ତମାନରେ
ନିଜକୁ ସମ୍ଭାଳିଛି
...
କବିତା ତୁମ ସଉତୁଣୀ ନୁହଁ
ରାଗି ତାକୁ ଫୋପାଡ଼ି ଦେବନି
ତମକୁ ଭଲ ଲାଗୁ ନଥିବା
ମୋର ଆଉ ଆଉ କଥା ପରି
କବିତାକୁ ଆଡ଼ ଆଖିରେ
ନ ଅନେଇବ ନାହିଁ, ହେଲେ
ତା ଗଳାରେ ଦଉଡ଼ି ଦେବନି

କବିତା ମୋ ଜୀବନ ବୋଲି
ପରତେ ନ ହେଲେ ବି
ଆକାଶରୁ ଝୁଲେଇ ତାକୁ
ମୋ ପରୀକ୍ଷା ନେବନି
...
ତମେ ଏଠି ନାହଁ ବୋଲି
ମୋ ବିରହ ମୁହୂର୍ତ୍ତମାନ ଏବେ
କବିତାର କୋଳରେ କଟୁଛି
ପାଶେ ଥାଇ ଜଳିବାଠୁ ତମର ପ୍ରେମରେ
ସହିବାଠୁ - ତମ ନା’ ନା’ -
ବରଂ ଭଲ କବିତାର କୋଳ
...
ତମଠି ମୋର ଆଶା ଅଛି ବୋଲି
ଦୁଃଖ ଅଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

…

ତମ ଦୁନିଆରେ

ଦିଆନିଆ, ଭାଗବଣ୍ଟା ଅଛି ବୋଲି

କଳିଗୋଳ, ଅଶାନ୍ତି ରହିଛି

…

ଆଉ ତମର ଇଚ୍ଛାସବୁ ଅଛି ଥାକ ଥାକ

ଅନେକ, ଅପୁରନ୍ତ

କେବେ ବି ପୁରା ହେଇ ନ ପାରିବା ଇଚ୍ଛା ସବୁ

ତମ ମନେ ବସା ବାନ୍ଧନ୍ତି କେମିତି କେଜାଣି !

…

ତମ ଇଚ୍ଛା ପାଇଁ ଦୌଡିବାକୁ

ମନ ଆଉ ନାହିଁ ମୋର,

ହାରିବାର ନିଶ୍ଚିତତାରେ

ଲୀନ ହେଇ ଯାଇଛି ବୋଧେ

ଶେଷ କିଛି ମାଦକତା

…

ଏଠି କିନ୍ତୁ, ସବୁବେଳେ

ତା ଦୁଆର ମୋ ପାଇଁ ଖୋଲା

କବିତା କେବଳ ଦିଏ,

ଆଲିଂଗିଥାଏ ନିଶଂକୋଚେ

ଉତ୍ସାହରେ ନିଶାଶକ୍ତ କରି ରଖିଥାଏ

ହଜାରେ ମୋ ଅପୂର୍ଣ୍ଣତା-ସବୁକୁ ଘୋଡେଇ

ମୋତେ ପୂର୍ଣ୍ଣ କରିଦିଏ

…

ଏଣିକି ଏଣିକି

ତମ ଅବର୍ତ୍ତମାନରେ

ମୋ ଅନ୍ଧତ୍ୱ କଟି କଟି ଯାଏ …

ତମେ ମୋ ଚାରିଆଡେ

ମିଛ ମିଛ ମାୟା ଜାଲ ଗୁଡ଼େଇଛ

ଢୋକେ ଦେଇ, ଦଣ୍ଡେ ଜିଏଇଁ ରଖୁଛ

…

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## ମୁକ୍ତି କାହିଁ, ସୂର୍ଯ୍ୟୋଦୟ କାହିଁ

ଏ କି ଆକର୍ଷଣ ତୁମର ଯେ
ଘାଣ୍ଟି ଚକଟି,
ଅଣନିଶ୍ୱାସୀ ହେଇ ଯାଉଛି ମୁଁ …
ତମ କବଳରେ !
…
ତମ ଅବର୍ତ୍ତମାନରେ ହିଁ,
ଏସବୁ ମୋ ଆଖିରେ ଦିଶୁଛି
ଆମ ସଂପର୍କସବୁର ମିଥ୍ୟା
ମୋତେ ପରତେ ହେଉଛି
…
ତମେ ମୋତେ ଅନ୍ଧ କଲ ବୋଲି ବୋଧେ
ମୁଁ ଆଲୁଅର ମହତ ବୁଝିଲି
ତମର ପରଶା ଏ ଅନୁଭବ ପାଇଁ
ସତରେ ମୁଁ ତମ ପାଖେ ଋଣୀ
…

ଏଣିକି ମୁଁ ଆଲୋକର ସନ୍ଧାନରେ ଯିବି
ସଳିତାଟିଏ ହେଇ ବରଂ
ମୁଁ କେବଳ ଆଲୋକ ଖୋଜିବି
…
ଆଉ କି ପାରିବ ବାନ୍ଧି ମୋତେ ତମେ
ଅନୁଭବି ମୁଁ ଯେ ଆଲୋକର ଯାତ୍ରୀ
ମାୟା ମୋହ ଆଉ ଜୀବନ ଜଂଜାଳ ଯେତେ
ବାନ୍ଧି ଦେଇ ତମ ଅଞ୍ଚଳରେ
ମୁଁ ଯିବି ସନ୍ୟାସୀଟେ ହେଇ
…
ନା' ମୋ ଆଶା ଥିବ ତମ ଆମନ୍ତ୍ରଣରେ
ନା' ମୋ ଦରଦ ଥିବ ତମ ଉପେକ୍ଷାରେ
ଆଲୋକ ବର୍ତ୍ତିକାଟେ ଥିବ -
ବୈରାଗ୍ୟର,
ହୁଏତ ବୁଦ୍ଧତ୍ୱ ଥିବ
ଅମଳିନ ହସଟେ ଥିବ ହୁଏତ

ଓଲଭରହାମ୍ପଟନ, ଇଂଲଣ୍ଡ
nmadhab@yahoo.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାକିରୀ ଖୋଜୁଛି



ରୁଦ୍ର ନାରାୟଣ ଦାଶ

ଖୋଜିବାକୁ ଯାଏ ନିତି ଚ଼ାକିରୀଟେ
ଏ ପେଟ ପୋଷିବାକୁ,
ମାତ୍ର ହତାଶ ହୁଏ
ପୁଣି ମୁହଁ ଓହଳାଇ ଚ଼ାଲିଆସେ । ।

ରିଟନ ରେ ପାସ
ଇନ୍‌ଟରଭିୟୁ ରେ ବି ପାସ,
ମାତ୍ର ପ୍ରଶ୍ନ ତାଙ୍କର
ବାବୁ, କେତେ ଦେଇପାରିବ !

କାହାକୁ କହିବି ମୁଁ
ଏଠି ତ ପ୍ରତି କ୍ଷଣେ ମରଣ,
ଖାଲି ବଞ୍ଚୁଛି ଆଜି
ବୁଢ଼ା ମା' ବାପାଙ୍କୁ ଅନାଇ । ।

କୁହନ୍ତି ସେମାନେ ଲାଞ୍ଚ କଥା
ନହେଲେ କୁଆଡୁ ଆସିବ ପୋଷ୍ଟ
କିଛି ନକହି ନିରୁତ୍ତର ଭାବେ
ଚାଲିଆସେ କିନ୍ତୁ ମନରେ ଥାଏ
ଏଇ ଚ଼ାକିରୀ ର ଆଶା । ।

ଠିକଣା- ଭୁବନେଶ୍ୱର
ମୋ- ୯୮୬୧୨୦୧୨୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟୀ ବସନ୍ତ



ପ୍ରଣତି ପଣ୍ଡା

ପ୍ରତିବର୍ଷ ଆସୁଥିବି ଏବେ ତ' ଯାଉଛି
ନିଦାଘ ବୈଶାଖ ଯେଣୁ ପ୍ରବେଶ ହୋଇଛି ।

ସବୁ ବର୍ଷ ପରି ନାହିଁ ମନରେ ସରାଗ
ଏଥର ମୋ ଆଗମନେ ଅକାଳ ବିୟୋଗ ।

ସମସ୍ତେ ମୋହର ସାଥୀ ଆତ୍ମ ପରିଜନ
ମନୁଷ୍ୟଠୁଁ ନେଇ ଯେତେ ପଶୁ ପକ୍ଷୀ ଗଣ ।

ମନେଭରି ଅସୁମାରୀ ଆଶା ଓ ଆକାଂକ୍ଷା
ମୋର ଆଗମନ ପାଇଁ କରନ୍ତି ପ୍ରତୀକ୍ଷା ।

ଭରିଉଠେ ବନ ପକ୍ଷୀ କାକଳି ଗୁଞ୍ଜନେ
ଏ' ସୃଷ୍ଟିକୁ ସଜାଏ ମୁଁ ବିବିଧ ସୁମନେ ।

ସଭିଙ୍କୁ ଆଦର କରି କରେ ମୁଁ ନିଜର
ଭେଦ, ଭାବ ରଖେ ନାହିଁ ମୋ ମନ ଭିତର ।

ବିବିଧ ରଙ୍ଗରେ କରେ ଧରା ରଙ୍ଗାୟିତ
ଭରି ନବ ଶିହରଣ କରି ଅଙ୍ଗିକୃତ ।

ସଜାଇ ଦିଏ ଧରଣୀ କରି ସୁଶୋଭିତ
ଭରିଦିଏ ପୁଷ୍ପ ବୃକ୍ଷେ ନବ ପଲ୍ଲବିତ ।

ଚଳ, ଚଞ୍ଚଳ ମୁଖର ହୁଅଇ ମାନବ
ଆଜି କିନ୍ତୁ ଏ' ପୃଥିବୀ ନିଶିଥ ନିରବ ।

ମହାମାରୀ ଘୋଟିଅଛି ସାରା ସଂସାରକୁ
ଉପୋଭୋଗ ନାହିଁ ଆଜି ବସନ୍ତ ଋତୁକୁ ।

ବିଦାୟ ଦିଆଗୋ ସାଥି ଏହି ବର୍ଷ ପାଇଁ
ଭଗ୍ନ ହୃଦୟରେ ଆଜି ଫେରୁଅଛି ମୁହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯୁଗ, ଯୁଗାନ୍ତରୁ ମୁହିଁ ଆସୁଛି ଆସିବି
ଉପଯୁକ୍ତ ମୋ ସମୟେ ନିଶ୍ଚୟେ ଫେରିବି ।

ବିଦାୟୀ ବସନ୍ତ ଋତୁ ବିଦାୟ ମାଗୁଛି
ଏ' ବର୍ଷର ଦୁଃଖ ସାଥେ ନେଇ ଯାଉଅଛି ।

ଦିଅଗୋ ମେଲାଣି ବନ୍ଧୁ ହେଲାଣି ସମୟ
ହେ' ଈଶ୍ୱର ଏ' ସୃଷ୍ଟିକୁ ଦିଅ ଗୋ ଅଭୟ ।

ସମୟ ହୋଇଲେ ବନ୍ଧୁ ନିଶ୍ଚେ ମୁଁ ଫେରିବି
ଆଗାମୀ ବର୍ଷରେ ଆଶା ଧରା ହସେଇବି ।

ଭରିଦେବି ପରସରେ ନବ ଉନ୍ମାଦନା
ବିଦାୟୀ ବସନ୍ତ ମୁଁ ଯେ କରଇ କାମନା ।

ଲୋଟସ୍ ଭିଲ୍ଲା, ବଙ୍କୁଆଲ,
ଟଙ୍କପାଣି ରୋଡ୍, ଭୁବନେଶ୍ୱର
ମୋ : ୯୪୩୭୧୯୭୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୋଲିଦିଅ ନୟନ ପ୍ରଭୁ



ପ୍ରସନ୍ନ ପ୍ରୟାସ ଭୁଏ

କାହିଁକି ଦେଇଛ ଯୁଗଳ ନୟନ ପ୍ରଭୁ
ଦେଖି ଯଦି ନ ପାରେ ଅନ୍ୟ ଦୁଃଖ,
ଅନ୍ଧ କରି ଦିଅ ନୟନ ଦ୍ୱୟକୁ ନେଇ
ସେଥିରେ ମୁଁ ଲଭିବି ଅପାର ସୁଖ ।

ହାତ ଥାଇ ଯଦି ଦେଇ ନ ପାରେ
କାହା ଥାଳିରେ ମୁଠାଏ ଚାଉଳ,
କେତେ ଲୋଭ ଭରିଛି ଏ ହୃଦୟରେ
ଥାଇ ଏଡ଼େ ବଡ଼ କୋଠା ମହଲ ।

କାହିଁକି ଦେଉଥିଲ ଏତେ ଧନ ସଂପଦ
ଛାତିରେ ନ ଦେଇ ହୃଦୟ,
କ୍ରୋଧ ଲୋଭ ମୋହ ମାୟା ଦେଇ
ଜୀବନକୁ କରିଛ ନିର୍ଦ୍ଦୟ ।

ପାପ ପୁଣ୍ୟର ନ ଜାଣଇ ପାଠ
ନାହିଁ ମୋ ହିତାହିତ ଜ୍ଞାନ ,
ଯଦି ଜାଳିଥାନ୍ତ ଜ୍ଞାନର ପ୍ରଦୀପ
ସମାଜେ ମିଳିଥାନ୍ତା ଉଚ୍ଚ ସ୍ଥାନ ।

ମିନତି କରେ ମୁଁ କର ଦ୍ୱୟ ଯୋଡ଼ି
ଖୋଲି ଦିଅ ଜ୍ଞାନର ନୟନ,
ମୋ କାରଣରୁ କେହି ଏ ଦୁନିଆଁରେ
ଭୋକ ଉପାସରେ ନ କରୁ ଶୟନ ।

ରାଞ୍ଚି , ଝାରଖଣ୍ଡ
୮୭୮୯୧୪୭୮୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାରୁନି ଜମା ଛାଡ଼ି



ଅଜୟ କୁମାର ବେହେରା

ମଦୁଆ ବୋଲି ଯେତେ କହିଲେ
କିଲାଭ ହେବ ଭାଇ
ମଦ ମୁଁ ପିଏ ନିଜ ଇଚ୍ଛାରେ
କାହାକୁ ଡ଼ାକେ ନାହିଁ ।୧ ।

ନିଶାଟା ମୋର ବଦ ଅଭ୍ୟାସ
ପାରୁନି ଜମା ଛାଡ଼ି
ଯେତେ କହିଲେ କିଲାଭ ହେବ
ବୋତଲ ଧରେ ଭିଡ଼ି ।୨ ।

ମୁହିଁ ଯେ ପରା ମୁରୁଖ ଟିଏ
ଜାଣିନି କିଛି ମୁହିଁ
ଚାଳିଆ ଘରେ ରାତି କଟଇ
ମୁଠାଏ ଦାନା ପାଇଁ ।୩ ।

ଦେଖିନି କେବେ ବାପା ମାଆଙ୍କୁ
ଭାଟିରେ ମୋର ଘର
ମାଟି ସହିତ ମାଟି ମୁଁ ହୋଇ
ଚଳାଏ ପରିବାର ।୪ ।

ଖଟଣି ମୋର ଅଧିକ ହେଲେ
ଟିକିଏ ଦିଏ ପିଇ
ଥକାପଣ ମୋ ଦୂରେଇ ଯାଏ
ଶାନ୍ତି ରେ ଯାଏ ଶୋଇ ।୫ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଶାଟା ମୋର ନୁହେଁ ଶୋଉକି
ବେଆଡା ହେବା ପାଇଁ
କହିନି କେବେ ଅକଥା ଯେତେ
ଅନ୍ୟକୁ ମୁହିଁ ଚାହିଁ ।୬ ।

ଆଜିର ଟୋକା ବୁଝୁନ କିଛି
ପିଉଛ ବସି ମଦ
ମନରେ ତୁମ ଭାବନା ନାହିଁ
ଆସିବ କେତେ ଖେଦ ।୭ ।

ବାହାନା କରି ଯାଅ କଲେଜ
ପଢିବା ପାଇଁ ପାଠ
ପାଠ ନାଆଁରେ ଦାରୁ ଖଟିରେ
ହୁଏ ତୁମରି ଭେଟ ।୮ ।

ଭାବୁନ ଥରେ ଗୋଟିଏ କଥା
ଆସିବ କେତେ ଦୁଃଖ
ନଥିବ କିଛି ଭାବିବା ପାଇଁ
ସରିବ ସବୁ ସୁଖ ।୯ ।

ସୁଖରେ ସବୁ ପାଖରେ ଥିବେ
କହିବେ କେତେ କଥା
ଦୁଃଖ ବେଳରେ ଛାଡ଼ିସେ ଯିବେ
ବୁଝିବେ ନାହିଁ ବ୍ୟଥା ।୧୦ ।

ମୋରଡ଼ା,ମୟୂରଭଞ୍ଜ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଛ ସପନ



ହରେରାମ ପଣ୍ଡା

କାକର ଭିଜା ଏ ଶୀତରାତି ଖୋଜେ
ଛୁଇଁବାକୁ ଟିକେ ଏମିତି ତାତି ,
ମନ ଗହନରେ ନିଦୁଆ ଆଖିରେ
ଖୋଜୁଛି ସତେକି କାହାର ପ୍ରୀତି ।

ଦୁରେଇ ରହିକି ଟିକି ତରାଫୁଲ
ଖିଲାଖିଲି ହସି ଚାହାଁନ୍ତି ତାକୁ ,
ଜହ୍ନ ଆସିବାକୁ ବାକି କେଇଘଡ଼ି
କିଏ ଅଛି କିଛି କହିବ ତାକୁ ?

ଆଖିରେ ଆଖିଏ ସପନ ନେଇକି
ଖୋଜୁଛି ଏମିତି ଯାହାର ମନ ,
କାହିଁ ସେଇ ସାଥି - ଝୁରିହୁଏ ରାତି
ଦେଖୁଛି ଯା'ପାଇଁ ଏତେ ସପନ ।

ମଉଳି ଯାଉଛି ଗଭାର ଗଜରା
ବେପଥୁ ଆଗମେ ଉତଲା ମନ ,
ଉଷୁମ ପରଶ ଖୋଜେ ତନୁ ମନ
ସାଥିଟିଏ ଖୋଜେ ସାଥିର ମନ ।

ମିଳନର ବେଦୀ ଉଜୁଡ଼ି ଯାଇଛି
ଦୁରେଇ ଯାଉଛି ବାସନା ଯେତେ ,
କେତେ ଦୁରେ କାହିଁ ରହିଲେ କି ପ୍ରିୟ
ଯା'ପାଇଁ ମନରେ ଭାବନା ଏତେ ।

ସତେ ଅଛି କେହି ବାଟ ଚାହିଁ ତା'ର
ଯାହାକୁ ଯାହାର ଖୋଜୁଛି ମନ ,
ପରଶରେ ଯା'ର - ସତ ହୋଇଯିବ
ଯେତେ ସବୁ ତା'ର ମିଛ ସପନ ।

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଭ୍ରାମ୍ୟଭାଷ - ୯୪୩୭୦୬୫୧୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ବୟସର ଅପରାହ୍ନେ



ଶିଶିର କୁମାର ପଣ୍ଡା

ଅବସର ପରେ ଜୀବନ ଶଇଳି
ଯାଇଛି ମୋହର ବଦଳି
ଜଳଖିଆ ସାଥେ ମିଳୁନାହିଁ ଆଉ
ଅଣ୍ଡା, ସିଙ୍ଗାପୁରୀ କଦଳୀ ।
ଚାହା ବି ମିଳୁନି ସକାଳୁ ସକାଳୁ
ଆଗଭଳି ଖାଣ୍ଟି କ୍ଷୀରରେ
ଏବେ ପିଅ ନାଲି ଘରଣୀ କହୁଛି
ପୀଡ଼ା ହେବନାହିଁ ଶୀରରେ ।

ପରଟା ଖୋଜିଲେ ତ୍ରୁଟି ମିଳୁଅଛି
କୁହନ୍ତି ବଢୁଛି ପ୍ରେସର
ଆମଭଳି ଲୋକ ବଞ୍ଚିଥିଲେ କାଳେ
ଅବନତି ହୁଏ ଦେଶର ।

ପୁଅ ବୋହୂ ଏବେ ଚିହିଁକି ଉଠନ୍ତି
ବେଳେଅଧେ କିଛି କହିଲେ
କଥା ହେଉଛନ୍ତି, ଅଶାନ୍ତି ବଢୁଛି
ବୁଢ଼ାଟା ସାଥିରେ ରହିଲେ ।

ନାତି କହେ, ଜେଜେ ବୟସ ହେଲାଣି
ଯୋଗ ପ୍ରାଣାୟାମ କରୁଥା
ସାଙ୍ଗସାଥୀ ନିଶା କମେଇକି ଘରେ
ହରିନାମ ତୁଣ୍ଡେ ଧରୁଥା ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜୀବନ



ଶାଶ୍ୱତୀ ବେହେରା

ଏ ଜୀବନ ଅସୁମାରି ଆଶାର ସାଗର ,
ନିରାଶାରେ ବୁଡ଼ି କେବେ ଲାଗଇ ନଶ୍ୱର ।
କେବେ ଏହା ସୁମନ ପରଶେ ପୁଲକିତ,
ପୁଣି କେବେ ଶୋକାକୁଳ ମହା କଣ୍ଟକିତ ।
ଜୀବନର ପରିଭାଷା କେ ପାରିବ କହି,
ବହିଚାଲେ ବହିଚାଲେ ଦୀର୍ଘଗାମୀ ନଈ ।
ସଭିଙ୍କର ଦୀର୍ଘ ହେଲେ ନଥାଏ ଆୟୁଷ,
ଅକାଳରେ ଶୁଖେ ନଈ ବିଧିର ଏ ରୋଷ ।
ଚିରକାଳେ କଥା ଅଛି ଦି' ଦିନ ଜୀବନ,
ବିସ୍ତାର ଦୃଷ୍ଟିକୁ ଏହା ନୁହେଁ ଏତେ କ୍ଷୀଣ ।
ନାନା ମନିଷୀର ଅଛି ଇତିହାସ ସାକ୍ଷୀ,
କ୍ଷୁଦ୍ର ଜୀବକାଳେ ଥିଲେ ସଫଳତା ଦେଖି ।
ଚାଲିଗଲେ ସିନା ଅତି କୋମଳ ବୟସେ,
ଯେତେ କାଳ ଥିଲା ପ୍ରାଣ କାଟିଲେ ସରସେ ।
ବିଶ୍ୱକୁ କଲେ ଚକିତ ନିଜ କର୍ମ ଯୋଗେ,
କାଳ ମୁଣ୍ଡ ନୁଆଁଇଲା ତାଙ୍କ ଖ୍ୟାତି ଆଗେ ।

ସୁଖ ଦୁଃଖ ଜୀବନର ଦୁଇ ଗୋଟି କଡ,
ସୁଖକୁ ଗୋଡାଏ ନର ଦୁଃଖକୁ ଯେ ଆଡ ।
ନିରୀହ ମାନବ ହେଲେ ବୁଝି ନପାରୁଛି,
ଦୁଃଖ ତାର ପଛେ ପଛେ ନିତ୍ୟ ଗୋଡାଉଛି ।
ସୁଖକାଳେ ହୋଇଥାଏ ମହାଆନନ୍ଦିତ,
ଭୁଲିଯାଏ ଦୁଃଖପାଇଁ ହେବାକୁ ପ୍ରସ୍ତୁତ ।
ପରାଣ ପୋଷିବାଲାଗି ଚାଲେ ନିତ୍ୟ ଖେଳ,
ନିଜପାଇଁ ନିଜେ ମଧ୍ୟ ନପାଏ ସେ ବେଳ ।
ଜୀବନକୁ ବୁଝିବା ତ ଜଟିଳ ବ୍ୟାପାର,
କେତେବେଳେ ନେଇଥାଏ କିପରି ଆକାର ।
ପ୍ରତି ପରିସ୍ଥିତିରେ ଯେ ଥାଏ ସ୍ଥିତପ୍ରଜ୍ଞ,
ସରଳ ତା'ଲାଗି ହୁଏ ଏହି ମହାଯଜ୍ଞ ।

ଜିଲ୍ଲା - କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି



ରିନା କୈବର୍ତ୍ତ

ଜୀବନ କାଗଜେ କର୍ମ ଲିଖନୀରେ
ଲେଖୁଛି କେତୋଟି ସ୍ମୃତି
ଲେଖୁଅଛି ନିରନ୍ତର ହେଲେ ମୁହିଁ
ଜାଣେନି କେବେ ତା ଇତି । ।

ଅନୁଭବ ପୂର୍ଣ୍ଣ ଏଇ ମୋ ଜୀବନ
ଅଟେ ସୁଖ ଦୁଃଖ ଭରା
କେବେ ହସେ ପୁଣି କାନ୍ଦେ ପୁଣି କେବେ
ହୋଇ ଯାଏ ଆତ୍ମହରା । ।

କେବେ ଖାଏ କେବେ ରହେ ଉପବାସ
କେବେ ନିଦ୍ରା ନିଶ୍ଚିନ୍ତର
କେବେ ଚାହିଁ ରହେ ବସି ରାତିସାରା
ଅନୁଭବେ ଏକାକିର । ।

ଲାଗେ କେତେ ଭିଡ ଭିତରେ ଏକାକୀ
କେବେ ଶୂନ୍ୟ ଲାଗେ ଭିଡ
କେବେ ସୁଖ ଦିନ ଛୋଟ ହୁଏ
କେବେ ଦୁଃଖ ରାତି ହୁଏ ବଡ଼ । ।

ଶୁଣିବାକୁ ମିଳେ କେବେ ଭାଗବତ
ଅତି ମଧୁର ଗୀତ
କେବେ ମିଳେ କଟୁ କଠୋର ବଚନ
ବିନା ଦୋଷେ ଅବିରତ । ।

ଜୀବନର ଏଇ ସବୁ ଅନୁଭବ
ମନେ ପଡେ ଯେବେ ମୋର
ହରାଏ ଡରାଏ ସତର୍କ କରାଏ
ଅତି କ୍ଷମତାକୁ ମୋର । ।

ଗ୍ରାମ-ଲଖନା, ଜିଲ୍ଲା-ନୂଆପଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତି



ଆରତୀ ବିଶି

ଜୀବନରେ ପ୍ରଭୁ ସବୁଠୁ ସୁନ୍ଦର ଉପହାରଟିଏ
ଦେଇଛ ତୁମେ ମୋତେ
ଦୁଃଖପୂର୍ଣ୍ଣ ଏଇ ଜୀବନରେ ମୋର
ଅସରନ୍ତି ଖୁସି ତୁମେ ଦୁହେଁ
ଦୁନିଆର ପରା ସବୁ ସୁଖ ମୋତେ
ଆଣିଦେଇଛ ତୁମେ ମୋତେ
ନିଜ ଦୁଃଖ ପରା ଛାତି ତଳେ ଚାପି
ହସାଉଛ ମୋତେ ସବୁବେଳ
କାଲି ସାନବୋଲି ଧରି ମୋତେ ବୁଲୁଥିଲ
ଦେହକୁ ତୁମର କଷ୍ଟ ଟିକେ ହେଲେ
କେବେ ବି କହୁନ ଥିଲ
ଆଜି ତୁମେ ମୋତେ ବଡ କରି ଦେଇଛ ସବୁ
ଶିକ୍ଷା
ମାଳି ସାଜି ତୁମେ ଫୁଲ ପରି ମୋତେ
ଯତ୍ନ କରୁଅଛ ସଦା
ପ୍ରତିଟି କ୍ଷେତ୍ରରେ ବିଜୟୀ ହେବି ବୋଲି
ଡାକୁଛ ପ୍ରଭୁଙ୍କୁ ତୁମେ ନିତି
ଦେହ ଟିକେ ମୋର ଅସୁସ୍ଥ ହେଲେ
ଶୋଉନ ରାତିରେ କେବେ
ଦୁନିଆର ପରା ସବୁ ଖୁସି
ତୁମେ ଦୁହେଁ ମୋ ପାଇଁ
ଆଇ ଅଜା ମୋର ଦେହର ଜୀବନ
ତାଙ୍କ ବିନା ବଞ୍ଚି ପାରିବି ନାହିଁ
ନିଜଠୁ ଅଧିକ ଭଲ ପାଏ ତାଙ୍କୁ
ଭାବେ ମୋ ଦୁନିଆ ବୋଲି
ମୁହୂର୍ତ୍ତଟିଏ ନ ଦେଖିଲେ ତାଙ୍କୁ
ଲାଗେ ଏ ଦୁନିଆ ଅନ୍ଧାର ଭଳି
ଜୀବନରେ କେତେ ଦୁଃଖ ସହି
କରିଛ ଆମକୁ ବଡ ତୁମେ ଦୁହେଁ
ତୁମ ଦୁହିଁଙ୍କର ଋଣ ଶୁଝିଲେ ବି
ଶୁଝି ପାରିବିନି କେବେ
ଜୀବନରେ ମୋର ଗୋଟିଏ ହିଁ ଲକ୍ଷ୍ୟ
ତାହା ହେଲା ତୁମ ଖୁସି
ଫେରେଇ ଆଣିବି ସବୁ ସୁଖ ତୁମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଣିଦେବି ତୁମ ଖୁସି
ତୁମ ଦୁହିଁଙ୍କର ମଥା ନଇଁବାକୁ ଦେବିନାହିଁ କେବେ ହେଲେ
ସବୁବେଳେ ମୁହିଁ ଚେଷ୍ଟା କରୁଥିବି
ଖୁସିରେ ରଖିବି ତୁମ ଦୁହିଁଙ୍କୁ ସବୁବେଳେ
ତୁମ ଦୁହିଁଙ୍କର କଥା ଶୁଣି ମୋତେ
ଲାଗେ ଶୁଆ ଶାରୀ ଗପ ପରି
ତୁମ କୋଳେ ଥରେ ମୁଣ୍ଡ ରଖିଦେଲେ ଯାଏ ମୁଁ ଦୁଃଖ ପାସୋରି
ଅନୁରୋଧଟିଏ କରୁଛି ତୁମକୁ
ରଖିବ ତାକୁ ତୁମେ ଦୁହେଁ
ନିଜଠୁ କେବେ ବି ଦୁରେଇ ଦବନି
ଶେଷ ନିଶ୍ୱାସ ଥିବା ଯାଏଁ
ତୁମେ ଦୁହେଁ ମୋର ପାଖେ ଥିଲେ
ଆଉ କିଛି ଲୋଡ଼ା ନାହିଁ
ତୁମ ଦୁହିଁଙ୍କଠୁ ଦୁରେଇ ଗଲେ
ବଞ୍ଚି ପାରିବିନି ମୁହିଁ
ପ୍ରଭୁଙ୍କୁ ଡାକୁଛି ଏତିକି ଖାଲି
ଥିବା ତୁମେ ଦୁହେଁ ମୋ ପାଖେ
ଦୁଃଖ ହଉ ଅବା ସୁଖ ଥିବି
ମୁଁ ତୁମ ଦୁହିଁଙ୍କ ସାଥେ ।

ମ. ରାମପୁର, ଜି. କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ ଓଡ଼ିଆ



ଝରଣା ବାରିକ

ଓଡ଼ିଆ ବୋଲି ଭାବୁଛୁ ସିନା
କହୁନୁ ଓଡ଼ିଆ ଭାଷା,
ଇଂରାଜୀ ଶିକ୍ଷା ପିଲାଙ୍କୁ ଦେଇ
ରଖୁଛୁ ଉଚ୍ଚ ଆଶା ।

ନୂଆ ବରଷ ପାଳୁଛୁ ଆମେ
କ୍ୟାଲେଣ୍ଡର ଗଲେ ସରି
କେତେ ରକମ ଶୁଭେଚ୍ଛା ବାର୍ତ୍ତା
ବାଣ ରୋଷଣୀ କରି ।

ବୈଶାଖ ମାସ ପ୍ରଥମ ଦିନ
ବିଷୁବ ସଂକ୍ରାନ୍ତି ଆସେ ।
ନୂଆ ପାଞ୍ଜି ଟି ହୁଅଇ ଖୋଲା
ନୂଆ ବରଷ ହସେ ।

ସେ କଥା ଆମେ ଭୁଲି ଯାଉଛୁ
ପଡୁନି ଆଉ ମନେ,
ହନୁମାନ ଙ୍କ ଜୟନ୍ତୀ ପୁଣି
ପଡଇ  ସେହି ଦିନେ ।

ସଭିଏଁ ଆସ ପାଳିବା ମିଶି
ଓଡ଼ିଆ ନୂଆ ବର୍ଷ,
ଭୁଲି ଯିବାନି ଆମେ ଓଡ଼ିଆ
ବାଣ୍ଟିବା ନିତି ହସ ।

କେତେ ସୁନ୍ଦର ଆମ ମନ୍ଦିର
ବାର ମାସେ ତେର ପର୍ବେ
ଆମ ସଂସ୍କୃତି ପରମ୍ପରାକୁ
ପାଳିବା ମିଶି ସର୍ବେ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ : ୯୪୪୭୮୪୭୯୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଠାଏ ଭାତ



ସୁସ୍ମିତା ମହାପାତ୍ର

ନିତି ବାଜୁଥାଏ ପେଁକାଳି ଏଠି
ହାତୀ ଘୋଡ଼ା ଦେବି କହି,
ଆଖି ଖୋଲୁଖୋଲୁ ଶୂନ୍ୟତା ଖାଲି
ରାତି ଯେବେ ଯାଏ ପାହି ।
କାଗଜ କଲମେ ଆଇନି କହଇ,
ଛଅରୁ ଚଉଦ ଶ୍ରମିକ ନୁହଁଇ, ଯିବେ ସିନା ପାଠପଢ଼ି,
ଦଇବ କିନ୍ତୁ ଲେଖିଛି ଭିନ୍ନ
ଗରିବ ବାଳୁତ ଖୋଜୁଛି ଅନ୍ନ, ମା', ମାଟି ଦୂରେ ଛାଡ଼ି ।
ଖଣି ଖାଦାନରେ ଖୋଜେ କେବେ ରୋଟି
କେବେ ଯାଇ ଇଟାଭାଟି,
ହୋଟେଲରେ କେବେ କାଟେ ଶଇଶବ
ଅଇଁଠା ପତର ଚାଟି ।
ଭାଷା ମୋ ହଜିଛି ସମୟର ସ୍ରୋତେ
ସରମ ଲାଗୁଛି କହିବାକୁ ମୋତେ, ଶ୍ରମିକ ଦିବସ ଆଜି,
ସକାଳରୁ ଖଟି ସଞ୍ଜେ ମରଇ,
ବିକଳ ପରାଣେ ତନ୍ଦ୍ରୀ ଥରାଇ, (ଶିଶୁ)ମୁଠାଏ ଭାତକୁ ଖୋଜି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୀତି, ରାଜନୀତି ହୋଇଛି ଫେଷ୍ଟା,

ଆଠ ନୁହେଁ ଏବେ ଅଠର ଘଣ୍ଟା, ଶ୍ରମିକ ଖଟୁଛି ଗୋଡି,

ନିରାଶା ଭିତରେ ଅନ୍ଧାର ହେଜି,

କୋଟି ମାନସରୁ ବିସ୍ମୃତ ଆଜି, ଚିକାଗୋ ସହର ତାତି ।

ଜଗତୀ କରଣ ଛଡ଼ାଇ ନେଇଛି

ଶ୍ରମିକର ଅଧିକାର,

ଅନଶନ ଅବା ପ୍ରତିବାଦେ ଥାଏ

କରମ ହାରିବା ଡର ।

ମଇ ଦିବସରେ ଆହ୍ୱାନ ଆମ

ଶୋଷଣ ମୁକ୍ତ କର,

ଦୀନ ଶ୍ରମିକର ଦାବୀ ଅଧିକାର

ଅଚିରେ ପୂର୍ଣ୍ଣ କର ।

ସରକାରୀ ଉଚ୍ଚ ବିଦ୍ୟାଳୟ, ସେକ୍ଟର -୧୬, ରାଉରକେଲା -୦୩

ମୋ. ନଂ - ୯୪୩୭୫୦୩୧୩୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା



ପ୍ରହ୍ଲାଦ ସାହୁ

କବିତା - ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି, କବିର କଳ୍ପନା ।

କବିତା - ଅସୁମାରୀ ଜୁଆରର ସ୍ୱର୍ଣାଭ ତରଙ୍ଗ ।

କବିତା - ଅପହଁଚ ସୀମାରେଖାର ଭୀତ୍ତିଭୂମି ।

କବିତା - ସହସ୍ର ମେଘମାଳାର କେଇଟୋପା ଜଳବିନ୍ଦୁ ।

କବିତା - ମୁକ୍ତାଧାରି ସାମୁକାମୟ ସାଗରର ସମ୍ଭାବନାର ଉତ୍ସ ।

କବିତା - ଦୂର ଦୀଗବଳୟର ଉଦୀୟମାନ ସୂର୍ୟ୍ୟରଶ୍ମୀ ।

କବିତା - ପଥହରା ପଥିକର ପାନ୍ଥଶାଳା ।

କବିତା - ପ୍ରବାଳ ଦୀପର ରାଜକୁମାରୀ ।

କବିତା - ମୋ ହୃଦୟେଶ୍ୱରୀ, ମାନ-ଅଭିମାନେ ଭରା ବୁକୁ ତା'ର;

ତା' ଚାଲିରେ ଫୁଟଇ କମଳ, ତା' ହସରେ ଝରଇ ମହୁ ଝର ଝର ।

ମୁଁ କବି ଗଣରେ ଗଣା ନ' ହେଲେବି ସେ ମୋ କବିତା

ମୋ ଲେଖନୀରୁ ଲେଖା ନିସୃତ ନ ହେଲେବି .....

ମୁଁ ଲେଖୁଥାଏ ଭାବି ଭାବି ତା କଥା ।

ସେ ଆସେ ସବୁ ଶୋଇଗଲା ପରେ

ଦରଆଉଜା ଫାଟକ ପାଖେ ଅନୁମତି ଭିକ୍ଷାଥାଳ ଧରି,

ଆଖି ମଳୁ-ମଳୁ ଛାଇନିଦ ମୋର ଭାଙ୍ଗିଯାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଣଆୟତ୍ତ କୋମଳ ସ୍ପର୍ଶେ ଦରଦୀ ଉଠୁ ହସ ଯାଏ ଝରି ।

ପ୍ରାଣ ଠୁଁ ଅଧିକ ନିଜର ସେ, ପ୍ରୀୟା ମୋ ଅନେକ ଦିନର

ଦୁଃଖ ବୋଲି ଯାହା ଏତିକି, ପ୍ରାଣପ୍ରୀୟା ହେଇପାରିନି ସେ ମୋର ।

କେମିତିବା ହୁଅନ୍ତା ସେ .... ?

ସକାଳରୁ ସଞ୍ଜ ଯାଏ ମୁଁ ତ ଧାଉଁଛି ଆଉ କହା ପଛରେ

ଏ ଧାଁ-ଦଉଡ ଦୁନିଆରେ ବଂଚିବାର ମାନେ କିଏ ବା ବୁଝେ ?

ଏଠି ବଂଚିବାର ଅନ୍ୟ ନାମ – " ଅର୍ଥ "

ଅର୍ଥ - କାହାପାଇଁ " ପରମାର୍ଥ " ତ କାହାପାଇଁ " ଅନର୍ଥ " ।

ବିଟପୀ ନାରୀ କେବେ ପତ୍ନୀ ହୋଇପାରେ, ନା'

କାମୁକ ପତୀ କେବେ ପରମେଶ୍ୱର ହୋଇପାରେ ।

କବିତା - ସେ ଏକାନ୍ତ ନିଜସ୍ୱ ମୋର

ଏବଂ ମୁଁ ମଧ୍ୟ ତାର.........

କିନ୍ତୁ ଭୌତିକତାରେ କେହି ନୁହେଁ କାହାର ।

ସେ ଆସିଛି ..... ଅନେକଥର ....

ବୈଶାଖର ପ୍ରଚଣ୍ଡତାରେ ଜଳି ସେ, ମୋ ଦେହେ ଶୀତଳ ପ୍ରଲେପିଛି

ଶ୍ରାବଣର ବାରିପାତରେ ଭିଜି ସେ, ମୋ ଦେହେ ଉଷ୍ମତା ବି ଭରିଛି ।

ଶରତର ଶୀଶୀରରେ ଉଦାସୀ ସାଜି, ମୋ ଦେହେ ଜୋସ୍ନା ବିତରିଛି

ବସନ୍ତର ମୃଦୁ ମଳୟରେ ଶୀହରି, ମୋ ଦେହେ ଆଶାର ରଙ୍ଗ ବୋଳିଛି ।

ସେ, ରାତ୍ରୀର ଅନ୍ଧକାର ଭେଦକରି, ଜହ୍ନର ସୁନେଲି କିରଣ ଦେଖେଇଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ, ଛଳଛଳ ଆଖିରୁ ଆଶାର ଲୋତକ ଝରେଇ, ପ୍ରେରଣାର ମନ୍ତ୍ର ଶିଖେଇଛି ।

ପାରିଲାନି, ପାରିଲାନି ଏ ମରଦ ପଣିଆ,

ହାରିଗଲା ତା ପାଖେ ..... ।

ସାତତାଳ ପାଣି ତଳେ, ସପ୍ତ ସିନ୍ଧୁକର ଆଢୁଆଳେ ସେ ରାଜକୁମାରୀ

ତାକୁ ଉଦ୍ଧାରିବାର ସ୍ୱପ୍ନ, ସ୍ୱପ୍ନରେ ହିଁ ରହିଗଲା .......... ମୁଁ ପାରିଲିନି ।

ଶଯ୍ୟାସଙ୍ଗୀନି କରିଥିଲି ରାତି-ରାତି ଉଜାଗର ହେଇ,

ଆପଣାର ହେଇଯିବା ଆଶାରେ;

ଆଜି ସେ ଅଭିନୟ କରୁଛି କେବଳ ମୋ ସାଥେ,

ଅଭିସାରିକା ସାଜିଛି ଆଉ କାରେ ।

ପାଦେ ରୂପା ପାଉଁଜି, ପାଟବସନୀରେ ଭରିଛି ତନୁ ତାର

କର୍ଣ୍ଣେ କୁଣ୍ଡଳ ଶୋଭିତ, ଗଳାରେ ଶୋଭା ଗଜମତି ହାର ।

ଫେରିଯାଉଥିବା ବେଳକୁ ଶଙ୍ଖା ଦି'ପଟ ପିନ୍ଧେଇଥିଲି

ଓଡିଆ ଘରର ବହୁ ତ' ଟୋପାଏ ସିନ୍ଦୁର ନେବାକୁ ବାକିଅଛି ।

ସେ ମୋ 'କବିତା' - ମୁଁ ତା'ର 'କବି'

ବନ୍ଧୁରୁ ବଧୁ ହେବାକୁ ଆଉ କେତେକାଳ ସତେଅବା ଚାହିଁଥିବି ?

ଅନେକଥର ଅନୁରୋଧ କରିଛି, କିନ୍ତୁ ପ୍ରତିଥର ବାହାନା କରିଛ ।

ଆଜି ବନ୍ଧୁମାନଙ୍କ ଅନୁରୋଧ କ୍ରମେ, ଆସିଅଛ ବନ୍ଧୁମେଳେ ତୁମେ ।

ଓଡିଆ ଜାତିର ଉଥ୍ଥାନ ଲାଗି ଯେଉଁଠି ପଡିଛି ଡାକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ସହଧର୍ମୀ ସଙ୍ଗେ ସେଠି ତୁମର ହୋଇଛି ଭେଟ ।

ଗାନ୍ଧୀ, ସୁଭାସ, ଜୟୀରାଜଗୁରୁ, ଭଗତସିଂହ,

ଯେଉଁ ଦେଶପାଇଁ ଆଜି ସ୍ମରଣୀୟ;

ମଧୁବାବୁ, ଫକିରମୋହନ, ଗୋପବନ୍ଧୁ,

ତୁମ ମହିମାରେ ଦେଶକୁ କଲେ ମହାନ ।

କବିତା –

ତେବେ ତୁମେ କୁହ ଭୁଲ୍ କାହାର ???

ଏ ସର୍ବହରା ଜାତିର, ନା' ଏ ସର୍ବଖିଆ ସମାଜର, ନା'

ତତେ ଝୁରି ଝୁରି ଦିନରେ ମରି,

ରାତିରେ ଜିଉଥିବା ଏଦରଦୀ ପ୍ରାଣର ???

କବିତା –

ତୁମେ ମୋ ମନର ଅକୁହା କଥା, ତୁମେ ହସିଦେଲେ ମୋ ହୃଦୟ ହସେ;

ତୁମେ ମୋ ବୁକୁର ପ୍ରେୟସୀ ଶଖା, ତୁମେ ଇଛା କଲେ ଏ ଦୁନିଆ ହସେ ।

ମୁଁ ତୁମ କବି, ତୁମେ ମୋ କବିତା.....

ଚିଫ୍ ଏଡିଟର
ଆକାଶ ଇନଷ୍ଟିଟ୍ୟୁଟ୍, ନୂଆଦିଲ୍ଲୀ
ଦୂରବାର୍ତ୍ତା – ୮୧୭୮୬୪୦୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝରାଫୁଲ



ଅନସୂୟା ପଣ୍ଡା

ରୋଜ୍ ରୋଜ୍ ଏଠି ଫୁଲ ଝରେ, ଅବେଳାରେ ଅନ୍ଧାରି ଗହୀରେ
ବାସିବାର ଅନେକ ଆଗରୁ,
ଝାଉଁଳିବାର ଅନେକ ପୂର୍ବରୁ
ଝରାଫୁଲ ଲୋଟି ଯାଏ ଦେହରୁ ବିଦେହ ହୋଇ ।
ଅନୁସନ୍ଧାନ ଚାଲେ ତଳରୁ ତଳିପା ଯାଏ
ତଥାପି ବି ପାତାଳରେ ଲୁଚିଯାଏ ଅପରାଧୀ
ଧୂଆଁ ଧୁଳି ଆକାଶର ଚାଦର ତଳେ
ଝରାଫୁଲ ରୋଜ ରୋଜ ହୁଅନ୍ତି ଶିକାର ।
ଏଠି ପଥ ଭ୍ରଷ୍ଟ ବିବେକ
ନଗ୍ନ ଚରିତ୍ରଟିଏ କାୟାବିସ୍ତାରୀ ନିଏ
ଭୁଲିଯାଏ ବୟସ ,ସମ୍ପର୍କ ,ଆଇନ କାନୁନ ,ପାପ ପୂଣ୍ୟ
କେବଳ ଭୋକିଲା ରାକ୍ଷସ ପରି କ୍ଷୁଧାକୁ ମେଣ୍ଟାଏ
ଝରାଫୁଲ ସଜଳ ଦେହକୁ ଚିରି ।
ଶୋଷିକର ଶୋଷା ଝରାଫୁଲ ରଙ୍ଗରୁ ହୁଏ ବେରଙ୍ଗ
ପ୍ରଜାପତିର ଭଳି ଉଡିବାର ପ୍ରୟାସ ହୁଏ ଧୁଳିସାତ
ନିୟମ କାନୁନ ଅକାମି ହୁଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୋକିଲା କୁକୁରଙ୍କ ଭୋକ ପାଖରେ ।

ଅନେକ ପରି ପରିତ୍ୟକ୍ତ ହୁଅନ୍ତି ,

ଅନେକ ନିର୍ଭୟା  ବିଳପନ୍ତି  ଅନ୍ଧାରରେ ବିକଳରେ

ବିଦ୍ରୋହର ସ୍ୱର ଉଠେ ଜନତାର, ଫାଶୀ ହୁଏ  ।

ତଥାପି ଅବଲୁଣ୍ଠିତ ହୁଅନ୍ତି ନିର୍ଦ୍ଦୟ ମଣିଷ ହାତରେ

ରୁଗଣ ମାନସିକତାର ହାତରେ ବଶ୍ୟ ହୁଅନ୍ତି

ପୁଣି ଏକ ନୂଆ ଝରାଫୁଲ  ।

ଭିସୁଟ୍ କଲୋନୀ, ବୁର୍ଲା,

ଭ୍ରାମ୍ୟଭାଷ : ୯୪୩୯୨୧୯୯୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରାଚୀତଳ ଆଜି ଗାଢ଼ ଦିଶେ



ବିକାଶ ଚନ୍ଦ୍ର ବେହେରା

ଚାରିଆଡେ ହାହାକାର

ଶୂନ୍ୟତାର ସହକାର

ଜନପୂର୍ଣ୍ଣ ବାଟ ସବୁ ନିର୍ଜନ ନିର୍ଜନ,

ଗୃହବନ୍ଦୀ ମାନବ ସମାଜ

ଜୀବନ ଏବେ ଶସ୍ତା

ମହଙ୍ଗା ପବନ...

ମୃତ୍ୟୁର ଏ ଖେଳ ସତେ

କେତେ ମରମ ଦାହକ

ଶବ କୁଢ଼ କୁଢ଼ ଏଠି

ନାହାନ୍ତି କେ

କୋକେଇ ବାହକ...

ଭୟ ଆଜି ଆହୁରି ଭୟାନକ

ଭୂତାଣୁର ବେଶେ

ବିଶ୍ୱାସ ବଡ଼ ନିଃସହାୟ

ଓଃ ! ! ! ସେ ମୃତପ୍ରାୟ ଦିଶେ...

ବିସ୍ମୟ ଏ ଜଗତ ସମୂହ

ନିଜେ ବିସ୍ମୟାଭୂତ ସତେ

ଧନ୍ୱନ୍ତରୀ ଅମୃତ କଳସ ସନ୍ଧାନେ

ଲାଗିଛନ୍ତି କେତେ କେତେ

ରାତ୍ର ଓ ଦିବସର ଏକାକୀକତାରେ

ଅଦମ୍ୟ ଅନବରତେ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ନିମେଷ ଆଖିର ଗୋଟାଏ ପଲକ

ପଞ୍ଜରାଏ ପ୍ରଶ୍ୱାସର ବାରଜୁଣ ବାୟୁ

ଚେନାଏ ହସର ଶେଷ ପୁଞ୍ଜି

ଅସୁମାରୀ ଅଭିଆଡ଼ୀ ଆଶା

କ୍ଷୁଧାଶୂନ୍ୟ ସରମି ସପନ

ରାସ୍ତାକଡ ଭବିଷ୍ୟତ ସହ,

ଅନ୍ୟ ଏକ ସୂର୍ଯ୍ୟର

ପ୍ରତୀକ୍ଷିତ ଉଦୟ ବେଳାର ଦରଶନେ

ମାର୍ବଲ ପ୍ରତିମୂର୍ତ୍ତି ପରି ଦଣ୍ଡାୟମାନ

ନିରସ ବଦନେ ସରସିଜ ତୋଳି

ସରସେ ହରଷେ

ଓହୋଃ........

ସେଥିପାଇଁ

ପ୍ରାଚୀତଳ ଆଜି ଗାଢ଼ ଦିଶେ...

ଛାତ୍ର, ତୃତୀୟ ବର୍ଷ (କଳା), ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ-୭୫୩୦୦୮

ମୋ- ୮୯୧୭୪୨୬୧୩୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନବ ଜନ୍ମ



ଡମ୍ବରୁଧର ଦାଶ

କୋଟି ତପଫଳେ        ପୁଣ୍ୟ ମହୀତଳେ
ମାନବ ଜନ୍ମ ମୋହର
କାଳିଦାସୁ ମୂର୍ଖ        ରତ୍ନାକରୁ ଧୂର୍ତ୍ତ
ଅଟଇ ମୁଁ ଯେ ପାମର ।

ଏ ସଂସାର ଖେଳା        ଅଟେ ବିଷଜ୍ୱାଳା
ଦେଖି ହେଲିଣି କାତର
ଦୁଃଖ ବେଳୁବେଳ        ହେଉଛି ପ୍ରବଳ
ଛାତି ହେଲାଣି ପଥର ।

ଆଖି ଅଛ ଦେଇ        ଦେଖି ନପାରଇ
ତୁମ୍ଭ ସେ ବେନି ପୟର
ଜିହ୍ୱା ସୁପ୍ତେ ରହି        ଭଜି ନପାରଇ
ହରେ ରାମକୃଷ୍ଣ ମନ୍ତ୍ର ।

ସଂସାରର ମାୟା        ଦେଖି ହେଲି ବାୟା
ବୁଦ୍ଧିନାଶ ହୁଏ ମୋର
ମନଯାନ ଘେନି        ଦିବାନିଶି ବେନି
କରିଦିଏ ଏକାକାର ।

ବଳେ ମାନସକୁ        ନାମ ଗାଇବାକୁ
ଚାଳି ନପାରଇ କର
ତୁମ ନାମ ଭାବି        କେତେ ହେଲେ କବି
ନିମିଷକ କୃପା କର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନ୍ଦର ସେ ପରିବାର



ଲକ୍ଷ୍ମୀକାନ୍ତ ପୃଷ୍ଟି

ସ୍ରଷ୍ଟାଙ୍କ ସୃଷ୍ଟିରେ ଅଭିନୟ ପାଇଁ
ମଣିଷ ଜନମ ସୁନ୍ଦର ସଂସାରେ
ସମ୍ପର୍କର ସୂତ୍ରେ ବନ୍ଧା ଏ ଜୀବନ
ମିଳେ ସୁଖ ଶାନ୍ତି ପରିବାରରେ ॥

ସତ୍ୟ ଶାନ୍ତି ଦୟା କ୍ଷମାର ପ୍ରତୀକ
ବିପତ୍ତି ଆସିଲେ ପରିବାର ହୁଏ ରକ୍ଷକ
ଆଦର୍ଶ ସଂସ୍କାର ଶିକ୍ଷା ଶିଖାଏ ସେ ଯେ
ଜୀବନର ମୂଳଦୁଆ ନିର୍ମାଣ କରେ ଯେ ସେ ॥

ପରିବାର ସେ ଯେ ମନ୍ଦିର ସମାନ
ପିତାମାତା, ଗୁରୁଜନ ଚଳନ୍ତି ଭଗବାନ
ତାଙ୍କରି ଅଦର୍ଶେ ଲକ୍ଷ୍ୟ ହୁଏ ଚୟନ
ମଣିଷର ଭାଗ୍ୟ ସେ ଯେ କପାଳ ଲିଖନ ॥

ପୂଜା ପାର୍ବଣରେ ଏକତ୍ରିତ ହୋଇ
ଭୁଲି ମାନଅଭିମାନ, ବନ୍ଧନ ଡୋରେ
ଈଶ୍ୱର ଆରାଧନେ ଆନନ୍ଦ ଉଲ୍ଲାସେ
ଗଢିଥାନ୍ତି ସଂପର୍କ ର ବାସ୍ତବ ପରିଚୟ ॥

ସେ ପରିବାର, ଯେଉଁଠି ନଥାଏ ଅବିଶ୍ୱାସ
ସେ ପରିବାର, ଯେଉଁଠି ନଥାଏ ଛଳନା
ସେ ପରିବାର, ଯେଉଁଠି ନଥାଏ ଅତ୍ୟାଚାର
ସେ ପରିବାର, ଯେଉଁଠି ଥାଏ
ବିଶ୍ୱାସ, ସମ୍ପର୍କ, ସତ୍ୟ, ଶାନ୍ତି,ଦୟା, କ୍ଷମା
ଆଶୀର୍ବାଦ, ସ୍ନେହ, ଶ୍ରଦ୍ଧା, ଭକ୍ତି, ବୁଝାମଣା
ସେ ଯେ ସ୍ୱର୍ଗୀୟ ଭାବନା, ଭୁଲି ହୁଏନା ॥

ସ୍ଥାନ -ବିଶ୍ରା (ଜରାଇକେଲା), ଜିଲ୍ଲା -ସୁନ୍ଦରଗଡ
ଦୂରଭାଷ -୯୯୩୭୫୨୪୦୭୯, ୬୩୭୦୧୫୧୭୧୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେଉଁଠି ଜାଳିବି ଦିହୁଡ଼ି



ସଂଜୀବ କୁମାର ଦାଶ

ଭାବୁଛି...........

କେଉଁଠି ଜାଳିବି ଦିହୁଡ଼ି !

ପୁଞ୍ଜା ପୁଞ୍ଜା ବିଜୁଳି ଆଲୁଅରେ ଝଲମଲ

ଆଲିଶାନ କୋଠାରେ ନା

ବସ୍ତିର ସେଇ ଅରମାଗଦା ଅଳିନ୍ଦରେ ?

ବଡ଼ବଡିଆଙ୍କ ନାମିଦାମୀ ପାର୍ଲରରେ

ଅବା, ଥର ଥର ଭୋକିଲା ହାତର

ଲୋଚାକୋଚା ଶୂନ୍ୟ ତାଟିଆରେ ? ? ?

ଉଷୁମୁଥିବା ମୁଲାୟମ ଶେଜ ଉହାଡ଼ରେ

ନା' କାଲୁଆପବନଜଡ଼ା ଫଟାମସିଣାରେ,

ଯା'କୁ କେହି ଆଦରିଛି ରାଜରାସ୍ତାକଡେ ? ?

ସଫଳପ୍ରୀତିର ଗରମ ନିଃଶ୍ୱାସରେ ନା'

କେଉଁ ପତିତାର ଛିଣ୍ଡା ହୃଦତନ୍ତ୍ରୀ ପାଶେ ?

ଭଙ୍ଗାକାଚ ପ୍ଲାଷ୍ଟିକପାହାଡ ଗଳିରେ ବା '

ବେଢଙ୍ଗଫ୍ୟାସନର ଉନ୍ମୁକ୍ତବଜାରରେ ?

ଗହଳିର ବୁକୁଫଟା ବିକଟ ଚିତ୍କାରରେ,

ନା 'ଶାନ୍ତିର ସେଇ ଅନ୍ତିମ ବିଦାୟୀ

କ୍ଷଣିକରେ ? ? ?

ଭାବୁଛି......

କେଉଁଠି ଜାଳିବି ମୋ ଦପଦପ ଦିହୁଡ଼ି ! ! !

ପ୍ରାଧ୍ୟାପକ, ପଦାର୍ଥବିଜ୍ଞାନ ବିଭାଗ

ଦେବଗଡ଼ ମହାବିଦ୍ୟାଳୟ


ମୋ : ୬୪୩୭୭୩୯୫୭୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତିମ ସମୟ



ନିରାକାର ସାହୁ

ଭାଙ୍ଗିବ ତୋ ଅଣ୍ଟା ଆଣ୍ଟ ,
ହୋଇବୁ ତୁ ଛଟପଟ ।
ଧରିବ ତୋ ଆଣ୍ଠୁ ଗଣ୍ଠି ,
ପାରିବୁନି ବସିଉଠି ।
ଚର୍ମ ହୋଇବ ଧୋତଡା ,
ନଖ ଗୁଡା ମୋଡାମୋଡା ।
ଶୁଖିଯିବ ତୋର ତଣ୍ଟି ,
ହବନାହିଁ ବଡପାଟି ।

ଭାଙ୍ଗିଯିବ ଗର୍ବ ଦମ୍ଭ ,
ହୋଇଯିବୁ ତୁ ନିରବ ।
ଅଭିମାନ ଯେତେ ଥିବ ,
ସେ ସବୁ ମନେ ପଡିବ ।
ଅନିଦ୍ରାରେ ଟଳମଳ ,
ମନ ହୋଇବ ଚଞ୍ଚଳ ।
ମସ୍ତିଷ୍କ ହୋଇବ ସ୍ତିର ,
ବାହୁରେ ନଥିବ ଜୋର ।
କଟି ତୋର ଯିବ ସଢି ,
ଘରେ ଖାଲି ପଡିପଡି ।
ଜିହ୍ୱା ନ ବାରିବ ସ୍ୱାଦ ,
ମୁଖ ହୋଇବ ଦୁର୍ଗନ୍ଧ ।

ଆସିବରେ ତୋ ସମୟ ,
ହୋଇବୁ ତୁ ଅସହାୟ ।
ଯେତେ ସ୍ଥିର କଲେ ଆଖି ,
ପାରିବୁନି କେବେ ଦେଖି ।
ଚକ୍ଷୁ ଥାଇ ହେବୁ ଅନ୍ଧ ,
ଥରିବ ତୋ ମଣିବନ୍ଧ ।
ପାଦେ ଚାଲି ଯିବାପାଇଁ ,
ହେବୁ ତୁହି ଧଇଁସଇଁ ।
କେଶ ତୋ ହୋଇବ ଜଟା ,
ମଳ ଦ୍ୱାର ହେବ ଫିଟା ।
ଖନି ମାରିଯିବ ପାଟି ,
ରାମନାମ ଭଜିଲେ ଟି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କର୍ମ କରିଥିବୁ ଯେତେ ,
ମନେ ପଡିଯିବ ସତେ ।
ସମୟେ ନଥିବେ କେହି ,
ମନହେବ ହାଇଁପାଇଁ ।
ପ୍ରଶ୍ୱାସ ଧରିବ ଜୋର ,
ନିଶ୍ୱାସ ହୋଇବ ଧିର ।
କଫ,ବାତ,ପିତ,ମାଂସ ,
ବାହାରିବ ହୋଇ କାଶ ।
ମେଦ,ଶୁକ୍ର,ଅସ୍ଥି,ମଜା ,
ଶରୀରେ ପାଇବେ ସଜା ।
ସୁଣିବେନି କେହି ବୋଲ ,
କହୁଥିବେ ଚାଲଚାଲ ।
ଆସିବରେ ତୋ ସମୟ ,
ହୋଇବୁ ତୁ ନିରାସୟ ।
କହୁଥିବେ ଦେଖ ଦେଖ ,
ମାଡିବେନି ତୋର ପାଖ ।
ଘଟ ତୋର ଯିବ ଛାଡି ,
ପଡିବୁ ହୋଇ କଚାଡି ।
ସ୍ୱର୍ଗ ସୁଖ ନର୍କ ଦୁଃଖ ,
ମିଳିବରେ ସବୁଯାକ ।
ତୋ ଆଦେଶ ସରିଯିବ ,
ଅନୁମତି ଆସିଯିବ ।
ନାଡିନକ୍ଷତ୍ର ଭୁଲିବୁ ,
ପତିପନ୍ଥା ଖୋଜୁଥିବୁ ।
ଆସିବରେ ତୋ ସମୟ ,
ଘଟ ହୋଇବରେ କ୍ଷୟ ।
କରିଥିଲେ ତୁହି ସଖା ,
ବିପଦେ ହୋଇବେ ଦେଖା ।
ରାମନାମ ଭଜିଥିଲେ ,
ଭବୁପାରି ହେବୁ ଭଲେ ।
ଜନସେବା କରିଥିଲେ ,
ମନେ ତୁ ପଡିବୁ ଭଲେ ।
ପରବାରେ ସ୍ନେହ,ପ୍ରେମ
ଭରିଥିଲେ କର୍ମ,ଧର୍ମ ।
ଆସିବରେ ତୋ ସମୟ ,
ହେବୁନାହିଁ ଅସହାୟ ।

ରାହାଣ, ବାଲିକୁଦା, ଜଗତସିଂହପୁର
ଦୂରଭାଷା-୭୦୧୨୮୪୦୩୦୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି



ଶିଶିର କୁମାର ସାମଲ

ସ୍ମୃତି ମୋର ସେଇ ବାଳିକା ବଧୂର
ବେଳାଭୂମି ବାଲି ଘର,
ସାଗର ବେଳାରେ ନିତି ଗଢୁଥାଏ
ଭାଙ୍ଗୁଥାଏ ବାରବାର ।।

ସଢ଼େଇରେ ଭାତ ଡ଼ାଲି ତରକାରୀ
ମିଛି-ମିଛିକା ସେ ଖେଳ,
ଜୀବନରେ ମୋର ଭରିଦିଏ ରଙ୍ଗ
ଲଙ୍ଘିଯାଏ ସିନ୍ଧୁ କୂଳ ।।

ସ୍ମୃତି ମୋର କେବେ ନିର୍ଜନ ରାତିରେ
ପୂର୍ଣ୍ଣିମୀ ଜହ୍ନର ଜ୍ୟୋସ୍ନା,
ଶୁଭ୍ର ଆଲୋକରେ ଆଲୋକିତ କରେ
ଅତୀତକୁ କରେ ସାମ୍ନା ।।

ବିଗତ ଦିନର ଅଭୁଲା ସ୍ମୃତିକୁ
ଝୁରିଝୁରି ଦିନ ସରେ,
ଦୁଃଖ ପରେ ସୁଖ ବିଧାତା ଲେଖିଛି
ଜିଇଁବି ନୂଆ ଆଶାରେ ।।

ସ୍ମୃତି ମୋର ସେହି ବସନ୍ତ ଋତୁର
ଆମ୍ବ ବଉଳର ବାସ୍ନା,
ଚୋରା ମଳୟରେ କୋଇଲିର ସ୍ୱର
ମନେ ଭରିଦିଏ ତୃଷ୍ଣା ।।

କଣ୍ଟିପୁର, ବିଞ୍ଝାରପୁର, ଯାଜପୁର
ଓଡ଼ିଶା, ୭୫୫୦୦୪
ଫୋନ୍- ୭୮୯୪୦୭୦୬୬୬
ଇ-ମେଲ୍ - sisirkumarsamal@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ଅପ୍ଟିକସ୍



ଚିତ୍ତରଞ୍ଜନ ବାରିକ

ପ୍ରେମ ଅପ୍ଟିକସ୍ ରେ ତୋ ପ୍ରେମ
ଠିକ୍ ଆଲୋକର ରଶ୍ମି ପରି ,
ଅନନ୍ତ ଦୂରରେ ଥିଲେ ବି ତୁ କେନ୍ଦ୍ରିତ ହୋଇଥାଉ
ଏକ ବାସ୍ତବ ପ୍ରତିବିମ୍ବ ପରି ,
ଫୋକୋସ୍ ରେ, ଅବତଳ ମନ-ଦର୍ପଣରେ ।

ନିକଟତର ହୋଇ ତୁ ଅସିଯାଉ ଯେବେ
ମୋ ହୃଦ ବ୍ୟାସାର୍ଦ୍ଧ ମଧ୍ୟକୁ ,
ସୃଷ୍ଟି ହୁଏ ତୋ ଛଳନା ବୋଳା ପ୍ରତିବିମ୍ବ
ମୋ ହୃଦୟର ପଛକୁ ,
ତୁ ହାରିଯାଉ, ଅବାସ୍ତବ ଓ ଆଭାସୀ ରଙ୍ଗରେ ।

ସବୁ ଭୁଲି ଯେବେ ପ୍ରତିସୃତ କରିବାକୁ ଯାଏ
ତୋ ଛଳନା ବୋଳା ରଶ୍ମିକୁ,
ଟି.ଆଇ.ଆର୍ ଭଳି ବାଧା ଦିଏ ମୋ ଆନ୍ତ୍ରିକ ଯନ୍ତ୍ରଣା
କାରଣ,
ଅତିକ୍ରମୀ ଯାଇଥାଏ ତୋ ରଶ୍ମି ସମସ୍ତ କୋଣକୁ,
ପ୍ରତିସରଣ ପରି, ହୃଦୟର ଘନ ମାଧ୍ୟମରେ ।

ଛାତ୍ର, ଅନୁପଲା, ଅନ୍ତେଇ, ଜଗତସିଂହପୁର
ମୋ-୯୮୬୧୬୪୭୦୮୫
ଇମେଲ୍- crbarik01@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମଥାରେ ତୁମର କୁଙ୍କୁମର ବିନ୍ଦୁ



ପ୍ରତିମା ମେହେର

ମଥାରେ ତୁମର କୁଙ୍କୁମ'ର ବିନ୍ଦୁ
ସତେ କି ଉଇଁଛି ଚାନ୍ଦ
ଗଭାରେ ଗଜରା ଆଗୋ ମୋର ଇନ୍ଦୁ
ଜାଣ ତୁମେ କେତେ ଫାନ୍ଦ ।।

ଥିରି ଥିରି ଚାଲି ଚୁପି ଚୁପି କଥା
କଣ୍ଠ ତୁମ ବୀଣା ଜିଣା
ମୃଦୁ ମୃଦୁ ହସ ନଇଁ ଯାଏ ମଥା
ଆଖି ତୁମ ଟଣା ଟଣା ।।

ଲକ୍ଷ୍ମୀ ଠାକୁରାଣୀ ମୋ ଘରର ସତେ
ତୁମ ହାତର ପରଶେ
ହସି ଉଠେ ଘର ଛୁଇଁ ଦେଲେ ତୁମେ
ଦିନ ବିତୁଛି ହରଷେ ।।

ତୁମ ପ୍ରୀତି ସ୍ପର୍ଶ ନିଆରା ଲାଗଇ
ମଉନେ ତୁମକୁ ଚାହେଁ
ଭାବିଦେଲେ ଥରେ କମ୍ପନ ଜାଗଇ
ଲାଜ ତୁମ ମନ ମୋହେ ।।

ଚଉରା ମୂଳରେ ଦେଲେ ସଞ୍ଜବତୀ
ବାସୁଥାଏ ମହ ମହ
ଦେଲେ ହୁଳହୁଳି ଶଙ୍ଖ'ର ଶବଦେ
ମନ ପ୍ରାଣ ଗହ ଗହ ।।

ସଦା ହସୁଥାଉ ଅଗଣା ମୋହର
କଙ୍କଣ'ର ରୁଣୁଝୁଣୁ
ପାଉଁଜି ତୁମର ସଙ୍ଗୀତ'ର ସୁର
ଗାଉ ଥାଉ ଗୁଣୁଗୁଣୁ ।।

ପାଟଣାଗଡ଼, ଜି-ବଲାଙ୍ଗିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃତ୍ୱର ମହିମା



ଗୁପ୍ତେଶ୍ୱର ଚାନ୍ଦ

ଚିର ବନ୍ଦନୀୟା ସ୍ନେହ ମୟୀ ମାଆ
ତୁଳନା କାହିଁ ତୋହର ?
କୋଟି ଜନମ ରେ ଶୁଝି ହେବ ନାହିଁ
ତୋ' ଋଣ ଘେନ ଜୁହାର ॥ ୧

ସନ୍ତାନର ଦୁଃଖ ଦେଖି ନ ପାରଇ
ନୟନୁଁ ଝରାଏ ଲୁହ ।
ଦିନ ରାତି ଖାଲି ଏକ ଚିନ୍ତା ଘାରେ
ତା'ପରି କେ ହେବ କୁହ ? ॥ ୨

କେମିତି ଖାଇବ ଧନ ମଣି ମୋର
ପିନ୍ଧିବ ସୁନ୍ଦର ଜାମା ।
ପାଠ ପଢି ଦିନେ ବଡ଼ ଲୋକ ହେବ
ଏ ଜଗତେ ଖ୍ୟାତ ନାମା ॥ ୩

ଦେଶ ବିଦେଶ ରେ ବ୍ୟାପିବ ତା ଯଶ
ପ୍ରଶଂସିବେ ଶତ ଶତ ।
ପୁଅ ଝିଅ କଥା ଭାବି ଭାବି ରାତି
ଶୋଇ ବି ପାରେନି ସେତ ॥ ୪

ଏ ସଂସାର କେବେ ବୁଝି ପାରେ ନାହିଁ
ଜନନୀ ର ମନ କଥା ।
କଥାରେ କଥାରେ ସୃଷ୍ଟି କରେ କ୍ଷତ
ହୃଦୟେ ଦିଅଇ ବ୍ୟଥା ॥ ୫

ସହିଯାଏ କେତେ ନିନ୍ଦା ଅପବାଦ
ଦୁଃଖ ଯେତେ ମଥା ପାତି ।
ମାତୃ ଗର୍ଭେ ଦଶ ମାସ ଦଶ ଦିନ
ଶିଶୁକୁ ଯତନେ ଅତି ॥ ୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାତୃତ୍ୱ ଅର୍ଜନ  କେତେ ଯେ କଠିନ
ସେଇ କି ସହଜ କଥା  ।
ଗର୍ଭଧାରୀ ବିନା ଆନ କେ ଜାଣିବ
ସନ୍ତାନ ପ୍ରସବ ବ୍ୟଥା . ||| ୭

ପ୍ରଥମ ଗୁରୁ ସେ ଶିଶୁ କୁ ଶିଖାଏ
କଥା  କହିବାର କଳା ।
ତା' ବିହୁନେ ସୃଷ୍ଟି ରକ୍ଷା ଅସମ୍ଭବ
କହିଛନ୍ତି ଯଦୁ ବଳା ॥ ୮

ଯହିଁ ମାତୃତ୍ୱ ର ହୁଏ ଅପମାନ
ଦେବେ କରନ୍ତି ପ୍ରସ୍ଥାନ ।
ମାତୃ ଶକତି ର ଯେଉଁଠି ଆଦର
ହରଷିତ ଦେବ ଗଣ  ॥ ୯

ଆସ ମିଳିମିଶି କରିବା  ସରବେ
ମାତୃତ୍ୱ ର ଜୟ ଗାନ ।
ବିକଶିତ ହେବ ମାତୃତ୍ୱ ମହିମା
ମାଆଙ୍କୁ ଦେବା ସମ୍ମାନ ॥ ୧୦

ସମାସିଂହା,  କୋଲାବିରା, ଝାରସୁଗୁଡା
ମୋ: ୭୭୮୩୮୪୧୦୬୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଗୁରୁ



ସୁଧାଂଶୁ ଶେଖର
ପ୍ରଧାନ

ସମର୍ପିଛି ଜୀବନ ମୋ ଯାହାର ପୟରେ
ପଥ ଅନ୍ୱେଷଣ କରେ ଯାହା ଚିନ୍ତନରେ,
ଶ୍ରେଷ୍ଠ ମୋର ଗୁରୁ ସିଏ ଅଟନ୍ତି ମହାନ
ଲଭନ୍ତିକି ତାଙ୍କ ପଦ ପଙ୍କଜ ଦର୍ଶନ ।

ଆଦର୍ଶନିୟ ବାର୍ତ୍ତା ତାଙ୍କ ଯିଏ ଚଳେ ମାନି
ହୁଏ ଭବିଷ୍ୟତେ ସିଏ ଉଚ୍ଚତର ଜ୍ଞାନୀ,
ତାଙ୍କ ଜ୍ଞାନ ରଶ୍ମି ଯହିଁ ଅଟେ ଅମାପ
ପାଇବାକୁ କୃପା ତାଙ୍କ କର ଘୋର ତପ ।

ମୂର୍ତ୍ତି କାର ଅଟନ୍ତି ସେ ଆମେ ଅଟୁ ମାଟି
ସତ୍ୟ, ଧର୍ମ, କରୁଣାର ଅଟନ୍ତି ସେ ଝାଟି,
ନ୍ୟାୟର ସୁରୁଜ ଯେ ମର୍ତ୍ୟ ମଣ୍ଡଳରେ
ପାନ୍ତର ଅନ୍ତର ନାହିଁ ବିଦ୍ୟାର୍ଥି ମନରେ ।

ବଟ ବୃକ୍ଷ ପରି ଯିଏ ଅଟଳ ନିଶ୍ଚଳ
ମନ ତାଙ୍କ ନଦୀ ପରି ଶୀତଳ ର ନୀର,
ପତ୍ର ପରି ସବୁଜ ସେ ଚନ୍ଦ୍ର ପରି ସ୍ୱଚ୍ଛ
ଗରିମା କି ବୁଝିପାରେ ଏ ମଣିଷ ତୁଚ୍ଛ ।

ଦୀପ ପରି ଔଜଲ୍ୟରେ ଆଲୋକିତକରି
ଅନ୍ଧକାରି ଅଜ୍ଞାନୀକୁ କରନ୍ତି ସେ ପାରି,
ବିଦ୍ୟାର ଭଣ୍ଡାର ସିଏ ବିଦ୍ୟା ଗନ୍ତାଘର
ମାନସରେ ତହିଁ ଭରେ ଜିଜ୍ଞାସା ର ନୀର ।

ଶ୍ରେଷ୍ଠ ରତ୍ନ ଅମୂଲ୍ୟ ତା ମୂଲ୍ୟ କାହିଁପାଇଁ
ସୁନା ରୂପା ତ ଆଗର ମୂଲ୍ୟ କିଛି ନାହିଁ,
ଗୁରୁ ଗୁରୁମାତାଙ୍କ ପଙ୍କଜ ଦୃଷ୍ଟିରୁ
ବେତମାଡ ଖାଇ ଆମ ଦୋଷ ଦୂର କରୁ ।

ଯୁକ୍ତ ଦୁଇ କଳା ଦ୍ୱିତୀୟ ବର୍ଷ
ସୋଲଗାଡିଆ, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାହୁଡ଼ିବି



ଅଲେଖ ମେହେର

ଆଷାଢ଼ ଶ୍ରାବଣର ମୋଟା ପରସ୍ତ
ବାଦଲର ଉହାଡରେ
ଲୁଚି ଗଲେ ମଧ୍ୟ ଶଶାଙ୍କ
ହଜି ଗଲେ ମଧ୍ୟ ଦିନମଣି
ସାୟିତା ନୁହେଁ କି ଜ୍ୟାତି
ଅବନୀର ବକ୍ଷେ ଚିର କାଳ ।
କୁମୁଦିନୀ କମଳର
ପଞ୍ଜରା ହାଡ ଭାଙ୍ଗି ଯାଇପାରେ
ଶ୍ରାବଣ ରୀପୁର ଉତ୍ପାତରେ
ହେଲେ କୁହ ତ
ନିର୍ମଳ ଶରଦ ସୁନ୍ଦରୀର ଆଗମନେ
ଷୋହଳ ବୟସୀର ବିମଳ କାନ୍ତି ଧରି
ପୁଣିଥରେ କ'ଣ ସଜାଇ ହେବନି
କାସାର ସ୍ରୋତସ୍ୱିନୀ ଗର୍ଭରେ
ପ୍ରଣୟର ଦୀପାଳି ଜାଳି
ପ୍ରିୟତମ ପାଇଁ ?

ମୁଁ ବି ଅପେକ୍ଷା କରିଛି ତୁମକୁ
କେବେ ଆସିବ ଯେ ,
ଦେହସାରା ହଳଦୀ ମାଖି
ବର ବେଶରେ ସଜାଇ ହେଇ ଯିବି
ମଶାଣି ଭୂଇଁକୁ ।
ପୟସ୍ୱିନୀର ଅଟନ ଅର୍ଣ୍ଣବ ଯେପରି
ଯୁଗଯୁଗରୁ
ନିଶିମୁଖେ ଯେହ୍ନେ ବିହଗର ପ୍ରତ୍ୟାବର୍ତ୍ତନ
ନୀଡ ଅଭିମୁଖେ
ମୁଁ ବି ବାହୁଡିଯିବି ବୟସର ସାୟାହ୍ନେ ।
ହେଇଟି ଶୁଆଟି ପଞ୍ଜୁରୀ ଭିତରୁଁ
ରାମ ନାମ ଜପିଲାଣି
ଅନନ୍ତ ଆକାଶରେ ଉଡିଯିବାକୁ
ମନ ତାର ବିଭୋର ।

ସୋହେଲା ବରଗଡ
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବସନ୍ତ କୌମୁଦୀ



ମନୋରଞ୍ଜନ
ସୁରୁଜାଳ

କନକ ବରଣା     କୁଟିଳକରଣା
କା'ଘର ଦୁଆର ଦିଶଇ,
କେ'ପାଳ ଛାତରେ     ବାଉଁଶ କାତିରେ
କରମାଳି କର ତେଜଇ ।(୧)

କନ୍ଦର୍ପ କୁ ଜିଣି     ଛଣ ଛଟା ଘେନି
କୋରଟି କି ଶୋଭାବନ,
କମନୀୟ ବେଶ     ସୁଷମା ପ୍ରକାଶ
କଟାକ୍ଷେ ହାଣେ ନୟନ ।(୨)

କନକନ ଆଖି     କୋକିଳ ନିରେଖି
କୁହାଟ ଆତ୍ମ ଗୋପନ,
କୋରକ ଛିଣ୍ଡାଇ     ସରାଗେ ସରସ
କରିଥାଏ ରସପାନ ।(୩)

କୁହୁ କୁହୁ ସ୍ୱରେ     କମ୍ପିତ କାକଳୀ
କଳକଣ୍ଠ ବନସ୍ଥଳ,
କାକପୃଷ୍ଟ ଗୀତ     କର୍ଣ୍ଣ କୁ ପବିତ୍ର
କଳରବେ ସେ ବିହ୍ୱଳ ।(୪)

କାଞ୍ଚନରେ ଧୌତ     ଅରୁଣ ପ୍ଳାବିତ
କାଷାୟ ତନୁ ସମ୍ଭାର,
କାଶ୍ୟପୀ ପ୍ରଭାତ     ହୁଏ ପ୍ରତିଭାତ
କିରଣ ରେଣୁ ବିଭୋର ।(୫)

କୁସୁମ ବିଳାସ     ବନ୍ୟର ପଳାଶ
କୁସୁମିତ କୃଷ୍ଣଚୂଡ଼ା,
କୀଦୃଶ ଶିମୁଳି     ଘୁରେ ଚକ୍ରକେଳି
କୋମଳ ରକ୍ତ ପାଖୁଡ଼ା ।(୬)

କୋଳକରି ମାତ     ବସନ୍ତ ମରତ
କାନ୍ତ ନିରୁପମ ରୂପ,

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କାମିନୀ ରଂଜିତ          ମଳୟ ମରୁତ
କାରୁ ଚାରୁ ଗୋପ୍ୟ ସ୍ତୁପ ।(୭)
କାଳ ବଳେ ବଶ          ସରଇ ଆୟୁଷ
କାଳର ଉଜାଣି ଢେଉ ,
କଅଁଳ ପଲ୍ଲବ          ଅନ୍ତେ ବୃନ୍ତଚ୍ୟୁତ
କେବଳ ବସନ୍ତ ବୋଉ । (୯)

କ୍ରମେ ପଲ୍ଲବିତ          ସବୁଜ ପର୍ବତ
କୋଳେ ଲୋଟି ଯାଏ ଆଭା,
କର୍ତ୍ତବ୍ୟ ପାଳନେ          ଉଠେ ବସୁନ୍ଧରା
କୌମୁଦୀ ଅନନ୍ତ ପ୍ରଭା । (୧୦)

ବି.ଦ୍ର- କୌମୁଦୀ-ଉତ୍ସବ, କନକ/କାଞ୍ଚନ-ସୁନା, କୁଟିଳ- ବକ୍ର
କରମାଳି/ଅରୁଣ-ସୂର୍ଯ୍ୟ,କରୋଟି-ଅଗ୍ରଭାଗ, କଟାକ୍ଷ-ଆଡ ଚାହାଣି,
କନକନ-ଅସ୍ଥିର, କୁହାଟ-ଉଚ୍ଚଡାକ, କୋରକ-କଢି,
କାକପୁଷ୍ଟ  -କୋଇଲି, କାଷାୟ-ରକ୍ତବର୍ଣ୍ଣ ରଞ୍ଜିତ,
କାଶ୍ୟପୀ -ପୃଥିବୀ  କୀଦୃଶ -କିପରି, ଚକ୍ରକେଳି-ଚକାଭଉଁରୀ, କାନ୍ତ/କମନୀୟ-ସୁନ୍ଦର,
କାମିନୀ-ପୁଷ୍ପ ବିଶେଷ,

ଅଇଁଲାପାଲି , ଧମା , ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାହିତ୍ୟ



ଅନାମ ଚରଣ ସାହୁ

ସାହିତ୍ୟ ଜୀବନ ସର୍ବାଙ୍ଗ ସୁନ୍ଦର
ପ୍ରାଣମୟ ଫଳପ୍ରସୂ
ସମାଜ ଦର୍ପଣ ଜୀବନ ତର୍ପଣ
ଜ୍ୟୋତିର୍ମୟ ହେମ ଅଂଶୁ ।
ସାହିତ୍ୟ ସମାଜ ସତ୍ୟର ପ୍ରକାଶ
ରସମୟ ରସ ସାର
ପରାଣ ସ୍ପନ୍ଦନ ଜଗତ ବନ୍ଦନ
ତତ୍ତ୍ୱମୟ ଦିବ୍ୟ ହାର ।
ଅମୂଲ୍ୟ ରତନ ମହାର୍ଘ୍ୟ ଚେତନ
ଭାବମୟ ଭାବକୁଞ୍ଜ
ବିଧିର ବିଧାନ ଜିଜ୍ଞାସୁ ସୁଧନ
ରସସିକ୍ତ ଆମ୍ରକୁଞ୍ଜ ।
ଜୀବନେ ବିମ୍ବିତ ଅନ୍ତର ସଙ୍ଗୀତ
ପଥ ମଧ୍ୟେ ପଥସାର
ଅମର ଶାଶ୍ୱତ ଦେବତା ଇପ୍ସିତ
ମାତା ମୁଖ ବାଣୀସାର ।

ବିଭୁତିପୁର, କାକଟପୁର, ପୁରୀ
ମୋ-୯୯୩୭୨୧୦୨୬୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଲିଯା କରୋନା



ଦେବଦତ୍ତ ପଣ୍ଡା

କରୋନା କରୋନାରେ କ୍ରୁର କରୋନା
ଚାଲିଯା ଏଠୁ ତୁ ନକରି ବାହାନା ।
ତୋ ପାଇଁ ଆଜି ଯେ ଏ ସାରା ସଂସାର
ପାଲଟିଯାଇଛି ଅଶାନ୍ତ ସହର ।
ପୁଅ ଛୁଇଁପାରୁନି ବାପାଙ୍କୁ ନିଜର
ସବୁ ନିଜ ଲୋକ ହୋଇଛନ୍ତି ପର ।
ସ୍କୁଲ୍ କଲେଜରେ ପଡିଅଛି ତାଲା
ବେସରକାରୀଙ୍କ ବୁଡିଲା ଯେ ଭେଳା ।
ଘରେବସି ପିଲାସବୁ ହେଲେ ମୁର୍ଖ
କିଏଯେ ବୁଝିବ ପିତାମାତା ଦୁଃଖ ।
ମାସ ମାସ ଧରି ମିଳୁନି ଦରମା
କିପରି ଚଳିବ ସଂସାର ମଣିମା ।
ଚାଲିଯା ଚାଲିଯା ରେ ତୁହି କରୋନା
ଦେ ନାହିଁ ଆଉ ଦୁଃଖ କି ଯନ୍ତ୍ରଣା ।
ଏତିକି ଗୁହାରି କରୁଛି ମଣିମା
ଦୂରେଇ ନିଅ ଏ ସଂସାରୁ କରୋନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନଦୀ



ସୌମେନ୍ଦ୍ର ମହାନ୍ତି

ପାହାଡ ବକ୍ଷରୁ ହୋଇ ବାହାର
କୁଳୁକୁଳୁ ନାଦ କି ମନୋହର ।।

ତା ସୁନ୍ଦର ଶୋଭା ଅବର୍ଣ୍ଣନୀୟ
ପ୍ରକୃତି କୋଳରେ ସେ ରମଣୀୟ ।।

ତା ହୃଦ ଭିତରେ ଦିଏ ଆସରା
କେତେ ଜୀବଜନ୍ତୁ ବଂଚନ୍ତି ପରା ।।

ମନେ ଜମା ନାହିଁ ଗର୍ବ ତାହାର
ସମସ୍ତଙ୍କ ପାଇଁ ଦିଏ ଆହାର ।।

ତାହା ବିନା ଧରା ଅମୃତଶୂନ୍ୟ
ଜୀବନ ବାଂଟୁଛି କରୁଛି ପୁଣ୍ୟ ।।

ନୀର ଯେ ତାହାର ଅତି ମଧୁର
କାହା ପାଇଁ ନୁହେଁ ସେ ଅନାଦର ।।

କେତେ ଜନହିତ ସାଧୁଛି ସିଏ
ତା ବିନା ଜୀବନ ମୃତ୍ୟୁ ତ ପ୍ରାୟେ ।।

ବାଂଟୁଅଛି ସିଏ ପ୍ରୀତିର ଭାଷା
କେବେ ରଖେ ନାହିଁ କାହାଠୁ ଆଶା ।।

ବହି ଚାଲୁଥାଏ ନୁଆଇଁ ମଥା
କର୍ମ କରିବାକୁ ଦିଅଇ ବାର୍ତ୍ତା ।।

ଅବିରତ ଭାବେ ବହୁଛି ନିତି
ସଦା ଗାଉଅଛି ମୈତ୍ରୀ ର ଗୀତି ।।

ସମ୍ପର୍କର ମୂଲ୍ୟ ଦେଇ ଜଗତେ
ସେନେହ ପୁଟୁଳା ବାଂଟୁଛି ମର୍ତ୍ତ୍ୟେ ।।

ସହିଛି ସହୁଛି ଅଝଟ ଆମ
କେହି ହେବେ ନାହିଁ ତାହାରି ସମ ।।

ଏହିପରି ତାର କରୁଣା ଥାଉ
ଜୀବଜଗତର ଉଦ୍ଧାର ହେଉ ।।

ରାଣୀଓଳା, କସର୍ଦା, କଟକ
ମୋ - ୯୪୮୩୨୦୪୮୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁପୁତ୍ର



ଅମୂଲ୍ୟ କୁମାର ପଣ୍ଡା

ପିତାଙ୍କର ଆଜ୍ଞା ସତ୍ୟ ଧର୍ମ ବ୍ରତ
ପାଳି ନ ପାରିବା ଯେବେ
ପୁତ୍ର ଜନ୍ମ ଧିକ ହୋଇବ ସଂସାରେ
କୁପୁତ୍ର ବୋଲିବେ ତେବେ ।

ପିତାର ସମ୍ମାନ ଗୌରବ ମର୍ଯ୍ୟାଦା
ଉଚ୍ଚେ ରଖେ ଯେଉଁ ପୁତ୍ର
ସୁପୁତ୍ର ଭାବରେ ଗଣା ଯାଏ ପୁଣି
ଜାଣେ ସିଏ ସବୁ ସୂତ୍ର ।

ଆଜ୍ଞାବହ ପୁତ୍ର ନ ହୋଇବ ଯେବେ
ଜନ୍ମ ଯେ ଅସାର ହେବ
କୁପୁତ୍ର ବଞ୍ଚିବା ମରିବା ସମାନ
କୁଳାଙ୍ଗାର ଆଖ୍ୟା ନେବ ।

ଜନ୍ମି ଯେଉଁ ପୁତ୍ର ଗୁଣରେ ନୋହିଲା
ନୀଚରେ ହୁଅଇ ବୁଝା
କୁଆର ବିଷ୍ଠାରୁ ଜନ୍ମି ବଟ ବୃକ୍ଷ
ଗୁଣ ପାଇଁ ପାଏ ପୂଜା ।

ସତ୍ୟ ଧର୍ମ ସେବା ପୁତ୍ର ବୁଝିଗଲେ
କୁଳକୁ ଉଜ୍ଜ୍ୱଳ କରେ
ଯିଏ ନ ବୁଝିଲା ଧିକ ତା ଜୀବନ
ବଞ୍ଚି ଥାଉ ଥାଉ ମରେ ।

ଅରଙ୍ଗାବାଦ୍, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୭୦୭୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବର୍ତ୍ତମାନର ନାରୀ



ରଞ୍ଜୀତ ଅରେବେଡ଼ିଆ

ବର୍ତ୍ତମାନର ନାରୀ ଏତେ ଦୁର୍ବଳ ପରି
ମନେ ହେଉଛି କାହିଁକି ?
ସେ କଣ ଭୁଲି ଗଲାଣି ?
ତାର ଅତୀତର ଇତିହାସକୁ !
ସେ କଣ ହରାଇ ଦେଲାଣି ?
ତାର ଅତୀତର ଅସ୍ତିତ୍ୱକୁ !

ତା'ର କଣ ମନେନାହିଁ
ରାଣୀ ଲକ୍ଷ୍ମୀବାଇର ବୀରଗାଥା
ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ
ସେ କଣ ଏହା ଜାଣି ପାରୁନି !

ଆଉ କେତେ ଆଉ କେତେ
ଏମିତି ନିର୍ଭୟା ପରି ଘଟଣା ଘଟି ଚାଲିବ
ଆଉ କେତେ କୁନ୍ଦୁଲି,ପିପିଲି ପରି
ଘଟଣା ଏ ମାଟିରେ ଘଟିବ.. !
ସେ କଣ ସାଧାରଣ ନାରୀ

ସେ ପରା ଦୁର୍ଗା
ସେ ପରା ଲକ୍ଷ୍ମୀ
ସେ ପରା ସୀତା
ସେ କଣ ଜାଣିନି ଏମାନଙ୍କ ବୀରଗାଥା

ଏହି ନାରୀ ଶକ୍ତି ସମ୍ମୁଖରେ
କେତେ କେତେ ବଡ ଶକ୍ତି
ନତମସ୍ତକ କରିଛି
ସେ ହେଉଛି ସର୍ବଶକ୍ତିମାନ
ସେ କଣ ଏହା ଜାଣି ପାରୁନି
ତେବେ ବର୍ତ୍ତମାନର ନାରୀ ଏତେ
ଦୁର୍ବଳ ପରି ମନେ ହେଉଛି କାହିଁକି ?

ଗ୍ରାମ- ମିର୍ଜାପୁର, କଳାହାଣ୍ଡି
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା ( କୋରାପୁଟ )
ସ୍ନାତକୋତ୍ତର ଓଡ଼ିଆ ପ୍ରଥମ ବର୍ଷର ଛାତ୍ର...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିହ୍ନ



ପୁଷ୍ପଲତା ସାହୁ

ଭଲ ପାଉଥିଲି ତୁମକୁ ପ୍ରିୟା ଗୋ
ହେଉଥିଲି ଭାରି ଖୁସି
ସପନରେ ନିତି ଆସୁଥିଲ ତୁମେ
ମୋ ପାଖକୁ ହସି ହସି !!
ମନ ଦିଆ ନିଆ ହେଲା ସପନରେ
ଜହ୍ନ ଥିଲା ଆମ ସାକ୍ଷୀ
ସବୁ ଜନମରେ ରହିବ ସାଥିରେ
କଥା ଦେଲ ହାତ ରଖି !!
ମଥାରେ ଓଢଣୀ ନାଲି ପାଟ ପିନ୍ଧି
କୁଳ ବଧୂ ମୋ ସାଜିବ
ତୁଳସୀ ଚଉରା ମୂଳେ ସଞ୍ଜ ବତୀ
ମୋ ପାଇଁ ତୁମେ ଜାଳିବ !!
ଏତେ ସପନକୁ ରାତି ମୋ ନିଅଣ୍ଟ
ଭାବି ଭାବି ରାତି ସରେ
ତୁମ ସେ ଲାଜୁଆ ମୁହଁକୁ ଦେଖିଲେ
ସରମରେ ମୁଁ ଯେ ମରେ !!

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜହ୍ନ



ଦଣ୍ଡାସୀ ପ୍ରଧାନ

ଜହ୍ନ ତୁମେ ପୂର୍ଣ୍ଣତାର ପ୍ରତୀକ ହୋଇ ବି
ପ୍ରତି ମୁହୂର୍ତ୍ତରେ ମୋତେ ଶିଖାଇ ଚାଲିଛ
ଆବଦ୍ଧ ବୃଦ୍ଧି ବୃତ୍ତରେ
କ୍ଷୟ ଓ ଅକ୍ଷୟର
ସ୍ଥିତପ୍ରାଜ୍ଞିକ ପରିଭାଷା ।

ପୂର୍ଣ୍ଣତା ତୁମର ଆଭୂଷଣ ପ୍ରକାଶ ହୁଏ ତ
ତମିସ୍ରାର ଅମା
ଆଶା ଓ ବିଶ୍ୱାସରେ ସୁନିଶ୍ଚିତ ସମ୍ଭାବନା ।
ଅହର୍ନିଶି ଆହରଣରେ ଯେମିତି ଆନନ୍ଦର ଫୁର୍ତ୍ତି
ପ୍ରତ୍ୟାର୍ପଣର ସାମଗ୍ରିକ ସମର୍ପଣ ମନସ୍କରେ
ସେମିତି ସ୍ୱତଃସ୍ଫୁର୍ତ୍ତ ଆଦର ବିଭୋଳତା
ସମୂହ ସେବାରେ ।

ଜହ୍ନ ତୁମେ କେଉଁ ଅନନ୍ତ ଅଜ୍ଞାତ ମୁହୂର୍ତ୍ତରୁ
ସମାନତାର ସିଦ୍ଧାନ୍ତକୁ ନିଜର କରି ଆଦରି ଚାଲିଛ ସାନ୍ଧ୍ୟରୁ ପ୍ରତ୍ୟୁଷ ।
ବିବିଧତାର ସୁଲଭ ସ୍ୱଭାବରେ ।
ତୁମ ପାଇଁ ପର କିଏ ଆପଣାର କିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଆଗରେ ଏକ ରହସ୍ୟମୟ ଶୂନ୍ୟତାର ପ୍ରଶ୍ନ ଚିହ୍ନ
ଜନ୍ମ ଜାତକରୁ ବର୍ତ୍ତମାନ ଯାଏ ।
ତୁମେ ତ ଶିଶିର ସ୍ନାତ ଜୋତ୍ସ୍ନା ତରଙ୍ଗାୟିତ ମୁକୁଳା ଆଲିଙ୍ଗନ
ଶୁଭ୍ରତାରେ ବୁଣିଦେଇ ସ୍ୱଚ୍ଛତାର ସୁଖ ।

ସେହିପରି ଜ୍ୟୋତିର୍ମୟ ପୁଞ୍ଜ ସୀମାହୀନ ଚାନ୍ଦୁଆ ଛାୟିତ
ଜ୍ୟୋତିଷ୍କ ସିମନ୍ତିନୀ କୃଷ୍ଣା
ନିଘଞ୍ଚ ରଜନୀ ରୂପରେ ।
ନିଶି ଶେଷ ପ୍ରହରର ଆପେକ୍ଷିକ ଆବେଗଭରା
ଉନ୍ନୀତ ତନ୍ମୟତା ସୁହାଗ ସାଙ୍କେତିକ ପ୍ରକାଶ
ଆବର୍ତ୍ତନବାଦ ଆକାଶରେ ।

ସାଥେ ଭାବ ପ୍ରବଣତାର ଉତ୍ସଟିଏ
କାବ୍ୟ ଅବା କବିତାର ରସସ୍ନାତ ବିଶୁଦ୍ଧ ବିଭୂତି
ନାୟକ ନାୟିକାଙ୍କୁ ଅଳଙ୍କୃତ କରି କାଳେ କାଳେ ।
ପୁଣି ଉପକ୍ରମରୁ ଉପସଂହାରକୁ ହେତୁ ଆଉ କାରଣ ପରିଣାମ
ସମୟାନ୍ତରରେ ମିଳନ ଓ ବିଚ୍ଛେଦ
ଯୁଗେଯୁଗେ ଆଭୂବନଲୋକରେ, ସିଦ୍ଧି ଆଉ ଶୁଦ୍ଧର ।

ବେଙ୍ଗାଲୁର, ମୋ : ୮୭୬୦୧୯୪୯୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ବିଳାପ



ଅଚ୍ୟୁତାନନ୍ଦ ଭୁଏ

ଅନ୍ତର କାନ୍ଦଣା ହୃଦୟ ବେଦନା
ମିଳି ଥାଏ ଯାହା ନରକୁ,
ଦେଖି ହୁଏନି କି ଦେଖାଇ ହୁଏନି
କହିଲେ ମିଳଇ ତୋଷକୁ ।

ଶ୍ରୀ ମଧୁସୂଦନ ମଥୁରା ଗମନ
ବାଧିଲା ଯଶୋଦା ମନ କୁ,
କୌଶଲ୍ୟା ନନ୍ଦନ ବନକୁ ଗମନ
ଦଶରଥ ନିନ୍ଦେ ଭାଗ୍ୟକୁ ।

ମାୟାଜାଳେ ପଡି ଭ୍ରମୁଅଛୁ ତୁହି
ପିଇ ବିଷୟା ରସକୁ,
ପ୍ରାଣ ପକ୍ଷୀ ତୋର ଉଡି ଚାଲି ଯିବ
ଗୋଟିଏ ଘଟରୁ ଘଟକୁ ।

କାଳ ଛଞ୍ଚାଣଟି ଚାଳେ ବସିଯିବ
ଯେବେ ମାଡି ଯିବ ତନୁ କୁ,
ଶମଶାନ ପାଇଁ ଛଅଖଣ୍ଡ କାଠ
ଭାବନା କରୁଛୁ ତୁଚ୍ଛା କୁ ।

ଗୋଲାମାଲ ,ରେଂଗାଲି, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଲୋଡ଼ା ପଥର



କୁମୁଦ ବନ୍ଧୁ ନାଏକ


ହଁ,
ମୁଁ  ରାସ୍ତା କଡ଼ରେ ଗଡୁଥିବା
ଖଣ୍ଡେ ଅଲୋଡା ପଥର ଆଜି,
କାଲି କିନ୍ତୁ ଆଧାର ଥିଲି ମୁଁ
ଗୋଟେ ଚିକ୍କଣ ରାସ୍ତାର ।
ଆଉ ଚିକ୍କଣ ହୋଇଥିଲି ମୁଁ
ତପ୍ତ ତରଳରେ ଭିଜି
ବିଶାଳ ଲୌହ ।
ହ ମୁଷଳ ତଳେ
ଖୁସି ଖୁସି ସମର୍ପି ଦେଇ ନିଜକୁ ।
ନିର୍ବୀଘ୍ନ ରେ ମୋ ଉପରେ
ଚାଲିବେ ପଥଚାରୀ ବୋଲି,
ହେଲେ ଆଜି ସ୍ଥାନ ଚ୍ୟୁତ ମୁହିଁ,
ପାଇ ତାଙ୍କ ପଦା ଘାତ ।
ଛିଟିକି ପଡ଼ିଛି ରାସ୍ତାର କଡ଼କୁ,
ପଡ଼ିରହିଛି ମୁଁ ଅଲୋଡା ଟେ ହୋଇ ।
ତଥାପି ମୁଁ ଖୁସି,
ପଡ଼ିଛିତ ରାସ୍ତାର କଡ଼ରେ,
ଦେଖିତପାରୁଛି ସେ ସବୁ ପାଦକୁ,
ଯେଉଁ ପାଦ ଦିନେ ମୋ ଉପରେ ପଡ଼ି
ବଢୁଥିଲା ଗନ୍ତବ୍ୟ ସ୍ଥଳକୁ,
ହେଲେ ଦୁଃଖ ଲାଗେ,
କେହି ସାହସ କରିଥାନ୍ତେ,
ମତେ ରଖିଥାନ୍ତେ ପୁଣି ମୋର
ରିକ୍ତ ସ୍ଥାନରେ,
ଆଜି ଖାଲି ଭୟ ମୋର
ଏତିକି ମନରେ,
ଭାଙ୍ଗି ପଡିବି ମୁଁ ନିଶ୍ଚେ  ସେହି ଦିନ
ଅଲୋଡା ଭାବିକି ଯେବେ
ଠେଲିଦେବ କେହି ମତେ
ରାସ୍ତା ର କଡ଼ରୁ ପୁଣି
ରାସ୍ତାର ତଳକୁ ।

ଗ୍ରାମ/ପୋଷ୍ଟ-କୁଲୁଟା, ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିବି ଏତିକି



ଶୁଭ୍ରାସିନୀ ପଲେଇ

କହିବି ଏତିକି ତତେ ଭଲ ପାଏ

ଜୀବନ ଠାରୁ ଅଧିକ

ଚାଲିଯିବୁ ନାହିଁ ହାତ ମୋର ଛାଡ଼ି

ଆସିଲେ ବି ଯେତେ ଦୁଃଖ ....

ତୁ ଏକା ମୋର ଦୁଃଖର ସାଥି ଟେ

ସଭିଏଁ ସାଥି ସୁଖର

ତୋ ସାଥିରେ ରହି ବିତୁ ଏ ଜୀବନ

ଏତିକି ମୁଁ ଅଳିକରେ...

ଭଲ ପାଇବାର ରାଗ ଅଭିମାନ

ତୋହରି ପାଖରେ ଶେଷ

ଅଭିମାନେ ମତେ କରିବୁନି ପର

ଥିବା ଯାଏ ଏ ନିଃଶ୍ୱାସ......

କଙ୍କରଦିଆ, ବାଲିତୁଠ, ଜଗତସିଂହପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଦୃଶ୍ୟ ରାକ୍ଷସ ରୋଷ



କୃଷ୍ଣଚନ୍ଦ୍ର ବାରିକ

ଆକ୍ରାନ୍ତ ବିବଶ    ନିରୁତ୍ତା ନିଃଶ୍ୱାସ
କିମ୍ପା ପାଉ ଏତେ କ୍ଳେଶ
ସାମ୍ପ୍ରତିକ ଦୃଶ୍ୟ    ବିଘଟନ ବିଷ
ପ୍ରାଣ କହେ ଅବଶୋଷ    ।୧।

ଧର୍ମ ଧର୍ମଘଟ    ପଦବୀ ଆସନ
ତୁଛ ପ୍ରାୟେ ପ୍ରହସନ
ଦୈବ ଭବ୍ୟତା    ସମ୍ମୁଖେ ସଭିଏଁ
କାର୍ପଣ୍ୟ କାତର ଜନ    ।୨।

ଜାତି ଏ " ମାନବ"    ନୁହଁଇ ବୈଷ୍ଣବ
ଶୁଦ୍ର, କ୍ଷତ୍ରିୟ ଗଣ
କର୍ମ ଘେନି ଫଳ    ପ୍ରାପତ ଜଗତ
ନିର୍ବୋଧ ଚିତ୍ତେ ଖ୍ୟାପନ    ।୩।

ସମୟ ର ମୁଖ    ସତ୍ୟତାର ରୁକ୍ଷ
ବ୍ରହ୍ମାଣ୍ଡ ବିଚିତ୍ର ଜାଣ
ମସ୍ତକେ ଚୈତନ୍ୟ    ଗରଭେ ଗୋବର
କଳସ ମାଟି ସମାନ    ।୪।

ତରଣୀ ପ୍ଲାବିତ    ତଟିନୀ ସ୍ରୋତରେ
ତ୍ରାହି ତ୍ରାହି ର ଗର୍ଜନ
ଅଜ୍ଞାତ ଈଶ୍ୱର    କରେ ବିସର୍ଜନ
ଦେଇ ମନ ଅନୁଧ୍ୟାନ    ।୫।

ନକରି ବିତର୍କ    ହୁଅରେ ସତର୍କ
ହେବ ନବ ସୂର୍ଯ୍ୟୋଦୟ
ହସିବ ଧରଣୀ    ଶାନ୍ତି ପ୍ରୀତି ବୁଣି
ତୁଟିବ ମନର ଭୟ    ।୬।

ରଜିବ, ବାଙ୍କୀ, କଟକ
ଯୋଗାଯୋଗ:- ୬୩୭୦୧୧୦୦୬୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୋ ବାଡ଼ିବଗିଚା ମଲ୍ଲୀ ଗୋ



ପ୍ରଦୀପ କୁମାର
ଜିଲିକାରା

ମୋ ବାଡ଼ି ବଗିଚା ମଲ୍ଲୀ ଗୋ
ବାସ ବିତରୁଛୁ ଖୋଲି ଗୋ
ତୋ ଦେହ ପବନ ମୋତେ ଛୁଇଁ ଯାଏ
ନୟନେ ଦିଶୁଛୁ ଝଳି ଗୋ

ରୂପ ରଙ୍ଗ ସିତ ବର୍ଣ୍ଣ ଗୋ
ଟାଣି ନିଏ ମୋର ମନ ଗୋ
ଭ୍ରମର ରସିକ ନାଗର ରାଜର
ବାନ୍ଧି କି ରଖିଛୁ ମନ ଗୋ

ଦଳ ଦଳେ ତୁହି ରାଣୀ ଗୋ
ମାର କୋଦଣ୍ଡ ଚାହାଣୀ ଗୋ
ହୃଦେ ବିନ୍ଧେ ଶର ହେଲି ମୁଁ ଆତୁର
କର୍ଣ୍ଣ ମୂଳେ ସୂତ୍ର ଟାଣି ଗୋ

ରମଣୀ ଗଭାରେ ଶୋଭା ଗୋ
କୋଟି ସିମନ୍ତିନୀ ବିଭା ଗୋ
କଳା କାଦମ୍ବିନୀ କୁନ୍ତଳ ମାଳାରେ
ସୌଦାମିନୀ କାନ୍ତି ଆଭା ଗୋ

ବିଦଗ୍ଧ ପ୍ରାଣର ବନ ଗୋ
ପ୍ରେମରସ ପ୍ରାସାଧାନ ଗୋ
ପ୍ରୀତି ଯନ୍ତ୍ରଣାର ତୁହି ଉପଚାର
ପ୍ରୀତି ନିବେଦନ ଘେନ ଗୋ ।

ଗ୍ରାମ- ହାଡ଼ଶିଙ୍ଗୁଲା ଡାକ-ଚାଟିକୋଣା,
ଗୋଷ୍ଠୀ - ବିଷମକଟକ, ଜିଲ୍ଲା- ରାୟଗଡ଼ା
ଦୂରଭାଷ- ୮୨୪୯୪୩୯୯୩୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ଆଖି



ସରୋଜ କୁମାର ସାହୁ

ଏଇ ଆଖିର ଦୁଇଟୋପା ଲୁହ
ଭିଜାଏ ଦେହ ସାରା ସରସର କରି
ହୃଦୟର କବର ତଳେ ଲୁଚିଥିବା
ନରମଅଂଶକୁ ଭେଦକରି ଲମ୍ବିଯାଏ
ଯୋଜନ ପରେ ଯୋଜନ
ଡେଇଁଯାଏ ଲକ୍ଷେ ଯୋଜନର ସୀମା ।
ନ କହିବି ଲେଖି ହୁଏ
ଅତୀତର ଅକୁହା କଥା ସବୁ
ଛାତିର ସାଧା କାଗଜରେ
ଚେଇଁରହି ଅନ୍ଧାର ରାତିରେ ବି ପଢ଼ିହୁଏ
ପ୍ରେମର ଆଳାପ ବିଚ୍ଛେଦ ମିଳନର
ଅନ୍ତିମ ଲହୁଲୁହର ଫର୍ଦ୍ଦ ।
ବେଳେ ବେଳେ ରଙ୍ଗହୀନ ଲୁହ ସବୁ
ଜମାଟ ବାନ୍ଧି ଯାଆନ୍ତି ଯନ୍ତ୍ରଣା ହୋଇ
ଫେରେଇ ନିଅନ୍ତି ସୁଖର ପାହୁଡ଼ାତକ
ନିରବତାର ଅଫେରା ବାଟୋଇ ସାଜି
ଖୋଜିବାକୁ ପଡ଼େ ଲଣ୍ଡା ପାହାଡ଼ରେ
ତରୁଲତାର ଶାନ୍ତ ଅମ୍ଳଜାନ ।

ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିସ୍ତାରିତ କାୟା



ପୁଷ୍ପାଞ୍ଜଳୀ ପଣ୍ଡା

ହରିନାମ ସତ୍ୟ
ଆଉ ରାମନାମ ସତ୍ୟ
କିଏ କାହିଁ ଡାକିବ !କେମିତି !
ଚାରିକାନ୍ଧ ମିଳୁନାହିଁ
କେହି ତାକୁ ଛୁଉଁନାହିଁ
ଶବଯାତ୍ରା ସେଇଠୁ ସେମିତି । ।
କୋକେଇ ଏଠି ଅଲୋଡା
କେହି ଛୁଏଁ ନାହିଁ ମଡା
ବଦଳିଛି ତା ଶେଷ ଠିକଣା,
ଅଦୃଶ୍ୟ ଶତୃ ସେ ଭାରି
ତାରୁଣ୍ୟ କାରୁଣ୍ୟ କରି
ନେଇଯାଏ ଜୀବନ ପାଉଣା । ।
ତାଣ୍ଡବ ନୃତ୍ୟ ରଚୁଛି
ଶବ ସହ ସେ ଖେଳୁଛି
ତୃତୀୟ ଶକ୍ତି ଉପରେ
ବିଶ୍ୱାସ ହାରୁଛି,
ପୁତ୍ର ଦିଏନାହିଁ ନିଆଁ
ବନ୍ଧୁ ପରିଜନ କିଆଁ !
ଏକାନ୍ତ ବାସ ରେ ଏଠି ଜୀବନ ବିତୁଛି । ।
ଅଛୁଆଁ ସେ ଦୁନିଆ ବାରଣ
ଆଖିଲୁହ ସତେକି ଶ୍ରାବଣ
ତାର ମୃତ୍ୟୁ ସହଯାତ୍ରୀ ,
ବିସ୍ତାରିତ କାୟା ଜାଣ
ମଶାଣୀରେ ନିଦାରୁଣ
ଅସରା ହେଉଛି ଅମାରାତ୍ରି । ।
ମଣିଷ ମନରେ ଆଶା
ତଥାପି ବାନ୍ଧୁଛି ବସା
ସମୟ ସାଜିଛି ଅସମୟ,
ଧିରେଧିରେ ଏକାନ୍ତରେ
ହୃଦୟ ବିଭୁ ପୟରେ
ସମର୍ପଣ କରି ହେବ ଥୟ । ।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବି କବିତା



ବେଣୁଧର ସୂତାର

ମଧୁଝରା ଯାର ନରମ ଓଠରେ
ଝରେ ସୌରଭର ସୁରା
ଚାରୁ ଛନ୍ଦିତ ଭାଷାରେ ଯାହାର
ଭାବ ତନ୍ମୟତା ଭରା ।।
ସାହିତ୍ୟକେଦାର ଶ୍ୟାମଳମଞ୍ଜୁଳ
ଚିତ୍ରମୟୀ ଚାରୁ ଲତା
ପ୍ରୀତି ପ୍ରମୋଦିତ ଜୀବନର ଛନ୍ଦ
ପରିବ୍ୟାପ୍ତ ନିବିଡତା ।।
ତନ୍ଦ୍ରିଳ ନୟନ କରେ ଉନ୍ମିଳନ
ଲାବଣ୍ୟବତୀ ର କାୟା
ଚିର ତାରୁଣ୍ୟ ତା ଯୌବନ ମାଦକ
କାଉଁରୀ କାମାକ୍ଷି ମାୟା
କବି ହୃଦୟର କଳ୍ପନା ନିର୍ଝର
ସୁନ୍ଦର ଉପମା ଧାରେ
ଯା ଦେହ ଦେଉଳ ମୁଗ୍ଧ ଚାରୁକଳା
ତନ୍ମୟୀ ସପନ ତୀରେ ।।

ଅଙ୍ଗେ ଯାରଭରା ପୀୟୂଷ ପସରା
ମଳୟର ମଧୁଗନ୍ଧ
ଚାରୁ ଚମତ୍କାର ଭାଷା ବିନ୍ୟାସର
ମଧୁ କବିତା ର ଛନ୍ଦ ।।
ମୃଦୁମନ୍ଦହାସୀ ଲାସ୍ୟ ମଦାଳସୀ
ଲଲାମ ଲାବଣ୍ୟମୟୀ
ରୁଚିର ବିଭୋର ପ୍ରଜ୍ଞା ମହକର
ଅମୃତ ଆହ୍ଲାଦ ଦାୟୀ ।।
ତା ଭାବ ମଧୁର ମଦିରା ମାଦକେ
ବିଭୋର ବିଜ୍ଞ ଜନେ
ଉପଭୋଗ୍ୟା ସେତ ରସିକ ଜନର
ପୁଣ୍ୟ ମୟ ପ୍ରୀତି ଦାନେ ।।
କଳ୍ପନା ଯାହାର ଅପୂର୍ବ ସମ୍ଭାର
ରସସିକ୍ତ ଭାବନାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଖୁଣ ସୃଷ୍ଟିର ସୁନ୍ଦର ସ୍ରଷ୍ଟା ସେ

ଷଡରସ ଐଶ୍ୱର୍ଯ୍ୟର । ।

ଚିର ବନ୍ଦିତ ଲେଖନୀ ତୁମର

ଭାସ୍ୱର ଅନୁପମ

ଅନ୍ତରେ ତବ ବିଶ୍ୱ କଲ୍ୟାଣ

ପବିତ୍ର ବିଶ୍ୱ ପ୍ରେମ । ।

ସୃଷ୍ଟି କରିଯାଅ ଭାବର ଗୁମ୍ଫନେ

ସମ୍ପର୍କର ସୁନାକ୍ଷେତ

ଯା ଲେଖନୀ ମୁନ ଅଟେ ଚିରନ୍ତନ

ବିଶ୍ୱହିତେ ଅଭିପ୍ରେତ । ।

ଭବ୍ୟ ଉପହାରେ ସୃଷ୍ଟିର ସମ୍ଭାରେ

ପୁଲକିତ ବିଶ୍ୱପ୍ରାଣ

ପ୍ରଜ୍ଞାମୟ ଦ୍ୟୁତି ଅମିୟ ସଂପ୍ରୀତି

କବିତାର ଉତ୍ତରଣ । ।

କେଶଦୁରାପାଳ, କେନ୍ଦୁଝର

ଦୂରଭାଷ -୯୧୭୮୫୬୮୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତଥାସ୍ତୁ ଈଶ୍ୱର ଓ ସବୁଜିମା : ପିତା



ଲୋପାମୁଦ୍ରା ପରିଡ଼ା

ମୋ ସହ ଯେବେ ଦେଖାହେଲା ତାର

ଫଳରେ ଲଦି ହେଇ ଆଶିଷ ପରି ଠିଆ ହୋଇଥିଲା ସେ,

ଫୁଲ ସବୁରିରେ ସଶ ଭରି ପୂର୍ଣ୍ଣତା ପାଇଥିଲେ ଶାଖା ପ୍ରଶାଖା

ନଥିଲା ଯଦି କେବଳ ପତ୍ର ।

ରନ୍ଧାଶାଳ ତାର ରାନ୍ଧି ପରଶି ସାରିଥିଲେ

ଅକ୍ଷୟ ପାତ୍ରରୁ ଶେଷ ଗୋଟି ଅନ୍ନ ।

ଦିଶୁଥିଲା ପରିପୂର୍ଣ୍ଣା ,

କିନ୍ତୁ ପର୍ଣ୍ଣ ଶୂନ୍ୟ ।

ମନ ମୋର ବୁଝିଲାନି

ପତ୍ରଶୂନ୍ୟତାକୁ ଛୁଇଁ ମୁଁ ବି ଶୂନ୍ୟ ହେଲି

ମୁହଁ ଶୁଖେଇ, ଆଖି ଭରିଲି

ସେ ଦିଶିଲା "ମାଆ"ଟେ ପରି

କଥୋପକଥନରେ ସେ କହିଲା,

"ଯା ,ସକାଳେ ଦେଖିବୁ ,

ଏଇ ତ ମୋର ଖୁସି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖୁନ୍ଦି ହେଇ ଭରିଛି ତ ସବୁଠି

ଭାଗ ଭାଗ ହୋଇ

ତୁ ମୁହଁ ଶୁଖେଇଲୁ କାଇଁ ?

ଯା, ସକାଳେ ଆସିବୁ ।"

ନୀରବେ ଓହ୍ଲାଇ ଆସିଲି

ତା' କଥା ମାନି

ବିଶ୍ୱାସର ପୁଞ୍ଜି ଘେନି ।

ଗାଢ ନୀଳିମା ଭେଦି

ସତକୁ ସତ

ରାତି ପାହିନଥାଏ

ସିନ୍ଦୁରା ଫିଟି ବୁଣି ବିଛାଡି ପଡୁଥାଏ

ଭୂ ରୁ ଭୂମା ।

ଆଜି ରାତିର ପରୀ ମାନେ

ଫେରୁଥାନ୍ତି ତାକୁ ସଜେଇଦେଇ

ଖଦ୍ୟୋତ ପିଠିର ଆଲୁଅରେ

ବର୍ଣ୍ଣାଳୀ ଝୁଡି ଧରି ।

ଇସ୍, 'ଚମତ୍କାର' ସତରେ ହୁଏ ତେବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାତାରାତି ଥୁଣ୍ଟା ଶାଖା ଶିଖରେ ଶିଖରେ

ଭରିପାରେ ଏତେ କୋମଳତା

ଏତେ ଚଞ୍ଚଳତା

କେବଳ ତାଙ୍କରି ଆଶିଷର ଇଶାରା

ସ୍ପର୍ଶରେ

ଯେ କହିପାରନ୍ତି ' ତଥାସ୍ତୁ '

ଅତୀବ ସ୍ନେହରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦିଗହରା



ମୀନାକ୍ଷୀ ଦାଶ

ଦେଖୁ ନାହିଁ ମୁଁ କୌଣସି ସମାଚାର ,
ନା ପଢୁଛି କୌଣସି  ଖବର ,
ସବୁଆଡେ ଦୁଃଖ ଆଉ ଜନତା ର
ଆରତ ଚିତ୍କାର, ଭାବି ପାରୁନାହିଁ ଅନ୍ତ ଅଛି ଏହାର
ନା ଇଏ ଅସୀମ ଅନ୍ଧକାର ଯାହା
ଭିତରକୁ ଭିତରକୁ ଟାଣି ନଉଛି ମଣିଷକୁ
ଦେଖେଇବାକୁ ତାର ପ୍ରକୃତ ଧ୍ୱଂସର କାରଣ
କେବଳ ସେ ହିଁ ମାତ୍ର ।

ଘରବାହୁଡ଼ା ଆଜି ପୁତ୍ର ମୋର
ଲାଗୁ ଅଛିମତେ ମୃତ୍ୟୁର ଆବାହକ
ସ୍ରୋତ, ମା ଆଜି ଫେରାଇ ଦିଏ ସନ୍ତାନକୁ ତାର
ଯେ ଲଙ୍ଘି ଆସିଛି ସାତ ସମୁଦ୍ର
ବଂଚିବା ଆଶା ନେଇ ମନରେ ତାର,
ହେଲେ ମୃତ୍ୟୁର ଡର ଦୁରେଇ  ଦେଇଛି
ମା ଠାରୁ ମମତାକୁ ତାର..

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶବ ଦାହ ପାଇଁ ଆଜି ଅଭାବ ହାତେ ଜାଗାର,

ଆତ୍ମୀୟସ୍ୱଜନ ସବୁ ହେଇଯାଉଛନ୍ତି ପର,

ଚାରି କାନ୍ଧ କି କୋକେଇ ଲୋଡ଼ା ପଡୁନାହିଁ,

ମଣିଷର ସ୍ଥାନ ଆଜି ପଶୁ ଠୁ ବି ହୀନ ।

ଗୋଟିଏ ଦିଗହରା ପଥିକ ପର ମଣିଷ ଚାଲୁଛି

ପାଉନାହିଁ ସଠିକ ଲକ୍ଷ୍ୟ ତାର,

ଜାଣିନି ଶେଷ ଅଛି କି ନାହିଁ ଏହି ଯନ୍ତ୍ରଣାର

ତଥାପି ସେ କରିଚାଲିଛି ସଂଘର୍ଷ ରକ୍ଷା କରିବାକୁ ଜୀବନ ତାର ।

ପରିବର୍ତନ ସ୍ୱାଭାବିକ ଏଠି ତେଣୁ ରଙ୍ଗ ବଦଳିଛି ପୃଥିବୀ ତାର,

ଏ କି ଅଦ୍ଭୁତ ଚିତ୍ର ଏ ଧରା ପୃଷ୍ଠର,

ପୃଥିବୀ ଫେରି ପାଇଛି ସବୁଜିମାକୁ ତାର,

ଜଳ ରାଶି ଆଜି ପୁଣି ସ୍ୱଚ୍ଛ ଆକାଶ

ନୀଳ ରଙ୍ଗରେ ଆବୃତ ବାୟୁ ବି ଆଜି ନିର୍ମଳ..

ମଡ଼ର୍ନାଇଜେସନରୁ ଅନେକ ଦୂର,

ଟିଭି ମୋବଇଲକୁ କରିନ ପର,

ଘରେ କଟେ ଆଜି ସମୟ ଆମର,

ବାପା ବୋଉଙ୍କର ସେ ଆଇ ମା ଅମଳ ଗପ ଓ ଗୀତ,

ସମୟ କାଟେ ଦେଖି ରାମାୟଣ ଆଉ ଗୀତା ଭାଗବତ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିଛି ଭଲ କିଛି ମନ୍ଦ,

ଶିକ୍ଷା ଦେଇ ଯିବ ମନେ ରଖିବ ଏ ସାରା ଜଗତ,

ଅତି ରୁ ଇତି ହୁଏ ସର୍ବଦା ହୋଇଯାଏ

ପୁଣି ସମୂଳେ ନାଶ, ଏବେ ବି ସମୟ ଅଛି ହୁଅ ସଜାଗ,

ମୃତ୍ୟୁର କାଳ ଚକ୍ରରେ ନହେଲେ ହବ ଏ ମନୁଷ୍ୟ ଧ୍ୱଂସ ।

ଠିକଣା - ଟିସ୍କୋ କଲୋନୀ , ଛେଣ୍ଡ ,ରାଉରକେଲା

ମୋବାଇଲ୍ : ୯୩୩୭୮୫୭୨୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୂନ୍ୟବାଣୀ ପରେ



ପଙ୍କଜ କୁମାର
ମଙ୍ଗଳ

ମଥୁରା ମାର୍ଗରେ କ୍ରୁର କଂସ ଯେବେ ବାଣୀ ଶୁଣିଲେ ଶୂନ୍ୟର,
ଦେବକୀ ଗର୍ଭର ଅଷ୍ଟମ ସନ୍ତାନ ପ୍ରାଣ ନେବ କଂସର ।
ଶୁଣି ପାପୀ କଂସ ହଇଣ ଅଧିର ବାହାରିଲା ଖଡ୍ଗ ଧରି,
ଅଷ୍ଟମ ସନ୍ତାନ କିପରି ହୋଇବ ଦେବକୀଙ୍କୁ ଦେଲେ ମାରି ।
ଶୁଣି ବସୁଦେବ ବଚନ କଂସର ଚରଣେ କଲା ଗୁହାରି,
ଭଉଣୀ ତୁମ୍ଭର ପତ୍ନୀ ଯେ ମୋର କେମିତି ପାରିବ ମାରି ।
ଜଣେ ପରେ ଜଣେ ସମସ୍ତ ସନ୍ତାନ ଦେବି ମୁଁ ତୁମ୍ଭ ହସ୍ତରେ,
ବସୁଦେବ ଦେବକୀଙ୍କୁ ବନ୍ଦୀ କରି କଂସ ରଖିଲା ବନ୍ଦୀ ଘରେ ।
ନିଜର ପ୍ରାଣ ରକ୍ଷା କରିବାକୁ ନେଲା ଭଣଜା ଜୀବନ,
ଏକ ପରେ ଏକ ଛଅ ପୁତ୍ର ନାଶି ଭାଙ୍ଗିଲା ଦେବକି ସପନ ।
ସପ୍ତମ ଗର୍ଭରେ ଆସି ଶେଷନାଗ ବିଦ୍ୟମାନ ହେଲେ ଦେବକୀ ଗର୍ଭରେ,
ଯଗମାୟା ବଳେ ନେଇଯାଇ ତୁମେ ରଖିଲ ରୋହିଣୀଙ୍କ ଗର୍ଭରେ ।
ମାଆଙ୍କ ଲୋତକ ପଛିବାକୁ ତୁମେ ଆସିଲ ଅଷ୍ଟମ ଗର୍ଭରେ,
ନୀଳାକାର ତୁମେ ଲୀଳା ରଚିଲ ପ୍ରହରୀ ଶୋଇଲେ ନିଦରେ ।
ମନଲୋଭା ବେଶ ଧରି ମହାପ୍ରଭୁ ଜନମିଲ ବନ୍ଦୀ ଘରେ ,
ମନଲୋଭା ବେଶ ଧରି ମହାପ୍ରଭୁ ଜନମିଲ ବନ୍ଦୀ ଘରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବତା ଗନ୍ଧର୍ବ ଅପସରି ନାଚିଲେ ଆନନ୍ଦିତ ସ୍ୱର୍ଗପୁର,

ତିମିରେ ଆଛାଦିତ ସେ କାଳ କୋଠରୀ ଆଲୋକିତ ହେଲା ଘର ।

ତ୍ରିଲୋକ ଦେବତା ପୁଷ୍ପ ବୃଷ୍ଟି କଲେ କୁସୁମ ଖସୁଛି ଶୂନ୍ୟରୁ,

ବସୁଦେବଙ୍କ ଶିକୁଳି ଯୁକ୍ତ କାୟା ଖଲିଲା ତୁମରି କୃପାରୁ ।

ଚତୁର୍ଭୁଜ ରୂପ ଦେଖାଇ କହିଲ ଗୋପପୁରେ ଛାଡ଼ିବାକୁ,

ପିତା ବସୁଦେବ ମୁଣ୍ଡରେ ମୁଣ୍ଡାଇ ବାହାରିଲେ ଗପକୁ ।

ଶୂନ୍ୟେ ଶୂନ୍ୟେ ସବୁ ଦ୍ୱାର ଖଲୁଥାଏ ନେଉଛନ୍ତି ବସୁଦେବ,

ଦ୍ୱାରପାଳ ସବୁ ଶୋଇ ପଡିଛନ୍ତି କିଏ ବା କେମିତି ଜାଣିବ ।

ଶେଷ ଦୁଆରରେ ଉଗ୍ରସେନ ଏକା ରହିଛନ୍ତି ବାଟ ଚାହିଁ,

ବସୁଦେବଙ୍କୁ ଦେଖିଣ କହିଲେ ବାଟ ମୁଁ ଛାଡିବି ନାହିଁ ।

ଭାବଗ୍ରାହୀ ତମେ ଭାବ ବୁଝିପାରି ଦେଖାଇଲ ନିଜ ରୂପ,

ଉଗ୍ରସେନ ବାଟ ଛାଡିଦେଲେ ଦେଖି ତୁମ ଚତୁର୍ଭୁର୍ଜାକାର ସ୍ୱରୂପ ।

ଅଷ୍ଟମ ପ୍ରହର ରାତ୍ରି ସମୟ ସେ ବାଟ ଘାଟ ନ ଦିଶଇ,

ମୂଶଳଧାରରେ ପାଣି ପଡୁଅଛି ପବନ ବେଗ ବଢ଼ଇ ।

ଯମୁନା ରାଣୀଙ୍କ କୂଳ ଲଙ୍ଘିଅଛି ଭୟଙ୍କର ଦିଶେ ଜଳ,

ବସୁଦେବଙ୍କର ଚିନ୍ତା ବଢିଲା ଦେଖି ବିଶାଳ ସମୁଦ୍ର ଜଳ ।

ବସୁଦେବ ଯେବେ ପାଣିରେ ପ୍ରବେଶିଲେ ରହିଲା ସପ୍ତଫଣୀ ତୁମ ଉପରେ,

ଯମୁନା ରାଣୀଙ୍କ ଆନନ୍ଦ ନ ସରେ ଯେହ୍ନେ ପୟର ଲାଗିଲା ଜଳରେ ।

ବସୁଦେବ ନଇ ପାରିହେବା ପରେ ଯମୁନା କାନ୍ଦି କହୁଛି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁଣି କେବେ ପ୍ରଭୁ ଆସିବ ଏଠାକୁ ତୁମ ବାଟ ମୁଁ ଚାହିଁଛି ।

ଗୋପପୁରେ ନନ୍ଦ ରାଜା ଘରେ ବସୁଦେବ ତମକୁ ଛାଡିଦେଇ,

ଶିଶୁ କନ୍ୟା ନେଇ ଯାଇ ମଥୁରାକୁ ନିଜସ୍ଥାନେ ଗଲେ ଶୋଇ ।

ପ୍ରଭାତ ହୋଇଲା ଦ୍ୱାରପାଳ ଉଠି ଦେଖିଲେ ଦେବକୀ କୋଳରେ,

ଶିଶୁ କନ୍ୟାଟି ଜନମ ହୋଇଛି ଜଣାଇଲେ କଂସ ଠାରେ ।

ସମ୍ବାଦ ପାଇଣ ମାମୁଁ କଂସ ଧାଇଁଲା ବନ୍ଦୀ ଘରକୁ,

ଭଉଣୀ ପାଖରୁ ଛଡାଇ ଦୁହିତା ନେଇଗଲା ମାରିବାକୁ ।

କଂସର ହାତରୁ ଉଡି ଯାଇ କନ୍ୟା କହିଲା ଯୋଗ ମାୟା ରୂପରେ,

ମାରିବାକୁ ତତେ ଜନମିଛି ଜଣେ ବଢୁଛି ଗୋପପୁରେ ।

ବଡପାହି, ଭୋଗରାଇ,

ବାଲେଶ୍ୱର, ପିନ୍-୭୫୬୦୩୭

ଫୋନ- ୭୭୪୯୯୩୬୮୧ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତିର ନୀରବ ପୃଷ୍ଠାରେ ଜୀବନ



ଶୁଭଲକ୍ଷ୍ମୀ ପାଣିଗ୍ରାହୀ

ଛୋଟ ବେଳର ଛାଇ ଟା
ଆଜି ଛାଡ଼ି ଚାଲିଯାଉଛି
ଆଉ ଥରେ ସେ ତ ଫେରିବନି
ଫେରିଲେ ବି ନିଜର ହେବନି ।।

ବୁଢିଆଣୀ ଜାଲ ଭିତରେ
ସ୍ମୃତି ଛନ୍ଦାଛନ୍ଦି ଆଲବମ୍ ର
କେଇ ପୃଷ୍ଠାରେ ଛାଡ଼ିଯାଇଛି
କିଛି ଅଭୁଲା ମୁହୂର୍ତ୍ତ କୁ ।।

ବୋଧହୁଏ ଉପହାର ସ୍ୱରୂପ
ଏଇ ହାତଗଣତି ମୁହୂର୍ତ୍ତ
ସ୍ମୃତିର ନୀରବ ପୃଷ୍ଠାରେ
ଛାଡ଼ିଯାଇଛି ।।

ଖାଲି ତ ଏତିକି ନୁହେଁ
ଆହୁରି ବହୁତ କିଛି ଦେଇଛି
ଏଇ ଯେମିତି ଅନ୍ଧକାର ମଧ୍ୟରେ
ଅବିଶ୍ୱାସ ର ଅଳଙ୍କାର ।।

ଆଉ କିଛି ନିଶ୍ଚିହ୍ନ
ଭାବନାରେ ଜୁଡୁବୁଡୁ
ଅନୁରକ୍ତ ଅଭିଶପ୍ତ
ସ୍ୱପ୍ନ ମାଳା ।।

ପୁଣି କୁହୁଡି ଧୁଆଁ ର ପରସ୍ତ
ମଧ୍ୟରେ କୁହେଳିକା
ସାଜିଥିବା କିଛି
ଅଦୃଶ୍ୟ ଚିତ୍ର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଷ୍ଟକପୂର୍ଣ୍ଣ ଜୀବନ ଦୋଛକି ରେ
ହାତ ଛାଡ଼ିଦେଇଛି ସିନା
ଏକା କରିନି କି ଧୋକା ବି ଦେଇନି
ଅନ୍ୟ ଏକ ସହଯାତ୍ରୀ ର ହାତରେ
ଟେକି ଦେଇଛି । ।

ତା'ର ବା କଣ ଭୁଲ
ସେ ତା ପରିଧି ରୁ
ଇଞ୍ଚେ ବି ଏପଟ ସେପଟ ହେଇନି
ତଥାପି ସେ ଦହଗଞ୍ଜ ହୁଏ । ।

ନୂଆ ବସ୍ତ୍ର ର ପରିପାଟୀ ରେ
ତାରୁଣ୍ୟ ର ମୁଖ ଟା ପ୍ରସ୍ଫୁଟିତ
ହୋଇ ଅଭିବାଦନ ଜଣାଇ
ହସାଇବା ର ପ୍ରୟାସ କରୁଛି । ।

ତରୁଣ୍ୟ ର ନବ୍ୟ ଉନ୍ମାଦନା
ମଧ୍ୟରେ ଏ ଘାଣ୍ଟି ଚକଟି
ହୋଇଥିବା ମନ ଟା ବି
ଶାନ୍ତ ପଡ଼ିଯାଇଛି । ।

ନା ହସିପାରୁଛି ନା କାନ୍ଦି ପାରୁଛି
ନା ସିଏ ଯିବା ର ଦୁଃଖ
ନା ଇଏ ଆସିବାର ସୁଖ
ଏହା ମଧ୍ୟରେ ପେସି ହେଉଛି
ବିଚରା ସମୟ ଟା । ।

ପ୍ରକୃତ ରେ ଜୀବନ ଟା ତ
ଏକ ପ୍ରହେଳିକା
କେବେ ହଜୁ ହଜୁ ମିଳିଯାଏ
ପୁଣି କେବେ ପାଉ ପାଉ ହଜିଯାଏ । ।

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ,
କଟକ ଯୁକ୍ତ ତିନି ଶେଷ ବର୍ଷ,
କଳା, ଶିକ୍ଷା ସମ୍ମାନ ଛାତ୍ରୀ
ଗ୍ରାମ - ଦାଶରଥିପୁର, ବଡମ୍ବା, କଟକ, ୭୫୪୦୩୧
Email: subhalaxmi.panigrahi01@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଲକୋନିର ଝିଅ



ମଞ୍ଜୁରାଣୀ ମିଶ୍ର

ବାଲକୋନିର ଝିଅ
ଜହ୍ନ ସାଥେ ହସି ଦେଉଛି
ମେଘର ଛବି ଲେଖୁଛି
ପବନକୁ ନିଦ ମାଗୁଛି
ଛୁଇଁ ଯାଉଛି ଫୁଲର ଚିବୁକ
ଖୋଜୁଛି ଜୀବନର ମିଠା ମହକ
କଣ୍ଢେଇ ଖେଳର ବୟସ ଡେଇଁ ସାରିଲାଣି
ତଥାପି ଭାଙ୍ଗି ନାହିଁ ସପନର ନିଶା
କେମିତି ରାନ୍ଧିବ ସତ ସତିକା ଭାତ ତିଅଣ
ଭୁଲି ପାରୁନି ମାଆର ହାତ ପରଷା
ମାଆର ଆକଟ
ଓହ୍ଲାଇବୁନି ବାଲକୋନିରୁ ଏକୁଟିଆ ବୁଲିବୁନି
ରାସ୍ତାରେ
ଏକୁଟିଆ ଯିବୁନି ମନ୍ଦିରକୁ
ବାଲକୋନିର ଝିଅ ବସିଛି ଏକୁଟିଆ
ସ୍ମୃତିର ଗଜରା ଖୋଲି ଦେଉଛି
ପାଖୁଡା ଗୋଟାଉଛି ଜହ୍ନ ଆଲୁଅରେ
କାହା ପାଦ ଶବ୍ଦ
ବାଲକୋନିର ଝିଅ ମନସ୍କ ହୋଇପଡୁଛି
ଚଇତାଳି ପବନରେ
ଜହ୍ନ ପୁଣି ଘୁମାଉଛି ମେଘର ଶେଯରେ
ଆଉ କେତେ ଦିନ ଗଲେ
ବାଲକୋନିର ଝିଅ  ଚାଲିଯିବ ବହୁ ଦୂର
ଆଉ କେହି ଭାଙ୍ଗିବନି ଗଛ ଡାଳ
ମୁଠା ମୁଠା ପାଣି ଛାଟି କଲମୀ କରିବ
ନାଲି ନେଳି ଫୁଲ ଫୁଟାଇବ
ବସିବନି ଗୁମ ସୁମ ସଞ୍ଜବେଳେ
ଲୁଚି ଲୁଚି ମନର ଠିକଣା
ଲେଖିବ ଫୁଲ ପାଖୁଡ଼ାରେ
ବାଲକୋନିର ଝିଅ ଚାଲିଯିବ ବହୁ ଦୂର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଜା ଆଉ ରୋଷଣୀରେ ବନ୍ଦୀ ହୋଇ

ମଥାରେ ମୁକୁଟ ଦେହରେ ଝଉଳପାଟ

ଟିପି ଟିପି ଚନ୍ଦନ ଚିତା

ଲୁହରେ ଭିଜୁଥିବା ଦୁଇ ଆଖି ପତା

କପାଳରେ ସିନ୍ଦୁର ଟୋପା

ଗହଣାର ଭାର ନାଇ ଦିଶୁଥିବ ଅପରୂପା

ବାଲକୋନିର ଝିଅ  ହୋଇଯିବ ଆଉ କାହାର

ଫଗୁଣଠୁ ସାତପର

ବୈଶାଖର ଦ୍ୱିପହରରେ

ମନେ ପଡୁଥିବ ଭାରି ନିଜର ଫୁଲ ମାନଙ୍କ ସହର

ବାଲକୋନିକୁ ଦେଖିଲେ ମନେ ପଡୁଥିବ ଝିଅ

ନିଗିଡି ଆସୁଥିବ ଛାତି ଥରାଇ ଅସରା ଅସରା ତାତିଲା ଲୁହ

ପିଲାଦିନ କଣ୍ଢେଇ ଖେଳ

ଆଲବମ ର ମୁହଁ

ବିନ୍ଦୁ ବିନ୍ଦୁ ମମତାର ବଳୟ

କେତେ ମିଠା ମିଠା ଅଳି ବରାଦ

କୁଙ୍କୁମ କପାଳ ଆଉ ଛୋଟ ଅଳତା ପାଦ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ତାଣ୍ଡବ



ଡା ଶୁଭଶ୍ରୀ ସିଂହ

ଦାନବ, ରାକ୍ଷସ କି ଇଲେକ୍ଟ୍ରିକ୍ ପ୍ରେମ ମର୍ମ ବୁଝିବା ଅସମ୍ଭବ
ମର୍ମ ଶୀର୍ଷକରେ ଉପନୀତ ବେଳକୁ ନଥିବ ଏ ମାନବ ।
ମହାଭାଗବାନ ଅଚ୍ୟୁତ ସାମନ୍ତ ମାଳିକା ଲିଖିତ ଅଚିହ୍ନା ରୋଗ ଆଧାର
ଦିନକୁ ଦିନ ବଢ଼ାଉଛି ତା'ର ତାଣ୍ଡବ ରୂପକ ସାଗର ।
ବୁଝି ହେଉନାହିଁ ଜୀବନର ପଥ କେଉଁ ଆଡ଼କୁ ଗତିଶୀଳ
ତଥାପି ଭୋକ, କର୍ମକ୍ଷେତ୍ରରେ ମଣିଷ ଜଳୁଛି ତିଳ ତିଳ ।
କଳିଯୁଗ କି ଦ୍ୱାପର କି ସତ୍ୟଯୁଗର ଅଛି ଯେ ଅନ୍ତ
କିନ୍ତୁ କାହିଁକି କେଜାଣି ଯୁଗ ଶେଷ କଥାଶୁଣି ମନ ଆତଙ୍କିତ ।
ଚାହୁଁ ଚାହୁଁ ବିତିଗଲା ଗୋଟିଏ ବରଷ ପ୍ରାୟ
ଆଜି ବି ପାଉଁଶର ନିଆଁ ଅଛି ଯେ ସକ୍ରିୟ ।
ଛୁଆଁଅଛୁଆଁ ଭେଦଭାବ ନୀତିପୁଣି ଫେରିଛି ନବୀନ ରୂପ
ଦାନବ ବୁଝୁନାହିଁ ସମ୍ପର୍କର ଅଥବା ରକ୍ତର ନିବିଡ଼ତାର ମିଠା ସ୍ପର୍ଶ ।
କୋହ, ଦୁଃଖ, ଦରିଦ୍ରତାର ଆଜି କବଳିତ ମଣିଷ
କାଲିଆକୁ କଳକୀ ରୂପଧାରି ଦେଖିବାକୁ ନାହିଁ ଯେ ସାହାସ ।
ତ୍ରାହିମାଂ ତ୍ରାହିମାଂ ହରି ହରି ଡାକ ପଡ଼ି ଗଗନ ପ୍ରକମ୍ପିତ
ବିଶ୍ୱ ବ୍ରହ୍ମାଣ୍ଡ କ'ଣ ହୋଇ ପାରିବନି ନିରାତଙ୍କିତ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶେଷ ପଂକ୍ତି ଶେଷ କରିବାକୁ ନାହିଁ ମୋର ସମର୍ଥ ।

ହରିନାମ, ବୃକ୍ଷ, ନିଃସ୍ୱାର୍ଥପର, କର୍ମ ଭଲ ପାଇବା ଏହି ପାଞ୍ଚଟି

ଶବ୍ଦର କରୁଛି ମୋର କବିତାର ଶେଷାର୍ଥ ।

ଏମ୍.ଡି. (ଭେଷଜ), ଆୟୁର୍ବେଦ

ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ, ପୁରୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ପଥିକ



ରାକେଶ ରଂଜନ ମୁଣ୍ଡ

ପ୍ରେମର ପଥିକ ପ୍ରେମରେ ଭାବୁକ
ଚରିତ୍ରକୁ ଦେଖି ନୁହେଁ, ଦେଖି ମୁଖ ।

ବରଣ କରିବ କରି ତପ ତନ
ମଣିଷ ଅବୁଝା କରେ ଯପ ଧନ ।

ନୁହେଁ ଅହଙ୍କାରୀ ନୁହେଁ ଦୁରାଚାରୀ
ନୁହେଁ କଳଙ୍କିତ ନୁହେଁ ବ୍ୟାଭିଚାରୀ ।

ମନର ମନ୍ଦିରରେ ମନ ରଖିଛି
ମୁଁ ମୋ ଭିତରେ ହିଁ ତୋତେ ଦେଖିଛି ।

ଆଖିରେ ଆଖି ମିଶାଇ ଲୁହ କହେ
ଜୀବନର ସଜା ଯେବେ ଅଶ୍ରୁ ବହେ ।

ମନ୍ଦାର କଢ ପରି ରୁପ ତୋ ଭିନ୍ନ
ରାତି ଅଧ ର ତୁ ସେ ଲାଜେଇ ଜହ୍ନ ।।

ଧର୍ମଗଡ, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନ୍ଦର ପୃଥିବୀ



ବାସନ୍ତୀଲତା ଜେନା

ସୌର ମଣ୍ଡଳରେ ତୃତୀୟ ଗ୍ରହଟି
ପୃଥିବୀ ନାମ  ଯାହାର
ବାୟୁ ଜଳ ତାପ ସାଇତି ରଖିଛି
ଜୀବନ ହୁଏ ସୁନ୍ଦର       ।୧।

ତିନି ଭାଗ ଜଳ ଭୂପୃଷ୍ଠରେ ତାର
ଲବଣାକ୍ତ ହୋଇ ଅଛି
ଏକ ଭାଗ ସ୍ଥଳ ପ୍ରାଣୀ ଓ ଉଦ୍ଭିଦ
ଧରାରେ ଶୋଭା ପାଉଛି      ।୨।

ଆବର୍ତ୍ତନ ଗତି ପୃଥିବୀ କରଇ
ଦିନ ରାତି ହୋଇ ଥାଏ
ପରିକ୍ରମଣ କଲେ ସୂର୍ଯ୍ୟ ଚାରିପଟେ
ଋତୁ ବଦଳୀ ତ ଯାଏ          ।୩।

ସବୁତ ସୁନ୍ଦର ପୃଥିବୀ ମାତାର
ଛାଇ ବନଉପବନ
ଦ୍ୱୀପ ମହାଦେଶ ତା କୋଳେ ମଣ୍ଡିତ
ଝରଣାର କୁଳୁତାନ        ।୪।

ଶ୍ୟାମଳ ସୁନ୍ଦର ସବୁଜିମା ଆଭା
ତା ଦେହରେ ବିରାଜିତ
ନରପଶୁ ପକ୍ଷୀ କୀଟ ତରୁ ଲତା
ସମସ୍ତେ ହୁଅନ୍ତି ପ୍ରୀତ       ।୫।

ଯାହା ପାଇଁ ଯାହା ଦରକାର ହୁଏ
ସବୁ ସାଇତି ରଖିଛି
ଆଧାର ପାନୀୟ ଯୋଗାଇ ଦେଉଛି
ସନ୍ତାନ ଖାଇ ହସୁଛି        ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାତୃ ଗର୍ଭ ଛାଡି ବସୁଧାରେ ପାଦ
ଯେବେ ମୁଁ ପକାଇ ଥିଲି
ଶ୍ରଦ୍ଧାରେ ପୃଥିବୀ ଆଦରି ନେଲା ସେ
ତା କୋଳେ ଦୋଳି ଖେଳିଲି ।୭।

କେତେ ଅରଦଳୀ ସହିଛି ଜନନୀ
ଦିନେ ଗାଳି ଦେଇ ନାହିଁ
ସର୍ବଂସହା ସିଏ ଜନନୀ ପୃଥିବୀ
ସେବିବି ଚରଣ ଛୁଇଁ ।୮।

ଜହ୍ନ ଉପଗ୍ରହ ପୃଥିବୀର ପରା
ଦିଏ ଶୀତଳ ଜ୍ୟୋଛନା
ଜହ୍ନ ଆଲୁଅରେ ଘଡିଏ ବସିଲେ
ଲିଭି ଯାଏ ତ ଯାତନା ।୯।

ବନ କାନନରେ ଫୁଲ ଫଳ ଭରା
ଶୋଭା ପାଏ ଏଭେରେଷ୍ଟ
ହିମାଳୟ ଗିରି ଜନନୀ ମୁକୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହୋଦଧି ହରେ ରିଷ୍ଟ ।୧୦।

ମନ୍ଦ ମନ୍ଦ ହୋଇ ସମୀର ବହଇ

ସ୍ପର୍ଶ କରେ ପ୍ରତି ପ୍ରାଣ

ପ୍ରଭାତ ବନ୍ଦନା ବିହଙ୍ଗ କରନ୍ତି

ମନ୍ଦିରେ ଦେବ ପୂଜନ ।୧୧।

ପଲ୍ଲୀ ପ୍ରକୃତିର ମନୋରମ ଦୃଶ୍ୟ

ଆତ୍ମା କରେ ପୁଲକିତ

ଛିଟ ଶାଢ଼ୀ ପିନ୍ଧେ ମୋ ମାଆ ପୃଥିବୀ

ସ୍ନେହ ଭରା ତା ପଣତ ।୧୨।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯାଚନା କିଂଚିତ



ସଂଜୀବ କୁମାର ଦାସ

ପ୍ରଭୁ ହେ, ଜଗତର ନାଥ,  ତମକୁ ମାଗିବି ବା କଣ ବୁଝି ମୁଁ ପାରୁନି
ମୁଁ ଛାର ମାନବ ଏ କଳିଯୁଗେ
ମାଗୁଛି ତମକୁ ଆଶ୍ରିତ ହୋଇ
ମୋର ଗୁହାରି ଶୁଣିବ ଯେବେ ।
ନିସ୍ତାର କାହିଁ ଯେ ଏ ଧରା ବକ୍ଷେ
ଭଜିବାକୁ ତବ ଅନନ୍ତ ନାମ ।
ଜପି ଜପି କେତେ ପାରି ହେଲେଣି ଯେ
ଆହୁରି ଆଶାୟୀ ଚାହିଁ ବସିଛନ୍ତି
କରିବାକୁ ତାଙ୍କ ଜୀବନ ଧନ୍ୟ ।
ମାଗୁନି ତମକୁ ଆଶିଷ ପ୍ରଭୁ ହେ ହେବାକୁ ଅମର
ଅବା ରାଜ କରିବାକୁ ମହୀମଣ୍ଡଳ କେଉଁ ଅମୋଘ ମନ୍ତ୍ର  ।
କରିଦିଅ ମୋତେ ଶିଶୁଟିଏ ଅବା
ଶିଖିବାକୁ ଆଦ୍ୟରୁ ଅନ୍ତ ତବ ସଂସାରର ଯେତେକ ତନ୍ତ୍ର ।

ସୁଖତ ଦୂରର ପ୍ରଭୁ, ନିଶ୍ୱାସ ହେଲାଣି ନେବା କଠିନ
ତବ ସଂସାର ଘେରରେ ରିକ୍ତ ସ୍ଥାନ ଅବା କାହିଁ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଦାୟ ବେଳାରେ ଶୁଭ ମେଲାଣି ଦିଅ ହେ ପ୍ରଭୁ !

ହନ୍ତସନ୍ତ ତବ ସୃଷ୍ଟି ର " ସେମାନଙ୍କୁ" ଯେ ବଞ୍ଚିଲେଣି

ଆଉଟି ପାଉଟି,ଆଉ ମୋହ ଛାଡିଲେଣି ଏ ଅଳୀକ ସଂସାରୁ ।

ଯାଚନା ମୋହର ମୋ ପାଇଁ ନୁହେଁ ହେ

ମାଗୁଛି ଛାର ଏକ ପ୍ରତିନିଧି ହୋଇ

ତବ ସୃଷ୍ଟି ଦେଖ ଏ କି ଛାରଖାର

ନ ଦିଅ ପଛେ କିଛି,ଦେଖିବାକୁ ଆସ ଧାଇଁ ଧାଇଁ ।

କଲେଇ ,ଭଦ୍ରକ

ଭ୍ରାମ୍ୟାଭାଷ:୬୩୭୧୬୯୦୦୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱାସ



ଉମେଶ କୁମାର ବିଶ୍ୱାଳ

କହିଥିଲ ଜୀବନଯାକ ବିତେଇ ଦେବ ସାଥେ
ଜୀବନର ପ୍ରତ୍ୟେକ ରାହାରେ
ସାଥେ ଚାଲିବାକୁ
ଘଣ୍ଟାର କଣ୍ଟା ଯେପରି ଚାଲିଥାଏ
ପଥିକର ପଥସଙ୍ଗୀ ହୋଇ ।

ଅନେକ ଅନେକ ସ୍ମୃତିର ପାହାଡ
ତା' ଆଗେ ନାଚୁଛନ୍ତି
ରଣର ବିଭୀଷିକା ପରି
ତାଣ୍ଡବଲୀଳା କରୁଛନ୍ତି ସ୍ମୃତିଗୁଡାକ
ଆଖିରେ ଢଳ ଢଳ ହୋଇ ।

ରାଧାର ପାଉଁଜିକୁ ଝୁରି ଝୁରି
ଆଖିରେ ଯମୁନାକୁ ଧରି
ମାଧବ ଏକାନ୍ତରେ ତରୁଉହାଡରେ
ହୃଦୟକୁ ସମ୍ମୁଖେ ରଖିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ବିନିମୟ କରି ।

ଇଚ୍ଛା ହୁଏ ତା'ର ପ୍ରବଳରୁ ପ୍ରବଳତର
ମନ ମାନସୀକୁ ନିଜର କରିଦେବାକୁ
ମରୁଭୂମିର ବାଲି ପରି
କ୍ଷୀଣ ଆଲୋକର ଆଶା ରଖି
ଗଢିହୋଇ ପାହାଡ ବନେଇ ଦେବାକୁ ।

ଦୂର ଦିଗବଳୟରୁ ଫେରନ୍ତା ପକ୍ଷୀଯୁଗଳମାନେ
ପ୍ରେମ ବାର୍ତ୍ତାଳାପେ
ପ୍ରତ୍ୟୁଷର ଉହାଡରେ ନିଶ୍ଚିହ୍ନ ହେଉଛନ୍ତି
ମାଧବର ମରୁଦେହେ ପରାଣ ସଂଚାରି ।

କଳ୍ପତରୁ ବୃକ୍ଷଗୁଡା ନୃତ୍ୟ କରୁଛନ୍ତି
ଅବଲୟ ହୋଇ
ଭିଡ ଜମାଇଲେଣି ଚାରିଆଡେ
ନିଜେ ନିଜେ ପୂର୍ଣ୍ଣ ହେବା ପାଇଁ
ଆଉ ମାଧବକୁ ପୂର୍ଣ୍ଣତାର ପରଶ ଦେବା ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶରୀରର ଅବୟବ ସବୁ ତୋ ଅପେକ୍ଷାରେ

ଚନ୍ଦ୍ର-ସୂର୍ଯ୍ୟ-ତାରକାର ଦରଶନ ନାହିଁ

ତା' ଗଗନରେ

କେବଳ ପ୍ରତିଛବି ତୋର

ଆଙ୍କିଛି ମନରେ ।

କଥା ଦେଇଥିଲ ତୁମେ

ଆକାଶକୁ ସାକ୍ଷୀ ରଖି

କରିବାକୁ ଏକାସାଥେ ନୀଡର ରଚନା

କ'ଣ ହେଲା କେଜାଣି ଆଜି

ଫୁଲ ଲାଗେ କଣ୍ଟାର ନବୀନା ।

ଚାରିଆଖି ଦୁଇଆଖି ହୋଇ

ହାତ ସାଥେ ହାତକୁ ଧରି

ସଜେଇ ଥିଲା ସପନ

କ୍ଷଣିକରେ ଆଖି ଫିଟିଗଲା

ଚୁର୍ ମାର୍ ହୋଇ ଛିନ୍ନହେଲା ପ୍ରୀତିର ବନ୍ଧନ ।

ଏକ ଆତ୍ମା ଭିନ୍ନ ଦେହ ହୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରସ୍ପର ଜାକି ହୋଇ

ଜାଳିଥିଲା ମନ ଆଉ ଆତ୍ମା

ତତ୍ କ୍ଷଣାତ୍  ଉଭା ହୋଇ  ଜଳଦ ବରଷା

ଶାନ୍ତ କରିଦେଲା ବାସନା ପ୍ରେତାତ୍ମା   ।

ମଳୟ ପରଶ  ବଦଳେଇ ପାରିନାହିଁ

ଫଗୁଣଟି ଦଶଦିଗେ ଚହଟାଇ ନାହିଁ

ମନର ଆବେଗମାନ

କରୁଛନ୍ତି ବିଷାଦର ସତତ ପ୍ରହରୀ   ।

ଅନ୍ଧାରର ପଥମାନେ ଧାଇଁ ଆସୁଛନ୍ତି

ଗତିରୋଧ ପାଇଁ

ତଥାପି ଯାଉଛି ଜୀବନ ପଥରେ

ବାଦଲ ପରି

କୁଳିଶର ଭୟକୁ ନ ଡରି   ।

ଗ୍ରା- ସାନଟୀକା, ଥାନା- ଲୋଇସିଂହା

ଜିଲ୍ଲା-ବଲାଙ୍ଗୀର

ମୋ : ୮୦୧୮୫୧୧୯୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହିଦ୍ ରେଣ୍ଡୋ ମାଝୀ



କମଳିନୀ ଚଣ୍ଡି

କଳାହାଣ୍ଡିର ବୀରପୁତ୍ର ସେ ନାମ ତାଙ୍କର ରେଣ୍ଡୋ ମାଝୀ
ଓଡ଼ିଆ ଜାତିର ଗୌରବ ସେ ଜଣେ ଥିଲେ ବଡ଼ ସଂଗ୍ରାମୀ ।
ଲଢ଼ିବାର ପଥ ଦେଖାଇ ଦେଲେ ଆମକୁ ଦେଇ ସ୍ୱାଧୀନତା
ମରିବା ଠାରୁ ବଞ୍ଚିବା ଶିଖାଇଲେ ଦେଇ ଏକ ନୂତନ ଦିଶା ।
ଜୀବନ ଆମର ନିଇତି ସଂଘର୍ଷ ଲଢ଼ିବା ଏଠି ଶେଷ ପର୍ଯ୍ୟନ୍ତ
ଆସ ହେ ଭାଇ ଭଉଣୀ ଲଢ଼ିବା ମିଳିମିଶି ହୋଇଣ ଏକତ୍ରିତ ।
ନିଇତି କହୁଥିଲେ ବାରମ୍ବାର ଆମକୁ ସମସ୍ତଙ୍କୁ ଏହି କଥା
ଲଢ଼ିବା ଆମେ ଜୀବନଯାତ୍ରା ଇଂରେଜକୁ ଦେବା ଉପଯୁକ୍ତ ଶିକ୍ଷା ।

କୁଶାଡ଼ଙ୍ଗରି (ଭବାନିପାଟଣା), କଳାହାଣ୍ଡି
୭୬୬୦୦୧, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଓ ପ୍ରତାରଣା



ଦୁର୍ଯ୍ୟୋଧନ ଚଣ୍ଡି

ଆଜିକାଲି ଇଚ୍ଛା ହୁଏ ଲେଖିବାକୁ ପଦେ କେତେ ଧାଡ଼ି ତୁମପାଇଁ
ଓଠ ମୋର କାହିଁ ସ୍ମିତହାସ୍ୟ ଦିଏ କାରଣଟା ଜାଣିନାହିଁ,
ପ୍ରଥମ ଦେଖାରେ ପ୍ରଥମ ହସରେ ନିଜର ଲାଗିଲ ସତେ
ଧିରେ ଧିରେ ପୁଣି କାହିଁକି କେଜାଣି ଛାଡ଼ିଯାଅ ପ୍ରିୟା ମୋତେ
ତୁମେ ଅଟ ପ୍ରିୟା ମୋ ପ୍ରଥମ ସ୍ମୃତି ମୋ ପ୍ରଥମ ପ୍ରେମର
ଯେବେଠୁଁ ତୁମକୁ ଦେଖିଛି ପ୍ରିୟାଲୋ ମୋ ହୃଦୟେ ମାରିଛ ତୀର
ଶ୍ରାବଣ ଧାରାରେ ଭାସି ଯାଉଥିଲି ମୋ ମନରେ କେତେ କଥା
ତୁମେ ଯଦି ପ୍ରିୟା ପର କରିଦେବ ଭୁଲିଯିବି ସବୁ କଥା
ଜୀଅନ୍ତା ଜୁଇରେ ଜାଳିବି ମୁଁ ଆଜି ଅକୁହା କାହାଣୀ ହୋଇ
ବଞ୍ଚିବାଟା ସେଇ ଅଭିନୟ ମୋର ଯୁଗେ ଯୁଗେ ଯିବ ରହି ।

ଡାଲଗୁମା, କୋକସରା, କଳାହାଣ୍ଡି
୭୬୬୦୧୭, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦୟରୁ ପଦେ



ବିରଞ୍ଚି ନିଏଲ

ଲେଖୁଅଛି ପ୍ରିୟା ତୁମରି ପାଇଁ ମୁଁ
ମୋ ହୃଦୟର କିଛି କଥା
ପ୍ରେମର ବାଟରେ ଛାଡି ଦେଇଅଛ
ଆଜି ଲେଖୁଛି ମୋ ହୃଦୟରୁ ପଦେ କଥା ।

ଉଇଁଥିଲ ଦିନେ ଜହ୍ନଟେ ହୋଇ
ସେଇ ସୁନ୍ଦର ନୀଳ ଆକାଶେ
କଇଁଟିଏ ହୋଇ ଦେଖୁଥିଲି ପ୍ରିୟା
ପ୍ରେମର ସ୍ୱପ୍ନ ନେଇ କେତେ ଆଶେ ।

ଉଆଁସ ରାତିରେ ଜହ୍ନ ଲୁଚିଅଲା
କଇଁ ବି ଆଜି ଯାଇଛି ମଉଳି
ପ୍ରେମର ଯନ୍ତ୍ରଣା ଏତେ କଷ୍ଟ ଦେବ
ମୁଁ କେବେ ସ୍ୱପ୍ନରେ ବି ଭାବିନଥିଲି ।

ହୃଦୟ ଯନ୍ତ୍ରଣା କାହାକୁ କହିବି
ଆଜି ବୁଝିବା ଲୋକ ଏଠି ନାହିଁ
ଜୀବନରେ କେବେ ପ୍ରେମକୁ ନେଇ
ମୁଁ ସ୍ୱପ୍ନ ବି ଦେଖି ନାହିଁ ।

ସହି ପାରିଲିନି ପ୍ରେମ ପ୍ରତାରଣା
ହୃଦୟରୁ ଲେଖିଦେଲି ପଦେ
ହୃଦୟ ଯନ୍ତ୍ରଣା ଲେଖିଦେଲି ପ୍ରିୟା
ପଢ଼ିନେବୁ ପଦେ ଅଧେ ।

ପିପଲପଡ଼ା, (ବେହେରା), କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ କଣ ସଂପୂର୍ଣ୍ଣ



ନୂତନ କୁମାର ବେହେରା

ଏଠି ତ ସବୁ କିଛି ଆଂଶିକ ଅସମାପ୍ତ
ନାହିଁ କିଛିର ପରିପୂର୍ଣ୍ଣତା ଅବା ଅମରତ୍ୱ
ସବୁ ସମୟର ସ୍ରୋତରେ ଏକ ଏକ
ଭାସମାନ ପାଣି ଫୋଟକା ନିମିତ୍ତକ ମାତ୍ର
ପବନର ବାଜିଲେ ଟିକିଏ ଧକ୍କା
ଯେଉଁ ପାଣିରେ ଖେଳୁଥିଲା ନାଚୁଥିଲା
ସେହି ପାଣିରେ ହୋଇଯାଏ ସେ ଲୀନ
ତେବେ କହିବି କେମିତି ମୁଁ କଣ ସଂପୂର୍ଣ୍ଣ ?
ଜନ୍ମରୁ ଜୀବନ ହସ କାନ୍ଦରେ
ଲୁହ ଲହୁରେ ପେଶି ହୋଇ ଏକାକାର
ଖୋଜି ଚାଲିଛି ତାର ଆବଶ୍ୟକତା
ଖାଦ୍ୟ ବସ୍ତ୍ର ପାନୀୟ ବାସଗୃହ
ସଙ୍ଗେ ଧନ ରତ୍ନର ଐଶ୍ୱର୍ଯ୍ୟ ପ୍ରାଣ ପ୍ରାଚୁର୍ଯ୍ୟ
ପାଇ ହଜାଏ ହଜାଇ ପାଏ କେତେ
ହିସାବ କରିବାକୁ ତା'ପାଖେ ସମୟ ଅକୁଳାଣ
ଚାପରେ ତାପର ସଂସାରର ବୋଝ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହି ବହି କେତେବେଳେ କ୍ଲାନ୍ତ ବିବଶ

କେତେବେଳେ ଉତ୍‌ଫୁଲିତ ମନେ ଆତ୍ମହରା

ନିଜକୁ ପଚାରେ ନିଜର ପରିଚୟ...

ତେବେ ନିଜକୁ କହିବି କେମିତି ଏ ଦ୍ୱନ୍ଦରେ

ବିରାମର ପ୍ରଶ୍ନ ଚିହ୍ନଟିଏ ଲଗାଇ

ତୁମରି ଆଗରେ ମୁହଁ ଖୋଲି ମୁଁ କଣ ସଂପୂର୍ଣ୍ଣ ?

ଆଶା ଅସରନ୍ତି ଆକାଂକ୍ଷା ଅଶେଷ

କାମନାର ଅରଣ୍ୟରେ ହିଂସ୍ରତାର ଭୟ

ଛକାପଞ୍ଝାର ମିଛି ମିଛି ଲୁଚକାଳି ଖେଳ ଖେଳି

ଜୀବନକୁ ଘୋଡ଼ାଇ ରଖିବାର କୌଶଳ

ତାପରେ ବି ଶଙ୍କା ସନ୍ଦେହ ଅବିଶ୍ୱାସ ଆତଙ୍କ

କରୁଥାନ୍ତି ପାଗଳା କୁକୁର ପରି ପଶ୍ଚାତଧାବନ ।

ଜୀବନକୁ ଗୋଟାଏ କେନ୍ଦ୍ରବିନ୍ଦୁ କରି

ବୟସର ବ୍ୟାସାର୍ଦ୍ଧ ଆଙ୍କି ଦିଏ ସୀମିତ ବୃତ୍ତ

ଆୟୁଷର ଚାପରେ ପରିଧିଟିଏ କରି

ତା ଭିତରର ନିର୍ଦ୍ଦିଷ୍ଟ କ୍ଷେତ୍ରଫଳଠାରୁ ଯେ

ବାହାରର କ୍ଷେତ୍ରଫଳ ଅସୀମ ଅପରିମେୟ

କଶ୍ମିନ୍ କାଳେ ନିର୍ଣ୍ଣୟ କରିବା ଅସମ୍ଭବ

ତାପରେ ବି କହିବି କି ମୁଁ କଣ ସଂପୂର୍ଣ୍ଣ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏ ଅସଂପୂର୍ଣ୍ଣତା ଭିତରେ ଆଣିବାକୁ ହେବ
ଏକ ତୃପ୍ତି ଶାନ୍ତି ସନ୍ତୋଷରେ ସାମୟିକ ବିରାମ
ଯେଉଁଠି ଅଟକି ଗଲେ ବି ଆଗେଇବାକୁ ଥିବ
ଲମ୍ୱା ଏକ ପ୍ରଶସ୍ତ ନିରାପଦ ପଥର ଶୂନ୍ୟତା
ଏ ଜନ୍ମରେ ନ ହେଲେ ଆର ଜନ୍ମକୁ
ଚାଲୁଥିବା ଅର୍ଜିତ କର୍ମର ଭାଗ୍ୟ ଫଳକୁ
ସାଥୀରେ ନେଇ ସଂପୂର୍ଣ୍ଣତା ଆଡକୁ ଆଗେଇ...

ବାରିପଦା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃଷକ



ସତ୍ୟରଞ୍ଜନ ଘିଭାଲା

ଚାଷ କାମ ଯାହାର

କେତେ ସୁଖ ତାହାର,,

ପ୍ରତିକ୍ଷଣେ ଯୋଗାଇ ଦିଏ ସେ

ଏ ଦୁନିଆକୁ ଯେ ଆହାର

ଶସ୍ୟ ଶାମଳରେ ଭରପୁର ଯେ

ସର୍ବଦା ତାର ଜମି,,

ମା ଟି ପରି ପଳିଥାଏ ତାକୁ

ତାର ଏ ଦେବଭୂମୀ......

ସକାଳୁ ପଖାଳ ଖାଇ ସେ

ବାହାରି ଯାଏ ତାର ବିଲକୁ,,

ଝାଳକୁ ରୁଧିର ଭଳି ବୁହାଇ ତାର

ବିଲରେ ଫେରିଆସେ ସେ ଯେ ସନ୍ଧ୍ୟାକୁ......

ନିତି ଗାଁ ମନ୍ଦିରେ ଜପଇ ସେ ଯେ

ନିତାଇ ଗୌର ରାଧେ ଶ୍ୟାମ,,

ଜଗତର ପେଟ ପୋଷିବା ଯେ

ଯେମିତି ତାହାରି କାମ..... ।

ପ୍ରକୃତି ଆଉ ସରକାରଙ୍କ କଠୋରତାରୁ

ସେ ପାରେନା ଖସି,,

ତଥାପି ମନରେ ନିରାଶା ନ ରଖି

ପଗଡ଼ି ଭିଡ଼ି ସେ ବିଲକୁ ଯାଉଥାଏ ଯେ

ହସିହସି.....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ ତୁ ମୋ ଜୀବନ



ଟୋନିସ୍ ରୋହିଦାସ

ଦଶ ମାସ ଗର୍ଭରେ ଧରି ଜନମ ତୁମେ ମୋତେ ଦେଲ,

କେତେ କଷ୍ଟ ଯାତନା ସହି ମୋତେ ଆଜି ଏ ଦୁନିଆ କୁ ଆଣିଦେଲ । ।

ନିଜେ ସବୁ ଦୁଖ ସହି ମୋତେ ସୁଖ ଦେଲ,

ନିଜେ ନ ଖାଇ ମା ତୁମେ ମୋତେ ଖୁଆଇଲ । ।

ମା ବୋଲି ଯେବେ ଡାକି ଦିଏ ମୁଁ

ତୁମକୁ ,

ଧାଇ ଆସ ମା କେତେ ଜତନେ ନେବାକୁ କୋଳକୁ । ।

ମା ର ମମତା ଅଟଇ ଅମୃତ ତୁଲ୍ୟ,

ମା ବିନା ଏ ଦୁନିଆ ରେ କିଛି ନାହିଁ ମୂଲ୍ୟ । ।

ମା ମୋ ମମତା ମଇ ଜଗତ ଜାଣେ,

ତୁ ମା ଆଦିଶକ୍ତି ଆଦି ମାତା ବିଶ୍ୱ ଜଣେ । ।

ମା ତୋ ପଣତ କାନି ମୁଁ ସବୁ ବେଳେ ଝୁରେ,

ମା ତୋ ଆଖିର ତାରା ମୁଁ  ଡ଼ାକିଦେ ମୋତେ ଥରେ । ।

ତୋ ହାତ ଧରି ମା ମୁଁ ଚାଲି ଶିଖିଲି,

ଜନମ ରୁ ପ୍ରଥମେ ତତେ ମୁଁ ଦେଖିଲି । ।

ମୋ ଜୀବନ ତୁ ମୋର ସପନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ମା ତୁ ମୋ ଦୁନିଆ,

ତୋ ଚରଣ ତଳେ ଥାଉ ମୋ ମଥା

ଯେତେ ଦୁଃଖ ଆସିଲେ ଭି ଡରିବିନି

ତୋର ଥିଲେ ଆଶୀର୍ବାଦ ଜିତିବିନି କିଆ । ।

ତୋ ରାଗ ରୁଷା ମୋତେ ଭାରି ଲାଗେ ଭଲ,

ମନ ଜାଣି ପାରୁ ମୋ ମା ତୁ ସବୁଠାରୁ ଭଲ । ।

ଯେବେ ଦେଉ ତୋ ହାତରେ ବାନ୍ଧି

ମୁଁ କାନ୍ଦୁ ଥାଏ ମା ମା ବୋଲି ,

ସହି ନ ପାରୁ ମା ମୋ ଦୁଃଖ ,ସବୁଠୁ ଲାଗେ ମୋତେ ତୋ ସ୍ନେହ ବୋଲି । ।

ମାଆ ତୁ ମୋ ଜୀବନ ମା ତୁମୋ ସବୁ କିଛି,

ତୋ ପାଇଁ ମା ମୁଁ ଏ ଦୁନିଆ ଦେଖିଛି । ।

ଗାଁ-ପାମରା, ଜିଲ୍ଲା-ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ଲେଖିବା ବେଳ



ସିଦ୍ଧେଶ୍ୱର ତ୍ରିପାଠୀ

କବିତା ଲେଖିବାକୁ ବି
ଗୋଟେ ବେଳ ଲୋଡ଼ା ହୁଏ ନା !
ସେ ବେଳ ଯେବେ ବାର ବାର
ହାତ ଛଡା ହୁଏ
କେମିତି ଲାଗେ ବନ୍ଧୁ,
କହିପାରିବ କି ?

ଚପଳମତି ମନ ହଜିଲା ପରେ
ପୀରତିର ମିଠା ମୋହରେ ଦେହ
ଭିଜିଲା ପରେ
ବିରହର ଅଦେଖା ନିଆଁ ରେ
ଜୀବନ ସିଝିଲା ପରେ

ଧିରେ ଧିରେ ବଦଳିଯାଏ ଭାବ ଭାଷା
ଶବ୍ଦ ଆଉ ସ୍ୱରର ସମାହାର
କେବେ କେବେ ଏଇ କବିତା
ହସର ସନ୍ଦେଶ ଆଉ କେବେ
ବାସ୍ତବ ଠିକଣା ତୋପାଏ ଲୁହର ।

ଗୋଟି ଗୋଟି ଧଳା ଦିଶେ
କଳା କଳା ଚିକିମିକି ଚୁଟି
କବିତା ଲେଖିବାକୁ କିଏଦେବ
ଏ ଜୀବନକୁ ଜଞ୍ଜାଳରୁ
ନିମିଷକେ ଛୁଟି ।

କାମ ଆଉ ପଇସାରେ ଲୟ
ବୟସର ଆଶା ଆଉ ସଂସାରର ମୋହ
ଦାୟିତ୍ୱ ଆଉ କାର୍ତ୍ତବ୍ୟର ଫାସ
ଏତିକିତ କେବଳ ଯଥେଷ୍ଟ
କବିତାକୁ କରିବାକୁ ସମୂଳେ ବିନାଶ ।

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଘର ଚଟିଆ



ଅମରନାଥ ବାରିକ

ଟିକି ଚଢ଼େଇ ମୋ ଟିକି ଚଢ଼େଇ
ଟିକି ଟିକି ପର ଦେବୁ ହଲେଇ ।
ଟିକି ଥଣ୍ଟେ କିଚିମିଚିରି କରି
ଟିକି ଟିକି ଆଖି ମିଟିକା ମାରି ।
ଏ ଘରୁ ସେ ଘର ଉଡ଼ିବୁ ଟିକେ
ଟିକି ଆଶା ଭରି ତତେ ମୁଁ ଡାକେ ।
ଚାଳ ଘର ଆଉ ନାହିଁ ତ' ଆଜି
ସେଥିପାଇଁ ତୁହି ଗଲୁ କି ହଜି ।
ଥୁଣ୍ଟାଗଛ ଭଳି କୋଠା ଅନେକ
ଗଢ଼ି ଉଠୁଅଛି ନଗର ଯାକ ।
ତଥାପି ତତେରେ ଝୁରୁଛି ବସି
ପହଞ୍ଚି ଯିବୁ କି ମୋ ଘରେ ଆସି ।

ଆମ ମାଟିଘର ଭାରି ସୁନ୍ଦର
ନଥାଏ ତହିଁରେ ଗରମ ଡର ।
ଲାଗିଅଛି କାଠ ପଟା ଯୋଡ଼ାଏ
ରହିବୁ ଆନନ୍ଦେ ଘର ପରାଏ ।
ଘର ଚଟିଆ ତୋ' ଛୋଟିଆ ନାଆଁ
ତୋ ବିନା ଶୂନ୍ୟ ମୋ ବିରାଟ ଗାଆଁ ।
ଯାଆନାରେ ଦୂର ଦେଶେ ତୁ ଉଡ଼ି
ମାନିଯା କଥା ମୋ ଆ ରେ ବାହୁଡ଼ି ।
ଚଟିଆ ନଥିଲେ କି ଲାଭ ଘର
ଉଛନ୍ନ ହୋଇବ ପ୍ରକୃତି କୋଳ ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
୯୫୪୦୩୦୮୦୯୫, (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ପ୍ରତିଶ୍ରୁତି



ଓଜସ୍ୱିନୀ ଶତପଥୀ

ଲେଖନୀରୁ ଯା'ର ଝରୁ ଥିଲା ଅମୃତ ର ଧାରା
ଚାଲିଗଲେ ବୁଝି ପାରି ଈଶ୍ୱରଙ୍କ ଇଶାରା ।

ଚୈତ୍ର ପୂର୍ଣିମାର ଜୋସ୍ନାୟିତ ଆକାଶରେ
ମୁଖ୍ୟ ଅତିଥି ଆଜି ସେ ତାରା ଗହଣରେ ।

ପଦ୍ମଶ୍ରୀ ପଦ୍ମଭୂଷଣ  ସାହିତ୍ୟ ଶିରୋମଣି
ଦେବଲୋକରେ ଶୁଣାଇବେ ତାଙ୍କ ପ୍ରଥମ କାହାଣୀ ।

ଅନେକ ଦିନର ପ୍ରତୀକ୍ଷା ପରେ ଆସିଛି ଏ ବେଳ
ଦେବଲୋକ ଚାଖିବ ଏବେ ଅମୃତର ଫଳ ।

ପ୍ରଫୁଲିତ, ହିଲ୍ଲୋଳିତ ଆଜି ସ୍ୱର୍ଗ ପୁର
ସଭିଏଁ ଦେଖିବେ ଆଜି ଗାଁର ସମୁଦ୍ର ।

ଦେଖିବେ ପର୍ବତ ଘାଟୀ ନଦୀ ଉପତ୍ୟକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଣିବେ ରହସ୍ୟମୟୀ ଭୂତୁଣୀର ବ୍ୟାଖ୍ୟା ।

ଗୋଧୂଳିର ବାଘ ଏବଂ ଅନ୍ୟାନ୍ୟ କାହାଣୀ
କୃତାର୍ଥ ହେବ ସ୍ୱର୍ଗ ଧାମ ଶୁଣି ତାଙ୍କ ବାଣୀ ।

ଶୋକାତୁର ମ୍ରିୟମାଣ ଆଜି ମର୍ତ୍ତ୍ୟଲୋକ
ନିଃସ୍ୱ ଆଜି ହରାଇ ପ୍ରିୟ ପୂଣ୍ୟ ଶ୍ଲୋକ ।

ପୁଣି କେବେ ଫେରିବ ସେ ମାଟି ର ମଣିଷ
ଆଲୋକିତ ହେବ ପୁଣି ଧୂମାଭ ଆକାଶ ।

"ଫେରିବି, ଫେରିବି ମୁଁହି " ପ୍ରତିଶ୍ରୁତି ଦେଇ
ଉଡିଗଲା ପକ୍ଷୀ ସେ ଯେ ବାହୁଡିବା ପାଇଁ ।

ପ୍ରତିଶ୍ରୁତି ବଦ୍ଧ ସିଏ ମର୍ଯ୍ୟାଦା ପୁରୁଷ
ଫେରି ଆସିବେ ଶୀଘ୍ର କାଟି ଗ୍ରୀଷ୍ମ ଅବକାଶ ।

ନୂଆଦିଲ୍ଲୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାବଧାନ - ବ୍ୟବଧାନ



ମମତା ମିଶ୍ର ଦାସ

ଖବର ପାଇଲି ବାଲ୍ୟ ବନ୍ଧୁ ମୋର
ଆସି ଅଛି ତା'ର ନାତିକୁ ଦେଖି ।
ଜେଜେମା ନାତିକୁ ଭେଟି ଦେବି ଯାଇ
ସମୟ ସୁବିଧା ସବୁ ପରଖି ।।
ନାତି ପାଇଁ କିଛି ଅନ୍ ଲାଇନ୍ ରେ
ଆଣିଲି ଖେଳଣା ଓ ବେଶଭୂଷା ।
କରିବସିଲି ମୁଁ ମଣ୍ଡା ପିଠା କିଛି
ବନ୍ଧୁଟିର ମୋର ସେଥିରେ ଆଶା ।।
ଅଟୋ ରିକ୍ସା ଟିଏ ଡାକି ମୁଁ ବସିଲି
ସଜାଡ଼ି ସୁଜୁଡ଼ି ଖେଳନାତକ ।
ଅତି ଆନନ୍ଦରେ ଡବାରେ ପୁରାଇ
ଗରମ ଗରମ ପିଠାଗୁଡ଼ିକ ।।
ପହଞ୍ଚିଲି ଯାଇ ବନ୍ଧୁପୁତ୍ର ଘରେ
ଫୋନ୍ ମାଧ୍ୟମରେ ଠାବଟି କରି ।
ଦେଖିଲି ବାନ୍ଧବୀ କବାଟ ସେପଟୁ
ଚାହିଁ ରହିଛି ଯେ ହସଟି ଭରି ।।
ବାନ୍ଧବୀକୁ ଦେଖି ନିୟମକୁ ଭୁଲି
ଦଉଡ଼ି ଗଲି ଯେ କୋଳେଇବାକୁ ।
ହଠାତ୍ କିଏ ସେ ଉପରୁ ଗର୍ଜିଲା
ନ ଆସ ମାଉସୀ ମା' ପାଖକୁ ।।
କାହିଁକି କେଜାଣି ମନର ଉଜାଣି
ସବୁ ମୋର ସେଠି ମଉଳି ଗଲା ।
ପିଠା ଡବା ପୁଣି ଉପହାର ଥୋଇ
ଫେରି ମୁଁ ଆସିଲି ସେଠାରୁ ଭଲା ।।
କରୋନା ଦାଉରେ ସାମାଜିକ ଆମେ
ଅସାମାଜିକତା ହେଲାଣି ଧ୍ୟାନ ।
ଦୁଇଟି ମନ୍ତ୍ର ଯେ ନିରନ୍ତର ଜପୁ
ସାବଧାନ ଆଉ ଯେ ବ୍ୟବଧାନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା



ଦିନେଶ୍ ମେହେର

ବିଧାତା ଙ୍କ କରୁଣା ଆଶିଷ
ଲଭି ମୁଁ ପାଇଲି ତାଙ୍କୁ
କେଜାଣି କେତେ କାଳ ତପସ୍ୟା ,
କେତେ କାଳ ପୂଜା କରିଥିଲି ବିଧାତା ଙ୍କୁ ।

ସେ କୋଟିଏ ରେ ଗୋଟିଏ ବାପା
ମୋ ଜୀବନ କଣ୍ଟା ପଥ ର କୁସୁମ
ପୁଣି ମୋ ଦୁଃଖ ସମୟର ସାନ୍ତ୍ୱନା ଦାୟକ
କେଉଁ ଈଶ୍ୱର ନାହିଁ ଏ ଜଗତେ ତୁମ ସମ ।

ବାପା ତୁମେ ମୋ ଆଦର୍ଶ
ତୁମେ ମୋ ପ୍ରେରଣା
ତୁମ ଆଶିଷ କରୁଣା କରି
ଦେଇଛ ମତେ ତୁମ ନାମର ଠିକଣା ।

ବାପା ତୁମେ ମୋ ସ୍ୱର୍ଗ
ତୁମେ ମୋ ଦୁନିଆ
ତୁମ ପାଇଁ ହସେ ଆଜି
ଏଇ ମୋ ଛୋଟ ଦୁନିଆ ।

ମୋ ପାଇଁ କେତେ କଣ କରୁଛ
ତୁମ ଅବଦାନ କେବେ ପାରିବିନି ଶୁଝି
ତୁମ ପାଇଁ ବାପା କେତେ ମୁଁ ମନସୁଛି
ସେ ବିଧାତା କି ପାରିବ ବୁଝି ।

ଦେଖୁ ଦେଖୁ କେତେ କାଳ
ବୋହି ନେଇଗଲା ସମୟର ସୁଅ
ବାପା ପ୍ରତି ଜନ୍ମରେ ହେବା ପାଇଁ ମନସୁଛି
ମୁଁ ତମ ଗେହ୍ଲା ପୁଅ ।

ଜୁନାଗଡ଼, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ବି ଯୋଗ୍ୟ



ଦୁଷ୍ମନ୍ତ ବେହେରା

ଗରିବ ସ୍ୱପ୍ନ ଆଶାରେ ମରେ
ଜୀବନ ଭୋକ ଶୋଷରେ ଝରେ
ଏ ତ'ଅ ରଙ୍ଗିନ ଦୁନିଆ
ସ୍ୱପ୍ନ ଦେଖେଇ ଲୋଭରେ ମାରେ !!

ଝରେ ଲୁହ ଜୀବନ ଦୁଃଖ
ଭାଙ୍ଗିପଡି ନାହିଁ ମୁଁ
ମୋ ମନ ବଳ ଆଶା ଶୋଷ
ତଥାପି ମୁଁ ବି ଯୋଗ୍ୟ !!

ମଲାଟ ଲେଖା ଭାଗ୍ୟ ମୋର
ଦଦରା ଅକ୍ଷରେ ଚିରି ପୋଡେ
ବାସ୍ନା ଚିହ୍ନ ର ଛାଇ ଛବି
ମନ ସ୍ମୃତି ଲକ୍ଷ୍ୟ ସୁଖ ର ଘର !!

ହାରି ନାହିଁ ମୋ ଶରୀର
ଚାହିଁ ବସି ଅଛି ଭୋକ
ଲୁହ ଝରିବ ରହିବ ଲୁହର ଦାଗ
ହାରିବନି ମୋ ପଞ୍ଜରା ହାଡ !!

ଭାଗ୍ୟ ସାଥେ ସିନା କର୍ମ ମରେ
ମୋ ଦେହ ସାଥେ ଚର୍ମ ସୁଖେ
ଲକ୍ଷ୍ୟକୁ ତଥାପି ଚାହିଁ ବସିଛି
ଲୁହ ଭରା ଫିକା ଶୀଉଳି ସୂତେ !!

ଶରୀର ମହକି ଉଠିବା ଆଗରୁ
ଆତ୍ମା ସଦୃଶ ମଳିନ ଚିହ୍ନ
ଧରା କୁ ଧରି ଶରୀର ମୋର
କହୁଥିବ ମୁଁ ବି ଯୋଗ୍ୟ କୁ ଯୋଗ୍ୟ !!

ଦୁଷ୍ମନ୍ତ ବେହେରା (ପାଦପଦ୍ମ)
ରାସୋଲ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମେହେନତି



ପିନାକୀ ମିଶ୍ର

ତୋ ପିଠିର ତତଲାଚୂଲୀରେ
ସୁଖ ରୁଟି ସେକେ,
ଆଇଁଷିଆ ହାତ ମସଲା କଷେ,
ତୋ କପାଳ ରିବିରିବି ଝାଳ
ବିଳାସୀ ଚର୍ବିଦେହକୁ ଶୀତଳାଏ,
ତୋ ବଳ ବିଶ୍ୱାସ ଆୟୁଷ ଲାଗି-
ଥିଲାବାଲା ଉପରମୁହାଁ,
ମାସପୁରିଲେ ତୁ
ପ୍ରାପ୍ତି ଆଶାରେ ତଳମୁହାଁ ।

ସଂଜବେଳେ ଗାଁ ରାସ୍ତାରେ ଚାଲୁ-
ହାଲିଆବଳଦ ପରି,
ପ୍ରବାସରେ ଥିଲେ
ସଂସାର ସୁମୁରୁ କପାଳ ଆଦରି
ଅନ୍ଧାର ଜାବୋଡି ।

ଛାଇପରି ତୋ ଅଭାବ ପାଖେପାଖେ ଥାଏ
ଖଟିଖିଆର କେବେ ଭାଉ ନଥାଏ,
ତୁ ନମ୍ର ହାକିମ ହତାରେ
ତୋ ଛାତି କଥାଅକଥା ସବୁ ସହିପାରେ
ବିନା ପ୍ରତିବାଦରେ ।

ଯେତେଦିନ ଖଟିପାରୁଛୁ
ସେତେଦିନ ତୁ ସୁନାପୁଅ,
ବଳ ଖସିଗଲେ ଜିଙ୍ଘାସ ଶୁଣୁ
ଭୋକ ହାଇମାରେ ଧୂଳିପିଣ୍ଡାରେ,
ଅଣଦେଖା ହେଉ ଶ୍ରମିକହାଟରେ,
କ୍ଷେତକୁ ,ଖାଦାନ୍ କୁ ,କାରଖାନାକୁ
ପାରିଲାର ସିନା ଦମ୍ ଦମ୍ ପଶେ,
ଦରପାଚିଲା ବୟସ ବଲବଲ ଅନେଇଁଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିଂହାସନଠୁ ତୁ ବହୁତ ଦୂରରେ
ଗୋଲାପୀଗାଲକୁ ନଜର ଦେଉନା,
ଆକାଶକୁ ମାଗୁନି କିଛି
ଫୁଟ୍ ପାଥର ଜୀବନ
ମଝିରାସ୍ତା ଗାଡିକୁ ତୁ ସଳଖେଇ ଚାହୁଁନା ।

ଅଧାରୁ ପାଠ ଛାଡିଥିଲୁ
ଦେହେକ ଚିନିବସ୍ତା ବୋହିଲୁ,
କ୍ଳାନ୍ତ ସଂଜରେ ଗମାତ ହେଲୁ
ଅଭାବୀ ଘରକୁ ନିନ୍ଦିନୁ କେବେ
ଅନ୍ଧାରକୁ ପୁରେଇଦେଇଛୁ
ନିଜ ଛାତିତଳ ଦୁର୍ଭାଗାଗାତରେ ।

ଥିଲାବାଲା,ଲୁଟିଖିଆ ପାହାନ୍ତିପାଚିଲା ନିଦରେ
ମାମୁଲି , ଖଟିଖିଆ ଜୀବନଅଣ୍ଡାଳୁଛି
ବାସିଚୂଲୀର ଥଣ୍ଡାପାଉଁଶରେ ।

ଚର୍ଚ୍ଚପାଖ, ଜେଲ୍ ରୋଡ, କେନ୍ଦୁଝର-୧
ମୋ -୯୪୩୮୯୧୩୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭୁଲା ସ୍ୱପ୍ନ



ସମ୍ମିତ ଦାସ

ଭୁଲି ହୁଏ ନାହିଁ ସେ ଅଭୁଲା ସ୍ୱପ୍ନ
ମନେପଡେ ଅନେକ ବାର,
କାହାକୁ କହିବି କାହିଁକି କହିବି
ଦେଖିଥିବା ସ୍ୱପ୍ନ ମୋର ।

ଛୋଟ ବେଳେ ମୁଁ ଦେଖୁଥିଲି କେତେ
ସ୍ୱପ୍ନ ବଡ଼ ହେବା ପାଇଁ,
କୁଆଡେ ଲିଭି ଗଲା ସେହି ଅଭୁଲା ସ୍ୱପ୍ନ
ଈଶ୍ୱର ତୁମେ ମୋର ସାଇଁ ।

ବେଳେ ବେଳେ ଏମିତି ସ୍ୱପ୍ନ ଆସିଯାଏ
ଭଙ୍ଗିଯାଏ ପରା ନିଦ,
ସେହି କଥା ଭାବି ବସିଲେ ଧିରେ ଧିରେ
ଲାଗେ ମତେ ଭାରି କାନ୍ଦ ।

ସେହି ଅଭୁଲା ସ୍ୱପ୍ନ ଭୁଲିବାକୁ ଚାହିଁଲେ
ବି ଭୁଲି ହୁଅନା,
ସେହି ସ୍ମୃତି ଧିରେ ଧିରେ ଆସି ମୋର
ଅନ୍ତରେ ଝୁରେ ସିନା ।

ସେ ଅଭୁଲା ସ୍ୱପ୍ନ କେତେ ଦୁଃଖ ଦେଇଛି
କେତେ ସୁଖ ଦେଇଛି,
ନିରାଶା ମନରେ ବି ମୋର କେତେ
ଆଶା ସଂଚାରିଛି ।

ପଲ୍ଲୀକଣ୍ଟା,ଏରସମା, ଜଗତସିଂହପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଉଁଟା ଅତୀତ



ପ୍ରାଚୀ ପ୍ରଭା ନନ୍ଦ

ମନେପଡେ ଆଜି ସେଇ କାହାଣୀ

ଶୁଣିଥିଲି ଯାହା କେବେ କେଜାଣି

ଫର୍ଦ୍ଦ ପରେ ଫର୍ଦ୍ଦ ପଛକୁ ଫେରେ ଯେତିକି

ସ୍ନେହ ବୋଲା ଶବ୍ଦ ଜାଲେ ଛନ୍ଦି ହୋଇଯାଏ ସେତିକି

ସମ୍ପର୍କ ର ଡୋରି ରେ ମିଠା ମିଠା ତୋର ଗାଳି ରେ

ଜହ୍ନ ରାତିରେ ତୋର କୋଳରେ ,ଅସରନ୍ତି ଗପ ଭିତରେ

ହଜିଜାଇ ତୋର ସାଥିରେ, ଟୁକ୍ ଟୁକୁ ଚାଲିରୁ ଯୌବନ ଦୌଡ ର ଚକ୍ରରେ ...

କେତେ ଯେ ବସନ୍ତ ଅତିକ୍ରାନ୍ତେ ପତ୍ରଝଡ଼ା ଆଗମନ ରେ

ହାତ ଯେବେ ଛାଡିହେଇ ଉଭେଇ ଗଲା ଅସ୍ତିତ୍ୱ ତୋର

ହଠାତ୍ ଅବାକ୍ ହେଇ ନୟନୁ ମୋ ଝରିଗଲା ଦି ଟୋପା ଅବଶୋଷ ଭରା ଲୁହର ଧାର..

ବିଷ୍ମରି ଥିଲି ତୋତେ ସଂସାର କସଣେ ଜୀବନର ସଂଘର୍ଶେ ପେଶି

ହେଲେ ଦୁରେ ବହୁ ଦୁରେ ହଜିଗଲା ପରେ ତୁ ଆଡାଏ ଆଜି ଖାଲି ସାଉଁଟା ସ୍ମୃତି...

ଗୁଣ୍ଡିଚା ବିହାର, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁକୁଳ ଓ ଏବର ବିଦ୍ୟାଳୟ



ବାଲାଜୀ ସେଠୀ

( ରାଗ ଚୋଖୀ)

ବିଦ୍ୟା ଅତୁଳ ଅନନ୍ତ  ନାହିଁ ଯାର ଆଦି ଅନ୍ତ
କଳେବର ଯାର କଳି ନୁହେଁ ସମ୍ଭବ
ସାଗରୁ ସବିତା କର  ଶୋଷାଉଇ ବାରି ଧାର
ଜ୍ଞାନ ପରାଚୀରେ ଗୁରୁ ପ୍ରଭା ବିଭବ
ଗୁରୁ ବ୍ରହ୍ମା ବିଷ୍ଣୁ ମହେଶ
ଗୁରୁଙ୍କ ଆଶିଷେ ମିଳେ ଅକ୍ଷୟ ଯଶ   । ।

ମୁନି,ମହର୍ଷି, ବ୍ରାହ୍ମଣ  ବିଜ୍ଞାନୀ ଶାସ୍ତ୍ର ପ୍ରବୀଣ
ଆଶ୍ରମେ ସାଧନା ନଗ୍ର ଅନତି ଦୂରେ
ବ୍ରାହ୍ମଣ, କ୍ଷେତ୍ରୀୟ ବୀର  ବାଳକ ରାଜ କୁମର
ଉପସ୍ଥ ସମୀପେ ଗୁରୁ ବିଦ୍ୟାର୍ଥୀ ଭରେ
ଗୁରୁକୁଳେ ବିଦ୍ୟାଧ୍ୟୟନ
ମଥାର ତିଳକ ମାନ୍ୟ ଗୁରୁ ବଚନ   । ।

ଏକାଗ୍ର ଚିତ୍ତେ ସ୍ମରଣ  ସ୍ପଷ୍ଟ କରି ଉଚ୍ଚାରଣ
ବିଦ୍ୟ କରନ୍ତି ଶିକ୍ଷଣ ଶୃଙ୍ଖଳା ରଖି
ନୀରବରେ ନିରୀକ୍ଷଣ  ବ୍ୟକ୍ତିଗତ ଆଚରଣ
ଅନ୍ତର୍ନିହିତ ପ୍ରତିଭା ଗୁଣ ପରଖି
ଗୁରୁ ଦ୍ୟନ୍ତି ସ୍ୱତନ୍ତ୍ର ଶିକ୍ଷା
ସାମରଥା ନିଷ୍ପାଦନେ ଶେଷେ ପରୀକ୍ଷା   । ।

ଗୁରୁ ଶିଷ୍ୟର ସମ୍ପର୍କ  ପବିତ୍ର ପୁତ୍ର-ଜନକ
ଗୁରୁ ସଦା ବିରାଜନ୍ତି ଉଚ୍ଚ ଆସନ
ସନ୍ଦିପନୀ  ଯେ  ବଶିଷ୍ଠ   ଦ୍ରୋଣ,  ସୌମ୍ୟ, ରାମକୃଷ୍ଣ
ବାଲ୍ମୀକି, ଚାଣକ୍ୟ ନାମ ସଦା ଅମ୍ଳାନ
ଗୁରୁ ବିନା ବିଦ୍ୟା ଅପୂର୍ଣ୍ଣ
ଗୁରୁକୁଳେ ଶିଷ୍ୟ ଲଭେ ସ୍ୱୟଂ ସମ୍ପୂର୍ଣ୍ଣ   । ।

ଅନୁକ୍ରମେ ଅବଧାନ  ବାଳକେ ବିଦ୍ୟା ଅର୍ଜନ
ବାଳିକେ ହୋଇଲେ ଗୃହେ ଶିକ୍ଷା ବଂଚିତା
ସ୍ୱାଧୀନେ ଶିକ୍ଷା ବ୍ୟାପକ  ଅଧିକାର ମୌଳିକ
ବାହାରି ଆସିଲେ ନାରୀ ହୋଇ ଶିକ୍ଷିତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅରଜନ ଜ୍ଞାନ ବିଜ୍ଞାନ
ହୀନ୍ୟତା ଉପେକ୍ଷି କରେ ବିଶ୍ୱ ବନ୍ଦନ  । ।

ଅଧୁନା ଶିକ୍ଷାର ମାନ  ପୋଥି ରମ୍ୟ ଉପଧାନ
ଆଚାର ବେଭାର ହୁଏ ଉଗ୍ର ଉଦ୍ଧତ
ପିତାମାତା ଗୁରୁଜନ  ପ୍ରତ୍ୟାଶାରେ ହୀନିମାନ
ଶିକ୍ଷିତ ସନ୍ତାନ ପାଶୁ ହୁଏ ତଡିତ
ଏ କି ତାର ମାନ ମହତ
ମୂଲ୍ୟବୋଧ ହୁଏ ଯହିଁ ଧରା ଲୁଣ୍ଠିତ  । ।

ଏବକାର ବିଦ୍ୟାଳୟ  ଦଣ୍ଡମୁକ୍ତ କ୍ରୀଡାଳୟ
ଗୁରୁ ହୋଇଲେ ଶିକ୍ଷକ ବେତନ ଭୋଗୀ
ଠିକାରେ ନିଯୁକ୍ତ ଆଗେ  ବିଭାଜିତ କେତେ ବର୍ଗେ
ଅନୁଶାସନେ ରହନ୍ତି ଚାକିରୀ ଜଗି
ପ୍ରତିବଦ୍ଧ ହେଲେ ଶିକ୍ଷକ
ବିଦ୍ୟାଳୟେ ଉଦ୍ଭବିବ ମାନ ରକ୍ଷକ  । ।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକାଶର ଚେତନା



ସ୍ମୃତିରଞ୍ଜନ ବାରିକ

ଗଗନର ଗର୍ଭଚିରି ପ୍ରବେଶିଲା ଶକ୍ତି,
ଚତୁଃପାର୍ଶ୍ୱେ ଗୁରୁଣ୍ଡିଲା ନପାଇଲା ମତି ।
ନିଶାରେ ଅନ୍ଧକାର ମତୁଆଲା ହୋଇ,
ବିକଟାଳ ରୂପ ତା'ର ଘାରିଥିଲା ଭୂଇଁ ।
ନିଃସଙ୍ଗ, ଭୟଭୀତ ହେଲା ଯେ ଶକ୍ତି,
ନପାଇ ସଖୀ ତା'ର ଥରିଥିଲା ଛାତି ।
ଭାବିଥିଲା ନେବ ସେ ସତ୍ୟର ଦୀକ୍ଷା,
ବହୁ ଉଦ୍ଦୀପନା ଥିଲା ମନରେ ଆକାଂକ୍ଷା ।
ପରୀ ସ୍ୱପ୍ନ ରାଇଜ କଳ୍ପିତ ଦୁନିଆ,
କିନ୍ତୁ ଦୃଶ୍ୟତେ ଅନ୍ଧକାର ନିଆଁ ।
କେମନ୍ତେ ତୋଳିବ ଅହିଂସାର ଘର,
ଏଠାରେ ତ ଦୁନିଆ ଗୋଲାମି ଅନ୍ଧକାରର ।
ହୃଦୟ ତ ପୂର୍ଣ୍ଣ ହିଂସାରେ ଲାଳିତ,
ଜଳିବ କି ଏଠି ଦୀପିକା ସତେ ତ ? ? ?
ଖୋଜେ ତ ନମିଳଇ କ୍ଷଣିଏ ଶାନ୍ତି,
ସାମ୍ନେ ତା'ର ଦେଖଇ ରାତି ହିଁ ରାତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାବିନେଲା ଅଭିଶାପ ତା'ର ଏ ଜୀବନ,
କାହିଁ ଦେଲ ଜନମ ? ହେ ! ଆଦରିବି ମରଣ ।
ନିରାସକ୍ତ ମନ ଧରି ହୃଦୟ କ୍ରନ୍ଦନ,
ନିର୍ଲିପ୍ତ, ନିଃସହାୟ ଚାଲଇ ଶମଶାନ୍ ।
ଦେଖି ମହାକାଳ ଅଶ୍ରୁପୂର୍ଣ୍ଣ ନୟନ,
କହେ କୋହେ ମୁହିଁ ଆଜି ଦେବି ପ୍ରାଣଦାନ ।
ଏହାଶୁଣି ଚମକିଲେ ଦେବର ଦେବ,
କହିଲେ ତୁ ନୁହେଁ କ୍ଷୁଦ୍ରର ପାର୍ଥିବ ।
ସୃଷ୍ଟି ତୋର ସୃଷ୍ଟିକର୍ତ୍ତା କରି ପୂର୍ଣ୍ଣ ଚିନ୍ତନ,
ଜନ୍ମଦେଇ ଭାବିଥିଲା ହେବ ଦୁଃଖ ଦମନ ।
ତୋ ପାଖେ ଏ ନୁହେଁ ବିଶ୍ୱାସର ଆଶା,
ହେଲେ ତୁ ଏମନ୍ତ ସବୁ ହେବ ପଶା ।
ମହାକାଳ ବାଣୀ ଶୁଣି ହେଲା ସେ ଜାଗ୍ରତ,
ବୁଝଇ ଯାତ୍ରା ପୁଣି କରିବ କେମନ୍ତ ?
କହଇ ମହେଶ୍ୱର:- ବାସୁଦେବ ଦର୍ଶନ,
ଦେବ ତୋତେ ପୁଣି ପୂର୍ଣ୍ଣର ଜୀବନ ।
ଆନନ୍ଦେ ଫେରଇ ଧରି ଏହି ବଚନ,
ବାସୁଦେବ ବାସୁଦେବ କରଇ ସେ ମନନ ।
ଅଜ୍ଞାତରେ ପହଞ୍ଚିଲା ପଦ୍ମନାଭ ପାଶ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଥମ ଦର୍ଶନେ ଚହଟିଲା ଦିଗ ଦଶ ଦଶ ।
ଆତ୍ମା ତା'ର ପୂର୍ଣ୍ଣେ ଆନନ୍ଦେ ବିଭୋର,
ବୁଝଇ"ନିର୍ଲିପ୍ତେ ସେ ଲକ୍ଷ ଜୀବନର ।
ହସି ଜନ୍ନାର୍ଦନ ଦେଇ ଖଣ୍ଡି କାଶ,
କହଇ"ତୁ ପରା ଆଲୋକେ ପ୍ରକାଶ" ।
କର୍ଣ୍ଣ ମୂଳେ ବିପ୍ଳବ ରଚଇ ଏହି ବାଣୀ,
ପୂର୍ଣ୍ଣ ରୂପେ ପ୍ରକାଶିଲା କେଶବଠୁ ଶୁଣୀ ।
ଅନ୍ଧକାର ଦୂରେ ଗଲା ଦେଖି ଏହି ଶକ୍ତି,
ଆଲୋକ ପ୍ରବେଶିଲା ଦେଖାଇ ତା ଗତି ।
ସୁନ୍ଦର ସୃଷ୍ଟି ପୁଣି ହସଇ ମୁରୁକି,
ଦେଖି ଆଲୋକେ ସତ୍ୟର ଚୁମୁକି ।
ସୁନ୍ଦର ଜଗତ ଯାହା ବୃଦ୍ଧ ବ୍ରହ୍ମା ସୃଷ୍ଟି,,
କିନ୍ତୁ ଆଲୋକେ ନାଚଇ ଜୀବନର ଦୃଷ୍ଟି ।

ଗ୍ରାମ:-ଅନୁପଲା, ଗ୍ରା.ପ.:-ସାମନ୍ତରାପୁର
ବ୍ଲକ:-ତିର୍ତ୍ତୋଲ, ଜିଲ୍ଲା:-ଜଗତସିଂହପୁର
ପିନ୍:-୭୫୪୧୦୨
ମୋ:-୭୩୭୭୮୦୬୧୮୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୋ ଗାଁ ନଈ



ରଶ୍ମୀବାଳା ଶତପଥୀ

ପୁଣ୍ୟ ମାଟିରେ ଜନମ ମୋହର
ଘର ମୋର ଯାଜପୁର,
ମୋ ଗାଁର ତୀରେ ତୀରେ
ବହିଯାଇଛି ବୈତରଣୀର ଧାର ।
କଳ କଳ ନାଦ କରି ବହି ଚାଲିଥାଏ
ସେ ତ ପୁଣ୍ୟତୋୟା ପୁଣ୍ୟଗର୍ଭା,
ପାଦ ପ୍ରକ୍ଷାଳୁଛି ମା ବିରଜାଙ୍କ
ଯେ ଜଗତ ଜନନୀ ସର୍ବେସର୍ବା ।
ଗୋନାଶିକାରୁ ବାହାରି ବହି ଚାଲିଛି
ସେ ବୋଲାଏ ଓଡ଼ିଶାର ଗଙ୍ଗା,
ବିରାଜିଛି ଉପକୂଳେ କେତେ ଯେ
ପବିତ୍ର ଧାର୍ମିକ ପୁଣ୍ୟ ଜାଗା ।
କେତେ ଶାଖପ୍ରଶାଖା ମେଲି
ବହି ଚାଲିଛି ଆଗକୁ,
ଧନ୍ୟ ମନେ କରେ ମୁଁ ଯେ
ସ୍ପର୍ଶ କରି ତା'ର ପବିତ୍ର ଜଳକୁ ।

ସ୍ଥାନ - ଯାଜପୁର ଟାଉନ୍, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେଦର ଗାର



ପ୍ରଜ୍ଞା ପରିମିତା ମାଝୀ

ପ୍ରତିଟି ପୃଷ୍ଠାର ବେଦର ଗାର ମୁଁ,

ମିଳେ ଯେଉଁଠାରେ ସନ୍ଧାନ ସତ୍ୟର ।

ପାଦପର ସେଇ ଶୀତଳ ଛାୟା ମୁଁ,

ସଦୃଶ ପଣତ କାନୀ ମମତାର ।

ମନମୁଗ୍ଧକାରୀ, ସଂଗୀତର ସାତସୁର ମୁଁ,

ରହିଛି ଯେଉଁଠି ମଧୁର ଝଙ୍କାର ।

ମହାପୁରୁଷଙ୍କ ଜ୍ଞାନର ପରିଚୟ ମୁଁ,

ଯାହାଦ୍ୱାରା ସୃଷ୍ଟି ଶିକ୍ଷା ସମାଜର ।

ତୃଷାର୍ତ୍ତ ପଥିକର ଶ୍ରାବଣର ବାରି ମୁଁ,

ଯାହାବିନେ ନଷ୍ଟ ସୌନ୍ଦର୍ଯ୍ୟ ପ୍ରକୃତିର ।

ଭସା ବାଦଲର...

ଚମକୁଥିବା ବିଜୁଳି ଟିଏ ମୁଁ,

ପାରେନା ଢାଙ୍କି ଯାକୁ କୌଣସି ଅନ୍ଧାର ।

ହଁ ମୁଁ ସେଇ ବେଦର ଗାର....।।

କେସିଙ୍ଗା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ



ନିଲେନ୍ଦ୍ରି ସା

କେତେବେଳେ ଖୁସିରେ ପୁଲକିତ,
ତ କେତେବେଳେ ଦୁଃଖରେ ମ୍ରିୟମାଣ ।
କେତେବେଳେ ଆନନ୍ଦରେ ବିମଣ୍ଡିତ,
ତ କେତେବେଳେ ବିଷାଦରେ ପରିପୂର୍ଣ୍ଣ ।
କେତେବେଳେ ଓଠରୁ ଝରି ପଡେ ଅସରନ୍ତି ହସ ,
ତ କେତେବେଳେ ଆଖିରୁ ଝରି ପଡେ ଅଜସ୍ର ଲୁହର ଧାର ।
କେତେବେଳେ ସ୍ନେହ, ଶ୍ରଦ୍ଧା, ମମତାରେ ସର୍ଜିତ ,
ତ କେତେବେଳେ କାମ, କ୍ରୋଧ, ମାୟାରେ ମର୍ଜିତ ।
କେତେବେଳେ ପ୍ରେମ, ଅନୁରଗରେ ମହକି ଉଠେ,
ତ କେତେବେଳେ ଛଳନା, ପ୍ରତାରଣାର ଜ୍ୱାଲାରେ ଜଳି ଉଠେ ।
କେତେବେଳେ କିଛି ପାଇବାର ଆଶା ଓ ଆଙ୍କାକ୍ଷା ,
ତ କେତେବେଳେ କିଛି ହରାଇ ଦେବାର ଆଶଙ୍କା ।
କେତେବେଳେ ଶାନ୍ତ ,
ତ କେତେବେଳେ ଉତ୍ତେଜିତ ।
କେତେବେଳେ ଗଭୀର,
ତ କେତେବେଳେ ଚଞ୍ଚଳ ।
ଏହି ପରି ଭାବେ ଚାଲି ଆସୁଛି ତ ମଣିଷ ଜୀବନ ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ,ଭବାନୀପାଟଣା, (କଳାହାଣ୍ଡି)
ସ୍ନାତକ ଶେଷ ବର୍ଷ (ଓଡ଼ିଆ)
ଗ୍ରାମ- ଚହଗାଁ, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ଜନ୍ମଜୟ ନାୟକ

ସରଗ ସମ ପରା ତାହାର କୋଳ,
ତାହାର ସେନେହ ଅଟଇ ଅମୂଲ ।
କେତେ ମିଠା କଥା ତାହାର ଅଟଇ,
ତା ଆଶିଷେ ରିଷ୍ଟ ଯାଏ ଦୂର ହୋଇ ।
ସେ ଯେବେ ମୋ ଠୁଁ ଦୂରରେ ରହିଥାଇ,
ସକଳ କଥା ମୋତେ ପିତା ଲାଗଇ ।

ତା' ଫେରିବା ବାଟକୁ ମୁଁ ରହେ ଚାହିଁ,
ସର ଲବଣି ବି ମୋତେ ନ ରୁଚଇ ।
ରୋଗେ ମୁଁ ପଡିଲେ ତା' ଆଖିରେ ଲୁହ,
କୋଳେ ଧରିଥାଏ ମନେ ଭରି କୋହ ।
କେତେ ପୂଜା ମାନସିକ କରେ ସେହି,
ମୋ ଶୁଭ ମନାସଇ ଉପାସ ରହି ।

ସଭିଙ୍କ ଓଠରେ ସେ ହସ ଫୁଟାଏ,
ସବୁ ଦୁଃଖକୁ ଛାତିରେ ଚାପିଥାଏ ।
ତା' ଆଙ୍ଗୁଳି ଧରି ବାଟ ମୁଁ ଚାଲିଲି,
ସତମିଛର ଫରକ ମୁଁ ଶିଖିଲି ।
ଦୁଃଖଦରିଆରେ ସେ ସୁଖର ନାଆ,
ମମତାମୟୀ ଦେବୀ ସେ ମୋର 'ମାଆ' ।

ଯାଜପୁର
ଗଣିତ ଶିକ୍ଷକ, ଚିଲିକା ନୋଡାଲ୍ ହାଇସ୍କୁଲ, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୁଇ ନିଆଁ



ଦୀପକ କୁମାର ପାତ୍ର

ଦିନ ଦିନ ରାତି ରାତି ଧରି ଆଜି

ଜଳିବା ନିଆଁ ଜଳୁଛି ଯେ ଜଳୁଛି

ଗୋଟେ ଜୁଇ ଶ୍ମଶାନରେ ନିର୍ବାପିତ ନ ହେଉଣୁ

ଆଉ ଗୋଟେ ଜୁଇର ପ୍ରସ୍ତୁତି ଚାଲିଛି .....

ଆଜି କରୋନା ପାଇଁ ଧନୀ ଆଉ ଗରୀବର

ସୀମାରେଖା ଏକ ହେଇ ଯାଇଛି

ଯିଏ ଯେତେ ବିତ୍ତଶାଳୀ ହେଉପଛେ

ଶ୍ମଶାନର ଦୁଇପାଦ ମାଟି ପାଇଁ ହନ୍ତସନ୍ତ ହେଉଛି.....

ନିଆଁ ଏତେ ଜଳୁଛି ଯେ

ବୈଶାଖର ଖରା ବି କମ୍ ଲାଗୁଛି

ଯେଉଁ ଆଡେ ଦେଖିଲେ ଖାଲି ଶବର ପୋଡା ଗନ୍ଧ

ବାୟୁମଣ୍ଡଳରେ କରୋନାର ଭୟାବହତାର

ବାର୍ତା ବହନ କରୁଛି.....

ଏଇ ପରିସ୍ଥିତି ସତେ ମଣିଷର ଅଶହାୟତାକୁ

ବାରବାର ସୂଚେଇ ଦେଉଛି

ଗୋଟେ ଆତ୍ମୀୟ ତାର ଆପଣାର ଠୁ ଦୁରେଇ ଯାଉଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପର ଶବ ପାଖକୁ ପୁଅ ଆଉ

ପୁଅର ଶବକୁ ବାପ ଛୁଇଁବାପାଇଁ ସଙ୍କୋଚ କରୁଛି.....

ଇଏ କିଭଳି ସମୟ ଆସିଛି

ଅଦୃଶ୍ୟ ଦାନବ ଉଗ୍ର ରୂପଧରି ଚାରିଦିଗେ ଘୁରିବୁଲୁଛି

କରୋନା ଦାନବ ମାୟା ଅସ୍ତ୍ରଧରି ତାଣ୍ଡବଲୀଳାରେ ମାତିଛି

ସୁଖ ଦୁଃଖର ସଂସାରରୀ ମଣିଷ

ହାହାକାର ଡାକ ଛାଡୁଛି

ଇଏ କିଭଳି ସମୟ ଆସିଛି..... ।।

ଦୀପକ କୁମାର ପାତ୍ର

ଭବାନୀପାଟଣା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲଢ଼ାଇ

ମୂଳରଚନା (ବଙ୍ଗଳା): ସୌମିତ୍ର ଚଟ୍ଟୋପାଧ୍ୟାୟ
ଓଡ଼ିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ଼

ଲଢାଇଟା
ଜାତି ନେଇ ନୁହଁ
ଭାତ ନେଇ ହେଉ ।

ଲଢାଇଟା
ବାବରି ନେଇ ନୁହଁ
ଚାକିରି ନେଇ ହେଉ ।

ଲଢାଇଟା
ଦୀକ୍ଷା ନେଇ ନୁହଁ
ଶିକ୍ଷା ନେଇ ହେଉ ।

ଲଢାଇଟା
ଅସ୍ତ୍ର ନେଇ ନୁହଁ
ବସ୍ତ୍ର ନେଇ ହେଉ ।

ଲଢାଇଟା
ଶ୍ମଶାନ କବରସ୍ଥାନ ନେଇ ନୁହଁ
ବାସସ୍ଥାନ ନେଇ ହେଉ ।

ଲଢାଇଟା
ଗୋତ୍ର ନେଇ ନୁହଁ
ସ୍ୱାସ୍ଥ୍ୟ ନେଇ ହେଉ ।

* ଗ୍ରାମ/ପୋ.ଅ- ବେରୁଆଁବାରୀ
ଜିଲ୍ଲା-ନୟାଗଡ-୭୫୨୦୮୨
ଦୂରଭାଷ:୦୯୩୩୯୬୧୦୧୬୮
ଇ-ମେଲ-sanmahakud@gmail.com
www.sanatanmahakud.im

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଷ୍ଟିମେଟ୍

'ଏଷ୍ଟିମେଟ୍', ଗୁଟେ ବରକସିଆ ଇଂରାଜୀ ଶବଦ୍ ଆଏ । ଇ'ଶବଦ୍ ଆମର୍ ଜୀବନର ଥିଁ ଏନତା କିସମେ ଜୁଡି ହି' କରି ଅଛେ ଯେ ଇତାର୍ ବିନେ ଆମର୍ ଜୀବନ୍ ଅବଗା ଛୁଚା ଖାର୍ ଆଏ,ନରକ୍ ଆଏ । ଇ'ଶବଦର୍ ମୋଲ୍ ବନେ ଯବର୍ ଆର୍ ଊଁଚା ଦରଜାର୍ ଆଏ । କାଁ'ଯେ ବଏଲେ ସଂସାର୍ ଗୁଲା ହର୍ 'ମୁନୁଷ୍ ଜୀବନ୍' ଗୁଟେ ଗୁଟେ ଏଷ୍ଟିମେଟ୍ ଆଏ । ଇ' ମୁନଷ୍ ଜୀବନର୍ 'ଏଷ୍ଟିମେଟର୍" କେନ୍ ଆଏ ?ଆମେ ସଭେଁ ଜାନିଛୁଁ,ହେଲେ ଆଏଜ୍ ପତେକ୍ ତାହାକୁଁ କେନ୍ ଗଲେ ନି' ଦେଖବାର୍ ତାଏଲ୍ ଯେନ୍ କି' ଇ' ଗଖା ସଂସାର୍ କେ କାହିଁ ଦିନୁ ତାର୍ ଆତା ପାତା ନି' ଚଲେଇ ଆନୁଛନ୍ ।କେନ୍ ମୁନୁଷ୍ ଜୀବନେ ଯଦରବି ତାଁକର୍ ଜୀବନର୍ ଏଷ୍ଟିମେଟ୍ ତଲ୍ ଉପର୍ ହେଲା,ଜାନମା ଯେ ସେ ମୁନୁଷ୍ ଖାଲ୍ କେ ନରଦୁଛନ୍ । ଆର୍ ଫାଲେକେ ସେ ମୁନୁଷ୍ ଯଦରବି ତାହାକୁଁ କେନ୍ ଗଖା ଅଜନା ତାକତ୍ ନୁ ମିଲିଥିବାର୍ ଏଷ୍ଟିମେଟ୍ କେ ଠିକ୍ ବତର୍ ସମିଆଁ ନ' ଫେର୍ ଘାଏ ତାର୍ ବତରେ ବତର୍ ସଜେଇ ଦି' ପାରବେ ନିଜର୍ ବୁଦ୍ଧି ଆର୍ ବିବେକ୍ ବଲେ ,ସେ ମୁନୁଷ୍ ଫେର୍ ଘାଏ ନିଜର୍ ଜୀବନର୍ ଅସଲ୍ ଧାରେ ପଡବେ ଆର୍ ତାଁକର୍ 'ଏଷ୍ଟିମେଟ୍' ଠିକ୍ ଚାଲିଛେ ବଲି ଧରାଯିବା ।

ଇ, ଏଷ୍ଟିମେଟ୍ କାଏଁଟା ? ସକାଲ୍ ପାଏଲେ ଇ, ଶବଦର୍ ବେଭାର୍



ସୁନିଲ୍ କୁମାର
ଅଗସ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହର୍ ଲୋକ୍ କରୁଛନ୍ । ସାନେ ଶୁରୁ ନୁ ଆରମ୍ କରି ସାହେବ୍, ଲାଟ୍ ସାହେବ୍, ଗଖା ନେତା ମନ୍ତ୍ରୀ, ଉଁଚା ଦରଜାର୍ ହେଉ କି ଛିଟକି ବେପାରୀ ଏନତା କି' ଆମର୍ ଦେଶ୍ ରାଏଜର୍ ଲୋକର୍ ଦରବାର୍ ଗଲେ ଇ' ଏଷ୍ଟିମେଟ୍ ବଲେ ଆର୍ ଉଧେ ଯବର୍ ଢଙ୍ଗେନେ ନରଦି କରି ତାଁକର୍ ତାଁକର୍ ନିଦାନେ ଖେଟି ପାରୁଛନ୍ । ଟୁକିଲ୍ ପିଲା ବିହାଘର୍ ଏଷ୍ଟିମେଟ୍,ଘରର ବନା ଏଷ୍ଟିମେଟ୍,ପିଲାଛୁଆର୍ ପାଠ୍ ପଢା ଏଷ୍ଟିମେଟ୍, ଜମିବାଡି ଘିନାବାକାର୍ ଏଷ୍ଟିମେଟ୍, ବଛର୍ ଗୁଲା ଖେପେକ୍ 'ଦୁର୍ଗାପୂଜା'ର୍ ଏଷ୍ଟିମେଟ୍, ଭୁଜିଭାତିର୍ ଏଷ୍ଟିମେଟ୍, ବେପାର୍ ଗୁଟେ ଆରମ୍ କଲେ ତାର୍ ଏଷ୍ଟିମେଟ୍,ସାଙ୍ଗ୍ ସରସା ମିଶା ଭେରା ଥିଁ ସମିଆଁ ଜାନି 'ଅବକାରା' ଏଷ୍ଟିମେଟ୍, ତୀରଥ୍ କରି ଯିମା ତାର୍ ଗୁଟେ ଏଷ୍ଟିମେଟ୍ ଏନତା ଅନଗନତି ଏଷ୍ଟିମେଟ୍ ଆମର୍ ଜୀବନର ଥିଁ ଆମେ କରସୁଁ । କାଁ'ଯେ କି' ଇ' କିସମ୍ ଥିଁ ଜୀବନର୍ ଧାର୍ ତାର୍ ଧାରେ ଧାରେ ଯିବା ଆର୍ ଥିବା, ଇ' କଥା ଆମର୍ ମନର୍ ଭାବ୍ କେ ଟେକନା କରି ଥିସି । କେତେବେଲେ ଆମର୍ ଏଷ୍ଟିମେଟ୍ ଫେଲ୍ ମାରସି ଆର୍ କେତେବେଲେ ଲକ୍ ଠକ୍ ବତରେ ସଲଟି ଯାଏସି । ଯଦରବି ଏଷ୍ଟିମେଟ୍ ଫେଲ୍ ମାରଲା ଲୋକର୍ ନିନ୍ଦା ପାଏବାର୍ ସାର୍ ଆଏ ସଙ୍ଗେନେ ଇ'ଲୋକ୍ କେ ଗଲେ ଅରକଲେ ପଡବାର୍ କେ ହେସି । ଇଠାନେ ଯେତେଗଲେ ଏଷ୍ଟିମେଟ୍ ବାବଦେ ଆମେ ତଲ୍ ଉପର୍ ଡେବରୀ ଭୁଜନୀ ନିଘା କଲାଁ ଗମେନ୍ ଖେଟଲାଁ ତାର୍ ସବୁଥିର୍ ନିଦାନ୍ ଖେଟେନ୍ "ଟଁକା' ଆଏ,ଟଁକାର୍ ପାତଲ୍ ଆର୍ ଲମ୍ ଉସାର୍ ଜାନି କରି ଯେହେନସି କିସମର ଏଷ୍ଟିମେଟ ର' "ତାଉ" ଆର୍ "ମୋଲ୍" ଜନା ପଡ଼ି ଯାଏସି ।

ଇହାଛିନ୍ ତ' ପୁରଥୀର୍ ବନେ ଗୁଟାଦୁ ଦେଶ୍ ରାଏଜେ ଲୋକର୍ ଦରବାର୍ ଚାଲିଛେ । ଲୋକ ମାନେ ଦରବାରର୍ ମୁଖିଆ ଆ"ନ୍, ଲୋକ୍ ମାନକଁର କଥା ଦରବାର୍ ବାଲେ ଅଭିଟ୍ କରି ପହେଲା ଶୁନସନ । ଲୋକର୍ କଥା ଶୁନି କରି ଦରବାରୀଏ ଆଲୁ କି' ବାଏଗନ୍, କସା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପିତା ଆର୍ ମିଠାର୍ ଭେଦ୍ କେ ହନ୍ଦଲେଇ ହି' ପାରସନ୍, ଗମି ପାରସନ୍ । ହଁ,ଇଟା ଅଲଗ୍ କଥା ଆଏ ଯେ ଲୋକର୍ ଦରବାରେ ହୁଦା ହୁଦା ଲୋକ୍ ଯଦରବି 'ଆଲୁ' କେ ବାଏଗନ୍ ଆର୍ 'କୁନ୍ଦରୁ' କେ ଶାରୁ ବଲବେ ସେଟା କେ ଗଲେ ବି' ଦରବାର୍ ବାଲେ ହଁ ନି' ବଲବାର୍ ବାଟ୍ ନି',ଇ'କଥା କେ କେନ୍ ନି' ବଲି ପାରବେ କାଏଁ ?କାଁ' ଯେ ବଏଲେ 'ଲୋକର୍ ଦରବାର'ର୍ ପଛର ଫାଲେ ଗୁଟେ ବରକସିଆ 'ଏଷ୍ଟିମେଟ୍' କାମ୍ କରୁଥିସି ।ଇ' ଏଷ୍ଟିମେଟ ର ତାକତ୍ ଖୋବ୍ ଆଏ ।ସମିଆଁ ଜାନି ଇ' ଏଷ୍ଟିମେଟ୍ ଚଲତି ଦରବାର୍ କେ ବେଟି କରି ଆଦରି ଦେବାର୍ ବଫୁ ରଖି ଥିସି ।ସେଥିର୍ ଲାଗତି ଦରବାର ବାଲେ ଇ' ଭିନେ କିସମର୍ ଏଷ୍ଟିମେଟ୍ କେ ତାର୍ ବତରେ ରଖି ଥିସନ୍,ନି"ହେଲେ ଅସଲ୍ ସମିଆଁ ନ' ସବୁ ଫେଲ୍,ଇ' କଥା କେ ଦରବାରର୍ ଜାନକାର୍ ଯେତେ ବନେ ତୁଡେ ପହଦା ପୁହୁଦି ହର୍ ଘଡ଼ି ହେଉଥିସନ୍ ନ' ।

ଆଏଜ୍ କାଏଲ୍ ପୁରଥୀର୍ ହର୍ ଦେଶ୍ ରାଏଜେ 'ଜ୍ଞାନ୍' ର ଏଷ୍ଟିମେଟ୍ ଚାଲିଛେ,ମୁନୁଷର୍ ବୁଦ୍ଧି ବିବେକ୍ ଆର୍ ତାର୍ ଆତମାର୍ ପେହେଚାନ୍ କେନ୍ କିସମର୍ ତାର୍ ଏଷ୍ଟିମେଟ୍ ଚାଲିଛେ ।କେନ୍ ଦେଶେ କେତକିରର୍ ଚାଷ୍ ଆର୍ କେନ୍ କିସମର୍ ଚାଷ୍ କେନ୍ କିସମେ ହେଲା ତାର୍ ଏଷ୍ଟିମେଟ୍ ଚାଲିଛେ ।ଆଲ୍ ମାଲ୍ ଲଢେଇ ହେଲେ କେନ୍ ଦେଶର୍ ଅଁଟା ଥି କେତେ ବଫୁ ଅଛେ ଭିତରିଆ ସାରି ତାର୍ ଏଷ୍ଟିମେଟ୍ ଚାଲିଛେ ।ଭାଷା ଆର୍ ସାହିତ୍ୟର୍ ଏଷ୍ଟିମେଟ୍ ଚାଲିଛେ,କବି ଲେଖକ୍ ଯେତେ କେନ୍ ଦରଜାର୍ ଆର୍ କିସମର୍ ତାର୍ ଏଷ୍ଟିମେଟ୍ ଚାଲିଛେ ।ହର୍ ବାବଦର୍ ପାଠ୍ ପଢା ଆର୍ ଶିକ୍ଷାର୍ ଏଷ୍ଟିମେଟ୍ ଚାଲିଛେ ।ଗୁଟେ ଦେଶର୍ ବିଜ୍ଞାନର୍ ଜ୍ଞାନ୍ ଘାଁଟୁ ଆର୍ ଗୁଟେ ଦେଶର୍ ବିଜ୍ଞାନ୍ ଆର୍ ତାର୍ ଘାଁଟୁ କେ ଏଷ୍ଟିମେଟ୍ କରୁଛନ୍ ।ଏନତା ଅନଗନତି ଜିନିଷ୍ ଆର୍ ବାବଦର୍ ଏଷ୍ଟିମେଟ୍ ଇହାଛିନ୍ ପୁରଥିର୍ ହର୍ କୁତି ଚାଲିଛେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇହାଛିନ୍ ମନେ ଗୁଟେ ଭାବର୍ ଦୁଲି ଖେଲୁଛେ ଯେ ହର୍ ବାବଦର୍ ଆର୍ ଜିନିଷର୍ ଏଷ୍ଟିମେଟ୍ କରୁଛନ୍ କେନ୍ ମାନେ ।ଉପରେ ଯେନତା ଲେଖା ହି'ଛେ ଗୁଟେ ଦେଶର୍ ବିଜ୍ଞାନ୍ କେ ଘାଁଟୁ ଥିବାର୍ ଗୁନୀ ଆର୍ ଗୁଟେ ଦେଶର୍ ବିଜ୍ଞାନ୍ ଜ୍ଞାନ୍ ଘାଁଟୁ କେ ଏଷ୍ଟିମେଟ୍ କରୁଛନ୍ ।ଇଠାନେ ଗୁଟେ କଥାର୍ ନିଦାନେ ଖେଟି ହେଉଛେ ଯେ ଯେନ୍ ଗୁନୀ କି ମାନୀ ଏଷ୍ଟିମେଟ୍ କରସନ୍ ତାହାକୁଁ "ଏଷ୍ଟିମେଟର୍" କହେସନ୍ ।ତବଭି ମନ୍ ଗୁନ୍ଦଲେଇ ହେସି ଯେ ଇ' ଗଖା ଗଖା ଏଷ୍ଟିମେଟର୍ ଯେତେ କେନ୍ ମାନେ ଆର୍ କେନ୍ କିସମର୍ ଦରଜାର୍ ଆ'ନ୍ ? ଧରୁନ୍ ଝନେ ଆର୍ ଝନକଁର୍ 'ଜ୍ଞାନ୍' ର ଏଷ୍ଟିମେଟ୍ କରବାର୍ ଅଛେ,ଇଠାନେ 'ଏଷ୍ଟିମେଟର୍ କଁର୍ ଜ୍ଞାନ୍ ଏଷ୍ଟିମେଟ୍ କରେଇ ହେବାର୍ ଝନକଁର୍ ନୁ ନିହାତି ଅଏଧକା ହେବାର୍ ଚାହି ।ନାଁହେତ ଇ'ଠାନେ ଏଷ୍ଟିମେଟର୍ ହିନସ୍ତା ଆର୍ ଲୋକ୍ ହଁସା ହେବାର୍ ଟା ସାର୍ ଆଏ ।ଇଥିରୁ ଜନା ପଡୁଛେ "ଏଷ୍ଟିମେଟର୍' ଝନେ ଯବର୍ ଶିକ୍ଷା, ଅନୁଭୂତି ଥିବାର ପୁରତୁନ୍ ମୁନୁଷ୍ ଆ'ନ୍ ।ଯେନ୍ ବାବଦର୍ ଏଷ୍ଟିମେଟର୍ ସେ ବାବଦେ ତାଁକର୍ କେତନି କେତେ ଜ୍ଞାନ୍ ଆର୍ ଅନୁଭୂତି ଥିସି ।ତାଁକର୍ ଦରଜା ବନେ ଯବର୍ ଆର୍ ମୋଲର୍ ଆଏ ।ଦେଶ୍ ରାଏଜେ ଏନତା କି ଗୁଲା ପୁରଥୀ ନେ ତାଁକର୍ ଅଲଗ୍ ପେହେଚାନ୍ ଥିସି ।ହର୍ ସମିଆଁ ନ' ସେ ସମାଜର୍ ଝନେ ଆଗ୍ ଧାଡିର୍ ଆ'ନ୍ ।

ଇହାଛିନ୍ ପୁରଥୀର୍ ହର୍ ଦେଶେ 'ଭାଷା ସିହିତ୍ୟ'ର୍ ପଡିଆ ଥିଁ ବନେ ଉଁଚା ଦରଜାର୍ 'ଏଷ୍ଟିମେଟର୍' ମାନେ ଅଛନ୍ ।ଇ'ଏଷ୍ଟିମେଟର୍ ମାନକଁର୍ ବସା ଉଠା ଭାଲ୍ ବିଚାର୍ ଲାଗତି ଦେଶ୍ ରାଏଜେ ଗଖା ଗଖା ଘର୍ ବନା ହି'ଛେ ।ଇ" ଘରେ ନେ ଶୀତ୍ କରା ମିଶିନ୍ ଲାଗିଛେ ।ଇ' ଘରେ ସେମାନେ ନୁକୋ ଆସାର୍ ହେସନ୍ ।କବି,ଲେଖକ୍,ଭାଷା, ସାହିତ୍ୟ,କବିତା,ଲେଖା,କବିତା ବହି,ରଚନା ବହି ଇ' ସବୁକେ ସାହିତ୍ୟର୍ ଏଷ୍ଟିମେଟର୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେତେ ଏଷ୍ଟିମେଟ୍ କରସନ୍ ।ନିହାତି ଇ' ଏଷ୍ଟିମେଟର୍ ମାନକଁର୍ ଜ୍ଞାନ୍ 'ଭାଷା ସିହିତ୍ଯ' ଉପରେ ବନେ ଊଁଚା ଦରଜାର୍ ଆଏ ଆର୍ ହେବାର ଚାହି,ସଭେଁ ହଁ କରବେ,ନି' ନି ବଲନ୍ ବାଗିର୍ ଲାଗସି ।ତବଭି ଗୁଲା ପୁରଥୀ ନୁ ବନେ ଗୁରଦୁ 'ଭାଷା' ତାଁକର୍ ମାଏନ୍ ମହତ୍ ହଜେଇ ଖପି ଲୁକି ଗଲେ ନ' ।ଇ' ଭଷା ଖପି ଯିବାର୍ ଥିଁ ଭଷା 'ଏଷ୍ଟିମେଟର୍' ମାନକଁର୍ ହାତ୍ ଅଛେ କାଏଁ ?

ଇ' ଭାବ୍ ମନ୍ କେ ଘାଏ ଲେଖା ଠଁଟେଇ ହେସି,ହେଲେ କେନତା ଯେ ନିଦାନେ ଖେଟି ନି' ହୁଏ । କାଁ' ଯେ ବଏଲେ ଦରବାର୍ ବାଲେ ଯେନ୍

ଗଖା ଗଖା 'ପୁଲିଆ' ହେଉ କି ଆର୍ କେନ୍ କିସମର୍ ଦରବାରୀ ଘର୍ ଠିକା ଦେଇ କରି ବନାସନ୍ କି' ଆମେ ଯେନ୍ ତାର୍ ତାର୍ ଉପରେ ଘର୍ ଗାଡ଼ି ଦେସୁଁ,ଆଲ୍ ମାଲ୍ ଇ' ପୁଲିଆ କି' ଘର୍ ଧସକି ଯାଇ ଗୁଟାଦୁର ମୁନୁଷ୍ ଜୀବନ୍ ଲିଭି ଗଲେ ଦରବାର୍ ବାଲେ ଆର୍ ଆମେ ପୁଲିଆ ଆର୍ ଘର୍ ବନଉର୍ 'ଏଷ୍ଟିମେଟର୍' କେ ପହେଲା ଖାପକି ସୁଁ ଆର୍ ତେହେଁରୁ ତାର୍ ବେଁକେ ମନ୍ ମନସା ରଶି ଲାଗସି ।ହେନତା ଭାଷା ମାନକଁର୍ ଜୀବନ୍ ଗଲେ କେନତା ଯେ ଲିଭି ଯାଉଛେ ଖପି ଯାଉଛେ,ଇଥିର୍ ଲାଗତି କାଁ'ଯେ ଭାଷା ସାହିତ୍ୟର୍ ଗଖା ଗଖା ଏଷ୍ଟିମେଟର୍ ଯେତେ ଦାୟୀ ନି' ହେବେ ? ଘାଏ ଲେଖା ମନ୍ ତଲ୍ ଉପର୍ ଗୁନ୍ଦଲେଇ ଘାଁଟି ହି' ଯାଏସି ।

ଯେନମାନେ 'ଏଷ୍ଟିମେଟର୍' ହେଉଛନ୍ କି ଯେନ୍ ମାନକୁଁ ଯେନ୍ ବାବଦର୍ ଏଷ୍ଟିମେଟର୍ ରଖା ହି' ଛେ ସେ କିସମ୍ ଆର୍ ସେ ବାବଦେ ତାଁକର୍ କେତନି କେତେ ଜ୍ଞାନ୍,ଭେଦରେ,ତଲ୍ ଉପର୍ ଡେବରୀ ଭୁଜନୀ ଥିବାର୍ ଚାହି ।ନାଁହେତ ଏଷ୍ଟିମେଟର୍ ଝନ୍ କ' ନିଦାନ୍ ବାବଦ୍ କେ ଖପେଇ ଦେବାର୍ ଡର୍ ଥିସି,ଇ' କଥା ସଭେଁ ଜାନିଛନ୍ ଗଲେ ।ହେଲେ ଆଏଜ୍ କାଏଲ୍ ଆମେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖୁଛୁଁ 'ଆଲୁ' ଚାଷୀ ମାନକଁର୍ ଭାଲ୍ ବିଚାର୍ ଭେଟ୍ ଘାଟର୍ ମଚାନ୍ ଥିଁ 'ମାଖନ୍" ଚାଷୀ ଯେତେ ଠୋଲ୍ ହି' ଥିସନ୍ ।ଇ'ଫାଲେ ଇମାନେ ମାଖନ୍ ଚାଷର୍ ଉଁଚା ଦରଜାର୍'ଏଷ୍ଟିମେଟର୍' ଆ'ନ୍ ।ଏନତା ଥିଁ ଆଲୁ ଚାଷ୍ ଆର୍ କେନ୍ କିସମେ ବରକସ୍ ହେବା ?'ଦୁଇ ଦୁଣେ' କେତେ ନି' ଜାନଲା ଲୋକ୍ 'ଚାଏର୍ ଦୁଣେ' କେତେ ଯେ ତାର୍ ଏଷ୍ଟିମେଟର୍ ହେଉଛନ୍,ଅ' ଆର୍ ଆ' ନି' ଜାନଲା ଲୋକ୍ କେନ୍ କିସମେ 'ଖ' ର ଏଷ୍ଟିମେଟର୍ ହି' ପାର୍ ବେ,ହେଲେ ହେଉଛନ୍ ।ଯେହେନସି କିସମ୍ ବାବଦ୍ ଥିଁ ଉଁଚା ଦରଜାର୍ କବାର୍ ଲାଗତି ମାଏନତା ଦେବାର୍ କବାରେ ଜୀବନ୍ ଗୁଲା ମାଏନତା ନି' ପାଏବାର୍ ଲୋକ୍ ଏଷ୍ଟିମେଟର୍ ହେଉଛନ୍ ।ଆମର୍ 'ବରଗଡ୍' କି" 'ସମଲପୁର୍' ନି' ଦେଖିଲା ଲୋକ୍ 'ବମେ' ଆର୍ 'ଦିଲ୍ଲୀ' ଲାଗତି ଏଷ୍ଟିମେଟର୍ ହେଉଛନ୍ ।ଏନତା ଥିଁ ଗୁଲା ଦେଶ୍ ରାଏଜର୍ ଏଷ୍ଟିମେଟ୍ ଫେଲ୍ ମାରବାର୍ ଟା' ସାର୍ ଆଏ ।

ଇହାଛିନ୍ ପୁରଥୀର୍ ବନେ ଗୁରଦୁ ଭାଷା ମାଟି ତୁପି ହେଲା ନ' ବଲି ଚାରହି କୁତି ଡାକ୍ ପଡୁଛେ ।ଏନତା କି ସାରା ପୁରଥୀ ନେ ଖାଲି 'ଇଂରାଜୀ' ଭାଷା ରହେବା ଆର୍ ଯେତେ ବାକି ଭାଷା ଲିଭି ଯିବା ବି' ବଲି ବସଲେ ନ' କେତେ ଲୋକ୍ ।ବଢେ ବିପଦ୍ କଥା ଆଏ ।ହେଲେ ଗୁଟେ ବରକସ୍ କଥା ଟେ ଇହାଛିନ୍ ସମକିରର୍ ମନ୍ କେ ଘାଁଟୁଛେ,"ପହେଲା 'ପେଟ୍' ତେହେଁରୁ 'ଭାଷା' କି ପହେଲା 'ଭାଷା' ତେହେଁରୁ 'ପେଟ୍' ।ଭୋକର୍ ପେଟେ ସବୁ ଛୁଟା ଆଏ,କାହିଁର୍ ମୁନୁଷ୍ କାହିଁର୍ ମାହେଝି,କାଏଁ ସାଙ୍ଗ୍ ସରସା ଆର୍ କାଏଁ ଭାବ୍ ।ଗୁଟେ କଥା, 'ଭାଷା' ସଙ୍ଗେ ଆମର୍ ପେଟ୍ ଜୁଡି ହି' କରି ଅଛେ ।ଯେନ୍ ଭାଷା ଥିଁ ପେଟ୍ ଚଲି ଜାନଲା ସେ ଭାଷା ଉବାଗର୍ ହେଲା,ଇ'କଥା କେ କେହେନସି କିସମର୍ ଉଁଚାଦରଜାର୍ 'ଭାଷା' ଏଷ୍ଟିମେଟର୍ ନି' ବଲି ପାରବେ କାଏଁ ?ଇ'ଠାନେ ଭାଷା ଏଷ୍ଟିମେଟର୍ ମାନକଁର୍ ବଢେଟେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କବାର୍ ଅଛେ,ସେମାନେ ତାଁକର୍ ତାଁକର୍ ଜ୍ଞାନ୍ ଘାଁଟି କରି ହର୍ ଭାଷାର୍ ଲୋକ୍ ହର୍ ଭାଷାର୍ ଉଧେ ତାଁକର୍ ପେଟ୍ କେନ୍ କିସମେ ଚଲେଇ ପାରବେ ଇତାର୍ ଉପରେ ଭାଲ୍ ବିଚାର୍ ହେବାର୍ ଚାହି ।ହେଲେ ଇହାଛିନ୍ ଦେଖବାକେ ମିଳୁଛେ ଝନେ ଯେନ୍ 'ଭାଷା' ଥିଁ ଏଷ୍ଟିମେଟର୍ ଅଛନ୍ ସେ ଭାଷା ଥିଁ ତାଁକର୍ ପେଟ୍ ଏକା ନି' ବଲବାର୍ ନ',ଉନିହାଁର୍ ଭାଷାର୍ ଉଧେ ତାଁକର୍ ପେଟ୍‌ଚଲୁଛେ ।ଏନତା ଥିଁ ଅସଲ୍ ଭାଷାର୍ ଉବାଗର୍ ଲାଗତି ସେ ଝନ୍ କା' କେନ୍ କିସମେ ଆର୍ କାଏଁ ଏଷ୍ଟିମେଟ୍ କରି ପାରବେ ।ନିଦାନ୍ ଭାଷା ଖାଲ୍ କେ ଡେଗାବାର୍ ପକ୍କା ଆଏ ।ପେଟ୍ ଚଲୁଛେ ଗୁଟେ ଭାଷା ଥିଁ,ଏଷ୍ଟିମେଟର୍ ଅଛନ୍ ଉନିହାଁର୍ ଭାଷା ଥିଁ ।ଫେର୍ ଇ' କିସମର ଏଷ୍ଟିମେଟର୍ ଯେତେ ଶୁନବାର୍ କେ ମିଲସି ଜ୍ଞାନ୍ ଆର୍ ମାଏନତା ପାଏବାର୍ ହକଦାରର୍ ଏଷ୍ଟିମେଟ୍ କରସନ୍ ।କେନ୍ ଭାଷାର୍ ଲେଖା କେ ଆର୍ କେନ୍ ଭଷା ଥିଁ ଉତରେଇ କରି ଝନେ ଲେଖକ୍ କି' କବି ନି' ହେଇ ପାରନ୍ ସବୁ ଦିନର୍ ଲାଗତି ।ଇ' କଥା କେ ଏଭର୍ ଭାଷା ସାହିତ୍ୟ ଏଷ୍ଟିମେଟର୍ ମାନେ କେତେଦୂର ଗମୁଛନ୍ କି', ନି' ଗମି ପାରବାର୍ ଭିନେ କଥା ଆଏ,ଇଫାଲେ ଆତ୍ମାର୍ ଡାକରା ପାଇକରି ଯେନ୍ ସିରଜିନାହେସି ସେ ଆତ୍ମାର୍ ପେହେଚାନ୍ ଗୁନର୍ ସିରଜିନା ଏକା ଯେହେନସି କିସମର୍ ଭାଷା କେ କାଲ୍ କାଲ୍ ପତେ ବଁଚେଇ କରି ରଖି ଥିସି ଇଟା ସଭେଁ ଜାନିଛନ୍,ଯଦରବି ପେଟ୍ ସବୁ ବେଲେ ପୁରିଛେ,ପେଟ୍ ଭୁଖେ ନି' ନ ବଏଲେ ।

ସମିଆଁ ଗୁଟେ ଥିଲା,ଘରକେ ଅଚାନକ୍ ଡାକରା ଆସୁଥିଲା ଯେ " ତମର୍ ଯବର୍ କବାର୍" ଲାଗତି ଅମକା ଦିନେ ଅମକା ତାରିଖ୍ ନେ ତମକେ ମାଏନତା ଦିଆଯିବା ଅମକା ଠାନ୍ କେ ଆ'ଏବ ।ମାଏନତା ପାଉର୍ ଉସତ୍ କହେଲେ ନି' ସରେ,ନିଜକେ ଧଏନ୍ ମନେ କରୁ ଥିଲେ ।ତାଁକର୍ ଆତ୍ମା,ତାଁକର୍ ବିବେକ୍ ଦେଶ୍ ଆର୍ ସମାଜ୍ ଲାଗତି ସମର୍ପିତ ଆଏ ବଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆର୍ ବଢେ ଘାଏ ନିଜକେ ଗରବ୍ ଅନୁଭବ୍ କରୁ ଥିଲେ ।ହେଲେ ଇହାଛିନ୍ ସମିଆଁ ଲେହେଁଟି ଦେଲା ଆର୍ ଦିନ୍ ବଦଲି ଗଲା କି' କାଏଁ ଯେ ଝନ୍ କୁଁ ଅରଜି ଦେବାକେ ପଡୁଛେ "ମୁଁଇଁ ବନେ ଲୋକ୍ ଆଏ,ମୁଁଇଁ ମୋର୍ ଜୀବନେ ଅମକା ଅମକା ଗଖା ଆର୍ ବରକସ୍ ମୋଲର୍ କବାର୍ କରିଛେଁ,ମୋର୍ ନୁକୋ କବାର୍ ଲାଗତି ମୁଁଇଁ ଖୋବ୍ ଗୁରା ମଚାନୁ ମାଏନ୍ ବେଭାର ପାଇଛେଁ,ମୋର୍ ଜୀବନ୍ ଗୁଲାର୍ ନୁକୋ କବାରର୍

'ନିଦାନ୍',ନଥି ପତର୍ ଇ' ଅରଜି ସଙ୍ଗେନେ ଦେଉଛେଁ,ମୁଁଇଁ ମାଏନତା ପାଏବାର୍ ହକଦାର୍ ଆଏ,ମତେ ମାଏନତା ଦାଆଗଲେ ବନେ ହେତା ।ଇ' ଠାନେ ଭାଷା ସାହିତ୍ୟର୍ ଏଷ୍ଟିମେଟର୍ ଯେତେ ଅରଜି ଦଉକଁର୍ କାଏଁଟା କେ ଏଷ୍ଟିମେଟ୍ କରସନ୍ ଆର୍ ତାହାକୁଁ ମାଏନ୍ ବେଭାର ଦେସନ୍ ଆର୍ ନି' ଦିଅନ୍ ଗଲେ,ଇ' କଥା କେ ନେଇ କରି ଗଲେ ଗୁନୀ ଜ୍ଞାନୀ ଯେତେ ମନ୍ ଆର୍ ଭାବର୍ ଦୁଲି ଥିଁ ଥାଇ କରି ଗଲେ ନିଦାନେ ଖେଟବାର୍ ଥିଁ ଅରକଲେ ପଡିଯାଏସନ୍ ।

ଜୁନହାଁ ଫରଦ୍ ଉଲଟାଲେ ଜନା ପଡସି ଯୁଗ୍ ଯୁଗ୍ ନୁ ଧନୀ ଆର୍ ଥିଲା ବାଲେ ଗରୀବ୍ ମାନକଁର୍ ଯବର୍ ଗୁନ୍ କେ ଏଷ୍ଟିମେଟ୍ କରି ଆସୁଛନ୍ ଆର୍ ସେ ଗରୀବ୍ ମାନକଁର୍ ମୋଲର୍ ଗୁନ୍ ଉଧେ ଧନୀ ଯେତେ ଆର୍ ବଢ଼ି କରି ଧନ୍‌ସଂପତ୍ତି ଠୋଲ୍ କରୁଛନ୍ ।ଇ'ଫାଲେ ଯବର୍ ଗୁନର୍ ନି'ଥିଲା ବାଲେ ସେ ଖାଲର୍ ଟା ସେ ଖାଲେ ରହି ଯାଉଛନ୍ ।ଇ'ଠାନେ ନି'ଥିଲା ବାଲେକର୍ ବରକସ୍ ଗୁନ୍ କେ କେନ୍ ମାନେ ଏଷ୍ଟିମେଟ୍ କରବାର୍ କଥା ଆର୍ ସେମାନକଁର୍ ଲୁକି ଥିବାର୍ ଭାବ୍ କେ କେନ୍ ମାନେ ଭଟା କେ ଉଖରେଇ ଆନବାର ଚାହି,ମନ୍ ବଢେ ଘାଏ ତଲ୍ ଉପର୍ ହି'ଯାଏସି ।ଜୁନହାଁ ଫରଦ୍ ନୁ' ଆର୍ ଗୁଟେ କଥା ଗଲେ ଜନା ପଡସି, ପୁରଥୀନେ କେତେକ୍ ମହାନ୍ ସହିତ୍ୟିକ୍ ତାହାକୁଁ ମିଲିଥିବାର୍ ବୁଲା ପୁରଥୀର୍ ସବୁ ଠାନୁନ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଊଁଚା ଦରଜାର୍ ମାଏନତା କେ ଗଲେ ମନା କରି ଦି'ଛନ୍,ନି' ଛିନି ।ଇତାର୍ ଉପରେ ବନେ ଭାଲ୍ ବିଚାର୍ ହେସି,ଇହାଛିନ୍ ଗଲେ ଠାନ୍ ବତରେ ହଉଛେ ।କେତେ ଗୁନୀ ଜ୍ଞାନୀ ଦୁରବଲିଆ 'ଏଷ୍ଟିମେଟର୍' ଆର୍ ଏଷ୍ଟିମେଟ୍ କେ ଇଥିର୍ ଲାଗି ଦାୟୀ କରସନ୍ ।ଇହାଛିନ୍ ଆମର୍ ଦେଶ୍ ଗୁଲାର୍ ପହେଲା ପାଦ୍ ଥାପେନ୍ ଦରବାରୀ ପାଠ୍ ପଢା ମାଟି ତୁପି ହେଲା ନ' ବଲି ଚାରହି କୁତି ଡାକ୍ ପଡୁଛେ ।ଊଁଚା ଦରଜାର୍ ଦରବାରୀ ପାଠ୍ ପଶୁ ଯାହାକେ ଯେତେ ଅଛନ୍ ।ଦରବାର୍ ବାଲେ ଗଲେ ହର୍ ବଛର୍ 'ଶିକ୍ଷା'ର୍ ନୂଆଁ ନୂଆଁ ଦିଗ୍ କେ ଢେଲ୍ ପଖାନ୍ ମାରୁଛନ୍ ।ତବଭି ଇ' ଦରବାରୀ ପାଖର ପଢା ଖାଲ୍ ମୁଁହାଁ ହେଉଛେ ।କାଁ' ଯେ ?ଇତାର୍ ପଛ୍ ଫାଲେ ଗୁଟେ ଦୁରବଲିଆ 'ଏଷ୍ଟିମେଟ୍' କାମ୍ କରୁଛେ ବାଗିର୍ ଲାଗସି ।ଆର୍ ଇଥିର୍ 'ଏଷ୍ଟିମେଟର୍' ଆମେ ବନେଇଛୁଁ ।ନିଜର୍ 'ଗୋଡ୍' ଆର୍ ନିଜର୍ 'ଟଙ୍ଗିଆ' କାହାକେ ଦେମା ଦୋଷ୍ ?

କେହେନସି ଦେଶ୍ କି' ରାଏଜ୍ କେ ଆଗକେ ନରଦାବାର୍ ଥିଁ ଦେଶ୍ ରାଏଜର୍ ଏଷ୍ଟିମେଟର୍ ମାନକଁର୍ ବଢେଟେ ହାତ୍ ଅଛେ ।ହେଲେ ସେମାନକୁଁ ଠାବ୍ କରବା କେନ୍ ? ଯେନ୍ ଦେଶ୍ ରାଏଜେ ଊଁଚା ଦରଜାର୍ 'ଏଷ୍ଟିମେଟର୍' ଠାବ୍ କରବାର୍ ଥିଁ କେନ୍ ଠାନେ ଖୁଁଟ୍ ରହି ଗଲେ ସେ ଦେଶ୍ ରାଏଜର୍ 'ନିହି' ଭୁସଲି ଯିବାର୍ ଯହକରି ଡର୍ ଥିସି ।ହର୍ ନିଦାନର୍ ବାବଦ୍ ଯେନତା କି, ବିଜ୍ଞାନ୍, ଗଣିତ, ଭୂଗୋଲ୍, ଇତିହାସ୍, ଭାଷା, ସାହିତ୍ୟ, ନାଟ୍, ଆମର୍ ଉତରେନ୍, ରାଜନୀତି, ଆମର୍ ସମ୍ବିଧାନ୍, ଆମର୍ ଶାସନ୍, ଗଣତନ୍ତ୍ର, ପରକୁତି ଆର୍ ତାର୍ ଦେନ୍, ପାଏନ୍ ପବନ୍ ଆର୍ ଉକିଆ, ସାତ୍ ପାନିର୍ ପାଏନ୍, ମୁନୁଷର୍ ଚଲନ୍ ଆର୍ ତାର୍ ଭେଦ୍, ଚାଷ୍ ଆର୍ ଚାଷୀ, ଭାବ୍ ଆର୍ ଭାବନା, ଜାଏତ୍ ଧରମ୍ ଏନତା ଅନ୍ ଗନତି ବାବଦର୍ 'ଏଷ୍ଟିମେଟର୍' କେନ୍ କିସମର୍ ଲୋକ୍ ହେବାର୍ ଚାହି ତାର୍ ଉପରେ ଭାଲ୍ ବିଚାର୍ କରବାର୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମିଆଁ ଇହାଛିନ୍ ଭରଦର୍ ଆଇଛେ,ଇଟା କେ ସଭେଁ ହଁ କରବେ ବାଗିର୍ ଲାଗସି ।

ମୁନୁଷ୍ ଜନମ୍ ହେଲା ଧାପ୍ ଅନ୍ ଜନେନ୍ ତାକତ୍ ନୁ 'ଏଷ୍ଟିମେଟ୍' ହି' କରି ଆସି ଥିସି ।ହର୍ ମୁନୁଷ୍ ଜାଁ' ଥିଲା ପତେ ନିଜର୍ ଏଷ୍ଟିମେଟ୍ ନିଜେ କରସନ୍ ।କେନ୍ ମୁନୁଷ୍ 'ଅଏଧକା' (Over)ଆର୍ କେନ୍ ମୁନୁଷ୍ 'କମ୍' (Lower)ଏଷ୍ଟିମେଟ୍ ନିଜକେ ନିଜ୍ କରସନ୍ ।ବତରେ ବତର୍ ଯେନ୍ ମୁନୁଷ୍ ନିଜର୍ ଏଷ୍ଟିମେଟ୍ ନିଜେ କରସନ୍ ତାହାକୁଁ ସଂସାର୍ ଗୁଲାର୍ ଯେତେ ଉଁଚା ଦରଜାର୍ 'ଏଷ୍ଟିମେଟର୍' ଗଲେ କାଟି ନି' ପାରନ୍ ଆର୍ ସେ ମୁନୁଷ୍ ଝନେ ଅସଲ୍ ମୁନୁଷ୍ ପନର୍ 'ମୁନୁଷ୍' ଲେଁଖେଁ ହରମିସା ଦପ୍ ଦପିଲା ଆର୍ ଝଟକିଲା ମୁଁହେଁ ନିଜର୍ ଜୀବନ୍ ବଁଚି ଥିସନ୍ ଆର୍ ହର୍ ଏଷ୍ଟିମେଟର୍ ଇ' କଥା କେ ହଁ ନି' ବଲିକରି ରହି ନି' ପାରନ୍ ।

ଟିଟିଲାଗଡ଼, ବଲାଙ୍ଗୀର

ମୋ/୯୪୩୭୨ ୧୦୮୮୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମିଆର ଖେଲ

ସୋହେଲା ନୁ ଚେରକୋସ ବାଟ ଗଲେ ଜିରା ନଏଦ୍ ଖଣେ ଗୁଟେ ଛୋଟ ଗାଆଁ । ଗାଆଁର ନା ଦାମପାଲି । ଗାଆଁର ଗୁଟେ ଆଡ଼େ ବେନାଳପାଟ ଡୁଙ୍ଗରି ବେଲେ ଗୁଟେ ଆଡ଼େ ଜିରା ନଏଦ୍ । ଗୁଟେ ମୁଡ଼ସେ ମାହପୁରୁ ଗୁଡ଼ି ବେଲେ ଆର ଆଡ଼େ ମହାଦେବ ଗୁଡ଼ି । ମଝାଖୁଲି ଗଉଁତିଆ ବୁଢ଼ାର ଘର । ଘରେଁ ବୁଢ଼ା,ବୁଢ଼ି ଦୁହେଁ । ବୁଢ଼ାର ନା ଚିଙ୍ଗରୁ ଅର୍ ବୁଢ଼ିର ନା ମାଲତି । ତାକର ଦୁଇଟା ପୁଓ । ପଣ୍ଡୁ ଆଉ ଟିହିଲୁ । ବଡ଼ଖା ପିଲା ଡାକ୍ ତର ବେଲେ ସୁରୁଟା ଲେକଚର ।

ପାଠ୍ ସାଟ୍ ନେପଢ୍ ଲେ ଭି ଗଉଁତିଆ ବୁଢ଼ା ଜନେ ବନେ ଲୋକ । କେତେ ଲୋକର ଉପକାର କରିଛେ ହିସାବ ନାଇଁ । ରଜା ଘରେ କେ ଖଜା ଦୁକାନ, ଜିନିଷ ପତର ମେନ୍ ମନ୍ ସା । କେନ୍ ସି ଥିର ଉନା ନେଇଁ । ବାଘର ଏଖଁ ଛାଡ଼ି ସବୁ ଦେଇଛେ ତାର ପୁଓ ମାନକୁ । କେତେ ଲାଡ଼େ ଗେଲେ ମୁନୁଷ୍ ବାଗିର ମୁନୁଷ ଗୁଟେ ଗୁଟେ କରିଛେ । କେତେ ଧୁମ୍ ଧାମ୍ ଥି ବିହାଜୁରା କରିଛେ ।



ରାଜା ଦଶରଥ ଭୋଇ

କାହାର ଭାଗେ ଖିରି ପୁରି ବେଲେ କାହାର ଭାଗେ ସୁଖା ମୁରି । ସତର କଥା । ପୁଓମାନେ ବିହା ବରପନ୍ ହେଇ ସାର୍ ଲା ପରେ ସହଁରେ ରହି ଗଲେ । ଘରକେ ଆରୁ ଡୁଙ୍ଗି ନେ ଦେଖ୍ ଲେ । ଦିନ ପରେ ଦିନ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାସ୍ ପରେ ମାସ୍, ବଛର ପରେ ବଛର ବିତି ଗଁଲା । ଫୁନ କଲେଁ ବିଜି । ସବୁ ପରେ କରମ୍ । ଦିନ୍ ରାଏତ୍ ଏକ କରି ଯେନ୍ ପୁଓ ମାନକୁ ମୁନୁଷ କରିଥଲା ବିପଦର ସମିଆ ଥି ଠିଆ ନେ ହେବାର । ବୁଢ଼ା,ବୁଢ଼ି ଆରୁ ବରକସ୍ ନେ ନ  ।ଅପାରୁ ହେଇଗଲେ ନ ।

ସବୁ ସମିଆର ଖେଲ୍ । ବଡ଼ଖା ପିଲା ପଣୁ ହସପିଟାଲନୁ ଜଲ୍ ଦି ଘରକେ ଫିରି ଆସଲା । ଦେଖଲା ଯେ ତାର ପୁଓ ବାଟର୍ ଘରେ ବସିକରି ଖାଡ଼ି ଡବାଥୁ ଘର ବନଉଥିଲା । "କାଣେ କରୁଛୁ ବାବୁ ?" ବଲି ପଚରାଲା । ତାର ପୁଓ କହେଲା ବାପା ମୁଇଁ ବୁଦ୍ଧାଶ୍ରମ ବନଉଛେ, ତମେ  ଆରୁ ମାଁ ବୁଢ଼ା ବୁଢି ହେଲେ ରଖମି । ପଣୁର ଗୋଡ଼ ତଲୁ ମେଟ ଖସରି ଗଲା । ସାଙ୍ଗେସାଙ୍ଗ ତାର ଭେ ଟିହିଲୁ କେ ଫୁନ କଲା । ଟିହିଲୁ ଭି ସେଦିନ କଲେଜନୁ ଫିରଲା ବେଳେ ଶରବଣ କୁମାର ବାଗିର ଗୁଟେ ପିଲା ତାର ମାଁ ବୁଆ କେ ବୁହି କରି ଆସୁ ଥିବାର ଦେଖି ଥେ  ।

ଦୁହି ଭାଏ ଦଦା କଥା ହେଲା ପରେ ତାକର ଭୁଲ ବୁଝି ପାରଲେ । ନିଜର ନିଜର ପରିବାର ଧରି ଗାଆଁ କେ ଆସଲେ । ବୁଢ଼ା, ବୁଢ଼ିର ପାଦ୍ ତଲେ ମୁଡ଼ିଆ ମାରି ମାଫି ମାଗଲେ । ଜି ଥିବାର ଯେକ ମାଁ ବୁଆର ସେବା କଲେ । ଗଉଁଡିଆ ବୁଢ଼ାର ଘର ଫେର୍ ଖିଲଖିଲେଇଁ ଉଠଲା । ହେତିର ଲାଗି ପରେ କହେସନ୍ ସବୁ ସମିଆର ଖେଲ୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୁଢ଼ା ଆମଗଛ

କିଏ ଜାନିଛେ ? କେନ୍ ଯୁଗୁଁ, କେନ୍ କାଲୁ ଠିଆ ହୋଇଛେ ଦୁଆରପାଲ୍ ବାଗିର, ଗାଆଁର ବନ୍ ଏରି । ଛୁଆ ନୁ ବୁଢ଼ା, ସଭେ କହେସନ୍ ଆମେ ସାନ୍ ବେଳେ ଇ ଗଛତଳେ ଖେଳୁଥିଲୁଁ । କେତେ ଭୁଜିଭାତ, ବିହାଚୁରା, କାମ ଭାତ ଇ ଗଛତଳେ କରିଛୁ । କେଳିବାଡ଼ି, ଦୁଳିଝୁଲା, ହୁମୋ ବଉଳି କେତେ ଯେ ଖେଳ୍ ଖେଳିଛୁଁ । ଗାଆଁ ର ଲୁକର ବିପଦ୍ ଆପଦ୍ ର ସାହା ଇ ବୁଢ଼ା ଆମଗଛ ।

ଦିନେ କଏଁରୁ ର ପୁଓ ମାଖନୁ ଗଛ ତଳେ ଇଫାଖ ସେଫାଖ୍ ହଉଥିଲା । ମୁହୁ ଫୁଲେଇକରି ବସି ପଡ଼ଲା । ମାଖନୁ କେ ଦେଖି ବୁଢ଼ା ଆମଗଛ କହେଲା "କା କରି ମୁହୁ ଫୁଲେଇଛୁ ଆ ସାଙ୍ଗ୍ ହେଇ ଖେଳ୍ ମା । ମାଖନୁ କହେଲା "ତୋର୍ ସାଙ୍ଗେ ଖେଳ୍ ବାର ଦିନ୍ ମୋର ଗଲା ନ । ମୋତେ ଖେଲ୍ ନା ଦରକାର । ଆମଗଛ କହେଲା "ଓ ହୋ ଇଥିର ଲାଗି ମୁହୁ ଫୁଲେଛୁ । ନେ ଟୁଳି ପକା ଗୁଟାଦୁ ମୋର ଆମ ଅରୁ ହାଟେ ବିକି ନେବୁ, ହେ ପଇସାର ଖେଲ୍ ନା ଘିନ୍ ବୁ । "ମାଖନୁ ଝୁଲେ ଆମ ଟୁଳ୍ ଲା ଆରୁ ହାଟେ ବିକି କରି ଖେଲ୍ ନା ଘିନଲା । ଖେଲନା ପେଲା ଉତାରୁ ଆମ୍ ଗଛ କେ ଭୁଲି ଗଲା । କେତେ ଦିନ ତକ ଆମ୍ ଗଛ ପାସ୍ କେ ନେ ଗଲା । ଆମ ଗଛ କେ ଭି ଏକ୍ ଲା ଏକ୍ ଲା ଲାଗୁ ଥେ ।



ରାଜା ଦଶରଥ ଭୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏନ୍ ତା କେତେ ବଛର ବିତି ଗଲା ମାଖନୁ ବଡ଼ ହୋଇ ବିହା ବର୍ ପନ୍ ହେଲା । ଦିନ୍ କର କଥା ମାଖନୁ ମନ୍ ଦଃଖ କରି ଆମ ତଳ ଦେଇ ଯଉଥିଳା । ଆମ ଗଛ ତାହାକେ ଦେଖି ଖିଲ୍ ଖିଳେଇ ଉଠ୍ ଳା ଆରୁ କହେଲା " ଆରେ ମାଖନୁ ଆ ସାଙ୍ଗ ହୋଇ ଖେଳ୍ ମା ।" ମାଖନୁ କହେଲା " ତୁଇଁ ଆରୁ ଜାନୁଛୁ ମୋର ମୁଡ଼େ କେତେ ଚିନ୍ ତା । ରହେବାର କେ ଘର ନେ ନ । ଆମଗଛ କହେଳା "ହେଥିର ଲାଗି ତୋର ଏତେ ଚିନ୍ତା କାଟି ପକା ମୋର ଡାହି, ବନେଇ ପକା ତୋର ଘର । ଡାହି କାଟି  ମାଖନୁ ବନାଲା ଘର । ଆଉ ଆମ ଗଛ ଆଡ଼େ ମୁହୁ ନେ ଦେଲା  ।

ବରଷେ ବିତିଗଲା । ସିତ ଯେଇ ଖରା ଆସଲା । ବଏଶାଖ ମାସ ର ଟହ ଟହ ଖରା ଥୁ ମାଖନୁ ତାର ସାସ ଘରୁ ଆସୁଥେ । ଖରା ଥି ଡହଳ୍ ବିକଳ୍ ତାର କହେଲେ ନେ ସରେ । ଇ ସମିଆ ଥି ବୁଢ଼ା ଆମଗଛ ତାହା କେ ଦେଖି ଖୁସି ଥି ନାଚି ଉଠଲା । "ଆରେ ମାଖନୁ ଆ ସାଙ୍ଗ ହେଇ ଖେଳ୍ ମା "କହେଲା ମାଖନୁ କହେଲା "ମୋର ନ ସମିଆ ନେ ନ । ଖରା ଥୁ ମୁଇଁ ଛଟପଟ । "ଆମଗଛ କହେଲା " ମୁଇଁ ସେ ବୁଢ଼ା ହେଇଗଲି ନ ହେଲେ ଏବେ ଭି ମୋର ଗୁଟେ ଡାହି ବଚିଛେ । ଆତ ଘେ ବସ ମୋର ତଲେ ।" ମାଖନୁ ଯାଇ କି ବସଲା ବୁଢ଼ା ଆମଗଛ ର ଛାଇ ରେ । ଗଛ ର ସୁଳ୍ ସୁଳିଆ ଧୁକା ଥୁ ତାର ସବୁ ଥକାନ୍ ମିଟି ଗଳା । ଗୁଟେ ଗୁଟେ କରି ଗଛ ର ଉପକାର ମାଖନୁ ର ମନେ ପଡ଼ଲା ।  ଗଛ ଖୁଟ ଆମର ବନ୍ଧୁ ବଲି ଜାନ୍ ଲା । ଗଛ ଲତା ଲଗାଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କାଏଁ କର୍‌ମି କହ...

ହୁରୁଦ୍ ଭିତ୍ ରେ ଜୁଏ ଜଲେ ସିନା
ସେତାକେ ଲିଭେଇ ଦିଏ ଆଖିର୍ ଲହ
ମୋର୍ ନିଜର୍ ଶତୃତ ମୁଇଁ ଆଏ
ଦେଖିଛେ ଦହ ଦହ ।।

ମନ୍ ବଲୁଛେ ଆଗ୍ କେ ଯା
ବିବେକ୍ ବଲୁଛେ ରହ
ଫସିଗଲି ମୁଇଁ ଇମାନ୍ କର୍ ଭିତ୍ ରେ
କାଏଁ କର୍ ମି କହ ।।



ଜୟନ୍ତୀ ବରିହା

ଜୀବନ୍ କହୁଛେ ଜିଇଁ ବାର୍ ଲାଗି
ମରନ୍ ଦେଉଛେ ଡାକି
କାହାକେ କହେମି ଇ କଥା ମୁଇଁ
କାହାକେ ଦେମି ସାକ୍ଷୀ ।।

ରାଏତ୍ କହୁଛେ ସପନ୍ ଦେଖ୍

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

ସକାଲ୍ କହୁଛେ ସତ୍
ଗୁନ୍ଦୁଲି ଗୁନ୍ଦୁଲି ଦୁହିଁକର୍ ଭିତ୍ ରେ
ପଡୁଛେ ଭଟ୍ ଭଟ୍ । ।

ଗୁପା ଗୁନ୍ଦୁଲା ଭିତରେ ଗୁନ୍ଦୁଲି ଗୁନ୍ଦୁଲି
ଝରି ଯାଉଛେ ଲହ
ବୁଝିନିହେବାର୍ କି ଯାନି ନି ହେବାର୍
କାଏଁ କର୍ ମି କହ । ।

ଧଉରାଖମନ୍, ଗାଇସିଲେଟ୍, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାବର୍ ବନ୍ଧନ୍

ଭାବ୍ ଥିଲେ ମିଲନ୍ ମିସନ୍
ଭାବେ ଥିସି ଭାବର ବନ୍ଧନ୍
ଭାବର ବିନେ ଆଡ଼କାଠିଆ
ହେସି ମୁନୁଷ ଜୀବନ୍
ଭାବେ ଭାବେ ବିଦୁର ଘରେ
ମାହାପୁରୁ ଥିଲେ ଖାଇ
ଭାବର ଡଙ୍ଗାନେ ଭାବେ ବସେଇ
କେଉଁଟ୍ ନେଲା ଲମେଇ !!

ତାର୍ ଭାବ୍ ଦେଖି ରାମ୍ ମାହାପୁରୁ
ସାହା ହେଲେ ତାହାକେ
ଇ କଥା ଦେଖ୍ ଅକ୍ଷରେ ଅକ୍ଷରେ
ରହିଛେ ଯୁଗ୍ ଯୁଗ୍ କେ
ଭାବେ ଦେଲା ବଲି ଶବରୀ ର ହାତୁ
ଅଇଁଠା ଖାଏଲେ ହରି
ଭାବର ଡୁରେ ବାନ୍ଧି ହେଇକରି



ଆଶୁତୋଷ ଠାକୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁବଜି ବୁଢୀ ଗଲା ତ ତରି  ! !

ସତ୍ କେ ଆବରି ମିଛ କେ ପାସରି
ଯିଏ ଚାଲୁଛେ ଦୁନିଆଁର ବାଟ୍
ତାର ଲାଗି ଅନ୍ଧାର ରାଏତ୍ ବି
ହେସି  ଉକିଆର ଘାଂଟ୍
ଭାବର୍ ବନ୍ଧନ୍ ଆଏ ଫୁଲ୍ ଚନ୍ଦନ୍
ଇ କଥା ମୁନୁଷ ଯାଏତ୍ ତୁଇ ମାନ୍
ସାରା ସଂସାରେ ତୋର ନାଁ ପଡ଼ବା
ମିଲବା ମାନ୍ ସନ୍ ମାନ୍  ! !

ଭାବର୍ ଡୋର୍ ଟା ବଢ଼େ ବରକସ୍
ସୁହୁଜେ ନେଇଁ ଯେ ଛିଡେ
ଗଖା ସମୁଦର୍ ହେସି ପାଁଏନ୍ ବୁନ୍ଦା
ଧିରେ ଧିରେ କରି ବଢ଼େ
ଜନମ୍ ହେଇଛୁ ତ ଦିନେ ମରମାଁ
କଥାଟା ଆଏ ଗା ସାର
ଥିଲେ ମିଲିମିଶି ସଂସାର ଡ଼ଙ୍ଗା ଥି
ପାଇ ଯିମାଁ ଗା ପାର୍  ! !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାବ୍ ଟା ଆଏ ସଂସାରେ ଅସଲି ଧନ୍

ରଖ୍ ତାହାଯେ ଛଂଚି ଛଂଚି

ଭାବର୍ ବଲେ କେତେ କେତେ ଲୋକ୍

ଦେଇଛନ୍ ଇତିହାସ ରଚି

ହେତୁକର କୃଷ୍ଣ ସୁଦାମାର କଥା କେ

ନେଇଁ ଲାଗେ ଟଙ୍କାଁ ପଇସା ଦିଆ

ଭାବର୍ ବନ୍ଧନେ ବାନ୍ଧି ହେଇଥିଲେ ଦୁହେଁ

ଦେଖିଛେ ତ ସାରା ଦୁନିଆଁ !!

ମୋବାଇଲ୍ : ୯୯୩୭୯୩୩୧୯୪

ମଣ୍ଡଲ, ବଲାଙ୍ଗିର,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁବଟା ଦାରୁ

ଲାଖେ ନିନ୍ଦା କରୁ ପଛେ ଇ ଦୁନିଆ

ଶିଖି ପରସଁସା କରି,

ବିକ୍ ନାଇଁ କରି ମନକେ ବାଉରା

ପର୍ଭୁର ନାମକେ ଧରି ।

ପାଁଚଟା ଆଙ୍ଗଠି ନୁହେସେ ସମାନ

ଦୁନିଆଁ ଭେଲକି ଭାର,

ଲୁଇଁ ସୁଁକ୍ରି କରି ମୁଡ ଗାଜି ଦେଲେ

ସାତ ସମଦର ପାର ।

ନେ କର ଭଲ ପଛେ ଉନଝା ଲୁକର

ନାଇ କର ଅନଭଲ ,

ବାଟର କଁଟା ଫିକି ଫୁଲର ଦଣ୍ଣା

ପାରଲେ ହେବା ମଙ୍ଗଲ ।

କେତେ ଦିନର ଖେଲ ବୁଡବା ବେଲ

ସମିଆଁ ହେଲେ ଉଛୁର,

ଆଉଛେ ଯାଉଛେ ତାହାକେ ଭରସା

କେଭେ ଭିଲ ନାଇଁ କର ।



ମନୋରଞ୍ଜନ
ସୁରୁଜାଳ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଭଲ ପାଏବାର ଝରନା ବୁହେଇ

ହରମେଶା ମନ ରଟ,

ଏଖେଇ ନାମ ସାର ଭବ ସଁସାରେ

ଇଥି ତାହିଁର କେଁ ହଁଟ ।

ମୁନୁସ ମିତାର ମୁନୁସଟେ ହେଲେ

ପାଏବୁ କେତେ ମାଏନ,

ନିଘା ରଖି ମନ କରଲେ କବାର

ହେବୁ ଦିନରେ ଧଏନ ।

ନେ କର ଖଏତ ମୁନୁସ ଜିବନ

ହୁରଦେଁ ଦେବତା ବାସ,

ପାନି ଗୁରସ ମିଶା ଯେନ୍ତା ସମାନ

ଦାରୁ ହେବା ଦୁବ ଘାଁସ ।

ଅଇଁଲାପାଲି ଧମା ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ...

ମାଁ ହେଇ ତୁଇ କେତେ ଦୁଖ୍ ସହି
ଜନମ୍ ଦେଲୁ ମତେ
ଯେତେ ଗାଏଲେ ବି ତୋର୍ ଗୁନ୍ ମାଁ
ଥୁରେ ପଡ଼ିଯିବା ସତେ ।।

ଛୁଆ ଥିଲା ବେଲେ ହଗ୍‌ଲେ ମୁତ୍‌ଲେ
ପର୍‌ଛା କରୁଥିଲୁ ମତେ
ତୋର୍ ଲାଗ୍ କେଭେଁ ସୁଝିନେଇପାରେ
ଧନ୍ ରଖିଥିଲେ ଯେତେ ।।



ସାଗରିକା ସାହୁ

ତୋର୍ ଲାଗି ମୁଇଁ ଦୁନିଆଁ ଦେଖିଲି
ଶିଖ୍‌ଲି ତୋର୍ ନୁ କଥା
ହାତ୍ ଧରି କରି ତୋର୍ ଚାଲି ଶିଖ୍‌ଲି
ନାଇଁ ଲାଗ୍‌ଲା ଟିକେ ଅଥା ।

ତୋର୍ କୂଲେ ଜନ୍‌ମି ହେଇଛେ ଧଏନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଉଥିମି ମାଁ ତୋର୍ ଗୁନ୍
ତୋର୍ ସେବା ଯେତେ କଲେବି ମାଁ
ସୁଝିନାଇ ପାରେ ତୋର୍ ରୁନ୍ ।।

ତୁଇ ନାଇଁ ଖାଇକରି ମତେ ଖୁଏଇଛୁ
ତୋର୍ ପେଟ୍ କେ ମାରି
ମାଁ ଅକ୍ଷର୍ ଟା ସତେ ମୁଲ୍ ଆଏ
ତୋର ଏତେ ନାଇହନ୍ ସରି ।।

ସାଗରିକା ସାହୁ, ଗିଧମାଲ୍, ଗାଇସିଲେଟ୍ ,ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳା ଟା ସୁଁଦର୍

ଅଁର୍ରା ପିଲାର୍ କଳିଆ ମେଛା
ମୁହୁଁକେ ସୁଁଦର୍ ଦିଶେ
କଳିଆ କଳିଆ କଜଲ୍ ଆଁଖି
ସୁରୁନନି ଦେଖ ହଁସେ ।୧ ।
କଳିଆ ମେଘ୍ ଆକାଶେ ଦେଖ
ଦିଶୁଛେ ଲୁଭ୍ଲୁଭାନି
ମୟୁର୍ ନାଚେ କଳା ମେଘ୍ ଦେଖି
ମନ୍‌କେ ନିଏ ଘିନି ।୨ ।
କଳିଆ କୁଇଲି ଆମ୍‌ଡାଲେ ବସି
କୁହୁକୁହୁ ଗାଉଥିଲେ
ଦୁଖ୍ ପାସ୍‌ରି ଲଁହପି ଯିବ ସତେ
ତାର୍ ସେ ମଧୁର୍ ସୁରେ ।୩ ।
କଳା ଅକ୍ଷରର୍ କେତ୍‌ନି ମହତ୍
ଦେଖାସି ଜୀବନ୍ ଧର୍‌ସା
ସୁରୁତ୍ ଲାଗ୍‌ସି ଚୁନା ଗୁରେ ଡିଆର୍
କଳିଆ କଳିଆ ଅର୍‌ସା ।୪ ।



ସନ୍ତୋଷ କୁମାର ଅଦାବର
ସହକାରୀ ଶିକ୍ଷକ, ବୀରମହାରାଜପୁର, ସୁବର୍ଣ୍ଣପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀକାରୀ

(ଭାଗ ୮ )

ମୋର୍ କକା ବିଲ୍ ମଦ୍ ଦେଖିଦେଲେ
ଦୂରିଆ ପଲଉଥିଲା,
କାକି ସୁନିତାର୍ କଥାକେ ସୁର୍ତା
କରି ପରେକା ପିଇଲା ।
ମଦ୍ ପିଆ କଥା ପଡ଼ିଛେ ବୋଲି
କହୁଛେଁ କଥା ଟେ ସତ୍,
ଏନ୍ତା କଥା ତ ମତେ ଯେନ୍ ସତ୍
ତୁମ୍‌କୁ ଭାଲ୍ ଅସତ୍ ।
ଘର ଦେଖା ଠାନେ ମୋର କକାସାଙ୍ଗେ
ଗୁଟେ ଖଟେ ବସିଥାଉଁ,
ବିହା ଯେ ଭାଙ୍ଗି ବୋଲି ଭାବୁଥିଲିଁ
ନେଇ ଦିଅନ୍ ଝି ଆଉ ।
ହେଥିର୍ ଲାଗି ଯେ ମଦେ୍କ ସୁହୁଯେ
ପିଇଲିଁ ତାଙ୍କର୍ ଘରେ,
କକା ତ ଆଘୋନୁ ମାନା କରିଥିଲା
ନେଇଁ ମାନି ତାର ପରେ ।

ଦେବଦତ୍ତ ସନ୍‌ସ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କକା ଇଟା ଦେଖି ଫେର୍ ମନା କଲା
ନେଇଁ ମାନୁଥାଇଁ ମୁଇଁ,
କାହାକେ ନିଦେଖି କାହାକେ ନି ଶୁନି
ପିଉଥିଲିଁ ମୁଡ୍ ନୁଇଁ ।
ଆଇଶାଶ ଦେଖି ଚମ୍କି ପଡ୍ଲା
ହେଲେ ବି ଟୁକେଲ୍ ଦେଲେ,
କାଏଁ କରି ବେଲେ ଯୌତୁକ ନି ଆନୁ
କକା ତାହାଙ୍କୁ ବଏଲେ ।
କକାକେ କହେଲିଁ ତାର୍ ଲାଗିଁ ଖାଲି
ରନ୍ଧାରନ୍ଧି ଦର୍କାର୍,
ହେଟା ମୁଇଁ ନିଜେ ଡେଲି କରିଦେମି
ମାଏଝି କାଁ ଦରକାର୍ ।
ଯଦି ଫେର୍ ମତେ ବର୍କସା ବିହା
କରୁଛେ ଫେର୍ ଚଲ୍ବା,
ତାହାକେ ମାହେଝି ମାଏନ୍ତା ନି କଲେ
କେନ୍ତା ତେହେରୁ କର୍ବା ।
ମତେ ଖାନା ପିନା ବର୍କସ୍ ଦେଲା
ତାହାକେ ଉନା କର୍ଲେଁ,
ହେ କଥା ପୁରା ତ ମତେ ନି କହେବ
କାଏଁ କର୍ମି କାନ୍ଲେଁ ।

ମୋର୍ କଥା ଶୁନି କକା ହସିଦେଲା
କହେଲା ତାର୍ ପସନ୍ଦ୍,
ମାହେଝି କାଏଁ ଯେ ମାଏନ୍ତା ନି ଦେବା
ବୁଝ୍ବା ସେ ଭଲ୍ମନ୍ଦ୍ ।
"ଖାଏବାର୍ ଦେବା ପିଇବାର୍ ଦେବା
କାଏଁ ଯେ ଏନ୍ତା ହେସୁ,
ନେଇଁ ଦେଲେ କାଏଁ ଉନା ହେବା ଭାଲ୍"
କହେଲା 'ଆଘୋ ତ ନେସୁଁ' □
ଫିର୍ଭି ପହେଲା ଘରଢୁକା ଦିନେ
କହେଲିଁ ତ ମାହାଝିକେ,
କକାକେ ପହେଲା ଖାନାପିନା ଦେବା
ପରେ ତ ଦେବା ଆମ୍କେ ।
କାଏଁ କରି ବେଲେଁ କକାକେ ଛାଡ୍ଲେଁ
ମୋର୍ ବୋଲି ନେଇ କେହି,
ବନେ କରି ତାର୍ ମାଏନ୍ତା କର୍ବା
ଆଘୋ ଖାନା ପିନା ଦେଇ ।
ହେଟାହି କର୍ସି ଡେଲିକା ଦେଖ୍ସିଁ
ଭାବ୍ଲିଁ କକାର୍ ମନ୍,
ବାଛିନିଛି କରି ବିହା କରିଦେଲା
ଚିହ୍ନି ସର୍ଗର୍ ଜନ୍ ।

(ଆଗକେ)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ

ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।।

ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ

ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।।

ନିଗମକଳ୍ପତରୋର୍ଗଳିତଂ ଫଳଂ

ଶୁକମୁଖାଦମୃତଦ୍ରବସଂଯୁତମ୍ । ।

ପିବତ ଭାଗବତଂ ରସମାଳୟଂ

ମୁହୁରହୋ ରସିକା ଭୁବି ଭାବୁକାଃ । ।



ସହଦେବ ପ୍ରଧାନ

ଶ୍ରୀମଦ୍ଭାଗବତ ମହାପୁରାଣର ୩ୟ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୩ୟ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ତୃତୀୟ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୩୩ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରା ଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ । ।

ତୃତୀୟ ସ୍କନ୍ଧ - ୩୩ଟି ଅଧ୍ୟାୟ (ସର୍ଗ)     ଭାଗବତର ୧ମ ଲକ୍ଷଣ

ସଂଖ୍ୟା     ଅଧ୍ୟାୟ     ବିଷୟ ବସ୍ତୁ

୧   ପ୍ରଥମବିଦୁର ଉଦ୍ଧବ ସମ୍ବାଦ - ବିଦୁର ଉଦ୍ଧବଙ୍କୁ ଯଦୁବଂଶ, କୃଷ୍ଣ ଓ ପାଣ୍ଡବ ମାନଙ୍କ ସମାଚାର ପୁଛନ୍ତି ।

୨   ଦ୍ୱିତୀୟ   ବିଦୁର ଉଦ୍ଧବ ସମ୍ବାଦ - ଗୋପଲୀଳାର ସଂକ୍ଷିପ୍ତ ବିବରଣ (୧୦ମ ସ୍କନ୍ଧର କୃଷ୍ଣ କର୍ତୃତ୍ୱ ବର୍ଣ୍ଣନ)

୩   ତୃତୀୟ   ବିଦୁର ଉଦ୍ଧବ ସମ୍ବାଦ - ଭଗବାନଙ୍କ ଅନ୍ୟାନ୍ୟ ଲୀଳା ଚରିତ ବର୍ଣ୍ଣନ ।

୪   ଚତୁର୍ଥ   ବିଦୁର ଉଦ୍ଧବ ସମ୍ବାଦ - ବିଦୁରଙ୍କର ମୈତ୍ରେୟଙ୍କ ନିକଟକୁ ଗମନ ।

୫   ପଞ୍ଚମ   ବିଦୁର ମୈତ୍ରେୟ ସମ୍ବାଦେ ଏକାନ୍ତ ଭାବନା – ସୃଷ୍ଟିକ୍ରମ ବର୍ଣ୍ଣନ ।

୬   ଷଷ୍ଠ   ମୈତ୍ରେୟ ବିଦୁର ସଂବାଦ - ବ୍ରହ୍ମାଙ୍କ ବିଭିନ୍ନ ଅଙ୍ଗ ବିଭିନ୍ନ କାରକ, ପ୍ରକୃତି ବର୍ଣ୍ଣନ, ବିରାଟ ପୁରୁଷଙ୍କ ଉତ୍ପତ୍ତି

୭   ସପ୍ତମ   ମୈତ୍ରେୟ ବିଦୁର ସଂବାଦ - ବିଦୁରଙ୍କ ନାନାବିଧ ପ୍ରଶ୍ନ ।

୮   ଅଷ୍ଟମ   ବିଷ୍ଣୁ ନାଭିପଦ୍ମେ ବ୍ରହ୍ମାଜନ୍ମ ବୃତାନ୍ତ - ବ୍ରହ୍ମାଙ୍କର ବିଷ୍ଣୁଙ୍କ ରୂପ ଦର୍ଶନ ବ୍ରହ୍ମାଙ୍କ ଉତ୍ପତ୍ତି ।

୯   ନବମ   ବିଦୁର ବ୍ରହ୍ମାସ୍ତବ ବର୍ଣ୍ଣନ - ଭଗବାନଙ୍କ ମହିମା ବର୍ଣ୍ଣନ, ସୃଷ୍ଟି ସର୍ଜନ କରିବାକୁ ବ୍ରହ୍ମାଙ୍କୁ ବିଷ୍ଣୁଙ୍କ ନିର୍ଦ୍ଦେଶ

୧୦   ଦଶମ   ବ୍ରହ୍ମାଙ୍କ ସୃଷ୍ଟି ସର୍ଜନ - ସ୍ୱଭାବ, ପ୍ରକୃତି, ବୃକ୍ଷ, ପଶୁ, ପକ୍ଷୀ ଇତ୍ୟାଦିର ସୃଷ୍ଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

- ଦଶବିଧ ସୃଷ୍ଟି ବର୍ଣ୍ଣନା ।

୧୧ ଏକାଦଶ ସତ୍ୟକାଳ ବର୍ଣ୍ଣନ - କାଳ ଗଣନା – ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିର ସମୟ ସୀମା, ଯୁଗ, କଳ୍ପ, ବର୍ଷ, ପକ୍ଷ ଇତ୍ୟାଦିର ଗଣନା – କାଳର ସୂକ୍ଷ୍ମ ସ୍ଥୂଳାଦି ପରିମାଣ ।

୧୨ ଦ୍ୱାଦଶ ବ୍ରହ୍ମାଙ୍କ ସୃଷ୍ଟି ସର୍ଜନା – କେଉଁ ସ୍ଥାନରୁ ବା ଅଙ୍ଗରୁ କିଏ ଜାତ, ତାହା ବର୍ଣ୍ଣିତ- ମନୁ ଶତରୂପାଙ୍କ ଉତ୍ପତ୍ତି ।

୧୩ ତ୍ରୟୋଦଶ ପୃଥିବୀ ବର୍ଣ୍ଣନ - ବରାହ-ହିରଣ୍ୟାକ୍ଷ ସଂକ୍ଷିପ୍ତ ବର୍ଣ୍ଣନ, ଜଳମଧ୍ୟେ ବସୁନ୍ଧରୀ ସ୍ଥାପନ - ଧରଣୀ ଉଦ୍ଧାର ।

୧୪ ଚତୁର୍ଦ୍ଦଶ ଦିତି କଶ୍ୟପ ସମ୍ବାଦ - କଶ୍ୟପଙ୍କ ଔରସରୁ ଦିତିଙ୍କ ଗର୍ଭଧାରଣ ।

୧୫ ପଞ୍ଚାଦଶ ଶ୍ରୀକୃଷ୍ଣ ବିଜୟ ଓ ବ୍ରହ୍ମାଙ୍କ ୪ କୁମାର ଦର୍ଶନ - ଜୟ ବିଜୟଙ୍କୁ ଅଭିଶାପ ।

୧୬ ଷୋଡଶ ଜୟ ବିଜୟ ଶାପ ବର୍ଣ୍ଣନ - ବୈକୁଣ୍ଠରୁ ଜୟ ବିଜୟଙ୍କର ପତନ ।

୧୭ ସପ୍ତଦଶ ହିରଣ୍ୟାକ୍ଷ ଓ ହିରଣ୍ୟକଶ୍ୟପୁ ଜନ୍ମ । ବରୁଣ ପୁରେ ହିରଣ୍ୟ କଶ୍ୟପୁ ଓ ହିରଣ୍ୟାକ୍ଷଙ୍କ ଯୁଦ୍ଧ ଆରମ୍ଭ ।

୧୮ ଅଷ୍ଟାଦଶ ବିଷ୍ଣୁଙ୍କ ବରାହ ରୂପରେ ହିରଣ୍ୟାକ୍ଷ ସହ ଯୁଦ୍ଧ - - - - -କ୍ରମଶଃ

୧୯ ଊନବିଂଶ ହିରଣ୍ୟାକ୍ଷ ବଧ ଓ ଶାପରୁ ମୁକ୍ତି

୨୦ ବିଂଶ ବ୍ରହ୍ମାଙ୍କ ରଚିତ ବିଭିନ୍ନ ପ୍ରକାର ସୃଷ୍ଟିର ବର୍ଣ୍ଣନା ।

୨୧ ଏକବିଂଶ କର୍ଦ୍ଦମ ଶିଷ୍ୟ ସମ୍ବାଦ - କର୍ଦ୍ଦମଙ୍କ ତପସ୍ୟା, ଦେବହୂତିଙ୍କୁ ପତ୍ନୀ ରୂପେ ଗ୍ରହଣ କରିବାକୁ ବିଷ୍ଣୁଙ୍କ ନିର୍ଦ୍ଦେଶ

୨୨ ଦ୍ୱାବିଂଶ କର୍ଦ୍ଦମ ଋଷି ଚରିତ – କର୍ଦ୍ଦମ ଦେବହୂତି ବିବାହ

୨୩ ତ୍ରୟୋବିଂଶ କର୍ଦ୍ଦମ ଋଷି ଗୃହସ୍ଥ ଧର୍ମ ବର୍ଣ୍ଣନ - ଦେବହୂତିଙ୍କ ଗର୍ଭଧାରଣ ଓ କନ୍ୟାରତ୍ନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରସବ ଓ ଖେଦ

୨୪ ଚତୁର୍ବିଂଶ ବ୍ରହ୍ମା, କର୍ଦ୍ଦମ ଓ ମୈତ୍ରେୟ ସମ୍ବାଦ - କର୍ଦ୍ଦମଙ୍କ କନ୍ୟା ଦାନ - କପିଳଙ୍କ ଜନ୍ମ ।

୨୫ ପଞ୍ଚବିଂଶ କପିଳ ଦେବହୂତି ସମ୍ବାଦ - କି ରୂପେ ସଂସାରର ମୋହ ତୁଟଇ ତାହା ବର୍ଣ୍ଣନ- ଭକ୍ତିଯୋଗ ମହିମା ।

୨୬ ଷଡବିଂଶ କପିଳ ଦେବହୂତି ସମ୍ବାଦ - ପଞ୍ଚଭୂତ, ପଞ୍ଚବିଂଶତି ତତ୍ତ୍ୱ, ତ୍ରିଗୁଣ, ସୃଷ୍ଟି ଓ ପ୍ରଳୟ ଲୀଳା ବର୍ଣ୍ଣନ

୨୭ ସପ୍ତବିଂଶ କପିଳ ଦେବହୂତି ସମ୍ବାଦ - ଯୋଗର ଲକ୍ଷଣ ବର୍ଣ୍ଣନ, ଭକ୍ତି ଯୋଗର ତ୍ରିଗୁଣ ପ୍ରକାର ଭେଦ

୨୮ ଅଷ୍ଟବିଂଶ କପିଳ ଦେବହୂତି ସମ୍ବାଦ- ପ୍ରାଣାୟମ ପ୍ରକ୍ରିୟା ବର୍ଣ୍ଣନ, ବିଷ୍ଣୁଙ୍କର ଶରୀର କାନ୍ତି ବର୍ଣ୍ଣନ- ଅଷ୍ଟାଙ୍ଗ ଯୋଗ

୨୯ ଊନତ୍ରିଂଶ କପିଳ ଦେବହୂତି ସମ୍ବାଦ (ମାତା ପୁତ୍ର ସମ୍ବାଦ) - ଭକ୍ତି ଯୋଗର ତ୍ରିଗୁଣ ପ୍ରକାର ଭେଦ ଓ କାଳର ମହିମା

୩୦ ତ୍ରିଂଶ କପିଳ ଦେବହୂତି ସମ୍ବାଦ - ମାନବର ବିଭିନ୍ନ ଲକ୍ଷଣ ପ୍ରକୃତି ବର୍ଣ୍ଣନ, ବୟସର ଗତି ଓ କୁଟୁମ୍ବର ଆଚରଣ

୩୧ ଏକତ୍ରିଂଶ କପିଳ ଦେବହୂତି ଜ୍ଞାନ କଥନ - ମାତୃ ଗର୍ଭେ ସନ୍ତାନର କ୍ରମ ବିବର୍ତ୍ତ ଓ ମନୋଭାବନା ବର୍ଣ୍ଣନ

୩୨ ଦ୍ୱାତ୍ରିଂଶ ଧୂମମାର୍ଗ ଓ ଅର୍ଚ୍ଚିରାଦି ମାର୍ଗରେ ଯାଉଥିବା ଜୀବର ଗତି ଓ ଭକ୍ତିଯୋଗର ଶ୍ରେଷ୍ଠତ୍ୱ ବର୍ଣ୍ଣନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

୩୩ ତ୍ରୟୋତ୍ରିଂଶ କପିଳ ଦେବହୂତି ବୋଧନ - ଦେବହୂତିଙ୍କର ତତ୍ତ୍ୱଜ୍ଞାନ ଲାଭ ଓ ମୋକ୍ଷପଦ ପ୍ରାପ୍ତି ।

୩ୟ ସ୍କନ୍ଧ ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ ବିଦୁର ହସ୍ତିନା ଛାଡ଼ି ଚାଲିଯିବା କଥା ବର୍ଣ୍ଣନା କରଯାଇଛି । ଅର୍ଥାତ୍ ଦୁର୍ଯ୍ୟୋଧନର ଅତ୍ୟାଚାର ଓ ଧୃତରାଷ୍ଟ୍ରଙ୍କର ପୁତ୍ରପ୍ରତି ଅନ୍ଧସ୍ନେହ ଯୋଗୁଁ ନୀରବତା - ପାଣ୍ଡବମାନଙ୍କୁ ଜତୁ ଗୃହେ ଦହନ ପ୍ରୟାସ, ଦ୍ରୌପଦୀ ବସ୍ତ୍ରହରଣ, କପଟପଶା ଇତ୍ୟାଦି ଘଟଣାରେ ମର୍ମାହତ ହୋଇ ବିଦୁର ହସ୍ତିନା ଛାଡ଼ି ଚାଲିଗଲେ । ସେ ବିଭିନ୍ନ ତୀର୍ଥ ଭ୍ରମଣ କରି ଶେଷରେ ସରସ୍ୱତୀ ନଦୀ କୂଳରେ ପହଞ୍ଚି ଆତ୍ମୀୟ-ସ୍ୱଜନ ମାନଙ୍କ ମୃତ୍ୟୁ ଖବର ଶୁଣି ସେମାନଙ୍କ ନାମରେ ଶ୍ରାଦ୍ଧ-ତର୍ପଣ କଲେ । ତା'ପରେ ବିଭିନ୍ନ ତୀର୍ଥକ୍ଷେତ୍ର ପରିଦର୍ଶନ କରି, ବିଦୁର ଉଦ୍ଧବଙ୍କୁ ଯମୁନା ନଦୀ କୂଳରେ ଭେଟିଲେ । ସେ ଉଦ୍ଧବଙ୍କୁ ଯଦୁବଂଶୀ ଯଥା – ବସୁଦେବ, ଦେବକୀ, ଶ୍ରୀକୃଷ୍ଣ, ବଳରାମ, ପ୍ରଦ୍ୟୁମ୍ନ, ସାତ୍ୟକି, ଶାମ୍ବ (ଯିଏ କି ପୂର୍ବ ଜନ୍ମରେ କାର୍ତ୍ତିକେୟ ଥିଲେ), ଅକ୍ରୁର, ଅନିରୁଦ୍ଧ ପ୍ରଭୃତି ତଥା କୁନ୍ତୀ ସମେତ ପାଣ୍ଡବ ମହିମା ପରାକ୍ରମ ବଖାଣପୂର୍ବକ ସେମାନେ ସମସ୍ତେ ଭଲରେ ଥିବା କଥା ଅର୍ଥାତ୍ ସେମାନଙ୍କ କୁଶଳ ସମାଚାର ପଚାରି ଯଦୁବଂଶୀ ଶ୍ରୀକୃଷ୍ଣଙ୍କ ଲୀଳା ଓ ଗୁଣାବଳୀ ବର୍ଣ୍ଣନା କରିବାକୁ ଅନୁରୋଧ କଲେ ।

ଦ୍ୱିତୀୟ ଅଧ୍ୟାୟରେ ଉଦ୍ଧବ, ବିଦୁରଙ୍କ ଅନୁରୋଧ ରକ୍ଷା କରି ଶ୍ରୀକୃଷ୍ଣଙ୍କ ଲୀଳା (ଯାହାକି ଦଶମ ସ୍କନ୍ଧର ୧ମ ଭାଗ ଗୋପଲୀଳାରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି) ବର୍ଣ୍ଣନା କଲେ । ପ୍ରକାଶ ଥାଉକି ଏହି ଅଧ୍ୟାୟରେ ପ୍ରଦତ୍ତ ତ୍ରୟୋଦଶ ଦେବତା ଅର୍ଥ ତେତ୍ରିଶ କୋଟି ଦେବତା ଅର୍ଥାତ୍ ଦ୍ୱାଦଶ ଆଦିତ୍ୟ, ଏକାଦଶ ରୁଦ୍ର, ଅଷ୍ଟବସୁ ଓ ଦୁଇ ଅଶ୍ୱିନୀକୁମାର ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୃତୀୟ ଅଧ୍ୟାୟରେ ଭୀଷ୍ମକ ଦୁହିତା ରୁକ୍ମଣୀକୁ କୃଷ୍ଣ ହରଣ କଲେ, କୋଶଳ ପୁରରେ କୃଷ୍ଣ ସପ୍ତଷଣ୍ଢ ବଧ କଲେ, ଇନ୍ଦ୍ରଙ୍କ ନନ୍ଦନବନୁ ପାରିଜାତ ଆଣି ସତ୍ୟଭାମାଙ୍କ ପୁରେ ସ୍ଥାପିଲେ, ନାରକାସୁର (ଭୌମାସୁର) ବଧ କଲେ, ନାରକାର ପୁତ୍ରକୁ ଅଭିଷେକ, ନାରକର କନ୍ୟାମାନଙ୍କ ସହ ବିବାହ କଲେ, ସେମାନଙ୍କ ଦଶଟି ପୁତ୍ର ଓ ଗୋଟିଏ କନ୍ୟା ଜନ୍ମ ହେଲେ, କୃଷ୍ଣଙ୍କ ମଥୁରାରେ ଓ ହସ୍ତିନାରେ ଭୂମିକା ବର୍ଣ୍ଣନ (ଯାହାକି ଦଶମ ସ୍କନ୍ଧର ୨ୟ ଭାଗ ଦ୍ୱାରିକା ଲୀଳାରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି) ।

ଚତୁର୍ଥ ଅଧ୍ୟାୟରେ ଉଦ୍ଧବ, ଶ୍ରୀକୃଷ୍ଣଙ୍କର ଜରା ଶବର ଦ୍ୱାରା ଶରବିଦ୍ଧ ଏବଂ ସ୍ୱଧାମକୁ ଯିବା ପୂର୍ବରୁ ଭଗବାନ, ଉଦ୍ଧବଙ୍କୁ ତତ୍ତ୍ୱଜ୍ଞାନ (ଯାହାକି ଏକାଦଶ ସ୍କନ୍ଧରେ ସବିସ୍ତୃତ ବର୍ଣ୍ଣିତ) ଦେଇଥିବା ବିଷୟ କହି ବିଦୁରଙ୍କୁ, ମୈତ୍ରେୟ ଋଷିଙ୍କ ନିକଟକୁ ଗମନ କରି ସେହି ତତ୍ତ୍ୱଜ୍ଞାନ ଲଭିବା ପାଇଁ କହିଥିଲେ । ବିଦୁର, ଉଦ୍ଧବଙ୍କଠାରୁ ବିଦାୟ ନେଇ ମୈତ୍ରେୟ ଋଷିଙ୍କ ନିକଟକୁ ଗମନ କଲେ ।

ବିଦୁରଙ୍କୁ ଏହି ଉପଦେଶ ଦେଇ ଉଦ୍ଧବ ସେଠାରୁ ଚାଲିଯିବା ପରେ, ବିଦୁର ଭଗବତ୍ ପ୍ରେମରେ ବିହ୍ୱଳ ହୋଇଗଲେ, ସେହି ସମୟରେ ଗଙ୍ଗା ତଟରେ ନିବାସ କରୁଥିବା ମୈତ୍ରେୟ ଋଷିଙ୍କୁ ଯାଇ ଭେଟିଲେ ।

ପଞ୍ଚମ ଅଧ୍ୟାୟରେ ବିଦୁରଙ୍କ ଅନୁରୋଧ ରକ୍ଷା କରି ମୈତ୍ରେୟ ଋଷି ତାଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି । ୨ୟ ସ୍କନ୍ଧର ଅଷ୍ଟମ ଅଧ୍ୟାୟରେ ରାଜା ପରୀକ୍ଷିତ ଶୁକଦେବଙ୍କୁ ସୃଷ୍ଟିର ଲୀଳା ସମ୍ବନ୍ଧୀୟ ଯେଉଁସବୁ ପଶ୍ନ ପଚାରିଥିଲେ ଏବଂ ଶୁକଦେବ ଯାହା ଉତ୍ତର ଦେଇଥିଲେ, ସେସବୁ ପ୍ରଶ୍ନ ଏହି ଅଧ୍ୟାୟରେ ବିଦୁର, ମୈତ୍ରେୟ ଋଷିଙ୍କୁ ପଚାରିଲେ ଏବଂ ମୈତ୍ରେୟ, ବିଦୁରଙ୍କୁ ସେହି ସବୁ ପ୍ରଶ୍ନର ଉତ୍ତର କହିଲେ ଅର୍ଥାତ୍ ସୃଷ୍ଟିକ୍ରମ ବର୍ଣ୍ଣନା କଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଷଷ୍ଠ ଅଧ୍ୟାୟରେ ମୈତ୍ରେୟ, ବିଦୁରଙ୍କୁ ବିରାଟ ଶରୀରର ଉପ୍ତତ୍ତି ବିଷୟ ବର୍ଣ୍ଣନା କଲେ । ଅର୍ଥାତ୍ ବିରାଟପୁରୁଷଙ୍କ ଶରୀର (କେଉଁ ଅଙ୍ଗରୁ କଣ ଉପ୍ତତ୍ତି) ଓ ସେଥିରେ ବିଭିନ୍ନ ତତ୍ତ୍ୱସବୁ (ମହତ୍ତ୍ୱ, ଅହଂକାର, ପଞ୍ଚଭୂତ, ପଞ୍ଚାତନ୍ମାତ୍ରା, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ଓ ମନ । ତ୍ରିଶକ୍ତି – ଜ୍ଞାନ ଶକ୍ତି, କ୍ରିୟା ଶକ୍ତି ଓ ଆତ୍ମଶକ୍ତି) କିପରି ସୃଷ୍ଟି ହୁଏ, ସେ ସମସ୍ତ ବିଷୟ କହିଲେ ।

ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ଭଗବାନ ବିରାଟପୁରୁଷଙ୍କ ଲୀଳା ଓ ବ୍ରହ୍ମାଙ୍କ ଉପ୍ତତ୍ତି ବିଷୟ ଯାହାକି ୨ୟ ସ୍କନ୍ଧରେ ବର୍ଣ୍ଣନା କରାଯାଇଥିଲା, ତାହର ପ୍ରାୟତଃ ସମପୁନରାବୃତ୍ତି ହୋଇଛି ।

ନବମ ଅଧ୍ୟାୟରେ ବ୍ରହ୍ମାଙ୍କ ଦ୍ୱାରା ଭଗବତ୍ ସ୍ତୁତି କରଯାଇଛି ଯାହା କି ତାଙ୍କୁ ସୃଷ୍ଟି ସର୍ଜନା କରିବା ଆଦେଶ ମିଳିବା ପରେ ସେ ଭଗବାନଙ୍କୁ କଠୋର ତପ କରି ଭଗବାନଙ୍କୁ ଦର୍ଶନ କରି ସ୍ତୁତି କରିଥିଲେ । ତା'ପରେ ଭଗବାନ୍ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଜଗତ୍ସୃଷ୍ଟି କରିବାକୁ ଆଦେଶ ଦେଇ ନିଜର ସେହି ନାରାୟଣରୂପକୁ ଅଦୃଶ୍ୟ କରିଦେଲେ ।

ଦଶମ ଅଧ୍ୟାୟରେ ଦଶ ପ୍ରକାର ସୃଷ୍ଟିର ବର୍ଣ୍ଣନା କରାଯାଇଛି । କାଳକୁ ନିମିତ୍ତ କରି ଭଗବାନ ହିଁ ସ୍ୱୟଂ ଲୀଳା ଛଳରେ ନିଜେ ନିଜକୁ ସୃଷ୍ଟି ଓ ବିନାଶ କରନ୍ତି । ସମଗ୍ର ବିଶ୍ୱର, ତାଙ୍କରି ଲୀଳାରେ ହିଁ ସୃଷ୍ଟି ଓ ବିଲୟ ଘଟେ । ପ୍ରଥମେ ସମଗ୍ର ବିଶ୍ୱ ଭଗବାନଙ୍କ ମାୟାରେ ଲୀନ ହୋଇ ବ୍ରହ୍ମରୂପେ ରହିଥିଲା । ଏହି ଜଗତ ବର୍ତ୍ତମାନ ଯେପରି ଅଛି, ପୂର୍ବେ ମଧ୍ୟ ସେହିପରି ଥିଲା ଏବଂ ଭବିଷ୍ୟତରେ ମଧ୍ୟ ସେହିପରି ହିଁ ରହିବ । ଏହା ନଅ ପ୍ରକାରେ ସୃଷ୍ଟି ହୁଏ ଏବଂ ପ୍ରାକୃତ-ବୈକୃତ ଭେଦରେ ଏକ ଦଶମ ପ୍ରକାର ସୃଷ୍ଟି ମଧ୍ୟ ହୁଏ ।

ପ୍ରଥମେ ମହତ୍ତ୍ୱ ସୃଷ୍ଟି ହୁଏ; ଗୁଣମାନଙ୍କର ବିଷମତା ବା ତାରତମ୍ୟ ହେବା ହିଁ ଏହାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱରୂପ । ଦ୍ୱିତୀୟରେ ସୃଷ୍ଟି ହୁଏ ଅହଂକାର; ସେଥିରୁ ପଞ୍ଚଭୂତ ଓ ଜ୍ଞାନେନ୍ଦ୍ରିୟ ଏବଂ କର୍ମେନ୍ଦ୍ରିୟ ମାନଙ୍କର ଉତ୍ପତ୍ତି ହୁଏ । ତୃତୀୟଟି ହେଲା ଭୂତସ୍ୱର୍ଗ; ଏଥିରେ ପଞ୍ଚମହାଭୂତ ଉତ୍ପନ୍ନ କରୁଥିବା ତନ୍ମାତ୍ରବର୍ଗ ଅନ୍ତର୍ଗତ । ଚତୁର୍ଥରେ ସୃଷ୍ଟି ହୁଅନ୍ତି ଇନ୍ଦ୍ରିୟମାନେ; ଏମାନଙ୍କ ଦ୍ୱାରା ଜ୍ଞାନ ଓ କ୍ରିୟା ସମ୍ପାଦନ ହୋଇଥାଏ । ପଞ୍ଚମରେ ସାତ୍ତ୍ୱିକ ଅହଂକାରରୁ ଉତ୍ପନ୍ନ ହୋଇଥିବା ଇନ୍ଦ୍ରିୟାଧିଷ୍ଠାତୃ ଦେବତାମାନଙ୍କର ତଥା ମନର ସୃଷ୍ଟି ହୁଏ । ଷଷ୍ଠରେ ସୃଷ୍ଟି ହୁଏ ଅବିଦ୍ୟା । ଅବିଦ୍ୟାର ତାମିସ୍ର, ଅନ୍ଧତାମିସ୍ର, ତମ, ମୋହ ଓ ମହାମୋହ – ଏପରି ପାଞ୍ଚୋଟି ବୃତ୍ତି ଥାଏ । ଏହା ଜୀବମାନଙ୍କର ବୁଦ୍ଧିରେ ଆବରଣ ଓ ବିକ୍ଷେପ ସୃଷ୍ଟି କରେ । ଏପରି ଭାବରେ ପ୍ରାକୃତ ସୃଷ୍ଟି ହେଉଛି ମହତ୍ତ୍ୱ, ଅହଂକାର, ତନ୍ମାତ୍ର, ଇନ୍ଦ୍ରୟଗଣ, ଇନ୍ଦ୍ରିୟାଧିଷ୍ଠାତୃ ଦେବତା ଓ ଅବିଦ୍ୟା – ଏପରି ଛଅ ପ୍ରକାର ।

ଉପରୋକ୍ତ ପ୍ରାକୃତ ସୃଷ୍ଟି ଛଅ ପ୍ରକାର । ଅବଶିଷ୍ଟ ଚାରି ପ୍ରକାର ହେଲେ ବୈକୃତ ସୃଷ୍ଟି । ଅର୍ଥାତ୍ ସପ୍ତମରେ ସ୍ଥାବର (ବୃକ୍ଷାଦି) ଶ୍ରେଣୀର ବୈକୃତ ସୃଷ୍ଟି ହୋଇଥାଏ । ବନସ୍ପତି, ଔଷଧି, ଲତା, ତାକ୍ସାର, ବୀରୁଧ୍ ଏବଂ ଦ୍ରୁମ ଏସବୁର ଖାଦ୍ୟ ସଞ୍ଚାର ମୂଳଠାରୁ ଉପର ଆଡ଼କୁ ହୋଇଥାଏ । ଏସବୁରେ ଜ୍ଞାନଶକ୍ତି ନ ଥାଏ । ଏଗୁଡ଼ିକ କେବଳ ସ୍ପର୍ଶ ଅନୁଭବ କରନ୍ତି । ଏସବୁ ମଧ୍ୟରୁ ପ୍ରତ୍ୟେକଙ୍କ ଠାରେ ଏକ ବିଶେଷ ଗୁଣ ରହିଥାଏ, ଯଥା - ବନସ୍ପତି - ଫୁଲ ବିନା ଫଳ – ବର, ଅଶ୍ୱତଥ, ଡିମିରି; ଲତା - ଅଙ୍ଗୁର, ମାଳତୀ; ଔଷଧି - ଫଳ ପାଚିଲେ ନଷ୍ଟ - ଧାନ, ମୁଗ; ବୀରୁଧ୍ – ଭୂମିରେ ମାଳିବା ଲତା – ତରଭୂଜ; ଦ୍ରୁମ - ଫୁଲ ପରେ ଫଳ - ଆମ୍ବ, ଜାମ୍ବ; ବେଣୁ – ଚୋପା ଟାଣ ଭିତରେ ପୋଲା – ବାଉଁଶ । ଅଷ୍ଟମ ସୃଷ୍ଟି ହେଉଛନ୍ତି ତିର୍ଯ୍ୟକ୍ ଯୋନି (ପଶୁପକ୍ଷୀ) । ଏମାନେ ୨୮ପ୍ରକାର ବୋଲି ଧରାଯାଏ । ସେମାନଙ୍କ କାଳବିଷୟକ ଜ୍ଞାନ ନ ଥାଏ । ତମୋଗୁଣ ଅଧିକ ହେତୁ ସେମାନେ କେବଳ ଖାଇବା-ପିଇବା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୈଥୁନ, ଶୟନ ଆଦି ହିଁ ଜାଣିଥାନ୍ତି । ସେମାନଙ୍କ ବିଚାରଶକ୍ତି ବା ଦୂରଦର୍ଶିତା ନ ଥାଏ । ପଶୁମାନେ ଶୁଙ୍ଘିଦେଇ ବସ୍ତୁକୁ ଚିହ୍ନି ପାରନ୍ତି । ଏହି ତିର୍ଯ୍ୟକ୍ ଯୋନୀମାନଙ୍କ ମଧ୍ୟରେ ଗାଇଗୋରୁ, ମଇଁଷି, ଛେଳି, ମେଣ୍ଢା, କୃଷ୍ଣମୃଗ, ବରାହ, ନୀଳଗାଇ, ରୁରୁ ନାମକ ମୃଗ ଓ ଓଟ – ଏମାନେ ଦ୍ୱିଶଫ (ଦୁଇ ଫାଳିଆ ଖୁରା ଥିବା) ପଶୁରୂପେ ପରିଚିତ । ଗଧ, ଘୋଡ଼ା, ଖଚର, ଗୌରମୃଗ, ଅଷ୍ଟପଦୀ ମୃଗ ଓ ଚମରୀ ଆଦି ଏକଶଫ (ଗୋଟାଳିଆ ଖୁରା ଥିବା) ପଶୁ । ପଞ୍ଚନଖୀ ପଶୁ – କୁକୁର, ବିଲୁଆ, ହେଟା, ବାଘ, ବିରାଡ଼ି, ଠେକୁଆ, ଝିଙ୍କ, ସିଂହ, ମାଙ୍କଡ଼, ହାତୀ, କଇଁଚ, ଗୋଧି, କୁମ୍ଭୀର; ପଞ୍ଚନଖୀ ପକ୍ଷୀ – ବଗ, ଶାଗୁଣା, ଛଞ୍ଚାଣ, ବାଜ, ଭାସ, ମୟୁର, ହଂସ, ସାରସ, ଚକୋର, କୁଆ, ପେଚା ଆଦି ଉଡ଼ୁଥିବା ପ୍ରାଣୀ । ନବମ ସୃଷ୍ଟି ହେଉଛି ମନୁଷ୍ୟ । ଏବଂ ଦଶମ ସୃଷ୍ଟି ହେଉଛି ଦେବଗଣଙ୍କ ସୃଷ୍ଟି । ଏମାନେ ଅଷ୍ଟବିଧ (ଆଠ ପ୍ରକାର) ସୃଷ୍ଟି ଅଟନ୍ତି ଯଥା - ପିତର, ଅସୁର, ବିବୁଧ ବା ଦେବତା, ଗନ୍ଧର୍ବ-ଅପ୍ସରୀ, ଯକ୍ଷ-ରାକ୍ଷସ, ସିଦ୍ଧ-ଚାରଣ-ବିଦ୍ୟାଧର, ଭୂତ-ପ୍ରେତ-ପିଶାଚ ଓ କିନ୍ନର-କିମ୍ପୁରୁଷ-ଅଶ୍ୱମୁଖ । ସ୍ଥାବର, ପଶୁପକ୍ଷୀ ଓ ମନୁଷ୍ୟ – ଏହି ୩ ପ୍ରକାର ଓ ଦେବଗଣ ମିଶି, ଏପରି ୪ ପ୍ରକାର ବୈକୃତ ସୃଷ୍ଟି ।

ଏକାଦଶ ଅଧ୍ୟାୟରେ ମନ୍ୱାନ୍ତରାଦି କାଳ ବିଭାଗର ବର୍ଣ୍ଣନା କରାଯାଇଛି । ପଦାର୍ଥ ଗୁଡ଼ିକର ଯେପରି ଅବପରମାଣୁ, ପରମାଣୁ, ଅଣୁ ଇତ୍ୟାଦି ଏକକ ଅଛି, ସେହିପରି କାଳ ବା ସମୟର ମଧ୍ୟ ଏକକ ଅଛି ଯେପରିକି ନିମେଷ, ଦଣ୍ଡ, କ୍ଷଣ, ଦିନ, ପକ୍ଷ, ମାସ, ବର୍ଷ ଇତ୍ୟାଦି ଇତ୍ୟାଦି । କାଳ ବା ସମୟର ସବୁଠାରୁ କ୍ଷୁଦ୍ର ଏକକ ହେଉଛି ପରମାଣୁ । ଦୁଇଟି ପରମାଣୁ ମିଶି ଗୋଟିଏ ଅଣୁ ହୁଏ ଏବଂ ତିନୋଟି ପରମାଣୁ ମିଶି ଗୋଟିଏ ତ୍ରସରେଣୁ ହୁଏ । ତ୍ରସରେଣୁ ଅର୍ଥ ଝରକାବାଟେ ଆସି ଘରେ ପଡ଼ୁଥିବା ଆଲୋକରଶ୍ମିର ଆକାର । ଏପରି ତିନୋଟି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତ୍ରସରେଣୁକୁ ଅତିକ୍ରମ କରିବାକୁ ସୂର୍ଯ୍ୟଙ୍କୁ ଯେତିକି ସମୟ ଲାଗେ, ତାହାକୁ ଏକ ତ୍ରୁଟି କୁହାଯାଏ । ତ୍ରୁଟିର ଶହେଗୁଣ ସମୟକୁ ବେଧ କୁହାଯାଏ ଏବଂ ତିନିଟି ବେଧକୁ ଏକ ଲବ କୁହାଯାଏ । ତିନି ଲବକୁ ଏକ ନିମେଷ ଓ ତିନି ନିମେଷକୁ ଏକ କ୍ଷଣ କୁହାଯାଏ । ପାଞ୍ଚ କ୍ଷଣରେ ଏକ କାଷ୍ଠା ଓ ପନ୍ଦର କାଷ୍ଠାରେ ଏକ ଲଘୁ ହୁଏ । ପନ୍ଦର ଲଘୁରେ ଏକ ନାଡ଼ିକା (ଦଣ୍ଡ) ହୁଏ । ଦୁଇ ନାଡ଼ିକାରେ ଏକ ମୁହୂର୍ତ୍ତ ହୁଏ । ଦିନର କ୍ଷୟବୃଦ୍ଧି ଅନୁସାରେ (ଦିନ ଓ ରାତିର ଦୁଇ ସନ୍ଧିର ଦୁଇ ମୁହୂର୍ତ୍ତକୁ ଛାଡ଼ି) ଛଅ ବା ସାତ ନାଡ଼ିକାରେ ଏକ ପ୍ରହର ହୁଏ । ଏହାକୁ ଯାମ ମଧ୍ୟ କୁହାଯାଏ । ଏହା ମନୁଷ୍ୟମାନଙ୍କର ଏକ ଦିନ ବା ଏକ ରାତିର ଏକଚତୁର୍ଥାଂଶ । ଏକ ପ୍ରସ୍ଥ (ଦୁଇସେର) ଜଳ ଧରି ପାରୁଥିବା ଛଅପଳ ତମ୍ବାର ଗୋଟିଏ ପାତ୍ର ତଳେ ଚାରି ମଷା ଓଜନ ଓ ଚାରି ଆଙ୍ଗୁଳ ଲମ୍ବର ଏକ ସୁନା ଛୁଞ୍ଚିରେ ଗୋଟିଏ କଣା କରି ତାହାକୁ ଜଳରେ ଥୋଇଦେଲେ, ସେହି ପାତ୍ରଟି ପୂର୍ଣ୍ଣ ହୋଇ ଜଳରେ ବୁଡ଼ିଯିବାକୁ ଯେତିକି ସମୟ ଲାଗିବ, ସେତିକି ସମୟକୁ ଗୋଟିଏ ନାଡ଼ିକା କୁହାଯାଏ । ମନୁଷ୍ୟ ମାନଙ୍କର ଦିନ ଓ ରାତି ଚାରି ଚାରି ପ୍ରହର ବିଶିଷ୍ଟ ହୋଇଥାଏ । ପନ୍ଦର ଅହୋରାତ୍ର (ଦିନ ରାତି)ରେ ଗୋଟିଏ ପକ୍ଷ ହୁଏ; ଶୁକ୍ଳ ଓ କୃଷ୍ଣ ଭେଦରେ ପକ୍ଷ ଦୁଇ ପ୍ରକାର । ଏପରି ଦୁଇ ପକ୍ଷରେ ଏକ ମାସ, ଯାହା କି ପିତୃଗଣଙ୍କର ଗୋଟିଏ ଅହୋରାତ୍ର ସଙ୍ଗେ ସମାନ । ଦୁଇ ମାସରେ ଗୋଟିଏ ଋତୁ ଏବଂ ଛଅ ମାସ ବା ତିନି ଋତୁରେ ଗୋଟିଏ ଅୟନ ହୁଏ । ଦକ୍ଷିଣାୟନ ଓ ଉତ୍ତରାୟନ ଭେଦରେ ଅୟନ ଦୁଇ ପ୍ରକାର । ଏପରି ଦୁଇ ଅୟନ ମିଶି ମନୁଷ୍ୟମାନଙ୍କର ଏକ ବର୍ଷ (ସମ୍ବତ୍ସର) ତଥା ଦେବତା ମାନଙ୍କର ଗୋଟିଏ ଦିନ ଓ ରାତି ହୁଏ । ଏପରି ଶହେ ବର୍ଷକୁ ମନୁଷ୍ୟର ପରମାୟୁ କୁହାଯାଏ । ମନୁଷ୍ୟ ମାନଙ୍କର ୩୬୦ ବର୍ଷରେ ଦେବତା ମାନଙ୍କର ଏକ ବର୍ଷ । ଏପରି କଳିଯୁଗର ଅବଧି = ୧୨୦୦ x ୩୬୦ = ୪,୩୨,୦୦୦ ମାନବବର୍ଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱାପରଯୁଗର ଅବଧି = ୨୪୦୦ x ୩୬୦ = ୮,୬୪.୦୦୦ ମାନବବର୍ଷ । ତ୍ରେତୟାଯୁଗର ଅବଧି = ୩୬୦୦ x ୩୬୦ = ୧୨,୯୬,୦୦୦ ମାନବବର୍ଷ । ସତ୍ୟଯୁଗର ଅବଧି = ୪୮୦୦ x ୩୬୦ = ୧୭,୨୮.୦୦୦ ମାନବବର୍ଷ । ଏହି ୪ ଯୁଗ ମିଶି ଏକ ଚତୁର୍ଯୁଗ । ୧୦୦୦ଟି ଚତୁର୍ଯୁଗୀରେ ଏକ କଳ୍ପ । ପ୍ରତି କଳ୍ପରେ ୧୪ ମନୁ କ୍ରମାନ୍ୱୟରେ ନିଜ ନିଜର ଅଧିକାର ଭୋଗ କରନ୍ତି । ବ୍ରହ୍ମାଙ୍କର ଏକ ଦିନ ଓ ଏକ ରାତିର ସମୟ ହେଉଛି ୨ କଳ୍ପ । ବ୍ରହ୍ମାଙ୍କ ଆୟୁର ଅର୍ଦ୍ଧେକ ଭାଗକୁ ପରାର୍ଦ୍ଧ କୁହାଯାଏ ।

ଦ୍ୱାଦଶ ଅଧ୍ୟାୟରେ ସୃଷ୍ଟିର ବିସ୍ତାର ବର୍ଣ୍ଣନା କରାଯାଇଛି । ବ୍ରହ୍ମା ସର୍ବପ୍ରଥମେ ଅଜ୍ଞାନର ୫ଟି ବୃତ୍ତି, ଯଥା – ତମ (ଅବିଦ୍ୟା), ମୋହ (ଅସ୍ମିତା), ମହାମୋହ (ଆସକ୍ତି), ତାମିସ୍ର (ଦ୍ୱେଷ) ଓ ଅନ୍ଧତାମିସ୍ର (ଅଭିନିବେଶ) ସୃଷ୍ଟି କଲେ । କିନ୍ତୁ ସେଭଳି ଅତ୍ୟନ୍ତ ପାପମୟ ସୃଷ୍ଟି ଦେଖି ସେ ପ୍ରସନ୍ନ ହୋଇପାରିଲେ ନାହିଁ । ଭଗବତ୍ ଧ୍ୟାନଦ୍ୱାରା ନିଜକୁ ପବିତ୍ର କରି ସେ ସନକ, ସନନ୍ଦନ, ସନାତନ ଓ ସନତ୍ କମାରଙ୍କୁ ଉତ୍ପନ୍ନ କରି ସୃଷ୍ଟି ସର୍ଜନ କରିବାକୁ କହିଲେ । ସେମାନେ ମୋକ୍ଷମାର୍ଗ ଅନୁସରଣ କରି ସେଥିରୁ ନିବୃତ୍ତ ରହିଲେ । ତେଣୁ ସେ ସେମାନଙ୍କ ପ୍ରତି କ୍ରୋଧାନ୍ୱିତ ହେବାରୁ ତାଙ୍କ ଦୁଇ ଭ୍ରୂଲତା ମଝିରୁ ନୀଳଲୋହିତ ରଙ୍ଗର ବାଳକଟିଏ ଜାତ ହେଲା । ସେ ଦେବଙ୍କ ପୂର୍ବଜ ରୁଦ୍ର ଥିଲେ । ସେ ଜନ୍ମ ହେଉ ହେଉ କାନ୍ଦିବାକୁ ଆରମ୍ଭ କରିବାରୁ ବ୍ରହ୍ମା ତାଙ୍କ ନାମ ରୁଦ୍ର ରଖିଲେ । ରୁଦ୍ରଙ୍କର ୧୧ଟି ସ୍ଥାନରେ ୧୧ ଟି ନାମ । ପ୍ରତ୍ୟେକ ସ୍ଥାନରେ ତାଙ୍କ ୧୧ ଟି ସ୍ତ୍ରୀଙ୍କ ନାମ ଭିନ୍ନ ଭିନ୍ନ । ସେ ରହିବା ପାଇଁ ଆଗରୁ ହିଁ ବ୍ରହ୍ମା ଇନ୍ଦ୍ରିୟ, ହୃଦୟ, ପ୍ରାଣ, ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଓ ତପ - ଏସବୁ ସ୍ଥାନ ନିର୍ଦ୍ଧାରଣ କରିଦେଇଥିଲେ । ତାଙ୍କର ନାମ ମନ୍ୟୁ, ମନୁ, ମହିନସ, ମହାନ୍, ଶିବ, ଋତଧ୍ୱଜ ରଖିଲେ । ଧୀ, ବୃତ୍ତି, ଉଶନା, ଉମା, ନିୟୁତ୍, ସର୍ପି, ଇଳା, ଅମ୍ବିକା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଇରାବତୀ, ସୁଧା ଓ ଦୀକ୍ଷା ସେହି ରୁଦ୍ରଙ୍କ ସ୍ତ୍ରୀ ହେଲେ । ବ୍ରହ୍ମାଙ୍କ ଆଦେଶରେ ଏମାନଙ୍କଠାରୁ ଅନେକ ରୁଦ୍ର ଜାତ ହେଲେ କିନ୍ତୁ ସେମାନେ ସକଳ ଦିଗକୁ ଧ୍ୱଂସ କରିବାକୁ ଲାଗିଲେ । ତେଣୁ ବ୍ରହ୍ମାଙ୍କ ପୁନଃ ଆଦେଶରେ ରୁଦ୍ର ଏସବୁ କର୍ମ ବନ୍ଦ କରାଇଲେ । ରୁଦ୍ର ତପସ୍ୟା କରିବାକୁ ବନକୁ ପଳେଇଲେ ।

ତା'ପରେ ବ୍ରହ୍ମା ସୃଷ୍ଟି ବିସ୍ତାର କରିବାକୁ ଇଚ୍ଛା କରିବାରୁ ତାଙ୍କର ଦଶଟି ପୁତ୍ର ଜାତ ହେଲେ । ବ୍ରହ୍ମାଙ୍କ ବିଭିନ୍ନ ଅଙ୍ଗରୁ ସେମାନେ ଜାତ ହେଲେ, ଯଥା - ନାରଦ ପ୍ରଜାପତି ବ୍ରହ୍ମାଙ୍କ କୋଳରୁ, ଦକ୍ଷ ତାଙ୍କ ବୁଢ଼ା ଆଙ୍ଗୁଠିରୁ, ବଶିଷ୍ଠ ପ୍ରାଣରୁ, ଭୃଗୁ ତ୍ୱଚାରୁ, କ୍ରତୁ ହସ୍ତରୁ, ପୁଲହ ନାଭିରୁ, ପୁଲସ୍ତ୍ୟ କର୍ଣ୍ଣରୁ, ଅଙ୍ଗିରା ମୁଖରୁ, ଅତ୍ରି ନେତ୍ରରୁ ଏବଂ ମରୀଚି ମନରୁ ଉତ୍ପନ୍ନ ହେଲେ । ବ୍ରହ୍ମାଙ୍କର ଡାହାଣ ସ୍ତନରୁ ଧର୍ମ ଉତ୍ପନ୍ନ ହେଲେ ଏବଂ ଧର୍ମଙ୍କ ପତ୍ନୀ ମୂର୍ତ୍ତିଙ୍କ ଠାରୁ ସ୍ୱୟଂ ନାରାୟଣ (ନର-ନାରାୟଣ ଦୁଇ ଭାଗରେ) ଜନ୍ମ ନେଲେ । ବ୍ରହ୍ମାଙ୍କ ପିଠିରୁ ଅଧର୍ମ ଓ ଅଧର୍ମ ଠାରୁ ମୃତ୍ୟୁ ଜାତ ହେଲା । ବ୍ରହ୍ମାଙ୍କ ହୃଦୟରୁ କାମ, ଭ୍ରୂଲତାରୁ କ୍ରୋଧ, ଅଧରରୁ ଲୋଭ, ମୁଖରୁ ଦେବୀ ସରସ୍ୱତୀ, ଲିଙ୍ଗରୁ ସମୁଦ୍ର, ମଳଦ୍ୱାରରୁ ପାପର ନିବାସ ସ୍ଥାନ ନିର୍‌ର୍ତ୍ତି (ରାକ୍ଷସ ମାନଙ୍କର ଅଧିପତି) ଉତ୍ପନ୍ନ ହେଲେ । ତାଙ୍କ ଛାୟାରୁ ଦେବହୂତିଙ୍କ ପତି କର୍ଦ୍ଦମ ଜାତ ହେଲେ ।

ନିଜ କନ୍ୟା ସରସ୍ୱତୀଙ୍କ ସୌନ୍ଦର୍ଯ୍ୟରେ ଆସକ୍ତ ହୋଇ ବ୍ରହ୍ମା ତାଙ୍କ ପ୍ରତି କାମମୋହିତ ହୋଇଗଲେ । କିନ୍ତୁ ପୁତ୍ରମାନେ ନିବୃତ୍ତ କରିବାରୁ ସେ ଲଜ୍ଜିତ ହୋଇ ସେଠାରେ ହିଁ ସେହି ଶରୀର ତ୍ୟାଗ କରି ଦେଇଥିଲେ । ସେହି ଶରୀର କୁହୁଡ଼ି ହୋଇଗଲା ।

ପରେ ସେ ସୁବ୍ୟବସ୍ଥିତ ରୂପରେ ସକଳ ଲୋକ ରଚନା କରିବାକୁ ମନସ୍ଥ କରିବାରୁ ତାଙ୍କ ମୁଖରୁ ୪ ବେଦ ଉତ୍ପନ୍ନ ହେଲା । ଏହା ବ୍ୟତୀତ ସେ ଉପବେଦ, ନ୍ୟାୟଶାସ୍ତ୍ର, ହୋତା-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଦ୍ଗାତା-ଅଧ୍ୱର୍ଯ୍ୟୁ ଓ ବ୍ରହ୍ମା ଏହି ୪ ଋତ୍ୱିଜଙ୍କର କର୍ମ, ଯଜ୍ଞର ବିସ୍ତାର, ଧର୍ମର ଚାରିପାଦ ଏବଂ ୪ ଆଶ୍ରମ ତଥା ସେମାନଙ୍କର ବିଭିନ୍ନ ବୃତ୍ତି ମଧ୍ୟ ଉତ୍ପନ୍ନ କଲେ । ବ୍ରହ୍ମାଙ୍କ ମୁଖରୁ ଚାରି ପାଶ୍ୱର୍ରୁ ଚାରି ବେଦ- ଋକ୍- ପୂର୍ବ ମୁଖରୁ, ସାମ- ପଶ୍ଚିମ, ଅଥର୍ବ- ଉତ୍ତର, ଯଜୁ- ଦକ୍ଷିଣ ମୁଖରୁ ଜାତ ହେଲା । ତା'ପରେ ବ୍ରହ୍ମା ଶସ୍ତ୍ର (ହୋତାଙ୍କ କର୍ମ), ଇଜ୍ୟା (ଅଧ୍ୱର୍ଯ୍ୟୁଙ୍କ କର୍ମ), ସ୍ତୁତିସ୍ତୋମ (ଉଦ୍ଗାତାଙ୍କ କର୍ମ) ଓ ପ୍ରାୟଶ୍ଚିତ୍ତ (ବ୍ରହ୍ମାଙ୍କ କର୍ମ) ସୃଷ୍ଟିକଲେ । ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ ଓ ସ୍ଥାପତ୍ୟବେଦ ପୂର୍ବାଦି ମୁଖରୁ ଉତ୍ପନ୍ନ କଲେ । ଚାରିମୁଖରୁ ଇତିହାସ-ପୁରାଣରୂପୀ ୫ମ ବେଦ ସୃଷ୍ଟି କଲେ । ଷୋଡ଼ଶୀ ଓ ଉକ୍‌ଥ, ଚୟନ ଓ ଅଗ୍ନିଷ୍ଟୋମ, ଅପ୍ତୋର୍ଯାମ ଓ ଅତିରାତ୍ର ତଥା ବାଜପେୟ ଓ ଗୋସବ ଯାଗ; ଧର୍ମର ଚାରିପାଦ -ବିଦ୍ୟା, ଦାନ, ତପ ଓ ସତ୍ୟ; ଚାରି ଆଶ୍ରମ, ବ୍ରହ୍ମଚାରୀମାନଙ୍କ ଚାରିବୃତ୍ତି – ସାବିତ୍ର, ପ୍ରାଜାପତ୍ୟ, ବାହ୍ମ ଓ ବୃହତ୍ ତଥା ଗୃହସ୍ଥମାନଙ୍କର ଚାରିବୃତ୍ତି ବାର୍ତ୍ତା, ସଞ୍ଚୟ, ଶାଳୀନ ଓ ଶିଳୋଞ୍ଛ ମଧ୍ୟ ବ୍ରହ୍ମା ସୃଷ୍ଟି କଲେ । ଆନ୍ୱୀକ୍ଷିକୀ, ତ୍ରୟୀ, ବାର୍ତ୍ତା ଓ ଦଣ୍ଡନୀତି ନାମକ ଚାରିବିଦ୍ୟା ତଥା ଚାରି ବ୍ୟାହୃତି ମଧ୍ୟ ତାଙ୍କ ଚାରିମୁଖରୁ ଉତ୍ପନ୍ନ ହେଲା । ତାଙ୍କ ହୃଦୟାକାଶରୁ ଓଁ କାର ସୃଷ୍ଟି ହେଲା । ତାଙ୍କର ରୋମମାନଙ୍କରୁ ଉଷ୍ଣିକ୍, ତ୍ୱଚାରୁ ଗାୟତ୍ରୀ, ମାଂସରୁ ତ୍ରିଷ୍ଟୁପ୍, ସ୍ନାୟୁରୁ ଅନୁଷ୍ଟୁପ, ଅସ୍ଥିମାନଙ୍କରୁ ଜଗତୀ, ମଜ୍ଜାରୁ ପଙ୍କ୍ତି ଓ ପ୍ରାଣମାନଙ୍କରୁ, ବୃହତୀ, ଏପରି ସପ୍ତଛନ୍ଦ ଜାତ ହେଲା । ସେହିପରି ତାଙ୍କର ଜୀବ ସ୍ପର୍ଶବର୍ଣ୍ଣ (କ'ବର୍ଗାଦି ପଞ୍ଚବର୍ଗ) ଏବଂ ଦେହ ସ୍ୱରବର୍ଣ୍ଣ (ଅ'କାରାଦି) ବୋଲି କଥିତ ହେଲା । ତାଙ୍କ ଇନ୍ଦ୍ରିୟମାନଙ୍କୁ ଉଷ୍ମବର୍ଣ୍ଣ (ଶ, ଷ, ସ, ହ) ଏବଂ ବଳକୁ ଅନ୍ତଃସ୍ଥ (ଯ, ର, ଳ, ବ) କୁହାଯାଏ ତଥା ତାଙ୍କ କ୍ରୀଡ଼ାରୁ ଷଡ଼ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ ନାମରେ ସପ୍ତସ୍ୱର ଜାତହେଲା । ତଥାପି ସୃଷ୍ଟି ସମ୍ପୂର୍ଣ୍ଣ ହେବା ଭଳି ମନେ ନ ହେବାରୁ ଏ ବିଷୟରେ ବ୍ରହ୍ମା ବିଚାର କରୁ କରୁ ହଠାତ୍ ତାଙ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶରୀରଟା ଦୁଇଭାଗ ହୋଇଗଲା । ବ୍ରହ୍ମାଙ୍କ ବେନି ଖଣ୍ଡ ନାରୀ ଓ ପୁରୁଷ ହୋଇ ସେଥିରୁ ପୁରୁଷଜଣକ ସ୍ୱାୟମ୍ଭୂବ ମନୁ, ଉତ୍ତର ଖଣ୍ଡ ନାରୀ ଜନ୍ମ ତା ନାମ ସତ୍ୟରୂପ, (ମନୁର ପତ୍ନୀ- ସତ୍ୟରୂପା ବା ଶତରୂପା) । ସ୍ୱୟମ୍ଭୂବ (ମନୁ)ର ଦୁଇ ପୁଅ- ଉତ୍ତାନପାଦ, ପ୍ରିୟବ୍ରତ, ତିନି କନ୍ୟା- ଆକୁତି, ଦେବହୁତି ଓ ପ୍ରସୂତି (ପ୍ରସୁତି ଦକ୍ଷଙ୍କୁ ବାହା ହେଲେ) । ଦେବହୂତିଙ୍କୁ କର୍ଦ୍ଦମ ମୁନି ବାହା ହେଲେ ଏବଂ ଆକୁତିକୁ ରୁଚି ବିପ୍ର ବାହା ହେଲେ (୪ର୍ଥ ସ୍କନ୍ଧ ୧ମ ଅଧ୍ୟାୟରେ ସବିସ୍ତୃତ ବର୍ଣ୍ଣିତ ) ।

ତ୍ରୟୋଦଶ ଅଧ୍ୟାୟରେ ଭଗବାନଙ୍କର ବରାହ ଅବତାରର କଥା ବର୍ଣ୍ଣନା କରାଯାଇଛି ଯେଉଁ ସମୟରେ କି ସେ ଜଳରେ ବୁଡ଼ି ଯାଇଥିବା ପୃଥିବୀକୁ ନିଜ ଦନ୍ତରେ ଉପରକୁ ଉଠେଇ ଆଣିଥିଲେ । ଏଥିସହ ଋଷିମାନେ ବିଷ୍ଣୁଙ୍କୁ ସ୍ତୁତି ପୂର୍ବକ ତାଙ୍କ ଶରୀରର ବିଭିନ୍ନ ଅଂଶରେ ବିଭିନ୍ନ ବିଭୂତି ଓ କାରକ ଯଥା – ଲୋମ କୂପେ - ସମୁଦ୍ର ଓ ଅନଳ, ଚରଣେ – କାଳରୂପୀ, ଶରୀରେ - ଯଜ୍ଞାଦି ଆତ୍ମା, ଚର୍ମରେ –ବେଦ, ନେତ୍ରଯୁଗେ – ଘୃତ ଆହୁତି, ପାଦଭାଗେ – ଚତୁର୍ହୋତ୍ର, ତୁଣ୍ଡେ – ସ୍ରୋତବନ୍ତ, ନାସା – ସ୍ୱର, ଉଦର ଅନୁବନ୍ଧେ -ଓଁ କାର, କର୍ଣ୍ଣ ରନ୍ଧ୍ରେ – ଚମସା, ଚତୁର୍ହୋତ୍ର – ହୋତା, ଅଧ୍ୱର୍ଯ୍ୟୁ, ଉଦ୍ଗାତା ଓ ବ୍ରହ୍ମା ବିଦ୍ୟମାନ ଥିବା ବିଷୟ ବର୍ଣ୍ଣନା କରିବା ଉଲ୍ଲେଖ ଅଛି ।

ଚତୁର୍ଦ୍ଦଶ ଅଧ୍ୟାୟ ଠାରୁ ଊନବିଂଶ ଅଧ୍ୟାୟ ମଧ୍ୟରେ କଶ୍ୟପଙ୍କ ପତ୍ନୀ ଦିତି (ଦକ୍ଷ ପ୍ରଜାପତିଙ୍କ ଦୁହିତା) ଙ୍କ ଗର୍ଭଧାରଣ ଠାରୁ ଆରମ୍ଭ କରି ଜୟ-ବିଜୟଙ୍କୁ ସନକାଦିଙ୍କ ଅଭିଶାପ, ତାଙ୍କର ବୈକୁଣ୍ଠରୁ ପତନ, ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷଙ୍କର ଜନ୍ମ, ତଥା ହିରଣ୍ୟାକ୍ଷର ଦିଗ୍ୱିଜୟ, ହିରଣ୍ୟାକ୍ଷ ସହ ବରାହ ଭଗବାନଙ୍କ ଯୁଦ୍ଧ ଏବଂ ହିରଣ୍ୟାକ୍ଷ ବଧ ବର୍ଣ୍ଣନା କରାଯାଇଛି, ଯାହା କି ସପ୍ତମ ସ୍କନ୍ଧରେ ସବିସ୍ତୃତ ବର୍ଣ୍ଣିତ । ଏହାରି ମଧ୍ୟରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଞ୍ଚଦଶ ଅଧ୍ୟାୟରେ ବିମଳ ନାମକ ବନ ମଧ୍ୟରେ କଳ୍ପବୃକ୍ଷ ସ୍ଥାନରେ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟରେ ପକ୍ଷୀଗାନ, କୁସୁମ ସୁଗନ୍ଧ ଇତ୍ୟାଦିର ବର୍ଣ୍ଣନା କରାଯାଇଛି । ସପ୍ତଦଶ ଅଧ୍ୟାୟରେ ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷଙ୍କର ଜନ୍ମକୁ ନେଇ କୁହାଯାଇଛି ଯେ, "ଯଦା ବିଶେଦ୍ ଦ୍ୱିଧାଭୂତଂ ବୀଜଂ ପୁଷ୍ପଂ ପରିକ୍ଷରତ୍ । ଦ୍ୱୌ ତଦା ଭବତୋ ଗର୍ଭୌ ସୂତିର୍ବେଶ ବିପର୍ଯ୍ୟୟାତ୍ । । ଅର୍ଥାତ୍ ଅଗ୍ର ଭ୍ରୂଣ ସଞ୍ଚାର ହିଁ ଅଗ୍ରଜ କିନ୍ତୁ ଅଗ୍ର ଭୂମିସ୍ପର୍ଶ ନୁହଁ । ପଛରେ ଯେଉଁ ଭ୍ରୁଣ ସଞ୍ଚାର ହୋଇଥାଏ ସେ ପ୍ରଥମେ ଜନ୍ମ ହୋଇ ଭୂମି ସ୍ପର୍ଶ କରେ ତଥାପି ସେ ଅଗ୍ରଜ(ବଡ଼ ଭାଇ ନୁହେଁ ) ।

ବିଂଶ ଅଧ୍ୟାୟରେ ବ୍ରହ୍ମାଙ୍କ ରଚିତ ବିଭିନ୍ନ ପ୍ରକାର ସୃଷ୍ଟିର ବର୍ଣ୍ଣନା କରାଯାଇଛି । ବ୍ରହ୍ମା ଅସୁରମାନଙ୍କୁ ସୃଷ୍ଟି କରି ସେମାନଙ୍କ ହଇରାଣର ଶିକାର ହୋଇ ଦେହତ୍ୟାଗ କରି ସନ୍ଧ୍ୟା ରୂପେ ବିବେଚିତ ହେଲେ । ସେହି ନାରୀରୂପୀ ସନ୍ଧ୍ୟା ପ୍ରତି ଅସୁରମାନେ କାମାସକ୍ତ ହେବା ପରେ ସେହି ଶରୀରରୁ ବ୍ରହ୍ମା ଗନ୍ଧର୍ବ ଓ ଅପସରାମାନଙ୍କୁ ଉତ୍ପନ୍ନ କଲେ । ତା'ପରେ ବ୍ରହ୍ମା ଭୂତ-ପୀଶାଚ ମାନଙ୍କୁ ଜାତ କଲେ । ପରେ ପରେ ସେ ସାଧ୍ୟଗଣ, ପିତୃଗଣ ତଥା ସିଦ୍ଧ, ବିଦ୍ୟାଧର, ଯକ୍ଷ, କିନ୍ନର, କିମ୍ପୁରୁଷମାନଙ୍କୁ ସୃଷ୍ଟି କଲେ । ବ୍ରହ୍ମାଙ୍କ କେଶ-ଲୋମରୁ ସର୍ପ, ନାଗ ଆଦି ଜାତ ହେଲେ । ସର୍ବଶେଷରେ ସେ ମନୁମାନଙ୍କୁ ତଥା ଋଷିମାନଙ୍କୁ ଜାତ କଲେ ।

ଏକବିଂଶ ଅଧ୍ୟାୟରେ କର୍ଦ୍ଦମ ଋଷିଙ୍କ ତପସ୍ୟା ଓ ଭଗବାନଙ୍କର ବରଦାନ ବିଷୟ ବର୍ଣ୍ଣିତ । ଦ୍ୱାଦଶ ଅଧ୍ୟାୟରେ ଆଗରୁ କୁହାଯାଇଛି ଯେ, ବ୍ରହ୍ମାଙ୍କ ଛାୟାରୁ କର୍ଦ୍ଦମ ଋଷି ଜାତ ହୋଇଥିଲେ । ସେହି କର୍ଦ୍ଦମ ଋଷି କଠୋର ତପସ୍ୟା କରି ଭଗବାନଙ୍କୁ ସନ୍ତୁଷ୍ଟ କରିଥିଲେ । ଭଗବାନ ଆବିର୍ଭାବ ହୋଇ ତାଙ୍କୁ କିଛି ଉପଦେଶ ଦେଇଥିଲେ । ସ୍ୱାୟମ୍ଭୁବ ମନୁଙ୍କ ଦୁହିତା ଦେବହୂତିଙ୍କୁ ବିବାହ କରିବାକୁ ଭଗବାନ, କର୍ଦ୍ଦମ ଋଷିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏବଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କଠାରୁ ଅର୍ଥାତ୍ ଦେବହୂତିଙ୍କ ଗର୍ଭରୁ ଭଗବାନଙ୍କ ଅଂଶରେ ହିଁ କପିଳ ମୁନି ଜନ୍ମ ହୋଇ ସାଂଖ୍ୟ ଦର୍ଶନ ଶାସ୍ତ୍ର ରଚନା କରିବେ ବୋଲି କହିଲେ । ଭଗବାନ ସେଠାରୁ ଚାଲିଯିବାର କେତେ ଦିନ ପରେ ସ୍ୱାୟମ୍ଭୁବ ମନୁ କନ୍ୟା ଦେବହୁତିଙ୍କ ସହ ସେଠାକୁ ଆସିଲେ ।

ଦ୍ୱାବିଂଶ ଅଧ୍ୟାୟରେ ମନୁ କର୍ଦ୍ଦମଙ୍କୁ ନିଜ କନ୍ୟା ଦେବହୂତିଙ୍କୁ ବାହା ହବୋ ପାଇଁ ଅନୁରୋଧ କଲେ । କର୍ଦ୍ଦମଙ୍କର, ଭଗବାନଙ୍କ କହିବା ପ୍ରକାରେ, ଦେବହୂତିଙ୍କ ସହ ବ୍ରାହ୍ମବିଧିରେ ବିବାହ ହେଲା । ଅର୍ଥାତ୍ ମନୁସ୍ମୃତିରେ ୮ ପ୍ରକାର ବିବାହର ଉଲ୍ଲେଖ ଅଛି, ଯଥା - ୧. ବ୍ରହ୍ମ – ଚିରାଚରିତ ଉତ୍ସବ ପ୍ରଥା ଅନୁସାରେ ସମ ଜାତିର ପୁଅ ସହ ଝିଅର ବିବାହ । ୨. ଦୈବ – କୌଣସି ପୁରୋହିତଙ୍କୁ ପୂଜା ପାରିଶ୍ରମିକ ମୂଲ୍ୟ ବଦଳରେ କନ୍ୟାଦାନ । ୩. ଆର୍ଷ – ଯୌତୁକ ବଦଳରେ କନ୍ୟା ମୂଲ୍ୟ ହିସାବରେ ଗାଇ କିମ୍ବା ଷଣ୍ଢ ଦାନ କରି ବିବାହ । ୪. ପ୍ରଜାପତେୟ – ବିନା ଯୌତୁକ ବା କନ୍ୟା ମୂଲ୍ୟ ବିନା କନ୍ୟାପିତାଙ୍କ କନ୍ୟା ଦାନ । ୫. ଗାନ୍ଧର୍ବ – କେବଳ ପୁଷ୍ପମାଳାର ଆଦାନପ୍ରଦାନ କରି ଉଭୟ ବର ଓ କନ୍ୟା ପକ୍ଷର ସହ୍ମତି ବିବାହ । ୬. ଆସୁର – କ୍ରୟ କରି ବିବାହ । ୭. ରାକ୍ଷସ – ଜବତ୍ କରି ବିବାହ । ୮. ପୈଶାଚ – ଶୋଇଥିବା ସମୟରେ ବା ମତିଭ୍ରମ ସମୟରେ ସ୍ତ୍ରୀହରଣ କରି ବିବାହ ।

ତ୍ରୟୋବିଂଶ ଅଧ୍ୟାୟରେ କର୍ଦ୍ଦମ ଓ ଦେବହୂତିଙ୍କ ପ୍ରଣୟ ବିହାର ବର୍ଣ୍ଣନା କରଯାଇଛି । ଏହି ସମୟରେ ସେ ପତ୍ନୀ ଦେବହୁତିଙ୍କ ଗର୍ଭରେ ବୀର୍ଯ୍ୟ ସ୍ଥାପନ କରିଦେଲେ । ଦେବହୂତିଙ୍କ ନଅଟି କନ୍ୟା ଜାତ ହେଲା । କିନ୍ତୁ ଦେବହୂତି ନିଜର ବୃଦ୍ଧ କାଳରେ ଦେଖାରଖା କରିବା ପାଇଁ ପୁତ୍ରଟିଏ ଚାହିଁଥିଲେ ।

ଚତୁର୍ବିଂଶ ଅଧ୍ୟାୟରେ କର୍ଦ୍ଦମ ଋଷି, ଭଗବାନଙ୍କ ନିକଟରେ ମନୋନିବେଶ କଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଗବାନ ହିଁ ଦେବହୂତିଙ୍କ ସହାୟକ ହେବେ ବୋଲି, ନିଜ ପତ୍ନୀଙ୍କୁ କହିଲେ । କ୍ରମଶଃ ଦେବହୂତିଙ୍କ ଶ୍ରଦ୍ଧା, ଭକ୍ତି ଓ ନିର୍ମଳ ଚି ୍ରେ ଭଗବାନଙ୍କୁ ପ୍ରାର୍ଥନା ଯୋଗୁଁ ଭଗବାନ କପିଳ ମୁନି ରୂପରେ ତାଙ୍କ ଗର୍ଭରୁ ଆବିର୍ଭାବ ହେଲେ । ତା'ପରେ କର୍ଦ୍ଦମ ଋଷିଙ୍କ ଔରସରୁ ପତ୍ନୀ ଦେବହୂତିଙ୍କ ଗର୍ଭରୁ ଜାତ କନ୍ୟାଗଣଙ୍କୁ କର୍ଦ୍ଦମ ଋଷି ବ୍ରହ୍ମାଙ୍କ ନିର୍ଦ୍ଦେଶ କ୍ରମେ ଋଷିମାନଙ୍କ ସହ ବିବାହ ଦାନ କଲେ । ଯଥା, ମରୀଚିଙ୍କୁ – କଳା (କଳାବତୀ), ଅତ୍ରି - ଅନୁସୂୟା, ଅଙ୍ଗୀରା – ଶ୍ରଦ୍ଧା, ପୌଲସ୍ତ୍ୟ – ହବର୍ଭୂ, ପୁଲହ – ହବ୍ୟମାନ, କ୍ରତୁଙ୍କୁ – କ୍ରିୟା, ଭୃଗୁଙ୍କୁ – ଖ୍ୟାତି, ବଶିଷ୍ଠେ - ଅରୁନ୍ଧତିଙ୍କ ସହ ବିବାହ ପ୍ରଦାନ କଲେ ।

ଶେଷରେ କପିଳ ମୁନି କର୍ଦ୍ଦମ ଋଷିଙ୍କୁ କିଛି ଜ୍ଞାନୋପଦେଶ ଦେଇଛନ୍ତି □ ଯଥା -

ସୁହୃଦେ ମୋ ପାଦ ସେବିବୁ □ ଦୁର୍ଜନ ମରଣୁ ବ□ ିବୁ □ □
ଅନ୍ତେ ପଶିବୁ ମୋ ଚରଣେ □ ଯା ବେଗେ ତପ ସାଧୁବନେ □ □
ମୁଁ ଆତ୍ମା ଜ୍ୟୋତି ସର୍ବଠାରେ □ ପ୍ରକାଶ ସର୍ବ ହୃଦୟରେ □ □
ଆତ୍ମାର ମଧ୍ୟେ ଆତ୍ମା ଦେଖି □ ମୃତ୍ୟୁ ସକାଶୁ ଆତ୍ମା ରଖି □ □
ଆଧ୍ୟାତ୍ମ୍ୟ ବିଦ୍ୟା ସାଧ୍ୟ କର □ ଏ ମାୟା ସିନ୍ଧୁ ତୁ ନିସ୍ତର □ □

୩/୨୪/୩୮-୪୦ ପଞ୍ଚବିଂଶ ଅଧ୍ୟାୟରେ ବର୍ଣ୍ଣନା କରଯାଇଛି ଯେ, ଦେବହୂତି ପୁତ୍ର, କପିଳ ମୁନି ଭଗବାନଙ୍କର ହିଁ ସ୍ୱରୂପ ଅଟନ୍ତି । ଏହି ଅଧ୍ୟାୟରେ ମାତା ଦେବହୂତି ପୁତ୍ର କପିଳଙ୍କୁ ପ୍ରାଣୀ ମୋହମାୟା ସଂସାର କବଳରୁ କିପରି ମୁକ୍ତି ପାଇବ ବୋଲି ପ୍ରଶ୍ନ ପଚାରିଛନ୍ତି । କପିଳ ମୁନି ଭକ୍ତିଯୋଗର ମହିମା ପ୍ରତିପାଦନ ପୂର୍ବକ ଏହାର ଉତ୍ତର ଦେଇଛନ୍ତି ।

ଷଡ଼ବିଂଶ ଅଧ୍ୟାୟରେ ମହଦାଦି ଭିନ୍ନ ଭିନ୍ନ ତତ୍ତ୍ୱମାନଙ୍କର ଉତ୍ପତ୍ତି ବର୍ଣ୍ଣନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଇଛି । ତ୍ରିଗୁଣ, ମହତ୍ତ୍ୱ, ପଞ୍ଚଭୂତ –ଜଳ, ବାୟୁ, ପୃଥିବୀ, ଆକାଶ ଓ ଅଗ୍ନି । ଚତୁର୍ଦଶ ତତ୍ତ୍ୱ – ଜିହ୍ୱା, ନାସିକା, ଚକ୍ଷୁ, କର୍ଣ୍ଣ, ଚର୍ମ, ହାତ, ପାଦ, ବଚନ, ବୃଷଣ ଓ ପାୟୁ = ୧୦ + ମନ, ବୁଦ୍ଧି, ଅହଂ, ଚିତ୍ତ = ୪ = ସର୍ବମୋଟ ୧୪ ତତ୍ତ୍ୱ । ଅର୍ଥାତ୍ ପଞ୍ଚବିଂଶାଦି ସମସ୍ତ ତତ୍ତ୍ୱ ବର୍ଣ୍ଣନା କରାଯାଇଛି । ସତ୍ତ୍ୱଗୁଣମୟ, ସ୍ୱଚ୍ଛ, ଶାନ୍ତ ଓ ଭଗବାନଙ୍କ ଉପୃତ୍ତିର ସ୍ଥାନରୂପୀ ଚିତ୍ତ ହିଁ ହେଉଛି ମହତ୍ତ୍ୱ; ତାହାକୁ 'ବାସୁଦେବ' କୁହାଯାଏ । ଯାହାକୁ ଅଧ୍ୟାତ୍ମ୍ୟରେ (ଦେହାଭ୍ୟନ୍ତର ବସ୍ତୁରୂପେ) ଚିତ୍ତ କହନ୍ତି, ଅଧିଭୂତରେ (ଦେହର ବାହ୍ୟବସ୍ତୁରୂପେ) ତାହାକୁ ମହତ୍ତ୍ୱ କହନ୍ତି । ଚିତ୍ତର ଅଧିଷ୍ଠାତା କ୍ଷେତ୍ରଜ୍ଞ ଏବଂ ଉପାସ୍ୟଦେବ ବାସୁଦେବ । ସେହିପରି ଅହଂକାରର ଅଧିଷ୍ଠାତା ରୁଦ୍ର ଓ ଉପାସ୍ୟଦେବ ସଂକର୍ଷଣ । ବୁଦ୍ଧିର ଅଧିଷ୍ଠାତା ବ୍ରହ୍ମା ଓ ଉପାସ୍ୟଦେବ ପ୍ରଦ୍ୟୁମ୍ନ ତଥା ମନର ଅଧିଷ୍ଠାତା ଚନ୍ଦ୍ର ଓ ଉପାସ୍ୟଦେବ ଅନିରୁଦ୍ଧ । ଏହା ବ୍ୟତୀତ ଏହି ଅଧ୍ୟାୟରେ କପିଳ ମୁନି ଅନ୍ୟାନ୍ୟ ଇନ୍ଦ୍ରିୟ ତଥା ବ୍ରହ୍ମାଙ୍କ ଶରୀରର ବିଭିନ୍ନ ଅଙ୍ଗରୁ ବିଭିନ୍ନ ପ୍ରକୃତି, କାରକ, ଜୀବ ମାନଙ୍କ ସୃଷ୍ଟି ବିଷୟ ବର୍ଣ୍ଣନା କରି ଦେବହୂତିଙ୍କୁ ବୁଝେଇଛନ୍ତି । ଅର୍ଥାତ୍

ସେ ବିଷ୍ଣୁ ସୃଷ୍ଟି ଇଚ୍ଛା କରି □ ଆଦି ପ୍ରକୃତି ରୂପ ଧରି □ □
ତ୍ରିଗୁଣ ଜାତ ସେ କରଇ □ ରଜ ସାତ୍ତ୍ୱିକ ତମ ଦେହୀ □ □
ରଜେ ସର୍ଜଇ ପାଳେ ସତ୍ତ୍ୱେ □ ତମ ସ୍ୱରୂପେ ହରେ ନିତ୍ୟ □ □

ସପ୍ତବିଂଶ ଅଧ୍ୟାୟରେ ଭଗବାନ୍ କପିଳ ମୁନି ଯୋଗର ଲକ୍ଷଣ: ଇନ୍ଦ୍ରିୟ ସଂଯମ ପ୍ରକ୍ରିୟା, ଯୋଗ ସାଧନା ପ୍ରକ୍ରିୟା, ଭକ୍ତି ଯୋଗର ଲକ୍ଷଣ – (ତାମସ ଭକ୍ତି, ରାଜସ ଭକ୍ତି ଓ ସାତ୍ତ୍ୱିକ ଭକ୍ତି), ବର୍ଣ୍ଣନା କରିଛନ୍ତି □ ଯଥା -

ଦମ୍ଭ ମତ୍ସର ହିଂସା ଛଳେ □ କ୍ରୋଧ କୁଟିଳ ଭାବ ବଳେ □ □

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେ ବିଷ୍ଣୁ ଭଜେ ହୀନ ଜ୍ଞାନେ □ ବ୍ରତ ବିଷୟ ଚିନ୍ତି ଧ୍ୟାନେ □ □
ତାମସ ଭକ୍ତି ବୋଲି ତାର □ ତା ଭାବ କେ କରୁ ଗୋଚର □ □
ସେ ବିଷ୍ଣୁ ଭକ୍ତ ମଧ୍ୟେ ବର □ ତା ଭାବ ଦେବେ ଅଗୋଚର □ □
ଦାରା ତନୟ ଧର୍ମ ଅର୍ଥେ □ ବିଷ୍ଣୁଙ୍କୁ ଭଜିବ ଯେମନ୍ତେ □ □
ରାଜସ ଭକ୍ତି ବୋଲି ତାରେ □ ପାଞ୍ଚଇ ଆତ୍ମାର ପ୍ରକାରେ □ □
ବାହ୍ୟ ଅନ୍ତରେ ମାୟା ତେଜେ □ କେବଳ ବିଷ୍ଣୁ ଭାବେ ଭଜେ □ □
ସାତ୍ତ୍ୱିକ ଭକ୍ତି ବୋଲି ତାରେ □ ନ ବୁଡ଼େ ସଂସାର ସାଗରେ □ □
ଶୁଣ ରାଜନ ପରିମାଣି □ ବିଷ୍ଣୁ ଯେ ଏମନ୍ତ ନିର୍ମାଣି □ □
ବିଷ୍ଣୁର ଗୁଣ ଗୁଣି ଯେବେ □ ରୋମ ପୁଲକ ତନୁ ଭାବେ □ □
ଆନନ୍ଦେ ନେତ୍ରୁ ଅଶ୍ରୁ ବହେ □ କଣ୍ଠ ଗଦଗଦ ବାଣୀ କହେ □ □
ଚେତନା ବୁଦ୍ଧି ଅହଙ୍କାର □ ଯେ ଭୂତ ବିଷୟ ଗୋଚର □ □
ଏ ସର୍ବ ହରି ଭାବ ମନେ □ ଗଙ୍ଗା ସମୁଦ୍ରେ ମିଶେ ଯେହ୍ନେ □ □
ସାତ୍ତ୍ୱିକ ଭକ୍ତି ବୋଲି ତାରେ □ ସେହି ଦୁର୍ଲ୍ଲଭ ଏ ସଂସାରେ □ □

ଶେଷରେ କହିଛନ୍ତି, ଯଦି ଯୋଗୀର ଚିତ୍ତ ଯୋଗସାଧନ ଦ୍ୱାରା ବୃଦ୍ଧି ପାଉଥିବା ମାୟାମୟୀ ଅଣିମାଦି ସିଦ୍ଧିରେ ବାନ୍ଧି ହୋଇ ନଯିବ, ତେବେ ଯୋଗୀ ଭଗବାନଙ୍କର ସେହି ଅବିନାଶୀ ପରମପଦ ପାଇଯିବ, ଯାହା ଉପରେ କି ମୃତ୍ୟୁର କୌଣସି ପ୍ରଭାବ ପଡ଼େ ନାହିଁ । ଯୋଗସାଧନା ଦ୍ୱାରା ହିଁ ଅଣିମାଦି ସିଦ୍ଧି ମିଳିଥାଏ ।

ଅଷ୍ଟବିଂଶ ଅଧ୍ୟାୟରେ ଅଷ୍ଟାଙ୍ଗଯୋଗର ବିଧି ବର୍ଣ୍ଣନା କରାଯାଇଛି ।୨ୟ ସ୍କନ୍ଧର ୨ୟ ଅଧ୍ୟାୟରେ ବର୍ଣ୍ଣିତ ପ୍ରାଣାୟାମ ପ୍ରକ୍ରିୟାର ପୁନରାବୃତ୍ତି ହୋଇଛି, ଯେ ହେତୁ କପିଳ ମୁନି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାତା ଦେବହୂତିଙ୍କୁ ସେହି ପ୍ରକ୍ରିୟା କହିଛନ୍ତ । ଧ୍ୟାନ ଓ ପ୍ରାଣାୟାମ ସମୟରେ ଭଗବାନଙ୍କୁ ତଥା ତାଙ୍କ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ପ୍ରଥମେ ପାଦପଦ୍ମରୁ ଆରମ୍ଭ କରି ମସ୍ତକ ପର୍ଯ୍ୟନ୍ତ କିପରି ମନରେ ଭାବି ଦର୍ଶନ କରିବାକୁ ହେବ ତାହା କହିଛନ୍ତି ।

ଯେମନ୍ତେ ଅଗ୍ନି ଧୂମ୍ର ବଳ □ କେବେହେଁ ନୁହଇ ନିର୍ମଳ □ □
ସେ ରୂପେ ବିଷୟାନ୍ଧେ ପ୍ରାଣୀ □ କେବେହେଁ ଆତ୍ମାକୁ ନ ଚିହ୍ନି □ □
କାଷ୍ଠରୁ ଧୂମ ଅଗ୍ନି ଜନ୍ମ □ ସେ କାଷ୍ଠ ଦହଇ ଯେସନ □ □
ଅଜ୍ଞାନୁ ଜ୍ଞାନ ଜାତ ହୋଇ □ ବିଷୟ ବାସନା ଦହଇ □ □ ୩/୨୮/୪୦

ଊନତ୍ରିଂଶ ଅଧ୍ୟାୟରେ ଭକ୍ତିର ମର୍ମ ଓ କାଳର ମହିମା ବର୍ଣ୍ଣନା କରାଯାଇଛି । ତିନି ପ୍ରକାର ଭକ୍ତି ବର୍ଣ୍ଣନ । ଯଥା -

ବହୁ ପ୍ରକାରେ ଭକ୍ତିଯୋଗ □ ଜ୍ଞାନୀ ସାଧନ୍ତି ମୋକ୍ଷ ମାର୍ଗ □ □
ସ୍ୱଭାବେ ଗୁଣ ଯୁକ୍ତ ହୋଇ □ ନାନା ସଂକଳ୍ପ ମନେ ଧ୍ୟାୟି □ □
ସାତ୍ତ୍ୱିକ ରାଜସ ତାମସ □ ଗୁଣ ପ୍ରବାହେ ଯେ ପ୍ରକାଶ □ □
ଦମ୍ଭ ମତ୍ସର ଭାବ ବହି □ ପ୍ରାଣୀ ହିଂସାରେ ଯୁକ୍ତ ହୋଇ □ □
ପର ଅପରେ ଭେଦ ବୁଦ୍ଧି □ ତାମସ ଗୁଣେ ଯେ ପ୍ରସିଦ୍ଧି □ □
ଏ ଭାବେ ମୋତେ ଯେ ପୂଜଇ □ ତାମସ ଭକ୍ତି ତାକୁ କହି □ □
ଯଶ ଐଶ୍ୱର୍ଯ୍ୟ କଳ୍ପେ ମନେ □ ବିଷୟ ଧ୍ୟାନ ଅନୁକ୍ଷଣେ □ □
ଏ କର୍ମେ ମୋତେ ଯେ ପୂଜଇ □ ରାଜସ ଭକ୍ତି ତାକୁ କହି □ □
ଈଶ୍ୱର ଅର୍ଥେ କର୍ମ କରେ □ ଧର୍ମ ମାର୍ଗରେ ଯେ ପ୍ରଚରେ □ □
ସର୍ବତ୍ର ଦେଖଇ ସମାନ □ ସାତ୍ତ୍ୱିକ ଭକ୍ତି ତାହା ଜାଣ □ □ ୩/୨୯/୭-୧୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସଗୁଣ ଭକ୍ତିର ପ୍ରକାର ଭେଦ - ସାତ୍ତ୍ୱିକ, ରାଜସ, ତାମସ ଭେଦରେ ନବଧା ଭକ୍ତି ୨୭ ପ୍ରକାର, ପୁଣି ତାହା ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ଏକାଅଶୀ ପ୍ରକାର । ୩/୨୯/୧୦

ଭଗବାନଙ୍କଠାରେ ଅନନ୍ୟ ଓ ନିଷ୍କାମ ପ୍ରେମ ହୋଇଯିବା ହିଁ ହେଉଛି ନିର୍ଗୁଣ ଭକ୍ତିଯୋଗର ଲକ୍ଷଣ । ଏପରି ନିଷ୍କାମ ଭକ୍ତଙ୍କୁ ସାଲୋକ୍ୟ (ଭଗବାନଙ୍କ ନିତ୍ୟଧାମରେ ନିବାସ), ସାର୍ଷ୍ଟି (ଭଗବାନଙ୍କ ସମାନ ଐଶ୍ୱର୍ଯ୍ୟ ଭୋଗ), ସାମୀପ୍ୟ (ଭଗବାନଙ୍କ ନିତ୍ୟସମୀପତା), ସାରୂପ୍ୟ (ଭଗବାନଙ୍କ ପରି ରୂପ ଲାଭ) ଓ ସାଯୁଜ୍ୟ (ଭଗବାନଙ୍କ ବିଗ୍ରହରେ ଲୀନ ହୋଇଯିବା ବା ବ୍ରହ୍ମରୂପ ପ୍ରାପ୍ତ କରିବା) ମୋକ୍ଷ ଦିଆଗଲେ ମଧ୍ୟ, ସେ ଭଗବାନଙ୍କ ସେବା ତ୍ୟାଗ କରି ଉକ୍ତ ମୁକ୍ତି ଗ୍ରହଣ କରନ୍ତି ନାହିଁ ।

ସେହିପରି କାଳର ମହିମା ପ୍ରସଙ୍ଗରେ କହିଛନ୍ତି ଯେ, କାଳ ଅବିନାଶୀ । ସ୍ୱୟଂ ଭଗବାନ ହିଁ କାଳ ଅଟନ୍ତି । ଏହି ଅବିନାଶୀ କାଳ ହେଉଛି ସ୍ୱୟଂ ଅନାଦି ଏବଂ ଅନ୍ୟମାନଙ୍କର ଆଦିକର୍ତ୍ତା (ଉତ୍ପାଦକ) ତଥା ସ୍ୱୟଂ ଅନନ୍ତ ହୋଇ ମଧ୍ୟ ଅନ୍ୟମାନଙ୍କ ଅନ୍ତକର୍ତ୍ତା । କାଳ ହିଂ ପିତାଙ୍କ ଠାରୁ ପୁତ୍ର ଜାତ କରାଇ ସକଳ ଜଗତ୍ ରଚନା କରେ ଏବଂ ନିଜର ସଂହାରଶକ୍ତି ମୃତ୍ୟୁଦ୍ୱାରା ଯମରାଜଙ୍କୁ ମଧ୍ୟ ପ୍ରଳୟ କାଳରେ ମାରିଦିଏ ।

ତ୍ରିଂଶ ଅଧ୍ୟାୟରେ ଦେହଗେହରେ ଆସକ୍ତ ଲୋକମାନଙ୍କର ଅଧୋଗତି ବର୍ଣ୍ଣନା କରାଯାଇଛି । ଦିନେ କାଳ ସମସ୍ତଙ୍କୁ ଗ୍ରାସ କରିଥାଏ । କିନ୍ତୁ ମୂର୍ଖ ମାନବ ସଂସାର-ଜଞ୍ଜାଳ ରୂପୀ ବିଷୟାଦି ରସରେ ମଗ୍ନ ହୋଇ ସ୍ତ୍ରୀ, ପୁତ୍ର, ଧନ ଇତ୍ୟାଦିରେ ଆସକ୍ତ ହୋଇ ଲୋଭ, ମୋହମାୟାରେ ଛନ୍ଦି ହୋଇଯାଏ । ବୃଦ୍ଧାବସ୍ଥାରେ ଏପରି କି ସେ ଯେଉଁମାନଙ୍କ ପାଇଁ ଏତେସବୁ କରିଥିଲା, ସେହି ନିଜର ଆତ୍ମୀୟ-ସ୍ୱଜନମାନେ ବି ତାକୁ ଅଲୋଡ଼ା କରିଦିଅନ୍ତି । ଯଦିବା କେହି ତାକୁ ସେବା କରି ଆଦର କରନ୍ତି, ତଥାପି କାଳ ମୁଖରୁ ତାକୁ କେହି ବଞ୍ଚାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାରନ୍ତି ନାହିଁ । ଦିନେ ସେ ମୃତ୍ୟୁ ବରଣ କରେ । ଯମଦୂତମାନେ ତାକୁ ନେଇ ତାର କର୍ମର ଫଳ ଅନୁସାରେ ଉଚିତ ଦଣ୍ଡ ଦିଅନ୍ତି । କୁଟୁମ୍ବ ପୋଷଣାର୍ଥେ ଯେଉଁ ଅନ୍ୟାୟ କରିଥାଏ, ସେ ନର୍କକୁ ଯାଇ ସେ ଦୈବବିହିତ ଫଳ ଭୋଗ କରେ । ଅର୍ଥାତ୍ ଏହି ଅଧ୍ୟାୟରେ ମାନବ ଜୀବନର ବୟସର ଗତି ଓ କର୍ମ ଏବଂ ଏହା ପ୍ରତି କୁଟୁମ୍ବର ପ୍ରତିକ୍ରିୟା ବର୍ଣ୍ଣନ ସହ ମୃତ୍ୟୁ ପୂର୍ବ କ୍ଷଣଠାରୁ ନରକ ଯନ୍ତ୍ରଣା ପର୍ଯ୍ୟନ୍ତ ସମସ୍ତ ଅବତାର ବର୍ଣ୍ଣନା କରାଯାଇଛି ।

ଏକତ୍ରିଂଶ ଅଧ୍ୟାୟରେ ମନୁଷ୍ୟଜନ୍ମ ପାଇଥିବା ଜୀବର ଗତି ବର୍ଣ୍ଣନା କରାଯାଇଛି । ପୂର୍ବ କର୍ମାନୁସାରେ ଜୀବକୁ ଯେବେ ମନୁଷ୍ୟ ଜନ୍ମ ନେବାକୁ ହୁଏ ସେ ପୁରୁଷର ବୀର୍ଯ୍ୟକଣିକା ମାଧ୍ୟମରେ ସ୍ତ୍ରୀ ଗର୍ଭରେ ପ୍ରବେଶ କରେ । ସେଠାରେ ଗୋଟିଏ ରାତି ଭିତରେ ସ୍ତ୍ରୀରଜ ସହ ମିଶି ସମୀକୃତ ହୋଇଯାଏ । ତାହା ୫ ରାତି ଭିତରେ ଗୋଟିଏ ବୁଦ୍ବୁଦ୍ ହୋଇଯାଏ । ଦଶ ଦିନରେ ବରକୋଳି ପରି ଟିକିଏ କଠିନ ହୋଇଯାଏ ଏବଂ ତା'ପରେ ତାହା ମାଂସପେଶୀ ରୂପରେ ପରିଣତ ହୋଇଯାଏ । ଅର୍ଥାତ୍ ୧ମ ଦିନେ ଶୁକ୍ର ଶୋଣିତ ସଙ୍ଗେ ମିଶେ (ଏହାକୁ କଲ୍ଲୋଳ କୁହାଯାଏ), ୫ମ ଦିନେ - ବର୍ତ୍ତୁଳ ହୁଏ, ୧୦ମ ଦିନେ ବଦରୀ ସମ କଠିନ ହୁଏ, ତା ପରେ ମାରତଣ୍ଡ, ତଦନ୍ତେ ଅଣ୍ଡ, ୧ମ ମାସେ – କନ୍ଧ ଉପରେ ମସ୍ତକ, ୨ୟ ମାସେ– କର ଚରଣ, ୩ୟ ମାସେ- ଅଙ୍ଗୁଳି, ନଖ, ତନୁ, ଲୋମ, ଅସ୍ଥି, ହୃଦୟ, ନାଡୀ, ଲିଙ୍ଗ, ଇନ୍ଦ୍ରିୟ ଛିଦ୍ର, ୪ର୍ଥେ – ସପ୍ତଧାତୁ, ୫ମେ – କ୍ଷୁଧା ତୃଷା । ତଦନ୍ତେ ଜନନୀ ଯାହା ଭକ୍ଷଇ ତା ଖାଏ । କୃମି ସଂକୁଳ ମଧ୍ୟେ ରହେ । କ୍ଷଣ କ୍ଷଣକେ ମୂର୍ଚ୍ଛା ଯାଏ । ପୂର୍ବ କର୍ମ ବଶରୁ ବହୁତ ଜନ୍ମ କଥା ଜାଣି ପାରେ । ପୂର୍ବ ଶହେ ଜନ୍ମର ଯେତେ କର୍ମ ସେ ସବୁ ସୁମରୁ ଥାଏ । ୭ମ ମାସରେ ସମସ୍ତ ଜ୍ଞାନ ପ୍ରାପ୍ତ ହୋଇଯାଏ । ଜନ୍ମ ଗ୍ରହଣ ଇଛା କରେ ନାହିଁ । ସେତେବେଳେ ସେହି ଜୀବ ଶରୀରରେ ସପ୍ତଧାତୁ – ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ରରେ ବାନ୍ଧିହୋଇ ଅତ୍ୟନ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୟଭୀତ ହୋଇଯାଏ ଏବଂ ବ୍ୟାକୁଳ ହୋଇ ମାତୃଗର୍ଭରୁ ଉଦ୍ଧାର ହେବାକୁ ଭଗବାନଙ୍କୁ ପ୍ରାର୍ଥନା କରେ । କିନ୍ତୁ ଜନ୍ମ ହେବା ସଙ୍ଗେ ସଙ୍ଗେ ହିଁ ତାର ସେହି ପୂର୍ବ ସ୍ମୃତି ନଷ୍ଟ ହୋଇଯାଏ । ଶୈଶବ ଅବସ୍ଥାରେ ନିଜେ ନିଜେ କିଛି କରିପାରିବା ସାମର୍ଥ୍ୟ ନ ଥାଇ ସେ ବିଭିନ୍ନ ଅବସ୍ଥା ଦେଇ କ୍ରମଶଃ ଗତି କରିଥାଏ । ଜନ୍ମ ପରେ ୭ଟି ଅବସ୍ଥା ଦେଇ ମାନବର ଗତି –୧. ବାଲ୍ୟ, ୨. ଶୈଶବ, ୩. କୈଶୋର, ୪. ପୌଗଣ୍ଡ, ୫. ଯୌବନ, ୬. ପ୍ରୌଢ଼ ଓ ୭. ବାର୍ଦ୍ଧକ୍ୟ । ଜୀବନ କାଳ ମଧ୍ୟରେ ଭୋଗ-ବିଳାସ, ଇନ୍ଦ୍ରିୟ ସୁଖ ଭୋଗ କରେ ଏବଂ ଶେଷରେ ପ୍ରାଣତ୍ୟାଗ କରେ । ଶେଷକାଳରେ ଯାହାକୁ ଧ୍ୟାନ କରେ ସେହି ଜନ୍ମ ମିଳେ ।

ଦ୍ୱାତ୍ରିଂଶ ଅଧ୍ୟାୟରେ ଧୂମମାର୍ଗ ଓ ଅର୍ଚ୍ଚିରାଦି ମାର୍ଗରେ ଯାଉଥିବା ଜୀବର ଗତି ଓ ଭକ୍ତିଯୋଗର ଉତ୍କୃଷ୍ଟତା ବର୍ଣ୍ଣନା କରାଯାଇଛି । କର୍ତ୍ତାପଣ ନ ରଖି ଯେଉଁ କର୍ମ କରାଯାଏ, ତାହା ନିବୃତ୍ତିମାର୍ଗର କର୍ମ ଓ ଭଗବାନଙ୍କର ସେବା ବୋଲି ବୁଝି ଯେଉଁ ନିଷ୍କାମ କର୍ମ କରାଯାଏ, ତାହା ପ୍ରବୃତ୍ତିମାର୍ଗର କର୍ମ । ଉଭୟ ପ୍ରକାର କର୍ମ ଭଗବତ୍ପ୍ରାପ୍ତି କରାଇଥାଏ ।

ଯେ ଇଚ୍ଛେ ମୁକ୍ତି ଲଭିବାକୁ □ ଭଜଇ ହିରଣ୍ୟଗର୍ଭକୁ □ □
ସେ ମୁକ୍ତିକ୍ରମ ଶୁଣ ମାୟେ □ କହିବା ତୁମ୍ଭଙ୍କୁ ଥୋକାଏ □ □
ବ୍ରହ୍ମାର ବେନି ପରାର୍ଦ୍ଧାନ୍ତେ □ ପ୍ରଳୟ ହୁଅନ୍ତି ସମସ୍ତେ □ □
ତାବତ କାଳ ବ୍ରହ୍ମଲୋକେ □ ହିରଣ୍ୟଗର୍ଭର ସାଧକେ □ □
ସୁଖେଣ ବିହାର କରନ୍ତି □ ବ୍ରହ୍ମାର ସଙ୍ଗେ ଲୟ ଯା'ନ୍ତି □ □ ୩/୩୨/୮
ଭୂ ଆଦି ପଞ୍ଚମହାଭୂତ □ ଏ ଦଶ ଇନ୍ଦ୍ରିୟ ସହିତ □ □
ପଞ୍ଚ ବିଷୟ ଅହଂକାରେ □ ଏ ସର୍ବ ବ୍ରହ୍ମାଣ୍ଡ ଆକାରେ □ □
ଏମାନେ ରହନ୍ତି ପ୍ରଧାନେ □ ପରାର୍ଦ୍ଧ କାଳ ଅବସାନେ □ □

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ସ୍ଥାନେ ଯେତେ ଯୋଗୀଥାନ୍ତି □ ବ୍ରହ୍ମାଙ୍କ ଶରୀରେ ପଶନ୍ତି □ □
ଆୟୁଷ ଶେଷେ ପ୍ରଜାପତି □ ପରମ ଆତ୍ମାରେ ମିଳନ୍ତି □ □
ଯେଣୁ ତାହାଙ୍କ ଅଭିମାନ □ ଦେହରେ ନୋହେ ଅବସାନ □ □
ଏଣୁ ସାକ୍ଷାତେ ମୁକ୍ତି ନୋହେ □ ବ୍ରହ୍ମା ସଙ୍ଗତେ ହୋ'ନ୍ତି ଲୟେ □ □ ୩/୩୨/୯

ଇହଲୋକରେ ଭଗବାନଙ୍କ ଉପାସନା କରି ମୁକ୍ତ ହେବାକୁ 'ସଦ୍ୟୋମୁକ୍ତି' (ସାକ୍ଷାତ୍ ମୁକ୍ତି) କହନ୍ତି । ସୂକ୍ଷ୍ମ ଅହଂକାର ରହିଥିବା ହେତୁ ଜୀବ ସତ୍ୟଲୋକରେ ନିବାସ କରି ବ୍ରହ୍ମାଙ୍କ ପ୍ରଳୟ ବେଳେ ପ୍ରଥମେ ବ୍ରହ୍ମାଙ୍କ ଦେହରେ ଲୀନ ହୋଇ ପରେ ତାଙ୍କ ସମେତ ଭଗବାନଙ୍କ ଠାରେ ଲୀନ ହେବାକୁ 'କ୍ରମମୁକ୍ତି' କହନ୍ତି,ଯେଉଁ ମୁକ୍ତି ବିଷୟ ୨ୟ ସ୍କନ୍ଧର ୨ୟ ଅଧ୍ୟାୟରେ ଆଗରୁ ବର୍ଣ୍ଣିତ ।

ଯେସନେ ଭକ୍ତିହୀନ ଜନେ □ ବିଷ୍ଣୁ ଭଜନ୍ତି ହିତ ଜ୍ଞାନେ □ □
ସେ ପୁଣି କର୍ମ ଭୋଗ ଅନ୍ତେ □ ଗମନ୍ତି ପାପ ପୂଣ୍ୟ ପଥେ □□ ୩/୩୨/୨୦
ପ୍ରଥମେ ମହତ ହୋଇଲା □ ତାହାକୁ ଅହଙ୍କାର କଲା □ □
ତ୍ରିବିଧ ହୁଏ ଅହଙ୍କାର □ ଏ ପଞ୍ଚଭୂତ ରୂପ ତାର □ □
ମନ ଇନ୍ଦ୍ରିୟ ଏକାଦଶ □ ଏଥିରୁ ବ୍ରହ୍ମାଣ୍ଡ ପ୍ରକାଶ □ □ ୩/୩୨/୨୯

ଏହି ଅଧ୍ୟାୟରେ ବିଭିନ୍ନ ଯୋଗ ଓ ଭକ୍ତିର ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ଭକ୍ତି, ଜ୍ଞାନ, ଓ କର୍ମ ଯୋଗ ତଥା ସଗୁଣ, ନିର୍ଗୁଣ, ତ୍ରିଗୁଣ, ସକାମ, ନିଷ୍କାମ ପ୍ରଭୃତି ଭକ୍ତିମାର୍ଗ ଓ ତାର ଫଳ ବିଷୟ ବର୍ଣ୍ଣନା ହୋଇଛି । କପିଳ ମୁନିଙ୍କ ଦ୍ୱାରା ସାଂଖ୍ୟ ଜ୍ଞାନ ଦର୍ଶନ ବର୍ଣ୍ଣିତ ।

ତ୍ରୟୋତ୍ରିଂଶ ଅଧ୍ୟାୟରେ ଦେବହୂତିଙ୍କର ତତ୍ତ୍ୱ ଜ୍ଞାନଲାଭ ଓ ମୋକ୍ଷପଦ ପ୍ରାପ୍ତି ବିଷୟ ବର୍ଣ୍ଣନା କରାଯାଇଛି । ଶ୍ରୀକପିଳ ଭଗବାନଙ୍କ ମୁଖରୁ ଉପରୋକ୍ତ ଉପଦେଶ ଶୁଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେବହୂତିଙ୍କ ମୋହ ନଷ୍ଟ ହୋଇଗଲା । ସେ ସାଂଖ୍ୟଜ୍ଞାନର ଆଧାରଭୂମି କପିଳ ମୁନିଙ୍କୁ ପ୍ରଣାମ କରି ସ୍ତୁତି କଲେ । ମାତା ଏପରି ସ୍ତୁତି କରିବାରୁ କପିଳ ତାଙ୍କୁ ଯେଉଁ ସୁଗମମାର୍ଗ ଶିକ୍ଷା ଦେଇଥିଲେ ସେହି ମାର୍ଗ ଅବଲମ୍ବନ କଲେ ସେ ମୁକ୍ତି ପାଇଯିବେ ବୋଲି କହିଲେ । ଏପରି ଆତ୍ମଜ୍ଞାନ ବିଷୟରେ ଉପଦେଶ ଦେଇ ମାତାଙ୍କ ଠାରୁ ଅନୁମତି ନେଇ ସେ ସେଠାରୁ ଚାଲିଗଲେ । ତା'ପରେ ସରସ୍ୱତୀ କୂଳରେ ଦେବହୂତି ଯୋଗସାଧନ କରି ସମାଧିସ୍ଥ ହୋଇଗଲେ । ଭକ୍ତିର ପ୍ରବଳ ପ୍ରବାହ, ପ୍ରଗାଢ଼ ବୈରାଗ୍ୟ ଓ ଯଥୋଚିତ କର୍ମ ଅନୁଷ୍ଠାନ ଦ୍ୱାରା ସେ ବ୍ରହ୍ମଜ୍ଞାନସମ୍ପନ୍ନା ହୋଇଗଲେ । ତା ଫଳରେ ତାଙ୍କର ଅନ୍ତଃକରଣ ଶୁଦ୍ଧ ହୋଇଗଲା । ମାୟାର ସମସ୍ତ ଗୁଣ ନଷ୍ଟ ହୋଇଗଲା । ତାଙ୍କର ବୁଦ୍ଧି, ବ୍ରହ୍ମରେ ସ୍ଥିର ହୋଇଗଲା ଓ ଆତ୍ମାର ଆଶ୍ରୟଭୂତ ପରମାତ୍ମାଙ୍କ ଭିତରେ ତାଙ୍କର ଜୀବଭାବ ଲୀନ ହୋଇଗଲା । ଏହିପରି ସକଳ ଦୁଃଖ ଦୂର ହୋଇଯାଇ ତାଙ୍କୁ ପୂର୍ଣ୍ଣ ପରମାନନ୍ଦପ୍ରାପ୍ତି ହୋଇଗଲା । ଏପରି ଭାବରେ କପିଳଦେବ କହିଥିବା ମାର୍ଗରେ ସାଧନା କରିବାରୁ ଅତି ଅଳ୍ପ ସମୟ ମଧ୍ୟରେ ସେ ନିତ୍ୟମୁକ୍ତ ପରମାତ୍ମସ୍ୱରୂପ ଭଗବାନଙ୍କୁ ପାଇଗଲେ । ଯେଉଁ ସ୍ଥାନରେ ସେ ସିଦ୍ଧି ପ୍ରାପ୍ତ ହେଲେ, ସେହି ପରମ ପବିତ୍ରକ୍ଷେତ୍ର ତ୍ରିଲୋକରେ 'ସିଦ୍ଧପଦ' (ବର୍ତ୍ତମାନ ନାମ 'ସିଦ୍ଧପୁର') ନାମରେ ବିଖ୍ୟାତ ହେଲା । ମାତା ଦେବହୂତିଙ୍କ ଶରୀର ଶୁଦ୍ଧ ନଦୀ ରୂପରେ ପରିଣତ ହୋଇଗଲା । କପିଳ ମଧ୍ୟ ଈଶାନ କୋଣ ଅଭିମୁଖେ ଗତି କଲେ । ସେଠାରେ ସ୍ୱୟଂ ସମୁଦ୍ର ତାଙ୍କୁ ପୂଜା କରି ରହିବାକୁ ସ୍ଥାନ ଦେଲା । କପିଳ ଦେବଙ୍କର ଏହି ମତ (ଉପଦେଶ) ହେଉଛି ଅଧ୍ୟାତ୍ମଯୋଗର ଗୂଢ଼ ରହସ୍ୟ ଯାହାକି ସାଂଖ୍ୟଦର୍ଶନ ରୂପେ ବିଖ୍ୟାତ ।

କ୍ରମଶଃ - - - - - -

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ଦ୍ୱିତୀୟ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।

ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ।।

ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।

ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ ।।

ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।

ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ ।।

ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।

ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର ।।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ମୋବାଇଲ୍ ନଂ – ୬୩୭୨୧୩୩୭୩୫

sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଶ୍ୱାସ, ଅବିଶ୍ୱାସ, ଅନ୍ଧବିଶ୍ୱାସ

ସମୟ ସ୍ରୋତର ତ୍ରିଧାରା । ଏକ ପରେ ଏକ ବହି ଚାଲିଥାଏ ଗତାନୁଗତିକ ଭାବରେ, ସୃଷ୍ଟିର ପ୍ରାରମ୍ଭରୁ ଚାଲିଛି ଚାଲିଥିବ ଅନନ୍ତ କାଳ ଯାଏଁ ।

ସେ ତ୍ରିଧାରା ଅତୀତ ବର୍ତ୍ତମାନ ଓ ଭବିଷ୍ୟତ, ବର୍ତ୍ତମାନ ସମୟର ବିଗତ ମୁହୂର୍ତ୍ତ ଅତୀତ ହେଲେ ଆସୁଥିବା ନୂତନତ୍ୱ ହେଉଛି ଭବିଷ୍ୟତ । ଏ ବର୍ତ୍ତମାନ ହିଁ ଅତୀତ ଭବିଷ୍ୟତକୁ କରେ ମୂଲ୍ୟାୟନ ।

ସମାଜରେ ମଣିଷ ଏକ ଚିନ୍ତାଶୀଳ ମନୋମୟ ପ୍ରାଣୀ । ତାର ଶିକ୍ଷା ଦୀକ୍ଷା ଅନୁଭୁତି ଅଭିଜ୍ଞତାକୁ ନେଇ ଜୀବନ ଯାପନ କରେ । ଚେତନାର ପରିଧି ଭିତରେ ଭିନ୍ନ ଭିନ୍ନ ପରିବେଶ ପରିସ୍ଥିତିରେ ତା ଧ୍ୟାନ ଧାରଣାକୁ ଆସେ ବିଶ୍ୱାସ ଅବିଶ୍ୱାସ ଓ ଅନ୍ଧବିଶ୍ୱାସ । ସେ ସବୁ ନେଇ ତାର ଜୀବନ ଯାତ୍ରା ସୁଗମ୍ୟ ସୁରମ୍ୟ ହୁଏ ବା ନ ହୋଇ ସମସ୍ୟା ବହୁଳ ହୋଇ ପଡେ । ଶଙ୍କା ସନ୍ଦେହର ଦୋଛକିରେ ସେ ବିବଶ ହୋଇ ପଡେ । ତାର ସ୍ୱଭାବିକ ଜୀବନ ଅତିଷ୍ଠ ହୋଇଯାଏ ।



ନୂତନ କୁମାର
ବେହେରା

ପରିବାର, ସମାଜ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ସେ ଯୋଜନା କରେ । ଏକ ସୁସଂପର୍କର ସୁନ୍ଦର ବାତାବରଣ ମଧ୍ୟରେ କାଳାତିପାତ କରି ଜୀବନ ନିର୍ବାହ କରେ । ପରସ୍ପର ମଧ୍ୟେ ପବିତ୍ର ବନ୍ଧନ ସୁସମ୍ପର୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୂଳଦୁଆ । ଭରସା ବିଶ୍ୱାସ ଏହାର ଗତି ପ୍ରଗତି ଓ ଅଗ୍ରଗତି । ହୃଦୟରେ ଯେଉଁ ଭାବନା ଆସେ ସେ ଭାବନାକୁ ଫଳବତୀ କରେ ବିଶ୍ୱାସ । ଏ ବିଶ୍ୱାସ ବେଳେବେଳେ ଅବିଶ୍ୱାସ ପାଲଟେ । ସନ୍ଦେହର ପରସ୍ତ ପରସ୍ତ ଦୁର୍ଭାବନା ତାକୁ ବିବଶ କରି ପକାଏ । ତାର ସରସ ସୁନ୍ଦର ମଧୁମୟ ଜୀବନ ଯନ୍ତ୍ରଣା ଦାୟକ ହୋଇପଡେ ।

ସାମାଜିକ ସବୁ ସଂପର୍କ ଏକ ବିଶ୍ୱାସର ଡୋରିରେ ବନ୍ଧା । ସେ ହୋଇ ଥାଉ ବାପା ପୁଅର, ମାଆ ଝିଅର କି ସ୍ୱାମୀ ସ୍ତ୍ରୀର କି ଅନ୍ୟ ସବୁଙ୍କର, ସବୁଠି ପରସ୍ପରକୁ ନିକଟତର କରି ରଖିଥାଏ ବିଶ୍ୱାସ । ଏ ବିଶ୍ୱାସ ବିଭିନ୍ନ କାରଣରୁ ଯେତେବେଳେ ଅବିଶ୍ୱାସରେ ପରିଣତ ହୁଏ ଆଉ ସେ ନିବିଡ଼ତା ରହେ ନାହିଁ । ସେ ସମ୍ପର୍କରେ ଫାଟ ସୃଷ୍ଟି ହୁଏ ।

ଆଜିର ସମାଜରେ ମଣିଷ ସୀମିତ ସୀମା ଭିତରେ ରହି ପାରେନା । ତାର ବ୍ୟକ୍ତିତ୍ୱର ବିକାଶ ଘଟିବା ସଙ୍ଗେ ସଙ୍ଗେ ନା ନା ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ଅନ୍ୟର ସହଯୋଗ ସଦିଚ୍ଛା ଲୋଡେ । ବିଭିନ୍ନ କ୍ଷେତ୍ରରେ ସେ ନିଜକୁ ପ୍ରମାଣ କରିବା ପାଇଁ ସୁଯୋଗର ଅପେକ୍ଷାରେ ଥାଏ । ତାର ଆତ୍ମୀୟସ୍ୱଜନ ଶୁଭାକାଂକ୍ଷୀ ଦିଗଦର୍ଶକ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ଅନୁକମ୍ପା ପ୍ରେରଣା ଆଶା କରେ । ଏ ସବୁ ଫଳବତୀ କରେ ସେ ତାର ଶ୍ରମ ସାଧନାରେ । ଏ ସବୁ ପାଇଁ କେତେକ ଅସାଧୁ ଭଣ୍ଡ ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ ପାଇଁ ଦୂରୁପଯୋଗ କରିଥାନ୍ତି । ଯେତେବେଳେ ସେ ଠକି ଯାଏ, ତା ମନେ ଘୃଣା ହେୟ ହିଂସା ଆଦି ବସା ବାନ୍ଧେ ସେ ପ୍ରତିହିଂସା ପରାୟଣ ହୋଇ ପଡେ । ତା ହୃଦୟରୁ ବିଶ୍ୱାସ ଦୂରେଇ ଯାଏ । ନିଜର ଆତ୍ମବିଶ୍ୱାସ ମଧ୍ୟ ହରାଇ ବସେ ।

ଏ ବିଶ୍ୱାସ ସୂର୍ଯ୍ୟାଲୋକ ପରି ଉଜ୍ଜ୍ୱଳ ପରିଷ୍କାର । ଯେପରି ଆଲୋକ ନିକଟରେ ତିଳେ ଅନ୍ଧାର ଛପି ରହି ପାରେନା ସେମିତି ବିଶ୍ୱାସ ଥିବା ପର୍ଯ୍ୟନ୍ତ ଅବିଶ୍ୱାସ ଆସି ପାରେନା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେବେ ଘନେଇ ଆସେ ମିଥ୍ୟା ଛଳନା ପ୍ରତାରଣା, ସେତେବେଳେ ଏ ବିଶ୍ୱାସର ସୂର୍ଯ୍ୟ ଅସ୍ତ ହୁଏ । ପ୍ରବଞ୍ଚନାର ଘନ ଅନ୍ଧାର ସ୍ୱରୂପ ଅବିଶ୍ୱାସ ରାଜତ୍ୱ କରେ । ସମାଜରେ ବଢି ଚାଲେ ନକରାତ୍ମକ ଘଟଣା ।

ବିଶ୍ୱାସ ଅବିଶ୍ୱାସର ମଧ୍ୟରେ ପ୍ରତୀୟମାନ ହୁଏ ଆଉ ଏକ ଅନ୍ତରାୟ ଯାହାର ନାମ ଅନ୍ଧବିଶ୍ୱାସ । ଅବିଶ୍ୱାସ ଦୁଇ ବ୍ୟକ୍ତି ମଧ୍ୟରେ ବା କେତକ ବ୍ୟକ୍ତି ମଧ୍ୟରେ ତିକ୍ତତା ସୃଷ୍ଟି କରେ କିନ୍ତୁ ଅନ୍ଧବିଶ୍ୱାସ ଏକ ଜାତିକୁ ଭୁଲ୍ ବାଟରେ ନେଇଯାଏ । ଭୁଷୁଡି ପଡେ ସମାଜ ଛାତିରେ ଭରସାର ଛାତ । ଏହି ଅନ୍ଧବିଶ୍ୱାସ ପାଇଁ ଚାଲିଥିଲା ସତୀଦାହ ପ୍ରଥା, ହଳଦୀ କିଆରୀରେ ନରବଳି, ସଂକ୍ରାମକ ବ୍ୟାଧି ପାଇଁ ଦେବାଦେବୀ ପୂଜା ଅର୍ଚ୍ଚନା, ଗୁଣୀ ଗାରେଡ଼ି ତନ୍ତ୍ର ମନ୍ତ୍ର ଆଦି ଅନେକ କିଛି । ଆଜି ବି ସେ ସବୁ ମୂଳୋତ୍ପାଟନ ହୋଇ ନାହିଁ । ଅଶିକ୍ଷା ଅଜ୍ଞାନତା କୁସଂସ୍କାର ଜନିତ ଅନେକ କିଛି ସମାଜର ଚେତନା ସ୍ତରକୁ ଦୋହଲାଇ ଦେଉଛି ।

ଆଜି ବିଶ୍ୱାସ ପାଲଟିଛି ବିଷ, ସେ ବିଷର ଜ୍ୱାଳାରେ ଯନ୍ତ୍ରଣା ଭୋଗୁଛି ସାରା ବିଶ୍ୱ । ପରିବାର ପରିଜନଙ୍କ ମଧ୍ୟରେ ନାହିଁ ଦୃଢ ଆତ୍ମୀୟଭାବ । ଜଣକ ଉପରେ ଅନ୍ୟ ଜଣକର ସନ୍ଦେହ ଆଖି । ଉଜୁଡ଼ି ଯାଉଛି ସବୁ ମଧୁର ସମ୍ପର୍କ । ପ୍ରେମ ପାଲଟୁଛି ପ୍ରତାରଣା, ମମତା ହେଉଛି ବିକାକିଣା, ସଦଭାବ ହେଉଛି ବାଟମାରଣା । ଯେ ଯାହାର ହରାଇ ଠିକଣା ହେଉଛନ୍ତି ବାଟବଣା ।

ବିଶ୍ୱାସ ଚିରନ୍ତନ ସତ୍ୟ, ନାହିଁ ତାର ପ୍ରତିରୂପ । ହୃଦୟରୁ ଏ ବିଶ୍ୱାସ ଯେବେ ଦୂରେଇ ଯାଏ ସେ ହୋଇ ପଡେ ଅସହାୟ । ବିଶ୍ୱାସ ଅବିଶ୍ୱାସ ଅନ୍ଧବିଶ୍ୱାସକୁ ନେଇ ଚାଲିଛି ସମାଜର ଉତଥାନ୍ ପତନ, ସଭ୍ୟତାର କ୍ରମବିକାଶ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁତରାଂ ଏ ମଣିଷ ନିଜର ବିଶ୍ୱାସକୁ ଅକ୍ଷୁର୍ଣ୍ଣ ରଖି ପାରିଲେ ହିଁ ଜୀବନ ଯାତ୍ରାରେ ସଫଳ ହୁଏ । ଅନ୍ୟକୁ ଅବିଶ୍ୱାସ କରିବା ପୂର୍ବରୁ ନିଜେ କେତେ ବିଶ୍ୱାସଯୋଗ୍ୟ ତାର ସମୀକ୍ଷା କରିବା ଏକାନ୍ତ ଜରୁରୀ । ଆଧ୍ୟାତ୍ମିକ ଜ୍ଞାନ ତଥା ଆତ୍ମଜ୍ଞାନ କହେ ନିଜର ରୁଚି ଗୁଣ ସ୍ୱଭାବ ଚରିତ୍ର ଯେମିତି ଥାଏ ତା ପାଖକୁ ସେହି ପ୍ରକାରର ଲୋକ ହିଁ ଆସିଥାନ୍ତି ।

ଉପଯୁକ୍ତ ଶିଷ୍ୟ ପାଇଁ ଉପଯୁକ୍ତ ଗୁରୁ ସୃଷ୍ଟିର ବିଧାନ । କଥାରେ ମଧ୍ୟ କୁହନ୍ତି, "ସୀତା ପରି ସ୍ତ୍ରୀଟିଏ ପାଇବା ପାଇଁ ଆଗେ ଶ୍ରୀରାମ ହୁଅ ।"

ବିଶ୍ୱାସ ନିଜ ଭିତରର ଏକ ଦିବ୍ୟ ଗୁଣ । ତାହା ସତ୍ କର୍ମ, ସମୂହ କଲ୍ୟାଣ, ତ୍ୟାଗ ଓ ବୈରାଗ୍ୟରେ ପରିପୁଷ୍ଟ ହୋଇଥାଏ । ବିଶ୍ୱାସ ହିଁ ଆତ୍ମବିଶ୍ୱାସ ସୃଷ୍ଟି କରିବାର ଏକ ମାତ୍ର ବୀଜ ମନ୍ତ୍ର ।

ସୁତରାଂ ନିଜେ ବିଶ୍ୱାସୀ ନ ହେବା ଯାଏଁ ଅନ୍ୟକୁ ବିଶ୍ୱାସ କରିବାରେ ସନ୍ଦେହ ଉପୁଜେ, ଯାହା ନିଜର ନିଜତ୍ୱ ପରିପ୍ରକାଶ କରିବାରେ ବାଧା ଉପୁଯାଏ ।

Listen to Odia Podcast on https://anchor.fm/aahwaan

ବାରିପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାହିତ୍ୟର ପ୍ରଭାବ ବନାମ ପ୍ରଚାର

ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟତାକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ତେଣୁ ତ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ । ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ । ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟି ଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । କହିବାକୁ ଗଲେ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାକୁ ଉଦ୍ବେଳିତ କରିଥାଏ । ସେ ସବୁର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ ।



ଡଃ ମନୋରଞ୍ଜନ ବିଷୋୟୀ

ଏ ପରିପ୍ରେକ୍ଷୀରେ କହିରଖେ ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ; ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି କିନ୍ତୁ ପରମ୍ପରାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ କେଉଁଠି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ । କାରଣ ଆଧୁନିକତା ପରମ୍ପରାହୀନ ଏକ ପରମ୍ପରା ନୁହେଁ ବରଂ ପରମ୍ପରାପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା । ସଂକ୍ଷେପରେ କହିଲେ- ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା ।

ବସ୍ତୁତଃ ପରମ୍ପରା ଓ ଆଧୁନିକତାର ଏ ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟ- ଏହି ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ, ସମୟର ଆହ୍ୱାନରେ ବ୍ୟାକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତି ପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି- ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଢ଼ି ଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ସମୁଜ୍ଜ୍ୱଳ । ବସ୍ତୁତଃ କହିବାକୁ ଗଲେ ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣ ପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକ ସାହିତ୍ୟର ଲକ୍ଷ୍ୟ ।

ଏଠାରେ ପ୍ରଶ୍ନଉଠେ ସଂପ୍ରତି ଆମ ସାହିତ୍ୟର ସ୍ରଷ୍ଟା ଏ ଦିଗରେ କେତେ ସଚେତନ ? କାରଣ ପ୍ରତ୍ୟେକ ସୃଷ୍ଟିର ଉଦ୍ଦେଶ୍ୟ- ବ୍ୟକ୍ତିଗତ ଆବେଗ ମାଧ୍ୟମରେ ସାମୂହିକ ଆବେଗ ଦିଗକୁ ଯାତ୍ରା ଏବଂ ନାନ୍ଦନିକ ଆବେଗ ସୃଷ୍ଟି ଦିଗରେ ଏକନିଷ୍ଠ ଉଦ୍ୟମ । ତତ୍ ସଂଗେ ସଂଗେ ଅତୀତ ସହ ବ୍ୟକ୍ତିକୁ ସଂଯୁକ୍ତ କରିବା ଏବଂ ଗତିଶୀଳ ପୃଥିବୀର ଅବିଚ୍ଛିନ୍ନ ଅଂଶ ଭାବରେ ଉପସ୍ଥାପିତ କରିବା । ଏ ଦିଗରେ ଆଧୁନିକ ସ୍ରଷ୍ଟା ବେଶ୍ ସଚେତନ ଥିଲେହେଁ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସାହିତ୍ୟିକଙ୍କ ସାହିତ୍ୟ ମଧ୍ୟକୁ ଅନୁପ୍ରବେଶ; ସାହିତ୍ୟର ଲକ୍ଷ୍ୟପଥକୁ ଅବରୋଧ କରି ରଖିଅଛି ।

ସଂପ୍ରତି ଏଭଳି କିଛି ସ୍ରଷ୍ଟା ଅଛନ୍ତି ଯେଉଁମାନେ କି ଏକଚାଟିଆ ଭାବେ ସାହିତ୍ୟ ଚାଷ କରୁଛନ୍ତି । ସେମାନେ ସାହିତ୍ୟ ବେକରେ ପଘା ଲଗାଇ ସେମାନଙ୍କ ମନ ଯୁଆଡ଼େ ସିଆଡ଼େ ସାହିତ୍ୟକୁ ଟାଣି ନେଉଛନ୍ତି । ଫଳତଃ ସାହିତ୍ୟ ତା'ର ଲକ୍ଷ୍ୟପକ୍ଷରୁ କ୍ରମଶଃ ଦୂରେଇ ଯିବାଭଳି ମନେ ହେଉଛି । ଏମାନେ ସାହିତ୍ୟ ରୂପକ ସିଂହାସନ ଉପରେ ବସି କଳେବଳେ କୌଶଳେ ନିଜ ମସ୍ତକରେ ପୁରସ୍କାର ମୁକୁଟ ପିନ୍ଧିବା ଲାଗି ଆପ୍ରାଣ ଚେଷ୍ଟା କରନ୍ତି । ତେଣୁ ତ ସବା ଉପର ମଞ୍ଚରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚୁର ଦାନ ଦକ୍ଷିଣା ଦେବାରେ ମଧ୍ୟ ତିଳେ ମାତ୍ର କାର୍ପଣ୍ୟ କରନ୍ତି ନାହିଁ । ଏଇମାନେ ସାହିତ୍ୟକୁ ଏକ କିଣାବିକାର ସାମଗ୍ରୀ କରି ପକାଇଲେଣି । ପ୍ରଭାବ ଅପେକ୍ଷା ପ୍ରଚାର ଯୁଗଧର୍ମ ବୋଲି ସେମାନେ ମତ ପ୍ରକାଶ କରନ୍ତି । ତେଣୁ ତ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ପୁରସ୍କାର ପାଇଲା ତାକୁ ସାହିତ୍ୟିକ ମାନଦଣ୍ଡ ଭାବେ ଗ୍ରହଣ କରାଗଲାଣି । ଯାହାଫଳରେ ସମ୍ବର୍ଦ୍ଧନା ପତ୍ର ପାଇବା ଓ ବାଣ୍ଟିବାକୁ ନେଇ ଘୋଡ଼ା ବେପାର ବୃଦ୍ଧି ପାଇଲାଣି । ସେଥିପାଇଁ ସେମାନେ ସ୍ୱୀକୃତିର ସଚିବାଳୟ ଭିତରେ ନସର ପସର ହୋଇ ଧାଁ ଧପଡ଼ କରନ୍ତି । ଏସବୁକୁ ସାହିତ୍ୟ ସେବା ବୋଲି ଡିଣ୍ଡିମ ପିଟନ୍ତି । ହେଲେ ଖ୍ୟାତି ଭାଗଟିକୁ ସବା ଆଗରେ ଆବୋରି ବସିଥିବା ଏଇ ସାହିତ୍ୟିକମାନେ; ଅନ୍ତଃସ୍ୱୀକୃତି ହିଁ ସାହିତ୍ୟର ମୂଳଭିତ୍ତି ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

ତେଣୁ ଆଜି ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ନଦେଇ, କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ଏ ଯୁଗରେ ବଡ଼ପଣ୍ଡା ଠାରୁ ପ୍ରଶଂସାପତ୍ର ପାଇଲା ସେ ସବୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଚାର କରିବାରେ ଲାଗିଛନ୍ତି । ଫଳରେ ସାହିତ୍ୟ ଆଜି ଗଣର ନ ହୋଇ ଜଣର ହୋଇଛି । ଶନିବାରସୀୟ, ରବିବାରସୀୟ ସାହିତ୍ୟ ଉତ୍ସବମାନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । ସେଠାରେ ନିଜ ବନ୍ଦନା ନିଜେ ପଢ଼ି ନିଜକୁ ଅଧିକ ଭାଗ୍ୟବାନ ମନେ କରୁଛନ୍ତି । ଫଳସ୍ୱରୂପ ସେମାନେ ସାହିତ୍ୟର ପ୍ରକୃତ ଲକ୍ଷ୍ୟ କ'ଣ ? ସେହି ପଥରୁ ଦୂରେଇ ଯାଇଛନ୍ତି ।

ବର୍ତ୍ତମାନ ସମୟ ଆସିଛି ଏହି ସମସ୍ୟାର ସୂତ୍ର ଏକକ ସତ୍ତା ଭାବରେ ନୁହେଁ ବରଂ ସମୂହର ଅଂଶ ଭାବରେ ସମ୍ମୁଖୀନ ହେବାର । ସାହିତ୍ୟ ସହ ସମ୍ପର୍କର ଅବିଚ୍ଛିନ୍ନ ସେତୁ ଭାବରେ ମାନବ ଆପଣା କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କଲେ ଯାଇ ସାହିତ୍ୟ ଏହି ବଡ଼ପଣ୍ଡାମାନଙ୍କ କବଳରୁ ମୁକ୍ତି ପାଇ ଏକକ ସହ ସମୂହର ସମନ୍ୱିତ ରୂପକୁ ପରିପ୍ରକାଶ କରିପାରିବ ଏବଂ ଆକାଂକ୍ଷା, ସ୍ୱପ୍ନ, ସମ୍ଭାବନାର କେନ୍ଦ୍ରବିନ୍ଦୁରେ ରହି ଆଗାମୀ ସମୟକୁ ବାର୍ତ୍ତା ପ୍ରଦାନ କରିବ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକ ଦୁଃଖଦ ମୁହୂର୍ତ୍ତରୁ

ମୁଁ ନୁହେଁ ଆମ୍ଭେ ! ଏହି ବିଚାର କେବେ ?

ଏକବିଂଶ ଶତାବ୍ଦୀର ମଣିଷ ପ୍ରଗତିର ଚରମ ଶୀର୍ଷରେ ପହଂଚିବା ପରେ ବର୍ତ୍ତମାନ କେବଳ କିଏ ବଡ଼ ହୋଇପାରିବ, ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ସେହି ପ୍ରତିଦ୍ୱନ୍ଦିତା ମଧ୍ୟରେ ସମସ୍ତେ ନିଜକୁ ଅସ୍ଥିରତା ପ୍ରବଣ କରି ଅହରହ ଅଶାନ୍ତିର ବାତାବରଣ ମଧ୍ୟରେ ବଞ୍ଚୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ଦିଗରେ ବୈଜ୍ଞାନିକ ପ୍ରଗତି ହେତୁ ମଣିଷ ଏକ ରକମ ଅତିମାନବ ରୂପରେ ସଜାଇ ପ୍ରତ୍ୟେକ ମୁହୁର୍ତରେ ନିଜକୁ ପ୍ରକାଶ କରୁଥିବା, ଗୋଟିଏ ସାମାଜିକ ପ୍ରଥାରେ ପରିଣତ ହୋଇଗଲାଣି । କହିବାକୁ ଗଲେ ବିଭିନ୍ନ ଦିଗରେ ଭିନ୍ନ ଭିନ୍ନ ମଣିଷ ନିଜର ପ୍ରତିଭା ପ୍ରଦର୍ଶନ କରିବା ଦୌଡରେ ଏତେ ନିମଜ୍ଜିତ ଯେ କାହାର କାହାପ୍ରତି ଆନ୍ତରିକ ଭାବ ରହୁନାହିଁ । ମୁଁ ମଧ୍ୟରେ ସୀମିତ ସମସ୍ତଙ୍କ ଭାବଧାରା ଏକ ପ୍ରକାର କଳୁଷିତ ବାତାବରଣ ସୃଷ୍ଟି କରିବାରେ କେବଳ ସାଧାରଣ ମଣିଷଙ୍କ ନିର୍ବୋଧତା ହିଁ ଦାୟୀ । ଏହି ପରିପ୍ରେକ୍ଷୀରେ ସମସ୍ତେ କେବଳ ଅନ୍ୟକୁ ଠକି ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରିବା ତଥା ମିଥ୍ୟା ପରିଚୟ ସୃଷ୍ଟି କରିବାରେ ବ୍ୟସ୍ତ ରହୁଥିବା ଗୋଟିଏ ସାଧାରଣ ବିଷୟ ଆଜି ସମୟର । ଯାହା ପାଖରେ ଧନ ନାହିଁ ସେ ଧନ ଉପାର୍ଜନ କରି ବଡ



ପଙ୍କଜ କୁମାର
ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେବା ଲକ୍ଷ୍ୟ ରଖିଥିବା ବେଳେ ଯାହା ପାଖରେ ପ୍ରଚୁର ଧନ ଅଛି ସେ ସମସ୍ତଙ୍କଠାରୁ ଶୀର୍ଷରେ ରହିବା ଲକ୍ଷ୍ୟ ରଖିଥା'ନ୍ତି । ଅନୁରୂପ ପଦମର୍ଯ୍ୟାଦା, ସାମାଜିକ ସମ୍ମାନ, କ୍ଷମତା ଇତ୍ୟାଦି କ୍ଷେତ୍ରରେ ମାରାଥନ ଦୌଡ଼ର ପ୍ରତିଯୋଗୀ ଭାବେ ଦେଖିବାକୁ ମିଳୁଛନ୍ତି ପ୍ରାୟତଃ ସମସ୍ତ ମଣିଷ ନିଜ ନିଜର କ୍ଷମତା ପରିସର ମଧ୍ୟରେ ।

ଜନ୍ମଦାତ୍ରୀ ପ୍ରକୃତି କିନ୍ତୁ ମଣିଷର ଏହି ଅପ୍ରାକୃତିକ ପାଗଳାମୀରେ ତିଳେ ହେଲେ ବିଚଳିତ ନୁହେଁ ! ବରଂ ପ୍ରାକୃତିକ ରହସ୍ୟ ଜନିତ ଯେତେଦିନ ମଣିଷ ପୃଥିବୀ ପୃଷ୍ଠରେ ଜୀବନ ଧାରଣ କରିବା ନିୟାମକ ରହିଥିଲା ସେସବୁ ମଣିଷ ନିଜ ହାତରେ ଉଜାଡ଼ିଦେଇ ସମୟ ପୂର୍ବରୁ ଜୀବଜଗତ ବିଲୀନ କରିଦେବା ପାଇଁ ରଖିଥିବା ମନ୍ଦ ଉଦ୍ଦେଶ୍ୟକୁ ତାଚ୍ଛଲ୍ୟ କରିବା ଛଡା ଆଉ କିଛି ଦିଶୁନାହି । ଆଜି ସମୟରେ କୌଣସି ମଣିଷ ନିଜର ଜୀବନ ରହସ୍ୟ ଜାଣିବା ଦୂରର କଥା, କେବଳ ନିଜ ବିଷୟରେ ସମ୍ପୂର୍ଣ୍ଣ ଭାବେ ଜାଣିବା କ୍ଷମତା ରଖିନଥିବା ଅତ୍ୟନ୍ତ ଦୁଖଦଃ ବିଷୟ । ହେଲେ ଏମିତି ହେବା ପଛରେ ରହିଥିବା ରହସ୍ୟ କ'ଣ, ନା କେହି ବୁଝିଛନ୍ତି, ନା ବୁଝିବା କ୍ଷମତା ରଖିଛନ୍ତି !! ବାସ୍ତବିକ ସାମାଜିକ ସଂସ୍କାର ବଦଳରେ ଭ୍ରଷ୍ଟାଚାର, ଦୁର୍ନୀତି, ଈର୍ଷାଭାବ ଏବଂ ବ୍ୟକ୍ତିଗତ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରା କାରଣରୁ ଏମିତି ଅମାନବୀୟ ଚରିତ୍ର ଗୁଡିଏ ମଣିଷ ମନରେ ଜାଗ୍ରତ ହେଉଥିବା ନିରାଟ ସତ୍ୟ । ହେଲେ ଏହିଭଳି ଅମାନବୀୟ ଚିନ୍ତନ ମଣିଷ ମନରେ ଜାଗ୍ରତ କରାଇ ସେମାନଙ୍କୁ କ୍ଷୀଣ କରିଦେବା ପଛରେ ରହିଥିବା ରହସ୍ୟ କ'ଣ, ତର୍ଜମା କଲେ ଜାଣିହେବଯେ.............

କେତେକ ଅମାନବୀୟ ଅସାମାଜିକ ଚିନ୍ତାଶୀଳ ବ୍ୟକ୍ତି ସମାଜରେ କୁସଂସ୍କାର ବିତରଣ କରି ସମାଜକୁ ତଳିତଳାନ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥା'ନ୍ତି । ସେମାନେ ବିଭିନ୍ନ କୁସଂସ୍କାର ତଥା ଭ୍ରଷ୍ଟାଚାର ଜନିତ ପ୍ରଦୂଷଣ ମଣିଷ ସମାଜରେ ସୃଷ୍ଟି କରି ନିଜର ସ୍ୱାର୍ଥ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାସଲ କରିବାରେ ଲାଗି ପଡନ୍ତି । ସେମାନଙ୍କ ସେହି ଛଳନାତ୍ମକ ପ୍ରେରଣାରେ ନିମଗ୍ନ ସମସ୍ତ ଶିକ୍ଷିତ, ଅଶିକ୍ଷିତ ବଶବର୍ତ୍ତୀ ହୋଇ ନିଜକୁ ନିର୍ବୋଧତାର ଅନ୍ଧାର ମଧ୍ୟରେ ରଖି ସେମାନଙ୍କ ଦ୍ୱାରା ପ୍ରେରିତ ମିଥ୍ୟା କୁହେଳିକାରେ ନିଜକୁ ହଜାଇ ଦେଇଥା'ନ୍ତି । ତେଣୁ ସାମାଜିକ କୁସଂସ୍କାର, ଭ୍ରଷ୍ଟାଚାର ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ସମସ୍ତଙ୍କ ପ୍ରାୟତଃ ଭାବନା ରହିଛି ଯେ ସମାଜରେ କାର୍ଯ୍ୟରତ ରାଜନେତା ଏବଂ ସରକାରୀ କର୍ମଚାରୀଙ୍କ ଯୋଗୁଁ ସାମାଜିକ ଭ୍ରଷ୍ଟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି ! କିନ୍ତୁ ଏହି ଆକଳନ କିଛି ମାତ୍ରାରେ ସତ୍ୟତା ପ୍ରତିପାଦନ କରୁଥିଲେ ହେଁ ତାହାର ମୂଳ, ଚେର କେତେଦୂର ଲମ୍ବିଛି ଏବଂ ତାହା କେଉଁଠାରୁ ସୃଷ୍ଟି ହୁଏ ସେସବୁ ଜାଣିବା କ୍ଷମତା ବହିର୍ଭୂତ ବିଷୟ ସାଧାରଣ ଲୋକଙ୍କ ପାଇଁ । ଅର୍ଥାତ ଏହି ଦୁଇ ଗୋଷ୍ଠୀ ବ୍ୟତୀତ କେଉଁ ଲୁକାୟିତ ଶକ୍ତି ଅଦୃଶ୍ୟ ଭାବେ କାର୍ଯ୍ୟ କରୁଛି ସାମାଜିକ, କୁସଂସ୍କାର ଓ ଭ୍ରଷ୍ଟାଚାର ବୃଦ୍ଧି କରିବାରେ, ନିରୀକ୍ଷଣ କରି ବିଶ୍ଳେଷଣ କଲେ ହିଁ ଜାଣିହେବ ଯାହା କେହି କରନ୍ତି ନାହିଁ । ଅତଏବ ସାଧାରଣ ଲୋକଙ୍କ ଆଖି ଖୋଲି ସତ୍ୟକୁ ପଦାକୁ ଆଣିବାକୁ ଚେଷ୍ଟା ଆମର ଏହାଯେ...........

ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ଜଡିତ ବ୍ୟକ୍ତିବିଶେଷ ପରୋକ୍ଷରେ ସମାଜରେ କୁସଂସ୍କାର ବିତରଣ କରୁଥିବାବେଳେ ବ୍ୟବସାୟୀ ମାନେ ହିଁ ସାମାଜିକ ଭ୍ରଷ୍ଟାଚାରର କେନ୍ଦ୍ରବିନ୍ଦୁ ଭଳି କାର୍ଯ୍ୟ କରିଥା'ନ୍ତି ! ମୁଁ ଜଡିତ ଥିବା ଧର୍ମାନୁଷ୍ଠାନ କିମ୍ବା ବ୍ୟବସାୟୀକ ସଂସ୍ଥା ସେମିତି ନୁହନ୍ତି, ଆଉ କିଏ ହୋଇଥାଇ ପାରେ ବୋଲି ଭାବିବା ନିରର୍ଥକ ! ସେମାନେ ସମସ୍ତେ ଗୋଟିଏ ବାଟର ବାଟୋଇ । କେତେ ଉପର ଚିକ୍କଣ ଥିଲେ ମଧ୍ୟ ଭିତର ଅଙ୍ଗାର ସୁନିଶ୍ଚିତ, ଯାହା ସାଧାରଣ ଚକ୍ଷୁକୁ ଅଦୃଶ୍ୟ ହୋଇଥାଏ । ସେମାନଙ୍କ ରହସ୍ୟ ବୁଝିବା ଜଟିଳରୁ ଜଟିଳତର ହୋଇଥାଏ । ଏହି କଥାଟି ସାମାନ୍ୟ ଅପ୍ରୀତିକର ଅନୁଭବ ହେବା ସହିତ ଅବିଶ୍ୱସନୀୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସତ୍ୟ ଯାହା ଗଭୀର ଭାବେ ନିରୀକ୍ଷଣ କରି ଗବେଷଣା କଲେ ହିଁ ଜାଣିହେବ । ସାଧାରଣ ଲୋକଙ୍କ କ୍ଷମତା ବହିର୍ଭୁତ ବିଷୟ ଏହା ଯେ ସେମାନେ କେବେ ବୁଝିପାରିବେ ନାହିଁ ସେସବୁ ହୁଏ କେମିତି । କିନ୍ତୁ ତାହାହିଁ ବାସ୍ତବ ସତ୍ୟ !! ଆଭ୍ୟନ୍ତରୀଣ ବ୍ୟାପାରୀ ଠାରୁ ଆରମ୍ଭ କରି ଆନ୍ତର୍ଦେଶୀୟ ବ୍ୟପାରୀଙ୍କ ଆଶାତୀତ ଲମ୍ବା ଷଡଯାନ୍ତ୍ରିକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଜ୍ଞାନ, ଭାବ ବହିର୍ଭୁତ ବିଷୟକୁ ନେଇ ରଚିତ, ଗଠିତ ଏହି ସାମାଜିକ ଭ୍ରଷ୍ଟାଚାରକୁ ଏତେ ସହଜରେ ବୁଝି ହେବନହିଁ ! ସେମାନଙ୍କ କପଟ ପସାର କଳା କାରନାମା ଠାରୁ ନିଜକୁ ଦୁରେଇ ରଖିବା ଅତ୍ୟନ୍ତ କଷ୍ଟକର ବିଷୟ ହୋଇପଡିଛି ଆଜି ସମୟରେ । ତଥାପି ଆମକୁ କରିବାକୁ ହେବ । କିନ୍ତୁ ଏହା ପଛରେ ରହିଥିବା ଷଡଯନ୍ତ୍ରକୁ ସାଧାରଣ ମଣିଷ ବୁଝିବା ଦୂରର କଥା, ଯେଉଁ ରାଜନେତା ତଥା ଶିକ୍ଷିତ ସରକାରୀ କର୍ମଚାରୀମାନେ ସେମାନଙ୍କ ସହିତ ହାତ ମିଶାଇ ବଳି ପଡ଼ିଥା'ନ୍ତି ସେମାନେ ମଧ୍ୟ ସେମାନଙ୍କ କଳା କାରୁକାର୍ଯ୍ୟକୁ ବୁଝି ପାରୁନାହାନ୍ତି ! ତେଣୁ ଏହିମାନଙ୍କ କାନ୍ଧରେ ବନ୍ଧୁକରଖି ସାଧାରଣ ଲୋକଙ୍କୁ ଶିକାର କରିଚାଲିଥିବା ସେହି ଧର୍ମାନୁଷ୍ଠାନିକ ଏବଂ ବ୍ୟବସାୟିକ ଶିକାରୀ ଗୋଷ୍ଠୀଙ୍କୁ ଚିହ୍ନିବା ଏତେ ସହଜ ନୁହେଁ ଯାହା ସାଧାରଣ ଲୋକେ କରିପାରନ୍ତି ନାହିଁ !

ଅତଏବ ସାଧାରଣ ଲୋକଙ୍କୁ ସତ୍ୟର ଉନ୍ମୋଚନ କରି ବାସ୍ତବକୁ ଆପଣେଇବାକୁ ହେଲେ ଉପସ୍ଥିତ କୁହେଳିକାର କୁହୁଡ଼ିରୁ ବାହାରକୁ ଆସି ବିଚାରଶୀଳ ଭାବେ ତର୍ଜମା କରିବାକୁ ହେବ ସତ୍ୟ, ଅସତ୍ୟକୁ ! କେବଳ ଲେଖା ଏବଂ ବିକା ମଧ୍ୟରେ ସନ୍ନିବେଶିତ ସଭ୍ୟ ମଣିଷ ସମାଜ ଯେଉଁଠି ଏହି ଦୁଇଟି ବିଷୟ ପ୍ରତି କାହାର ନଜର ନାହିଁ କିମ୍ବା କୌଣସି ସାମାଜିକ ପ୍ରତିବନ୍ଧକ ନାହିଁ ! ଯିଏ ଯାହା ଲେଖିଲା, ଯିଏ ଯାହା ବିକିଲା, ସବୁଥିରେ ବିଶ୍ୱାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମର, ଆମକୁ ସଂସ୍କାର ପରିବର୍ତ୍ତେ ତଳିତଳାନ୍ତ କରୁଥିବା ସାଙ୍ଘାତିକ ସାମାଜିକ ଅଭାବନିୟତାକୁ ସାଧାରଣ ମଣିଷ କାହିଁକି ଆଚ୍ଛା ଆଚ୍ଛା ଶୀର୍ଷକ ଶିକ୍ଷିତ ମଧ୍ୟ ବୁଝିବା କଷ୍ଟକର ବ୍ୟାପାର ! ତେଣୁ ସଭ୍ୟ ସମାଜ ଯେ ବ୍ୟାପକ ଅସଭ୍ୟତାର ପରିଚୟ ଦେବାରେ କୁଣ୍ଠାବୋଧ କରୁନାହିଁ ତାହା ବୁଝିବା କାଠିକର ପାଠ । ଏହି ଗଭୀରତମ ବିଷୟକୁ ଏହିଭଳି ସଂକ୍ଷିପ୍ତ ପର୍ଯ୍ୟାୟରେ ବିଶ୍ଳେଷଣ କରି ସମ୍ପୂର୍ଣ୍ଣ କରିବା ସମ୍ଭବ ନୁହେଁ ! ଏହାର ବାସ୍ତବତା ଉପରେ କର୍ମଶାଳା କରାଯାଇ ସଚେତନତା ସୃଷ୍ଟି କରାଯାଇ ପାରେ । କିନ୍ତୁ କାହାରି ଆଗ୍ରହ ସୃଷ୍ଟି ହେବା ଅନ୍ଦାଜ ହେଉନାହିଁ, କାରଣ ସମସ୍ତେ ବୁଝିଛନ୍ତି ଆଜି ସମୟର ପରିସ୍ଥିତି । ତଥାପି ଆମ କର୍ତ୍ତବ୍ୟରୁ ପଶ୍ଚାପ୍ତଦ ନହୋଇ ଜାରିରହିଛି ଆମ ସଂଗ୍ରାମ ଯାହା ଶେଷ ପର୍ଯ୍ୟନ୍ତ ନିଦ୍ୱର୍ନ୍ଦରେ ଚାଲିବ । ଯାହା ହେବ ନହେବ ସମୟ କହିବ । ଲେଖା ଏବଂ ବିକା ମଧ୍ୟରେ ସୀମିତ ସଭ୍ୟତାକୁ ସମ୍ପୂର୍ଣ୍ଣ ଭାବେ ନବୁଝି କେବଳ ସ୍ୱାର୍ଥାନ୍ଧ ହୋଇ ସମସ୍ତେ ଅଗ୍ରଗତି କଲେ ଯେ ମଣିଷ ସମାଜ ସମୟ ପୂର୍ବରୁ ସଂକୁଚିତ ହୋଇ ସମଗ୍ର ପୃଥିବୀ ସମୟ ପୂର୍ବରୁ ଜନଶୂନ୍ୟ ହୋଇଯିବାରେ କେବଳ ଆମେହିଁ ଦାୟୀ ରହିବା ଛଡା କାହାରିକୁ ଦୋଷାରୋପ କରିପାରିବା ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ଭାବ ବ୍ୟକ୍ତ କରିବେ ବୋଲି ଆଶା !

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁଣ୍ଡଳିନୀ ଶକ୍ତି

ଆମ ଶରୀର ଅନନ୍ତ ଶକ୍ତିର କେନ୍ଦ୍ରସ୍ଥଳ । ବ୍ରହ୍ମାଣ୍ଡର ସବୁ ଶକ୍ତି ଆମ ଶରୀର ଭିତର ନିହିତ ଅଛି । ହେଲେ ଆମେ ଅଜ୍ଞାନବଶତଃ ଏ ସବୁ ଜାଣି ପାରୁନେ । ଆମେ ଯଦି ଚାହିଁବା ତେବେ ଅନେକ ଅସମ୍ଭବ କାମ କରି ପାରିବା । ଯେଉଁମାନଙ୍କୁ ଆମେ ଭଗବାନ କିମ୍ବା ମହାପୁରୁଷ ବୋଲି ମାନୁଛେ, ବାସ୍ତବରେ ସେମାନେ ଜନ୍ମରୁ ଭଗବାନ କି ମହାପୁରୁଷ ନଥିଲେ । ସେମାନେ ନିଜ ସାଧନା ବଳରେ ନିଜ ଶରୀରରେ ଥିବା ଶକ୍ତିକୁ ଚିହ୍ନି ପାରିଥିଲେ ଆଉ ଅସମ୍ଭବ କାର୍ଯ୍ୟମାନ କରି ଆମ ପାଇଁ ଭଗବାନ ହେଇଗଲେ । ଗୋଟେ ଗବେଷଣାରୁ ଜଣା ପଡିଛି କି ଜଣେ ସାଧାରଣ ମଣିଷ ତାର ମସ୍ତିଷ୍କର ମାତ୍ର ୫-୧୦ ଭାଗ ବ୍ୟବହାର କରେ । ହେଲେ ସେଇ କ୍ଷେତ୍ରରେ ଜଣେ ଲେଖକ, ଚିନ୍ତାଶୀଳ ବ୍ୟକ୍ତି ଓ ବୈଜ୍ଞାନିକ ତାଙ୍କ ମସ୍ତିଷ୍କର ୨୦-୨୫ ଭାଗ ବ୍ୟବହାର କରନ୍ତି । ଯଦି ଏଇ ବ୍ୟବହାର କରିବାର ହାର ୫୦ ଭାଗ ଟପିଯିବ ତେବେ ତେବେ ତାକୁ ସବୁ କିଛି ସହଜ ହେଇଯିବ । ସେ ଭୁତ ଭବିଷ୍ୟ ସବୁ କିଛି ଦେଖି ପାରିବ । ଯାହାକି ମହାପୁରୁଷମାନେ କରନ୍ତି । କୁହାଯାଏ ଭଗବାନ ଶ୍ରୀକୃଷ୍ଣ ତାଙ୍କ ମସ୍ତିଷ୍କର ପ୍ରାୟ ୭୦ ଭାଗ ବ୍ୟବହାର କରୁଥିଲେ । ତେଣୁ ସାଧନା ଦ୍ୱାରା ଜଣେ ସାଧାରଣ ମଣିଷ ଜଣେ ମହାପୁରୁଷ ହେବା ଅସମ୍ଭବ ନୁହେଁ । ହେଲେ ପ୍ରଶ୍ନ ଉଠୁଛି ଜଣେ ସାଧାରଣ ମଣିଷ ତାର ମସ୍ତିଷ୍କକୁ ଅଧିକ କାର୍ଯ୍ୟକ୍ଷମ କିପରି କରାଇ ପାରିବ ? ଏଥିପାଇଁ ତାକୁ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ



ନିତ୍ୟ ରଞ୍ଜନ ନନ୍ଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରାଇବା ଦରକାର ।

କଣ ଏଇ କୁଣ୍ଡଳିନୀ ଶକ୍ତି ?

ଆମ ଶରୀର ଭିତରେ ଲୁଚି ରହିଥିବା ଅନନ୍ତ ଶକ୍ତି ହିଁ କୁଣ୍ଡଳିନୀ ଶକ୍ତି । ଏଇ ଶକ୍ତି ଆମ ଶରୀର ଭିତରେ ରହିଥିବା କୁଣ୍ଡମ(ପାତ୍ର) ଭିତରେ ଥାଏ । ଆମେ ସାଧନା କଲେ ଏଇ ଶକ୍ତି ଚକ୍ର ମାଧ୍ୟମରେ ଊର୍ଦ୍ଧ୍ୱଗାମୀ ହେଇ ଆମକୁ ଅଶେଷ ଶକ୍ତି ପ୍ରଦାନ କରିଥାଏ । ଏ ଶକ୍ତି ଥରେ ଜାଗ୍ରତ ହେଇ ଗଲେ ଆମକୁ ଶାରୀରିକ ବଳର ଆଉ ଆବଶ୍ୟକତା ରହିବ ନାହିଁ ଆମେ ମାନସିକ ଶକ୍ତି ସାହାଯ୍ୟରେ ସବୁ କିଛି କରି ପାରିବା ।

ଚକ୍ର

ଚକ୍ର ହେଉଛି ନାଡିମାନଙ୍କର କେନ୍ଦ୍ରସ୍ଥଳ । ଆମ ଶରୀରରେ ୧୭୨୦୦୦ ନାଡି ରହିଛି । ଆଉ ଏଇ ନାଡିମାନଙ୍କର ଅନେକ କେନ୍ଦ୍ର ବି ରହିଛି । ବାସ୍ତବରେ ଦେଖିବାକୁ ଗଲେ ଆମ ଶରୀରରେ ୧୦୯ ନାଡି କେନ୍ଦ୍ର ବା ଚକ୍ର ରହିଛି । ସେଥିମଧ୍ୟରୁ ୯ଟି ପ୍ରମୁଖ ଚକ୍ର । ହେଲେ ମୁଖ୍ୟତଃ ଆମେ ୭ଟି ଚକ୍ରକୁ ହିଁ ପ୍ରାଧାନ୍ୟ ଦେଇଥାଉ । ଏଇ ସମସ୍ତ ଚକ୍ରରେ ପ୍ରାଣର ପ୍ରବାହ ହୁଏ । ଗୋଟିଏ ଚକ୍ରରୁ ଅନ୍ୟ ଚକ୍ରକୁ ପ୍ରାଣକୁ ପ୍ରବାହିତ ହେବା ପାଇଁ ନାଡି ହିଁ ପ୍ରଧାନ ମାଧ୍ୟମ । ଅସଂଖ୍ୟ ନାଡି ଭିତରୁ ତିନୋଟି ନାଡି ପ୍ରଧାନ ଅଟନ୍ତି –ସୁଷୁମ୍ନା, ଇଡା ଓ ପିଙ୍ଗଳା । ଏଇ ନାଡି ଗୁଡିକ ଅତ୍ୟନ୍ତ ସୂକ୍ଷ୍ମ ନଳୀ ସଦୃଶ ଅଟନ୍ତି । ଏମାନେ ଗୁହ୍ୟଦ୍ୱାରରୁ ବାହାରି ସମସ୍ତ ଚକ୍ରକୁ ଭେଦ କରି ମସ୍ତିଷ୍କରେ ଥିବା ଅନ୍ତିମ ଚକ୍ର ଯାଏ ଯାଇଥାନ୍ତି । ଗୁହ୍ୟଦ୍ୱାରର ବାମ ଭାଗରୁ ଇଡା ଓ ଦକ୍ଷିଣ ଭାଗରୁ ପିଙ୍ଗଳା ବାହାରି ଅଛି । ଏମାନେ ଯାଇ ସୁଷୁମ୍ନା ସହ ମିଳିତ ହେଇଛନ୍ତି । ସମସ୍ତ ନାଡି ପ୍ରକାଶମୟ ଓ ଶକ୍ତିଯୁକ୍ତ । ସାଧାନା ଦ୍ୱାରା ଏଇ ଶକ୍ତିକୁ ଉଜାଗର କରାଯାଏ ।

୭ଟି ଚକ୍ର ଓ ତାର ନାମ

ଆମ ଯୌନକେନ୍ଦ୍ର ଓ ମଳଦ୍ୱାର ମଝିଆମଝି ଯେଉଁ ଚକ୍ର ରହିଛି, ସେଇଟି ହେଉଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଥମ ଚକ୍ର, ଯାହାର ନାଁ ହେଉଛି ମୂଳାଧାର ଚକ୍ର । ତା ଉପରକୁ ଥିବା ଚକ୍ରର ନାମ ହେଲା ସ୍ୱାଧିଷ୍ଠାନ ଚକ୍ର । ନାଭି ପାଖରେ ଥିବା ଚକ୍ରର ନାମ ହେଲା ମଣିପୁର ଚକ୍ର । ଛାତିରେ ରହିଥିବା ଚକ୍ର ହେଲା ଅନାହତ ଚକ୍ର । ଗଳାରେ ଥିବା ଚକ୍ର ହେଲା ବିଶୁଦ୍ଧ ଚକ୍ର । ଆଖିର ଉପରି ଭାଗରେ ଥିବା ଚକ୍ରର ନାମ ହେଲା ଆଜ୍ଞା ଚକ୍ର । ଆଉ ମସ୍ତିଷ୍କରେ ରହିଥିବା ଚକ୍ର ହେଲା ସହସ୍ର ଚକ୍ର ।

ଚକ୍ର ଉଜାଗରଣ ଦ୍ୱାରା ପ୍ରାପ୍ତ ଲାଭ

୧-ମୂଳାଧାର ଚକ୍ର ଉଜାଗର ହେଲେ ବ୍ୟକ୍ତି ନିରୋଗୀ ହୁଏ, ଚିତ୍ତ ସର୍ବଦା ଆନନ୍ଦିତ ରହେ ଓ ତାର ସର୍ବକାର୍ଯ୍ୟ ସିଦ୍ଧି ହୁଏ । ଧନ, ଯଶ ପ୍ରାପ୍ତି ହୁଏ ଓ ଜୀବନର ସମସ୍ତ ଲକ୍ଷ୍ୟ ପୂର୍ଣ୍ଣ ହୁଏ ।

୨-ସ୍ୱାଧିଷ୍ଠାନ ଚକ୍ର ଉଜାଗର ହେଲେ ଯୌନକ୍ରିୟା ଅତ୍ୟନ୍ତ ସୁଦୃଢ ହୁଏ ଆଉ ଉତ୍ତମ ସନ୍ତାନ ପ୍ରାପ୍ତି ହୁଏ ।

୩- ମଣିପୁର ଚକ୍ର ଉଜାଗର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ଘଟେ ।

୪-ଅନାହତ ଚକ୍ର ଜାଗ୍ରତ ହେଲେ ବ୍ୟକ୍ତିକୁ ପ୍ରକୃତ ପ୍ରେମ ପ୍ରାପ୍ତ ହୁଏ ।

୫-ବିଶୁଦ୍ଧ ଚକ୍ର ଜାଗ୍ରତ ହେଲେ ବ୍ୟକ୍ତିର ବାକ ସିଦ୍ଧି ହୁଏ । ମୁନି ଋଷିମାନେ ଦେଉଥିବା ଅଭିଶାପ ହିଁ ଏଇ ବାକ ସିଦ୍ଧିର ଶକ୍ତି ।

୬-ଆଜ୍ଞା ଚକ୍ର ଉଜାଗର ହେଲେ ବ୍ୟକ୍ତିର ତୃତୀୟ ନୟନ ଖୋଲିଯାଏ । ସେ ଭୁତ ଭବିଷ୍ୟ ଦେଖିପାରେ ।

୭- ସହସ୍ର ଚକ୍ର ଉଜାଗର ହେଲେ ବ୍ୟକ୍ତି ଐଶ୍ୱରିକ ଶକ୍ତିକୁ ଅନୁଭବ କରି ପାରେ । ଆଉ ନିୟତିକୁ ନିୟନ୍ତ୍ରଣ କରିପାରେ ।

ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର-୭୫୧୦୧୦
ମୋ - ୯୪୩୭୦୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଫଳ ଜୀବନର ମନ୍ତ୍ର

ମଣିଷ ସମାଜର ଶ୍ରେଷ୍ଠ ପ୍ରାଣୀ । ମଣିଷ ଜୀବନ ଦୁର୍ଲ୍ଲଭ । ମଣିଷ ଜନ୍ମ ପୂର୍ବରୁ କି ମୃତ୍ୟୁ ପରେ ଦେଖାଯାଏ ନାହିଁ । ଜନ୍ମ ଆଉ ମୃତ୍ୟୁର ମଧ୍ୟବର୍ତ୍ତି କିଛି ସମୟ ପାଇଁ ସେ ଏଇ ସଂସାରରେ ରୁହେ । ନିଜର ଆଚାର ବିଚାର ବ୍ୟବହାର ଦ୍ୱାରା ସେ ନିଜକୁ ପ୍ରତିଷ୍ଠିତ କରେ । ନିଜର ସୁକର୍ମ ତଥା କୁକର୍ମ ଦ୍ୱାରା ଯଥାକ୍ରମେ ସେ ପ୍ରଶଂସିତ ବା ନିନ୍ଦିତ ହୋଇଥାଏ ।

ଜୀବନରେ ଶାରୀରିକ ଆଉ ମାନସିକ ପରିବର୍ତ୍ତନକୁ ନେଇ ଚାରୋଟି ଅବସ୍ଥା ଆସେ ଯେମିତିକି ଶୈଶବ କୈଶୋର ଯୌବନ ଜରା । ଏହି ଚାରୋଟି ଅବସ୍ଥା ପରେ ମଣିଷର ମୃତ୍ୟୁ ହୁଏ । ତା ମାଟି ଦେହ ସିନା ପଞ୍ଚ ଭୂତରେ ମିଶିଯାଏ ହେଲେ ତାର ସୁକର୍ମ ଆଉ ସୁବିଚାର ତାକୁ ଯୁଗ ଯୁଗ ପାଇଁ ଅମର କରି ରଖିଥାଏ ଏଇ ଦୁନିଆରେ ।



ସିଦ୍ଧେଶ୍ୱର ତ୍ରିପାଠୀ

ଉପଯୁକ୍ତ ଶିକ୍ଷା ସଂସ୍କାର ପାଇଲେ ମଣିଷ ଧିରେ ଧିରେ ସତ୍ ପଥର ଯାତ୍ରୀ ହୁଏ ଉନ୍ନତି କରେ ।

ଆସନ୍ତୁ କିଛି ଅଭ୍ୟାସ ଉପରେ ଆଲୋଚନା କରିବା ଯାହା ଆମକୁ ସଫଳ ଆଉ ଶ୍ରେଷ୍ଠ ମଣିଷ ଭାବରେ ଗଢି ତୋଳିବାକୁ ପ୍ରେରଣା ଯୋଗାଇବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ଯେମିତିକି -

ଉଷା କାଳରେ (ରାତି ତିନିରୁ ସକାଳ ଛଅ ମଧ୍ୟରେ) ଶଯ୍ୟା ତ୍ୟାଗ କରିବା ଯଦି ସମ୍ଭବ ନହୁଏ ଯେମିତି ହେଲେ ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା । ପରମାତ୍ମାଙ୍କୁ ପ୍ରଣାମ କରି ଧରିତ୍ରୀ ମାତାଙ୍କୁ ପ୍ରଣାମ କରି ଦୁଇ ଗ୍ଲାସ ପାଣି ପିଇବା । ହାଲୁକା ଗରମ ପାଣିବି ପିଇ ପାରିବା । ଘର ବସ୍ତ୍ର ଦେହକୁ ପରିଷ୍କାର କରି ନିତ୍ୟକର୍ମ ଯୋଗାଭ୍ୟାସ ଶେଷରେ ଦେବ କାର୍ଯ୍ୟ ସୂର୍ଯ୍ୟାର୍ଘ୍ୟ ଦେଇ ସୂର୍ଯ୍ୟଙ୍କୁ ପ୍ରଣାମ କରିବା । ସବୁବେଳେ ସକାଳ ଆଠଟା ପୂର୍ବରୁ ଦେବ କାର୍ଯ୍ୟ ସାରିବା ।

ସକାଳେ ରାଜା ଭଳି ମଧ୍ୟାହ୍ନରେ ସାଧାରଣ ଲୋକ ଭଳି ରାତିରେ ଭିକାରୀ ଭଳି ଖାଦ୍ୟ ଗ୍ରହଣ କରିବା । ଖାଦ୍ୟକୁ ଆସନ ଉପରେ ବସି ପୂର୍ବ ବା ଉତ୍ତର ମୁଖା ହୋଇ ଖାଇବା । ଖାଦ୍ୟକୁ ବତିଶ ଥର ଚୋବେଇ ଖାଇଲେ ଭଲ ଜୀର୍ଣ୍ଣ ହୁଏ । ଖାଦ୍ୟ ଖାଇବାର ଚାଳିଶ ମିନିଟ ପୂର୍ବରୁ ଏବଂ ଏକଘଣ୍ଟା ପରେ ପାଣି ପିଇବା ।

ଆମକୁ ଈଶ୍ୱର ଯେଉଁ କର୍ମ ପ୍ରଦାନ କରିଛନ୍ତି ତାକୁ ଖୁସିରେ କରିବା ନିଜକୁ ଅନ୍ୟ ସହିତ ତୁଳନା ନକରିବା । ସମ୍ଭବ ହେଲେ ତ୍ରିସନ୍ଧ୍ୟା (ସୂର୍ଯ୍ୟୋଦୟ ମଧ୍ୟାହ୍ନ ସୂର୍ଯ୍ୟାସ୍ତ) ସମୟରେ ଈଶ୍ୱରଙ୍କୁ ସ୍ମରଣ କରିବା ।

ସନ୍ଧ୍ୟାରେ ନିତ୍ୟକର୍ମ ସାରି ଈଶ୍ୱରଙ୍କ ନାମ ସ୍ମରଣ କରି ପରିବାର ସହିତ କିଛି ସମୟ ବିତାଇବା । ରାତି ଆଠଟା ପୂର୍ବରୁ ନଚେତ ନଅଟା ପୂର୍ବରୁ ରାତ୍ର ଭୋଜନ ସାରି ଶୋଇ ପଡିବା ।

ଶୋଇବା ପୂର୍ବରୁ ଦିନଯାକର କର୍ମକୁ ସ୍ମରଣ କରି କଣ ଭୁଲ୍ କଲେ ବାଛିବା ଆଗକୁ ସେ ଭୁଲ୍ ନକରିବାକୁ ସତର୍କ ରହିବା ଉଚିତ୍ । ଆଗାମୀ ଦିନର କାର୍ଯ୍ୟକ୍ରମକୁ ଟିପି ରଖିବା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଈଶ୍ୱରଙ୍କୁ ପ୍ରାର୍ଥନା କରି ଶୋଇ ପଡିବା ।

ଶୈଶବରେ ଅଝଟ ନହେଲେ କୈଶୋରରେ ପାଠ ନଛାଡିଲେ ଯୌବନରେ ପ୍ରେମରେ ନପଡ଼ି କର୍ମକୁ ନଡ଼ରି ଆଗକୁ ଯାଇ ଜରା ଅବସ୍ଥାରେ ନିଜ ଜୀବନାନୁଭୁତିର ଶିକ୍ଷାକୁ ସମସ୍ତଙ୍କୁ ବାଣ୍ଟି ପାରିଲେ ଜୀବନ ସୁଖ ମୟ ହୋଇଥାଏ ।

ଶିକ୍ଷା ଗ୍ରହଣ କରିବା ସମସ୍ତଙ୍କୁ ସନମାନ ଦେବା । କେବେ କାହାରିକୁ ଥଟା ପରିହାସ କରିବା ନାହିଁ । କର୍ମରେ ନିଜକୁ ନିୟୋଜିତ କରି ନିଜ କର୍ମରୁ ଆନନ୍ଦିତ ହେବା ।

ପିତା, ମାତା, ଭ୍ରାତା, ଭଗ୍ନୀ, ଜାୟା, କନ୍ୟା, ପୁତ୍ର, ପୁତ୍ରୀ, ପଡୋଶୀ ଏବଂ ବାନ୍ଧବ ବାନ୍ଧବୀ ମାନଙ୍କ ପ୍ରତି ଆମର ଉପଯୁକ୍ତ କର୍ତ୍ତବ୍ୟ ସମ୍ପାଦନ କରିବାହିଁ ମଣିଷର ଶ୍ରେଷ୍ଠତ୍ୱର ପରିଚୟ ।

କର୍ମ କଲେ ଟଙ୍କା ଆସେ ଟଙ୍କାରୁ ଖାଦ୍ୟ, ପାନୀୟ, ବସ୍ତ୍ର, ବାସଗୃହ ପରି ଅନେକ ଆବଶ୍ୟକତା ପୂରଣ ହୋଇଇଥାଏ । କର୍ମରୁ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥାଏ । ସତ୍ ଅର୍ଥ ଆସିବା ଭଳି କର୍ମ କରିବା ସହିତ ସତ୍ ବିଚାର ବ୍ୟବହାର ଆସିଲା ଭଳି କାର୍ଯ୍ୟ କରିବା ଉଚିତ୍ ।

ଜୀବନ କାଳ ଭିତରେ ବର୍ଷକେ ନିଜ ସାଧ୍ୟ ମତେ କିଛି ଥର ଅନ୍ନ ଦାନ ଜଳ ଦାନ ବସ୍ତ୍ର ଦାନ କରିବା କିଛି ବୃକ୍ଷ ରୋପଣ କରିବା ।

ଏଗାରଟି ଇନ୍ଦ୍ରିୟକୁ ଦମନ କରି ଷଡ଼ ରିପୁରୁ ନିଜକୁ ମୁକ୍ତ ରଖିପାରିଲେ ଜୀବନ ସାର୍ଥକ ହୁଏ ।

ନିଜ ଆୟରୁ ପାଞ୍ଚ ଭାଗ ଦାନ କରିବା ଏବଂ କୋଡିଏ ଭାଗ ଭବିଷ୍ୟତ ପାଇଁ ସଞ୍ଚୟ କରିବା । ଆଉ ପଞ୍ଚସ୍ତରୀ ଭାଗରେ ନିଜର ନିଜ ପରିବାରର ଆବଶ୍ୟକତା ପୂରଣ କରିବା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତ୍ୟେକ ଦିନ ଜତକିଞ୍ଚିତ ଖାଦ୍ୟ ପଶୁପକ୍ଷୀମାନଙ୍କୁ ଖାଇବାକୁ ଦେବା । ମାସକେ ଥରେ ନଇ କିମ୍ବା ପାହାଡ଼ ଝରଣା ଜଙ୍ଗଲ ନିକଟକୁ ଭ୍ରମଣରେ ଯିବା । ଜୀବନରେ ଯେ କୌଣସି ସଂଗୀତ ଶିକ୍ଷା କରି ସନ୍ଧ୍ୟାରେ ପାଞ୍ଚ ମିନିଟ ହେଉ ପଛେ ଅଭ୍ୟାସ କରିବା । କୁସଙ୍ଗ କୁକର୍ମ ପରନିନ୍ଦା ପରଚର୍ଚ୍ଚାରୁ ଦୁରେଇ ରହିବା । ଜୀବନର ପ୍ରତି ସେକେଣ୍ଡ ମୂଲ୍ୟବାନ ସମୟକୁ କର୍ମରେ ବିଭୂ ସେବାରେ ଅନ୍ୟର ଉପକାରରେ ସମାଜ ସେବାରେ ଲଗାଇ ପାରିଲେ ଏ ଜୀବନ ଧନ୍ୟ ହେବ ।

ସିଦ୍ଧେଶ୍ୱର ତ୍ରିପାଠୀ
କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
୭୦୦୮୩୧୫୦୪୦, ୮୦୧୮୨୪୭୭୦୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସତମିଛର ପରିଭାଷା

ସତ ଠାରୁ ମିଛର ଦୂରତା କେତେ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବୀରବଲ୍ ଅତି ଚତୁରତାର ସହିତ ଉତ୍ତର ଦେଇଥିଲେ ମାତ୍ର ଚାରି ଆଙ୍ଗୁଳି ଓସାର । ଆକବର କଥାଟିକୁ ସହଜରେ ବୁଝିପାରି ନଥିବାରୁ ବୀରବଲ ଅତି ସରଳ ଭାଷାରେ ବୁଝାଇ ଦେଇଥିଲେ ଯେ ଚାରି ଆଙ୍ଗୁଳି ଓସାର ଅର୍ଥାତ୍ ଆଖି ଠାରୁ କାନର ଦୂରତା ଯେତେ । ତାଙ୍କ କହିବାର ଅର୍ଥ ସାଧାରଣ ଭାବେ ଆଖିରେ ଦେଖୁଥିବା କଥା ସତ ଆଉ କାନରେ ଶୁଣୁଥିବା ମିଛ ହୋଇଥାଏ । ଦୁନିଆରେ ସତ ଠାରୁ ମିଛର ଦୂରତା ବିଷୟରେ ବୁଝିବା ଅଥବା ସତ ମିଛର ପରିଭାଷା ବୁଝିବାକୁ ପ୍ରୟାସ କରିବାର ଗୁରୁତ୍ୱ କେତେ ଦୂର ଯଥାର୍ଥ ସମସ୍ତଙ୍କୁ ଉଣା ଅଧିକେ ଜଣା । କିନ୍ତୁ ସତ ଠାରୁ ମିଛର ପ୍ରଶସ୍ତ ଏ ଦୁନିଆରେ ଖୁବ ବେଶୀ କହିଲେ ଅତ୍ୟୁକ୍ତି ହେବନାହିଁ । ଏଇ ଯେମିତି ମିଛ ନକହିଲେ ବ୍ୟବସାୟ ବାଣିଜ୍ୟ ଚାଲିପାରିବ ନାହିଁ । ଦୋକାନୀ ଜିନିଷ କେତେରେ କିଣୁଛି କେତେରେ ବିକୁଛି ଯଦି ଗରାଖକୁ ସବୁ ସତ କହିଦେବ ତେବେ ଦୋକାନୀ କଣ ଲାଭବାନ ହୋଇପାରିବ । ଲାଭ ନହେଲେ କଣ ବ୍ୟବସାୟ ଚାଲିପାରିବ । ଲାଭ ବିନା କୌଣସି ବ୍ୟବସାୟ ଚାଲିପାରିବ ନାହିଁ ବୋଲି ଆମେ ବାଣିଜ୍ୟ ପାଠ୍ୟକ୍ରମରେ ପଢିଛନ୍ତି । ଦୁନିଆରେ ମିଛ କିଏ ନ



ଅଭିମନ୍ୟୁ ବେହେରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୁହେ, ପ୍ରାୟ ସମସ୍ତେ । ନେତାମାନେ ଜନତାଙ୍କ ଠାରୁ ଭୋଟ ପାଇବା ଆଶାରେ ମିଛ କୁହନ୍ତି, ମିଛ ପ୍ରତିଶ୍ରୁତି ମଧ୍ୟ ଦିଅନ୍ତି । ଅଫିସରେ କର୍ମଚାରୀ ଡେରିରେ ପହଞ୍ଚିଲେ କଣ ପାଇଁ ଡେରି ହେଲା ପଚାରିଲେ  ସେ ଅଫିସ ବସ୍‌ଙ୍କୁ ମିଛ କହେ । ଯେ କୌଣସି ମିଛ ବାହାନା କରେ । ସ୍କୁଲର ପାଠପଢା କରି ନଥିଲେ ଛାତ୍ରଛାତ୍ରୀ ମାନେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ମିଛ କହିଥାନ୍ତି । କ୍ଷୀରରେ ଯେତେ ପାଣି ମିଶାଇ ବିକିଲେ ବି କ୍ଷୀରବାଲା କ୍ଷୀରରେ ଆଦୌ ପାଣି ମିଶି ନାହିଁ ବୋଲି କହେ । ସମାଜରେ ଜଣେ ସାଧାରଣ ଲୋକ ଠାରୁ ଆରମ୍ଭ କରି ବଡ ବଡ ମହାପୁରୁଷ ମାନେ ମିଛ କହିବାର ଦୃଷ୍ଟାନ୍ତ ଅଛି । ଜାତିର ପିତା ମାହତ୍ମା ଗାନ୍ଧୀ ଜୀବନରେ କେତେକ କ୍ଷେତ୍ରରେ ମିଛ କହିଛନ୍ତି ବୋଲି ସେ ତାଙ୍କ ଆତ୍ମ ଜୀବନୀରେ ସ୍ୱୀକାର କରିଛନ୍ତି । ଇତିହାସର ଗାଲମାଧବ ଜଗନ୍ନାଥ ମନ୍ଦିର ନିର୍ମାଣ କରିଛନ୍ତି ବୋଲି ମିଛ କହିବାର ପ୍ରମାଣ ଅଛି । ମହାଭାରତରେ ଧର୍ମରାଜ ଯୁଧିଷ୍ଠିର ଅଶ୍ୱଥାମାନଙ୍କ ମୃତ୍ୟୁରେ ମିଛ କହିବାରେ ପ୍ରମାଣ ରହିଛି । ଏମିତି କେତେ ଛୋଟ ବଡ ମିଛର କାହାଣୀ ସହିତ ଆମେ ପରିଚିତ  ।

ବାହାରେ ଭୁଲ କରିଥିଲେବି ପିଲାମାନେ ଘରେ ବାପାମାଙ୍କୁ ମିଛ କହିଥାନ୍ତି କାରଣ ଭୁଲକୁ ଘୋଡାଇ ରଖିବାକୁ ସେମାନେ ଚେଷ୍ଟା କରିଥାନ୍ତି । ସତର ଗଳାଚିପି ହତ୍ୟା କରିବାକୁ ଚେଷ୍ଟା କରିଥାନ୍ତି । ଖାଲି ପିଲା ନୁହେଁ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ବୟସର ଲୋକ କୌଣସି ନା କୌଣସି ପରିସ୍ଥିତିରେ ମିଛର ଆଶ୍ରୟ ନେଇଥାନ୍ତି । ସତର ମୁକାବିଲା କରିବା ପାଇଁ ଭୟ କରିଥାନ୍ତି କାରଣ ନୈତିକ ସାହସର ଅଭାବ ସେମାନଙ୍କ ପାଖରେ ଦେଖା ଦେଇଥାଏ । ସଂସାରରେ ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁଠି ମିଛକୁ ବ୍ୟବହାର କରା ଯାଇନାହିଁ । ପୁରାଣରେ ଭଗବାନ କୃଷ୍ଣ ମାତା ଯଶୋଦାଙ୍କୁ କେତେ ମିଛ କହିଛନ୍ତି ଆଉ ଦଣ୍ଡ ମଧ୍ୟ ପାଇଛନ୍ତି । ମିଛ କହିଲେ ଦଣ୍ଡ ମିଳେ ଏଥିରୁ ସ୍ୱୟଂ ଭଗବାନ ମଧ୍ୟ ବାଦ୍ ପାଇ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ନାହାନ୍ତି । ଏବେ ମିଛ କହିଲେ ଭବିଷ୍ୟତରେ ସେଥିପାଇଁ ଯେ ଦଣ୍ଡ ମିଳିବ ଏକଥା ସତ୍ୟ ଯେମିତି ମିଛୁଆ ରାଧୁଆ ଗପରୁ ମିଛ ବାଘ କହି ଲୋକମାନଙ୍କୁ ହଇରାଣ କରି ମଜା ନେଉଥିଲା ଏବଂ ସତରେ ଦିନେ ସତ ବାଘର ସାମ୍ନା ତାକୁ କରିବାକୁ ପଡିଥିଲା । ଏଇ ଛୋଟିଆ କାହାଣୀର ଆବଶ୍ୟକତା କାଲି ବି ଥିଲା ଆଜି ବି ଅଛି ଏବଂ ଭବିଷ୍ୟତରେ ସମାଜ ପାଇଁ ଦୀଗଦର୍ଶନ ହୋଇ ରହିବ ଏଥିରେ ସନ୍ଦେହ ନାହିଁ । ଆଜିର ମିଛ ଭବିଷ୍ୟତରେ ଆମ ପାଇଁ ନିଶ୍ଚିତ ଦଣ୍ଡ ଆଣିବ । ଇଏତ ମିଛର ପ୍ରଶସ୍ତ, ସତର ପ୍ରଶସ୍ତ କିଛି କମ୍ ନୁହେଁ । ମିଛ ଦୁନିଆରେ ଗୋଟିଏ ସତ ସେ ମୋ ଜଗନ୍ନାଥ ପରି ଆଉ କୌଣସି ଉଦାହରଣର ଦରକାର ନାହିଁ । ସତ୍ୟବାଦୀ ରାଜା ହରିଶ୍ଚନ୍ଦ୍ର ଜୀବନରେ ସର୍ବହରା ହୋଇଥିଲେ ବି କେବେ ସତ୍ୟ କୁ ପରିତ୍ୟାଗ କରି ନାହାନ୍ତି । ସେଇ ସତ୍ୟକୁ ପାଥେୟ କରି ଜୀବନରେ ସବୁକିଛି ଫେରି ପାଇଛନ୍ତି । ମହାନ୍ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ ତାଙ୍କର ଅତି ଲୋକପ୍ରିୟ ସର୍ବଜନ ବିଦିତ ପାର୍ଥନାରେ ଶିଖେଇଦେଇ ଯାଇଛନ୍ତି – ସତ କହିବାକୁ କିଆଁ ଡରିବି ସତ କହି ପଛେ ମଲେ ମରିବି ....... । ଭାରତୀୟ ସଂସ୍କୃତିର ଆଦର୍ଶ ଆମ ଜାତୀୟତାର ଆଦର୍ଶ ସତ୍ୟମେବ ଜୟତେଃ .... କଣ ଆମେ ଭୁଲିପାରିବା । ଚୋର ଚୋରି କରି ମିଛ କହେ ଅପରାଧୀ ଅପରାଧ କରି ମିଛ କହେ, ଗୀତା ଛୁଇଁ ସତ କହିବାକୁ ଶପଥ କରୁଥିବା ଲୋକ ପୁଣି ମିଛ କହେ । ମିଛ କହୁଥିବା ମଣିଷର ମନ ନିଜ ସତ ବିବେକ ପାଖରେ ହାରିଯାଏ । ମନ ବିବେକର ଲଢେଇ ଭିତରେ ବିବେକ ହାରିଯାଏ ମାତ୍ର ମିଛ ମନ ଜିତିଯାଏ । ପୁଣି କେତେବେଳେ ବିବେକ ଜିତିଯାଏ ସତ୍ୟର ଜୟ ହୁଏ । ପୁଣି କେତେବେଳେ ଅନ୍ୟର ଉପକାର ପାଇଁ ମିଛ ପଦୁଟିଏ ମିଛ ନୁହେଁ କି ପାପ ନୁହେଁ ବୋଲି ବିବେଚନା କରା ଯାଇଥାଏ । ଆଉ କେତେବେଳେ ଜଣେ ମିଛ କହୁଛି କି ସତ କହୁଛି ଲାଏ ଡିଟେକ୍ଟର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହଯ୍ୟରେ ତାକୁ ପରୀକ୍ଷା କରାଯାଇଥାଏ । ମିଛ ବଳୟରେ ମଣିଷ ମିଛ ବଳୟକୁ ଭାଙ୍ଗି ମଣିଷ ସତ ବଳୟକୁ ପ୍ରବେଶ କରିପାରିବ ନାହିଁ । ମିଛ ଆକାଶର ବୁକୁଚିରେ ସତ ସୂର୍ଯ୍ୟ କଣ ଉଇଁବ ନାହିଁ । ମିଛ ପଥର ଯାତ୍ରୀ ମଣିଷ କଣ ସତ ପଥର ଯାତ୍ରୀ ହୋଇପାରିବ ନାହିଁ ।

ଗୀତା ଛୁଇଁ ସତ କହିବାକୁ ଶପଥ କରିବା ପୂର୍ବରୁ ନିଜ ମନ ହୃଦୟକୁ ଛୁଇଁବା ଉଚିତ । ମନରୁ ହୃଦୟରୁ ମିଛକୁ କାଢି ବାହାରକୁ ଫିଙ୍ଗିଲା ପରେ, ମିଛର ମୂଳ ଉତ୍ପାଟନ କରିବା ପରେ ସିନା ସତକୁ ଛୁଇଁବା ସମ୍ଭବ ହେବ !

ମନ ସଫା ଗଙ୍ଗାଜଳ ହେବ ବିବେକ ଶ୍ରୀମନ୍ଦିର ହେବ ବିବେକର ବାଣୀ ଇଶ୍ୱରଙ୍କ ବାଣୀ ବୁଝିବାକୁ ହେବ ।

ଅଭିମନ୍ୟୁ ବେହେରା
ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର
ମୋ - ୯୯୩୮୧୭୦୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆନ୍ତର୍ଜାତୀକ ମହିଳା ଦିବସ ଓ ନାରୀମୁକ୍ତି

"ମହିଳାମାନେ କେବଳ ଭୋଜନ ତିଆରି କରିବା, ପିଲାମାନଙ୍କର ଦେଖାଶୁଣା କରିବା, ପତିସେବା କରିବା ଏବଂ ଏକାଦଶୀ ବ୍ରତ କରିବାପାଇଁ ନୁହେଁ, ସେମାନଙ୍କ ଜୀବନର ଲକ୍ଷ୍ୟ ଏହାଠାରୁ ବହୁତ ଉପରେ । ସେମାନେ ମନୁଷ୍ୟର ସମସ୍ତ ସାମାଜିକ ଏବଂ ମାନସିକ ବିଷୟରେ ସମାନ ଭାବରେ ଭାଗ ନେବାର ଅଧିକାରିଣୀ ଅଟନ୍ତି । ସେମାନଙ୍କୁ ମଧ୍ୟ ମନୁଷ୍ୟ ଭଳି ସ୍ୱତନ୍ତ୍ର ରହିବାର ଅଧିକାର ଅଛି ।" - ମୁନସୀ ପ୍ରେମଚାନ୍ଦ

ବିଶ୍ୱରେ ପ୍ରତିବର୍ଷ ୮ ମାର୍ଚ୍ଚରେ ଆନ୍ତର୍ଜାତୀକ ମହିଳା ଦିବସ ପାଳନ କରାଯାଏ । ମହିଳା ଅଧିକାର ଏହାର ମୁଖ୍ୟ କେନ୍ଦ୍ର ବିନ୍ଦୁ । ଆମେରିକାର ସମାଜବାଦୀ ପାର୍ଟି ଫେବୃଆରୀ ୨୮, ୧୯୦୯ରେ ନ୍ୟୁୟର୍କ ସହରରେ ମହିଳା ଦିବସ ଆୟୋଜନ କରିବା ପରେ, ଜର୍ମାନ ପ୍ରତିନିଧୀମାନେ, ମୁଖ୍ୟତଃ କ୍ଲାରା ଜେଟକିନ୍ ୧୯୧୦ ଆନ୍ତର୍ଜାତୀକ ସମାଜବାଦୀ ମହିଳା ସମ୍ମିଳନୀରେ ପ୍ରତିବର୍ଷ ଏକ ସ୍ୱତନ୍ତ୍ର ମହିଳା ଦିବସ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ । ସମାଜବାଦୀ ଆନ୍ଦୋଳନ ତଥା କମ୍ୟୁନିଷ୍ଟ ଦେଶମାନଙ୍କ ଦ୍ୱାରା ଏହି ଦିନଟି ପ୍ରାୟତଃ ୧୯୬୭ ମସିହାରେ ନାରୀବାଦୀ ଆନ୍ଦୋଳନ ଦ୍ୱାରା ଗ୍ରହଣ ନହେବା ପର୍ଯ୍ୟନ୍ତ ପାଳନ କରାଯାଉଥିଲା ।



ଅସିତ୍ ମହାନ୍ତି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଅଗଷ୍ଟ ୧୯୧୦ରେ, ଡେନମାର୍କର କୋପନହେଗେନରେ ଦ୍ୱିତୀୟ ଅନ୍ତର୍ଜାତୀୟ ବୈଠକ ପୂର୍ବରୁ ଏକ ଆନ୍ତର୍ଜାତୀୟ ସମାଜବାଦୀ ମହିଳା ସମ୍ମିଳନୀ ଆୟୋଜିତ ହୋଇଥିଲା । ଆମେରିକୀୟ ସମାଜବାଦୀମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଜର୍ମାନ ପ୍ରତିନିଧୀ କ୍ଲାରା ଜେଟକିନ୍ ଏବଂ ଅନ୍ୟମାନେ ବାର୍ଷିକ "ମହିଳା ଦିବସ" ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ, ଯଦିଓ ସେହି ସମ୍ମିଳନୀରେ କୌଣସି ତାରିଖ ନିର୍ଦ୍ଧିଷ୍ଟ କରାଯାଇ ନଥିଲା । ୧୭ଟି ଦେଶର ୧୦୦ ମହିଳା ପ୍ରତିନିଧୀମାନେ ମହିଳାଙ୍କ ସହ ମତଦାନ ସମେତ ସମାନ ଅଧିକାରକୁ ପ୍ରୋତ୍ସାହିତ କରିବା ପାଇଁ ରଣନୀତି ଭାବରେ ଏହି ଧାରଣା ସହ ସହମତ ହୋଇଥିଲେ । ପରବର୍ତ୍ତୀ ବର୍ଷ ୧୯ ମାର୍ଚ୍ଚ ୧୯୧୧ରେ ଆନ୍ତର୍ଜାତୀକ ମହିଳା ଦିବସ ପ୍ରଥମଥର ପାଇଁ ଅଷ୍ଟ୍ରିଆ, ଡେନମାର୍କ, ଜର୍ମାନୀ ଏବଂ ସ୍ୱିଜରଲ୍ୟାଣ୍ଡରେ ଏକ ଲକ୍ଷରୁ ଅଧିକ ଲୋକ ପାଳନ କରିଥିଲେ । କେବଳ ଅଷ୍ଟ୍ରିଆ-ହଙ୍ଗେରୀରେ ୩୦୦ ପ୍ରଦର୍ଶନ କରାଯାଇଥିଲା । ଭିଏନାରେ ମହିଳାମାନେ ରିଙ୍ଗଷ୍ଟ୍ରେସରେ ପ୍ୟାରେଡ୍ କରି ପ୍ୟାରିସ୍ କମ୍ୟୁନିୟର ସହିଦମାନଙ୍କୁ ସମ୍ମାନିତ କରିଥିଲେ । ସେମାନଙ୍କୁ ଭୋଟ୍ ଦେବାର ଅଧିକାର ଦିଆଯାଉ ଏବଂ ସରକାରୀ କାର୍ଯ୍ୟ କରିବାକୁ ମହିଳାମାନେ ଦାବି କରିଥିଲେ । ରୋଜଗାର, ଯୌନ ଭେଦଭାବ ବିରୋଧରେ ସେମାନେ ମଧ୍ୟ ବିରୋଧ କରିଥିଲେ । ମିଳିତ ଜାତିସଂଘ ଅନ୍ତର୍ଜାତୀକ ମହିଳା ଦିବସ, ୧୯୭୫ରେ ପାଳନ କରିବା ଆରମ୍ଭ କରିଥିଲା । ୧୯୭୭ ମସିହାରେ ମିଳିତ ଜାତିସଂଘ ସାଧାରଣ ସଭା ସଦସ୍ୟ ରାଷ୍ଟ୍ରମାନଙ୍କୁ ମାର୍ଚ୍ଚ ୮କୁ ମହିଳା ଅଧିକାର ତଥା ବିଶ୍ୱ ଶାନ୍ତି ପାଇଁ ଜାତିସଂଘ ଦିବସ ଭାବରେ ଘୋଷଣା କରିବାକୁ ଆମନ୍ତ୍ରଣ କରିଥିଲା । ଏଥିରୁ ଜଣାପଡିଲା ଯେ ଆନ୍ତର୍ଜାତିକ ମହିଳା ଦିବସର ଇତିହାସ ହେଉଛି ଅଧିକାର ପାଇଁ ଲଢେଇ । ଲଢେଇ ମାଧ୍ୟମରେ ମହିଳାମାନେ ନିଜର ଅଧିକାରକୁ ପ୍ରାପ୍ତ କରିଥିଲେ । ଆଜି ଭାରତ ଏପରି ଏକ ସମୟରେ ଆନ୍ତର୍ଜାତିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହିଳା ଦିବସ ପାଳନ କରୁଛି, ଯେତେବେଳେ ନାରୀମାନଙ୍କ ଉପରେ ନିର୍ଯ୍ୟାତନା ବଢି ଚାଲିଛି ଯାହା ଅତୀତର ସମସ୍ତ ବର୍ବରତାକୁ ଟପିଯାଇଛି । ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା, ଡାହାଣୀ ସନ୍ଦେହରେ ହତ୍ୟା, ଯୌତୁକ ଜନିତ ନିର୍ଯ୍ୟାତନା ଓ ହତ୍ୟା, ଏସିଡମାଡ଼, ଅଶ୍ଳୀଳ ଇଙ୍ଗିତ, ଅଶାଳୀନ ବ୍ୟବହାର, ନାରୀ ଓ ଶିଶୁ ଚାଲାଣ, ନାରୀ ଦେହ ନେଇ ବ୍ୟବସାୟ, କର୍ମକ୍ଷେତ୍ରରେ ନିର୍ଯ୍ୟାତନା, ଧର୍ଷଣ-ଗଣଧର୍ଷଣ ଓ ହତ୍ୟା ଆଦି ବିଗତ କିଛି ବର୍ଷ ମଧ୍ୟରେ ବୃଦ୍ଧି ପାଇଛି । ଏହି ସମସ୍ୟା ଏଭଳି ବ୍ୟାପକ ରୂପ ନେଇଛି ଯେ ୬ ମାସର ଶିଶୁଠାରୁ ଆରମ୍ଭ କରି ମୃତ୍ୟୁପଥ ଯାତ୍ରୀ ବୃଦ୍ଧା କେହି ଏଥିରୁ ବାଦ ଯାଉନାହାନ୍ତି । ଆହୁରି ଉଦ୍‌ବେଗର ଏବଂ ଚିନ୍ତାର ବିଷୟ ହେଉଛି ଯେ ରାଜନେତା ମାନଙ୍କଠାରୁ ଆରମ୍ଭ କରି ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ, ଯେଉଁମାନେ ଲୋକମାନଙ୍କର ରକ୍ଷାକାରୀ ସେମାନେ ଏହି କୁକୃତ୍ୟ କରୁଛନ୍ତି । ଏହା ସତ୍ତ୍ୱେ ବି ଆମ ଦେଶ ଏବଂ ରାଜ୍ୟ ସରକାରମାନେ କହୁଛନ୍ତି ଦେଶ ଦ୍ରୁତଗତିରେ ବିକାଶ ପଥରେ ଆଗେଇ ଚାଲିଛି । ନାରୀ ଜୀବନର ଏତାଦୃଶ ବେଦନାଦାୟକ ଅବସ୍ଥା ପାଇଁ ସବୁ ସଚେତନ ମଣିଷ ଯେ ଉଦବିଗ୍ନ ଏଥିରେ ସନ୍ଦେହ ନାହିଁ । ଅତ୍ୟାଚାରିତ, ନିର୍ଯ୍ୟାତିତ ନାରୀ ଓ ଶିଶୁର ଆର୍ତ୍ତଚିତ୍କାର ସମସ୍ତଙ୍କୁ ନିଶ୍ଚିତ ରୂପେ ବ୍ୟଥିତ କରୁଛି । ସବୁଠାରୁ ବେଦନାଦାୟକ ବିଷୟ ହେଉଛି ଯେ ସମାଜରୁ ମଣିଷପଣିଆ, ବିଚାରବୋଧ ଅତି ଦ୍ରୁତଗତିରେ ମରି ଯାଉଛି । ମହିଳାମାନଙ୍କ ଉପରେ ଏହିସବୁ ଅତ୍ୟାଚାର କଣପାଇଁ ହେଉଛି ? କଣପାଇଁ ପୁରୁଷ ସମାଜ ଏତେ ହିଂସ୍ର ହୋଇଯାଇଛି ? ଏହାର ଅର୍ଥ କଦାପି ନୁହେଁ ଯେ ମହିଳାମାନଙ୍କର କୌଣସି ବିକାଶ ହୋଇନାହିଁ । ଆର୍ଥିକ ବିକାଶ ହେଲେ ମହିଳା ମୁକ୍ତି ହୋଇଛି ବୋଲି ଯଦି କୁହାଯାଏ ତାହେଲେ ଏହା ଭୁଲହେବ । ନାରୀପ୍ରତି ପୁରୁଷର ଯେଉଁ ମାନସିକତା, ଯେମିତି ସମାନ ଅଧିକାର, ନାରୀ ପୁରୁଷଠାରୁ ପ୍ରତ୍ୟେକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ଷେତ୍ରରେ ଛୋଟ ଇତ୍ୟାଦି ଭାବନା ଯାହା ଆଜିପର୍ଯ୍ୟନ୍ତ ପରୁଷର ଅନ୍ତରମନରେ ଜାରିରହିଛି । ଏହି ମାନସିକତା ପ୍ରକୃତରେ ସମାଜ ବ୍ୟବସ୍ଥା ସହିତ ଓତପ୍ରୋତ ଭାବେ ଯୋଡିହୋଇ ରହିଛି । ସମ୍ପତ୍ତି ଉପରେ ମାଲିକାନା ହିଁ ହେଉଛି ଏହାର ଆଧାର । ଏହି ମାଲିକାନାରା ଭାବନା ଜୀବନର ପ୍ରତ୍ୟକ କ୍ଷେତ୍ରରେ ପ୍ରଭାବିତ ହୋଇଥାଏ । ଏହାର ଅର୍ଥ ସାମନ୍ତି ଭାବନା ଆଜି ମଧ୍ୟ ପୁରୁଷର ଭାବନା କ୍ଷେତ୍ରରେ ପରିଚାଳିତ ହେଉଛି । ଏହି ଭାବନାଟି ପ୍ରତ୍ୟକ ଘରେ ଦେଖିବାକୁ ମିଳେ । ପରିବାର ଖୁବ ଉଚ୍ଚଶିକ୍ଷିତ କିନ୍ତୁ ଝିଅଟି ଅନ୍ୟ ଜାତିର ପୁଅକୁ ବାହାହୋଇ ପାରିବ ନାହିଁ, ବାହାରକୁ ଗଲେ ଜଣେ ସାଙ୍ଗରେ ଯିବ, କୌଣସି ବିଷୟରେ ନିଷ୍ପତି ନେବାର ଅଧିକାର ତାହାର ନାହିଁ ଏବଂ ଗୃହକାର୍ଯ୍ୟ ମହିଳାମାନଙ୍କର କାର୍ଯ୍ୟ ଇତ୍ୟାଦି ମନୋଭାବ ପୁରୁଷ ମନରେ ଲୁଚି ବସିଥାଏ । ନାରୀର ଏହି ସ୍ୱାଧିନତାଟି ଆଜି ମଧ୍ୟ ପଦଦଳିତ । ତେଣୁ ସମସ୍ୟାର ମୂଳ ପର୍ଯ୍ୟନ୍ତ ନଯାଇ ଯଦି ଆନ୍ତର୍ଜାତିକ ମହିଳା ଦିବସ ବିଷୟରେ ଚର୍ଚ୍ଚା କରାଯାଏ ତେବେ ଏହା କେବଳ ବାର୍ଷିକୀ ପାଳନ ହୋଇ ରହିଯିବ, କିନ୍ତୁ ସମସ୍ୟାର ସମାଧାନ ହେବନାହିଁ । ଏହାର ମୂଳକୁ ଗଲେ ଆମକୁ ଇତିହାସର ପୃଷ୍ଠାକୁ ଖୋଲିବାକୁ ପଡିବ । ଆମ ସମାଜରେ ନାରୀମାନଙ୍କ ବିଷୟରେ ଅନେକ ପ୍ରବାଦ ରହିଛି । ସବୁ ଧର୍ମ କହେ ନାରୀ ଏହିଭଳି ଥିଲା ଏବଂ ରହିବ । କାରଣ ଭଗବାନ ସେମାନଙ୍କୁ ଏହିଭଳି ତିଆରି କରିଛନ୍ତି । ସବୁ ଧର୍ମ କହେ "ନାରୀ ନର୍କର ଦ୍ୱାର" । ମନୁ କହିଛନ୍ତି, 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା '। ଅର୍ଥାତ ପୁଅ ପାଇଁ ବିବାହ । ଯାହାକୁ ବାହା ହେଲି, ସେ ଘର ଭିତରେ ରହି ସ୍ୱାମୀସେବା କରିବ, ପୁତ୍ର ସନ୍ତାନର ଜନନୀ ହେବ ଏବଂ ରୋଷେଇ କରିବ । ପୁରୁଷମାନେ ବାହାରେ ବୁଲିବେ ଆମୋଦ ପ୍ରମୋଦ କରିବେ । ନାରୀ ହେଉଛି ପୁରୁଷର ସାଧାରଣ ସମ୍ପତ୍ତି । ଆମ ସମାଜରେ କନ୍ୟା ଅବାଞ୍ଛନିୟ, ତାକୁ କେହି କାମନା କରନ୍ତି ନାହିଁ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନେ ସବୁ ସର୍ବନାଶର କାରଣ । ସେମାନଙ୍କ ପାଇଁ ସ୍ୱର୍ଣ୍ଣଲଙ୍କା ପୋଡି ପାଉଁଶ ହୋଇଗଲା । ରାମାୟଣରେ ଅଛି -ରାବଣ ସୀତାଙ୍କୁ ହରଣ କରି ନେଇଗଲା, ରାମଚନ୍ଦ୍ର ରାବଣକୁ ବଧ କରି ସୀତାଙ୍କୁ ଉଦ୍ଧାର କରିଥିଲେ ଏବଂ ଏଥିରେ ହଜାର ହଜାର ଲଙ୍କାବାସୀ ନିହତ ହୋଇଥିଲେ । ରାମଚନ୍ଦ୍ର ଏସବୁ କଲେ ସୀତାଙ୍କ ପାଇଁ । କିନ୍ତୁ ଏହା କଣ ପ୍ରକୃତ କାରଣ ? ତାହେଲେ ସୀତାଙ୍କୁ ଉଦ୍ଧାର କଲାପରେ ତାଙ୍କୁ ସତୀତ୍ୱର ପରୀକ୍ଷା କଣ ପାଇଁ ଦେବାକୁ ହୋଇଥିଲା ? ପତ୍ନୀପ୍ରେମଟି ଅସଲ କଥା ନୁହେଁ, ପ୍ରକୃତରେ ସୀତା ହେଲେ ରାମଚନ୍ଦ୍ରଙ୍କର ବ୍ୟକ୍ତିଗତ ସମ୍ପତ୍ତି । ବିଭୀଷଣର ସହାୟତାରେ ରାବଣକୁ ରାମଚନ୍ଦ୍ର ବଧ କରିଥିଲେ ଏବଂ ଏହି ସାହାଯ୍ୟ ପାଇଁ ରାମଚନ୍ଦ୍ର ବିଭୀଷଣକୁ ଦେଇଥିଲେ ଦୁଇଟି ଉପହାର । ଗୋଟିଏ ହେଲା ଲଙ୍କାର ରାଜତ୍ୱ ଏବଂ ଅନ୍ୟଟି ହେଲା ରାବଣର ସ୍ତ୍ରୀ ମନ୍ଦୋଦରୀ । ପର୍ଶୁରାମ ପିତୃ ଆଜ୍ଞା ପାଳନକାରୀ ମାତୃ ହତ୍ୟା କରିଥିଲେ । ବିନା ଦୋଷରେ ଅହଲ୍ୟା ତାର ସ୍ୱାମୀ ଗୌତମ ମୁନିଙ୍କର ଅଭିଶାପରେ ପ୍ରସ୍ତରୀଭୂତ ହୋଇଥିଲେ । କିନ୍ତୁ ଆଜିବି ସେଇ ଗଣ୍ଡି ଭିତରୁ ଆମେ ବାହାରି ପାରୁନାହୁଁ । ଏଭଳି ହେଲା କାହିଁକି ? ଏହା କଣ ଏମିତି ଯେ ହଠାତ ଭଗବାନଙ୍କର ଇଚ୍ଛା ହେଲା ନାରୀକୁ ଏଭଳି କରିଦେଲେ । ଆଉ ପୁରୁଷକୁ ତାର କର୍ତ୍ତା ରୂପେ ଜନ୍ମ ଦେଲେ, ନା ଏହା ପଛରେ କୌଣସି ସାମାଜିକ ନିୟମ କାମ କରୁଛି ? ପ୍ରକୃତରେ ସମାଜର ବିକାଶ କ୍ରମରେ ଯେତେବେଳେ କୃଷିର ଉନ୍ନତି  ହୋଇଛି ଏବଂ ସମାଜ କୃଷିପ୍ରଧାନ ହୋଇଛି, ସେତେବେଳେ ମନୁଷ୍ୟ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଛି । କୃଷିକ୍ଷେତ୍ରରେ ମହିଳା ପୁରୁଷ ଦୁଇଜଣ ମିଶି କାମକରିଛନ୍ତି, ସେହି ସମୟରେ ନାରୀ ପ୍ରତି ସମାଜରେ ସମ୍ମାନ ଅଧିକ ଥିଲା, କାରଣ ମହିଳାର ଜନନୀ ହେବାର କ୍ଷମତା ଥିଲା ଏବଂ ବଂଶବୃଦ୍ଧିରେ ତାହାର ଅତୁଳନୀୟ ଯୋଗଦାନ ଥିଲା ଯାହା ସେ ସମୟରେ ଦରକାର ଥିଲା । ଗୋଷ୍ଠୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାଜ ଗଠନରେ ନାରୀର ଭୂମିକା ମହତ୍ତ୍ୱପୁର୍ଣ ଥିଲା । କିନ୍ତୁ ଯେତେବେଳେ ମହିଳା ସନ୍ତାନ ଧାରଣ ସ୍ଥିତିରେ ଆସିଛି । ସେତେବେଳେ ସେ ପୁରୁଷ ସହିତ ମିଶି କାମ କରିପାରି ନାହିଁ ଏବଂ ଉତ୍ପାଦନ କ୍ଷେତ୍ରରେ ମହିଳାମାନେ ପଛେଇଗଲେ । ପୁରୁଷର ଆଧିପତ୍ୟ ସମାଜରେ ବଢିବାକୁ ଲାଗିଲା । ଅନ୍ୟପକ୍ଷରେ ଦେଖାଗଲା କୃଷି ମଧ୍ୟଦେଇ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେଲା ଯାହା ପୂର୍ବରୁ ନଥିଲା । ସ୍ଥାୟୀସମ୍ପତ୍ତି ନିଜେ ଭୋଗ କରିବାପାଇଁ କେତେଜଣ ମୃଷ୍ଟିମେୟ ଲୋକ ସମ୍ପତ୍ତି ଉପରେ ନିଜର ବ୍ୟକ୍ତିଗତ ମାଲିକାନା ସାବ୍ୟସ୍ତ କଲେ । ଏହି ପ୍ରକ୍ରିୟା ବର୍ତ୍ତମାନ ମଧ୍ୟ ଚାଲିଛି । ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେବାପରେ ସମାଜ ଶ୍ରେଣୀ ବିଭାଜିତ ହେଲା ଏବଂ ନାରୀପ୍ରଧାନ ସମାଜ ଭାଙ୍ଗିଯାଇ ପୁରୁଷପ୍ରଧାନ ସମାଜ ସୃଷ୍ଟି ହେଲା, ଯାହାଫଳରେ ନାରୀ ତାହାର ପ୍ରାଧାନ୍ୟ ହରାଇ ବସିଲା । ଦିନେ ଯେଉଁ ନାରୀ କୃଷିର ଆବିଷ୍କାର କରିଥିଲା ସେ ଧୀରେ ଧୀରେ ଘରମୁହାଁ ହେଲେ ଏବଂ ସନ୍ତାନ ସନ୍ତତି ମାନଙ୍କର ଲାଳନ ପାଳନ ଏବଂ ଗୃହ କାର୍ଯ୍ୟ ସେମାନଙ୍କର ମୁଖ୍ୟ କାର୍ଯ୍ୟ ହେଲା । ଏହି ସମୟରେ ପୁରୁଷ ନାରୀକୁ  ଦାସୀରେ ରୂପାନ୍ତରିତ କଲା । କିନ୍ତୁ ନାରୀ ଏହାକୁ ମାନି ନାହିଁ ଏବଂ ସଂଘର୍ଷ କରିଛି । ଏହିସବୁ ସଂଘର୍ଷ ପୌରାଣିକ କଥାରେ ବର୍ଣ୍ଣନା କରାଯାଇଛି । କାଳୀଙ୍କ ବେକରେ ନରମୁଣ୍ଡ ମାଳା, ଦୁର୍ଗାଙ୍କ ମହିଷାସୁର ବଧ ଇତ୍ୟାଦି । ଏହାର ଅର୍ଥ ନାରୀ ସହଜରେ ପୁରୁଷର ଅତ୍ୟାଚାରକୁ ମାନି ନେଇ ନାହିଁ । କିନ୍ତୁ ଏହି ସଂଘର୍ଷରେ ନାରୀ ଅନ୍ତୋଗତ୍ୱା ନିଜର ସ୍ୱାଧୀନତା ହରାଇଲା । ଏହାର ଏକ ମୁଖ୍ୟ କାରଣ ହେଲା ନାରୀର ଶାରୀରିକ ସଂରଚନା ପୁରୁଷଠାରୁ ଅଲଗା ଯାହାଫଳରେ ଶାରୀରିକ ଶ୍ରମ କ୍ଷେତ୍ରରେ ନାରୀ ପିଛେଇଗଲା । ଏହାର ସୁଯୋଗ ନେଇ ପୁରୁଷ ନାରୀ ଉପରେ ନିଜର ବର୍ଚ୍ଚସ୍ୱ ସ୍ଥାପନ କଲା । ପ୍ରାଚୀନ ବେବିଲୋନ, ମିଶର, ଗ୍ରୀସ, ରୋମ, ଭାରତବର୍ଷ, ଚିନରୁ ଆରମ୍ଭକରି ଆଧୁନିକ ସଭ୍ୟତାର ଯେଉଁ ଦୀର୍ଘ ସମୟର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇତିହାସ ହେଉଛି ଦାସମାନଙ୍କ ଉପରେ ଅତ୍ୟାଚାରର ଇତିହାସ, ନାରୀ ନିର୍ଯ୍ୟାତନାର ଇତିହାସ । ଏହି ଇତିହାସ ଅତ୍ୟନ୍ତ ନିଷ୍ଠୁର ଏବଂ କରୁଣ । ବର୍ତ୍ତମାନ କଥା ହେଉଛି ଆମେ କଣ ପୁଣି ନାରୀପ୍ରଧାନ ସମାଜ ପ୍ରତିଷ୍ଠା କରିବାକୁ ସଂଘର୍ଷ କରିବା । ବିଲକୁଲ ନୁହେଁ, ଆମେ ଚାଉଁଛି ଯେ ଏକ ମନୁଷ୍ୟ ପ୍ରଧାନ ସମାଜ ଯେଉଁଠାରେ ନାରୀ ଏବଂ ପୁରୁଷ ସମାନ । ନାରୀ ପୁରୁଷ ଦୁହେଁ କାନ୍ଧରେ କାନ୍ଧ ମିଶାଇ ପରିବାର, ସମାଜ, ରାଜ୍ୟ ଏବଂ ଦେଶକୁ ଆଗକୁ ନେଇଯିବେ । ଏହି କାର୍ଯ୍ୟଟି ସେତେବେଳେ ସମ୍ଭବ ଯେତେବେଳେ ସମାଜ ବ୍ୟବସ୍ଥାର ଆଧାର ବ୍ୟକ୍ତିଗତ ସମ୍ପତ୍ତି ଅଧାରାରୁ ମୁକ୍ତ ହେବ । ଏହି ବ୍ୟବସ୍ଥାକୁ ଭାଙ୍ଗି ନ ପାରିଲେ ସମାଜର ସାମଗ୍ରିକ ମୁକ୍ତି ହୋଇପାରିବ ନାହିଁ । ତେଣୁ ଏହି ସଂଗ୍ରାମଟି ଅତ୍ୟନ୍ତ ସମୟ ସାପେକ୍ଷ କିନ୍ତୁ ଅନିବାର୍ଯ୍ୟ ଏବଂ ଏହି ସଂଗ୍ରାମ କେବଳ ନାରୀ ପାଇଁ ନୁହେଁ- ଏହା ପୁରୁଷମାନଙ୍କର ମଧ୍ୟ ଏକ ମୁକ୍ତି ସଂଗ୍ରାମ । ନାରୀର ଯଦି ମୁକ୍ତି ନହୁଏ, ପରୁଷର ମୁକ୍ତି ମଧ୍ୟ ଅସମ୍ଭବ । ତେଣୁ ଆଜିର ଏହି ଐତିହାସିକ ଦିନରେ ନାରୀମୁକ୍ତିର ସଂଗ୍ରାମଟି ସମାଜ ବ୍ୟବସ୍ଥାର ପରିବର୍ତ୍ତନ ସହିତ ସଂଯୁକ୍ତ । ଏହି ସଂଗ୍ରାମଟି ନକରି ଯଦି କେବଳ ନାରୀମୁକ୍ତିର ଭାଷଣ ଦିଆଯାଏ, ତାହେଲେ ଆଉ ସବୁକିଛି ଆମେ ପାଇପାରିବା କିନ୍ତୁ ନାରୀମୁକ୍ତି ନୁହେଁ ।

ଅସିତ ମହାନ୍ତି
ସ୍ୱଜନପୁର, ଯାଜପୁର
୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରୂପାନ୍ତରିତ ଚିନ୍ତାଧାରା ହିଁ ଅର୍ଥନୈତିକ ପ୍ରଗତିର ଚାବିକାଠି



ଆଦିତ୍ୟ ପ୍ରସାଦ ସାହୁ

ଆମ ଦେଶ ଭାରତ ଅର୍ଥନୈତିକ ଦୃଷ୍ଟିଭଙ୍ଗୀରେ ଏକ ବିକାଶଶୀଳ ରାଷ୍ଟ୍ର । ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ, ସୁସଂଗଠିତ ଏବଂ ସୁସଂରଚିତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହାରି ମୁଖ୍ୟ ଅଭିପ୍ରାୟ ଏହି କି ଯେ ବିଶ୍ୱ ଦରବାରରେ ଭାରତର ଅର୍ଥନୈତିକ ଚିତ୍ରପଟକୁ ପରିପୁଷ୍ଟ କରି ଗଢିତୋଳିବା ସହ ଭାରତକୁ ବିକାଶଶୀଳ ପାହ୍ୟା ଉଠି ବିକଶିତ ରାଷ୍ଟ୍ର ଭାବେ ପରିଗଣିତ କରାଇବା । ତେବେ ଏଠାରେ ପ୍ରଶ୍ନ : ଭାରତରେ ବିଭିନ୍ନ ଦଳ ନିଜର ସରକାର ଗଠନ କରିବା ସହ ଅର୍ଥନୈତିକ ପଦକ୍ଷେପ ଓ ରଣନୀତି ପ୍ରସ୍ତୁତ କରିଥିଲେ ବି, ଏହା ଭାରତବର୍ଷକୁ ଆଖିଦୃଶିଆ ପ୍ରଗତି ଆଣିଦେଇନାହି କାହିଁକି ? ସମୟର ଅର୍ଥନୈତିକ ବଳ କଷାକଷି ଆଗରେ ଭାରତ ନିଜକୁ ସ୍ଥାଣୁ ପର୍ବତ ସାଦୃଶ୍ୟ ଅର୍ଥନୈତିକ ପ୍ରଗତିର ତାଳରେ ପ୍ରତିଷ୍ଠିତ କରି ପାରିନାହିଁ କାହିଁକି ? କହିବାର ତାତ୍ପର୍ଯ୍ୟ ଆମକୁ ନୀତି ଓ ନିୟମର ଘୋଷା ପାଠର ଚିନ୍ତାଧାରାରୁ ବାହରି ଆସି ରୂପାନ୍ତରିତ ଚିନ୍ତାଧାରା, ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଓ ଅର୍ଥନୈତିକ ସୃଜନଶୀଳତାର ସ୍ୱାଦକୁ ଚାଖିବାକୁ ପଡ଼ିବ । ଭାରତର ଅର୍ଥନୀତି ବିକଶିତ କରିବାକୁ ହେଲେ, ଚିନ୍ତାଧାରାର ପରିବର୍ତ୍ତନ ଅବଶ୍ୟମ୍ଭାବୀ ମନେ ହୁଏ । ଆଜି କୋରୋନା ମହାମାରୀର ପ୍ରହାରରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଭାରତର ଅର୍ଥନୈତିକ ମେରୁଦଣ୍ଡ ଦୋହଲି ଯାଇଛି । ତେବେ ଏହା କଣ ବାସ୍ତବରେ କେବଳ କୋରୋନାର ପ୍ରକୋପରୁ ହୋଇଛି ? ଆଜି ମହାମାରୀର ବହୁ ପୂର୍ବରୁ ମଧ୍ୟ ଭାରତର ଅର୍ଥନୈତିକ ଚିତ୍ରପଟ୍ଟ ଯଦିଓ ସକାରାତ୍ମକ ପରିଭଙ୍ଗୀରେ ପରିଦୃଶ୍ୟମାନ ହେଉଥିଲା, ତଥାପି ସୁଦୃଢ ଅର୍ଥନୈତିକ ରାଷ୍ଟ୍ର ଭାବେ ପରିଗଣିତ ହେବା ଆଶାରୁ ଦୂରରେ ଥିଲା । ତେବେ ଏଠାରେ କେବଳ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେଲେ କିମ୍ବା ରଣନୀତି ପ୍ରସ୍ତୁତ କଲେ ଯେ ଏହା ଅର୍ଥନୀତିର ପଟ୍ଟଚିତ୍ରକୁ ପରିବର୍ତ୍ତନ କରିଦେବ, ଏପରି ଭାବିବା ମଧ୍ୟ ଠିକ୍ ନୁହେଁ । ତେବେ ଭାରତୀୟଙ୍କ କିଛି ଚିନ୍ତାଧାରା ଯାହା କି ପ୍ରଗତିଶୀଳ ଅର୍ଥନୀତିରେ ଅନ୍ତରାୟ ସୃଷ୍ଟି କରୁଛି, ସେଗୁଡ଼ିକର ଅନୁଶୀଳନ କରିବା ଆବଶ୍ୟକ ।

ପ୍ରଥମଟି ହେଲା - ମନ ମଧ୍ୟରେ ରଖିନେବା ଯେ ଭଗବାନ ସବୁକିଛି କରିଦେବେ । ଭଗବାନଙ୍କୁ ପୂଜା କଲେ ଧନପ୍ରାପ୍ତି ହେବ । ଜଣେ ଗରିବ ସୀମାରେଖାରୁ ବାହାରି ଧନୀକ ଗୋଷ୍ଠୀରେ ନିଜର ପରିଚୟ ସୃଷ୍ଟି କରିବ । ଭଗବତ ଉପାସନା ଠିକ୍ କିନ୍ତୁ ଏହାର ଅର୍ଥ ନୁହେଁ ଭଗବାନଙ୍କୁ ପୂଜା କରି ଅନ୍ୟ ଅର୍ଥନୈତିକ କାର୍ଯ୍ୟକଳାପକୁ ଅଣଦେଖା କରିବା । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - "ଧନୁରୁଦ୍ୟମ୍ୟ ପାଣ୍ଡବଃ" ଏହାର ଅର୍ଥ ଯଦିଓ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ମୁହୂର୍ତ୍ତକ ମଧ୍ୟରେ ଯୁଦ୍ଧ ଶେଷ କରିବାର ସାମର୍ଥ୍ୟ ଥିଲା, ତେବେ ବି ସେ ଅର୍ଜୁନଙ୍କୁ ଧନୁ ଉଠେଇବାକୁ କହି ନିଜ କର୍ମ ବଳ ରେ ଯୁଦ୍ଧ ଜିତିବାକୁ କହିଥିଲେ । ଠିକ୍ ସେହିପରି ଆମକୁ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ନିଜର ଏକାଗ୍ରତାକୁ ବଢ଼ାଇବାକୁ ହେବ । ଧନର ଦେବୀ ମହାଲକ୍ଷ୍ମୀ ଧନ ଦିଅନ୍ତି, କିନ୍ତୁ ସେ ନିଜେ ଧନ ନୁହେଁ - ଏହି ଚିନ୍ତାଧାରାରୁ ବାହାରିବାକୁ ପଡ଼ିବ । ଅର୍ଥନୀତିକୁ ନିଜର ସ୍ୱାର୍ଥପର ଚାହିଦା ମେଣ୍ଟାଇବାରେ ସୀମିତ ନରଖି ଭାରତ କିପରି ଏକ ବିକଶିତ ଅର୍ଥନୈତିକ ଦେଶ ଭାବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଭା ହୋଇପାରିବ ତାହା ଆମକୁ କରିବାକୁ ହେବ ।

ଦ୍ୱିତୀୟଟି ହେଲା କିଛି ଭାରତୀୟ ଲୋକଙ୍କ ନକାରାତ୍ମକ ଚିନ୍ତାଧାରା ଆମ ଅର୍ଥନୀତିକୁ ପଛକୁ ଟାଣି ଧରିଛି । ଏମାନଙ୍କ ଚିନ୍ତାଧାରା ଏହି କି ଯେ କେବଳ ଉପରସ୍ତରର ମର୍ଯ୍ୟାଦାପୂର୍ଣ୍ଣ ସେବାରେ ଚାକିରି କଲେ ଜୀବନ ସାର୍ଥକ ହେବ । ଏହା ଦ୍ୱାରା ହିଁ ଜୀବନର ଭାବମୂର୍ତ୍ତିକୁ ସଠିକ୍ ଭାବେ ଗଢିତୋଳି ହେବ । ଏଠାରେ ଜାଣିରଖିବାକୁ ହେବ ଯେ, ଦେଶର ପ୍ରତ୍ୟେକ ବ୍ୟକ୍ତି ସରକାରୀ ଚାକିରି ପାଇବ ସମ୍ଭବ ନୁହେଁ । ଏହା ନା ଭାରତରେ ସମ୍ଭବ ନା ଅନ୍ୟ କେଉଁ ଦେଶରେ । ତେବେ ନିଜେ କିଛି କରିବାର ଚିନ୍ତାଧାରା କୁ ବିକଶିତ କରିବାକୁ ହେବ । ଏକ ସକାରାତ୍ମକ ଚିନ୍ତାଧାରାକୁ ଆପଣେଇବାକୁ ହେବ । ଏହି ଚିନ୍ତାଧାରାକୁ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରିବା ନିତ୍ୟାନ୍ତ ଆବଶ୍ୟକ ମନେ ହୁଏ । ଏହା ଆମର ନୂତନ ଶିକ୍ଷାନୀତିରେ ପରିକଳ୍ପିତ ହୋଇଛି । ଏହାର ମାର୍ମିକ ତାରତମ୍ୟ ଆଜି କୁହାଯାଉଥିବା ଇଂରେଜୀ ଶବ୍ଦ "ଏଣ୍ଟରପ୍ରେନ୍ୟୁରସିପ" ସହିତ ରହିଛି । ଯେଉଁଠି ବ୍ୟକ୍ତି ନିଜର ବୁଦ୍ଧି, ଶକ୍ତି, ସାମର୍ଥ୍ୟରେ କିଛି ବ୍ୟବସାୟ ବା ବାଣିଜ୍ୟକୁ ଆଗେଇ ନିଏ । ଏଥିରେ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି । ତେବେ ଭାରତ ସରକାରଙ୍କ "ଆତ୍ମନିର୍ଭର ଭାରତ" ଅଭିଯାନ ଏହି ଚିନ୍ତାଧାରାକୁ ଶ୍ରେଷ୍ଠ ପ୍ରତିପାଦିତ କରିବ ଏହାହିଁ ଆଶା କରାଯାଏ । ମୋଟ ଉପରେ ସ୍ୱବଳରେ ନିଜର ତଥା ସମସ୍ତଙ୍କର ଆର୍ଥିକ ସ୍ଥିତିକୁ ପରିପୁଷ୍ଟ କରିବାକୁ ହେବ ।

ତୃତୀୟରେ, ଆମ ଭାରତରେ ପରିବାର ମଧ୍ୟରେ ଯେତେବେଳେ ଦୂରଦର୍ଶନରେ ବ୍ୟବସାୟିକ ସମାଚାର, ଆଲୋଚନା ଏବଂ ଅନୁଶୀଳନ ଭିତ୍ତିକ କାର୍ଯ୍ୟକ୍ରମ ଆସେ, ଆମେ ସାଙ୍ଗେସାଙ୍ଗେ ଦୂରଦର୍ଶନର ସେହି ଚ୍ୟାନେଲକୁ ପରିବର୍ତ୍ତନ କରିଦେଉ । ଯାହା ଫଳରେ ଆମେ ବ୍ୟବସାୟ ବା ବାଣିଜ୍ୟର ମୌଳିକତାରୁ ନିଜକୁ ଦୂରେଇ ଦେଉ । ଆମକୁ ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିନ୍ତାଧାରା ବଦଳାଇବାକୁ ହେବ । ଅନ୍ୟ ସମସ୍ତ ବିଷୟବସ୍ତୁକୁ ଜାଣିବା ସହ ଅର୍ଥନୈତିକ ବିଷୟବସ୍ତୁ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ହେବ ।ଏହାହିଁ ଆମ ମନରେ କିଛି ନୂତନ ବୃତ୍ତି ବା କାର୍ଯ୍ୟ କରିବାକୁ ଉତ୍ସାହ ପ୍ରଦାନ କରିବ ।

ଚତୁର୍ଥଟି ହେଲା ଆମେ ପ୍ରକୃତରେ କଣ ଭାରତୀୟ ଅର୍ଥନୀତି ପ୍ରତି ସଚେତନ କି ? ଆମେ ଆମର ଅର୍ଥନୀତିକୁ ବୁଝିବାକୁ ଚେଷ୍ଟା କରିଛୁ କି ? ଆମ ମାନଙ୍କର ସୁପ୍ତ ହୋଇ ପଡିରହିବା ଏବଂ 'ଯାହା ହେଉଛି ହେଉ' 'ଯେପରି ଚାଲିଛି ଚାଲୁ', ଏପରି ମାନସିକତା ଏବଂ ହତାଦର ଚିନ୍ତାଧାରାରୁ ବାହାରିବାକୁ ହେବ । ଏପରି ଚିନ୍ତାଧାରାର କାରଣ ଭାରତୀୟମାନେ ମୂଖ୍ୟତଃ ଭାଗ୍ୟବାଦୀ । କର୍ମରେ ପରିବର୍ତ୍ତନ ଆଣିବାର ଚେଷ୍ଟା ଆମ ମଧ୍ୟରେ ଜାଗିଉଠୁ ନାହିଁ । ଭଲ ଖାଇବା ଏବଂ ରହିବା ମିଳିଗଲେ ନିଜର ସବୁ ହୋଇଗଲା ଭାବି ସମଗ୍ର ଭାରତବର୍ଷ କିପରି ଭଲ ହେବ ତାହା ଭୁଲି ଯାଉଛୁ । ଆଜି ସ୍ୱାର୍ଥପର ଚିନ୍ତାଧାରାକୁ ପରିବର୍ତ୍ତନ କରି ସୁଶକ୍ତ, ସୁସମୀଚିନ ଅର୍ଥନୈତିକ ବାସ୍ତବତାକୁ ଅଗ୍ରସର ହେବାକୁ ପଡ଼ିବ ।

ପଞ୍ଚମଟି ହେଉଛି ଘୋର ପ୍ରୋତ୍ସାହନର ଅଭାବ । ସ୍ୱଦେଶୀ ଶିଳ୍ପପତିମାନଙ୍କୁ ଉତ୍ସାହିତ କରିବାକୁ ପଡ଼ିବ । ଶିଳ୍ପପତି ମଧ୍ୟ ନିଜ ଚିନ୍ତାଧାରାକୁ ପରିବର୍ତ୍ତନ କରିବାକୁ ପଡ଼ିବ । ସେମାନଙ୍କର ତଥାକଥିତ ନିଜ ପୁଅ - ଝିଅ, ନିଜ ଲୋକୋମାନେହିଁ କୁଶଳୀ ହୁଅନ୍ତୁ କି ନ ହୁଅନ୍ତୁ; ସାମର୍ଥ୍ୟ ଥାଉ ବା ନଥାଉ, ନିଜ ବ୍ୟବସାୟର ମୁଖ୍ୟ ପଦବୀରେ ଯେ ରହିବେ - ଏହି ମାନସିକତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିବାକୁ ହେବ । ନିଜ ସନ୍ତାନ ସନ୍ତତିଙ୍କୁ ଧନୀ କରାଇବା ମନା ନାହିଁ, କିନ୍ତୁ ଦକ୍ଷତା ନଥାଇ ଉଚ୍ଚପଦବୀରେ ବସାଇବା ଅନୁଚିତ୍ । ଯିଏ ଦକ୍ଷ, ଯାହାର ଯୋଗ୍ୟତା ଅଛି, ତାକୁ ହିଁ ବ୍ୟବସାୟିକ ରଣକୌଶଳର ମଙ୍ଗ ଧରାଇବାକୁ ପଡ଼ିବ । ହିଁ, ଆମ ମଧ୍ୟରେ ଏହି ଚିନ୍ତାଧାରା ଆଣିବାକୁ ହେବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶେଷଟି ହେଉଛି ଆମ ଶିଳ୍ପଦ୍ୟୋଗୀ ସାଧାରଣତଃ ବସ୍ତୁବାଦୀ । ଆମକୁ ପାଶ୍ଚାତ୍ୟ ଦେଶର ଶିଳ୍ପଦ୍ୟୋଗୀଙ୍କ ଠାରୁ ବହୁତ କିଛି ଶିଖିବାକୁ ପଡ଼ିବ । ପାଶ୍ଚାତ୍ୟ ଶିଳ୍ପଦ୍ୟୋଗୀଙ୍କ ସରଳ ଜୀବନଶୈଳୀ, ଉଚ୍ଚାଭିଳାଷ, ଏବଂ ନୂତନତ୍ୱର ଚିନ୍ତାଧାରାକୁ ଗ୍ରହଣ କରିବାକୁ ପଡ଼ିବ । ସେମାନଙ୍କର କିଛି ନୂଆ କରିବାର କ୍ଷୁଧାକୁ ଅନୁକରଣ କରିବାକୁ ହେବ । ବସ୍ତୁବାଦୀ ଚିନ୍ତାଧାରାକୁ ତ୍ୟାଗକରି ସମଗ୍ର ଦେଶର ଅର୍ଥନୈତିକ ଅଭିବୃଦ୍ଧି କିପରି ହେବ ତାକୁ ପରଖିବାକୁ ପଡ଼ିବ ।

ମୋଟ ଉପରେ ସମ୍ପୂର୍ଣ୍ଣ ଅର୍ଥନୈତିକ ଚିତ୍ରକୁ ଅବଲୋକନରୁ ଜଣାପଡେ, ଏକ ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅବସ୍ଥାରେ ସାକାରତ୍ମକ ପରିବର୍ତ୍ତନ ହେଉଛି । କିନ୍ତୁ ଏହା ଫଳପୂର୍ଣ୍ଣ ହେବ ଯଦି ପ୍ରତ୍ୟେକ ବ୍ୟକ୍ତି ଅର୍ଥନୀତିକୁ ନେଇ ସଚେତନ ହେବା ସହ ମାନସିକ ଚିନ୍ତାଧାରାକୁ ବଦଳାଇ ପାରିବେ । ଆମକୁ ଆମର ନିଜର ଭବିଷ୍ୟତ, ଦେଶର ଭବିଷ୍ୟତ ଏବଂ ଉତ୍ତରପିଢିର ଭବିଷ୍ୟତ ପ୍ରତି ସଜାଗ ରହିବାକୁ ପଡ଼ିବ । ଭାରତର ଅର୍ଥନୀତି କୁ ନୂତନ ଦିଶା ଦେବାକୁ ହେଲେ ଚିନ୍ତାଧାରାର ପରିବର୍ତ୍ତନ ନିତ୍ୟାନ୍ତ ଆବଶ୍ୟକ । ପ୍ରତ୍ୟେକ ଏହି ବିଷୟପ୍ରତି ସଚେତନ ରହିବା ନିହାତି ଜରୁରୀ ମନେ ହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ଭୂତାଣୁର ପାର୍ଶ୍ୱପ୍ରଭାବ

ନନ୍ଦିଆଇ ସକାଳୁ ସକାଳୁ ବଜାର ଛକ ଦୋକାନ ଘୋଡାପଟା ଉପରେ ଚକମାଲି ପକେଇ ଦୁଇଆଣ୍ଠୁ ଆଉଁସି ଆଉଁସି କହିଲା, "କରୋନା ଭୂତାଣୁର ଏବେ ଅନେକ ଗୁଡିଏ ପାଶ୍ୱର୍ପ୍ରଭାବ ଦେଖାଯାଉଛି ।" ପବନାଇ ଟିଙ୍ଗାଲୋକ । ଚିଡିଯାଇ କହିଲା, "ଶଃ. କରୋନା କ'ଣ ଗୋଟାଏ ଔଷଧ ! ତା'ର ପାଶ୍ୱର୍ପ୍ରଭାବ ଦେଖାଯିବ ?" ନନ୍ଦିଆଇ ମାଠିଆପାଣି ଗିଲାସେ ପିଇସାରି ସକାଳର ପ୍ରଥମ ଚୁଷ୍କିରେ ଦିମାକ ଟିକେ ଗରମ କରିନେଇ କହିଲା, "ତୋତେ କିଛି ତତ୍ୱ ଜଣାନାହିଁ । ମନଧ୍ୟାନ ଦେଇ ଶୁଣ, ମୁଁ ଯାହା କହୁଛି । ତା'ପରେ ବକରବକର ହେବୁ ।"



ଇଂ ବିଦ୍ୟାଧର ପଣ୍ଡା

କରୋନା ଲକ୍‌ଡାଉନ୍ ଯୋଗୁଁ ମହାନ୍ତିଘର ବୋହୂ ବାପଘରୁ ଫେରି ପାରିଲାନି । ଗାଡିମଟର ସବୁ ବନ୍ଦ । ତା'ପୁଅ ଏବେ କହୁଛି ମୋର ସେ ସ୍ତ୍ରୀ ଆଉ ଦରକାର ନାହିଁ । ସଦାବେଳେ ବାପଘରକୁ ଗଲେ ଆସିବାକୁ ଡେରି । ସେଠି କୁଆଡେ ତାର ଛୁଆବେଳର କୋଉ ସାଙ୍ଗସାଥିରେ ପାପ ସମ୍ପର୍କ ଅଛି ବୋଲି ସନ୍ଦେହ କରି ତା'କୁ ଛାଡପତ୍ର ଦେଇ ଆଉ ଗୋଟେ ଝିଅକୁ ଦ୍ୱିତୀୟ ବିବାହ କରିବାକୁ ଜିଦ୍ ଧରି ବସିଛି । ଯେତେ ଯିଏ ବୁଝେଇଲେ ଜମାରୁ ମଙ୍ଗୁନି । ତେବେ ଏସବୁ କାହାପାଇଁ ହେଉଛି କହ ? ସେମିତି ଅମୀୟବାବୁର ବଡପୁଅ ଆମେରିକାରେ, ସାନପୁଅ ଲଲିତୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାଘର ଆସନ୍ତା ବୁଧବାର । ବଡ ତ ଆସୁନି, କିନ୍ତୁ ଆସିଲେ ଚଉଦଦିନ ରାଜ୍ୟସୀମାରେ ଏକଲା ଘରେ ରହିବ, ବାହାଘର କେମିତି ହେବ ? ସାନପୁଅ କହୁଛି, "ଭାଇ ନ ଆଇଲେ ବାହା ହେବିନି ।" ସାନପୁଅର ଶଶୁର କହୁଛି, "ମୋ ଝିଅର ବାହାଘର ସେଇଦିନ ହେବ । କିଏ ଆସୁ କି ନଆସୁ ।" ଅମୀୟବାବୁ ମୁଣ୍ଡରେ ହାତଦେଇ ବସିଛନ୍ତି । ସବୁ ବରାଦ କରାଯାଇ ଆଡଭାନ୍ସ ଟଙ୍କା ଦିଆଯାଇଥିଲା ଯେ କେହି ଆଉ ତାଙ୍କର ଫୋନ୍ ବି ଉଠାଉ ନାହାନ୍ତି । କଲ୍ୟାଣମଣ୍ଡପ ବାଲା ଆଗରୁ କହିଥିଲା, "ପଇସା ଫେରାଇ ହେବନି । ତୁମଇଚ୍ଛା ପାଇଲେ ବୁକ୍ କର ନଚେତ୍ ନକର । କିନ୍ତୁ ଥରେ ବୁକ୍ କଲ ମାନେ ତୁମକୁ ପୁରା ପଇସା ଦେବାକୁ ହେବ ।" ଇଜ୍ଜତମହତ କଥା, କିଏ ଜାଣିଥିଲା ଏତିକି ବେଳକୁ ଘୁଘୁ ବଢିଚାଲିବ ! ସବୁ ପଇସା ପାଣିରେ ପଡିଗଲା ବୋଲି ସମସ୍ତଙ୍କର ମନ ଦୁଃଖ, କାଲିଠାରୁ କାହାର ଖିଆପିଆ ନାହିଁ । ବାହାଘର ପୂର୍ବରୁ ମନଖୁସିରେ ଘରଲୋକ ହସିବା କଥା, କିନ୍ତୁ ଏପରି ପରିସ୍ଥିତି ପାଇଁ କରୋନା କ'ଣ ଦାୟୀ ନୁହେଁ ? ସବୁଠାରୁ ମଜ୍ଜାକଥା ହେଲା ଶିବ ମିସ୍ତ୍ରୀ ଘଟଣା । ପାଇପି ଖୋଳାଖୋଳି ଟିକେ ଟାଣକାମ । ସବୁଦିନେ ସନ୍ଧ୍ୟାରେ ତା'କୁ ନିପୁଟିଏ ଦରକାର । ଆର ଥର ଏଇଦିନେ ଲକଡାଉନ୍ ସମୟରେ ବହୁତ ହଇରାଣ ହୋଇଛି । ବହୁତ ଖୋଜାଖୋଜି କରି ତିନିତିନି ଡବଲ୍ ପଇସାରେ କିଣି ବହୁତ ନୋକସାନ୍ କରିଛି । ତେଣୁ ଲକ୍‌ଡାଉନ୍ କଥା ଶୁଣି ସିଏ ଗୋଟଏ ଅଖାମୁଣିରେ ତାର ଏକମାସର ଖୋରାକ ତିରିଶଟା ନମ୍ବରଵାନ୍ ରମ୍‌ଶିଶି ଏମରଜେନ୍‌ସି କୋଟାରେ ପାଇଖାନା ପଛ ପାଚେରୀ କଣରେ ଲୁଚେଇକି ରଖିଥିଲା ଯେ ତା'ସ୍ତ୍ରୀ କାଣ୍ଡେଇ ଦେଖି ରାଗରେ ଶିଶିଗୁଡାକ ଉପରେ ଗୋଟେ ପଥର ଛେଚି ଭାଙ୍ଗିଦେଲା । ଚାରିଦିନ ତଳେ ଦୁହିଁଙ୍କର ଏମିତି ଝଗଡା ଲାଗିଲା ଯେ ଶିବ ଶଶୁରଘର ଲୋକ ସହ ତାଙ୍କ ଗାଁ ଭଦ୍ରଲୋକମାନେ ଆସି ଦୁହିଁଙ୍କ ଭିତରେ ଡାଲିପକେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଇଛନ୍ତି ସିନା ହେଲେ ଆଉ ପଛକଥା ନାହିଁ । ଶିବ ତା ନିଜଘରେ ଦିନେ ଖାଇଲେ ଦିନେ ଖାଉନି । ଏଇ ସବୁ ଅନର୍ଥଗୁଡାକୁ ମୁଁ କରୋନା ଭୂତାଣୁର ପାର୍ଶ୍ୱପ୍ରଭାବ ବୋଲି କହୁଛି । ଏବେ କହ ଏଥିପାଇଁ କରୋନା ଭୂତାଣୁ ଦାୟୀ କି ନୁହେଁ ?

ପବନାଇ ଏପର୍ଯ୍ୟନ୍ତ ଆଁଟା କରି ଚାହିଁଥାଏ । ଦିପକ ଗୁଡିଆ ଚା ସହ ମିଠା ବି ବିକେ । ବାଘୁଆମାଛି କେଇଟା ପବନାଇ ଖୋଲାପାଟିରେ ପଶି ବାହାରି ଗଲେଣି, ହେଲେ ତାର ସେଇ କଥାରେ ଲୟ । କଥାଗୁଡା ସବୁମନକୁ ପାଇଲାରୁ ସିଏ ବି ଆଉ ପାଂଚଟା ତା ନିଜମୁଣିରୁ ଯୋଡିଦେଲା । ପବନାଇର ମୁଣ୍ଡରେ ସବୁ ଏବେ ପଶିଲାରୁ ଭେଜାରୁ ଗଳଗଳ ବାହାରିଲା । ଆଗ ଦାଶବାବୁଙ୍କ ଝିଅ ମାମୁନି କଥା କହିଲା । "ମାମୁନିର ଘର ଖାଇବା ପସନ୍ଦ ନୁହଁ, ସବୁ ରାତିରେ ଜମାଟୋ ଭାଇମାନେ ଖାଇବା ଆଣିଲେ ସିଏ ଖାଏ । ଏବେ ତାକୁ ଘରଲୋକ ମନା କରିବାରୁ ରଷିକି ଚିଲଉଛି । ରାତିରେ ଓପାସ ଶୋଉଛି ପଛେ ଘର ରୁଟି ସନ୍ତୁଳା ତାକୁ ରୁଚୁନି । ତିଆଡିବାବୁଙ୍କର ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ ଯୋଗୁଁ ତାଙ୍କ ସ୍ତ୍ରୀ ତିଆଡି ବାବୁଙ୍କୁ ଗୋଡେଗୋଡେ ଜଗୁଥିଲା ସତ କିନ୍ତୁ ସିଏ ବାହାରକୁ ସଉଦାପତ୍ର କିଣିବା ଆଳରେ ଘରୁ ଖସିଯାଇ ଜଳଖିଆ ଦୋକାନରେ ମନଇଚ୍ଛା ରସଗୋଲା ସହ ଦଶବାରଟା ବରାପିଆଜି ତେଣ୍ଡି ପକେଇ ଆସୁଥିଲେ । ତାଙ୍କୁ ସେ ସୁଯୋଗ ଆଉ ନାହିଁ । ଏବେ ଘରେ କହୁଛନ୍ତି ଛଣାଛଣି କର ମନ ହେଉଛି, ହେଲେ ବୁଢି ବିଗୁଡୁଛି । ସଦାବେଳେ କଥା କଟାକଟି ଯୁକ୍ତିତର୍କ ବଡପାଟି ରାସ୍ତାକୁ ଶୁଭୁଛି । ଆମ ସାମ୍ନାପଟ ଘରେ ଜଣେ ଅଟୋ ଚଲାଉଥିଲା, ଦିନକୁ ଯେମିତି ହେଲେ ଚାରିଶହରୁ ଛଅଶହ କମାଏ । ତା'ସ୍ତ୍ରୀ ଦି'ଜଣଙ୍କ ଘରେ ବାସନକୁସନ ମାଜି ଦି'ଦି ହଜାରେ ଚାରିହଜାର ଫି'ମାସ ଆଣୁଥିଲା । ଏବେ ସବୁ ବନ୍ଦ୍ । ଅଟୋରେ ବସିବାକୁ ଲୋକେ ଅମଙ୍ଗ ହେଲା ବେଳକୁ, ତାସ୍ତ୍ରୀକୁ ବାବୁମାନେ ଘରେ ପୁରେଇବାକୁ ମନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଦେଲେ । କହୁଥିଲା ଅଟୋ ବିକି ଗାଁକୁ ଚାଲିଯିବ । ସେଠି ସିଏ ତେଜରାତି ଦୋକାନ କରିବ, ଆଉ ତାସ୍ତ୍ରୀ ତାଙ୍କ ଦାଣ୍ଡପିଣ୍ଡାରେ ବରା ଗୁଲୁଗୁଲା ଛାଣି ମୁଢି ସାଙ୍ଗରେ ବିକିବ । ସେମାନେ ତ ଯାହିତାହି ଚଳିଯିବେ ହେଲେ ଗୋପାଳଟା କ'ଣ କରିବ ?"

କୋଉ ଗୋପାଳ କିରେ ? ବହୁତ ଉତ୍ସୁକତାର ସହ ପଚାରିଲା ସେଠାରେ ଉପସ୍ଥିତ ଅନ୍ୟଜଣେ ଅଧୁଆମୁହାଁ ବୁଢାଶ୍ରୋତା ।

ବଜାର ଛକ ଚା ଦୋକାନ ଗରାଖରେ ପୁରିଯାଇଥାଏ । ସେତେବେଳକୁ ନନ୍ଦିଆଇ ଓ ପବନାଇ ଆଲୋଚନାକୁ ଶୁଣିବାପାଇଁ ପନ୍ଦରକୋଡିଏ ଲୋକ ତାଙ୍କ ଚାରିପଟେ ରୁଣ୍ଡ ହୋଇ ସାରିଥାନ୍ତି । ପବନାଇ ଶ୍ରୋତାଙ୍କ ପ୍ରଶ୍ନରେ ଉତ୍‌ଫୁଲିତ ହୋଇ ଆରମ୍ଭ କଲା । ଗୋପାଳ ଜଣେ ଉଚ୍ଚଶିକ୍ଷିତ ପୁଅ କିନ୍ତୁ ଗଜମୁର୍ଖ କାମଟିଏ କରିଛି । ବିବାହ ନକରି ଝିଅଟିକୁ ସାଙ୍ଗରେଧରି ସହରକୁ ଚାଲି ଆସିଛି । ଦୁହେଁ ସେହି ଫନିବାବୁର ଟିଣଘରେ ସ୍ୱାମୀସ୍ତ୍ରୀ ପରି ଚଳୁଛନ୍ତି । ଗୋପାଳ ତେଜରାତି ଦୋକାନରେ ଏବଂ ସେ ଝିଅଟି ଲୁଗା ଦୋକାନରେ ବିକାବିକି କାମରେ ସାହାଯ୍ୟ କରି ସପ୍ତାହକୁ ପନ୍ଦରଶହ ଟଙ୍କା ଆଣି ଚଳୁଥିଲେ । ଏବେ ନା ଏ'କୂଳର ନା ସେ'କୂଳର । ଘରକୁ ଫେରି ପାରିବେନି କି ସହରରେ ରହି ପାରିବେନି । ଗାଁ'ଗଣ୍ଡାରେ ଥିଲେ ଅବା ଧାରଉଧାର କରି ଚଳିଯାଆନ୍ତେ । ଏପରି ସହର ବଜାରରେ କିଏ କାହକୁ ପଚାରିବ ? ବିଚରା ପ୍ରେମବିବାହ କରି ପସ୍ତଉଛି ଯେ, ହେଲେ ଏବେ ତ ନେଡିଗୁଡ କହୁଣୀକୁ ବୋହି ସାରିଲାଣି । କ'ଣ କରିବ, କେମିତି ଚଳିବେ ? ରୁଦ୍ରମାଷ୍ଟର ବି ସେଇ ଏକା ଦଶା । ପ୍ରାଇଭେଟ୍ ସ୍କୁଲରେ ପଢାଉଥିଲା ଯେ ଏବେ ତାର ମାଲିକ କହିଲା ଅନଲାଇନ୍ କ୍ଲାସ୍ ଘରେ ରହି କର । ଦରମା ଅଧା ମିଳିବ । ଚାରିଚାରିଟା ଛୁଆସାଙ୍ଗରେ ରୋଗିଣା ବୁଢିମା ପାଇଁ ଔଷଧଖର୍ଚ୍ଚ ମାସକୁ ହଜାରେ ଟଙ୍କା ଉପରେ । ପୁରାଦରମା ପାଉଥିଲାବେଳେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସବୁମାସର ପଚିଶ ତାରିଖ ବେଳକୁ ସଉଦା ଉଧାର ନିଏ । ଏବେ ଅଧା ଦରମାଟଙ୍କା ମିଳିଲେ ଦଶଦିନ ଯିବ କି ନାହିଁ ସନ୍ଦେହ । ସରକାର ପାଂଚପାଂଚ କିଲୋ ରାସନ ଦେଇ ନିଜପିଠି ଥାପୁଡେଇ ନିଜକୁ ସାବାସ୍ ଦେଲେ ଚଳିବନି । ଗରିବ ସୀମାରେଖା ତଳେଥିବା ଲୋକ ତ ସରକାରଙ୍କ ଅନୁଦାନରେ ଯାହିତାହି ଟାଣିଓଟାରି ଚଳିଯାଉଛନ୍ତି, କିନ୍ତୁ ଯେଉଁମାନେ ଘରୋଇ କମ୍ପାନୀ ମାନଙ୍କରେ କାମ କରୁଥିଲେ ସେମାନେ ପ୍ରକୃତରେ ସବୁଠାରୁ ବେଶୀ ହଇରାଣ ହେଉଛନ୍ତି । କିଛିଲୋକ ଆମଦାନି ଦେଖି ଏତେ ଋଣ କରି ପକେଇଛନ୍ତି, ଯାହାର ମାସକୁ ମାସ କିସ୍ତି ଦେବାପାଇଁ ସେମିତି ସମ୍ବଳ ଦରକାର । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଉପରୋକ୍ତ କରୋନାର ସମସ୍ତ ପାର୍ଶ୍ୱପ୍ରଭାବକୁ ଆଲୋଚନା ପର୍ଯ୍ୟାଲୋଚନା କରି ଯଦି କିଛି ସ୍ଥାୟି ନିଷ୍କର୍ଷ ବାହାର କରନ୍ତେ ତେବେ ସାଧାରଣ ଜନତା ଉପକୃତ ହେବା ସଙ୍ଗେସଙ୍ଗେ ମହାମାରୀ ସମୟରେ ସହଜ ଜୀବନଯାପନ କରିପାରନ୍ତେ ।

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ /bdpanda1@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆପଣଙ୍କ ମତାମତ

ମହାଶୟ,

ବିଗତ "ମାର୍ଚ୍ଚ" ଓ "ଏପ୍ରିଲ" ସଂଖ୍ୟାରେ ମୋର ଦୁଇଟି କବିତା "ଯୁଗଯାତ୍ରୀ" ଏବଂ "ଅମୃତ ମୁଁ ଅତି ମାନସର" ଆପଣଙ୍କ ଇ-ପତ୍ରିକାରେ ସ୍ଥାନ ପାଇଥିବାରୁ ମୁଁ କୃତଜ୍ଞ । "ମେ" ମାସ ସଂଖ୍ୟା ପାଇଁ କବିତାଟିଏ ପଠାଇବାକୁ ପ୍ରସ୍ତୁତ ହେଉଥିଲାବେଳ, ଗତ ୨୭ ତାରିଖ ଦିନ ଓଡ଼ିଶାର ଖ୍ୟାତନାମା ସାହିତ୍ୟିକ (ଗାଳ୍ପିକ, ଔପନ୍ୟାସିକ ଏବଂ ପ୍ରବଂଧକାର) ଶ୍ରୀ ମନୋଜ ଦାସଙ୍କର ପଣ୍ଡିଚେରୀ ଶ୍ରୀ ଅରବିନ୍ଦ ଆଶ୍ରମରେ ତିରୋଧାନର ଖବର ପାଇଲି । ହଠାତ ଖବରଟି ପାଇ ନିର୍ବାକ ପାଲଟିଗଲି । ଖବରଟି କେବଳ ମୋତେ ନୁହେଁ, ବରଂ ମୋ ପରି ତାଙ୍କର ଅନେକ ଗୁଣମୁଗ୍ଧ ପାଠକ ମାନଙ୍କୁ ମର୍ମାହତ କରିଥିବ । ଜଣେ ଦ୍ୱିଭାସୀକ (ଇଂରାଜୀ ଏବଂ ଓଡ଼ିଆ) ଲେଖକ ଭାବେ ମନୋଜ ଦାସ ଯେ ଖାଲି ଓଡିଶା ବା ଦେଶ ଭିତରେ ଆବଦ୍ଧ ଥିଲେ ସେ କଥା କହିଲେ ଭୁଲ ହେବ, ବରଂ ସମଗ୍ର ବିଶ୍ୱ ସାହିତ୍ୟରେ ଏକ ସୁ-ଉଚ୍ଚ ସ୍ଥାନ ଅଳଙ୍କୃତ କରିପାରିଥିଲେ ।



ଶିବନାରାୟଣ ଦାସ

ତାଙ୍କର ମୃତ୍ୟୁରେ ସାହିତ୍ୟ ଜଗତରେ ଯେଉଁ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି, ନିକଟ ଭବିଷ୍ୟତରେ ତାହା ଅବଶ୍ୟ ଅପୂରଣୀୟ । ଶ୍ରୀ ମନୋଜ ଦାସଙ୍କୁ ବିଗତ ଦୁଇ ଦଶନ୍ଧି ଧରି ଅତି ନିକଟରୁ ଜାଣିବା ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଣିବାର ସୌଭାଗ୍ୟ ମୋର ହୋଇଛି ଏକାଧିକ ବାର । ପ୍ରତିଟି ଓଡ଼ିଆର ଗର୍ବ ଥିଲେ ସେ । ଏମିତି ଏକ ସମୟରେ ସ୍ୱରଚିତ ଅନ୍ୟାନ୍ୟ କବିତାଟିଏ "ଆହ୍ୱାନ" ପାଇଁ ନ ପଠାଇ, ଓଡ଼ିଶାର ଏହି ବରପୁତ୍ରଙ୍କ ଉଦେଶ୍ୟରେ ହୃଦୟର ଶ୍ରଦ୍ଧାଞ୍ଜଳି ଢାଳି ଦେବାକୁ ଇଛା ହେଲା । ଅତଏବ ସାହିତ୍ୟ ଜଗତର ଏହି ମଉଡ଼ମଣିଙ୍କ ପାଇଁ ଆଜି ଲେଖିଥିବା ମୋର ଏହି କବିତା "ଶ୍ରଦ୍ଧାଞ୍ଜଳି - ସାହିତ୍ୟ ସାଧକ ମନୋଜ ଦାସ" "ଆହ୍ୱାନ"ର "ମେ" ମାସ ସଂଖ୍ୟା ପାଇଁ ପଠାଇଲି । ମୋ ତରଫରୁ, ପ୍ରତିଟି ଓଡ଼ିଆ ତରଫରୁ ଏବଂ "ଆହ୍ୱାନ"ର ସାହିତ୍ୟ ସୃଷ୍ଟି ତରଫରୁ ସେହି ବରେଣ୍ୟ ସାହିତ୍ୟିକଙ୍କୁ ଏହା ଏକ ଶ୍ରଦ୍ଧାପୂର୍ଣ୍ଣ ଅର୍ଘ୍ୟ ।

ଜେନେରାଲ୍ ମ୍ୟାନେଜର (ବିଡ଼ି ଫାଇନାନ୍ସ୍)
ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍
ବିଜିନେସ୍ ଡେଭେଲପ୍‌ମେଣ୍ଟ ପେଟ୍ରୋକେମିକାଲ୍ସ୍
ସପ୍ତମ ମହଲା, ଇଣ୍ଡିଆନ୍ ଅଏଲ୍ ଭବନ, ୟୁସୁଫ୍ ସରାଇ
ନୁଆ ଦିଲ୍ଲୀ : ୧୧୦୦୧୬
ଫୋନ୍ : ୨୬୮୫୯୦୬୩, ଭ୍ରାମ୍ୟଭାଷ : ୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁନ୍ ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ଜୁନ୍ ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।






ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

# https://anchor.fm/aahwaan

Listen to Odia Podcast on https://anchor.fm/aahwaan